# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ସେପ୍ଟେମ୍ବର ୨୯/୨୦୧୮ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Sambalpur, Saturday, September 29/ 2018 ★★

୧୪ଶ ଭାଗ ୨୮୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ଜଉନାଙ୍କୁ ରୌପ୍ୟ ପଦକ**

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଓଏନଜିସି ଟିମ୍‌ର ସଦସ୍ୟାଭାବେ ରୌପ୍ୟ ପଦକ ହାସଲ କରିଛନ୍ତି ଓଡ଼ିଆ ଆଥଲେଟ୍ ଜଉନା ମୁର୍ମୁ । ୧୫

୧୧ **୮୯ରେ ପଦାର୍ପଣ କଲେ ଲତା**

ବଲିଉଡ୍ ସଂଗୀତ ଜଗତର ବିଶିଷ୍ଟ କୋକିଳକଣ୍ଠୀ ଗାୟିକା ଲତା ମଙ୍ଗେସ୍କର ଶୁକ୍ରବାର ୮୯ ବର୍ଷରେ ପଦାର୍ପଣ କରିଛନ୍ତି।








## ଏସିଆ କପ୍ : ଭାରତ ଚାମ୍ପିୟନ

ଦୁବାଇ, ୨୮।୯ (ପି.ଟି.)

ରୋହିତ ଶର୍ମାଙ୍କ ନେତୃତ୍ୱାଧିନ ଭାରତ ରେକର୍ଡ ସପ୍ତମଥର ପାଇଁ ଏସିଆ କପ୍ ଟାଇଟଲ ହାସଲ କରିଛି। ସ୍ଥାନୀୟ ଦୁବାଇ ଆନ୍ତର୍ଜାତିକ କ୍ରିକେଟ ଷ୍ଟାଡିୟମରେ ଶୁକ୍ରବାର ଖେଳାଯାଇଥିବା ଟୁର୍ନାମେଣ୍ଟର ଟାଇଟଲ ମୁକାବିଲାରେ ଭାରତ ଶେଷ ବଲରେ ୩ ଉଇକେଟରେ ବିଜୟ ହାସଲ କରିଛି। ଟସ୍ ଜିତି ଭାରତ ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୪୮.୩ ଓଭରରେ ୨୨୨ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଭାରତ ୫୦ ଓଭରରେ ୭ ଉଇକେଟ ହରାଇ ୨୨୩ ରନ କରିବା ସହ ବିଜୟ ହାସଲ କରି ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ଅନ୍ୟପଟେ ତୃତୀୟଥର ପାଇଁ ଚାମ୍ପିୟନ ହେବାର ବାଂଲଦେଶର ଆଶା ଧୂଳିସାତ୍ ହୋଇଛି।

(ସମ୍ପୂର୍ଣ୍ଣ ରିପୋର୍ଟ : ଖେଳ ପୃଷ୍ଠାରେ)

■ ସାବରିମାଲା ମନ୍ଦିରରୁ କଟକଣା ଉଠାଇଲେ ସୁପ୍ରିମକୋର୍ଟ

# ମହିଳାଙ୍କୁ ପ୍ରବେଶ ଅଧିକାର

ନୂଆଦିଲ୍ଲୀ,୨୮।୯(ପି.ଟି.)

**ଉଚ୍ଛେଦ ହେଲା ଅସାମ୍ବିଧାନିକ ପ୍ରଥା**

- ମହିଳାଙ୍କୁ ପୂଜା ଅଧିକାର ଦିଆ ନ ଯିବା ମାନବିକ ମର୍ଯ୍ୟାଦା ବିରୋଧୀ
- ୪:୧ ସଂଖ୍ୟାଗରିଷ୍ଠ ରାୟ, ଜଷ୍ଟିସ୍ ମାଲହୋତ୍ରାଙ୍କ ଭିନ୍ନମତ
- ଋତୁସ୍ରାବକୁ ଆଳ କରି ମନ୍ଦିରରେ ମହିଳାଙ୍କ ପ୍ରବେଶ ନିଷେଧ ଥିଲା
- ୧୯୯୧ରେ କେରଳ ହାଇକୋର୍ଟ ଜାରି କରିଥିଲେ କଟକଣା
- ୨୦୦୬ରେ ଚ୍ୟାଲେଞ୍ଜ କରିଥିଲା ଇଣ୍ଡିଆନ୍ ୟଙ୍ଗ୍ ଲୟର୍ସ ଆସୋସିଏଶନ୍

କେରଳର ସାବରିମାଲାସ୍ଥିତ ପ୍ରସିଦ୍ଧ ଆୟାପ୍ପା ମନ୍ଦିରରେ ଏଣିକି ମହିଳାମାନେ ପ୍ରବେଶ କରିପାରିବେ। ଏହି ମନ୍ଦିରରେ ୧୦ରୁ ୫୦ ବର୍ଷୀୟା ମହିଳାଙ୍କ ପ୍ରବେଶ ଓ ପୂଜାର୍ଚ୍ଚନା ଉପରେ ଜାରି କରାଯାଇଥିବା କଟକଣାକୁ ଶୁକ୍ରବାର ସୁପ୍ରିମକୋର୍ଟ ଉଠାଇ ଦେଇଛନ୍ତି। ଲିଙ୍ଗଗତ ପ୍ରଭେଦ ଦୃଷ୍ଟିରୁ ଧର୍ମପୀଠରେ ହିନ୍ଦୁ ମହିଳାଙ୍କ ପ୍ରବେଶକୁ ନିଷିଦ୍ଧ କରାଯିବା ସେମାନଙ୍କ ଅଧିକାରର ଉଲ୍ଲଂଘନ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଦୀପକ ମିଶ୍ର ଅଧ୍ୟକ୍ଷତା କରୁଥିବା ୫ ଜଣିଆ ସାମ୍ବିଧାନିକ ପୀଠ ଅବିହିତ କରିଛନ୍ତି। ଏଥିସହ ଶତାବ୍ଦୀ ପୁରୁଣା ଏହି ପରମ୍ପରା ସ୍ୱତଃ ଉଚ୍ଛେଦ ହୋଇଯାଇଛି। ମହିଳା ଅଧିକାର କର୍ମୀମାନେ ସର୍ବୋଚ୍ଚ ଅଦାଲତଙ୍କ ଏହି ଐତିହାସିକ ରାୟକୁ ସ୍ୱାଗତ କରିଛନ୍ତି।



କେରଳର ସାବରିମାଲାସ୍ଥିତ ଆୟାପ୍ପା ମନ୍ଦିର।

ଇତିହାସ କହେ ସାବରିମାଲା ମନ୍ଦିର ଦ୍ୱାଦଶ ଶତାବ୍ଦୀ ପୂର୍ବରୁ ନିର୍ମିତ ହୋଇଥିଲା। ସେଠାକୁ ପ୍ରତିବର୍ଷ ବିଶ୍ୱର କୋଣଅନୁକୋଣରୁ ପ୍ରାୟ ୫ କୋଟି ଭକ୍ତ ପ୍ରଭୁ ଆୟାପ୍ପାଙ୍କ ଦର୍ଶନ ପାଇଁ ଆସନ୍ତି। ମନ୍ଦିରକୁ ପୁରୁଷଙ୍କ ଅବାଧ ପ୍ରବେଶ ରହିଛି। ହେଲେ ୧୦ରୁ ୫୦ ବର୍ଷ ବୟସ୍କା ମହିଳାମାନଙ୍କ ଋତୁସ୍ରାବ ହେଉଥିବାରୁ ସେଠାକୁ ଗଲେ ମନ୍ଦିରର ପବିତ୍ରତା ନଷ୍ଟ ହେବ ବୋଲି ଯୁକ୍ତି ବାଢ଼ି ସେମାନଙ୍କ ପ୍ରବେଶକୁ ମନ୍ଦିର କର୍ତ୍ତୃପକ୍ଷ ଓ ବିଭିନ୍ନ ରକ୍ଷଣଶୀଳ ସଙ୍ଗଠନ ବିରୋଧ କରିଆସୁଥିଲେ। ଏହାକୁ ନେଇ ବିବାଦ ବଢ଼ିବା ପରେ ୧୯୯୧ରେ କେରଳ ହାଇକୋର୍ଟ ବିଧିବଦ୍ଧ ଭାବେ ମହିଳାଙ୍କ ପ୍ରବେଶ ଉପରେ କଟକଣା ଜାରି କରିଥିଲେ। ☞ପୃଷ୍ଠା–୪



ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ

ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

ବାବୁ ଅଭାବ

**ଆଜିର ମନ୍ତବ୍ୟ**

" ସର୍ଜିକାଲ୍ ଷ୍ଟ୍ରାଇକ୍ ହେଉଛି 'ନ୍ୟୁ ଇଣ୍ଡିଆ'ର ସ୍ପଷ୍ଟ ଚେହେରା।
–ରାଜ୍ୟବର୍ଦ୍ଧନ ସିଂ ରାଠୋର୍, କେନ୍ଦ୍ରମନ୍ତ୍ରୀ

**କିଛି ତଥ୍ୟ**

ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଜୁନ ଶେଷ ସୁଦ୍ଧା ଦେଶର ବାହ୍ୟ ଋଣରେ ୨.୮% ହ୍ରାସ ଘଟି ୫୧୪.୪ ବିଲିୟନ ଡଲାର ରହିଛି।
– ଆର୍‌ବିଆଇ

ଅନିବାର୍ଯ୍ୟ କାରଣବଶତଃ କ୍ୟାରିୟର ସମ୍ପର୍କିତ ଲେଖା ପ୍ରକାଶ ପାଇପାରୁନାହିଁ।

# ରାଜ୍ୟ ସରକାରଙ୍କୁ ଝଟକା

ଭୁବନେଶ୍ୱର,୨୮।୯(ବ୍ୟୁରୋ)

**ପୌର ନିର୍ବାଚନ ସ୍ଥାନ ସଂରକ୍ଷଣ ପ୍ରସଙ୍ଗ**

- ଆବେଦନକୁ ଖାରଜ କଲେ ସୁପ୍ରିମକୋର୍ଟ
- ଅନିଶ୍ଚିତତା ଭିତରେ ନିର୍ବାଚନ

ଆସନ୍ତା ପୌର ନିର୍ବାଚନରେ ସ୍ଥାନ ସଂରକ୍ଷଣକୁ ନେଇ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ଜୋରଦାର ଝଟକା ଦେଇଛନ୍ତି। କୌଣସି ପରିସ୍ଥିତିରେ ପୌର ପରିଷଦ ଓ ମହାନଗର ନିଗମ ଗୁଡିକରେ ଏସ୍‌ସି,ଏସ୍‌ଟି ଏବଂ ଓବିସିଙ୍କ ପାଇଁ ସ୍ଥାନ ସଂରକ୍ଷଣ ୫୦ ପ୍ରତିଶତ ଡେଇଁବ ନାହିଁ ବୋଲି ଶୁକ୍ରବାର ସୁପ୍ରିମକୋର୍ଟ ରାୟ ଶୁଣାଇଛନ୍ତି। ସରକାର କରିଥିବା ଆବେଦନକୁ ସୁପ୍ରିମକୋର୍ଟ ଗ୍ରହଣ କରିନାହାନ୍ତି। ଓଡିଶା ହାଇକୋର୍ଟ ଯେଉଁ ରାୟ ଶୁଣାଇଥିଲେ ସର୍ବୋଚ୍ଚ ଅଦାଲତ ତାହାକୁ କାଏମ ରଖିଛନ୍ତି। ଏହି ରାୟ ପରେ ରାଜ୍ୟରେ ହେବାକୁ ଥିବା ପୌର ନିର୍ବାଚନ ଅନିଶ୍ଚିତତା ଭିତରକୁ ଚାଲି ଯାଇଛି। ନିର୍ବାଚନ ନେଇ ରାଜ୍ୟ ସରକାର ଚଳାଇଥିବା ସମସ୍ତ ପ୍ରସ୍ତୁତି ଅକାମୀ ହୋଇଯାଇଛି।

ରାଜ୍ୟ ସରକାର ୩ଟି ମହାନଗର ନିଗମକୁ ମିଶାଇ ୯୩ଟି ଏନଏସି, ମ୍ୟୁନିସିପାଲିଟିର ନିର୍ବାଚନ କରିବାକୁ ପ୍ରସ୍ତୁତ ହୋଇଥିଲେ। ପ୍ରଥମ ପର୍ଯ୍ୟାୟରେ ୬୬ଟି ପୌର ସଂସ୍ଥାରେ ନିର୍ବାଚନ ହୋଇଥାଆନ୍ତା। ଏ ନେଇ ସ୍ଥାନ ସଂରକ୍ଷଣ, ୱାର୍ଡ ପୁନର୍ଗଠନ ଓ ସୀମା ପୁନଃ ନିର୍ଦ୍ଧାରଣ କାର୍ଯ୍ୟ ଶେଷ ହୋଇଥିଲା। ମାତ୍ର ସ୍ଥାନ ସଂରକ୍ଷଣକୁ ନେଇ ବିବାଦ ହୋଇଥିଲା। ନୂଆପଡା ଏନଏସିରେ ସ୍ଥାନ ସଂରକ୍ଷଣ ୫୦ ପ୍ରତିଶତକୁ ନ ଟପିବାକୁ ହାଇକୋର୍ଟ ରାୟରେ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟ କାଏମ ରଖିବା ପରେ ରାଜ୍ୟ ସରକାର ହରଡଘଣାରେ ପଡିଯାଇଛନ୍ତି। ରାଜ୍ୟର ୫୫ଟି ପୌର ସଂସ୍ଥାରେ ସ୍ଥାନ ସଂରକ୍ଷଣ ୫୦ ପ୍ରତିଶତ ଉପରେ ରହିଛି। ପ୍ରଚଳିତ ନିୟମ ଅନୁଯାୟୀ ଓବିସି( ପଛୁଆ ବର୍ଗ)ଙ୍କ ପାଇଁ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି। ଏହାଛଡା ମହିଳାଙ୍କ ଲାଗି ୫୦ ପ୍ରତିଶତ, ଅନୁସୂଚିତ ଜାତି ଓ ଜନଜାତିଙ୍କ ସଂଖ୍ୟାକୁ ଦେଖି ସ୍ଥାନ ସଂରକ୍ଷଣ କରାଯାଇଛି। ଏହି ଆଧାରରେ କେତେକ ପୌର ସଂସ୍ଥାରେ ସଂରକ୍ଷଣ ୫୦ ପ୍ରତିଶତରୁ ଅଧିକ ରହିଛି। ସମୟ ସରି ଆସୁଥିବାରୁ ରାଜ୍ୟ ସରକାର ପୌର ନିର୍ବାଚନକୁ ନେଇ ଅଡୁଆରେ ପଡି ଯାଇଛନ୍ତି।

ବିଶେଷଜ୍ଞଙ୍କ କହିବା କଥା ହେଲା ସୁପ୍ରିମକୋର୍ଟଙ୍କ ରାୟ ପରେ ରାଜ୍ୟ ସରକାରଙ୍କ ପାଖରେ ଦୁଇଟି ବିକଳ୍ପ ରହିଛି। ପ୍ରଥମତଃ ରାଜ୍ୟ ସରକାର ରାୟ ବିରୋଧରେ ପୁଣି ଥରେ ସୁପ୍ରିମକୋର୍ଟରେ ରିଭ୍ୟୁ ପିଟିଶନ ଦାଖଲ କରି ପାରିବେ। ପୁନଃ ଅପିଲ କରି ହେବ କି ନାହିଁ ସେ ନେଇ ଆଇନ ବିଭାଗ ସହ ପରାମର୍ଶ କରିବା ପରେ ସରକାର ପରବର୍ତ୍ତୀ ପଦକ୍ଷେପ ନେବେ। ଅନ୍ୟଟି ହେଲା ସରକାରଙ୍କୁ ଓଡିଶା ପୌର ପରିଷଦ ଆଇନ ଏବଂ ଓଡିଶା ମହାନଗର ନିଗମ ଆଇନକୁ ସଂଶୋଧନ କରିବାକୁ ହେବ। ☞ପୃଷ୍ଠା–୪



## ୧୧ରେ ଛାତ୍ର ସଂସଦ ନିର୍ବାଚନ

ଭୁବନେଶ୍ୱର, ୨୮।୯(ବ୍ୟୁରୋ)

ବେଶ୍ କିଛିଦିନ ହେଲା ଛାତ୍ର ସଂସଦ ନିର୍ବାଚନକୁ ନେଇ ରାଜ୍ୟର ବିଭିନ୍ନ କଲେଜ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକର କ୍ୟାମ୍ପସ୍ ଚଳଚଞ୍ଚଳ ହୋଇଉଠିଛି। ନିର୍ବାଚନ ତାରିଖ କେବେ ଘୋଷଣା କରାଯିବ ସେନେଇ ଛାତ୍ରୀଛାତ୍ରମାନେ ଅପେକ୍ଷା କରିଥିଲେ। ଶୁକ୍ରବାର ଏହି ପ୍ରତୀକ୍ଷାର ଅନ୍ତ ଘଟିଛି। ଆସନ୍ତା ଅକ୍ଟୋବର ୧୧ରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଶୁକ୍ରବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

ସୂଚନା ମୁତାବକ, ଅକ୍ଟୋବର ୧ରେ କଲେଜ ଏବଂ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିର୍ବାଚନ ଲାଗି ବିଜ୍ଞପ୍ତି ପ୍ରକାଶ କରାଯିବ। ୩ ତାରିଖ ପୂର୍ବାହ୍ନ ୯ ଟାରୁ ମଧ୍ୟାହ୍ନ ୧୨ଟା ଭିତରେ ପ୍ରାର୍ଥୀମାନେ ☞ପୃଷ୍ଠା–୪

■ ଜିଦରେ ଅଟଳ ଆଇନଜୀବୀ

# ମାନିଲେନି ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ

କଟକ ଅଫିସ,୨୮।୯

- ଅକ୍ଟୋବର ୩ ଯାଏ କାର୍ଯ୍ୟବନ୍ଦ ଆନ୍ଦୋଳନ
- ପ୍ରଧାନ, ମୁଖ୍ୟ ବିଚାରପତିଙ୍କ କୁଶପୁତ୍ତଳିକା ଦାହ

ଆନ୍ଦୋଳନ ବନ୍ଦ କରି କାର୍ଯ୍ୟରେ ଯୋଗଦେବାକୁ ସୁପ୍ରିମକୋର୍ଟ ଗୁରୁବାର ହାଇକୋର୍ଟ ବାର୍ ଆସୋସିଏଶନକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଆଇନଜୀବୀମାନେ ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକୁ ନ ମାନି ସେମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ଏପରି କି ସେମାନେ ଶୁକ୍ରବାର ସଂଘବଦ୍ଧ ହୋଇ ହାଇକୋର୍ଟ ଫାଟକରେ ତାଲା ପକାଇ ବିଚାରପତିମାନଙ୍କୁ ଭିତରକୁ ଛାଡ଼ି ନ ଥିଲେ। ଏଥିସହିତ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଓ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଅନ୍ୟପକ୍ଷରେ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ବଳବତ୍ତର ରହିବ ବୋଲି ଅପରାହ୍ନରେ ଅନୁଷ୍ଠିତ ହାଇକୋର୍ଟ ବାର୍ ଆସୋସିଏଶନ ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଛି। ୩ ତାରିଖ ବୈଠକ ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ବୈଠକରେ ହାଇକୋର୍ଟ ବାର୍ ଉପସଭାପତି ବଂଶୀଧର ଶତପଥୀ, ସମ୍ପାଦକ ସତ୍ୟବ୍ରତ ମହାନ୍ତିଙ୍କ ସମେତ ବହୁ ବରିଷ୍ଠ ଆଇନଜୀବୀ ସାମିଲ ଥିଲେ। ଗୁରୁବାର ସୁପ୍ରିମକୋର୍ଟ ଦେଇଥିବା ନିଷ୍ପତ୍ତିକୁ ନେଇ ଆଇନଜୀବୀମାନେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ☞ପୃଷ୍ଠା–୪


NECC NATIONAL EGG CO-ORDINATION COMMITTEE 28.09.2018 Venco CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 58 | 103 | 113 |
| CTC | 59 | 105 | 115 |
| DKL | 60 | 106 | 116 |
| BDK | 61 | 107 | 117 |
| BLS | 62 | 109 | 119 |
| ANG | 59 | 105 | 115 |

*Conditions Apply

Eggs Retail Price- 48/-Dozen
Issued in the Interest of Consumers




ମାର୍ଶାଲ ଦ୍ୱୀପର ୱିନୋ ବିମାନବନ୍ଦରରେ ଶୁକ୍ରବାର ଅବତରଣ କରିବାକୁ ଚେଷ୍ଟା କରୁଥିବା ଏୟାର୍ ନ୍ୟୁଗିନି ବୋଇଂ ୭୩୭–୮୦୦ ବିମାନରେ ସମସ୍ୟା ଦେଖାଯିବା ପରେ ତାହା ପ୍ରଶାନ୍ତ ମହାସାଗରୀୟ ଚୁକ୍ ହ୍ରଦରେ ଓହ୍ଲାଇଥିଲା। ବିମାନର ଅଧିକାଂଶ ଭାଗ ବୁଡ଼ି ରହିଥିବାବେଳେ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। **(ରିପୋର୍ଟ: ପୃଷ୍ଠା–୭)**

# ମାଡୁଛି ଚକଡ଼ା, ମିଳୁନି କୀଟନାଶକ

ବରଗଡ଼ ଅଫିସ୍,୨୮।୯

ବରଗଡ଼ ଜିଲାରେ ଖରିଫ ଧାନ ଫସଲ ଅମଳ ପାଖେଇ ଆସୁଛି । ମାତ୍ର ବିଗତବର୍ଷ ଭଳି ପୁଣି ଜିଲାରେ ଏଥର ଚକଡ଼ା ରୋଗ ପୋକ ଦେଖାଦେଇଛି । ଜିଲାର ବିଭିନ୍ନ ସ୍ଥାନରେ ଧାନ ଫସଲରେ ଚକଡ଼ା ପୋକ ମାଡ଼ି ଗଲାଣି । କୃଷି ବିଭାଗ ତରଫରୁ ରିହାତି ମୂଲ୍ୟରେ କୀଟନାଶକ ମିଳିବ, ଏହି ଆଶା ନେଇ ଚାଷୀମାନେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ପହଞ୍ଚୁଛନ୍ତି । ମାତ୍ର କୀଟନାଶକ ଉପଲବ୍ଧ ନ ଥିବାରୁ ଚାଷୀଙ୍କୁ ନିରାଶରେ ଫେରିବାକୁ ପଡୁଛି । ଶୁକ୍ରବାର ବରଗଡ଼ ବ୍ଲକ ଅନ୍ତର୍ଗତ ବେହେରା ଗ୍ରାମର ଚାଷୀମାନେ କୀଟନାଶକ ପାଇବା ଆଶାରେ ଜିଲା କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ଆସିଥିଲେ । ମାତ୍ର କୀଟନାଶକ ଉପଲବ୍ଧ ନ ଥିବା ଯୋଗୁ ଚାଷୀଙ୍କୁ ଖାଲି ହାତରେ ଘରକୁ ଫେରିବାକୁ ପଡ଼ିଛି । ବିଗତବର୍ଷରେ ଚକଡ଼ା ରୋଗପୋକ ଚାଷୀଙ୍କ ଖରିଫ ଧାନ ଫସଲକୁ ଛାରଖାର କରିଦେଇଥିବା ବେଳେ ଏହାକୁ ନେଇ ତୁମ୍ବିତୋଫାନ ହୋଇଥିଲା । ଏପରିକି କ୍ଷତିଗ୍ରସ୍ତ ଚାଷୀ ଫସଲରେ ନିଆଁ ଲଗାଇ ଆତ୍ମହତ୍ୟା କରିବା ଭଳି ଅଭିଯୋଗ ଉଠିଥିଲା । ଏହାସତ୍ତ୍ୱେ ଚକଡ଼ା ରୋଗପୋକ ଦମନ ପାଇଁ କୃଷିବିଭାଗର ଚେତା ନ ପଶିବା ଏବଂ ଚାଷୀଙ୍କ ପାଇଁ ଆବଶ୍ୟକ କୀଟନାଶକ ମହଜୁଦ ନ ରଖିବା ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅପାରଗତାକୁ ପଦାରେ ପକାଇ ଦେଇଛି ।

ଗତବର୍ଷ ଖରିଫରେ ଚକଡ଼ା ରୋଗପୋକ ଚାଷୀଙ୍କ ନିଦ ହଜାଇ ଦେଇଥିଲା। ଜିଲାର ଉଭୟ ଜଳସେଚିତ, ଅଣଜଳସେଚିତ ଅଞ୍ଚଳରେ ଏହାର ପ୍ରଭାବରେ ଧାନ ଫସଲ ଉଜୁଡ଼ି ଯାଇଥିଲା । କୀଟନାଶକ ପ୍ରୟୋଗ କରିବା ସତ୍ତ୍ୱେ କୌଣସି ସୁଫଳ ମିଳି ନ ଥିଲା । ଜିଲାର ସମୁଦାୟ ୧୯ହଜାର ୫୩୪ ହେକ୍ଟର ଧାନ ଫସଲ ସେତେବେଳେ ଚକଡ଼ାରେ ନଷ୍ଟ ହୋଇଥିବା ସରକାରୀ ଭାବେ ଆକଳନ କରାଯାଇଥିଲା । ନକଲି କୀଟନାଶକ, ଆବଶ୍ୟକତାଠାରୁ ଅଧିକ ଅନୁପାତରେ କୀଟନାଶକ ପ୍ରୟୋଗ, କୃଷି କର୍ମଚାରୀଙ୍କ ପରାମର୍ଶ ତଥା ସଚେତନତାର ଅଭାବ ହିଁ କାରଣ ବୋଲି କୁହାଯାଇଥିଲା । ବରଗଡ଼ ବ୍ଲକ ଅନ୍ତର୍ଗତ କଳାପାଣିର ଜଣେ ଚାଷୀ ବୃନ୍ଦା ସାହୁ ଚକଡ଼ା ପ୍ରଭାବିତ ଧାନ ଫସଲକୁ ଜାଳି ଆତ୍ମହତ୍ୟା କରିଥିବା ଅଭିଯୋଗ ଆସିବା ପରେ ରାଜ୍ୟ ସରକାରଙ୍କ ଚେତା ପଶିଥିଲା। ଏପରିକି କେନ୍ଦ୍ର ସରକାର ମଧ୍ୟ ଚେଇଁ ଉଠିଥିଲେ । କେନ୍ଦ୍ର କୃଷିମନ୍ତ୍ରୀ ବରଗଡ଼ ଜିଲା ଗସ୍ତରେ ଆସି ଚକଡ଼ା ପ୍ରଭାବିତ ଫସଲ ବୁଲି ଦେଖିବା ସହିତ ମୃତ ଚାଷୀ ପରିବାର ଲୋକଙ୍କୁ ଭେଟିଥିଲେ । ☞ପୃଷ୍ଠା–୪

ଅନ୍ନ, ଜଳ ଓ ସୁଭାଷଣ ହେଉଛି ପୃଥିବୀର ତିନୋଟି ରତ୍ନ। ହେଲେ ମୂର୍ଖମାନେ ତୁଚ୍ଛ ପଥର ଖଣ୍ଡମାନଙ୍କୁ ରତ୍ନର ନାମ ଦେଇଛନ୍ତି।

- ଚାଣକ୍ୟ

## ସଂକ୍ଷେପରେ

### ରାଜସ୍ୱ ବିଭାଗ ଯୁଗ୍ମ ସଚିବଙ୍କୁ ଜେଲଦଣ୍ଡ

କଟକ ଅଫିସ, ୨୮।୯: ରାଜସ୍ୱ ବିଭାଗର ଯୁଗ୍ମ ସଚିବ ମନମୋହନ ମିଶ୍ରଙ୍କୁ ୧ ବର୍ଷ ଜେଲ୍ ଓ ୧୦ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ହୋଇଛି। ଜରିମାନା ଆଦାୟ ନ ହେଲେ ମିଶ୍ରଙ୍କୁ ଅଧିକ ୩ ମାସ ସଶ୍ରମ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ଢେଙ୍କାନାଳ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତର ବିଚାରପତି ଆଦେଶ ଦେଇଛନ୍ତି। ଅନ୍ୟ ଏକ ଦଫାରେ ମଧ ଅଭିଯୁକ୍ତ ମିଶ୍ରଙ୍କୁ ୧ ବର୍ଷ ସଶ୍ରମ ଜେଲ୍ ଓ ୫ହଜାର ଟଙ୍କା ଜରିମାନା ଦଣ୍ଡ ଦିଆଯାଇଛି। ଜରିମାନା ଆଦାୟ ନ ହେଲେ ଅଭିଯୁକ୍ତଙ୍କୁ ଆଉ ୨ ମାସ ସଶ୍ରମ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ରାୟ ଦେଇଛନ୍ତି। ସମସ୍ତ ଦଣ୍ଡ ଅଭିଯୁକ୍ତଙ୍କ ବିରୋଧରେ ଏକକାଳୀନ ଚାଲିବ ବୋଲି ରାୟରେ ଉଲ୍ଲେଖ ଅଛି। ସୂଚନାଥାଉକି, ମିଶ୍ର ପୂର୍ବରୁ ଢେଙ୍କାନାଳ ଜିଲା କାମାକ୍ଷାନଗରର ବିଡିଓ ଭାବେ କାର୍ଯ୍ୟ କରୁଥିଲେ। ଏହି ସମୟରେ ବ୍ଲକ ଅଧୀନ ତୁମିସିଂହା ଅଞ୍ଚଳର ବିନୋଦ ବିହାରୀ ସାହୁ ନାମକ ଜଣେ ବ୍ୟକ୍ତିଙ୍କଠାରୁ ୨ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ସାହୁ ୨୦୦୪-୦୫ ମସିହାରେ ସରକାରଙ୍କ ଖାଦ୍ୟ ପାଇଁ କାମ ଯୋଜନା (ଫୁଡ୍ ଫର୍ ୱାର୍କ)ରେ ବ୍ଲକ ଅଧୀନସ୍ଥ ମଜୁରନାଟିଆ କଟାବନ୍ଧ ଖନନ କାର୍ଯ୍ୟ କରିଥିଲେ। କାର୍ଯ୍ୟ ବାବଦ ଚୂଡ଼ାନ୍ତ ବିଲ୍ ପାଇଁ ସେ ବିଡିଓ ମିଶ୍ରଙ୍କୁ ଅନୁରୋଧ କରିବାରୁ ଏଥିପାଇଁ ବିଡିଓ ୨ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏ ନେଇ କଟକ ଭିଜିଲାନ୍ସ ଥାନାରେ ୭/୨୦୦୬ରେ ଏକ ମାମଲା ରୁଜୁ କରାଯାଇଥିଲା। ଭିଜିଲାନ୍ସ ପକ୍ଷରୁ ସ୍ୱତନ୍ତ୍ର ପିପି କେ.ସି. ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।




■ ଦିନକ ପାଇଁ ଔଷଧ ଦୋକାନ ବନ୍ଦ

# ରୋଗୀ ହନ୍ତସନ୍ତ, ୧୦ କୋଟି କ୍ଷତି

ଭୁବନେଶ୍ୱର,୨୮।୯ (ବ୍ୟୁରୋ)

ଇ- ଫାର୍ମାସୀ ଓ ଅନ୍‌ଲାଇନ ଔଷଧ ବିକ୍ରିକୁ ବିରୋଧ କରି ସମଗ୍ରଦେଶରେଶୁକ୍ରବାରଔଷଧଦୋକାନବନ୍ଦରହିଥିଲା। ଏହାର ପ୍ରଭାବ ଓଡିଶାରେ ମଧ ଦେଖିବାକୁ ମିଳିଥିଲା। ସମଗ୍ର ଦେଶରେ ପ୍ରାୟ ୮.୫ ଲକ୍ଷ ଏବଂ ଓଡିଶାରେ ପ୍ରାୟ ୨୨ ହଜାର ଦୋକାନ ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏ ବନ୍ଦ ରହିଥିଲା। ଏଥିଯୋଗୁ ପ୍ରାୟ ୧୦ କୋଟିରୁ ଊର୍ଦ୍ଧ୍ୱ କ୍ଷତି ହୋଇଛି । ରୋଗୀମାନେ ଔଷଧ ପାଇବାରୁ ବଞ୍ଚିତ ହୋଇଛନ୍ତି। ଅଖିଳ ଭାରତ ଔଷଧ ବ୍ୟବସାୟୀ ମହାସଂଘ ପକ୍ଷରୁ ଦିଆଯାଇଥିବା ଏହି ବନ୍ଦ ଡାକରା ଓଡିଶାରେ ଶତ ପ୍ରତିଶତ ସଫଳ ହୋଇଛି ବୋଲି ଉତ୍କଳ ଡ୍ରଗିଷ୍ଟ ଓ କେମିଷ୍ଟ ଆସୋସିଏଶନ ସାଧାରଣ ସମ୍ପାଦକ ବନଜ ଜେନା କହିଛନ୍ତି। ସେ କହିଛନ୍ତି ଯେ କେନ୍ଦ୍ର ସରକାର ଏହା ଉପରେ କି ପଦକ୍ଷେପ ନେଉଛନ୍ତି ତାହା ଉପରେ ନଜର ରହିଛି। ନଚେତ ଆଗକୁ ଆନ୍ଦୋଳନ ଆହୁରି ତୀବ୍ରତର ହେବ। ଅଖିଳ ଭାରତ ଔଷଧ ବ୍ୟବସାୟୀ ମହାସଂଘ ନିଷ୍ପତ୍ତି ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। କେନ୍ଦ୍ର ସରକାର ଇ- ଫାର୍ମାସୀ ନୀତି କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ନୂଆ ନୀତି ଆଣିବା ପୂର୍ବରୁ କେନ୍ଦ୍ର ସରକାର ଔଷଧ ବିକ୍ରେତା ସଂଗଠନଗୁଡିକ ସହ ଆଲୋଚନା କରି ନ ଥିବା ମହାସଂଘ ଅଭିଯୋଗ କରିଛି। ଅନଲାଇନ ଔଷଧ ବିକ୍ରି ବ୍ୟବସ୍ଥା ଆରମ୍ଭ ହେଲେ କ୍ଷୁଦ୍ର ଔଷଧ ଦୋକାନୀ ପ୍ରଭାବିତ ହେବା ସହ ସେମାନଙ୍କ ବ୍ୟବସାୟ ବୁଡିଯିବା ଆଶଙ୍କା ରହିଛି। ଅନଲାଇନ ଔଷଧ ବିକ୍ରି କେବଳ ବାଣିଜ୍ୟିକ ଦୃଷ୍ଟିକୋଣରୁ ନୁହେଁ ବରଂ ରୋଗୀମାନଙ୍କ ଉପରେ ଏହାର ପ୍ରତିକୂଳ ପ୍ରଭାବ ପକାଇବ। ବହୁ ରାଷ୍ଟ୍ରୀୟ କମ୍ପାନୀ ଦେଶର ସମସ୍ତ ଔଷଧ ବିକ୍ରି ବ୍ୟବସ୍ଥାକୁ ନିଜ କବ୍‌ଜାକୁ ନେଇଯିବ ବୋଲି ମହାସଂଘ ଆଶଙ୍କା କରିଛି। ଏହା ସତ୍ତ୍ୱେ ଯଦି ସରକାର ନିଜ ଜିଦରେ ଅଟଳ ରୁହନ୍ତି ତେବେ ଔଷଧ ବ୍ୟବସାୟୀମାନେ ଦୋକାନକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରଖିବେ ବୋଲି ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ଏହଛଡା ରାଜ୍ୟରେ କନଫେଡେରେଶନ ଅଫ ଅଲଇଣ୍ଡିଆ ଟ୍ରେଡର୍ସ (ସିଏଆଇଟି) ଖୁଚୁରା ବ୍ୟବସାୟରେ ସିଧା ସଳଖ ବିଦେଶ ପୁଞ୍ଜିନିବେଶ(ଏଫଡିଆଇ)କୁ ବିରୋଧ କରି ଦେଶରେ ଖୁଚୁରା ବ୍ୟବସାୟ ପ୍ରତିଷ୍ଠାନକୁ ବନ୍ଦ କରିବାକୁ ଆହ୍ୱାନ ଦେଇଥିଲା। ଏହି କ୍ରମରେ ରାଜ୍ୟରେ ପ୍ରାୟ ୨୦ ଲକ୍ଷ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିବା ଓଡିଶା ବ୍ୟବସାୟୀ ମହାସଂଘର ସଭାପତି ସୁଧାକର ପଣ୍ଡା କହିଛନ୍ତି। ବନ୍ଦ ଡାକରା ଦ୍ୱାରା ରାଜ୍ୟରେ ଖୁଚୁରା ବ୍ୟବସାୟ କିଛି ମାତ୍ରାରେ ପ୍ରଭାବିତ ହୋଇଛି। ବଡ ବଡ ବଜାରରେ ଦୋକାନ ବନ୍ଦ ରହିଥିଲେ ମଧ ଅନ୍ୟ ଅଞ୍ଚଳରେ ଖୋଲା ରହିଥିଲା। ଏହି ବନ୍ଦ ଦ୍ୱାରା ଖାଉଟିମାନଙ୍କ ଉପରେ କୌଣସି ପ୍ରଭାବ ପଡି ନାହିଁ। ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ୧୫ରୁ ୨୦ ଦିନ ପର୍ଯ୍ୟନ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଗଚ୍ଛିତ ରହିଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି।

# ଖଣି ଜରିମାନା ଅର୍ଥ କେଉଁଠି ଖର୍ଚ୍ଚ କରୁଛ ଜଣାଅ

■ ରାଜ୍ୟ ସରକାରଙ୍କୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ
■ ୨ ସପ୍ତାହ ମହଲତ

ଭୁବନେଶ୍ୱର, ୨୮।୯ (ବ୍ୟୁରୋ)

ଖଣି ଲିଜ୍‌ଧାରୀଙ୍କ ଠାରୁ ସଂଗ୍ରହ କରାଯାଉଥିବା ଜରିମାନା ରାଶି କେଉଁ ଉଦ୍ଦେଶ୍ୟରେ ଓ କେଉଁଠି ଖର୍ଚ୍ଚ କରାଯାଉଛି ସେ ନେଇ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଜବାବ ଦେବାକୁ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ମଦନ ବି ଲୋକୁର ଏବଂ ଜଷ୍ଟିସ ଦୀପକ ଗୁପ୍ତାଙ୍କ ଖଣ୍ଡ ପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣି ବେଳେ ରାଜ୍ୟ ସରକାରଙ୍କ ଓକିଲ ସ୍ପେଶାଲ ପର୍ପସ ଭେହିକିଲ(ଏସ୍‌ପିଭି)ର ଅଧ୍ୟକ୍ଷ ଭାବେ ଜଣେ ଅବସରପ୍ରାପ୍ତ ବିଚାରପତି ଏବଂ ଖଣି ପ୍ରଭାବିତ ଅଞ୍ଚଳରେ ଖର୍ଚ୍ଚ କରାଯାଉଥିବା ଅର୍ଥ ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ଦେବାକୁ ଦୁଇ ସପ୍ତାହ ସମୟ ମାଗିଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ ସଂଗୃହୀତ ଜରିମାନା ରାଶି ଖର୍ଚ୍ଚ କରିବାକୁ ଖଣି ଲିଜଧାରୀମାନେ କେତେକ ପରାମର୍ଶ ଦେଇଥିଲେ । ସେପ୍ଟେମ୍ବର ୬ ତାରିଖରେ ସର୍ବୋଚ୍ଚ ଅଦାଲତ ଲିଜଧାରୀମାନେ ଦେଇଥିବା ପରାମର୍ଶ ମୁତାବକ ଜରିମାନା ଅର୍ଥ କେଉଁ ଉଦ୍ଦେଶ୍ୟରେ ଖର୍ଚ୍ଚ ହେଉଛି ସେ ନେଇ ଦୁଇ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଜରିମାନା ରାଶିରେ ଖଣି ପ୍ରଭାବିତ ଅଞ୍ଚଳରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଚକ୍ଷୁ ପରୀକ୍ଷା କ୍ଲିନିକ୍, ସ୍ପେଶିଆଲିଟି ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ଭିତ୍ତିଭୂମି, ଶିକ୍ଷା, ସ୍ୱଚ୍ଛତା ଏବଂ ମଧ୍ୟାହ୍ନ ଭୋଜନ ପାଇଁ ଖର୍ଚ୍ଚ କରିବାକୁ ଲିଜଧାରୀମାନେ ପରାମର୍ଶ ଦେଇଥିଲେ।

ଟ୍ରେଡ ୱାର୍ ଆହ୍ୱାନର ମୁକାବିଲା

## ଉଚ୍ଚସ୍ତରୀୟ କମିଟି ଗଠନ କଲା ବାଣିଜ୍ୟ ମନ୍ତ୍ରଣାଳୟ

ନୂଆଦିଲ୍ଲୀ,୨୮।୯

ବିଶ୍ୱ ସ୍ତରରେ ଆରମ୍ଭ ହୋଇଥିବା ବାଣିଜ୍ୟ ଯୁଦ୍ଧ(ଟ୍ରେଡ ୱାର୍)ର ମୁକାବିଲା ଲାଗି ବାଣିଜ୍ୟ ମନ୍ତ୍ରଣାଳୟ ଏକ ଉଚ୍ଚସ୍ତରୀୟ ପରାମର୍ଶ କମିଟି ଗଠନ କରିଛି। ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ ସୁରେଶ ପ୍ରଭୁ ଏହି କମିଟି ଗଠନକୁ ମଞ୍ଜୁରୀ ପ୍ରଦାନ କରିଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଉକ୍ତ କମିଟି ବିଶ୍ୱ ସ୍ତରରେ ଦେଶର ସାମଗ୍ରୀ ବିକ୍ରି ବଢ଼ାଇବା ଉପାୟ ଉପରେ ଅନୁଧ୍ୟାନ କରି ସରକାରଙ୍କୁ ପରାମର୍ଶ ଦେବ। ଏହି କମିଟି ଦ୍ୱିପାକ୍ଷିକ ବାଣିଜ୍ୟ ସମ୍ପର୍କରେ ସୃଷ୍ଟି ହେଉଥିବା ଚାପର ପରିଚାଳନା ଏବଂ ନୂତନ ପିଢ଼ିର ନୀତି ନିର୍ଦ୍ଧାରଣ ଲାଗି ମଧ ଉପାୟ ସ୍ଥିର କରିବ। ଓକ୍ସେସ ରିସର୍ଚ୍ଚ ଆଣ୍ଡ ଇନଭେଷ୍ଟମେଣ୍ଟର ନିର୍ଦ୍ଦେଶକ ସୁରଜିତ ଏସ୍ ଭଲ୍ଲା କମିଟିର ଅଧ୍ୟକ୍ଷ ହେବେ। ଏଥିରେ ପୂର୍ବତନ ବହିର୍ବ୍ୟାପାର ସଚିବ ଏସ୍.ଜୟଶଙ୍କର, ମୁଖ୍ୟ ଆର୍ଥିକ ଉପଦେଷ୍ଟା ସଞ୍ଜୀବ ସାନ୍ୟାଲଙ୍କ ସମେତ ଅନ୍ୟ ସଦସ୍ୟ ରହିଛନ୍ତି।

## ଡାଇବେଟିସ୍ ଓ ହୃଦ୍‌ରୋଗ

ଯଦି ଆପଣ ଡାଇବେଟିସ ସମସ୍ୟା ସହ ଜଡିତ ତେବେ କେତୋଟି ବିଷୟ ପ୍ରତି ଆପଣଙ୍କୁ ସତର୍କ ରହିବାକୁ ପଡିବ। ବିଶେଷଭାବରେ ରକ୍ତରେ ସୁଗାର ପରିମାଣ କିପରି ସନ୍ତୁଳିତ ରହିବ ସେ ନେଇ ଦୃଷ୍ଟି ଦେବା ଜରୁରୀ। ଯଦି ଏହି ସ୍ତର ବାରମ୍ବାର ଅସନ୍ତୁଳିତ ହେଲା ତେବେ ତାହାର ପ୍ରଭାବ ମୁଖ୍ୟତଃ ହାର୍ଟ ଉପରେ ପଡିଥାଏ। ଏହାଦ୍ୱାରା ହାର୍ଟର କାର୍ଯ୍ୟ ପ୍ରଭାବିତ ହେବା ସହ ହୃଦ୍‌ରୋଗ ସମସ୍ୟା ଦେଖାଦେଇଥାଏ। ତେଣୁ ଜଣେ ଡାଇବେଟିସ ରୋଗୀ ନିଜକୁ ହୃଦ୍‌ଜନିତ ସମସ୍ୟାଠାରୁ ଦୂରେଇ ରଖିବା ପାଇଁ କେତୋଟି ବିଷୟ ପ୍ରତି ଧ୍ୟାନ ଦେବା ଜରୁରୀ- ପ୍ରତିଦିନ ଖାଉଥିବା ଖାଦ୍ୟରେ ଲୁଣ ଏବଂ ମିଠା ପରିମାଣ ଯେପରି କମ୍ ରୁହେ। ନିଜର ଓଜନକୁ ସନ୍ତୁଳିତ ରଖନ୍ତୁ। ଏକାଥରେ ଅଧିକ ଖାଦ୍ୟ ଖାଇବା ଅପେକ୍ଷା ଅଳ୍ପ ସମୟ ବ୍ୟବଧାନରେ ଅଳ୍ପ ଅଳ୍ପ ଖାଦ୍ୟ ଖାଆନ୍ତୁ। ପ୍ରତିଦିନ ଅତିକମ୍‌ରେ ଅଧ ଘଣ୍ଟାଏ ବ୍ୟାୟାମ କରନ୍ତୁ। ଆଉ ଗୋଟିଏ କଥା ହେଲା ନିଶାଦ୍ରବ୍ୟ ସେବନ। ଜଣେ ଡାଇବେଟିସ୍ ରୋଗୀ ନିଶାଦ୍ରବ୍ୟଠାରୁ ନିଜକୁ ଦୂରେଇ ରଖିବା ଆବଶ୍ୟକ। ନିଜକୁ ଚାପଗ୍ରସ୍ତ କରନ୍ତୁ ନାହିଁ, କାରଣ ଏହାର ପ୍ରଭାବ ହାର୍ଟ ଉପରେ ପଡିଥାଏ। ପ୍ରତିଦିନ ଅତିକମ୍‌ରେ ୬-୭ ଘଣ୍ଟା ଶୁଅନ୍ତୁ। ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରଖିବାକୁ ପ୍ରଚୁର ପାଣି ପିଅନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ହାର୍ଟ ଏବଂ କିଡ୍‌ନୀ କିପରି କାର୍ଯ୍ୟ କରୁଛି ତାହା ପରୀକ୍ଷା କରାଇ ନିଅନ୍ତୁ।




## ସୁସ୍ଥ ହୃତ୍‌ପିଣ୍ଡ ପାଇଁ

- ହୃତ୍‌ପିଣ୍ଡକୁ ସୁସ୍ଥ ରଖିବା ପାଇଁ ପ୍ରଥମେ ନିଜ ଖାଦ୍ୟପେୟ ପ୍ରତି ଧ୍ୟାନ ଦିଅନ୍ତୁ।
- ଫାଷ୍ଟଫୁଡ୍, ଜଙ୍କ୍‌ଜାତୀୟ ଖାଦ୍ୟ, ନିଶାଦ୍ରବ୍ୟ ସେବନଠାରୁ ନିଜକୁ ଯେତେ ଦୂରେଇ ରଖିବେ ତାହା ସେତେ ଭଲ। କାରଣ ଏହାର ଖରାପ ପ୍ରଭାବ ସିଧାସଳଖ ହାର୍ଟ ଉପରେ ପଡିଥାଏ।
- ନିଜର ଜୀବନଶୈଳୀରେ ପରିବର୍ତ୍ତନ ଆଣନ୍ତୁ।
- ରକ୍ତ ପ୍ରବାହରେ ବାଧା ସୃଷ୍ଟି କରୁଥିବା ଖାଦ୍ୟ ଖାଆନ୍ତୁ ନାହିଁ। କାରଣ ରକ୍ତ ସଞ୍ଚାଳନରେ ସମସ୍ୟା ଦେଖାଦେଲେ ତାହାଦ୍ୱାରା ହୃତ୍‌ପିଣ୍ଡ ପ୍ରଭାବିତ ହୋଇଥାଏ ଏବଂ ହାର୍ଟ ଆଟାକ ଆଶଙ୍କା ଅଧିକ ଥାଏ।
- ପ୍ରତିଦିନ କିଛି ସମୟ ଯୋଗ କରନ୍ତୁ। ଏହାର ସୁପ୍ରଭାବ ହୃତ୍‌ପିଣ୍ଡ ଉପରେ ପଡିଥାଏ।
- ଯଦି ଆପଣଙ୍କର ବ୍ଲଡପ୍ରେସର କିମ୍ବା ଡାଇବେଟିସ୍ ସମସ୍ୟା ରହିଛି ତେବେ ଏହା ଯେପରି ନିୟନ୍ତ୍ରଣରେ ରହେ ସେଥିପ୍ରତି ନଜର ଦିଅନ୍ତୁ। କାରଣ ଏହି ଦୁଇଟିରେ ଅସନ୍ତୁଳନ ହୃତ୍‌ପିଣ୍ଡର କାର୍ଯ୍ୟଧାରାକୁ ପ୍ରଭାବିତ କରିଥାଏ।




ନିକଟରେ ପ୍ରକାଶିତ ଏକ ସର୍ବେକ୍ଷଣ ରିପୋର୍ଟରେ ପ୍ରକାଶ ପାଇଛି ଯେ, ୬୬ପ୍ରତିଶତ ଭାରତୀୟଙ୍କ ତଳିପେଟରେ ଜମି ରହୁଥିବା ଚର୍ବି ମେଦବହୁଳତା ସହିତ ହୃଦଘାତ ଆଶଙ୍କା ବୃଦ୍ଧି କରୁଛି। ତଳିପେଟରେ ଜମି ରହୁଥିବା ଚର୍ବି ହୃଦ୍ ସମସ୍ୟା ବୃଦ୍ଧିର ଏକ ବଡ଼ କାରଣ ପାଲଟିଛି। ସାମ୍ପ୍ରତିକ ପରିବର୍ତ୍ତିତ ଜୀବନଶୈଳୀରେ ଭାରତୀୟ ଯୁବବର୍ଗଙ୍କ ମଧ୍ୟରେ ଏହି ସମସ୍ୟା ଅଧିକ ଦେଖା ଦେଉଛି। କର୍ମକ୍ଷେତ୍ରରେ ଅଧିକ ସମୟ ଧରି କାମ କରିବା, କର୍ମକ୍ଷେତ୍ରର ଚାପ, ଖାଦ୍ୟ ଗ୍ରହଣ ଓ ଶୋଇବାରେ ଅନିୟମିତତା, ଦୈନନ୍ଦିନ ସାଧାରଣ ଜୀବନଧାରଣ ଶୈଳୀରେ ପରିବର୍ତ୍ତନ ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହେଉଛି ବୋଲି ଏହି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବଡ଼ି ମାସ ଇଣ୍ଡେକ୍ସ(ବିଏମ୍‌ଆଇ) ଆକଳନ ମେଦବହୁଳତା କ୍ଷେତ୍ରରେ ଏକ ଉପଯୋଗୀ ପଦ୍ଧତି ହୋଇଥିବାବେଳେ ଏହା ମୁଖ୍ୟତଃ ତଳିପେଟରେ ଜମା ହେଉଥିବା ଚର୍ବିକୁ ସୂଚିତ କରିଥାଏ। ଏସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ଅଭାବରୁ ହୃଦ୍‌ଘାତ ସମସ୍ୟା ବୃଦ୍ଧି ପାଉଛି। ସାରା ଭାରତରେ କରାଯାଇଥିବା ଏହି ସର୍ଭେରେ ଦିଲ୍ଲୀ, ମୁମ୍ବାଇ, ଲକ୍ଷ୍ନୌ, ହାଇଦ୍ରାବାଦ ଆଦି ସହରର ୮୩୭ ଲୋକଙ୍କୁ ସାମିଲ୍ କରାଯାଇଥିଲା। ଜଣାପଡ଼ିଥିଲା ୬୬ ପ୍ରତିଶତ ମେଦବହୁଳ ଭାରତୀୟଙ୍କ ତଳିପେଟଠରେ ଜମି ରହିଥିବା ଚର୍ବି ହୃଦ୍ ସମସ୍ୟା ସୃଷ୍ଟି କରିଥାଏ। ସେହିପରି ୮୧ ପ୍ରତିଶତ ଭାରତୀୟ ସପ୍ତାହରେ ଥରେ ଘରେ ବାହାରେ ଖାଇବାକୁ ପସନ୍ଦ କରୁଥିବାବେଳେ ୬୮ପ୍ରତିଶତ ରାତି ଖାଦ୍ୟରେ ଅଧିକ ଖାଦ୍ୟ ପସନ୍ଦ କରିଥାନ୍ତି। ୬୯ପ୍ରତିଶତ ଭାରତୀୟ ଜଙ୍କ ଫୁଡ୍ ଖାଇବାକୁ ପସନ୍ଦ କରୁଥିବାବେଳେ ୫୮ ପ୍ରତିଶତ ଭାରତୀୟ ଆବଶ୍ୟକ ସମୟ ଶୋଉ ନ ଥିବାରୁ ସେମାନଙ୍କର ତଳିପେଟରେ ଚର୍ବି ଜମିଥାଏ। ଅପରପକ୍ଷରେ ନିୟମିତ ବ୍ୟାୟାମ କରୁ ନ ଥିବାରୁ ୬୧ ପ୍ରତିଶତ ଭାରତୀୟଙ୍କଠାରେ ଏଭଳି ସମସ୍ୟା ଦେଖାଯାଉଛି। ତେବେ ସଚେତନତା ଦ୍ୱାରା ଏଥିରୁ ସହଜରେ ମୁକ୍ତି ମିଳିପାରିବ ବୋଲି ଏହି ରିପୋର୍ଟରେ ଉଲ୍ଲେଖ ରହିଛି।


ସମଲେଶ୍ୱରୀ ହସ୍ପିଟାଲ
ପଞ୍ଚାୟତ ରୋଡ, ରେଙ୍ଗାଲି, -୭୬୮୨୧୨, ମୋ- ୭୦୦୮୨୮୦୭୫୬
Get active · Eat well · Control cholesterol · Manager blood pressure · Reduce blood sugar · Lose weight · Quite smoking





World Heart Day
Stay Fit
Stay Healthy
Stay Hearty
ଭଗତ ସିଂ
ପୂର୍ବତନ ସଭାପତି, ରୋଟାରୀ କ୍ଲବ ଅଫ ସମ୍ବଲପୁର ଗ୍ରେଟର


World Heart Day
Stay Fit
Stay Healthy
Stay Hearty
ମହମ୍ମଦ ପରଭେଜ ଅଲ୍ଲୀ ଖାନ୍
ପ୍ରକଳ୍ପ ଅଧ୍ୟକ୍ଷ, ରୋଟାରୀ କ୍ଲବ ଅଫ ସମ୍ବଲପୁର ଗ୍ରେଟର


World Heart Day
Stay Fit
Stay Healthy
Stay Hearty
ଆନନ୍ଦ ମିଶ୍ର
ପୂର୍ବତନ ସଭାପତି , ରୋଟାରୀ କ୍ଲବ ଅଫ ସମ୍ବଲପୁର ଗ୍ରେଟର

ULTRA SCAN DIAGNOSTICS
AN ULTRA MODERN DIAGNOSTIC CENTRE

DR SHEETAL KAUR M.D.(Radiodiagnosis) S.R. CONSULTANT RADIOLOGIST
DR AMULYA KUMAR PANDA M.D.(Radiodiagnosis) CONSULTANT RADIOLOGIST
AMBULANCE FACILITIES AVAILABLE*

| CT SCAN | ULTRASONOGRAPHY |
|---|---|
| BRAIN | ABDOMEN ULTRASOUND |
| ABDOMEN | PELVIS ULTRASOUND |
| SURVICAL SPINE | OBSTETRIC SCAN |
| NECK | NUSCULOSKELETAL SCAN |
| PELVIS | SOFT TISSUE SCAN |
| BONES | COLOR DOPPLER STUDIES |
| CHEST | TIFFA ULTRASOUND |
| KUB | KUB ULTRASOUND |
| JOINTS | FOLLICULAR STUDY |
| ORBITS | ELASTOGRAPHY |
| PNS | USG GUIDED PROCEDURES |
| CT GUIDED FNAC/ BIOPSY | & MANY MORE...... |

PANITANKI CHHOW, MISHRA GALI, HOSPITAL ROAD SAMBALPUR, 9437135555, 9437050005

Minimize red meat to keep a healthy heart beat
ଶ୍ରୀ ଶ୍ରୀ ମା' ଶ୍ରୀ ରାମଚଣ୍ଡୀ ସେବାସଦନ (ନର୍ସିଂହୋମ)
ଦିନଦୟାଲ ନଗର, ସିଡବ୍ଲ୍ୟୁ.ସି. ଅଫିସ ପାଖରେ ଡାକ୍ତର କଲୋନୀ, ବୁର୍ଲା, ଜି.-ସମ୍ବଲପୁର-୭୬୮୦୧୭
ନର୍ସିଂହୋମ- ୦୬୬୩-୨୪୩୧୫୫୫
ମୋ: ୯୪୩୭୧୪୮୫୨୭, ୯୪୩୭୩୯୩୫୨୩, ୯୬୬୮୧୦୯୫୨୭
୧. ୨୪ ଘଣ୍ଟା ଜରୁରୀକାଳୀନ ସୁବିଧା ।
୨. ସମସ୍ତ ପ୍ରକାର ମେଡିସିନ୍ , ସର୍ଜରୀ, ଗାଇନାକୋଲୋଜି, ଇ.ଏନ.ଟି, ଶିଶୁ ବିଭାଗ ଓ ଚକ୍ଷୁ ବିଭାଗ, ଡେଣ୍ଟାଲ ଓ ୟୁରୋଲୋଜିର ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ପରାମର୍ଶ ।
୩. ସ୍ୱତନ୍ତ୍ର ଅର୍ଥୋପେଡିକ୍ସ ସର୍ଜରୀ ଏବଂ ଲାପ୍ରୋସ୍କୋପିକ୍ ସର୍ଜରୀର ସୁବିଧା ।
୪. ଶୀତତାପ ନିୟନ୍ତ୍ରିତ ଅପରେସନ ଥିଏଟର ଓ ଲେବର ରୁମ ।
୫. ସ୍ୱତନ୍ତ୍ର ସ୍ନାନଗାର ସଂଯୁକ୍ତ କେବିନ ।
୬. ସାଧାରଣ ୱାର୍ଡ ।
୭. ସମସ୍ତ ପ୍ରକାର ପାଥୋଲୋଜି ପରୀକ୍ଷା, ଟେଲିଫୋନ, ଆମ୍ବୁଲାନ୍ସ ସୁବିଧା ।
ଏଠାରେ ଅତ୍ୟାଧୁନିକ ପ୍ରଣାଳୀରେ ଏବଂ ଅତି ସୁଲଭ ମୂଲ୍ୟରେ ସମସ୍ତ ପ୍ରକାର ଚିକିତ୍ସା ସେବା ଯୋଗାଇ ଦିଆଯାଏ ।

Feel good from head to feet... Let the healthy heart beat
Sankalp — Regd No. SBL 5962-15-2006-07
ମାତୃତ୍ୱ ଗୌରବରୁ ଯେଉଁ ମା ଭଉଣୀମାନେ ବଞ୍ଚିତ ଅଛନ୍ତି, ତାହାଙ୍କ ପାଇଁ ଖୁସିର ଖବର
୧୬ତମ ସ୍ତ୍ରୀ ବନ୍ଧ୍ୟା ଦୋଷ ପାଇଁ ମାଗଣା ସ୍ୱାସ୍ଥ୍ୟ ଶିବିର
୦୨ ଅକ୍ଟୋବର ୨୦୧୮ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ସଂକଳ୍ପ ଆନୁକୂଲ୍ୟରେ ଏକ ଦିବସୀୟ ଡାଇଗ୍ନୋଷ୍ଟିକ ହିଷ୍ଟୋସ୍କୋପି କ୍ୟାମ୍ପ ମାଗଣାରେ ଅନୁଷ୍ଠିତ ହେବାକୁ ଯାଉଅଛି । ଏଠାରେ ଆଧୁନିକ ହିଷ୍ଟୋସ୍କୋପି ଯନ୍ତ୍ର ଦ୍ୱାରା ଗର୍ଭାଶୟ ନିରୀକ୍ଷଣ ସଂପୂର୍ଣ୍ଣ ମାଗଣାରେ କରାଯିବ । କେଉଁମାନଙ୍କ ପାଇଁ ଉଦ୍ଦିଷ୍ଟ : ୧. ଗର୍ଭ ଯଦି ରହୁନାହିଁ । ୨. ବାରମ୍ବାର ଗର୍ଭପାତ ହୋଇଯାଉଛି । ୩. ଗର୍ଭାଶୟରୁ ଅଧିକ ମାତ୍ରାରେ ରକ୍ତସ୍ରାବ । ୪. ଧଳାସ୍ରାବ । ୫. ଅନିୟମିତ ଓ ଅସ୍ୱାଭାବିକ ସ୍ରାବ । ୬. କପର ଟି ବା ଅନ୍ୟ ଗର୍ଭ ନିରୋଧକ ଗର୍ଭାଶୟରେ ସ୍ଥାନଚ୍ୟୁତ ହୋଇଥାଏ । ୭. ବୃଦ୍ଧାବସ୍ଥାରେ ଯଦି ରକ୍ତସ୍ରାବ ହୋଇଥାଏ ।
କେବଳ ହିଷ୍ଟୋସ୍କୋପି ଦ୍ୱାରା ଜରାୟୁ ଭିତରେ ଅଂଶ ସଠିକ ଓ ସଂପୂର୍ଣ୍ଣ ଭାବେ ଦେଖି ରୋଗର କାରଣ ଜାଣିହୁଏ ଓ ସଂପୂର୍ଣ୍ଣ ରୂପେ ରୋଗର ଉପଚାର କରିବା ସମ୍ଭବ ହୁଏ ।
ମାତ୍ର ଅଳ୍ପ କିଛି ବିଶ୍ରାମ ପରେ ରୋଗୀ ସୁସ୍ଥ ହୋଇ ନିଜର ଦୈନନ୍ଦିନ କାର୍ଯ୍ୟକ୍ଷମ ହୋଇଥାଏ । ଏହି କ୍ୟାମ୍ପରେ ହିଷ୍ଟୋସ୍କୋପି ପରୀକ୍ଷା, ରୋଗୀ ପରାମର୍ଶ ଓ ତତ୍‌ସମ୍ବନ୍ଧୀୟ ଔଷଧ ମାଗଣାରେ ସଂକଳ୍ପ ଅନୁଷ୍ଠାନ ତରଫରୁ ଉପଲବ୍ଧ କରାଯାଏ ।
ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ ।
ଡା. ଦେବାଶିଷ ବେହେରା ଏମଡି(ସ୍ତ୍ରୀ ରୋଗ ବିଶେଷଜ୍ଞ) ଲାପାରୋସ୍କୋପି ଏବଂ ହିଷ୍ଟ୍ରୋସ୍କୋପିକ୍ ସର୍ଜନ
ଅରୁଣା ଶକ୍ତି ହସ୍ପିଟାଲ
"ସଂକଳ୍ପ" ଏନ. ଗୁହା ଲେନ,ଫୋନ:୯୪୩୭୫୫୪୦୩୬
Advance laparscopic & Hystroscopic Surgery Centre



## ଯୁବ (୪୫ ବର୍ଷରୁ କମ୍) ଓ ଅତି ଯୁବ (୩୫ ବର୍ଷରୁ କମ୍) ବୟସର ଭାରତୀୟଙ୍କ କ୍ଷେତ୍ରରେ ହୃଦ୍‌ଘାତ

ବିଗତ ୫ରୁ ୧୦ ବର୍ଷ ଧରି ପ୍ରତି ୩ରୁ ୪ ମାସରେ ଆମେ ଆମର ଇମର୍ଜେନ୍ସିକୁ ୩୫ ବର୍ଷରୁ କମ୍ ବୟସର ୩ରୁ ୪ ଜଣ ଯୁବ ହୃଦ୍‌ରୋଗୀଙ୍କୁ ଦେଖିଆସୁଛୁ । ସେମାନଙ୍କ ମଧ୍ୟରୁ ପ୍ରାୟତଃ ହେଉଛନ୍ତି ଆଇଟି ବୃତ୍ତିଧାରୀ। ଅନେକ ଅବିବାହିତ, କେତେକଙ୍କ ନିର୍ବନ୍ଧ ହୋଇଥିବାବେଳେ କେତେକେ ନବବିବାହିତ। ଏହି ରୋଗୀମାନଙ୍କ ଜୀବନଶୈଳୀ ମୁଖ୍ୟତଃ ସ୍ଥାଣୁ ହୋଇଥାଏ, ସେମାନଙ୍କ କାର୍ଯ୍ୟନିର୍ଘଣ୍ଟର ଠିକଣା ନ ଥାଏ ଆଉ ସେମାନେ ବହୁ ପରିମାଣରେ ଜଙ୍କ୍ ଫୁଡ୍ ଖାଇଥାନ୍ତି। କେତେକେ ଧୂମପାନ କରିଥାନ୍ତି। ସେମାନଙ୍କ କର୍ମଜୀବନ ଚାପଗ୍ରସ୍ତ ମଧ ହୋଇଥାଏ । ସେମାନଙ୍କଠାରେ ଡାଇବେଟିସ୍, ଉଚ୍ଚରକ୍ତଚାପ କିମ୍ବା ଉଚ୍ଚ କୋଲେଷ୍ଟରଲ୍ ଭଳି ପାରମ୍ପରିକ ବିକାରର ଆପଦ ନ ଥାଏ । ଏହି ପରିଦୃଶ୍ୟ ଅତ୍ୟନ୍ତ ଚିନ୍ତାଜନକ। କିନ୍ତୁ, ଉପଯୁକ୍ତ ପରାମର୍ଶ ଏବଂ ଜୀବନଶୈଳୀ ସଂଶୋଧନ ଦ୍ୱାରା ଏହାକୁ ପ୍ରତିରୋଧ କରାଯାଇପାରିବ ।

ପାଶ୍ଚାତ୍ୟ ଜନସାଧାରଣଙ୍କ ତୁଳନାରେ ଆମେ ଭାରତୀୟଙ୍କ କ୍ଷେତ୍ରରେ ହୃଦ୍‌ଘାତର ୧୦ ବର୍ଷ ଆଗୁଆ ଦେଖାଯିବାର ସମ୍ଭାବନା ରହିଥାଏ। ଦକ୍ଷିଣ ଏସିଆରେ ହୃଦ୍‌ଘାତର ହାରାହାରି ବୟସ ୫୩ ବର୍ଷ ହୋଇଥିବାବେଳେ ପଶ୍ଚିମ ୟୁରୋପ, ଚାଇନାରେ ଏହା ଦେଖାଯିବାର ହାରାହାରି ବୟସ ହେଉଛି ୬୩ ବର୍ଷ ।

ଅନେକ ଅଧ୍ୟୟନରୁ ଏହା ଜଣାପଡ଼ିଛି ଯେ ଭାରତରେ ହୃଦ୍‌ରୋଗୀଙ୍କ ମଧ୍ୟରୁ ୧୨-୧୬% ହେଉଛନ୍ତି ଯୁବ ବୟସର । ଆପୋଲୋ ହସ୍ପିଟାଲ୍ସରେ ସଞ୍ଚାଳିତ ହୋଇଥିବା ଏକ ଅଧ୍ୟୟନ ଅନୁଯାୟୀ, ହୃଦ୍‌ଘାତ କାରଣରୁ ଚିକିତ୍ସାଳୟକୁ ଆସୁଥିବା ୧୦୦୦ ରୋଗୀଙ୍କ ମଧ୍ୟରୁ ୧୧% ରୋଗୀଙ୍କ ବୟସ ୩୫ ବର୍ଷରୁ କମ୍ ଏବଂ ୨୧% ରୋଗୀଙ୍କ ବୟସ ୪୫ ବର୍ଷରୁ କମ୍ ।


ଡକ୍ଟର ବ୍ୟୋମକେଶ ଦୀକ୍ଷିତ୍
ଡିଏମ୍ (କାର୍ଡିଓଲୋଜି)
ଏଫ୍‌ଏନ୍‌ବି (ଇଣ୍ଟରଭେନ୍‌ସନାଲ୍ କାର୍ଡିଓଲୋଜି)
କନ୍‌ସଲ୍‌ଟାଣ୍ଟ - କାର୍ଡିଓଲୋଜି

ଗ୍ରାମୀଣ ଜନସଂଖ୍ୟା ତୁଳନାରେ ସହରାଞ୍ଚଳ ଜନସଂଖ୍ୟାରେ ହୃଦ୍‌ଘାତର ପ୍ରାଦୁର୍ଭାବ ଦୁଇଗୁଣ ଅଧିକ । ଦକ୍ଷିଣ ଭାରତରେ ଏହା ଅଧିକ ପରିମାଣରେ ଦେଖାଯାଇଥାଏ ।

ଯୁବ ବ୍ୟକ୍ତିବିଶେଷଙ୍କଠାରେ ହୃଦ୍‌ଘାତ ଘଟିବାର ମୁଖ୍ୟ କାରଣ ହେଉଛି ନୂଆ ଚାକିରିକୁ ବଜାୟ ରଖିବାର ଚାପ, ନୂଆ ଚାକିରିର ପ୍ରତ୍ୟାଶାକୁ ପୂରଣ କରିବାର ଚାପ, ସହକର୍ମୀ ତଥା ସ୍ଥାଣୁ ଜୀବନ ସହ ଖାପ ଖୁଆଇବାର ଚାପ, ଅଧିକ କ୍ୟାଲୋରି ଉପଯୋଗ, ସାଚୁରେଟେଡ୍ ଫ୍ୟାଟ୍‌ସ, ଲୁଣ, ତମାଖୁ, ବର୍ଗର, ପିଜା ଓ ଶସ୍ତା ଅପମିଶ୍ରିତ ତେଲରେ ତିଆରି ରାସ୍ତାକଡ଼ ଖାଦ୍ୟ ଭଳି ଜଙ୍କ୍ ଫୁଡ୍, ଆଲକହଲ, କୋକେନ, ହେରୋଇନ, ଏଲ୍‌ଏସ୍‌ଡି, ଗଞ୍ଜେଇ, ଆମ୍ଫେଟାମାଇନ୍ ଭଳି ନିଶାଦ୍ରବ୍ୟର ଦୁରୁପଯୋଗ।

ଏଭଳି ପରିସ୍ଥିତି ଯଦି ବଜାୟ ରହେ, ୨୦୩୦ ମସିହା ସୁଦ୍ଧା ଆମେ ଯୁବ, ଧନୀ, ଅବସରପ୍ରାପ୍ତ ଭାରତୀୟଙ୍କୁ ଦେଖିବାକୁ ପାଇବା । ଯାହା ଭାରତୀୟ ଅର୍ଥନୀତିକୁ ପଛକୁ ଠେଲିବାର ପ୍ରମୁଖ କାରଣରେ ପରିଣତ ହେବ।

### ହୃଦ୍‌ଘାତର ପ୍ରତିରୋଧ କିପରି କରାଯାଇପାରିବ:

- ପ୍ରତ୍ୟେକ ବ୍ୟକ୍ତିଙ୍କୁ ସପ୍ତାହରେ ଅତି କମ୍‌ରେ ୫ ଦିନ ପାଇଁ ଦିନ ପିଛା ୩୦ ମିନିଟ୍‌ର ମଧ୍ୟମରୁ ତୀବ୍ର ଶାରୀରିକ ପରିଶ୍ରମ କରିବା ଉଚିତ୍।
- ଧୂମପାନ, ଆଲ୍‌କହଲ୍ ସେବନ ବନ୍ଦ କରନ୍ତୁ ।
- ଜଙ୍କ୍ ଫୁଡ୍‌କୁ ଏଡ଼ାନ୍ତୁ ।
- ଖାଦ୍ୟ ଓ ଶୟନ ନିର୍ଘଣ୍ଟକୁ ନିୟମିତ କରନ୍ତୁ ।
- ଯୋଗ, ଧ୍ୟାନ ଦ୍ୱାରା ମାନସିକ ଚାପ ହ୍ରାସ କରନ୍ତୁ ।
- କ୍ୟାଲୋରି ଉପଯୋଗ ହ୍ରାସ କରି ସ୍ଥୂଳତା ହ୍ରାସ କରନ୍ତୁ ।
- ଛାତିରେ ପୀଡ଼ା, ଉଭୟ ବାହୁରେ ପ୍ରସାରଣ, ନିଃଶ୍ୱାସ ପ୍ରଶ୍ୱାସରେ ସମସ୍ୟା, ଝାଳ ବୋହିବା ଭଳି ଲକ୍ଷଣ କ୍ଷେତ୍ରରେ ତୁରନ୍ତ ଚିକିତ୍ସାଳୟକୁ ଯାଆନ୍ତୁ ।
- ଅକାଳ ହୃଦ୍‌ଘାତର ପାରିବାରିକ ଇତିହାସ ରହିଥିବା ବ୍ୟକ୍ତିମାନେ ନିୟମିତ ଭାବେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇନେବା ଉଚିତ୍।

Advt.




# ନାଲ୍କୋ ଅଧ୍ୟକ୍ଷଙ୍କୁ ଏନ୍‌ଆଇପିଏମ୍ ରତ୍ନ ଆୱାର୍ଡ



ତପନ କୁମାର ଚାନ୍ଦ

ଭୁବନେଶ୍ୱର,୨୮।୯

ନାଲକୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦଙ୍କୁ ଏନ୍‌ଆଇପିଏମ୍ ରତ୍ନ ଆୱାର୍ଡ ପ୍ରଦାନ କରାଯାଇଛି। ପୁଣେଠାରେ ଅନୁଷ୍ଠିତ ୩୭ତମ ଏନଆଇପିଏମ୍ ବାର୍ଷିକ ଜାତୀୟ ସମ୍ମେଳନ ନାଟକନ୍- ୨୦୧୮ ଅବସରରେ ତାଙ୍କୁ ଏହି ଆୱାର୍ଡ ମିଳିଛି। ମାନବ ସମ୍ବଳ ପରିଚାଳନା ଏବଂ ଉଚ୍ଚମାନର ନେତୃତ୍ୱ ଲାଗି ଚାନ୍ଦ ଏହି ଆୱାର୍ଡରେ ସମ୍ମାନୀତ ହୋଇଛନ୍ତି। ଚାନ୍ଦ ଏହି ଆୱାର୍ଡକୁ ଦେଶର ସମସ୍ତ ଏଚ୍‌ଆର୍ ଅଧିକାରୀ ଏବଂ ନାଲକୋର ସମସ୍ତ କର୍ମଚାରୀଙ୍କୁ ଉତ୍ସର୍ଗ କରିଛନ୍ତି। ବର୍ତ୍ତମାନର ସମୟରେ ଆମେ ଚତୁର୍ଥ ଶିଳ୍ପ ଆନ୍ଦୋଳନର ଦ୍ୱାରଦେଶରେ ପହଞ୍ଚିଛୁ ବୋଲି ଚାନ୍ଦ ଏହି ଅବସରରେ ସୂଚନା ଦେଇଛନ୍ତି। ପ୍ରଥମ ଶିଳ୍ପ ବିପ୍ଳବ ଶାରିରିକ ବଳରୁ ବାଷ୍ପିୟ ଶକ୍ତିକୁ ପରିବର୍ତ୍ତନ ହୋଇଥିବା ବେଳେ ଦ୍ୱିତୀୟ ଶିଳ୍ପ ବିପ୍ଳବ ବିଦ୍ୟୁତ ଶକ୍ତି, ତୃତୀୟ ପର୍ଯ୍ୟାୟରେ ସୂଚନା ପ୍ରଯୁକ୍ତି ଏବଂ ଅଟୋମେଶନ ମାନବ ପ୍ରୟାସକୁ ଆହୁରୀ ବୁଦ୍ଧିମନ୍ତ କରିଛି। ସମ୍ପ୍ରତି ଚତୁର୍ଥ ଉଦ୍ୟୋଗିକ ଆନ୍ଦୋଳନର ଅଭ୍ୟୁଦୟ ସହ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ଇଣ୍ଟରନେଟ ଅଫ୍ ଥିଙ୍ଗସ, ରୋବୋଟିକ୍ସ, ଅଗମେଣ୍ଟେଡ ରିୟଲିଟି ଭଳି ନୂତନ ଉପାଦାନ ଶିଳ୍ପାୟନକୁ ଆହୁରୀ ସମୃଦ୍ଧ କରିଥିବା ଚାନ୍ଦ କହିଛନ୍ତି। ଇଣ୍ଡଷ୍ଟ୍ରି ୪.୦ ସହ ନୂତନ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ ଦ୍ୱାରା କ୍ୟାପିଟାଲ ନିବେଶ ହ୍ରାସ ହେବା ସହ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ହେବ। ଚତୁର୍ଥ ଶିଳ୍ପ ଆନ୍ଦୋଳନ ଲାଗି ଶିଳ୍ପଗୁଡିକ ପ୍ରସ୍ତୁତି ହେବାର ଆବଶ୍ୟକତା ରହିଛି ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ସୂଚନା ଯୋଗ୍ୟ, ନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ୍ ପର୍ସୋନେଲ ମ୍ୟାନେଜମେଣ୍ଟ (ଏନ୍‌ଆଇପିଏମ୍) ମାନବ ସମ୍ବଳ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅଧିକାରୀମାନଙ୍କୁ ନେଇ ଏକ ସର୍ବୋଚ୍ଚ ସଂସ୍ଥା।

■ ଟିଟୋଙ୍କ ସହ ଅର୍ଥ କାରବାର ଲିଙ୍କରେ ଭିଜିଲାନ୍ସର ଖୋଲତାଡ଼

# ଏକାଧିକ ଖାକିବାବୁଙ୍କ ଆକାଉଣ୍ଟକୁ ଆସିଛି ଲକ୍ଷାଧିକ ଟଙ୍କା

- **କନଷ୍ଟେବଲ, ଏଏସ୍‌ଆଇଙ୍କ ଘରେ ଭିଜିଲାନ୍ସ ଚଢ଼ାଉ**
- **ଜଟଣୀର ପୂର୍ବତନ ଥାନା ଅଧିକାରୀଙ୍କ ନାମରେ ଯୋଡ଼ାଗଲା ଆଉ ଏକ ମାମଲା**

ଭୁବନେଶ୍ୱର, ୨୮।୯(ବ୍ୟୁରୋ)

ଗ୍ୟାଙ୍ଗ୍‌ଷ୍ଟର ସୟଦ ଉସ୍‌ମାନ ଅଲି ଓରଫ ଟିଟୋ ସହିତ ଏକାଧିକ ପୋଲିସ ଅଫିସରଙ୍କ ଲିଙ୍କ୍ ଖୋଜିବାରେ ବିଫଳ ହୋଇଛି କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍(ସ୍ପେଶାଲ ଟାସ୍କ ଫୋର୍ସ)। ଟିଟୋ ଲିଙ୍କ୍‌ରେ ଥିବା ସହଯୋଗୀମାନଙ୍କୁ ଗିରଫ କରାଯାଉଥିବା ବେଳେ ପୋଲିସ ପୋଷାକ ପିନ୍ଧି ଟିଟୋଙ୍କ ସହ ମିଶି ଆପରାଧିକ କାର୍ଯ୍ୟରେ ସାମିଲ ଥିବା ଖାକି ବାବୁମାନଙ୍କ ପାଖରେ ପହଞ୍ଚି ପାରୁନି ଏସ୍‌ଟିଏଫ୍। ଏହାର ଉଦାହରଣ ଦେଖିବାକୁ ମିଳିଛି ଗିରଫ ହୋଇଥିବା ଜଟଣୀର ପୂର୍ବତନ ଥାନା ଅଧିକାରୀ ସଞ୍ଜୀବ ମହାନ୍ତିଙ୍କ କ୍ଷେତ୍ରରେ। ସଞ୍ଜୀବଙ୍କ ସମେତ ଏକାଧିକ ପୋଲିସ ଅଫିସର ଟିଟୋଙ୍କ ସହ ସିଧାସଳଖ ସମ୍ପର୍କ ରଖିଥିଲେ ମଧ୍ୟ ଏସ୍‌ଟିଏଫ୍ ସେମାନଙ୍କୁ ପଚରାଉଚରା କରୁନି କି ତଦନ୍ତ ପରିସରଭୁକ୍ତ କରୁନି। ଏପରିସ୍ଥଳେ ଭିଜିଲାନ୍ସ ଏବେ ଉକ୍ତ ଦିଗ ଉପରେ ନଜର ପକାଇଛି। ଟିଟୋଙ୍କ ସହ ଆର୍ଥିକ କାରବାର କରିଥିବା ପୋଲିସ ଅଧିକାରୀଙ୍କ ସମ୍ପର୍କରେ ଭିଜିଲାନ୍ସ ଖୋଲତାଡ଼ ଆରମ୍ଭ କରିଛି। ଲାଞ୍ଚ ନେବା ଅଭିଯୋଗରେ ଗିରଫ ହୋଇଥିବା ସଞ୍ଜୀବଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ଭିଜିଲାନ୍ସ ଯାଞ୍ଚ କରିବା ସମୟରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ଟିଟୋ ଏବଂ ତାଙ୍କ ସମ୍ପର୍କୀୟମାନଙ୍କ ଆକାଉଣ୍ଟରୁ ସଞ୍ଜୀବଙ୍କ ଆକାଉଣ୍ଟକୁ ଲକ୍ଷାଧିକ ଟଙ୍କା ଆସିଛି। କେବଳ ସେତିକି ନୁହେଁ ଭିଜିଲାନ୍ସ ପକ୍ଷରୁ ଟିଟୋ ଏବଂ ତାଙ୍କ ସମ୍ପର୍କୀୟଙ୍କ ଆକାଉଣ୍ଟ ଯାଞ୍ଚ କରାଯିବା ସମୟରେ ସଞ୍ଜୀବଙ୍କ ଭଳି ଏକାଧିକ ପୋଲିସ ଅଫିସର ଏବଂ କର୍ମଚାରୀଙ୍କ ଆକାଉଣ୍ଟକୁ ଲକ୍ଷାଧିକ ଟଙ୍କା ଆସିଥିବା ଜଣାପଡ଼ିଛି। ଭିଜିଲାନ୍ସ ହାତରେ ଏ ନେଇ ପ୍ରମାଣ ଲାଗିବା ପରେ ଶୁକ୍ରବାର ସଞ୍ଜୀବଙ୍କ ସମେତ ଜଗତ୍‌ସିଂହପୁର ଏସ୍‌ପି ହେଡ୍‌କ୍ୱାର୍ଟର୍ସରେ ଚାକିରି କରୁଥିବା କନଷ୍ଟେବଳ ନୃସିଂହ ବେହେରାଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ଚଢାଉ କରାଯାଇଛି। ଏହାସହ ଖୋର୍ଦ୍ଧାର ଅନ୍ୟଜଣେ ମହିଳା ପୋଲିସ ଏଏସ୍‌ଆଇଙ୍କ ଘରେ ମଧ୍ୟ ଭିଜିଲାନ୍ସ ଚଢାଉ କରିଛି। ସେମାନଙ୍କ ଘରୁ ଲକ୍ଷାଧିକ ଟଙ୍କା ଜବତ ହୋଇଥିବା ଜଣାପଡିଛି। ସଞ୍ଜୀବଙ୍କ ଘର ସମେତ ୫ଟି ସ୍ଥାନରେ ଚଢାଉ କରାଯାଇଛି। ଚଢ଼ାଉ ବେଳେ ଭିଜିଲାନ୍ସ ବହୁ ବେନାମୀ ସମ୍ପତ୍ତି ଜବତ କରିଛି। ଏହାପରେ ଭିଜିଲାନ୍ସ ପକ୍ଷରୁ ତାଙ୍କ ନାମରେ ଆଉ ଏକ ମାମଲା ଯୋଡ଼ାଯାଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବାରୁ ଏହି ମାମଲା ରୁଜୁ କରାଯାଇଛି।

ଭିଜିଲାନ୍ସର ଜଣେ ଅଧିକାରୀ କହିଛନ୍ତି, କେବଳ ଏହି ଦୁଇ ପୋଲିସ କର୍ମଚାରୀ ନୁହନ୍ତି, ଟିଟୋ ଏବଂ ତାଙ୍କ ସମ୍ପର୍କୀୟଙ୍କ ଆକାଉଣ୍ଟରୁ ଅନେକ ପୋଲିସ ଅଫିସରଙ୍କ ଆକାଉଣ୍ଟକୁ ଲକ୍ଷାଧିକ ଟଙ୍କା ନେଣଦେଣ ହୋଇଛି। ଭିଜିଲାନ୍ସ ଚଢାଉ କରିଥିବା ୨ ପୋଲିସ କର୍ମଚାରୀଙ୍କର ଟିଟୋଙ୍କ ସହିତ ସିଧାସଳଖ ସମ୍ପର୍କ ଥିଲା। ସେମାନଙ୍କୁ ଟିଟୋ ବିଭିନ୍ନ ମାମଲା ପାଇଁ ଲକ୍ଷାଧିକ ଟଙ୍କା ଓ ଉପହାର ଦେଉଥିଲେ ବୋଲି ଅଧିକାରୀ ଜଣକ ନାମ ଗୋପନ ରଖି କହିଛନ୍ତି। ଅନ୍ୟପଟେ ସଞ୍ଜୀବଙ୍କୁ ଏସ୍‌ଟିଏଫ ରିମାଣ୍ଡରେ ନେଇ ପଚରାଉଚରା କଲେ ଟିଟୋ ଲିଙ୍କ୍‌ରେ ଥିବା ବହୁ ବଡ ବଡ ପୋଲିସ ବାବୁଙ୍କ ମୁଖା ଖୋଲିଯିବ। ତେଣୁ ଏସ୍‌ଟିଏଫ୍ ଜାଣିଶୁଣି ସେ ଦିଗକୁ ତଦନ୍ତ କରୁନି ବୋଲି ସମ୍ପୃକ୍ତ ଅଧିକାରୀ କହିଛନ୍ତି। ଏ ସମ୍ପର୍କରେ ଏସ୍‌ଟିଏଫ୍ ଡିଆଇଜି ହିମାଂଶୁ ଲାଲଙ୍କୁ ପଚାରିବାରୁ ସେ କହିଲେ, ଆମେ ତଦନ୍ତ କରୁଛୁ। ଯିଏ ଆମ ସନ୍ଦେହକୁ ଆସୁଛନ୍ତି ତାଙ୍କୁ ଆମେ ଡକାଇ ପଚରାଉଚରା କରୁଛୁ।

ନୋଟିସ ଜାରି କଲା ଗୃହ କମିଟି

# ଅକ୍ଟୋବର ୧୧ରେ ହାଜର ହେବାକୁ ଆୟରଙ୍କୁ ସମନ

ଭୁବନେଶ୍ୱର,୨୮।୯ (ବ୍ୟୁରୋ)

ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଏବଂ କୋଣାର୍କ ମନ୍ଦିର ଉପରେ ଅରୁଚିକର ମନ୍ତବ୍ୟ ଦେଇଥିବା ଅଭିଜିତ ଆୟର ମିତ୍ରଙ୍କୁ ହାଜର ହେବାକୁ ନୋଟିସ ପଠାଇବା ପାଇଁ ବିଧାନସଭା ଗୃହ କମିଟି ନିଷ୍ପତ୍ତି ନେଇଛି। କମିଟିର ଅଧ୍ୟକ୍ଷ ନରସିଂହ ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଆସନ୍ତା ଅକ୍ଟୋବର ୧୧ ତାରିଖ ସକାଳ ୧୧ଟା ବେଳେ ବିଧାନସଭା ୫୪ ନମ୍ବର କକ୍ଷରେ ଗୃହ କମିଟି ସମ୍ମୁଖରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ଅନୁରୋଧ କରାଯାଇଛି। ଦଳଗତ ନିର୍ବିଶେଷରେ ଅଭିଜିତଙ୍କ ଆପତ୍ତିଜନକ ମନ୍ତବ୍ୟକୁ ନେଇ ଗତ ବିଧାନସଭା ଅଧିବେଶନରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆସିଥିଲା। ଏ ନେଇ ଗୃହ କମିଟି ଗଠନ କରାଯାଇଛି। କମିଟି ଏହାର ଅନୁଧ୍ୟାନ କରୁଛି। ପୋଲିସ ମହାନିର୍ଦ୍ଦେଶକ ଏବଂ ଗୋଇନ୍ଦା ନିର୍ଦ୍ଦେଶକ ଗୃହ କମିଟି ନିକଟରେ ହାଜର ହୋଇ ଆୟରଙ୍କ ବିରୋଧରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ କମିଟିକୁ ଅବଗତ କରାଇଥିଲେ।

ଗତ ୨୨ ତାରିଖରେ ବିଧାନସଭା ଗୃହ କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। ପୋଲିସ ମହାନିର୍ଦ୍ଦେଶକ(ଡିଜିପି), ଗୋଇନ୍ଦା ନିର୍ଦ୍ଦେଶକ ଏବଂ ଏକ ନିର୍ଦ୍ଦିଷ୍ଟ ଖବରକାଗଜର ସମ୍ପାଦକ ଓ ସେହି ସଂସ୍ଥାର ବୈଦ୍ୟୁତିକ ଚ୍ୟାନେଲର ବ୍ୟୁରୋ ଚିଫ୍‌ଙ୍କୁ ପ୍ରମାଣ ଦେବା ସକାଶେ କମିଟି ସମନ ଜାରି କରିଥିଲା। ବିରୋଧୀ ଦଳ ନେତାଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ଭାଜପା ବିଧାୟକ ଦଳ ନେତା କେ.ଭି. ସିଂଦେଓ, ବିଜେଡି ବିଧାୟକ ଦେବୀ ପ୍ରସାଦ ମିଶ୍ର, ଅରୁଣ ସାହୁ, ସଞ୍ଜୟ ଦାସବର୍ମା ଏବଂ ପ୍ରମିଳା ମଲ୍ଲିକ ସଦସ୍ୟ ରହିଛନ୍ତି।









ମହାନ୍ ଆତ୍ମାମାନଙ୍କୁ ଏକ ନିଃସଙ୍ଗ ଜୀବନ ମଧ୍ୟ ବଂଚିବାକୁ ପଡିଥାଏ। ଯେଉଁମାନେ ସାରାବିଶ୍ୱର ପୂଜନୀୟ- ସେମାନେ ଏକୁଟିଆ ବିଚରଣ କରୁଥାନ୍ତି। ସେମାନଙ୍କର ସର୍ବବିଧ ମହତ ଚେଷ୍ଟା ବ୍ୟର୍ଥ ମଧ୍ୟ ହୋଇ ଯାଇପାରେ। କିନ୍ତୁ ଅବିଚଳିତ ରହନ୍ତି ସେମାନେ। ସେମାନଙ୍କ ନିଜ ଅନ୍ତରର ଶକ୍ତି ହିଁ ଏକମାତ୍ର ବନ୍ଧୁ।
-ଶ୍ରୀଅରବିନ୍ଦ



# ବାବୁ ଅଭାବ



ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଜମ୍ମୁ-କଶ୍ମୀରରେ ପିଡିପି-ଭାଜପା ସରକାର କ୍ଷମତାରେ ଥିଲାବେଳେ ରାଜ୍ୟର ବାବୁ-ଅଭାବଜନିତ ପରିସ୍ଥିତିକୁ କିଛି ପରିମାଣରେ ଲାଘବ କରିବା ପାଇଁ ରାଜ୍ୟ ସରକାର କେନ୍ଦ୍ରରେ ଡେପୁଟେଶନରେ ନିଯୁକ୍ତ ବାବୁମାନଙ୍କୁ ରାଜ୍ୟକୁ ଫେରାଇ ଦେବା ପାଇଁ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ କେନ୍ଦ୍ର ସରକାର ଗାଲେଇଦେଇଥିଲେ। କିନ୍ତୁ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି ହେବା ଏବଂ ଏପରି କି ରାଜ୍ୟପାଳ ଏନ୍.ଏନ୍. ଭୋରାଙ୍କୁ ପରିବର୍ତ୍ତନ କରାଯାଇ ତାଙ୍କ ସ୍ଥାନରେ ସତ୍ୟପାଲ ମଲିକଙ୍କୁ ନିଯୁକ୍ତି ଦିଆଯିବା ପରେ ପରିସ୍ଥିତି କିଛିଟା ବଦଳିଛି। କିନ୍ତୁ ଜଣେ ନୂଆ ରାଜ୍ୟପାଳ ଯେ ଦୃଶ୍ୟପଟକୁ ପୂରା ବଦଳେଇ ଦେଇପାରିବେ, ତାହା ନୁହେଁ। ପ୍ରାପ୍ତ ସୂଚନା ଅନୁଯାୟୀ, କେତେଜଣ ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ ରାଜ୍ୟକୁ ଫେରାଇ ଦେବା ଲାଗି ଭୋରା କେନ୍ଦ୍ରକୁ ଚିଠି ଲେଖିଥିଲେ। ସେହି ବାବୁମାନେ ହେଉଛନ୍ତି: ଅରୁଣ କୁମାର ମେହେଟ୍ଟା, ଅଟଳ ଦୁଲ୍ଲୁ ଓ ମନୋଜ କୁମାର ଦ୍ୱିବେଦୀ। ମେହେଟ୍ଟା ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଥିବାବେଳେ ଦୁଲ୍ଲୁ ଗ୍ରାମ୍ୟ ଉନ୍ନୟନ ବିଭାଗର ଯୁଗ୍ମ ସଚିବ ଅଛନ୍ତି ଏବଂ ଦ୍ୱିବେଦୀ ବାଣିଜ୍ୟ ବିଭାଗର ଯୁଗ୍ମ ସଚିବ ଭାବେ ଅବସ୍ଥାପିତ ଅଛନ୍ତି। ମଲିକ ମଧ୍ୟ ଭୋରାଙ୍କ ପରି କେନ୍ଦ୍ରକୁ ଅନୁରୂପ ଅନୁରୋଧ ଜଣାଇପାରନ୍ତି। ବର୍ତ୍ତମାନ ଜମ୍ମୁ-କଶ୍ମୀରରେ ଅନୁମୋଦିତ ୧୩୭ ସ୍ଥାନରେ ଅଛନ୍ତି ମାତ୍ର ୮୪ ଜଣ ଆଇଏଏସ୍ ଅଫିସର। ସେହି ୮୪ ଜଣଙ୍କ ମଧ୍ୟରୁ ଉକ୍ତ ତିନିଜଣ ଡେପୁଟେଶନରେ ମୋଦି ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାର୍ଯ୍ୟରତ ଅଛନ୍ତି।

## ଅର୍ଥ ମନ୍ତ୍ରଣାଳୟରେ କର୍ମଚାପ

ଅର୍ଥ ମନ୍ତ୍ରଣାଳୟରେ ବର୍ତ୍ତମାନ ବିଭିନ୍ନ ସ୍ତରର ପ୍ରାୟ ୩୦୦୦୦ ପଦବୀ ଖାଲି ପଡ଼ିଛି। ତା' ସତ୍ତ୍ୱେ ଏହି ପଦଗୁଡ଼ିକ ପୂରଣ କରିବା ଲାଗି ମନ୍ତ୍ରଣାଳୟରେ କୌଣସି ତତ୍ପରତା ପ୍ରକାଶ ପାଇବାର କିଛି ଲକ୍ଷଣ ଦେଖାଯାଉ ନାହିଁ। ସବୁଠାରୁ ବେଶି କର୍ମଚାରୀ ଅଭାବ ରହିଛି କେନ୍ଦ୍ରୀୟ ପରୋକ୍ଷ କର ଓ ସୀମାଶୁଳ୍କ ବୋର୍ଡ (ସିବିଆଇସି)ରେ। ଏଠାରେ ପ୍ରାୟ ୨୦୦୦୦ ପଦବୀ ଖାଲି ପଡ଼ିଛି ଏବଂ ସଫଳ ଭାବେ ଜିଏସ୍‌ଟି ଲାଗୁ କରିବା ଲାଗି ଏହି ପଦବୀଗୁଡ଼ିକ ତୁରନ୍ତ ପୂରଣ କରାଯିବା ଦରକାର। ବିଭାଗ ତରଫରୁ ତଥା ସିବିଆଇସି କର୍ମଚାରୀ ସଂଘ ତରଫରୁ ବାରମ୍ବାର ସ୍ମାରକପତ୍ର ଦିଆଗଲେ ମଧ୍ୟ କେନ୍ଦ୍ର ସରକାର ପଦବୀଗୁଡ଼ିକ ପୂରଣ କରିବା ଲାଗି କୌଣସି ତତ୍ପରତା ପ୍ରକାଶ କରୁନାହାନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ, ମୋଟ ଅନୁମୋଦିତ ୫,୫୮୩ ଗ୍ରୁପ୍ ଏ ଏକ୍‌ଜିକ୍ୟୁଟିଭ୍ ପଦବୀ ମଧ୍ୟରୁ ୧୮୮୪ଟି ବରିଷ୍ଠ ସ୍ତରୀୟ ପଦବୀ ଖାଲି ପଡ଼ିଛି। ଉକ୍ତ ଖାଲି ପଦବୀଗୁଡ଼ିକ ମଧ୍ୟରେ ରହିଛି ସମସ୍ତ ୭ଟି ଯାକ ପରୋକ୍ଷ କର ଲୋକପାଳ, ୩୦ଟି କମିଶନର, ୪୨୨ଟି ଅତିରିକ୍ତ କମିଶନର ଓ ଯୁଗ୍ମ କମିଶନର ଏବଂ ୧୩୫୧ଟି ଡେପୁଟି କମିଶନର ଓ ଆସିଷ୍ଟାଣ୍ଟ କମିଶନର ପଦବୀ। ଯଦି ମିଳିଥିବା ତଥ୍ୟକୁ ବିଶ୍ୱାସ କରାଯାଏ, ତେବେ ରିକଭରି ବିଭାଗ ଏବଂ ଆଞ୍ଚଳିକ କେନ୍ଦ୍ରଗୁଡ଼ିକରେ ରହିଥିବା କର୍ମଚାରୀ ଅଭାବ ହିଁ ସରକାରଙ୍କ ଦ୍ୱାରା ଜିଏସ୍‌ଟି ରିଟର୍ନର ପ୍ରକ୍ରିୟାରେ ମନ୍ଥରତା ପାଇଁ ଦାୟୀ। ଏପରି କି ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତାଠାରୁ ଆରମ୍ଭ କରି ମୁଖ୍ୟ ପରିସଂଖ୍ୟାନବିତ୍ ପର୍ଯ୍ୟନ୍ତ ନୀତି ନିର୍ଦ୍ଧାରଣ ସ୍ତରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡ଼ିକ ଖାଲି ପଡ଼ିଛି। ଇତ୍ୟବସରରେ ଗୁଜବ ଶୁଣିବାକୁ ମିଳୁଛି ଯେ, ଅର୍ଥ ସଚିବ ହସମୁଖ ଆଧିଆ ଭାରତର ପରବର୍ତ୍ତୀ ନିୟନ୍ତ୍ରକ ଓ ମହାଲେଖାପରୀକ୍ଷକ (ସିଏଜି) ଭାବେ ମନୋନୀତ ହୋଇପାରନ୍ତି। ୧୯୮୧ ବ୍ୟାଚ୍‌ର ଅଫିସର ଆଧିଆ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟତର ଭାବେ ଜଣାଶୁଣା ଏବଂ ଆସନ୍ତା ନଭେମ୍ବର ମାସରେ ଅବସର ନେବାର ଅଛି।

## ଅପାରଗତା ପାଇଁ ଅବସର

ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗ ଉପରେ ଚାରିବର୍ଷ ଧରି ନଜର ରଖାଯିବା ପରେ ଶେଷରେ ବରିଷ୍ଠ ଆଇପିଏସ୍ ଅଫିସର ମାୟାଙ୍କ ଜୈନଙ୍କୁ କେନ୍ଦ୍ର ସରକାର ବାଧ୍ୟତାମୂଳକ ଅବସର ଦେଇଛନ୍ତି। ମଜାର କଥା ହେଲା, ଅପାରଗତା ପାଇଁ ତାଙ୍କୁ ଉକ୍ତ ଅସମୟ ଅବସର ଦିଆଯାଇଛି। ପ୍ରାପ୍ତ ସୂଚନା ଅନୁସାରେ, ବିଧିବଦ୍ଧ ପ୍ରକ୍ରିୟା ପରେ ମଧ୍ୟପ୍ରଦେଶ ସରକାର ଉକ୍ତ ୧୯୯୫ ବ୍ୟାଚ୍ ଅଫିସରଙ୍କୁ ଅବସର ଦେବା ଲାଗି ଅନୁମୋଦନ କରିଥିଲେ। କାର୍ଯ୍ୟଦକ୍ଷତା ଓ ସଚ୍ଚୋଟତା ଦୃଷ୍ଟିରୁ ଜୈନଙ୍କୁ ଆଉ ଚାକିରିରେ ରଖିବା ଉଚିତ ନୁହେଁ ବୋଲି ରାଜ୍ୟ ସରକାର ଦର୍ଶାଇଥିଲେ। ରାଜ୍ୟ ସରକାର ପୁଣି ସ୍ପଷ୍ଟୀକରଣ ଦେଇଥିଲେ ଯେ, ଏହି ସଅଳ ଅବସର ପାଇଁ ତାଙ୍କ ସମ୍ପତ୍ତି ଉପରେ ଲୋକାୟୁକ୍ତଙ୍କ ଚଢ଼ାଉକୁ ବିଚାରକୁ ନିଆଯାଇ ନାହିଁ। ଅପାରଗତା କାରଣରୁ ଏହି ନିଷ୍ପତ୍ତି ନିଆଯାଇଛି। ଯାହା ଜଣାଯାଏ, ରାଜ୍ୟ ସରକାର ଗତ ମାର୍ଚ୍ଚ ମାସରେ ବାବୁଙ୍କୁ ବାଧ୍ୟତାମୂଳକ ଅବସର ଦେବା ଲାଗି ସୁପାରିସ କରିଥିଲେ। କେନ୍ଦ୍ର ସରକାର ତାହାର ବିଚାର କରି ଶେଷରେ ଉକ୍ତ ସୁପାରିସକୁ ଗ୍ରହଣ କରିନେଇଥିଲେ। ଜୈନ ଥିଲେ ଆଇଜି (କମ୍ୟୁନିଟି ପୋଲିସିଂ) ଏବଂ ଭୋପାଳ ପୋଲିସ ମୁଖ୍ୟାଳୟରେ ନିଯୁକ୍ତି ପାଇଥିଲେ। ତାଙ୍କ ବିରୋଧରେ ଅନେକ ଅଭିଯୋଗ ପାଇବା ପରେ ଲୋକାୟୁକ୍ତ ପୋଲିସ ଦଳ ତାଙ୍କର ଭୋପାଳ, ଉଜ୍ଜୟିନୀ, ଇନ୍ଦୋର ଓ ରେଓ୍ୱାସ୍ଥିତ ଘର ଓ ସମ୍ପତ୍ତି ଉପରେ ଚଢ଼ାଉ କରିଥିଲେ।

Email: dilipcherian@gmail.com

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 5 | 0 | | | | 3 | 7 | | | | E | | | |
| D | | | 5 | E | | | 6 | B | | | 7 | | A | |
| | | | 4 | | 8 | 1 | | | | | | | E | D |
| | 4 | | 9 | D | 3 | 0 | | | | | | 8 | 5 | |
| E | 2 | C | | | | 4 | | | | 9 | | | | |
| 4 | | | B | | | | | | | | 8 | A | 9 | 3 |
| | | E | | | 5 | C | 8 | | | | A | | D | |
| 3 | | A | | | 4 | | | | B | | | | | |
| | | B | | 7 | | 9 | | | 5 | | | | 6 | |
| | | | A | 1 | | | | | | C | | | 7 | |
| | | | | 3 | D | | | 7 | | | 6 | 5 | | 9 |
| | 8 | | 7 | | | | | 3 | | 0 | | | 1 | |
| | | 1 | 8 | | 6 | | D | | | | | | | B |
| 5 | | | | | 2 | | | | | A | D | | 8 | 0 |
| | 3 | | E | | | | | | | | | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 0 | 7 | E | A | 8 | 1 | 5 | D | 9 | 3 | 2 | 4 | C | B |
| 2 | C | A | 1 | D | B | 7 | 9 | 0 | 4 | 5 | 8 | E | 3 | 6 |
| D | 8 | 1 | 4 | 9 | 3 | C | 2 | E | 7 | 6 | B | 5 | 0 | A |
| 9 | E | 4 | 7 | C | 5 | B | 6 | 3 | 1 | 0 | A | 2 | 8 | D |
| 5 | 3 | B | 2 | 6 | 0 | A | 8 | 4 | E | C | D | 1 | 9 | 7 |
| 0 | 2 | 8 | 5 | 4 | 7 | E | A | 1 | D | 9 | C | 6 | B | 3 |
| 7 | A | 6 | 8 | E | D | 9 | B | 5 | 2 | 1 | 3 | C | 4 | 0 |
| 1 | 9 | 5 | 0 | 2 | C | 4 | 3 | 8 | B | 7 | 6 | A | D | E |
| E | D | 3 | A | B | 9 | 0 | C | 6 | 8 | 4 | 5 | 7 | 1 | 2 |
| B | 4 | C | 3 | 1 | 6 | D | 7 | 2 | A | E | 0 | 8 | 5 | 9 |
| 3 | 1 | D | 9 | 8 | 2 | 6 | 0 | 7 | 5 | A | 4 | B | E | C |
| 8 | 7 | 2 | 6 | 5 | E | 3 | D | C | 0 | B | 1 | 9 | A | 4 |
| 4 | 5 | 9 | D | 0 | A | 2 | E | B | C | 8 | 7 | 3 | 6 | 1 |
| A | B | 0 | C | 3 | 4 | 8 | 1 | 9 | 6 | 2 | E | D | 7 | 5 |
| C | 6 | E | B | 7 | 1 | 5 | 4 | A | 3 | D | 9 | 0 | 2 | 8 |

ଗତକାଲିର ଉତ୍ତର

# ଡେରି ନୁହେଁ ତେଲ ପାଇଁ ହାହାକାର



ଇଂ. ହାଡ଼ିବନ୍ଧୁ ଖଣ୍ଡୁଆଳ

ଗତ ଅଗଷ୍ଟ ଶେଷ ସପ୍ତାହରୁ ସେପ୍ଟେମ୍ବର ଶେଷ ସପ୍ତାହ ପର୍ଯ୍ୟନ୍ତ ତୈଳ ଦର ଲାଗ୍ ଲାଗ୍ ବଢ଼ିଚାଲିଛି। ଏହା ବିରୋଧରେ ଦେଶର ବିରୋଧୀ ଦଳ ସବୁ ସରକାରଙ୍କ ଉପରେ ଚାପ ପକାଇବାକୁ ରାଜରାସ୍ତାକୁ ଓହ୍ଲାଇଲେ। ଦରବୃଦ୍ଧି ସହ ତାଳଦେଇ ଜନଅସନ୍ତୋଷ ବି ବଢ଼ିଲା। ତୈଳ ଉତ୍ପାଦନକାରୀ ରାଷ୍ଟ୍ରଗୁଡ଼ିକ ଅଶୋଧିତ ତୈଳଦର ବୃଦ୍ଧି କରି ଚାଲିଛନ୍ତି। ସେମାନେ ସାଧାରଣତଃ ତୈଳ ଉତ୍ପାଦନକୁ ସଙ୍କୁଚିତ କରି, ନିଅଣ୍ଟିଆ ବଜାର ସୃଷ୍ଟିକରି ଦର ବୃଦ୍ଧି କରନ୍ତି। ୨୦୦୮ ମସିହାର ଘଟଣା। ସେମାନେ ତୈଳ ଉତ୍ପାଦନ କମାଇ ଦେବାରୁ ତୈଳଦର ବୃଦ୍ଧି ପାଇଲା ଓ ଜନଅସନ୍ତୋଷ ବଢିଲା। ତୈଳ ଉତ୍ପାଦନକାରୀ ରାଷ୍ଟ୍ର ସମୂହର ସେକ୍ରେଟାରି ଜେନେରାଲ ଅବଦୁଲ୍ ବାଦ୍ରିଙ୍କ ଉଦ୍ୟମ ଫଳରେ ସେ ରାଷ୍ଟ୍ରଗୁଡ଼ିକ ତୈଳ ଉତ୍ପାଦନ ବଢାଇଲେ ଓ ତୈଳ ଦର ଖସିଲା। ଏବେ କୃତ୍ରିମ ନିଅଣ୍ଟିଆ ବଜାର ସୃଷ୍ଟି କରାଯାଉଛି। ଆଗକୁ ଯେତେବେଳେ ପୃଥିବୀ ଭଣ୍ଡାରରୁ ତୈଳ ସରିସରି ଆସିବ, ସେତେବେଳେ ଆପେ ଆପେ ନିଅଣ୍ଟିଆ ବଜାର ସୃଷ୍ଟି ହେବ ଓ ତୈଳଦର ହୁ ହୁ ହୋଇ ବଢ଼ିବ। ଏହା ମାତ୍ର ୪୦ ବର୍ଷ ପରେ ଆରମ୍ଭ ହୋଇଯିବ।

ଏ ଯେଉଁ ତୈଳ ବିଷୟରେ ଆଲୋଚନା କରାଯାଉଛି ତାହା ଜୀବାଶ୍ମରୁ ନିର୍ଗତ ତୈଳ। ହଜାର ହଜାର ବର୍ଷ ପୂର୍ବେ ଭୂତଳରେ ଚାପି ହୋଇଥିବା ଜୀବାଶ୍ମରୁ ନିର୍ଗତ ତରଳ ପଦାର୍ଥକୁ ଆମେ ଅଶୋଧିତ ତୈଳଭାବେ ଉତ୍ତୋଳନ କରୁ। ତାହାକୁ ବିଭିନ୍ନ ପଦ୍ଧତିରେ ଶୋଧନ କରି ସେଥିରୁ ବାହାର କରୁ କିରୋସିନ, ଡିଜେଲ, ପେଟ୍ରୋଲ ଇତ୍ୟାଦି। ଏ ଉତ୍ତୋଳିତ ତୈଳକୁ କୁହାଯାଏ ପେଟ୍ରୋଲିୟମ୍। ପେଟ୍ରୋଲିୟମ୍ ବ୍ୟବହାର କରାଯାଏ ଶକ୍ତି ପାଇଁ। ବିଭିନ୍ନ ପ୍ରକାର ଯାନ ଚଳାଇବାକୁ ଦରକାର ଶକ୍ତି। କାରଖାନାର ବିଭିନ୍ନ କଳ, ଯନ୍ତ୍ରପାତି, କୃଷିକ୍ଷେତ୍ରର ଯନ୍ତ୍ରପାତି, ପାଣିପମ୍ପ ଇତ୍ୟାଦି ଚଳାଇବାକୁ ଦରକାର ଶକ୍ତି। ଆମେ ହାତରେ କରିପାରୁ ନ ଥିବା ଭାରି ଓ ଶ୍ରମସାଧ୍ୟ କାମ ପାଇଁ ବ୍ୟବହାର କରୁ ଶକ୍ତି। ଗୃହରେ ଲାଇଟ୍, ଫ୍ୟାନ୍, ଟିଭି ଓ ଯାବତୀୟ କାର୍ଯ୍ୟ ପାଇଁ ଦରକାର ଶକ୍ତି। ଏ ସବୁ ଶକ୍ତି ମିଳେ ପେଟ୍ରୋଲିୟମ୍ ଓ ଅନ୍ୟ ଉତ୍ସରୁ।

ଗୋଟିଏ ଦେଶ କେତେ ସମୃଦ୍ଧ ଜାଣିବା ପାଇଁ ସେ ଦେଶର ମୁଣ୍ଡପିଛା ଆୟକୁ ହିସାବ କରାଯାଏ। ତତ୍‌ସଙ୍ଗେ ସମୃଦ୍ଧିର ମାପକାଠି ହେଉଛି ସେ ଦେଶରେ ମୁଣ୍ଡପିଛା କେତେ ଶକ୍ତି ବ୍ୟବହାର କରାଯାଏ। ଯେଉଁ ଦେଶରେ ମୁଣ୍ଡ ପିଛା ଶକ୍ତି ବ୍ୟବହାର ଯେତେ ଅଧିକ ସେ ଦେଶ ସେତେ ସମୃଦ୍ଧ। ଏ ଶକ୍ତିର ମାପ କରାଯାଏ ପେଟ୍ରୋଲିୟମ୍ ତୈଳ ଆକାରରେ। ଭାରତରେ ମୁଣ୍ଡପିଛା ଶକ୍ତି ପାଇଁ ୩୧୦ କିଲୋ ତୈଳ ବ୍ୟବହାର ହେଉଥିଲା ବେଳେ ଚାଇନାରେ ମୁଣ୍ଡ ପିଛା ୭୭୯, ଜାପାନରେ ମୁଣ୍ଡପିଛା ୪୦୧୧ ଓ ଆମେରିକାରେ ମୁଣ୍ଡପିଛା ୭୮୬୧ କିଲୋ ବ୍ୟବହାର କରାଯାଏ। ଅର୍ଥାତ୍ ମୁଣ୍ଡପିଛା ଶକ୍ତି ପାଇଁ ଆମେ ଯେତେ ତୈଳ ଆବଶ୍ୟକ କରୁ ଆମେରିକାରେ ତା'ର ୨୫ ଗୁଣରୁ ଅଧିକ ତୈଳ ବ୍ୟବହାର କରନ୍ତି। ଆମର ଆବଶ୍ୟକ ଶକ୍ତି କେବଳ ପେଟ୍ରୋଲିୟମ୍‌ରୁ ଆମେ ଆହରଣ କରୁନାହୁଁ। କୋଇଲା, ଗ୍ୟାସ୍, ବିଜୁଳି, ପବନ, ଖରା, କାଠ, ଉଦ୍‌ଜାନ, ଆଣବିକ ଇନ୍ଧନ ଇତ୍ୟାଦିରୁ ମଧ୍ୟ କରୁଛୁ। ଏକବିଂଶ ଶତାବ୍ଦୀ ପ୍ରାରମ୍ଭରେ ହିସାବ କରି ଦେଖାଯାଇଛି ଏ ସବୁ ଉତ୍ସରୁ ପୃଥିବୀରେ ଯେତେ ଶକ୍ତି ଆହରଣ କରାଯାଉଥିଲା କେବଳ ଜୀବାଶ୍ମ ଇନ୍ଧନ (ପେଟ୍ରୋଲିୟମ୍, କୋଇଲା, ଗ୍ୟାସ୍)ରୁ ୮୫ ପ୍ରତିଶତ ଶକ୍ତି ଆହରଣ କରାଯାଉଥିଲା ଓ କେବଳ ପେଟ୍ରୋଲିୟମ୍‌ରୁ ପୃଥିବୀର ପାଖାପାଖି ୪୦ ପ୍ରତିଶତ ଶକ୍ତି ଆହରଣ କରାଯାଉଥିଲା। ଭାରତରେ ଆବଶ୍ୟକ ଶକ୍ତିର ୩୦ ଶତାଂଶ ଆହରଣ କରାଯାଏ ତୈଳରୁ। ପୃଥିବୀରେ ଉତ୍ତୋଳିତ ତୈଳର ଏକ ତୃତୀୟାଂଶ ଖର୍ଚ୍ଚ ହୁଏ କେବଳ କାର୍ ଓ ଟ୍ରକ୍ ଚଳାଇବାରେ।

ଆମେ ରାସ୍ତାକୁ ବାହାରିପଡିଲେ ଦେଖିବା ରାସ୍ତାରେ କାର୍, ଟ୍ରକ୍, ସ୍କୁଟର, ମୋଟର ଇତ୍ୟାଦି ପଛକୁ ପଛ ଧାଉଁଛନ୍ତି। ଦୂରରୁ ଦେଖିଲେ ଜଣାପଡିବ ଯେପରି ରାସ୍ତାରେ ଗାଡିଗୁଡ଼ିକର ଏକ ଧାଡି ଲାଗିଛି। ପଛକୁ ପଛ ଗାଡିସବୁ ଏତେ ଦ୍ରୁତଗତିରେ ଚାଲନ୍ତି ଯେ, ଛକରେ ଟ୍ରାଫିକ୍ ପୋଲିସ୍‌ର ବିନା ସାହାଯ୍ୟରେ ରାସ୍ତା ପାରିହେବା ଅସମ୍ଭବ। ଉପରକୁ ଚାହିଁଲେ ଦେଖିବା ଆକାଶରେ ଉଡାଜାହାଜ ଧାଇଁଛି। ଜଳରେ ବୁଡାଜାହାଜ ଧାଇଁଛି। ଏସବୁ ଯାନର ସଂଖ୍ୟା ଦ୍ରୁତଗତିରେ ବଢିଚାଲିଛି। କିଛି ଦଶନ୍ଧି ତଳେ ଗ୍ରାମଗୁଡ଼ିକରେ ପେଟ୍ରୋଲଚାଳିତ ଗାଡି ଦେଖିବାକୁ ମିଳୁ ନ ଥିଲା। କାଁ ଭାଁ ଗାଁକୁ ଗୋଟିଏ ପେଟ୍ରୋଲଚାଳିତ ଦୁଇଚକିଆ ବା ଚାରିଚକିଆ ଯାନ ଆସିଲେ ତାକୁ ପାଖରୁ ଓ ଦୂରରୁ ସମସ୍ତେ ନିରୀକ୍ଷଣ କରୁଥିଲେ। ଆଜି ପ୍ରତି ଗ୍ରାମରେ ପେଟ୍ରୋଲଚାଳିତ ଗାଡି ଦେଖିବାକୁ ମିଳୁଛି। ସହରଗୁଡ଼ିକରେ ଜଣେ ଜଣେ ବ୍ୟକ୍ତି କାର୍ ସାଙ୍ଗକୁ ସ୍କୁଟର, ମୋଟରସାଇକେଲ ନ ରଖିଲେ ଦୈନନ୍ଦିନ କାର୍ଯ୍ୟ କାରିପାରୁନାହାନ୍ତି। କେବଳ ଆମ ସହର ବା ଦେଶ ନୁହେଁ, ସାରା ବିଶ୍ୱରେ ପେଟ୍ରୋଲଚାଳିତ ଗାଡ଼ି ସଂଖ୍ୟା ଦ୍ରୁତଗତିରେ ବଢିଚାଲିଛି। ୧୯୫୦ରେ ପୃଥିବୀରେ ୫୩ ମିଲିୟନ କାର୍ ଚାଲୁଥିବା ବେଳେ ୧୯୯୦ ବେଳକୁ ତାହା ୪୦୦ ମିଲିୟନ ହେଲା। ବିଂଶ ଶତାବ୍ଦୀ ଶେଷବେଳକୁ ଯାନ ସଂଖ୍ୟା ୫୦୦ ମିଲିୟନରେ ପହଞ୍ଚିବା ଅନୁମାନ କରାଯାଉଛି। ଏକ ପରିସଂଖ୍ୟାନରୁ ଜଣାଯାଏ, ବିଗତ ଦଶନ୍ଧିର ମାତ୍ର ୫ ବର୍ଷ ମଧ୍ୟରେ ତୃତୀୟ ବିଶ୍ୱରେ ଗାଡିସଂଖ୍ୟା ବଢିଛି ୩୦ରୁ ୪୦ ପ୍ରତିଶତ। ଉନ୍ନତ ରାଷ୍ଟ୍ରଙ୍କ କଥା କ'ଣ ବା କହିବା! ୧୯୭୦ ମସିହାରେ ବିଶ୍ୱରେ ଯେତେବେଳେ ଇନ୍ଧନ ତୈଳର ଆବଶ୍ୟକତା ଖୁବ୍ ବଢିଗଲା, ସେତେବେଳେ ଆମେରିକାରେ ୨୦୩ ମିଲିୟନ ଲୋକଙ୍କ ପାଖରେ ୧୧୧ ମିଲିୟନ କାର୍ ଥିଲା, ଅର୍ଥାତ୍ ସେତେବେଳେ ପ୍ରତି ଦୁଇଜଣଙ୍କ ପାଇଁ ଗୋଟିଏ କାର ଥିଲା। ୧୯୯୭ରେ ଆମେରିକାର ଲୋକସଂଖ୍ୟା ୨୬୭ ମିଲିୟନ ହେଲାବେଳକୁ ଗାଡ଼ି ସଂଖ୍ୟା ୨୦୮ ମିଲିୟନକୁ ବୃଦ୍ଧି ପାଇଲା। ଏବେ ପ୍ରତି ଜଣଙ୍କ ପାଇଁ ଏକାଧିକ ଗାଡ଼ି। ଆମ ରାଜ୍ୟରେ ଏବେ ପଞ୍ଜୀକୃତ ଯାନ ସଂଖ୍ୟା ବର୍ଷକୁ ପ୍ରାୟ ୪ ଲକ୍ଷ ହିସାବରେ ବଢୁଛି। ଏ ଯେଉଁ ଯାନ ସମୁଦ୍ରର ଉତ୍ତାଳ ତରଙ୍ଗ ମାଡିଆସୁଛି, ତା'ର ଜାଳେଣି ସମସ୍ୟାକୁ କିପରି ସାମ୍ନା କରିବାକୁ ହେବ, ସେଥିପାଇଁ ବୈଜ୍ଞାନିକ ମହଲରେ ଆଲୋଡନ ସୃଷ୍ଟି ହେଲାଣି। ପେଟ୍ରୋଲିୟମ୍ ଇତିହାସରୁ ଜଣାଯାଏ, ୧୮୯୦ ବେଳକୁ ପୃଥିବୀରେ ବାର୍ଷିକ ମାତ୍ର ୧୦ ମିଲିୟନ୍ ଟନ୍ ତୈଳ ଉତ୍ତୋଳନ କରାଯାଉଥିଲା, ଯାହା କେବଳ କିରୋସିନ ହିସାବରେ ଗୃହ ଆଲୋକିତ କରିବାରେ ବ୍ୟବହୃତ ହେଉଥିଲା। ଏକବିଂଶ ଶତାବ୍ଦୀ ପ୍ରାରମ୍ଭରେ ବର୍ଷକୁ ମାତ୍ର ୧୨ ମିଲିୟନ ଟନ୍ ତୈଳ ବ୍ୟବହାର କରାଯାଉଥିଲା। ୧୯୭୦ରେ ଯେତେବେଳେ ବିଶ୍ୱରେ ତୈଳ ସଙ୍କଟ ଦେଖାଦେଲା, ସେତେବେଳେ ବାର୍ଷିକ ଦରକାର ହେଉଥିଲା ୨୫୦୦ ମିଲିୟନ ଟନ୍। ଅର୍ଥାତ୍ ୭୦ ବର୍ଷ ବ୍ୟବଧାନରେ ତୈଳ ଚାହିଦା ୨୦୦ ଗୁଣ ବଢିଗଲା। ତୈଳର ଚାହିଦା ଦ୍ରୁତଗତିରେ ବଢୁଥିବା ବିଷୟରେ ଆଲୋଚନା କରାଗଲା। ଏଠାରେ ପ୍ରଶ୍ନ ଉଠୁଛି ଦ୍ରୁତଗତିରେ ବଢୁଥିବା ତୈଳ ଚାହିଦା ଭବିଷ୍ୟତରେ କି ପ୍ରକାର ସମସ୍ୟା ସୃଷ୍ଟି କରିବ? ଭୂତଳେ ଗଚ୍ଛିତ ଜୀବାଶ୍ମ ତୈଳ ବା ପେଟ୍ରୋଲିୟମକୁ ଆମେ ଠାବ କରି ଉତ୍ତୋଳନ କରୁଛୁ। ବସି ଖାଇଲେ ନଈବାଲି ସରେ। ବେଶି ନୁହେଁ, ୧୮୦ ହଜାର ମିଲିୟନ ଟନ୍ ପାଖାପାଖି ତୈଳ ପୃଥିବୀ ଗନ୍ତାଘରେ ଥିବାର ଆକଳନ କରାଯାଇଛି। ବର୍ତ୍ତମାନ ଯେଉଁ ହାରରେ ତୈଳ ଉତ୍ତୋଳନ କରାଯାଉଛି, ସେହି ହାରରେ ହିସାବ କଲେ ଆଗାମୀ ୫୦ ବର୍ଷରେ ତୈଳଭଣ୍ଡାର ଶୂନ୍ୟ ହୋଇଯିବ। ଆଗକୁ ତୈଳ ସଙ୍କଟ ଦେଖାଦେବ। ତୈଳ ଦୁର୍ମୂଲ୍ୟ ସାଙ୍ଗକୁ ଦୁଷ୍ପ୍ରାପ୍ୟ ମଧ୍ୟ ହେବ।

କୋଟିତୀର୍ଥ, କେଦାରଗୌରୀ, ଭୁବନେଶ୍ୱର,
ମୋ-୭୦୦୮୮୪୬୨୭୨

# ହୃଦୟର ପରୀକ୍ଷା



ଦୀପକ କୁମାର ନାୟକ

ହୃଦୟ ହେଉଛି ମଣିଷ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ସମସ୍ତେ ଏହା ବିଷୟରେ ଜାଣିବା ସହ ଏହାକୁ ଭଲଭାବେ ବୁଝି ଏହାର ସୁସ୍ଥତା ପାଇଁ ପ୍ରଯତ୍ନଶୀଳ ହେବା ଆବଶ୍ୟକ। ଏ ସମ୍ପର୍କରେ ସଚେତନତାର ବାର୍ତ୍ତା ଦେବାଲାଗି ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ୨୯ ତାରିଖରେ ପାଳିତ ହୋଇଥାଏ ବିଶ୍ୱ ହୃଦୟ ଦିବସ। ହୃଦୟ ବିଗିଡିଗଲେ ବା କୌଣସି ଅସୁବିଧା ଅନୁଭୂତ ହେଲେ ତାହାର କାରଣ ଜାଣିବା ପାଇଁ ବିଭିନ୍ନ ପରୀକ୍ଷା କରାଯାଏ। ପ୍ରଥମଟି ହେଉଛି ଇସିଜି ବା ଇକେଜି ଯାହାର ଟେକ୍ନିକାଲ ଅର୍ଥ ହେଉଛି ଇଲେକ୍‌ଟ୍ରୋ କାର୍ଡିଓଗ୍ରାମ୍। ୧୯୦୩ରେ ଡଚ୍ ଡାକ୍ତର ୱିଲିୟମ୍ ଇନ୍‌ଥୋଭେନ୍ ଏହି ପଦ୍ଧତି ଆବିଷ୍କାର କରିଥିଲେ। ସେଥିପାଇଁ ୧୯୨୪ରେ ସେ ସବୁଠାରୁ ସମ୍ମାନଜନକ ନୋବେଲ ପୁରସ୍କାର ପାଇଥିଲେ। ଏହି ପରୀକ୍ଷାଟି ସବୁଠାରୁ କମ୍ ଖର୍ଚ୍ଚରେ ଏବଂ କୌଣସି ଯନ୍ତ୍ରଣା ବିନା ସମ୍ଭବ ହୋଇଥାଏ। ଯନ୍ତ୍ରଣା ପାଉଥିବା ହୃଦ୍‌ରୋଗୀର ହାତ, ପାଦ ଓ ଛାତିରେ ଇଲେକ୍ଟ୍ରୋଡ୍ ପ୍ୟାଚ୍ ଲଗାଇ ରୋଗୀଟିର ହୃଦୟର ଇଲେକ୍ଟ୍ରିକ୍ ଆକ୍ଟିଭିଟି ମପାଯାଇଥାଏ। ଏହାଦ୍ୱାରା ଜଣଙ୍କର ହୃତ୍‌ପିଣ୍ଡର ସ୍ୱାଭାବିକ ପ୍ରକ୍ରିୟା ସ୍ପନ୍ଦନ ଓ ବ୍ଲକେଜ୍ ସମ୍ପର୍କରେ ଜଣାପଡ଼େ। ସେହିପରି ଆଉ ଗୋଟିଏ ପରୀକ୍ଷା ହେଉଛି ଚେଷ୍ଟ ଏକ୍ସ-ରେ। ଏଥିରେ ରୋଗୀ ଜଣଙ୍କର ଛାତି ହାଡ଼ର ଫଟୋ ଓ ହୃତ୍‌ପିଣ୍ଡ ସହ ଫୁସ୍‌ଫୁସ୍‌ର ପରୀକ୍ଷା ହୋଇଥାଏ। ସେହିପରି ଆଉ ଏକ ପରୀକ୍ଷା ରହିଛି ଯାହାର ନାମ ଷ୍ଟ୍ରେସ୍ ଟେଷ୍ଟ। ଏହି ପରୀକ୍ଷାରୁ ଆପଣଙ୍କ ହୃଦୟ କେତେ ଚାପ ସମ୍ଭାଳି ପାରିବ ତାହାର ପରୀକ୍ଷା କରାଯାଏ। ସେହିପରି ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ହେଉଛି ଇକୋ କାର୍ଡିଓଗ୍ରାମ୍, ଯେଉଁଥିରେ ହୃତ୍‌ପିଣ୍ଡର ମାଂସପେଶୀ, ହୃଦ୍‌ରୋଗର ସମ୍ଭାବ୍ୟ ବିପଦ ଆଉ ଭାଲ୍‌ବ ସ୍ଥିତି ଜଣାପଡ଼େ।

କାର୍ଡିଆକ୍ କେଥେଟରାଇଜେସନ୍ ପରୀକ୍ଷା ଦ୍ୱାରା ହୃଦୟର ସାମ୍ପ୍ରତିକ ସ୍ଥିତି ଓ ଏହାର କାର୍ଯ୍ୟକାରିତା ଜଣାପଡ଼େ। ଏହାକୁ ମଧ୍ୟ କରୋନାରି ଏନ୍‌ଜିଓଗ୍ରାମ୍ କୁହାଯାଏ। ତେବେ ଏଥିରେ ସମ୍ଭାବ୍ୟ ବିପଦଟି ହେଉଛି, ଏହି ପରୀକ୍ଷା ସମୟରେ ରକ୍ତସ୍ରାବ ହୋଇପାରେ ବା କ୍ୟାଥେଟର ଲଗାଯାଉଥିବା ବେଳେ ନଳୀର ଧମନୀ ନଷ୍ଟ ହେବାର ସମ୍ଭାବନା ଥାଏ। ସେହିପରି ଆଉ ଏକ ପରୀକ୍ଷା ହେଉଛି ଇଲେକ୍ଟ୍ରୋ ଫିଜିଓଲୋଜି ଟେଷ୍ଟ। ଏହାଦ୍ୱାରା ହୃଦୟର ଇଲେକ୍ଟ୍ରିକାଲ୍ ପାଥ୍‌ୱେ ପରୀକ୍ଷା କରାଯାଏ, ଯେଉଁଥିରୁ ହୃଦ୍‌ସ୍ପନ୍ଦନର ଅନିୟମିତତାର କାରଣ ଧରାପଡ଼େ। ସେହିପରି ଆଉ ଏକ ହାର୍ଟ ଇମେଜିଂ ପରୀକ୍ଷାର ନାମ ହେଉଛି ସିଟି ହାର୍ଟ ସ୍କାନ। ଏଥିରେ ଇନ୍‌ଟ୍ରାଭେନସ୍ ଡାଇର ବ୍ୟବହାର କରାଯାଏ ଏବଂ ରକ୍ତ ସଞ୍ଚାଳନ ଓ ହୃଦୟ ସଂରଚନାର ସର୍ବଶେଷ ସ୍ଥିତି ପରୀକ୍ଷାରୁ ଜଣାପଡ଼େ। ଆଉ ଏକ ପରୀକ୍ଷା ହେଉଛି ହାର୍ଟ ଏମ୍‌ଆର୍‌ଆଇ। ଏହି ପରୀକ୍ଷାରେ ହୃଦ୍‌ରୋଗୀଙ୍କ ହୃତ୍‌ପିଣ୍ଡ, ଛାତି, ହୃତ୍‌ପିଣ୍ଡର ଭିତର ଅଂଶର କାର୍ଯ୍ୟକାରିତା, ଫୁସ୍‌ଫୁସ୍‌ର ଆକଳନ କରାଯାଏ। ଏହି ପରୀକ୍ଷାରୁ ରୋଗୀ ଜଣକ ଜନ୍ମଗତ ହୃଦ୍‌ରୋଗୀ ହୋଇଥିଲେ ସହଜରେ ଜଣାପଡ଼ିଯାଏ। ତେବେ ଅନେକଙ୍କ ଭୁଲ ଧାରଣା ଥାଏ ତାହା ଯେ, ଏହି ଏମ୍‌ଆର୍‌ଆଇ ପରୀକ୍ଷାରେ ବ୍ୟବହାର ହେଉଥିବା ତେଜସ୍କ୍ରିୟ ତରଙ୍ଗ ଓ ଚୁମ୍ବକୀୟ କ୍ଷେତ୍ରର କୌଣସି ପାର୍ଶ୍ୱ ପ୍ରଭାବ ରହି ନ ଥାଏ। ଆଉ ଏକ ବଡ଼ ପରୀକ୍ଷା ହେଉଛି ପେସ୍‌ମେକର୍ ଓ ଆଞ୍ଜିଓପ୍ଲାଷ୍ଟି। ଜଣେ ଜଣେ ହୃଦ୍‌ରୋଗୀଙ୍କ ହୃଦୟ ସ୍ପନ୍ଦନର ଅନିୟମିତତା ବା ବିଲକ୍ଷଣ ଦେଖାଦେଇଥାଏ। ତାହାର ପରୀକ୍ଷା କରିବା ପାଇଁ କୃତ୍ରିମ ଭାବରେ ପ୍ରସ୍ତୁତ ଏକ ସ୍ୱାସ୍ଥ୍ୟପ୍ରଦ ବିଦ୍ୟୁତ୍ ସ୍ରୋତ ପ୍ରଦାନକାରୀ ଯନ୍ତ୍ରକୁ ଛାତିରେ ଲଗାଯାଇଥାଏ। ଏହା ରୋଗୀଟିର ହୃଦ୍‌ସ୍ପନ୍ଦନ କ୍ରିୟାରେ ସାହାଯ୍ୟ କରେ। ଏହାକୁ ଚିକିତ୍ସା ଶାସ୍ତ୍ରର ଭାଷାରେ କାର୍ଡିଆକ୍ ପେସ୍‌ମେକର ବା ହୃତ୍‌ପିଣ୍ଡର ବିଦ୍ୟୁତ୍ ଚାଳକ କୁହାଯାଏ। ସେହିପରି ରକ୍ତବାହିନୀରେ ରହିଥିବା ବିକୃତିର ଗଠନକୁ ଆଞ୍ଜିଓପ୍ଲାଷ୍ଟ କୁହାଯାଏ। ରକ୍ତ ସଞ୍ଚାଳନରେ ରୋଗୀଟିର ଶରୀରରେ କୌଣସି ବାଧକ ସୃଷ୍ଟି ହେଉଥିଲେ ହୃଦ୍ ଚିକିତ୍ସାର ନିର୍ଦ୍ଦିଷ୍ଟ ଅସ୍ତ୍ରୋପଚାର ଦ୍ୱାରା ଠିକ୍ କରାଯାଏ। ସେଠାରେ ତ୍ରୁଟି ରହିଥିବା ଅଂଶଟିକୁ କଢ଼ାଯାଇ ଭିନ୍ନ ଏକ ସୁସ୍ଥ ଧମନୀର ସମାନ ମାପର ଅଂଶକୁ ପ୍ରତିରୋପଣ କରାଯାଏ।

ସେହିପରି କୌଣସି ଲୋକର ସ୍ୱାସ୍ଥ୍ୟ କ୍ଷେତ୍ରରେ କୋଲେଷ୍ଟରଲ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ରକ୍ତରେ ଅଧିକ ମାତ୍ରାରେ କୋଲେଷ୍ଟରଲ୍ କରୋନାରି ହାର୍ଟ ଡିଜିଜ୍ ଓ ଭୟାନକ ଷ୍ଟ୍ରୋକ୍‌ର କାରଣ ହୋଇପାରେ। ତେଣୁ ନିୟମିତ ବ୍ୟବଧାନରେ କୋଲେଷ୍ଟରଲ୍ ପରୀକ୍ଷା କରିବା ଜରୁରୀ।

ସମସ୍ତେ ଜାଣନ୍ତି ସ୍ୱାସ୍ଥ୍ୟ ହିଁ ଅମୂଲ୍ୟ ସମ୍ପଦ। ତେବେ ବର୍ତ୍ତମାନର ସମୟକୁ ଦେଖିଲେ ଆମମାନଙ୍କ ଭିତରେ ଜୀବନଶୈଳୀ, ବିଶ୍ରାମ, ଖାଦ୍ୟପାନୀୟ ଓ କର୍ମକ୍ଷେତ୍ର ବା ପାରିବାରିକ ଘଟଣାକୁ ନେଇ ବିଭିନ୍ନ ମାନସିକ ଚାପ ଅନେକ ରୋଗର କାରଣ ପାଲଟୁଛି। ବର୍ତ୍ତମାନ ସମୟରେ ହୃଦ୍‌ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ନିୟମିତ ଜୀବନଶୈଳୀରେ ଖାଦ୍ୟପେୟ, ବିଶ୍ରାମ, ବ୍ୟାୟାମ, ନିଶା ସେବନଠାରୁ ଦୂରେଇ ରହିବା ଓ ବିଭିନ୍ନ ଚାପକୁ ସନ୍ତୁଳିତ ରଖିବା ଦ୍ୱାରା ହୃଦ୍‌ରୋଗଠାରୁ ଦୂରେଇ ରହିପାରିବା। ସମସ୍ତେ ଜାଣନ୍ତି ହୃଦ୍‌ରୋଗର ପ୍ରମୁଖ କାରଣ ହେଉଛି ମେଦବହୁଳତା, ନିଶା ସେବନ, ଅଳସୁଆମି, ମଧୁମେହ ଏବଂ ଉଚ୍ଚ ରକ୍ତଚାପ। ଏହି କ୍ଷେତ୍ରରେ ନିଜେ ନିଜର ଚିକିତ୍ସକ ସାଜି ସ୍ୱାସ୍ଥ୍ୟ କ୍ଷେତ୍ରକୁ ଭଲ ଭାବେ ବୁଝିବାରେ ସମର୍ଥ ହେଲେ ଆପଣ ହୃଦ୍‌ରୋଗକୁ ବାଏ ବାଏ କରିପାରିବେ।

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ,
କଟକ, ମୋ : ୯୪୩୭୨୭୧୮୭୪

### ବିଶ୍ୱ ହୃତ୍‌ପିଣ୍ଡ ଦିବସ ଉପଲକ୍ଷେ



## ଏଇ ଭାରତରେ

ଆଜିକାଲି ଡାଡି, ମମି, ହାଲୋ ହାଏ, ଗୁଡ୍ ବାଏ ଭଳି ଇଂଲିଶ ଶବ୍ଦ ପ୍ରୟୋଗ କରି ସ୍ୱାଗତ କି ବିଦାୟ ସମ୍ବର୍ଦ୍ଧନା ଦିଆଯାଉଥିବା ବେଳେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଏହି ପରମ୍ପରାକୁ ଭାଙ୍ଗିଦେବା ପାଇଁ ପରାମର୍ଶ ଦେଇଛନ୍ତି। ତାଙ୍କ କହିବାନୁଯାୟୀ, କୌଣସି ବ୍ୟକ୍ତିଙ୍କୁ ପ୍ରଥମେ ଭେଟିଲେ 'ଗୁଡ୍ ମର୍ନିଂ', 'ଗୁଡ୍ ଆଫ୍ଟରନୁନ୍' ଏବଂ 'ଗୁଡ ଇଭ୍‌ନିଂ' କହି ସ୍ୱାଗତ କରାଯାଇଥାଏ। ଏହା କହିବା ବଦଳରେ 'ନମସ୍କାର' କହିବାକୁ ସେ ପରାମର୍ଶ ଦେଇଛନ୍ତି। ପଣଜୀଠାରେ ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ନିଟ୍) ଦ୍ୱାରା ଆୟୋଜିତ ଏକ ସମାବର୍ତ୍ତନ ଉତ୍ସବରେ ଉଦ୍‌ବୋଧନ ଦେବା ଅବସରରେ ନାଇଡୁ କହିଲେ, ସେ ଇଂଲିଶ୍ ଭାଷାର ବିରୋଧୀ ନୁହନ୍ତି। କିନ୍ତୁ ବ୍ରିଟିଶ ଶାସକ ଯେଉଁ ଢଙ୍ଗରେ ଅଭିବାଦନ କରନ୍ତି ସେ ପରମ୍ପରାକୁ ଭାଙ୍ଗିଦେବା ଉଚିତ। ନମସ୍କାର ଦ୍ୱାରା ଅଭିବାଦନ ଜଣାଇବା ଭାରତର ସଂସ୍କାର। ତାହା ସକାଳେ, ସନ୍ଧ୍ୟାରେ ଏବଂ ରାତିରେ ଭେଟୁଥିବା ବନ୍ଧୁଙ୍କ ପାଇଁ ବ୍ୟବହାର କରାଯିବା ଉଚିତ। ଇଂଲିଶ୍ ଭାଷା ସ୍ୱାଗତଯୋଗ୍ୟ। କିନ୍ତୁ ବଂଶାନୁକ୍ରମିକ ଭାବରେ ଆମର ଯେଉଁଳି ଇଂଲିଶ୍ ମାନସିକତା ରହିଆସିଛି ତାହା ହେଉଛି ଆମର ଦୁର୍ବଳତା। ବାସ୍ତବରେ ନମସ୍କାର କହିବା ଦ୍ୱାରା ମନରେ ଯେଉଁଳି ଆତ୍ମୀୟତା ଜାଗ୍ରତ ହୁଏ ଇଂଲିଶ୍ ସମ୍ବୋଧନରେ ସେଉଁଳି ନ ଥାଏ ବୋଲି ଅନୁଭବୀମାନେ କହିଥାଆନ୍ତି।

### ଚିରନ୍ତନୀ

ଫାଟି ପଡ଼ିଥିଲା ନାଲି ଅନ୍ତର କା'ର
ସେ ବ୍ୟଥା ପରଶେ ତ୍ରିଭୁବନ ନାରଖାର
ଲୋହିତ ସେ ବ୍ୟଥା ଭାସଇ ପବନେ,
ଅରୁଣ ରାଗିଣୀ ଗଗନେ ଗଗନେ,
ସେ ବ୍ୟଥା ଏ ପ୍ରାଣେ ଉଠାଇଛି ହାହାକାର
ସକଳ ଅଙ୍ଗେ ରକତ-ଚୁମ୍ବ ତା'ର।
(ଲୋହିତ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୨୯ ସେପ୍ଟେମ୍ବର ୧୯୯୩

- କେନ୍ଦ୍ର ଅର୍ଥମନ୍ତ୍ରୀ ମନମୋହନ ସିଂ ୧୯୯୭ ବର୍ଷ ପାଇଁ ବିଶ୍ୱର ସର୍ବଶ୍ରେଷ୍ଠ ଅର୍ଥମନ୍ତ୍ରୀ ଭାବେ ସମ୍ମାନିତ
- ନିଖିଳ ଭାରତ ମୋଟର ପରିବହନ କଂଗ୍ରେସ ନେତୃତ୍ୱରେ ୧୫ ଦିନ ଧରି ଚାଲି ଆସୁଥିବା ଦେଶବ୍ୟାପୀ ଟ୍ରକ ଧର୍ମଘଟ ପ୍ରତ୍ୟାହୃତ।

## ପାଠକ ଶ୍ରେଷ୍ଠ ବିଚାରକ

### ଅସୁରକ୍ଷିତ ବରିଷ୍ଠ ନାଗରିକ

ମହାଶୟ,

ରାଜ୍ୟର ମୋଟ ଜନସଂଖ୍ୟାର ଏକ ପଞ୍ଚମାଂଶ ବରିଷ୍ଠ ନାଗରିକ ସୁରକ୍ଷିତ ନୁହନ୍ତି। ବୟସର ଅପରାହ୍ଣରେ ସେମାନେ ଅସହାୟ ହୋଇପଡୁଛନ୍ତି। ପୁଅ, ବୋହୂ ଓ ପରିବାରର ଅନ୍ୟ ସଦସ୍ୟଙ୍କ ଦ୍ୱାରା ଶାରୀରିକ ଏବଂ ମାନସିକ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ନୀତି ଏକପ୍ରକାର ବିଫଳ ହୋଇଛି। ସରକାରଙ୍କ ପ୍ରଦତ୍ତ ବାର୍ଦ୍ଧକ୍ୟ ଭତ୍ତା ସମସ୍ତଙ୍କ ପାଖରେ ପହଞ୍ଚିପାରୁନି। ସମାଜ ଓ ପରିବାରରୁ ତଡା ଖାଉଥିବା ସମସ୍ତ ବରିଷ୍ଠ ନାଗରିକଙ୍କ ପାଇଁ ବୃଦ୍ଧାଶ୍ରମ ନାହିଁ। ତେଣୁ ସରକାର ପ୍ରତି ବ୍ଲକ୍‌ରେ ଜରାନିବାସ ନିର୍ମାଣ କରନ୍ତୁ। ବରିଷ୍ଠ ନାଗରିକମାନଙ୍କୁ କିଭଳି ବ୍ୟବହାର କରାଯିବା ଉଚିତ ସେ ନେଇ ସ୍କୁଲ, କଲେଜରେ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା ଦିଆଯାଉ। ବୃଦ୍ଧ ପିତାମାତାଙ୍କୁ ଅବହେଳା କରୁଥିବା ପୁଅମାନଙ୍କୁ ଦଣ୍ଡ ଦିଆଯିବାର ବ୍ୟବସ୍ଥା କରାଯାଉ।

ଭଗବାନ ଦାସ, ଅବସରପ୍ରାପ୍ତ ଶିକ୍ଷକ, ନାରାୟଣପୁର, କେନ୍ଦ୍ରାପଡ଼ା

### ରୋହିଙ୍ଗ୍ୟା ଭାରତ ପ୍ରତି ବିପଦ

ଭାରତ ହେଉଛି ଭାରତୀୟଙ୍କର। ଏହି ଦେଶର ସମ୍ବଳ ଏହି ଦେଶର ଅଧିବାସୀଙ୍କ କଲ୍ୟାଣରେ ବିନିଯୋଗ ହେବା କଥା। ରୋହିଙ୍ଗ୍ୟାମାନେ ଆମ ଦେଶକୁ ହଜାର ହଜାର ସଂଖ୍ୟାରେ ଅବୈଧ ଭାବରେ ଅନୁପ୍ରବେଶ କରିଆସୁଛନ୍ତି। ସେମାନେ ଆମ ଦେଶର ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରୁଛନ୍ତି। ଏସବୁ କଥା ଧରିତ୍ରୀ (୧୪।୦୯)ରେ ବିପିନ ବିହାରୀ ମିଶ୍ରଙ୍କ 'ରୋହିଙ୍ଗ୍ୟା ସମସ୍ୟା ଓ ଭାରତ' ଶୀର୍ଷକ ଲେଖାରୁ ଜଣାପଡୁଛି। ଆମ ଦେଶର ଅନେକ ନେତା ନିଜର ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ପାଇଁ ସେମାନଙ୍କୁ ପ୍ରଶ୍ରୟ ଦେବା ଦୁର୍ଭାଗ୍ୟଜନକ। ଅନେକ ଆତଙ୍କବାଦୀ ସଂଗଠନ ସହ ରୋହିଙ୍ଗ୍ୟା ଅନୁପ୍ରବେଶକାରୀଙ୍କର ସମ୍ପର୍କ ଥିବା ସତ୍ତ୍ୱେ ଆମ ଦେଶରେ ସେମାନଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରାଯିବା ଆତ୍ମଘାତୀ ହେବାକୁ ଯାଉଛି। ଧରିତ୍ରୀ ତଥା ପ୍ରାବନ୍ଧିକ ମିଶ୍ରଙ୍କୁ ଅଶେଷ ଧନ୍ୟବାଦ ଯେ ରୋହିଙ୍ଗ୍ୟା ସମସ୍ୟା ସମ୍ପର୍କିତ ଏକ ଜଟିଳ ଓ ସମ୍ବେଦନଶୀଳ ପ୍ରସଙ୍ଗକୁ ଯଥାର୍ଥ ରୂପେ ପାଠକମାନଙ୍କଠାରେ ଉପସ୍ଥାପନ କରିଛନ୍ତି।

ସତ୍ୟ ନାରାୟଣ ପାଣିଗ୍ରାହୀ, ପ୍ୟାଲେସ ଲାଇନ, ବଲାଙ୍ଗୀର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଭାରତ ଆସୁଛନ୍ତି ପୁଟିନ୍



**ନୂଆଦିଲ୍ଲୀ, ୨୮।୯(ଆଇଏଏନ୍ଏସ୍):** ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଆସନ୍ତା ମାସ ଭାରତ ଗସ୍ତରେ ଆସୁଛନ୍ତି। ଅକ୍ଟୋବର ୪ ଏବଂ ୫ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଭାରତ-ରୁଷିଆ ବାର୍ଷିକ ଦ୍ୱିପାକ୍ଷିକ ଆଲୋଚନାରେ ସେ ସାମିଲ ହେବେ। ଶୁକ୍ରବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏନେଇ ଘୋଷଣା କରାଯାଇଛି। ପୁଟିନ୍ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିବା ସହ ଏକାଧିକ ଚୁକ୍ତି ସ୍ୱାକ୍ଷର କରିବେ ବୋଲି କ୍ରେମ୍ଲିନ ପ୍ରେସ୍ ସର୍ଭିସ୍ ସୂତ୍ରରୁ ଜଣାପଡ଼ିଛି।

### ହ୍ରଦରେ ଓହ୍ଲାଇଲା ବିମାନ

**ମାଜୁରୋ,୨୮।୯(ପି.ଟି.):** ପାଣିରେ ପହଁରିଲେ ବିମାନଯାତ୍ରୀ। ପ୍ରଶାନ୍ତ ମହାସାଗରୀୟ ମାର୍ଶାଲ ଦ୍ୱୀପାଞ୍ଚଳରେ ଶୁକ୍ରବାର ଏଭଳି କିଛି ଦୃଶ୍ୟ ଦେଖିବାକୁ ମିଳିଛି। ଅବତରଣ ବେଳେ ସମସ୍ୟା ଦେଖାଯିବା ପରେ ଉପକୂଳବର୍ତ୍ତୀ ହ୍ରଦରେ ଓହ୍ଲାଇଛି ଯାତ୍ରୀବାହୀ ବିମାନ। ବିମାନଟି ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିବା ସହ ୩୫ ଯାତ୍ରୀ ଏବଂ ୧୨ କର୍ମଚାରୀ ନୂଆ ଜୀବନ ପାଇଛନ୍ତି। ଏୟାର୍ ନ୍ୟୁଗିନି ବୋଇଂ ୭୩୭-୮୦୦ ବିମାନ ପ୍ରଶାନ୍ତ ମହାସାଗରୀୟ ଉପାନ୍ତ ଦ୍ୱୀପ ମାଇକ୍ରୋନେସିଆର ୱିନୋ ବିମାନବନ୍ଦରରେ ଶୁକ୍ରବାର ଅବତରଣ କରିବାକୁ ଚେଷ୍ଟା କରୁଥିବା ବେଳେ ସେଥିରେ କିଛି ସମସ୍ୟା ଦେଖା ଦେଇଥିଲା। ବିମାନବନ୍ଦରରେ ପହଞ୍ଚିବା ପୂର୍ବରୁ ବିମାନଟି ଚୁକ୍ ହ୍ରଦରେ ଅବତରଣ କରିଥିଲା। ଧୀରେ ଧୀରେ ଏହା ବୁଡ଼ିବା ଆରମ୍ଭ କରିଥିଲା। ପାଣି ସେତେ ଗଭୀର ନ ଥିଲା। ତଥାପି ବିମାନର ଅଧିକାଂଶ ଅଂଶ ବୁଡ଼ିଯାଇଥିଲା। ଏହାପରେ ଉଦ୍ଧାରକାରୀ ବୋଟ୍‌ରେ ବିମାନ ଭିତରୁ ଯାତ୍ରୀଙ୍କୁ ବାହାର କରାଯାଇଥିଲା। କେତେକ ଯାତ୍ରୀ ବିମାନରୁ ବାହାରି ପହଁରିବା ମଧ ଆରମ୍ଭ କରି ଦେଇଥିଲେ। ତେବେ ଏଥିରେ କେତେଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି। କାହାକୁ ଗଭୀର ଆଘାତ ଲାଗି ନ ଥିବା ଏୟାର୍ ନ୍ୟୁଗିନି ପକ୍ଷରୁ ସୂଚନା ଦିଆଯାଇଛି।

### ଇଣ୍ଡୋନେସିଆରେ ଶକ୍ତିଶାଳୀ ଭୂକମ୍ପ, ସୁନାମି ଆଶଙ୍କା

**ଜାକର୍ତ୍ତା,୨୮।୯(ପି.ଟି.):** ଇଣ୍ଡୋନେସିଆର ସୁଲାୱେସି ଦ୍ୱୀପରେ ଶୁକ୍ରବାର ଶକ୍ତିଶାଳୀ ଭୂକମ୍ପ ସଂଘଟିତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୭.୫ ରହିଥିଲା। ଏଥିରେ ବ୍ୟାପକ ମାତ୍ରାରେ ଘରଦ୍ୱାର ନଷ୍ଟ ହୋଇଥିବାବେଳେ ଏପର୍ଯ୍ୟନ୍ତ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟ ସାମ୍ନାକୁ ଆସିଛି। ଭୂକମ୍ପ ପରବର୍ତ୍ତୀ ଝଟକା (ଆଫ୍ଟର ଶକ୍) ମଧ ଶକ୍ତିଶାଳୀ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ଏଣୁ ଲୋକଙ୍କୁ ଘରେ ନ ରହି ଖୋଲାସ୍ଥାନରେ ରହିବା ଲାଗି ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ସୁନାମି ନେଇ ମଧ ସତର୍କ ସୂଚନା ଜାରି କରାଯାଇଛି। ଭୂକମ୍ପର ଉତ୍ପତ୍ତିସ୍ଥଳ ସୁଲାୱେସିର ଡୋଙ୍ଗାଲା ସହରଠାରୁ ୩୫ ମାଇଲ ଦୂର ଏବଂ ୧୦ କିଲୋମିଟର ଗଭୀର ବୋଲି ଆମେରିକା ଜିଓଲୋଜିକାଲ୍ ସର୍ଭେ ପକ୍ଷରୁ ସୂଚନା ଦିଆଯାଇଛି। ଭୂକମ୍ପ ସମ୍ପର୍କରେ ସୂଚନା ଦେବା ସହ ଉକ୍ତ ଅଞ୍ଚଳ ସହ ସବୁ ପ୍ରକାର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି ବୋଲି ଇଣ୍ଡୋନେସିଆ ବିପର୍ଯ୍ୟୟ ପରିଚାଳନା ଏଜେନ୍ସି ମୁଖପାତ୍ର ସୁତପୋ ପୂର୍ଓ୍ୱାନୁଗ୍ରହୋ ସୂଚନା ଦେଇଛନ୍ତି।

### ଇତିହାସର ଆଇନାରେ

### ସେପ୍ଟେମ୍ବର ୨୯ର ପ୍ରମୁଖ ଘଟଣା

୧୯୮୮ ସେପ୍ଟେମ୍ବର ୨୯ରେ ନାସା ପକ୍ଷରୁ ମହାକାଶକୁ ଏସ୍‌ଟିଏସ୍-୨୬ ପ୍ରେରଣ କରାଯାଇଥିଲା। ଏହା ହେଉଛି ନାସାର ୨୬ ତମ ସ୍ପେଶ୍ ଶଟଲ ମିଶନ୍। ଏହାକୁ ଫ୍ଲୋରିଡାର କେନେଡି ମହାକାଶ କେନ୍ଦ୍ରରୁ ପଠାଯାଇଥିଲା। ୪ ଦିନ ପରେ ଏହା ମହାକାଶରୁ ସଫଳତାର ସହ ଫେରିଆସିଥିଲା।

୨୦୧୩ ସେପ୍ଟେମ୍ବର ୨୯ରେ ନାଇଜେରିଆର କଲେଜ ଅଫ୍ ଏଗ୍ରିକଲଚରରେ ବୋକୋ ହାରାମ ଆତଙ୍କବାଦୀ ସଙ୍ଗଠନ ୪୨ ଛାତ୍ରଙ୍କୁ ହତ୍ୟା କରିଥିଲା। ମଧରାତ୍ରିରେ କଲେଜ ଛାତ୍ରବାସ ଭିତରେ ସମସ୍ତେ ଶୋଇଥିବା ବେଳେ ତାଙ୍କୁ ହତ୍ୟା କରାଯାଇଥିଲା।

■ ଭୀମା-କୋରେଗାଓଁ ମାମଲା: ସାମାଜିକ କର୍ମୀଙ୍କ ଗିରଫଦାରିକୁ ଚ୍ୟାଲେଞ୍ଜ

# ହସ୍ତକ୍ଷେପ କରିବେନି ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୮।୯(ପି.ଟି.)**

**ଏସ୍ଆଇଟି ଗଠନକୁ ନା**
- ■ ୫ ସାମାଜିକ କର୍ମୀଙ୍କ ଗୃହବନ୍ଦୀ ଅବଧି ୪ ସପ୍ତାହ ବଢ଼ିଲା
- ■ ମତଭେଦ ଯୋଗୁ ଗିରଫ କରାଯାଇ ନାହିଁ: ଅଦାଳତ
- ■ ୨:୧ ରାୟରେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ଭିନ୍ନ ମତ
- ■ ତଦନ୍ତରେ ଆଗେଇପାରିବ ପୁଣେ ପୋଲିସ





Vernon Gonsalves | Varavara Rao | Arun Ferreira | Gautam Navlakha | Sudha Bharadwaj

ଭୀମା-କୋରେଗାଓଁ ହିଂସା ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ୫ ସାମାଜିକ କର୍ମୀଙ୍କ ଗିରଫଦାରି ମାମଲାରେ ହସ୍ତକ୍ଷେପ କରିବାକୁ ଶୁକ୍ରବାର ସୁପ୍ରିମକୋର୍ଟ ମନାକରିଦେଇଛନ୍ତି। ପୋଲିସର କାର୍ଯ୍ୟାନୁଷ୍ଠାନ ଉପରେ ପ୍ରଶ୍ନ ଉଠାଇ ଅନେକେ ତଦନ୍ତ ଦାବି କରୁଛନ୍ତି। ଏଥିଲାଗି ସ୍ୱତନ୍ତ୍ର ତଦନ୍ତ ଟିମ୍ (ଏସ୍ଆଇଟି) ଗଠନ କରାଯାଉ ବୋଲି ମଧ ଆବେଦନରେ ଦର୍ଶାଯାଇଥିଲା। କିନ୍ତୁ ଏହାକୁ ଅଗ୍ରାହ୍ୟ କରିବା ସହ ଏସ୍ଆଇଟି ନିଯୁକ୍ତ କରିବେ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଦେଇଛନ୍ତି। ଏଥିସହିତ ସାମାଜିକ କର୍ମୀଙ୍କ ଗୃହବନ୍ଦୀ ଅବଧି ଆଉ ୪ ସପ୍ତାହ ଘୁଞ୍ଚାଇଦିଆଯାଇଛି। ବର୍ତ୍ତମାନ ତଦନ୍ତରେ ଆଗେଇବା ଲାଗି ପୁଣେ ପୋଲିସ ପାଇଁ ବାଟ ଫିଟିଯାଇଛି।

ଗତବର୍ଷ ଡିସେମ୍ବର ୩୧ରେ 'ଏଲ୍‌ଗାର ପରିଷଦ' କନ୍‌କ୍ଲେଭ ହେବା ପରେ ମହାରାଷ୍ଟ୍ରରେ ଭୀମା କୋରେଗାଓଁ ହିଂସା ଘଟିଥିଲା। ଘଟଣା ପଛରେ ଏକ ଲମ୍ବା ନେଟ୍‌ୱର୍କର ହାତ ରହିଥିବା ପୋଲିସ ସନ୍ଦେହ କରୁଥିଲା। ଏହାପରେ ଏତଲାକୁ ଭିତ୍ତି କରି ଗତ ଅଗଷ୍ଟ ୨୮ରେ ମହାରାଷ୍ଟ୍ର ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୫ ସାମାଜିକ କର୍ମୀଙ୍କୁ ଗିରଫ କରିଥିଲା। ଅଗଷ୍ଟ ୨୯ରୁ ସେମାନେ ଗୃହବନ୍ଦୀ ଅଛନ୍ତି। ଏମାନଙ୍କୁ 'ସହରୀ ମାଓବାଦୀ' ବୋଲି କୁହାଯାଉଛି। ସାମାଜିକ କର୍ମୀଙ୍କ ଗିରଫଦାରି ଉଦ୍ଦେଶ୍ୟମୂଳକ କାର୍ଯ୍ୟାନୁଷ୍ଠାନ ବୋଲି ଦର୍ଶାଇବା ସହ ସେମାନଙ୍କୁ ତୁରନ୍ତ ମୁକ୍ତ କରାଯାଉ ବୋଲି ଦାବିକରି କେତେଜଣ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶୁକ୍ରବାର ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠ ରାୟ ପ୍ରକାଶ କରିଛନ୍ତି। ୨:୧ ରାୟରେ କୋର୍ଟ ସାମାଜିକ କର୍ମୀଙ୍କୁ ମୁକୁଳାଇବା ଲାଗି ହୋଇଥିବା ଆବେଦନକୁ ଖାରଜ କରିଦେଇଛନ୍ତି। ଅଧିକନ୍ତୁ ବାର୍‌ବରା ରାଓ, ଅରୁଣ ଫେରିରା, ଭର୍ନନ ଗନ୍‌ସାଲ୍‌ଭସ୍, ସୁଧା ଭରଦ୍ୱାଜ ଏବଂ ଗୌତମ ନଭଲାଖା ଆଉ ୪ ଗୃହବନ୍ଦୀ ହୋଇ ରହିବେ ବୋଲି କୋର୍ଟ ସ୍ପଷ୍ଟ କରିଦେଇଛନ୍ତି। ଇତିମଧରେ ସେମାନେ ଆଶ୍ୱସ୍ତି ଲାଭ ପାଇଁ ଉପଯୁକ୍ତ ନ୍ୟାୟିକ ଫୋରମ୍‌ର ସାହାଯ୍ୟ ନେଇପାରିବେ।

ଖଣ୍ଡପୀଠର ସଂଖ୍ୟାଗରିଷ୍ଠ ଅର୍ଥାତ୍ ଦୁଇ ସଦସ୍ୟ କହିଛନ୍ତି ଯେ, ଅଭିଯୁକ୍ତମାନଙ୍କ ବିରୋଧରେ ହୋଇଥିବା ମାମଲାର ତଦନ୍ତ କେଉଁ ସଂସ୍ଥା କରିବା ଉଚିତ ତାହା ସେମାନେ ନିଜେ ସ୍ଥିର କରିପାରିବେ ନାହିଁ। ତା'ଛଡ଼ା ରାଜନୈତିକ ମତଭେଦକୁ ନେଇ ଏହି ଗିରଫଦାରି ହୋଇ ନାହିଁ। ପ୍ରଧାନ ବିଚାରପତି ଏବଂ ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକର ଏହି ମତ ରଖିଥିବାବେଳେ ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଭିନ୍ନ ମତ ଦେଇଛନ୍ତି। ଅନ୍ୟ ଦୁଇ ବିଚାରପତିଙ୍କ ସହ ସେ ଏକମତ ନ ଥିବା ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଛନ୍ତି। ସେ କହିଛନ୍ତି ଯେ, ସରକାର ବିରୋଧରେ ସ୍ୱର ଉଠାଉଥିବାରୁ କଠୋର ବାମପନ୍ଥୀ ତଥା ଲେଖକ ବାର୍‌ବରାଙ୍କ ସମେତ ୫ ସାମାଜିକ କର୍ମୀଙ୍କୁ ଗିରଫ କରାଯାଇଛି। ମତଭେଦ ପ୍ରଗତିଶୀଳ ଗଣତନ୍ତ୍ରର ପ୍ରତୀକ।

ଐତିହାସିକ ରୋମିଲା ଥାପରଙ୍କ ସମେତ ଅର୍ଥନୀତିଜ୍ଞ ପ୍ରଭାତ ପଟ୍ଟନାୟକ, ଦେବକୀ ଜୈନ, ସମାଜ ବିଜ୍ଞାନ ପ୍ରଫେସର ସତୀଶ ଦେଶପାଣ୍ଡେ ଏବଂ ମାନବିକ ଅଧିକାର ପାଇଁ ଲଢୁଥିବା ଆଇନଜୀବୀ ମଜା ଦାରୁୱାଲା ଜନସ୍ୱାର୍ଥ ଆବେଦନ (ପିଆଇଏଲ୍) ଦାଏର କରିଥିଲେ। ସାମାଜିକ କର୍ମୀଙ୍କୁ ବନ୍ଦୀ ଜୀବନରୁ ମୁକ୍ତିଦେବା ସହ ପୋଲିସ କାର୍ଯ୍ୟାନୁଷ୍ଠାନର ପ୍ରକୃତ କାରଣ ଜାଣିବା ଲାଗି ସ୍ୱତନ୍ତ୍ର ତଦନ୍ତ ହେଉ ବୋଲି ସେମାନେ ଦର୍ଶାଇଥିଲେ। କିନ୍ତୁ ଏହାକୁ ଅଗ୍ରାହ୍ୟ କରି କୋର୍ଟ କହିଛନ୍ତି, ସାମାଜିକ କର୍ମୀଙ୍କୁ ମତଭେଦ କିମ୍ବା ବିକ୍ଷୋଭ ପ୍ରଦର୍ଶନ ପାଇଁ ଗିରଫ କରାଯାଇନାହିଁ। ବରଂ ସେମାନେ ବେଆଇନ ଘୋଷିତ ସିପିଆଇ(ମାଓବାଦୀ) ସଙ୍ଗଠନ ସହ ସମ୍ପୃକ୍ତ ଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେବେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ମତ ହେଲା, ଉପଯୁକ୍ତ ତଦନ୍ତ ନ କରି ଅଭିଯୁକ୍ତଙ୍କୁ ଅତ୍ୟାଚାର କରିବା ସମ୍ବିଧାନ ବିରୋଧୀ କାର୍ଯ୍ୟ। କାରଣ ସମ୍ବିଧାନ ସ୍ୱାଧୀନତାର ସହ ବଞ୍ଚିବାକୁ ଅଧିକାର ପ୍ରଦାନ କରିଛି। ତେଣୁ ଏହି ମାମଲାରେ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଏସ୍ଆଇଟି ତଦନ୍ତ ହେବା ଉଚିତ। ଏହି ପରିପ୍ରେକ୍ଷୀରେ ସେ ଗୁପ୍ତଚରଗିରି ଅଭିଯୋଗରେ ତୁଚ୍ଛାଟାରେ ଗିରଫ ହୋଇଥିବା ଇସ୍ରୋ ବୈଜ୍ଞାନିକ ନମ୍ବି ନାରାୟଣନ୍‌ଙ୍କ ଉଦାହରଣ ଦେଇଛନ୍ତି।

ସାମାଜିକ କର୍ମୀଙ୍କ ପକ୍ଷରୁ ମାମଲା ଲଢୁଥିବା ବରିଷ୍ଠ ଆଇନଜୀବୀ ଆନନ୍ଦ ଗ୍ରୋଭର, ଅଶ୍ୱିନୀ କୁମାର ଏବଂ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଯୁକ୍ତି ଦର୍ଶାଇଥିଲେ ଯେ, ଏହି ମାମଲା ସମ୍ପୂର୍ଣ୍ଣ ଭାବେ ମିଥ୍ୟା ଉପରେ ପର୍ଯ୍ୟବସିତ। ସାମାଜିକ କର୍ମୀଙ୍କ ସ୍ୱାଧୀନତାକୁ ସୁରକ୍ଷିତ ରଖିବା ଉଚିତ। ଏହାପରେ ଖଣ୍ଡପୀଠର ସଂଖ୍ୟାଗରିଷ୍ଠ ସଦସ୍ୟ କହିଛନ୍ତି ଯେ, ସାମାଜିକ କର୍ମୀଙ୍କ ବିରୋଧରେ ମିଛ ପ୍ରମାଣ ଯୋଗାଡ଼ କରାଯାଇଥିବା ସାମ୍ନାକୁ ଆସିଲେ ଯାଇ ଏସ୍ଆଇଟି ତଦନ୍ତ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇପାରନ୍ତି। ତେବେ ଏହି ରାୟ ଅତି ଦୁର୍ଭାଗ୍ୟଜନକ ବୋଲି ବାର୍‌ବରାଙ୍କ ପରିବାର ଲୋକେ କହିଛନ୍ତି।

> ସୁପ୍ରିମକୋର୍ଟଙ୍କ ରାୟ ପରେ ପୁଣେ ପୋଲିସ ଏବଂ ଦେଶବାସୀଙ୍କ ବିଜୟ ହୋଇଛି। ପୋଲିସର ତଦନ୍ତକୁ ଭିତ୍ତି କରି କୋର୍ଟ ନିଷ୍ପତ୍ତି ନେଇଥିବାରୁ ଏହାକୁ ଆମେ ସ୍ୱାଗତ କରୁଛୁ। ବିରୋଧୀଙ୍କ ସ୍ୱର ଦବାଇବା ପାଇଁ ରାଜନୈତିକ ପ୍ରଭାବ ପକାଯାଇପାରିବ ନାହିଁ କିମ୍ବା ଷଡ଼ଯନ୍ତ୍ର ରଚାଯାଇପାରିବନି ବୋଲି ଅଦାଲତ ସ୍ୱୀକାର କରିଛନ୍ତି।
> **- ଦେବେନ୍ଦ୍ର ଫଡ଼ନବିସ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ**



> ଦେଶ ପାଇଁ ଏହା ଏକ ଐତିହାସିକ ଦିବସ। ସୁପ୍ରିମକୋର୍ଟଙ୍କ ରାୟ ଭାଜପାର ଯୁକ୍ତିକୁ ସମର୍ଥନ କରିଛି ଏବଂ କଂଗ୍ରେସ ହାରିଯାଇଛି। ଦେଶର ନିରାପତ୍ତା ସହ ଖେଳୁଥିବା ରାହୁଲ ଗାନ୍ଧୀ ଲଜ୍ଜାରେ ମୁଣ୍ଡ ନୁଆଁଇବା ଉଚିତ।
> **- ସମ୍ବିତ ପାତ୍ର, ଭାଜପା ମୁଖପାତ୍ର**



■ ସର୍ଜିକାଲ ଷ୍ଟ୍ରାଇକକୁ ୨ବର୍ଷ

# ପରାକ୍ରମ ପର୍ବ ପାଳିତ

**ଯୋଧପୁର,୨୮।୯(ପି.ଟି)**

ସର୍ଜିକାଲ ଷ୍ଟ୍ରାଇକର ଦ୍ୱିତୀୟବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର 'ପରାକ୍ରମ ପର୍ବ'ର ଉଦ୍‌ଘାଟନ କରିଛନ୍ତି। ରାଜସ୍ଥାନର ବାଟେଲ ଏକ୍ସ ପଡିଆରେ ପହଞ୍ଚିବା ପରେ ମୋଦି କୋଣାର୍କ ୱାର ମେମୋରିଆଲରେ ଶହୀଦଙ୍କୁ ପୁଷ୍ପାଞ୍ଜଳି ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ସେନାର ପରାକ୍ରମ ଦେଖାଇବା ପାଇଁ ଏକ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ସହ ଏହି କାର୍ଯ୍ୟକ୍ରମରେ ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରାମନ୍ ଏବଂ ରାଜସ୍ଥାନର ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ଏବଂ ୩ ସେନା ମୁଖ୍ୟ ଉପସ୍ଥିତ ଥିଲେ। ପ୍ରଦର୍ଶନୀ ଶେଷ ହେବା ପରେ ମୋଦି ଏବଂ ସୀଥାରାମନ୍ ଯୋଧପୁର ବାୟୁସେନା ଘାଟିରେ କମାଣ୍ଡରଙ୍କ ମିଳିତ ସମ୍ମିଳନୀରେ ଯୋଗଦେଇଥିଲେ। ୨୦୧୬ ସେପ୍ଟେମ୍ବର ୨୯ରେ ନିୟନ୍ତ୍ରଣ ରେଖା ନିକଟରେ ଭାରତୀୟ ସେନାର ସର୍ଜିକାଲ ଷ୍ଟ୍ରାଇକ୍‌ରେ ପାକିସ୍ତାନର ୭ ଟି ଆତଙ୍କବାଦୀ ଲଞ୍ଚ ପ୍ୟାଡ୍‌କୁ ଧ୍ୱଂସ କରିଦିଆଯାଇଥିଲା। ସେବେଠାରୁ ଏହି ଦିନକୁ ସର୍ଜିକାଲ ଷ୍ଟ୍ରାଇକ୍ ଦିବସ ପାଳନ କରାଯାଉଛି।

# ଏନ୍‌ସିପି ଛାଡ଼ିଲେ ଅନ୍‌ୱର





**କଟିହାର/ନୂଆଦିଲ୍ଲୀ,୨୮।୯(ପି.ଟି.)**

- ■ ପାୱାର ରାଫାଲ୍ ଚୁକ୍ତିକୁ ସମର୍ଥନ କରିବା ପରେ ଦଳରେ ବିଦ୍ରୋହ
- ■ ଆଗୁଆ ସ୍ୱାଗତ ଜଣାଇଲା କଂଗ୍ରେସ

ରାଫାଲ୍ ଚୁକ୍ତିକୁ ନେଇ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧକ୍ଷ ଶରଦ ପାୱାର୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମର୍ଥନ ଜଣାଇବା ପରେ ଦଳରେ ବିଦ୍ରୋହର ସୂତ୍ରପାତ ଘଟିଛି। ଏଭଳି ମନ୍ତବ୍ୟ ପରେ ପାୱାର୍‌ଙ୍କୁ ବିରୋଧ କରି ଏନ୍‌ସିପି ସାଧାରଣ ସମ୍ପାଦକ ତାରିକ୍ ଅନ୍‌ୱର ଦଳ ଏବଂ ପାର୍ଲାମେଣ୍ଟ ସଦସ୍ୟ ପଦରୁ ଶୁକ୍ରବାର ଇସ୍ତଫା ଦେଇଛନ୍ତି। ନିଜ ନିର୍ବାଚନମଣ୍ଡଳୀ ବିହାରର କଟିହାରରୁ ଏକ ଖବରଦାତା ସମ୍ମିଳନୀରେ ଏନ୍‌ସିପିର ପ୍ରତିଷ୍ଠାତା ସଦସ୍ୟ ଅନ୍‌ୱର ଦଳର ସମସ୍ତ ପଦପଦବୀରୁ ଇସ୍ତଫା ଦେଇଥିବା ଘୋଷଣା କରିଛନ୍ତି।

ଅନ୍‌ୱର କହିଛନ୍ତି, ରାଫାଲ୍ ଯୁଦ୍ଧବିମାନକୁ ନେଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟ ଭୁଲ ନୁହେଁ ବୋଲି ସେ ମତ ଦେଇଥିଲେ। ତାଙ୍କର ଏଭଳି ମନ୍ତବ୍ୟରେ ମର୍ମାହତ। ଏଥିଲାଗି ସେ ଦଳ ଛାଡ଼ିଛନ୍ତି। ରାଫାଲ୍ ଚୁକ୍ତି ଦୁର୍ନୀତିର ତଦନ୍ତ ଲାଗି ଯୁଗ୍ମ ସଂସଦୀୟ କମିଟି (ଜେପିସି) ଗଠନ କରିବା ନେଇ କଂଗ୍ରେସ କରିଥିବା ଦାବିକୁ ଅନ୍‌ୱର ସମର୍ଥନ କରିଛନ୍ତି। ଏହି ପ୍ରସଙ୍ଗରେ ସରକାର ଶ୍ୱେତପତ୍ର ଆଣନ୍ତୁ ବୋଲି କହିଛନ୍ତି। ତେବେ ଏନ୍‌ସିପି ଛାଡ଼ିବା ପରେ ଅନ୍‌ୱର କଂଗ୍ରେସରେ ଯୋଗଦେବା ନେଇ ଚର୍ଚ୍ଚା ଚାଲିଥିବାବେଳେ ଭବିଷ୍ୟତ ରାଜନୈତିକ କାର୍ଯ୍ୟପନ୍ଥା ସ୍ଥିର କରି ନ ଥିବା ସେ କହିଛନ୍ତି। ଅନ୍‌ୱରଙ୍କ ଆଗାମୀ ପଦକ୍ଷେପକୁ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଥିବା କଂଗ୍ରେସ ଏମ୍‌ଏଲ୍‌ସି ପ୍ରେମ ଚାନ୍ଦ ମିଶ୍ର ପ୍ରକାଶ କରିଛନ୍ତି। ପ୍ରସଙ୍ଗରେ ସ୍ପଷ୍ଟୀକରଣ ରଖିଛନ୍ତି ତାଙ୍କ ଝିଅ ତଥା ଏମ୍‌ପି ସୁପ୍ରିୟା ସୁଲେ। ଏହାସହ ରାଫାଲ୍ ଦୁର୍ନୀତିର ଜେପିସି ତଦନ୍ତ ଦାବି କରିଛନ୍ତି ସୁଲେ। ସେ କହିଛନ୍ତି, ରାଫାଲ୍ ଦୁର୍ନୀତି ପ୍ରସଙ୍ଗରେ ପାୱାର୍ ଦେଇଥିବା ମନ୍ତବ୍ୟର ଭୁଲ ଅର୍ଥ ବାହାର କରାଯାଉଛି। ପ୍ରକୃତରେ ସେ ଘଟଣାର ଜେପିସି ତଦନ୍ତ ଦାବି କରିଥିଲେ। କିନ୍ତୁ ସାକ୍ଷାତ୍‌କାରରେ ପାୱାର ଉଠାଇଥିବା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଅଣଦେଖା କରାଯିବା ନୈରାଶ୍ୟଜନକ ବିଷୟ।

## ଫୁର୍‌ସତ

# ମୂଷା ଏଚ୍‌ଇଭି ଦ୍ୱାରା ମାନବ ଆକ୍ରାନ୍ତ

**ହଂକଂ:** ହଂକଂର ଜଣେ ବ୍ୟକ୍ତି ପ୍ରଥମ ଥର ପାଇଁ ମୂଷାରୋଗର ଭୂତାଣୁ 'ହେପାଟାଇଟିସ୍ ଇ ଭାଇରସ୍'(ଏଚ୍‌ଇଭି) ଦ୍ୱାରା ଆକ୍ରାନ୍ତ ହୋଇଥିବା ଜଣାପଡିଛି। ହଂକଂ ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯାଇଥିବା ନୂତନ ଗବେଷଣାରୁ ମିଳିଥିବା ସୂଚନା ଅନୁଯାୟୀ, ଏଭଳି ରୋଗ ମୂଷାଠାରୁ ମାନବକୁ ସଂକ୍ରମିତ ହେବା ବିଶ୍ୱରେ ପ୍ରଥମ ଘଟଣା। ଏହା ବିଶ୍ୱ ଜନସ୍ୱାସ୍ଥ୍ୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବୋଲି କୁହାଯାଉଛି। ର୍‍ୟାଟ୍ ଏଚ୍‌ଇଭି ମଣିଷକୁ ସଂକ୍ରମିତ କରି ରୋଗ ସୃଷ୍ଟି କରାଇଥାଏ। ର୍‍ୟାଟ୍ ହେପାଟାଇଟିସ୍ ଇ ଭାଇରସ୍ ମାନବ ହେପାଟାଇଟିସ୍ ଇ ଭାଇରସ୍‌ଠାରୁ ସମ୍ପୂର୍ଣ୍ଣ ଭିନ୍ନ।

ହଂକଂର ୫୬ବର୍ଷୀୟ ଜଣେ ବ୍ୟକ୍ତିଙ୍କଠାରେ ଏହି ରୋଗ ଚିହ୍ନଟ କରାଯାଇଛି। ଏହି ରୋଗ ଦ୍ୱାରା ଆକ୍ରାନ୍ତ ବ୍ୟକ୍ତିଙ୍କର ଲିଭର୍‌ର ସ୍ୱାଭାବିକ କାର୍ଯ୍ୟକ୍ଷମତା ହ୍ରାସ ପାଏ। ମୂଷା ଦ୍ୱାରା ସଂକ୍ରମିତ କୌଣସି



ଖାଦ୍ୟ ଖାଇବା ଦ୍ୱାରା ବ୍ୟକ୍ତିଜଣକ ସଂକ୍ରମିତ ହୋଇଥାଇପାରନ୍ତି ବୋଲି ଗବେଷକମାନେ କହିଛନ୍ତି। ଏ ସମ୍ପର୍କିତ ବିସ୍ତୃତ ରିପୋର୍ଟ ସାଉଥ୍ ଚାଇନା ମର୍ନିଂ ପୋଷ୍ଟରେ ପ୍ରକାଶ ପାଇଛି। ଏହି ବ୍ୟକ୍ତିଙ୍କ ଘର ବାହାରେ ମୂଷା ଉପଦ୍ରବର ସଂକେତ ମିଳିଥିଲା। ଚିକିତ୍ସା ପରେ ଉକ୍ତ ବ୍ୟକ୍ତି ବର୍ତ୍ତମାନ ସୁସ୍ଥ ଅଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ, ମାନବ ହେପାଟାଇଟିସ୍ ଇ ଭୂତାଣୁ ଦ୍ୱାରା ବିଶ୍ୱରେ ପ୍ରତିବର୍ଷ ୨୦ ନିୟୁତ ଲୋକ ଆକ୍ରାନ୍ତ ହୋଇଥାଆନ୍ତି। ସାଧାରଣତଃ ସଂକ୍ରମିତ ପାନୀୟ ଜଳ ଦ୍ୱାରା ଏହି ରୋଗ ବ୍ୟାପିଥାଏ। ଏହି ରୋଗରେ ଜ୍ୱରହେବା, ବାନ୍ତି ଲାଗିବା, ଜଣ୍ଡିସ୍ ହେବା ଭଳି ଲକ୍ଷଣ ପ୍ରକାଶ ପାଇବା ସହିତ କେତେକ କ୍ଷେତ୍ରରେ ଲିଭର କାର୍ଯ୍ୟ ହ୍ରାସ ପାଇଥାଏ।

# ସାଟେଲାଇଟ୍ ଅପର୍ଚୁନିଟି ରୋଭର ଦୃଶ୍ୟମାନ

**ୱାଶିଂଟନ୍:** ମଙ୍ଗଳ ଗ୍ରହରେ ପର୍ଯ୍ୟବେକ୍ଷଣକାରୀ ସାଟେଲାଇଟ୍ ଅପର୍ଚୁନିଟି ରୋଭର ଦୃଶ୍ୟମାନ ହୋଇଥିବା ନାସା ବୈଜ୍ଞାନିକମାନେ ସୂଚନା ଦେଇଛନ୍ତି। ପାଖାପାଖି ୧୦୦ ଦିନ ତଳେ ପ୍ରବଳ ଧୂଳିଝଡ ଯୋଗୁ ଏହା ଅଦୃଶ୍ୟମାନ ହୋଇ ରହିଥିଲା। ଧୂଳିର ଆସ୍ତରଣ ଯୋଗୁ ଏହା ଉପରେ ସୂର୍ଯ୍ୟାଲୋକ ପଡ଼ିପାରି ନ ଥିଲା। ନାସାର ମାର୍ସ ରିକନାଇସାନ୍ସ ଅର୍ବିଟର (ଏମ୍‌ଆରଓ)ରେ ଖଞ୍ଜାଯାଇଥିବା ଉଚ୍ଚ ରିଜୋଲ୍ୟୁଶନ୍‌ଯୁକ୍ତ କ୍ୟାମେରା ଦ୍ୱାରା ରୋଭର୍‌ର ଫଟୋ ଉଠାଇବା ସମ୍ଭବ ହୋଇଥିଲା। ଲୋହିତ ଗ୍ରହ ମଙ୍ଗଳର ପ୍ରିଜରଭେରାନ୍ସ ଉପତ୍ୟକାର ସ୍ଲୋପ୍ ଉପରେ ଅପର୍ଚୁନିଟି ଅବସ୍ଥାନ କରିଥିବା ନାସା ପକ୍ଷରୁ ଏକ ବିବୃତିରେ କୁହାଯାଇଛି। କିନ୍ତୁ ଅପର୍ଚୁନିଟିର ଭବିଷ୍ୟତ ବିଷୟରେ ବୈଜ୍ଞାନିକମାନେ କିଛି କହିପାରୁନାହାନ୍ତି। ଏହା ତ୍ରିଶଙ୍କୁ ଅବସ୍ଥାରେ ରହିଛି। କାରଣ ଦୀର୍ଘ ୧୪ବର୍ଷ ଧରି ସୌରଶକ୍ତି ଦ୍ୱାରା ଚାଳିତ ରୋଭରଠାରୁ କୌଣସି ବାର୍ତ୍ତା ମିଳିପାରି ନାହିଁ।

ସେପ୍ଟେମ୍ବର ୨୦ରେ ମଙ୍ଗଳର ପୃଷ୍ଠଦେଶଠାରୁ ୨୬୭ କିଲୋମିଟର ଉଚ୍ଚତାରୁ ମାର୍ସ ଅର୍ବିଟର ଦ୍ୱାରା ରୋଭର୍‌ର ଫଟୋ ଉଠାଯାଇଥିଲା।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ ହୋଇପାରେ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୪ | ୨୫.୨ |
| ଚାନ୍ଦବାଲି | ୩୫.୨ | ୨୫.୪ |
| କଟକ | ୩୪.୦ | ୨୪.୨ |
| ପାରାଦ୍ୱୀପ | ୩୩.୦ | ୨୭.୭ |
| ଭୁବନେଶ୍ୱର | ୩୪.୦ | ୨୫.୭ |
| ଗୋପାଳପୁର | ୩୩.୪ | ୨୬.୫ |
| ପୁରୀ | ୩୪.୨ | ୨୮.୦ |
| ଅନୁଗୋଳ | ୩୩.୧ | ୨୨.୦ |
| ବାରିପଦା | ୩୪.୦ | ୨୪.୦ |
| ଝାରସୁଗୁଡ଼ା | ୩୫.୪ | ୨୫.୦ |
| କେନ୍ଦୁଝର | ୩୨.୭ | ୨୨.୯ |
| ସମ୍ବଲପୁର | ୩୫.୪ | ୨୫.୮ |
| ସୁନ୍ଦରଗଡ଼ | --- | ୨୦.୫ |
| ହୀରାକୁଦ | ୩୫.୩ | ୨୫.୫ |
| ତାଳଚେର | ୩୫.୦ | ୨୫.୫ |
| ଭବାନୀପାଟଣା | ୩୩.୦ | ୨୩.୫ |
| ବଲାଙ୍ଗୀର | ୩୫.୦ | ୨୫.୦ |
| କୋରାପୁଟ | ୨୯.୨ | ୧୯.୦ |
| ଫୁଲବାଣୀ | ୩୨.୦ | ୧୯.୮ |
| ଟିଟିଲାଗଡ଼ | ୩୫.୦ | ୨୨.୫ |
| ମାଲକାନଗିରି | ୩୪.୦ | --- |
| ସୋନପୁର | ୩୫.୦ | ୨୪.୦ |
| ଦାରିଙ୍ଗିବାଡ଼ି | ୨୬.୦ | ୧୮.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍


## ଓଡ଼ିଶା ଜେନେରେଶନ ଫେଜ୍-୨ ଟ୍ରାନ୍ସମିଶନ ଲି଼ଃ

### ସର୍ବସାଧାରଣ ନୋଟିସ

**ଓଡ଼ିଶା ଜେନେରେଶନ ଫେଜ୍-୨ ଟ୍ରାନ୍ସମିଶନ୍ ଲିଃ ଝାରସୁଗୁଡ଼ା (ସୁନ୍ଦରଗଡ଼)- ରାୟପୁର ପୁଲ୍ ୭୬୫ କେଭି ଡିସି ଟ୍ରାନ୍ସମିଶନ୍ ଲାଇନ୍** ନିମନ୍ତେ ନିର୍ମାଣ କାମ ଶେଷ କରିଅଛି। ତେଣୁ ଭାରତୀୟ ବିଦ୍ୟୁତ୍ ଆଇନ ଅନୁଯାୟୀ ଜଣାଇଦିଆଯାଉଛି କି ଯେ **୩୦ ସେପ୍ଟେମ୍ବର ୨୦୧୮ଠାରୁ** ଯେକୌଣସି ସମୟରେ **୭୬୫ କିଲୋଭୋଲ୍ଟ ଉଚ୍ଚ କ୍ଷମତାସମ୍ପନ୍ନ କରେଣ୍ଟ** ସଞ୍ଚରଣ କରାଯିବ।

ଏହି ଲାଇନ୍ ଓଡ଼ିଶା ରାଜ୍ୟର ନିମ୍ନଲିଖିତ ଜିଲ୍ଲା/ତହସିଲ/ଗ୍ରାମ ମଧଦେଇ ଅତିକ୍ରମଣ କରାଯିବ।

**ସୁନ୍ଦରଗଡ଼ ଜିଲ୍ଲା: ତହସିଲ** – ଟାଙ୍ଗରପାଲି, ଲେଫ୍ରିପଡ଼ା, ହେମଗିର।

**ଗ୍ରାମ-** ଝରିଆପାଲି, ଟୁମ୍ବାପାଲି, ବେଲସରା, କାଲୋବାହାଲ, ବର୍ତ୍ତନକେଲା, ଟାଙ୍ଗରପାଲି, ଚକ୍ରାମାଳ, ବନ୍ଧପାଲି, ପର୍ବତବର୍ଣ୍ଣା, ରଙ୍ଗିଆମୁଣ୍ଡା, କେନାପାଲି, କୁର୍ଗା, ମହୁଲପାଲି, ପ୍ରଧାନପାଟ, ବୁଡ୍ରାକଟର, ତାରାଗଡ଼, ତିମିକିନଳା, ଅମତପାଣି, ସାନଝରିଆ, କୁନିଆଣି, ତେଲେନପାଲି, ରାଜବାହାଲ, ବନଡେଗା, ବଳଦ୍‌ବନ୍ଧ, ଗୁଞ୍ଜାଖୋଲ, ସିପୁକଚ୍ଛାର, ଡୁମାବାହାଲ, ବେହେରାମାଳ, ବାଞ୍ଜିକାଚର, କାହାଚୁଆ, କଦଳିଝରିଆ, ଦେଉଳି, ହଳଦିଖୋଲ, କୁଆଘର, ଥିଟାଇଟାଙ୍ଗର, ସାତଜୋରିଆ, ବିନ୍ଦୁଝରିଆ, ବଡ଼ଗୁଆଁମାଳ, ଲୁଥୁରକେଣ୍ଡ, କୁରୁମକେଲା, ଲେଫ୍ରିପଡ଼ା, ସୁରୁଗୁଡ଼ା, ଫିତାଭୂଇଁ, ଫୁଲଧୁଡ଼ି, ଛାଟେନପାଲି, ଉଜଳପୁର, ମହୁଲପାଲି, ତେଲେନଡିହି, ସାଲେଟିକ୍ରା, ବିଛୁଆବାହାଲ, ବଡ଼ଡିହି, ଚକ୍ରଧରପୁର, ଗିରିଙ୍ଗକେଲା, ବଂଶୀବାତ, ଗମ୍ଭାରିଡିହି, ବଡ଼ବେଉରା, କାହାଛୁଆଁ, ମହୁଲପାଲି, ଡୁମାବାହାଲ, କୁଲାବିରା, ହଳଦିଝରିଆ, ସାରଙ୍ଗିଝରିଆ, କାଲେଟପାଣି, ସୁମୁରା, ତିହୁରିଆ, ଗାଇକନପାଲି, ଟୋପାରିଆ, ପାଣ୍ଡିଅପାଲି, ମେନ୍ଦ୍ରା, ସମରପିଣ୍ଡା, କାନ୍ଧଧୁଡ଼ା, ଗିରିସିମା, ହଳଦିଝରିଆ, ଜାମକାଣୀ, ଜାମକାଣୀ ଆର୍.ଏଫ୍., ଟୁମିଖୋଲ, ସାନରମ୍ଭିଆ, ବାଞ୍ଜିଖଚର, ଲାଲବିଲୁଆଁ, ରନ୍‌ସରା, ଛଟକପୁର, ଲତାପାଣି, ଘୋଘରପାଲି, ବିଜହାନ, ଭୋଗ୍ରାକଚର, ମୁଣ୍ଡେଲଖେତ, ପୁଡାଝରିଆ, ବେଲଡିପା, ଚକ୍ରା, ବିଲେଇମୁଣ୍ଡା, ଗର୍ଜନଜୋର, ଲୁଆବାହାଲ, ଝାରପଲମ, ସମ୍ବରପିଣ୍ଡା, କୁଟାଡାଙ୍ଗରୀ, ଥିଉରିଆ, ମକଡ଼ିଖୋଲ, ମକଡ଼ିଖୋଲ, ଲେବଡ଼ାଜୋର, ପୋଡ଼ାଜଙ୍ଗଲ, ଝୁପରଙ୍ଗ, କୁଆଁରକେଲା, ଜାମଝରିଆ, ଗୋପାଳପୁର, ବଳବନ୍ଧ।

ସୁତରାଂ ଏହି ନୋଟିସ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ ଉକ୍ତ କ୍ଷମତାସମ୍ପନ୍ନ କରେଣ୍ଟ ପ୍ରବାହଠାରୁ ନିଜକୁ ଦୂରେଇ ରଖନ୍ତୁ । କୌଣସି ଟ୍ରାନ୍ସମିଶନ ଟାୱାର ଉପରକୁ ଚଢ଼ନ୍ତୁ ନାହିଁ କିମ୍ବା ଏହାର କୌଣସି ଅଂଶକୁ ଛୁଅନ୍ତୁ ନାହିଁ । ନଚେତ୍ ମର୍ମନ୍ତୁଦ ଦୁର୍ଘଟଣା ଘଟିପାରେ । ଯଦି କେହି ଏହି ନିର୍ଦ୍ଦେଶକୁ ଅମାନ୍ୟ କରେ ଏବଂ ଏହାଦ୍ୱାରା କୌଣସି ଦୁର୍ଘଟଣା ତଥା କୌଣସି ପ୍ରକାର କ୍ଷତି ଘଟେ ଏଥିପାଇଁ ଓଡ଼ିଶା ଜେନେରେଶନ ଫେଜ୍-୨ ଟ୍ରାନ୍ସମିଶନ୍ ଲିଃ କିମ୍ବା ଏହାର କୌଣସି କର୍ମଚାରୀ ଦାୟୀ ରହିବେନାହିଁ, ଯାହା କଡ଼ାକଡ଼ି ଭାବେ ପାଳନ କରାଯିବା ଆବଶ୍ୟକ।

**ପ୍ରକଳ୍ପ ମୁଖ୍ୟ**
ଓଡ଼ିଶା ଜେନେରେଶନ ଫେଜ୍-୨ ଟ୍ରାନ୍ସମିଶନ ଲିଃ

## ସଂକ୍ଷେପରେ

### ଡିଜେକୁ ଲଗାମ

ସମ୍ବଲପୁର,୨୮।୯(ବ୍ୟୁରୋ)-ଦୁର୍ଗାପୂଜା ମଣ୍ଡପ ଓ ଭଷାଣିରେ ଉଚ୍ଚ ଶବ୍ଦରେ ଡିଜେ ବାଜିପାରିବନି। ନ ହେଲେ ଏହା ଜବତ ହେବ। ଶୁକ୍ରବାର ଟାଉନ ଥାନା ପରିସରରେ ଦୁର୍ଗାପୂଜା ପାଇଁ ପୋଲିସ ପକ୍ଷରୁ ଆୟୋଜିତ ବୈଠକରେ ଏସ୍‌ପି ସଞ୍ଜୀବ ଅରୋରା ଏହା କହିଛନ୍ତି। ସୁରକ୍ଷା ଦୃଷ୍ଟିରୁ ପୂଜା ମଣ୍ଡପ ଓ ବିଭିନ୍ନ ସ୍ଥାନରେ ସିସି ଟିଭି କ୍ୟାମେରା ଲାଗିବ। ରାତି ୧୦ଟା ପୂର୍ବରୁ ମନୋରଞ୍ଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସାରିବାକୁ ଏସ୍‌ପି ଆରୋରା କହିଛନ୍ତି। ସହରର ୫୨ ଦୁର୍ଗପୂଜା କମିଟିର ସଦସ୍ୟ ଏହି ବୈଠକରେ ଯୋଗ ଦେଇ ନିଜ ନିଜ ମତ ରଖିଥିଲେ । ତେବେ ପୋଲିସକୁ ପୂଜା କମିଟି ପକ୍ଷରୁ ସହଯୋଗ କରାଯିବ।

### ଯୌତୁକ ନିର୍ଯାତନା ଅଭିଯୋଗରେ ସ୍ୱାମୀ ଅଟକ

ଧମା,୨୮।୯ (ଡି.ଏନ.ଏ.) ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗରେ ଧମା ଥାନା ପୋଲିସ ଜଣେ ବ୍ୟକ୍ତିଙ୍କୁ ଅଟକ ରଖିଛି। ଏହାସହ ଯୌତୁକ ସାମଗ୍ରୀ ମଧ ଜବତ ହୋଇଛି। ରେଙ୍ଗାଲି ଗ୍ରାମର ଜଣେ ଯୁବତୀ ଗତ ୪ ମାସ ତଳେ ଧମା ଥାନା ଅନ୍ତର୍ଗତ ବରଗାଁ ଗ୍ରାମରେ ସାମାଜିକ ରୀତିନୀତିରେ ବିବାହ ହୋଇଥିଲେ। ମାତ୍ର ବିବାହର ମାସେ ନ ପୂରୁଣୁ ସ୍ୱାମୀ ସ୍ତ୍ରୀ ମଧରେ ମନୋମାଳିନ୍ୟ ଘଟିଥିଲା। ସ୍ତ୍ରୀ ତାଙ୍କ ବାପ ଘରକୁ ଚାଲିଯାଇଥିଲେ । ଇତି ମଧରେ ୩ମାସ ବିତି ଯାଇଥିଲେ ସୁଦ୍ଧା ଉଭୟ ପକ୍ଷ ମଧରେ କୌଣସି ସମାଧାନର ବାଟ ଫିଟି ନ ଥିଲା। ଶେଷରେ ଶୁକ୍ରବାର ଯୁବତୀ ଜଣକ ଧମା ଥାନାରେ ଲିଖିତ ଭାବେ ଏକ ଯୌତୁକ ନିର୍ଯାତନା ଅଭିଯୋଗ କରିଥିଲେ। ପୋଲିସ ମାମଲା (୧୫୦/୧୮) ରୁଜୁ କରି ଯୌତୁକ ସାମଗ୍ରୀ ଜବତ କରିବା ସହ ସ୍ୱାମୀଙ୍କୁ ଅଟକ ରଖି ଅଧିକ ତଦନ୍ତ ଚଳାଇଛି।

### ସଚେତନତା ଶୋଭାଯାତ୍ରା

ସମ୍ବଲପୁର, ୨୮।୯ (ବ୍ୟୁରୋ) ଜିଲାସ୍ତରୀୟ ରେଡକ୍ରସ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏଥିରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ କଲେଜ (ଏନଏସିବି) ରେଡକ୍ରସ ୟୁନିଟର ୫୦ଜଣ ଛାତ୍ରୀଛାତ୍ର ସାମିଲ ହୋଇ ସହର ପରିକ୍ରମା କରିଥିଲେ । ରେଡକ୍ରସ କାଉନସିଲର୍ ଅଧାପକ ସୁରେଶ କୁମାର ଏକ୍କାଙ୍କ ନେତୃତ୍ୱରେ ଛାତ୍ରୀଛାତ୍ର ଜନସାଧାରଣଙ୍କୁ ସଚେତନ କରାଇଥିଲେ । କଲେଜ ଅଧକ୍ଷ ରବୀନ୍ଦ୍ର କୁମାର ପାଣିଗ୍ରାହୀ ମଧ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

### ମଠସାହି ଦୁର୍ଗା ପୂଜା କମିଟିର ଅସ୍ଥାୟୀ କାର୍ଯ୍ୟାଳୟ ଉଦ୍‌ଘାଟିତ

ଦେବଗଡ,୨୮।୯(ସ୍ୱ.ପ୍ର.) ମଠସାହି ଛକଠାରେ ଦୁର୍ଗା ପୂଜା କମିଟି ତରଫରୁ ଏକ ଅସ୍ଥାୟୀ କାର୍ଯ୍ୟାଳୟ ଶୁକ୍ରବାର ଉଦ୍‌ଘାଟନ କରାଯାଇଛି। ଶଙ୍କର ବେହେରା, ପ୍ରଫୁଲ୍ଲ ଝାଙ୍କର, ଗୌରୀଶଙ୍କର ଟାଲି, ହାଡିବନ୍ଧୁ ନାୟକ ପ୍ରମୁଖ ଏହାକୁ ଉଦ୍‌ଘାଟନ କରିଛନ୍ତି। କାର୍ତ୍ତିକେଶ୍ୱର ପଟ୍ଟନାୟକ, କାଳିଆ ମାଝି, ବିଜୟ ମେହେର, ବୁନୁ ଆଚାର୍ଯ୍ୟ, ଅରୁଣ ଟାଲି, ଶିବାଷିଶ ଝାଙ୍କର, ଶ୍ୟାମସୁନ୍ଦର ପଟ୍ଟନାୟକ, ପ୍ରଦୀପ କୁମାର ଦାସ, ସୁନ୍ଦରଲାଲ ଝାଙ୍କର, ବାପି ସାହୁ, ବାପୁନ ପଟ୍ଟନାୟକଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଏବଂ ସାହିବାସିନ୍ଦା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୩୨ ବର୍ଷ ହେବ ମଠ ସାହି ଛକରେ ଅସ୍ଥାୟୀ ଭାବେ ମାଁ ପୂଜା ପାଇ ଆସୁଥିଲେ। କନକ ଦୁର୍ଗା ମନ୍ଦିର ପ୍ରତିଷ୍ଠା ହେବା ପରେ ଗତବର୍ଷଠାରୁ ଉକ୍ତ ପୀଠରେ ନବରାତ୍ର ସହ ଦୁର୍ଗା ପୂଜା ଆୟୋଜନ ହେଉଛି।

### ଶୀତତାପ ନିୟନ୍ତ୍ରଣ ପ୍ରେକ୍ଷାଳୟ ଉଦ୍‌ଘାଟିତ

ସମ୍ବଲପୁର,୨୮।୯(ବ୍ୟୁରୋ) ଝାଡୁଆପଡା ବଡଦୁଆର ଆରଣ୍ୟକ ମଞ୍ଚ ଶୀତତାପ ନିୟନ୍ତ୍ରଣ ପ୍ରେକ୍ଷାଳୟ ଗୁରୁବାର ରାତିରେ ଉଦ୍‌ଘାଟିତ ହୋଇଯାଇଛି । ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରେକ୍ଷାଳୟ ଶୁଭାରମ୍ଭ କରିଥିଲେ । ବ୍ରହ୍ମପୁରା ଟ୍ରଷ୍ଟ ବୋର୍ଡ ସଭାପତି ସରୋଜ କୁମାର ଦଳପତ, ଟ୍ରଷ୍ଟ ସଭ୍ୟ ସୁଶାନ୍ତ କୁମାର ପୁରୋହିତ ଓ ଯୁବ ଉଦୟନ ସଭାପତି ସଞ୍ଜୟ କୁମାର ମିଶ୍ରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଭିଷେକ ମିଶ୍ର, ଶୁଭେନ୍ଦୁ ମିଶ୍ର, ମିଲୁ ପାଣିଗ୍ରାହୀ, ଧିନା ପ୍ରଧାନ, ଶୁଭେନ୍ଦ୍ର ପ୍ରଧାନ, ପାର୍ଥସାରଥି ମିଶ୍ର, ସୌମିତ୍ର ପୂଜାରୀ, ପ୍ରାଣରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ଅନଲାଇନରେ ଔଷଧ ବିକ୍ରିକୁ ବିରୋଧ




ଶୁକ୍ରବାର ସମ୍ବଲପୁର ଭିଏସଏସ ମାର୍ଗସ୍ଥିତ ଏକ ଔଷଧ ଦୋକାନ ସମ୍ମୁଖରେ ଧାରଣା ଦିଆଯାଇଛି ।



ଶୁକ୍ରବାର ଦେବଗଡ଼ରେ ଔଷଧ ଦୋକାନୀମାନେ ଧାରଣା ଦେଇଛନ୍ତି।

ସମ୍ବଲପୁର, ୨୮।୯ (ବ୍ୟୁରୋ)

ଇ-ଫାର୍ମାସୀ ଓ ଅନଲାଇନ ଔଷଧ ବିକ୍ରିକୁ ବିରୋଧ କରି ସମଗ୍ର ଦେଶରେ ଔଷଧ ଦୋକାନଗୁଡିକ ଶୁକ୍ରବାର ବନ୍ଦ ରହିଛି । ଅଖିଳ ଭାରତୀୟ ଔଷଧ ବ୍ୟବସାୟୀ ମହାସଂଘ ଆହ୍ୱାନରେ ୨୪ ଘଣ୍ଟିଆ ବନ୍ଦ କରାଯାଇଛି । ଏଥିରେ ସମ୍ବଲପୁର ଔଷଧ ଦୋକାନୀ ସଂଘ ସାମିଲ ହୋଇଛଥିଲା। ସକାଳ ୬ଟାରୁ ଭିଏସଏସ ମାର୍ଗଠାରେ ଏକ ଔଷଧ ଦୋକାନ ସମ୍ମୁଖରେ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା। ଏଥିରେ ସହରର ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନର ପ୍ରତିନିଧି ସାମିଲ ଥିଲେ । ପୂର୍ବାହ୍ନ ୧୧ଟାରେ ମୋଟର ସାଇକେଲ ରାଲି ସହର ପରିକ୍ରମା କରିଥିଲା । କାଁ ଭାଁ ଦୋକାନ ଖୋଲାଥିବାବେଳେ ଅନ୍ୟ ସମସ୍ତ ସଂପୂର୍ଣ୍ଣ ବନ୍ଦ ରହିଥିଲା । ଫଳରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହୋଇଥିଲେ। କିନ୍ତୁ ଗମନାଗମନ, ଶିକ୍ଷା, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦପ୍ତର, ବ୍ୟାଙ୍କ ଗୁଡିକ ଖୋଲା ରହିଥିଲା । ସମ୍ବଲପୁର ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଓ ସମ୍ବଲପୁର ଜିଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ୍ ପକ୍ଷରୁ ଏହି ବନ୍ଦ ଡାକରା ଦିଆଯାଇଥିଲା। ସୂଚାଯୋଗ୍ୟ ଯେ, କେନ୍ଦ୍ର ସରକାରଙ୍କ ଔଷଧ ବ୍ୟବସାୟ ମାରଣନୀତି ଯୋଗୁ ଦେଶର ୮ଲକ୍ଷ ଔଷଧ ବ୍ୟବସାୟୀଙ୍କ ସମେତ ଓଡିଶାର ପ୍ରାୟ ୧୮ ହଜାର ବ୍ୟବସାୟୀ କ୍ଷତିଗ୍ରସ୍ତ ହୋଇ ଜୀବିକା ହରାଇବା ଆଶଙ୍କା ରହିଛି । ଇ-ଫାର୍ମାସୀ ଓ ଅନଲାଇନ୍ ଔଷଧ ବ୍ୟବସାୟ ହେଲେ ପ୍ରକୃତ ଔଷଧ ରୋଗୀ ଏବଂ ସର୍ବସାଧାରଣ ପାଖରେ ପହଞ୍ଚି ପାରିବ ନାହିଁ । ଅପରପକ୍ଷେ ଔଷଧର ଗୁଣବତ୍ତାକୁ ମଧ ବିଶ୍ୱାସରେ ନିଆଯିବ ନାହିଁ । ଇ-ଫାର୍ମାସୀରେ କୌଣସି କଟକଣା ନ ଥିବାରୁ ନିଶା ଔଷଧର କାରବାର ବୃଦ୍ଧି ହେବ । ରୋଗୀମାନେ ଠିକ ଔଷଧ ଖାଇବାରେ ସମସ୍ୟାର ସମ୍ମୁଖୀନ ହେବେ । ଜରୁରୀକାଳୀନ ସ୍ଥିତିରେ ଆବଶ୍ୟକ ହେଉଥିବା ଔଷଧ ରୋଗୀମାନଙ୍କୁ ମିଳିପାରିବ ନାହିଁ । ତେଣୁ ଇ-ଫାର୍ମାସୀକୁ ସଂପୂର୍ଣ୍ଣ ବନ୍ଦ କରାଯିବାକୁ ଅନ୍ଦୋଳନକାରୀ ପିକେଟିଂ କରିଥିଲେ। ସମ୍ବଲପୁର ଜିଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ୍ ସଭାପତି ପ୍ରଶାନ୍ତ କୁମାର ରଥ, ସମ୍ପାଦକ ଜୟପ୍ରକାଶ ତ୍ରିପାଠୀ, ଏସ. ଶିବ ପ୍ରସାଦ, ସମ୍ବଲପୁର ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ସଭାପତି ଅରୁଣ ପଟୁଆରି, ସମ୍ପାଦକ ଧନଜିତ ପଟେଲ, ଯଶବୀର ସିଂ ହୁରା ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଔଷଧ ଦୋକାନ ବନ୍ଦ କରାଯାଇଥିଲା ।

## ଔଷଧ ଦୋକାନ ବନ୍ଦ, ଲୋକେ ହଇରାଣ

ଦେବଗଡ,୨୮।୯(ସ୍ୱ.ପ୍ର.) ଅଲ ଇଣ୍ଡିଆ ଅର୍ଗାନାଇଜେସନ୍ ଅଫ୍ କେମିଷ୍ଟ ଆଣ୍ଡ୍ ଡ୍ରଗିଷ୍ଟ ଆସୋସିଏଶନର୍ ଆହ୍ୱାନ କ୍ରମେ ୭ ଦଫା ଦାବି ନେଇ ଦେଶବ୍ୟାପୀ ୮ ଲକ୍ଷରୁ ଊର୍ଦ୍ଧ୍ୱ ଔଷଧ ଦୋକାନ ବନ୍ଦ ରହିଥିଲା। ଏଣୁ ଶୁକ୍ରବାର ଦେବଗଡ ଜିଲା ସମେତ ସହରର ସମସ୍ତ ଔଷଧ ବ୍ୟବସାୟୀ ଏହାକୁ ସମର୍ଥନ କରିଥିଲେ। ଫଳରେ ଔଷଧ ଦୋକାନ ଗୁଡିକୁ ବନ୍ଦ ରହିଥିଲା। ଏହି ପରିପ୍ରେକ୍ଷୀରେ ଦେବଗଡ ଜିଲା କେମିଷ୍ଟ ଆଣ୍ଡ୍ ଡ୍ରଗିଷ୍ଟ ସଂଘର ସଭାପତି ମୋତିଲାଲ ଶର୍ମା ଓ ସଂପାଦକ ସରୋଜ କୁମାର ପାଢୀଙ୍କ ନେତୃତ୍ୱରେ କର୍ମକର୍ତ୍ତା ବୁଲି ବୁଲି ଔଷଧ ଦୋକାନ ବନ୍ଦ କରିବାପାଇଁ ବ୍ୟବସାୟୀମାନଙ୍କୁ ଅନୁରୋଧ କରିଥିଲେ। ଅନ୍ୟପକ୍ଷରେ ଏହି ଔଷଧ ଦୋକାନ ବନ୍ଦ ହୋଇଥିବା ଯୋଗୁ ଜନସାଧାରଣ ଲୋକେ ହଇରାଣ ହରକତ ହୋଇଥିଲେ। ଜିଲା ମୁଖ୍ୟ ଡାକ୍ତରଖାନା କ୍ୟାମ୍ପସରେ ଥିବା ୨ଟି ଔଷଧ ଦୋକାନ ଉପରେ ଲୋକେ ନିର୍ଭର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ କୁମାର ସାହୁ, ସୁନିଲ ଦାଶ, କ୍ଷୀରୋଦ କୁମାର ପ୍ରଧାନ, ବିଜୟ ପ୍ରଧାନ, ବିନୋଦ ବିହାରୀ ଦେବତା, ପ୍ରଣୟ ରଂଜନ ସାହୁ, ଦେବବ୍ରତ ସାହୁ , ଅଜୟ କୁମାର ନନ୍ଦ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଅନଲାଇନ୍ ଔଷଧ ବ୍ୟବସାୟକୁ ବିରୋଧ, ରୋଗୀଙ୍କୁ ଆବଶ୍ୟକ ଜରୁରୀ ଚିକିତ୍ସା ଓ ଔଷଧ ଯୋଗାଣରେ ସୁବିଧା, ଔଷଧର ସୁଷମ ବଣ୍ଟନ ଓ ଅଭାବକୁ ନିୟନ୍ତ୍ରଣ କରିବା, ଔଷଧ ବିକ୍ରୟ ଉପରେ ଅଯୌକ୍ତିକ ପ୍ରତିଯୋଗିତାକୁ ବିରୋଧ, ଖୁଚୁରା ଔଷଧ ବ୍ୟବସାୟୀଙ୍କ ଜୀବନ ଜୀବିକାର ସୁରକ୍ଷା, ଡାକ୍ତର, ଫାର୍ମାସିଷ୍ଟ ଓ ରୋଗୀଙ୍କ ମଧରେ ପରାମର୍ଶ ବ୍ୟବସ୍ଥା କାୟମ୍ ରଖିବା, ଯୁବ ସମାଜକୁ ନିଶା ଔଷଧ କବଳରୁ ବଞ୍ଚାଇ ରଖିବା ଇତ୍ୟାଦି ଦାବି କରାଯାଇଛି ।

### ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି

# ସହରରୁ ଗାଁରେ ପହଞ୍ଚିଲା ଆନ୍ଦୋଳନ

ସମ୍ବଲପୁର,୨୮।୯ (ବ୍ୟୁରୋ)

ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିରେ ଆନ୍ଦୋଳନ ତେଜିବାରେ ଲାଗିଛି । କୋର୍ଟ, କଚେରି ସମେତ ଜିଲାପାଳ, ଉପଜିଲାପାଳ, ତହସିଲଦାର, ଆରଆଇ ଅଫିସ ଗୁଡିକରେ ଓକିଲମାନେ ପିକେଟିଂ କରି ବନ୍ଦ କରୁଛନ୍ତି । ଆନ୍ଦୋଳନ ଗାଁରେ ପହଞ୍ଚିଛି । ଏଥିରେ ଗ୍ରାମବାସୀ ମଧ ସାମିଲ ହୋଇଛନ୍ତି । ଏହି କ୍ରମରେ ଗୁରୁବାର ରାତିରେ ସମ୍ବଲପୁର ଜିଲା କନଖଣ୍ଡା ଓ ତାଲବ ଗ୍ରାମରେ ଗ୍ରାମ ସମ୍ପର୍କ ଅଭିଯାନ ଆରମ୍ଭ ହୋଇଛି। ନାଗରିକ କ୍ରିୟାନୁଷ୍ଠାନ କମିଟି, ଚାଷୀ ସଂଗଠନ ଓ ଓକିଲ ସଂଘ ପ୍ରତିନିଧିମାନେ ଏଥିରେ ଯୋଗଦେଇ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ବିଷୟରେ ଆଲୋକପାତ କରିଥିଲେ। ସେମାନେ କହିଥିଲେ ଯେ, ପଶ୍ଚିମ ଓଡିଶାର ଜନସାଧାରଣଙ୍କ ଦାବିକୁ ରାଜ୍ୟ ଓ କେନ୍ଦ୍ର ସରକାର ଅଣଦେଖା କରୁଛନ୍ତି। ଲୋକଙ୍କ ଭାବାବେଗ ସହ ଖେଳ ଖେଳୁଛନ୍ତି । ଦୁଇ ସରକାର ନିଜ ଦୋଷ ଛଡାଇବାର କାମ କରୁଛନ୍ତି । ତେଣୁ ଏଥିରେ ଜନସାଧାରଣ ସାମିଲ ହେବାକୁ ଆହ୍ୱାନ ଦିଆଯାଇଥିଲା। ନାଗରିକ କ୍ରିୟାନୁଷ୍ଠାନ କମିଟିର ପ୍ରଫୁଲ୍ଲ କୁମାର ହୋତା, ସରୋଜ ଦାଶ, ଅଶୋକ ପ୍ରଧାନ, ମୁରାରୀ ପୁରୋହିତ, ଜିଲା ଓକିଲ ସଂଘ କ୍ରିୟାନୁଷ୍ଠାନ କମିଟି ଅଧ୍ୟକ୍ଷ ପ୍ରଦୀପ ବହିଦାର, ଅତନୁ ଘୋଷ, ଅରବିନ୍ଦ ନାୟକ ପ୍ରମୁଖ ସାମିଲ ଥିଲେ। ଅପରପକ୍ଷେ ଗ୍ରାମବାସୀ ଆନ୍ଦୋଳନକୁ ଦୁର୍ବାର କରାଯିବ ବୋଲି ମତବ୍ୟକ୍ତ କରିଥିଲେ।

#### ଧାରଣାରେ ପ୍ରେସ କ୍ଲବ

ସମ୍ବଲପୁର, ୨୮।୯(ବ୍ୟୁରୋ) ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିରେ ଓକିଲଙ୍କ ଆନ୍ଦୋଳନ ତେଜିବାରେ ଲାଗିଛି। ଶୁକ୍ରବାର ସମ୍ବଲପୁର ପ୍ରେସ କ୍ଲବ କର୍ମକର୍ତ୍ତା ଓ ସଭ୍ୟମାନେ ରାଲିରେ ସହର ପରିକ୍ରମା କରି ଧାରଣାସ୍ଥଳରେ ପହଞ୍ଚିଥିଲେ। କଚେରି ଛକ ଧାରଣାସ୍ଥଳରେ ଆଇନଜୀବୀ ଅରବିନ୍ଦ ନାୟକଙ୍କ ସଂଯୋଜନାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରେସ କ୍ଲବ କର୍ମକର୍ତ୍ତା ଓ ସଭ୍ୟମାନେ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ, ହାଇକୋର୍ଟ ବେଞ୍ଚ ପଶ୍ଚିମଓଡିଶାବାସୀଙ୍କ ନ୍ୟାଯ୍ୟ ଦାବି। ଏଣୁ ଓକିଲଙ୍କ ଆନ୍ଦୋଳନରେ ପ୍ରେସ କ୍ଲବ ସବୁବେଳେ ସହାୟତାର ହାତ ବଢାଇବ ବୋଲି କହିଥିଲେ। ଏତଦବ୍ୟତୀତ ସମ୍ବଲପୁର ଉଠା ଦୋକାନୀ ସଂଘ ଓ ସିଂହବାହିନୀ ମହିଳା ସମାଜ ସେବା ସଂଘ କର୍ମକର୍ତ୍ତା ମଧ୍ୟ ଧାରଣାରେ ସାମିଲ ହୋଇଥିଲେ।

## ମୁଁ ହିରୋ ମୁଁ ଓଡିଶା ରଥକୁ ସମ୍ବର୍ଦ୍ଧନା

ନାକଟିଦେଉଳ,୨୮।୯(ଡି.ଏନ.ଏ)

ନାକଟିଦେଉଳ କଲେଜରେ 'ମୁଁ ହିରୋ ମୁଁ ଓଡିଶା' ରଥ ପହଞ୍ଚିବା ପରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ନାକଟିଦେଉଳ ତଥା ସମଗ୍ର ରାଜ୍ୟ ପାଇଁ ଉଦାହରଣ ସୃଷ୍ଟି କରିଥିବା ଯୁବ ବୈଜ୍ଞାନିକ ଶେଷ କିସାନଙ୍କ ସମ୍ପର୍କରେ ଏକ ପ୍ରମାଣିକ ଚିତ୍ର ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ଟିମ୍ ପକ୍ଷରୁ ନାରୀ ଶିକ୍ଷା ଓ ଯୌତୁକ ପ୍ରଥା ସମ୍ପର୍କରେ ଏକ ନାଟକ ପ୍ରଦର୍ଶନ କରାଯାଇଥିଲା। ବିଡିଓ ମାଥୋଡିୟସ ଲାକ୍ରା ମୁଖ୍ୟଅତିଥି ଭାବେ ଯୋଗ ଦେଇଲେ । ଏଥିରେ ଯୁକ୍ତ ଦୁଇ ଅଧ୍ୟକ୍ଷ କନ୍ଦର୍ପ ରାଉଳ, ଯୁକ୍ତ ତିନି ଅଧ୍ୟକ୍ଷ ସୁଧୀର କୁମାର ସାହୁ, ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ରାଉଲ, କବିଶ ଅଗସ୍ତି, ପ୍ରକଳ୍ପ ଅଧିକାରୀ ଅକ୍ଷୟ ପାଢ଼ୀ ଏବଂ ବ୍ଲକ ସଂଯୋଜକ ଜିତେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିନା ଜୋତାରେ ଶ୍ରମିକ ଢାଳୁଛନ୍ତି ଗରମ ପିଚୁ

ସମ୍ବଲପୁର,୧୮।୯(ବ୍ୟୁରୋ)

ସମ୍ବଲପୁର-ଅନୁଗୋଳ ୫୫ନଂ. ଜାତୀୟ ରାଜପଥ ନିର୍ମାଣ କାମ କରୁଥିବା ଗାୟତ୍ରୀ ଇନଫ୍ରାଷ୍ଟ୍ରକଚର କମ୍ପାନୀ ଶ୍ରମିକ ସୁରକ୍ଷା ପ୍ରତି ଆଦୌ ସତର୍କ ନୁହେଁ। ଶୁକ୍ରବାର ଧନୁପାଲି-ନକ୍ସାପାଲି ରାସ୍ତା ନିର୍ମାଣ କାମରେ ଅସୁରକ୍ଷିତ ଭାବେ ଶ୍ରମିକମାନେ କାମ କରୁଥିବା ଦେଖା ଦେଇଛି। ରାସ୍ତା କାମରେ ନିୟୋଜିତ ଏହି ଶ୍ରମିକମାନେ ବିନା ଯୋତାରେ ଗରମ ପିଚୁ ପକାଉଥିଲେ। ସେମାନେ ଚପଲ ପିନ୍ଧି କାମ କରୁଥିଲେ। ତେବେ ଏ ସମ୍ପର୍କରେ ଠିକା କମ୍ପାନୀ ପ୍ରକଳ୍ପ ନିର୍ଦ୍ଦେଶକ ସୁବ୍ରମନିୟମ ରେଡ୍ଡୀ କହିଛନ୍ତି ଯେ, ଭୁଲ୍‌ରେ ଏମିତି ହୋଇଯାଇଥିବ । ଏଥିପ୍ରତି ଆଗକୁ ଦୃଷ୍ଟି ଦିଆଯିବ ବୋଲି ସେ ସଫେଇ ଦେଇଛନ୍ତି।

## ଜଳାତଙ୍କ ରୋଗ ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର, ୨୮।୯(ବ୍ୟୁରୋ)

ସମ୍ବଲପୁର ଜିଲା ପ୍ରାଣୀଧନ ଚିକିତ୍ସାଳୟ ପରିସରରେ ବିଶ୍ୱ ଜଳାତଙ୍କ ରୋଗ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରାଣୀଧନ ଚିକିତ୍ସାଧିକାରୀ ନବୀନ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଜଳାତଙ୍କ ରୋଗର ଭୟାବହତା, ନିରାକରଣ , ପ୍ରତିଷେଧକ ବ୍ୟବସ୍ଥା ଓ କୁକୁର କାମୁଡାର ଉପଚାର ବିଷୟରେ ଆଲୋକପାତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ପ୍ରଜାତିର ୫୬ଟି କୁକୁରଙ୍କୁ ମାଗଣାରେ ଟୀକା ପ୍ରଦାନ କରାଯାଇଥିଲା। ଡ. ବିନୋଦ କୁମାର ନାୟକ, ପ୍ରଶାନ୍ତ ଦାସ, ଡା. କ୍ଷୀରୋଦ ଚନ୍ଦ୍ର ପଟେଲ, ଡା. ମିରଶ୍ରୀ ପତି ନିଜ ନିଜ ବକ୍ତବ୍ୟ ରଖିଥିଲେ । ଡ. ଚନ୍ଦ୍ରଶେଖର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲାପାଳଙ୍କୁ ଦାବିପତ୍ର ବେଳେ ଉତ୍ତେଜନା

ଦେବଗଡ଼,୨୮।୯-(ସ୍ୱ.ପ୍ର.)

ଦେବଗଡ଼ ସହରର ଦେଇ ଯାଇଥିବା ୪୯ ନଂ. ଜାତୀୟ ରାଜପଥ ଅବସ୍ଥା ଶୋଚନୀୟ ହୋଇପଡିଛି। ଏଣୁ ଏହାର ମରାମତି ପାଇଁ ଦେବଗଡ ଜିଲା ବିକାଶ ମଞ୍ଚ ତରଫରୁ ଶୁକ୍ରବାର ଜିଲାପାଳ ସିଧାଂଶୁ ମୋହନ ସାମଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ୩ ଦିନ ଭିତରେ ପଦକ୍ଷେପ ନ ନେଲେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ହେଲେ ସଦ୍ୟସମାନଙ୍କୁ ଜିଲାପାଳଙ୍କ କାର୍ଯ୍ୟାଳୟ ଭିତରକୁ ଛଡ଼ା ନ ଯିବା ନେଇ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ଆବାହକ ସୁଧୀର ବ୍ରହ୍ମା, ବିପିନ ବିହାରୀ ନନ୍ଦ, ମାର୍କଣ୍ଡେଶ୍ୱର ଶତପଥୀ, ତାରିଣୀକାନ୍ତ ଦାଶ,ମୋତିଲାଲ ଶର୍ମା, ଦିବ୍ୟଶଙ୍କର ଦ୍ୱିବେଦୀ, ଚନ୍ଦ୍ର ଶେଖର ମହାପାତ୍ର,ରାଜେନ୍ଦ୍ର ଆଚାର୍ଯ୍ୟ, ଅଜିତ ନନ୍ଦ,ଚନ୍ଦନ ସୋନକାର,ଶୁଭାଶିଷ ଦେବତାଙ୍କ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

## ବାତିଲ ହେଲା ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

ନାକଟୀଦେଉଳ, ୨୮।୯(ଡି.ଏନ.ଏ.)

ସମ୍ବଲପୁ ଜିଲା ନାକଟୀଦେଉଳ ବ୍ଲକରେ ୨୯ ତାରିଖ ଶନିବାର ରାଜ୍ୟ ସରକାରଙ୍କ ପକ୍ଷରୁ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଆୟୋଜିତ ହେବାର ଥିଲା । ତେବେ ଶେଷ ମୁହୂର୍ତ୍ତରେ ଶୁକ୍ରବାର ସନ୍ଧ୍ୟାରେ ଏହି କାର୍ଯ୍ୟକ୍ରମ ବାତିଲ ହୋଇଛି। ପ୍ରଶାସନିକ ସ୍ତରରେ ଏଠାରେ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଥିଲା । କଲେଜ ଖେଳପଡିଆଠାରେ ଏଥିପାଇଁ ଟେଣ୍ଟ ଭିଡା ଯାଇଥିଲା । ସଭାସ୍ଥଳକୁ ଲୋକ କେମିତି ଆସିବେ ଏବଂ ସେଥି ସକାଶେ ଖାଦ୍ୟ ବ୍ୟବସ୍ଥା ମଧ୍ୟ କରା ଯାଇଥିଲା। ବିଭିନ୍ନ ସରକାରୀ ଅଧିକାରୀ, ଠିକାଦାର, ସରପଞ୍ଚ, ଜେଇମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ଏଥିପାଇଁ ସଂପୃକ୍ତ ବ୍ୟକ୍ତି ବିଶେଷ ଜୋରସୋରରେ ଲାଗି ପଡିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର ମଧ୍ୟ କରାଯାଇଥିଲା । କିନ୍ତୁ ଶେଷରେ ସବୁ ପାଣି ଫୋଟକା ଭଳି ମିଳେଇ ଗଲା। ଶୁକ୍ରବାର ନିର୍ଦ୍ଦେଶ ଆସିଲା କାର୍ଯ୍ୟକ୍ରମ ବାତିଲ ହେବ । ମୁଖ୍ୟମନ୍ତ୍ରୀ ଅସୁସ୍ଥ ଥିବା ହେତୁ ଦୁଇଦିନ ପାଇଁ କୌଣସି କାର୍ଯ୍ୟକ୍ରମରେ ଯୋଗ ଦେଇପାରିବେ ନାହିଁ । ତେବେ ଏଥିପାଇଁ ପରବର୍ତ୍ତୀ ତାରିଖ ସରକାରୀ ସ୍ତରରେ ଧାର୍ଯ୍ୟ କରାଯାଇ ଜଣାଇ ଦିଆଯିବ ବୋଲି ବିଡିଓ ମେଥୋଡିଆସ ଲାକ୍ରା କହିଛନ୍ତି।

# ପ୍ରଧାନମନ୍ତ୍ରୀ ଫସଲ ବୀମା ଦାବିରେ ଗଣଧାରଣା

ନାକଟିଦେଉଳ, ୨୮।୯ (ଡି.ଏନ.ଏ)

ସମ୍ବଲପୁର ଜିଲା ନାକଟିଦେଉଳ ଏବଂ ବଳମ ଗ୍ରାମ ପଞ୍ଚାୟତର ବୀମାଭୁକ୍ତ ଚାଷୀମାନଙ୍କୁ ଉପଯୁକ୍ତ ପ୍ରଧାନମନ୍ତ୍ରୀ ଫସଲ ବୀମା ସହାୟତା ରାଶି ପ୍ରଦାନ ଦାବିରେ ଶୁକ୍ରବାର ନାକଟିଦେଉଳ ଭାଜପା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ପରିସରରେ ଗଣଧାରଣା ଦିଆଯାଇଛି । ଗତ ଖରିଫ ଚାଷ ପାଇଁ ବଳମ ଗ୍ରାମ ପଞ୍ଚାୟତର ୫୮୦ ଜଣ ଚାଷୀଙ୍କ ୬୭୩.୪୨୯ ହେକ୍ଟର ଚାଷ ଜମି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିଲା । ଏଥିରେ ୧୭.୭୬ ପ୍ରତିଶତ ମରୁଡି ଘୋଷଣା ହୋଇଥିଲା । କିନ୍ତୁ ୬.୦୮୧ ପ୍ରତିଶତରେ ବୀମା ରାଶି ଚାଷୀଙ୍କୁ ମିଳିଛି । ସେହିପରି ନାକଟିଦେଉଳ ଗ୍ରାମ ପଞ୍ଚାୟତର ୪୬୫.୬୩୩୨ ହେକ୍ଟର ଚାଷ ଜମି ମରୁଡି ପ୍ରଭାବିତ ହୋଇଥିବା ସରକାରୀ ରିପୋର୍ଟରେ ଦର୍ଶାଯାଇଥିବା ବେଳେ ବୀମା କମ୍ପାନୀ ମାତ୍ର ୩୫.୧୮୯୯ ହେକ୍ଟର ଚାଷ ଜମି ପାଇଁ ବୀମା ରାଶି ଦେଇଛି । ରାଜ୍ୟ ସରକାର ଏବଂ ବୀମା କମ୍ପାନୀ ମଧ୍ୟରେ ମଧୁଚନ୍ଦ୍ରିକା ହେତୁ ଅଞ୍ଚଳର କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଉପଯୁକ୍ତ ବୀମା ସହାୟତା ଠାରୁ କମ୍ ସହାୟତା ପ୍ରଦାନ କରାଯାଇଛି ବୋଲି ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଏ ନେଇ ପୂର୍ବରୁ ଭାଜପା ପକ୍ଷରୁ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତେବେ କୌଣସି ପଦକ୍ଷେପ ପ୍ରଶାସନ ନ ନେବାରୁ ପୂର୍ବ ନିଷ୍ପତ୍ତି ଅନୁଯାୟୀ



ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣରତ କୃଷକ ଓ ଅନ୍ୟମାନେ।

ଶୁକ୍ରବାର ଏହି ଗଣଧାରଣା ଦିଆଯାଇଛି । ନାକଟିଦେଉଳ ବ୍ଲକର ଭାଜପା ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ଗଡତ୍ୟା, ସମିତି ସଭ୍ୟା ନେତ୍ରାନନ୍ଦ ରାଉଳଙ୍କ ନେତୃତ୍ୱରେ ହୋଇଥିବା ଏହି ଧାରଣାରେ ଭାଜପା ଜିଲା ଉପସଭାପତି ସମର କୁମାର ପ୍ରଧାନ, ଓବିସି ମୋର୍ଚ୍ଚାର ରାଜ୍ୟ କାଯର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ପ୍ରଧାନ, ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ଭାଜପା ନେତା ଅଗସ୍ତି ବେହେରା ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ କୃଷି ମାରଣାନୀତିକୁ ତୀବ୍ର ବିରୋଧ କରିଥିଲେ । ଏହି ଧାରଣାରେ ଅନ୍ୟମାନଙ୍କ ମଧ୍ୟରେ ବନମାଳୀ ମାଝୀ, କାଶିନାଥ ସାହୁ, ଚକ୍ରଧର ବିଶି, ଅଶୋକ ସାହୁ, ରଞ୍ଜନ ଭୁତିଆ, କଶ୍ୟପ ସାହୁ, ଭକ୍ତବନ୍ଧୁ ପ୍ରଧାନ, ଯୁବ ମୋର୍ଚ୍ଚା ସଭାପତି ଦୀପକ ସାହୁ, ପ୍ରମୋଦ ମାଝୀ, ଦେବାର୍ଚ୍ଚନ ସାହୁଙ୍କ ସମେତ ବଳମ ଏବଂ ନାକଟିଦେଉଳ ଗ୍ରାମ ପଞ୍ଚାୟତର ବହୁ କ୍ଷତିଗ୍ରସ୍ତ ଚାଷୀ ସାମିଲ ହୋଇଥିଲେ ।

#### ୫ମ ଦିନରେ ଚାଷୀ ଆନ୍ଦୋଳନ

ସମ୍ବଲପୁର,୨୮।୯(ବ୍ୟୁରୋ) ପ୍ରଧାନମନ୍ତ୍ରୀ ଫସଲ ବୀମା ଦାବିରେ ସମ୍ବଲପୁର କୃଷକ ସୁରକ୍ଷା ସଂଗଠନ ଆନ୍ଦୋଳନ ଶୁକ୍ରବାର ପଞ୍ଚମ ଦିନରେ ପହଞ୍ଚିଛି । ଠେମରା ମା ସମଲେଶ୍ୱରୀ କୃଷକ ସଂଗଠନ, ଉଠା ଦୋକାନୀ ସଂଘ ଓ ସିଂହବାହିନୀ ସମାଜ ସେବା ସଂଘ ଧାରଣାସ୍ଥଳରେ ସାମିଲ ହୋଇ ଚାଷୀମାନଙ୍କୁ ସମର୍ଥନ ଜଣାଇଛନ୍ତି । ରାମଚନ୍ଦ୍ର ମିଶ୍ର, ଅଶ୍ୱିନୀ ମହାପାତ୍ର, ରମାକାନ୍ତ ନାଥ, ବାବୁ ମିଶ୍ର, ବିଜୟ ପଣ୍ଡା, ନିଳାଦ୍ରୀ ବାରିକ, ଦିଲୀପ ନାଥ, ବିଶ୍ୱାଳ ପ୍ରଧାନ, ସଭାପତି ସାହୁ, ତ୍ରିଲୋଚନ ନାଥ, ଅଭିମନ୍ୟୁ ଦାଶ ପ୍ରମୁଖ ସାମିଲ ଥିଲେ । ଜଗଦୀଶ ବିଶ୍ୱାଳ, ଭରତ ସାହୁ, ସୁଧୀର ଗୁପ୍ତା, ହୀରା ମୁଣ୍ଡା, ଦ୍ରୌପଦୀ ନାୟକ, ମୀନା ରୋହିଦାସ, ସରସ୍ୱତୀ ସିଂ ପ୍ରମୁଖ ସାମିଲ ଥିଲେ ।



ଆମକୁ ପାପ କାର୍ଯ୍ୟ କରିବାରେ ଯିଏ ବାଧା ଦିଏ, ସେ ପ୍ରକୃତରେ ବନ୍ଧୁ।

- ଶଙ୍କରାଚାର୍ଯ୍ୟ

## ସଂକ୍ଷେପରେ

### ବିଶ୍ୱ ପର୍ଯ୍ୟଟନ ଦିବସରେ ଶୋଭାଯାତ୍ରା

**ସମ୍ବଲପୁର,୨୮।୯ (ବ୍ୟୁରୋ)**-ସମ୍ବଲପୁର ଜିଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବାଲିବନ୍ଧା ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ସ୍ଥଳରୁ ରାଲି ବାହାରି ରିଂ-ରୋଡ ପରିକ୍ରମା କରି ସମଲେଶ୍ୱରୀ ମନ୍ଦିରରେ ସମାପନ ହୋଇଥିଲା । ଏହି ଶୋଭାଯାତ୍ରାରେ ବରିଷ୍ଠ ନାଗରିକ, ଇନଟାକ୍ ସମ୍ବଲପୁର ଚାପଟର, ଭାରତ ବିକାଶ ପରିଷଦ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ସଭ୍ୟମାନେ ସାମିଲ ହୋଇଥିଲେ । ଡ. ସନ୍ତୋଷ କୁମାର ଦାଶ, ଅବସରପ୍ରାପ୍ତ ବିଚାରପତି ଗୋପରଞ୍ଜନ ଦୁବେ, ଡ. ବିନୋଦ ବିହାରୀ ନାୟକ, ଶ୍ୟାମସୁନ୍ଦର ଶର୍ମା, ଅନନ୍ୟା ନାୟକ, ଡ. ରାଜକୁମାର ବଡପଣ୍ଡା ପ୍ରମୁଖ ସାମିଲ ଥିଲେ। ସେହିପରି ସଞ୍ଚାର କଳାକାର ଶାନ୍ତିଲତା ବିଶ୍ୱାଳ ଓ ସାଥି ସାମିଲ ଥିଲେ।

### ୩୦ରେ ଓସାକା ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ

**ସମ୍ବଲପୁର, ୨୮।୯ (ବ୍ୟୁରୋ)**- ପଶ୍ଚିମ ଓଡିଶା ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ (ଓସାକା) ପକ୍ଷରୁ ସିକନ୍ଦରାବାଦର ଜେରାଷ୍ଟିଆନ୍ କ୍ଲବଠାରେ ଆସନ୍ତା ୩୦ ତାରିଖ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରବାସୀ ପଶ୍ଚିମ ଓଡିଶାବାସୀ ପ୍ରସ୍ତୁତି ଚୂଡାନ୍ତ କରିଛନ୍ତି । ଏଥିରେ ଓଡିଶା ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ଚଳଚ୍ଚିତ୍ର ନିର୍ଦ୍ଦେଶକ ଘଣ୍ଟେଶ୍ୱର ଗୁରୁ, ସଂସ୍କୃତି ବିଶାରଦ ଡ. ଘାଶିରାମ ମିଶ୍ର, କଣ୍ଠଶିଳ୍ପୀ ପଙ୍କଜ ଜାଲ, କଳାକାର ଚୌଧୁରୀ ବିଭାର ଯୋଗ ଦେବେ । ଘୁଡୁକା ବାଦ୍ୟ କଳାକାର ସାନ ବଡ, ବ୍ୟଙ୍ଗ କବି ଦେବେନ୍ଦ୍ର ସାହୁ, ନିହାରକାନ୍ତ ପଣ୍ଡା, ରେଣ୍ଟ୍ଣାରାଣୀ ଦାଶ ଯୋଗ ଦେବାକୁ ସ୍ଥିର ହୋଇଛି । ସୋନପୁର ପଇଁରି, ତୁଷୁରାର କୃଷ୍ଣପ୍ରିୟା କଳାପରିଷଦ କଳାକାରମାନେ ଲୋକନୃତ୍ୟ ପରିବେଷଣ କରିବେ । ଏକ ପ୍ରେସ ବିବୃତିରେ ଓସାକା ସାଧାରଣ ସମ୍ପାଦକ ରାମକୃଷ୍ଣ ବାରିକ, ସଭାପତି ପ୍ରଶାନ୍ତ ମେହେର ଏହି ସୂଚନା ଦେଇଛନ୍ତି।

### ମହମ୍ମଦପୁର ସ୍କୁଲ ପଡାରେ ବିବିଧ ସମସ୍ୟା

**ସମ୍ବଲପୁର,୨୮।୯(ବ୍ୟୁରୋ)**-ସମ୍ବଲପୁର ମହାନଗର ନିଗମ ୱାର୍ଡ ନମ୍ବର ୧୨ ଅନ୍ତର୍ଗତ ମହମ୍ମଦପୁର ଗ୍ରାମର ସ୍କୁଲ ପଡାବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହି ପଡାରେ କଂକ୍ରିଟ ରାସ୍ତା, ବିଦ୍ୟୁତ ଖୁଣ୍ଟ ଓ ଲାଇଟ ସଂଯୋଗ ହୋଇନାହିଁ । ସେହିପରି ଅମୃତ ଯୋଜନାରେ ବିଛା ଯାଇଥିବା ପାଣି ପାଇପ କାର୍ଯ୍ୟକାରୀ ହୋଇନାହିଁ । କମ୍ୟୁନିଟି ସେଣ୍ଟର ନ ଥିବାରୁ ସାମାଜିକ କାର୍ଯ୍ୟ କରିବାରେ ପଡାବାସୀ ବହୁବିଧ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସେହିପରି ପରିମଳ ବ୍ୟବସ୍ଥା ସଂପୂର୍ଣ୍ଣ ଭୁଷୁଡି ପଡିଛି । ଏ ନେଇ ଗୁରୁବାର ପଡାବାସୀ ସମ୍ବଲପୁର ମହାନଗର ନିଗମ କମିଶନର ବିମଳେନ୍ଦୁ ରାୟଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଆଗାମୀ ଦିନରେ ସମସ୍ୟା ସମାଧାନ ନ ହେଲେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି । ସ୍କୁଲ ପଡାବାସୀ ଗାନ୍ଧୀ ମେହେର, ଗୁରୁବାରି ମେହେର, କୁନୁ ମେହେର, ପ୍ରକାଶ ଓରାମ, ସୁଶିଲା ମେହେର, ଗୌରି ସେଠ, ମଙ୍ଗଲୁ ଓରାମ ପ୍ରମୁଖଙ୍କ ସ୍ୱାକ୍ଷର ପ୍ରଦତ୍ତ ଦାବିପତ୍ରରେ ରହିଛି। ବିଜେଡି ହୀରାକୁଦ ନଗର ସଭାପତି ଶାନ୍ତନୁ କୁମାର ବଡପଣ୍ଡାଙ୍କ ନେତୃତ୍ୱରେ ପ୍ରତିନିଧି ଦଳ କମିଶନର ବିମଳେନ୍ଦୁ ରାୟଙ୍କ ସହ ଆଲୋଚନା କରିଥିଲେ।

### ଆଇନ କଲେଜରେ ସାମାଜିକ ନ୍ୟାୟ ଦିବସ

**ସମ୍ବଲପୁର, ୨୮।୯ (ବ୍ୟୁରୋ)**- ଲଜପତ ରାୟ ଆଇନ କଲେଜରେ ସାମାଜିକ ନ୍ୟାୟ ଦିବସ ପାଳିତ ହୋଇଯାଇଛି । କଲେଜ ଅଧକ୍ଷ ଡ. ବିଜୟାନନ୍ଦ ବେହେରାଙ୍କ ଅଧକ୍ଷତାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ପ୍ରଫେସର ଶିବରାମ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ସେ କହିଥିଲେ ଯେ, ସମାଜରେ ସାମାଜିକ ଅସମାନତା ରହିଛି । ତେଣୁ ସାମାଜିକ ନ୍ୟାୟ ବ୍ୟବସ୍ଥାର ଆବଶ୍ୟକତା ରହିଛି । ଏହା ଦ୍ୱାରା ରାଜ୍ୟ ଓ ଦେଶର ଜନସାଧାରଣଙ୍କ ମଧ୍ୟରେ ସାମାଜିକ ନ୍ୟାୟ ବ୍ୟବସ୍ଥାକୁ ନେଇ ସଚେତନ ହୋଇପାରିବ । ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆଇନ ବିଭାଗ ପ୍ରାଧାପକ ପ୍ରଫେସର ସୁଧାଂଶୁରଞ୍ଜନ ମହାପାତ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରାଧାପକ ଡ. ବିକ୍ରମ କୁମାର ଦାଶ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ । ସେହିପରି ଡ. ଲକ୍ଷ୍ମୀକାନ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ଛାତ୍ରୀଛାତ୍ର, ଆଇନ ବିଶେଷଜ୍ଞ, ଆଇନଜୀବୀ ଓ ଶିକ୍ଷାବିତ ସାମିଲ ହୋଇଥିଲେ ।



ରେଢାଖୋଲରେ ଓକିଲମାନେ ଏବଂ ନାଗରିକ ମଞ୍ଚ ହାଇକୋର୍ଟ ବେଞ୍ଚ ଦାବିରେ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

■ ୨୩ ଦିନରେ ରେଢ଼ାଖୋଲ ଓକିଲଙ୍କ ଆନ୍ଦୋଳନ

# କୋର୍ଟ କଚେରି ସମ୍ପୂର୍ଣ୍ଣ ବନ୍ଦ

**ରେଢ଼ାଖୋଲ,୨୮।୯(ଡି.ଏନ.ଏ.)**

ପଶ୍ଚିମ ଓଡିଶାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ରେଢ଼ାଖୋଲ ଓକିଲ ସଂଘ ପକ୍ଷରୁ ଚାଲିଥିବା ଆନ୍ଦୋଳନ ୨୩ ଦିନରେ ପହଞ୍ଚିଛି। ଗତ ୬ ତାରିଖଠାରୁ ଆରମ୍ଭ ହୋଇଥିବା ଆନ୍ଦୋଳନ ଛୁଟି ଦିନ ବ୍ୟତିତ ପ୍ରତ୍ୟେକ କାର୍ଯ୍ୟ ଦିବସରେ ଓକିଲ ମାନେ ପିକେଟିଂ କରି କୋର୍ଟ କଚେରି ବନ୍ଦ କରି ଦେଉଛନ୍ତି। ଏଥିପାଇଁ କୋର୍ଟ କାର୍ଯ୍ୟ ଅଚଳ ହୋଇପଡିଛି। ଏଥି ସହିତ ଉପଜିଲାପାଳ, ତହସିଲ, ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ମଧ୍ୟ ବନ୍ଦ ରହିଛି। ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ଥାନା ଗୁଡିକରୁ ଗିରଫ ହୋଇ ଆସୁଥିବା ଅଭିଯୁକ୍ତମାନେ ଓକିଲଙ୍କ ଆନ୍ଦୋଳନ ଯୋଗୁ ଓକିଲ ନିଯୁକ୍ତ କରିପାରୁ ନ ଥିବାରୁ ଜାମିନ ଆବେଦନ କରିପାରୁ ନାହାନ୍ତି। ଫଳରେ ଦୀର୍ଘ ଦିନ ଧରି ଜେଲ ହାଜତରେ ରହିଛନ୍ତି।

ପ୍ରତ୍ୟେକ ମାସର ଶେଷ ୩ ଦିନ କାର୍ଯ୍ୟ ଦିବସକୁ ନାଗରିକ ମଞ୍ଚ ପକ୍ଷରୁ ପିକେଟିଂ କରାଯାଇ କୋର୍ଟ ବନ୍ଦ କରାଯାଉଛି। ଏଣୁ ଗୁରୁବାରଠାରୁ ରେଢ଼ାଖୋଲ ନାଗରିକ ମଞ୍ଚ ଆନ୍ଦୋଳନରେ ସାମିଲ ହୋଇଛି। ଚଳିତ ମାସ ଶେଷ ପର୍ଯ୍ୟନ୍ତ କୋର୍ଟ କାର୍ଯ୍ୟ ସଂପୂର୍ଣ୍ଣ ବନ୍ଦ ରହିବା ସୁନିଶ୍ଚିତ ହୋଇଛି। ୨୯ ତାରିଖ ପଶ୍ଚିମ ଓଡିଶା ଓକିଲ ସଂଘ ସମୂହର କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ବୈଠକ ସୁନ୍ଦରଗଡ ରାଜଗାଙ୍ଗପୁରଠାରେ ଅନୁଷ୍ଠିତ ହେବ। ବୈଠକରେ ଆନ୍ଦୋଳନର ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ। ତେବେ ଗୁରୁବାର ନାଗରିକ ମଞ୍ଚ ଓକିଲ ଆନ୍ଦୋଳନରେ ସାମିଲ ହୋଇ ସିଭିଲ କୋର୍ଟ ସମ୍ମୁଖରେ ଧାରଣା ଦେବା ସହ ପିକେଟିଂ କରିଥିଲେ। ଫଳରେ ବିଚାରପତି ଓ କୋର୍ଟ କର୍ମଚାରୀମାନେ କୋର୍ଟ ଭିତରକୁ ଯାଇ ପାରି ନ ଥିଲେ। ସେହିପରି ଗତ ୬ ତାରିଖଠାରୁ ଉପଜିଲାପାଳ, ତହସିଲ ଓ ସବରେଜଷ୍ଟ୍ରାରଙ୍କ କାର୍ଯ୍ୟାଳୟ ସଂପୂର୍ଣ୍ଣ ବନ୍ଦ ରହିଛି। ଓକିଲଙ୍କ ଆନ୍ଦୋଳନ ଯୋଗୁ କୋର୍ଟ କଚେରି ସହ ପ୍ରଶାସନିକ କାର୍ଯ୍ୟ ଅଚଳ ହୋଇପଡିଛି। ସକିଲ ସଂଘର ସଭାପତି ଅଭୟ କୁମାର ବୀର, ସମ୍ପାଦକ ଗଣେଶ୍ୱର ପ୍ରଧାନ, ବରିଷ୍ଠ ଆଇନଜୀବୀ ଶିପ୍ରସାଦ ପ୍ରଧାନ, ଶମ୍ଭୁ ପ୍ରସାଦ ପ୍ରଧାନ, ବିମଳ ପ୍ରଧାନ, ଜଗନ୍ନାଥ ବିଶ୍ୱାଳ, ଅଚ୍ୟୁତାନନ୍ଦ ପୁରୋହିତ, ଜନ୍ମେଜୟ ସାହୁ, ସୁଜିତ ପ୍ରଧାନ ପ୍ରମୁଖ ଆଇନଜୀବୀ ଏଥିରେ ସାମିଲ ହୋଇଛନ୍ତି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଦସ, ଶ୍ରମିକ ନେତା ଅନାଦି ସାହୁ, ବରିଷ୍ଠ ନାଗରିକ ସମିତିର କୃଷ୍ଣଚନ୍ଦ୍ର ପ୍ରଧାନ, ଭାସ୍କର ପ୍ରଧାନ, ନରେଶ ଦାସ, ଲଳିତ ବାହାଦୁର ସିଂ, ଉମାକାନ୍ତ ପ୍ରଧାନ, ସୌରୀ ପ୍ରସାଦ ବାରିକ, ସନ୍ତୋଷ ମହାକୁଡ, ବିଜୟ ଭିତିରିଆ, ସାଧୁଚରଣ ହୋତା, ବସନ୍ତ ମହାନନ୍ଦ, ଗୋବର୍ଦ୍ଧନ ବଘାର, ଟ୍ରକ ମାଲିକ ସଂଘର ସଭାପତି ଗୌରୀଶଙ୍କର ପାତ୍ରଙ୍କ ସମେତ ବହୁ ନାଗରିକ ଆନ୍ଦୋଳନରେ ସାମିଲ ହୋଇଛନ୍ତି ।

## ରେଙ୍ଗାଲିରେ ନୂଆଁଖାଇ ଭେଟ୍‌ଘାଟ

**ରେଙ୍ଗାଲି,୨୮।୯(ଡି.ଏନ.ଏ)**

ସମ୍ବଲପୁର ଜିଲା ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ରେଙ୍ଗାଲି ହାଇସ୍କୁଲ ପଛପଟ ଖେଳ ପଡିଆରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ କୁନା ବିହାରୀ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପିଙ୍କି ଶର୍ମା ସଂଯୋଜନା କରିଥିଲେ। ଏହି ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ପ୍ରତାପ କେଶରୀ ଦେବ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ କିଶୋର ମହାନ୍ତି, ସମ୍ବଲପୁର ଏମ୍‌ପି ନଗେନ୍ଦ୍ର ପ୍ରଧାନ, ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ରେଙ୍ଗାଲି ବିଧାୟକ ରମେଶ ପଟୁଆ, ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମର ଅଧ୍ୟକ୍ଷ ଗୋପାଳ ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ଆଇନଜୀବୀ ଆର୍ତ୍ତତ୍ରାଣ ମିଶ୍ର, କେନ୍ଦ୍ର ବାଦକ ତ୍ରିନାଥ ନାଥ, କଳାକାର ତଥା କବି ଲାଲରତ୍ନାକର ସିଂ, କଳାକାର ପିଙ୍କି ଶର୍ମା, ବୀର ସୁରେନ୍ଦ୍ର ସାଏଙ୍କ ଦାୟଦ ଲାଲ ଫକିର ସାଏ. ଶିକ୍ଷାବିତ ପୂର୍ଣ୍ଣଚନ୍ଦ୍ର ନାଏକ, ଲିଟିଲ ମିସ ୱାଲ୍ଡ ଅର୍ପିତା ବେହେରା, ଶଶିଭୂଷଣ ସାହୁ, କ୍ରିକେଟ ଖେଳାଳି ନିଷିତ ସିଂ, ଆଶୁତୋଷ ଛୁରିଆ, ପ୍ରକୃତି ମିତ୍ର, ପ୍ରଶନ୍ନ ବିଶ୍ୱାଳ ପ୍ରମୁଖଙ୍କୁ ଅତିଥିମାନେ ଉପଢ଼ୌକନ ଏବଂ ମାନପତ୍ର ଦେଇ ସମ୍ମାନୀତ କରିଥିଲେ। ପରେ ବିଭିନ୍ନ ଲୋକନୃତ୍ୟ, ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କିରଣ ବେହେରା, ସ୍ୱାଗତିକା ମହାନ୍ତି, ଜଙ୍ଗଲା ସରପଞ୍ଚ ଗାନ୍ଧୀ ବେହେରା, ହରିଶଙ୍କର ବେହେରା, ବାବୁଲୁ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ରେଙ୍ଗାଲି ବ୍ଲକ ବିଜେଡି ସଭାପତି ଅଶୋକ ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବିଜେଡି କର୍ମୀ ଅଶୋକ ବିଶ୍ୱାଳଙ୍କ ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା ।

## ଦଳେଇପଡା ମାର୍‌ପିଟ ଘଟଣାରେ ଅଭିଯୁକ୍ତ ଗିରଫ

**ସମ୍ବଲପୁର, ୨୮।୯(ବ୍ୟୁରୋ)**

ସମ୍ବଲପୁର ଟାଉନ ଥାନା ଅଧୀନ ଦଳେଇପଡାରେ ମାରପିଟ ଘଟଣାରେ ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଦଳେଇପଡାର କିରଣ କୁମାର ସେଠ। ତାଙ୍କ ନିକଟରୁ ଏକ ଛୁରିକୁ ପୋଲିସ ଜବତ କରିଛି । ଏ ନେଇ ଟାଉନ ଥାନାରେ ପୃଥକ ପୃଥକ ଦୁଇଟି ମାମଲା (ନଂ. ୩୮୭ ଓ ୩୮୮)ରୁଜୁ ହୋଇଛି। ଗୁରୁବାର ବିଳମ୍ବିତ ରାତିରେ ଅଭିଯୁକ୍ତ କିରଣ ସୁନା ଦୋକାନ ମାଲିକ ହିତେଶ ପଟେଲଙ୍କୁ ଦୁର୍ଗା ପୂଜା ଚାନ୍ଦା ମାଗିଥିଲେ। ସେ ଚାନ୍ଦା ଦେବାକୁ ହେଲେ ରସିଦ ଦେଖାଇବାକୁ କହିଥିଲେ । ଏଥିରେ ଅଭିଯୁକ୍ତ ରାଗିଯାଇ ମାରପିଟ ଆରମ୍ଭ କରିବା ସହ ଦୋକାନରେ ଭଙ୍ଗାରୁଜା ଆରମ୍ଭ କରିଥିଲେ । ଏହା ପୂର୍ବରୁ ସେ ନିକଟସ୍ଥ ଏକ ଘରେ ବନିତା ବେନ ପଟେଲ ନାମ୍ନୀ ଜଣେ ବୃଦ୍ଧାଙ୍କୁ ମଦ୍ୟ ଟଙ୍କା ମାଗିଥିଲେ। ସେ ଟଙ୍କା ଦେବାକୁ ମନା କରିବାରୁ ତାଙ୍କୁ ମଧ ମାରପିଟ କରିଥିଲେ। ଏ ନେଇ ଥାନାରେ ଦୁଇଟି ଅଭିଯୋଗ ହୋଇଥିଲା ।



ଗିରଫ ତିନି ଅଭିଯୁକ୍ତ ।

## ଚାନ୍ଦା ମାଗି ୨ ଫରେଷ୍ଟ ଗାର୍ଡ ସମେତ ୩ ଗିରଫ

**ରେଢ଼ାଖୋଲ,୨୮।୯(ଡି.ଏନ.ଏ.)**

କଟକ-ସମ୍ବଲପୁର-୫୫ ନଂ ଜାତୀୟ ରାଜପଥର ମୋଟିବାହାଲ ଛକରେ ଚାନ୍ଦା ମାଗୁଥିବା ଅଭିଯୋଗରେ ଚାରମାଳ ପୋଲିସ ଗୁରୁବାର ରାତିରେ ୨ଜଣ ଫରେଷ୍ଟଗାର୍ଡଙ୍କ ସମେତ ୩ଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରେଢ଼ାଖୋଲ ବନଖଣ୍ଡର ବଡମାଳ ରେଞ୍ଜ ମୋଟିବାହାଲ ସେକ୍ସନରେ ଫରେଷ୍ଟର ଦାୟିତ୍ୱରେ ଥିବା ଫରେଷ୍ଟ ଗାର୍ଡ ଦିଲ୍ଲୀପ କୁମାର ଖିଲାରୀ, ଫରେଷ୍ଟଗାର୍ଡ ଅଜିତ କୁମାର ସାହୁ ଓ ପୁରୁଷୋତ୍ତମ ପ୍ରଧାନ। ଏ ମାନଙ୍କ ନିକଟରୁ ପୋଲିସ ୯୪୦ ଟଙ୍କା ଜବତ କରିଛି। ଚାରମାଳ ଥାନାରେ ଦଫା ୩୮୪/୩୪ରେ ଏକ ମାମଲା (ନଂ.୧୨୨/୧୮) ରୁଜୁ ହୋଇଛି। ତେବେ ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ଅଭିଯୁକ୍ତମାନେ ନିଜ ପକ୍ଷରୁ ଜାମିନ ଆବେଦନ କରିଥିଲେ। ହେଲେ ଶନିବାର ଜାମିନ ଆବେଦନ ପାଇଁ ଶୁଣାଣି ରହିଛି। ଏଣୁ ଏମାନଙ୍କୁ ଜେଲକୁ ପଠାଇ ଦିଆଯାଇଛି।

ମୋଟିବାହାଲ ଛକରେ ପୂର୍ବରୁ ବନ ବିଭାଗ ତନଖି ଫାଟକ ଥିବା ସ୍ଥାନରେ ଏକ ଦୁର୍ଗା ମନ୍ଦିର ଅଛି। ଏହି ଦୁର୍ଗା ମନ୍ଦିରରେ ପ୍ରତି ବର୍ଷ ଗ୍ରାମବାସୀ ଓ ବନ ବିଭାଗ ମିଳିତ ଭାବରେ ଦଶହରା ପୂଜା କରିଆସୁଛନ୍ତି। ଏହି ପୂଜା ପାଇଁ ୫୫ ନଂ ଜାତୀୟ ରାଜପଥର ମୋଟିବାହାଲସ୍ଥିତ ବନ ବିଭାଗ ତନଖି ଫାଟକ ଥିବା ସ୍ଥାନରେ ଅଭିଯୁକ୍ତମାନେ ବିଭିନ୍ନ ଗାଡି ମୋଟରରୁ ଚାନ୍ଦା ମାଗୁଥିବା ନେଇ କେହି ଜଣେ ବ୍ୟକ୍ତି ଫଟୋ ଉଠାଇ ପୋଲିସ ଡିଜି ଓ ସମ୍ବଲପୁର ଏସ୍‌ପିଙ୍କ ନିକଟକୁ ପଠାଇ ଦେଇଥିଲେ। ଡିଜି ଓ ଏସ୍‌ପିଙ୍କ ତାଗିଦ ପରେ ଚାରମାଳ ପୋଲିସ ଘଟଣା ସ୍ଥଳକୁ ଯାଇ ଏମାନଙ୍କୁ ଗିରଫ କରିଥିଲା। ଗତ ରାତିରୁ ପୋଲିସ ଏମାନଙ୍କୁ ଗିରଫ କରିଥିଲେ ମଧ ଗଣମାଧ୍ୟମ ପ୍ରତିନିଧିଙ୍କୁ କୌଣସି ସୂଚନା ଦେଇ ନ ଥିଲା। ଏହାକୁ ନେଇ ଖବରଦାତାଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ରାଶନ କାର୍ଡ ପ୍ରଦାନରେ ଅନିୟମିତତା ଅଭିଯୋଗ

**ରେଢ଼ାଖୋଲ,୨୮।୯(ଡି.ଏନ.ଏ.)**

ରେଢ଼ାଖୋଲ ବ୍ଲକ ଚାରମାଳ ପଞ୍ଚାୟତରେ ରାସନ କାର୍ଡ ହିତାଧିକାରୀ ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଉପଜିଲାପାଳ ବିଶିକେସନ ଦେହୁରୀଙ୍କୁ କାର୍ଡ ପାଇ ନ ଥିବା ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ସୁବାଷ ଦେଓ, ଅରୁଣ କୁମାର ବାରିକ, ପ୍ରଦୀପ ମହାପାତ୍ର, ସସ୍ମିତା ବେହେରା, ଶିବ ସ୍ୱାଇଁ, ଜୀବର୍ଦ୍ଧନ ବେହେରା, ଦୁଖିଶ୍ୟାମ ବିଶି, ସଞ୍ଜୟ କୁମାର ପ୍ରଧାନଙ୍କ ସମେତ ଚାରମାଳ ପଞ୍ଚାୟତର ବିଭିନ୍ନ ଗ୍ରାମର ବହୁ ହିତାଧିକାରୀ ଅଭିଯୋଗ କରିଛନ୍ତି ଯେ ରାଜ୍ୟ ସରକାରଙ୍କ ଘୋଷଣା ମୁତାବକ ରାସନ କାର୍ଡ ପାଇଁ ପଞ୍ଚାୟତର ବହୁ ଯୋଗ୍ୟ ହିତାଧିକାରୀ ଆବେଦନ କରିଥିଲେ ମଧ୍ୟ କାର୍ଡ ପ୍ରଦାନରେ ବହୁ ଅନିୟମିତତା କରାଯାଇଛି। କେତେକ ଥିଲାବାଲାଙ୍କୁ ରାସନ କାର୍ଡ ପ୍ରଦାନ କରାଯାଇଛି।

## ପୁରସ୍କାର ପାଇଲେ ଛାତ୍ରୀଛାତ୍ର

**ରେଢ଼ାଖୋଲ,୨୮।୯(ଡି.ଏନ.ଏ.)**

ଗତ ସ୍ୱାଧୀନତା ଦିବସ ଉପଲକ୍ଷେ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଶୁକ୍ରବାର ପୁରସ୍କୃତ କରାଯାଇଛି। ସ୍ଥାନୀୟ ରାଣୀ ଅନ୍ନପୂର୍ଣ୍ଣା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଉପଜିଲାପାଳ ବିଶିକେସନ ଦେହୁରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତୀ ଛାତ୍ରୀଛାତ୍ର ଙ୍କୁ ପୁରସ୍କାର ବିତରଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମଶ୍ରୀ ଦାସ ଉତ୍ସବରେ ଉପସ୍ଥିତ ଥିଲେ। ଗତ ମେଟ୍ରିକ ପରୀକ୍ଷାରେ ଉପଖଣ୍ଡରେ ସର୍ବୋଚ୍ଚ ନମ୍ବର ରଖିଥିବା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଛାତ୍ରୀ ଇପ୍‌ସିତାରାଣୀ ପ୍ରଧାନ ଓ ବଡବାହାଲ ପଞ୍ଚଖଣ୍ଡା ହାଇସ୍କୁଲ ଛାତ୍ର ଶୁଭ୍ରାଂଶୁ ଶେଖର ପ୍ରଧାନଙ୍କୁ ୫ ହଜାର ଟଙ୍କା ଲେଖାଏଁ ଓ ଘରୋଇ ବସ ମାଲିକ ସଂଘ ପକ୍ଷରୁ ୧୫ଶହ ଟଙ୍କା ଲେଖାଏଁ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ ଯେ ପ୍ରବଳ ବୃଷ୍ଟିପାତ ଓ ବଜ୍ରପାତ ଆଶଙ୍କାରେ ସରକାର ସ୍କୁଲ ଛାତ୍ରୀଛାତ୍ରଙ୍କୁ ପରେଡରେ ଅଂଶଗ୍ରହଣ କରିବାକୁ ବାରଣ କରିଥିବା ଯୋଗ ପୁରସ୍କାର ବିତରଣ କରାଯାଇପାରି ନ ଥିଲା।




ରେଢାଖୋଲ ରାଣୀ ଅନ୍ନପୂର୍ଣ୍ଣା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜଣେ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

## ବାଇକ୍ ଯାଞ୍ଚ ବେଳେ ଧରାପଡିଲା ୮ କେଜି ଗଞ୍ଜେଇ



ବାଇକ୍ ଓ ଗଞ୍ଜେଇ ସହ ଅଭିଯୁକ୍ତ।

**ରେଢ଼ାଖୋଲ,୨୮।୯ (ଡି.ଏନ.ଏ.)**

ରେଢ଼ାଖୋଲ ପୋଲିସ ଶୁକ୍ରବାର ସନ୍ଧ୍ୟାରେ ରେଢ଼ାଖୋଲ -ବୌଦ୍ଧ ରାସ୍ତାର ତାରିଣୀ ମନ୍ଦିର ନିକଟରେ ବାଇକ ଯାଞ୍ଚ କରୁଥିବା ବେଳେ ଗଞ୍ଜେଇ ଚୋରା ଚାଲାଣ କରୁଥିବା ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ନୟାଗଡ ଜିଲା ଓଡଗାଁ ଥାନା ମଲ୍ଲିଆଖୋଲା ଗ୍ରାମର ଜିତେନ୍ଦ୍ର ନାଏକ (୨୬)। ବାଇକ ଓ ୮ କେଜି ଗଞ୍ଜେଇ ଜବତ ହୋଇଛି ବୋଲି ଥାନା ଅଧିକାରୀ ପ୍ରଶାନ୍ତ ସାମଲ କହିଛନ୍ତି। ଏ ନେଇ ରେଢ଼ାଖୋଲ ଥାନାରେ ଏକ ମାମଲା (ନଂ.୧୬୮/୧୮) ରୁଜୁ ହୋଇଛି। ଶନିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ। ଶୁକ୍ରବାର ସନ୍ଧ୍ୟାରେ ରେଢ଼ାଖୋଲ-ବୌଦ୍ଧ ରାସ୍ତାର କେଲାକଟା ନିକଟସ୍ଥ ତାରିଣୀ ମନ୍ଦିରଠାରେ ଏସ୍‌ଆଇ ରାଜକୁମାର ବିଶ୍ୱାଳ ଗାଡିମୋଟର ଯାଞ୍ଚ କରୁଥିଲେ। ଏତିକି ବେଳେ ବୌଦ୍ଧ ପଟରୁ ଏକ କଳା ରଙ୍ଗର ହିରୋ ସ୍ପ୍ଲେଣ୍ଡର ମୋଟର ସାଇକେଲ (ନଂ ସିଜି ୧୩ ଜେ ୫୩୫୫) ଆସିଥିଲା। ଏହାପଛରେ ଏକ ବସ୍ତା ଥିଲା। ପୋଲିସକୁ ଦେଖି ଫେରାର ହୋଇଯାଉଥିବା ବେଳେ ପୋଲିସ ଗୋଡାଇ ଧରିଥିଲା। ପୋଲିସ ଅଟକାଇ ଯାଞ୍ଚ ନେବାରୁ ୮ କେଜି ଗଞ୍ଜେଇ ଧରିଥିଲା। ଏହି ଗଞ୍ଜେଇ ଫୁଲବାଣିରୁ ଛତିଶଗଡକୁ ଚାଲାଣ କରୁଥିବା ଅଭିଯୁକ୍ତ ପୋଲିସକୁ କହିଛନ୍ତି।

■ ସ୍କୁଲ ଖେଳପଡିଆକୁ ନେଇ ବିବାଦ

## ପାଞ୍ଚଖଣ୍ଡ ଗାଁ ଲୋକେ ଥାନାର ଦ୍ୱାରସ୍ଥ

**ରେଢ଼ାଖୋଲ,୨୮।୯(ଡି.ଏନ.ଏ.)**

ରେଢ଼ାଖୋଲ ଥାନା ଅଧୀନ ରାଇଲ ଗ୍ରାମରେ ଏକ ସ୍କୁଲ ପଡିଆକୁ ନେଇ ଗତ କିଛି ବର୍ଷ ହେବ ବିବାଦ ଲାଗି ରହିଛି। ସ୍କୁଲ ପଡିଆକୁ ନେଇ ୫ଖଣ୍ଡ ଗ୍ରାମବାସୀ ଓ ସ୍କୁଲ ପଡିଆକୁ ଜବରଦଖଲ କରିଥିବା ବ୍ୟକ୍ତିଙ୍କ ମଧ୍ୟରେ ବିବାଦ ତେଜିବାରେ ଲାଗିଛି। ଜବରଦଖଲକାରୀ ୪ଜଣ ଗ୍ରାମବାସୀ ଗତ ୨ଦିନ ତଳେ ରାଇଲ ଗ୍ରାମର ୪ଜଣ ବ୍ୟକ୍ତଙ୍କ ନାମରେ ରେଢ଼ାଖୋଲ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପକ୍ଷରୁ ଉକ୍ତ ୪ଜଣ ବ୍ୟକ୍ତିଙ୍କ ପାଖକୁ ନୋଟିସ ପଠାଇବାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଶୁକ୍ରବାର ରାଇଲ, ହରିପୁର, ଧାତୁକିମାଳ, କମଳାନାଳି, ବଡବିଲର ଶତାଧିକ ମହିଳା ଓ ପୁରୁଷ ରେଢ଼ାଖୋଲ ଥାନାକୁ ଆସି ବିବାଦର ସମାଧାନ ଦାବି କରିଥିଲେ। ହେଲେ ପୋଲିସ ପକ୍ଷରୁ ପ୍ରଶାସନ ପାଖକୁ ଯାଇ ଅଭିଯୋଗ କରିବାକୁ କୁହାଯାଇଛି।

ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ ରାଇଲ ଗ୍ରାମର ତେନ୍ତୁଳି ଛକଠାରେ ଅଞ୍ଚଳବାସୀଙ୍କ ସହଯୋଗ କ୍ରମେ ୧୯୯୩ ମସିହାରେ ଏକ ମଧ୍ୟ ଇଂରାଜୀ ବିଦ୍ୟାଳୟ ସ୍ଥାପନ କରାଯାଇଛି। ଉକ୍ତସ୍ଥାନରେ ୫ଟି ଶ୍ରେଣୀ ଗୃହ, ନଳକୂପ ଓ ଖେଳ ପଡିଆ ଥିଲା। ହେଲେ ସରକାରୀ ଅନୁଦାନ ନ ମିଳିବାରୁ ସ୍କୁଲଟି ବନ୍ଦ ହୋଇଯାଇଛି। ୨୦୧୦ରେ ସ୍କୁଲର ଖେଳ ପଡିଆକୁ ଜଙ୍ଗଲ ଜମି ଦର୍ଶାଇ ନାକ୍ଟିଦେଉଳ ତହସିଲ ପକ୍ଷରୁ ଜଣେ ବ୍ୟକ୍ତିଙ୍କୁ ପଟ୍ଟା ପ୍ରଦାନ କରାଯାଇଛି। ଏହା ଜଣାପଡିବା ପରେ ଗ୍ରାମ ସମେତ ଅଞ୍ଚଳରେ ଅସନ୍ତୋଷ ଦେଖା ଦେଇଛି। ବିଭିନ୍ନ ସମୟରେ ଅଞ୍ଚଳବାସୀଙ୍କ ପକ୍ଷରୁ ନାକ୍ଟିଦେଉଳ ତହସିଲଦାର, ଉପଜିଲାପାଳ ଓ ଜିଲାପାଳଙ୍କଠାରେ ଏହି ପଟ୍ଟା ଖାରଜ କରିବାକୁ ଦାବି କରାଯାଇଛି। ହେଲେ କୌଣସି ପଦକ୍ଷେପ ନିଆଯାଉନାହିଁ । ଗତ ବର୍ଷ ନଭେମ୍ବର ୭ରେ ଅଞ୍ଚଳବାସୀଙ୍କ ତରଫରୁ ନାକ୍ଟିଦେଉଳ ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଜିଲା ମଙ୍ଗଳ ଅଧିକାରୀ, ତହସିଲଦାର ନାକ୍ଟିଦେଉଳ ସେତେବେଳେ ଏକ ମାସ ମଧ୍ୟରେ ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ କୌଣସି ପଦକ୍ଷେପ ନ ନେବାରୁ ପଟ୍ଟା ପାଇଥିବା ବ୍ୟକ୍ତି ଏହି ବିବାଦୀୟ ଜମିକୁ ଦଖଲ କରିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖା ଦେଇଥିଲା। ଗ୍ରାମବାସୀ ମିଳିତ ଭାବେ ଉକ୍ତ ଜମିରେ ହଳ କରିଥିଲେ। ଏହାକୁ ନେଇ ସଂପୃକ୍ତ ବ୍ୟକ୍ତି ଗ୍ରାମର ୪ଜଣଙ୍କ ନାମରେ ରେଢ଼ାଖୋଲ ଥାନାରେ ଅଭିଯୋଗ କରିଥିଲେ।



ରାଇଲ ଗ୍ରାମବାସୀ ରେଢାଖୋଲ ଥାନାର ଦ୍ୱାରସ୍ଥ ହୋଇଛନ୍ତି।



ଲେଖନୀ ଓ ତରବାରୀ ଉଭୟ ଶକ୍ତିଶାଳୀ, କିନ୍ତୁ ଲେଖନୀର ହିଁ ଜୟ ହୁଏ।

- ନେପୋଲିୟନ୍

## ସଂକ୍ଷେପରେ

### ୨୨ ଆଇଏଏସ୍ ଅଫିସରଙ୍କ କାର୍ଯ୍ୟର ସମୀକ୍ଷା

ଭୁବନେଶ୍ୱର୨୮ ।୯(ବ୍ୟୁରୋ) – ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ଓଡ଼ିଶା କ୍ୟାଡରର ୨୨ ଜଣ ଆଇଏଏସ୍ ଅଧିକାରୀଙ୍କ ପୂରା କାର୍ଯ୍ୟଧାରାକୁ ସମୀକ୍ଷା କରାଯାଇଛି। ସର୍ବଭାରତୀୟ ସେବା ଆଇନ୍–୧୯୫୮ର ଧାରା ୧୬(୩) ଅନୁଯାୟୀ ଏହି ସମୀକ୍ଷା ଚଳିତ ସପ୍ତାହରେ ଅନୁଷ୍ଠିତ ହୋଇଯାଇଛି। ମିଳିଥିବା ସୂଚନାନୁଯାୟୀ ୨୦୧୭ ବର୍ଷ ଶେଷସୁଦ୍ଧା ଯେଉଁ ଅଧିକାରୀମାନଙ୍କ ଚାକିରି ୧୫ ବର୍ଷ ବା ୨୫ ବର୍ଷ ଅଥବା ଯାହାର ବୟସ ୫୦ ବର୍ଷ ହୋଇଛି, ସେମାନଙ୍କର ସମୀକ୍ଷା କରାଯାଇଛି। ଏହି ସମୀକ୍ଷା ରିପୋର୍ଟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ ପରେ ଭାରତ ସରକାରଙ୍କୁ ଏ ସମ୍ପର୍କରେ ଅବଗତ କରାଯିବ। ସମୀକ୍ଷା ହୋଇଥିବା ଅଫିସରମାନଙ୍କ ମଧ୍ୟରେ ଅନୁ ଗର୍ଗ, ଅଶୋକ ମୀନା ଏବଂ ବିଷ୍ଣୁପଦ ସେଠୀ ପ୍ରମୁଖ ଅଛନ୍ତି। ସେହିପରି ଅଫିସରମାନଙ୍କ ସମୀକ୍ଷା ବେଳେ ଯଦି କୌଣସି ପ୍ରତିକୂଳ ତଥ୍ୟ ମିଳେ, ତେବେ ସଂପୃକ୍ତ ଅଧିକାରୀଙ୍କ ନାମ ଚାକିରିରୁ ବାଧ୍ୟତାମୂଳକ ଅବସର ପାଇଁ ସୁପାରିସ କରାଯାଇଥାଏ। ଅପରପକ୍ଷରେ ୨୦୦୯ ବ୍ୟାଚ୍‌ର ଆଇଏଏସ୍ ଅଫିସର ଡି.ପ୍ରଶାନ୍ତ କୁମାର ରେଡ୍ଡୀ କେନ୍ଦ୍ରକୁ ଯିବେ ବୋଲି ସୂଚନା ମିଳିଛି। ସେ ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁଙ୍କ ବ୍ୟକ୍ତିଗତ ସଚିବ ପଦରେ ନିଯୁକ୍ତ ହେବେ। ବର୍ତ୍ତମାନ ରେଡ୍ଡୀ ସମାଜ ମଙ୍ଗଳ ନିର୍ଦ୍ଦେଶକ ସହିତ ମହିଳା ଓ ଶିଶୁ ବିକାଶ ବିଭାଗର ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରୁଛନ୍ତି।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

# ଏଭଳି ହୀନ ଉଦ୍ୟମ ଦୁର୍ଭାଗ୍ୟଜନକ: ଭାଜପା

- ବ୍ରହ୍ମ ବିଭ୍ରାଟ ରିପୋର୍ଟ ସାର୍ବଜନୀନ କରା ନ ଯିବା ପ୍ରସଙ୍ଗ
- ଏହା ପ୍ରଶାସନର ଭୁଲ୍ ନିଷ୍ପତ୍ତି: ନରସିଂହ
- ନିଷ୍ପତ୍ତି ମନ୍ଦିର ପରିଚାଳନା କମିଟି ପରିସରଭୁକ୍ତ: ଅରୁଣ

ଭୁବନେଶ୍ୱର, ୨୮।୯(ବ୍ୟୁରୋ)

ବ୍ରହ୍ମ ବିଭ୍ରାଟ ରିପୋର୍ଟରେ ମହାପ୍ରଭୁଙ୍କ ଗୁପ୍ତ ରଣନୀତି ରହିଛି। ଏହା ଏକ ସମ୍ବେଦନଶୀଳ ବିଷୟ ହୋଇଥିବାରୁ ଉକ୍ତ ରିପୋର୍ଟକୁ ସାର୍ବଜନୀନ କରାଯିବ ନାହିଁ। ଏପରି କି ସୂଚନା ଅଧିକାର (ଆର୍‌ଟିଆଇ) ବଳରେ ମଧ୍ୟ ଉକ୍ତ ରିପୋର୍ଟ ଦିଆଯିବ ନାହିଁ। ଗୁରୁବାର ଅନୁଷ୍ଠିତ ହୋଇଥିବା ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏଭଳି ନିଷ୍ପତ୍ତି ନିଆଯିବା ପରେ ବିରୋଧୀ ଭାଜପା ଓ କଂଗ୍ରେସ ଏହାକୁ ସମାଲୋଚନା କରିଛନ୍ତି। ଅପରପକ୍ଷରେ ଏହାର ଜବାବ ରଖିଛି ବିଜେଡି।

ଭାଜପା କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି ଯେ, ମନ୍ଦିର ପରିଚାଳନା କମିଟି ବ୍ରହ୍ମ ବିଭ୍ରାଟ ରିପୋର୍ଟକୁ ସର୍ବସାଧାରଣରେ ପ୍ରକାଶ ନ କରିବା ଏବଂ ଆର୍‌ଟିଆଇ ତଥ୍ୟ ମାଗିଲେ ନ ଦେବା ପାଇଁ ନେଇଥିବା ନିଷ୍ପତ୍ତିକୁ ଭାଜପା ନିନ୍ଦା କରୁଛି। ରାଜ୍ୟ ସରକାରଙ୍କ ପ୍ରଶାସନିକ ଅଧିକାରୀମାନେ ଜଗନ୍ନାଥ ସଂସ୍କୃତି ବିରୋଧରେ ଏକ ବିରାଟ ଷଡ଼ଯନ୍ତ୍ର କରୁଛନ୍ତି। ଜୁନ୍ ୨୦୧୫ ନବକଳେବର ସମୟରେ ଘଟିଥିବା ବ୍ରହ୍ମ ବିଭ୍ରାଟ ସମଗ୍ର ଓଡିଆ ଜାତି, ଜଗନ୍ନାଥ ସଂସ୍କୃତିପ୍ରେମୀ ଏବଂ ହିନ୍ଦୁ ସମାଜକୁ ଗଭୀର ଭାବେ ଆନ୍ଦୋଳିତ କରିଥିଲା। ଏହି ପ୍ରସଙ୍ଗକୁ ସାଢେ ୩ବର୍ଷ ବିତିଥିଲେ ମଧ୍ୟ ରାଜ୍ୟ ସରକାର ଏ ବାବଦରେ କୌଣସି ଅନୁସନ୍ଧାନ କଲେ ନାହିଁ। ଏଥିରେ ସମ୍ପୃକ୍ତ ବିଶୃଙ୍ଖଳିତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ। ଏହି ଘଟଣା ପରେ ନୀଳାଦ୍ରି ବିଜେ ସମୟରେ ଦେଖାଦେଇଥିବା ବିଶୃଙ୍ଖଳା ଏବଂ ରତ୍ନଭଣ୍ଡାର ଚାବି ହଜିବା ଘଟଣା ରାଜ୍ୟବାସୀଙ୍କୁ ବ୍ୟଥିତ କରିଥିଲା। କିନ୍ତୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏନେଇ ମୁହଁ ନ ଖୋଲିବା ଦୁର୍ଭାଗ୍ୟଜନକ। ଏଥିରୁ ସ୍ପଷ୍ଟ ହେଉଛି, ସମ୍ବିଧାନ, ପାର୍ଲାମେଣ୍ଟ ଏବଂ ସୁପ୍ରିମକୋର୍ଟ ଭଳି କୌଣସି ଅନୁଷ୍ଠାନ ପ୍ରତି ରାଜ୍ୟ ସରକାରଙ୍କ ସମ୍ମାନ ନାହିଁ। ବ୍ରହ୍ମ ବିଭ୍ରାଟ ରିପୋର୍ଟ ସାର୍ବଜନୀନ ହେଲେ ରାଜ୍ୟ ସରକାରଙ୍କର ଅସଲ ଚେହେରା ପଦାରେ ପଡିଯିବ। ବିଜେଡି ସମର୍ଥିତ କେତେକ ସେବାୟତଙ୍କୁ ସୁରକ୍ଷା ଦେବା ଲାଗି ଗୋପନୀୟତା ଆଳରେ ସମସ୍ତ ରିପୋର୍ଟ ଚପାଇବା ଭଳି ହୀନ ଉଦ୍ୟମ କରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ବିରୋଧରେ ଭାଜପା କୋର୍ଟର ଆଶ୍ରୟ ନେବ ବୋଲି ଆଚାର୍ଯ୍ୟ କହିଛନ୍ତି।

ବିରୋଧୀ ଦଳ ନେତା ନରସିଂହ ମିଶ୍ର କହିଛନ୍ତି ଯେ, ଯଦି ମନ୍ଦିର ପ୍ରଶାସନ ସେଭଳି ନିଷ୍ପତ୍ତି ନେଇଥାଆନ୍ତି ତେବେ ତାହା ଦୁର୍ଭାଗ୍ୟଜନକ। ମନ୍ଦିର ପ୍ରଶାସନର ଏହା ହେଉଛି ଭୁଲ୍ ନିଷ୍ପତ୍ତି। ଆର୍‌ଟିଆଇ ତଥ୍ୟରେ କ'ଣ ମିଳିପାରିବ ନା ନାହିଁ ତାହା ସୂଚନା ଅଧିକାର ଆଇନ ଉପରେ ନିର୍ଭର କରେ। ଏକଥା ପରିଚାଳନା କମିଟି ନିଷ୍ପତ୍ତି ଉପରେ ନିର୍ଭର କରୁନି। ଆଇନକୁ ତର୍ଜମା କରି ଯଦି ଜଣେ କହିପାରିବ ଏହା ଗୁପ୍ତ ସୂଚନା, ତେବେ ଏହା ସାର୍ବଜନୀନ କରାଯିବ ନାହିଁ। ନଚେତ୍ କମିଟି ଏଥିପାଇଁ ଯାହା ନିଷ୍ପତ୍ତି ନେଉ ନା କାହିଁକି ସେମାନେ ତଥ୍ୟ ଦେବାକୁ ବାଧ୍ୟ ବୋଲି ସେ କହିଛନ୍ତି।

ବିଜେଡି ମୁଖପାତ୍ର ଅରୁଣ ସାହୁ କହିଛନ୍ତି ଯେ, ମନ୍ଦିର ପରିଚାଳନା କମିଟି ଯେଉଁ ନିଷ୍ପତ୍ତି କରିଛନ୍ତି ତାହା ସେମାନେ କାର୍ଯ୍ୟକାରୀ କରିବେ। ସେହି ନିଷ୍ପତ୍ତି ପରିଚାଳନା କମିଟିର ପରିସରଭୁକ୍ତ। ତେଣୁ ସେମାନେ ଯାହା ଘୋଷଣା କରିଛନ୍ତି ତାହା କାର୍ଯ୍ୟକାରୀ କରିବେ। ଭାଜପା ନେତାମାନେ ଯାହା ପାଆନ୍ତି କହିଚାଲନ୍ତି। ମନ୍ଦିର ପରିଚାଳନା କମିଟିରେ ଗଜପତି ମହାରାଜା ହେଉଛନ୍ତି ଚେୟାରମ୍ୟାନ ଏବଂ ସେଥିରେ ଅନ୍ୟମାନେ ସଦସ୍ୟ ଅଛନ୍ତି। ତେଣୁ କମିଟି ଯାହା ନିଷ୍ପତ୍ତି ନେଇଛି ତାହା ଚୂଡାନ୍ତ ନିଷ୍ପତ୍ତି। ଭାଜପା ଅଯଥାରେ ରାଜ୍ୟ ସରକାରଙ୍କୁ ଟାଣିଓଟାରି ସବୁଥିରେ ପୂରାଇବା ଠିକ୍ ନୁହେଁ। ଭାଜପା ନେତାମାନେ ଏବେ ସବୁ କଥାରେ ଅତ୍ୟଧିକ ହେଉଥିବା ସେ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜାତକ ଦେଖ ହେ ନାହାକ**
**ବୋହୂ ଭାତ ଖାଉନାହିଁ ପାଆକ;**
**କି ଜାତକ ଦେଖିବି ମାଉସୀ**
**ବୋହୂ ଭିତରେ ଭିତରେ ଖାଉଛି।**

କିଛି ବ୍ୟକ୍ତି ଲୁଚେଇ ଚୋରେଇ ଖାଦ୍ୟ ଖାଉଥିଲେ ମଧ୍ୟ ଉପରକୁ କିଛି ଖାଇ ନ ଥିବାର ମିଛ ଅଭିନୟ କରିଥାନ୍ତି। ଅନ୍ୟମାନେ ଏହାର ଟେର୍ ପାଇବା ସମ୍ଭବପର ହେଉ ନ ଥିବା ସ୍ଥଳେ ସତ କ'ଣ ଜାଣି ନ ପାରି ଖାଲି ତୁଛାଟାରେ ବ୍ୟତିବ୍ୟସ୍ତ ହୋଇପଡ଼ିଥାନ୍ତି। ଲୁଚେଇ ଛପେଇ ଖାଦ୍ୟଖାଇ ନୀରବତା ଅବଲମ୍ବନ କରୁଥିବା ଚତୁରୀ ନାରୀଟି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଜହ୍ନି ମଞ୍ଜି କିଲୋ ଜହ୍ନି ମଞ୍ଜି**
**ଡାକେ ନାହିଁ କି ହାକେ ନାହିଁ**
**ବଳେ ପଶୁଥାଏ ପେଲି ଗୁଞ୍ଜି।**

ଜହ୍ନି ମଞ୍ଜି ଦେଖିବାକୁ କଳା। ସାଧାରଣତଃ ବର୍ଣ୍ଣ କଳା ବା ଶ୍ୟାମଳ ହୋଇଥିବା ବ୍ୟକ୍ତିଙ୍କୁ ଅନେକେ ପସନ୍ଦ କରି ନ ଥାନ୍ତି। ତାଙ୍କ ସହ ସମ୍ପର୍କ ରଖିବା ତ ଦୂରର କଥା ଭଲରେ କଥା ପଦିଏ ହେବାକୁ କେହି ଇଚ୍ଛା କରି ନ ଥାନ୍ତି। ଏପରି ସ୍ଥଳେ ଉପରେ ପଡ଼ି ମିଶୁଥିବା ଶ୍ୟାମଳବର୍ଣ୍ଣା ଯୁବତୀ ପ୍ରତି ତାଚ୍ଛଲ୍ୟଭାବ ପ୍ରକାଶ ପାଇବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
–ଫ୍ରେଣ୍ଡସ୍ ପବ୍ଲିଶର୍ସ

■ ୧୦% ପ୍ରାକୃତିକ ବିପର୍ଯ୍ୟୟ ସେସ୍

# ୭ ଜଣିଆ ମନ୍ତ୍ରିଗୋଷ୍ଠୀ ଗଠନ କଲେ ଜିଏସ୍‌ଟି କାଉନ୍‌ସିଲ

ନୂଆଦିଲ୍ଲୀ,୨୮।୯

ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା କେରଳ ପାଇଁ ଆଇଜିଏସ୍‌ଟି ସହିତ ୧୦% ସେସ୍ ଆଦାୟ କରାଯାଇପାରିବ କି ନା ସେ ସମ୍ପର୍କରେ ସୁପାରିସ କରିବା ଲାଗି ଜିଏସ୍‌ଟି କାଉନସିଲ ଶୁକ୍ରବାର ଏକ ୭ ଜଣିଆ ମନ୍ତ୍ରିଗୋଷ୍ଠୀ(ଗମ୍) ଗଠନ କରିଛନ୍ତି। ଏହି ମନ୍ତ୍ରିଗୋଷ୍ଠୀ ଏ ସଂପର୍କରେ ବିଚାରବିମର୍ଷ ପରେ କାଉନସିଲ୍‌କୁ ସୁପାରିସ କରିବେ। ଜିଏସ୍‌ଟି କାଉନସିଲ୍‌ର ୩୦ତମ ବୈଠକ ଶେଷରେ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଏଠାରେ ଖବରଦାତାଙ୍କୁ ସୂଚନା ଦେଇ କହିଛନ୍ତି,ବନ୍ୟା ଯୋଗୁ କ୍ଷତିଗ୍ରସ୍ତ ରାଜ୍ୟର ପୁନଃନିର୍ମାଣ ଲାଗି ଆଇସିଜିଏସ୍‌ଟିରେ ୧୦% ସେସ୍ ଲାଗୁ କରିବା ପାଇଁ କେରଳ ସରକାର ଦାବି କରିଥିଲେ। ଏହି ସେସ୍ ଲାଗୁ ହେଲେ କେରଳକୁ ଅତିରିକ୍ତ ୭୦ କୋଟି ଟଙ୍କାର ସହାୟତା ମିଳିବ। ଏହାକୁ କେରଳରେ ସୀମିତ ରଖାଯିବ ନା ସାରା ଦେଶରେ ଲାଗୁ କରାଯିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ଯଦି ଲାଗୁ କରାଯାଏ ତେବେ କେବଳ ବିଳାସ ସାମଗ୍ରୀରୁ ଏହା ଆଦାୟ କରାଯିବ କି ନା,କେଉଁ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଏଭଳି ସେସ୍ ଲାଗୁ କରାଯିବ ଏବଂ ଏହାର ପ୍ରଣାଳୀ କ'ଣ ହେବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। କେନ୍ଦ୍ର ଅର୍ଥମନ୍ତ୍ରୀ କହିଛନ୍ତି ଯେ, ରାଜସ୍ୱ ଆଦାୟର ଧାରା ଏବଂ ରାଜ୍ୟମାନଙ୍କ କ୍ଷତିପୂରଣ ନିଅଣ୍ଟ ପରିମାଣ ନେଇ ମଧ୍ୟ ରାଜ୍ୟଗୁଡିକ ଆଲୋଚନା କରିଥିଲେ। ଏବେ ରାଜ୍ୟଗୁଡିକର ନିଅଣ୍ଟ ପରିମାଣ ୧୩%କୁ ହ୍ରାସ ପାଇଛି ବୋଲି ସେ ସୂଚନା ଦେଇଛନ୍ତି। ଉତ୍ତର–ପୂର୍ବ ଭାରତରେ ଜିଏସ୍‌ଟି ଆଦାୟ ଆଶାଠାରୁ ଅଧିକ ହୋଇଛି ବୋଲି ଜେଟ୍‌ଲୀ କହିଛନ୍ତି।

# ଓଡ଼ିଶାରେ ଜିଏସ୍‌ଟି ଯୋଗୁ ରାଜସ୍ୱ କମିଛି: ଶଶିଭୂଷଣ

ଭୁବନେଶ୍ୱର, ୨୮।୯(ବ୍ୟୁରୋ)

**ଜିଏସ୍‌ଟି କାଉନ୍‌ସିଲ ବୈଠକ ଶେଷ**

ଭିଡିଓ କନ୍‌ଫରେନ୍ସିଂ ଜରିଆରେ ୩୦ତମ ଜିଏସ୍‌ଟି କାଉନ୍‌ସିଲ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକ ଦ୍ରବ୍ୟ ଓ ସେବାକରରେ ରାଜସ୍ୱ ଆଦାୟ ସମ୍ପର୍କରେ ଆଲୋଚନା କରାଯାଇଛି। ଗତ ଜୁଲାଇ ୨୦୧୮ରେ ସର୍ବଭାରତୀୟ ସ୍ତରରେ ଜିଏସ୍‌ଟିରେ ୯୬ହଜାର ୪୮୩କୋଟି ଟଙ୍କା ଆଦାୟ ହୋଇଥିଲା। ମାତ୍ର ୨୦୧୮ ଅଗଷ୍ଟରେ ୯୩ହଜାର ୯୬୦କୋଟି ଟଙ୍କା ଆଦାୟ ହୋଇଛି। ଏହି ଅବସରରେ ରାଜ୍ୟ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଓଡିଶାରେ ଜିଏସ୍‌ଟି ଆଦାୟରେ ଉନ୍ନତି ଘଟିଛି ବୋଲି କହିଛନ୍ତି। ରାଜ୍ୟରେ ରାଜସ୍ୱ ସଂଗ୍ରହ ବ୍ୟବଧାନ ୨୦୧୭ ଅଗଷ୍ଟରୁ ୨୦୧୮ ମାର୍ଚ୍ଚମଧ୍ୟରେ ୩୧ ପ୍ରତିଶତ ଥିଲା। ୨୦୧୮ ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ଏହା ୨୪ ପ୍ରତିଶତକୁ ହ୍ରାସ ପାଇଥିବା ବୈଠକରେ କୁହାଯାଇଛି। ରିଟର୍ନ ଦାଖଲ କ୍ଷେତ୍ରରେ ଓଡିଶାର ଉନ୍ନତି ଘଟିଛି। ୨୦୧୭ରେ ଧାର୍ଯ୍ୟ ଦେୟ ସମୟ ଅକ୍ଟୋବର ସୁଦ୍ଧା ୪୫.୦୬ ପ୍ରତିଶତ ରିଟର୍ନ ଫାଇଲିଂ ଦାଖଲ ହୋଇଥିବାବେଳେ ଜୁଲାଇ ୨୦୧୮ରେ ତାହା ୬୫.୫୧ ପ୍ରତିଶତକୁ ବୃଦ୍ଧି ପାଇଛି। ଜିଏସ୍‌ଟି ପ୍ରଚଳନ ଫଳରେ ଓଡିଶାରେ ରାଜସ୍ୱ ହ୍ରାସ ପାଇଥିବା ବେହେରା ସୂଚନା ଦେଇଥିଲେ। ଜିଏସ୍‌ଟି ପ୍ରଚଳନ ହେବା ପୂର୍ବରୁ ରାଜ୍ୟରେ ଧାନ, ଚାଉଳ, ଅଟା, ମଇଦା, ସୁଜି, ଗହମ, ଗୁଡ ଇତ୍ୟାଦିରେ ୫ପ୍ରତିଶତ କର ଆଦାୟ ହେଉଥିଲା। ମାତ୍ର ଜିଏସ୍‌ଟି ଲାଗୁ ହେବାପରେ ଏସବୁ ଦ୍ରବ୍ୟକୁ କରମୁକ୍ତ କରାଯାଇଛି। ରାଜ୍ୟର ପ୍ରମୁଖ କର ଆଦାୟ ସ୍ରୋତ ଖଣିଜ ପଦାର୍ଥ ଓ ଏଥିରୁ ପ୍ରସ୍ତୁତ ଦ୍ରବ୍ୟରୁ ଆସିଥାଏ। ଜିଏସ୍‌ଟି ପ୍ରଥା ଅନୁଯାୟୀ ଯେଉଁ ରାଜ୍ୟରେ ଏହି ଦ୍ରବ୍ୟ ବ୍ୟବହାର କରାଯିବ ସେହି ରାଜ୍ୟରେ ଜିଏସ୍‌ଟି ଆଦାୟ କାରଣରୁ ଓଡିଶା ଟିକସ ହରାଉଛି। ଏହାସହ ଓଡିଶାରେ ପୂର୍ବ ପ୍ରଚଳିତ ଭାଟ୍‌ର ଅଧିକାଂଶ ଦ୍ରବ୍ୟରେ ୧୪.୫ପ୍ରତିଶତ କର ଆଦାୟ କରୁଥିଲା। ଏବେ ସେହିସବୁ ଦ୍ରବ୍ୟରେ ୯ପ୍ରତିଶତ ଆଦାୟ ହେଉଥିବାରୁ ଓଡିଶାରୁ ଟିକସ ଆଦାୟ ପରିମାଣ ହ୍ରାସ ପାଇଥିବା ଶଶିଭୂଷଣ ବୈଠକରେ ସୂଚନା ଦେଇଛନ୍ତି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT
7749095348, 8249919890

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527 +91 8126673652
ଠକମାନଙ୍କ ପ୍ରତି ସାବଧାନ

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ। (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

!! ବିନା ଗ୍ୟାରେଣ୍ଟର!!
ମହାବୀର ଫାଇନାନ୍ସ
ସ୍ୱରୋଜଗାର ପାଇଁ ଅଷ୍ଟମ/ଦଶମ ପାସ୍ ମହିଳା / ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନୀ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ, 25% ରିହାତି
20 ବର୍ଷରେ ଫେରସ୍ତ
7292015349
8447083534
41/14, SECTOR-1, PUSHP VIHAR, DELHI-110017

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ। ପ୍ରଥମେ କାମ ପରେ ଦାମ୍, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଭେହିକିଲ୍, ବ୍ୟବସାୟ, ସମସ୍ତ ଋଣ 2% ସୁଧ, 40% ରିହାତି ଘରେ ବସି ଉପଲବ୍ଧ।
DHANLAXMI FINANCE
Ram Nagar, Narnel, Haryana
7310612716
7310613702



ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସଂପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠ୍‌କରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai



Urbasi Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ।
Stockist-Odisha Drug Distributor
Cell: 7873239883

ASHOKA FINANCE
ଫାଇନାନ୍ସ
ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୧୩୮୦ରେ (୧-୯୦ ଲକ୍ଷ) ପର୍ଯ୍ୟନ୍ତ 0% ସୁଧ, ୬୦% ରିହାତି। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ରାଶନକାର୍ଡ, ଆଧାର କାର୍ଡ ସମସ୍ତ ଋଣ ୪୮ ଘଣ୍ଟାରେ।
H-33, Aroda, G. Noida, Delhi
8743042068
7900883466

FINANCE
ଭାରତ ସରକାର ରେଜିଷ୍ଟ୍ରିଡ କମ୍ପାନି 1980 ରୁ ଆପଣଙ୍କ ସେବାରେ
Regd. No : OD14813486
କରୁଛି କେବଳ ଆଧାରକାର୍ଡ, ପ୍ରପୋର୍ଟି, ମାର୍କସିଟ୍, ପର୍ସନାଲ୍, ହୋମ, ଜମି, ଏଜୁକେସନ୍, ବିଜ୍‌ନେସ୍, ଲଘୁ ଉଦ୍ୟୋଗ ପାଇଁ ସମସ୍ତ ଋଣ ଘରେ ବସି ମାତ୍ର ୨୪ଘଣ୍ଟାରେ 1% ସୁଧ 40% ରିହାତି ବିଦ୍ୟାର୍ଥି ମାନଙ୍କୁ ସମ୍ପୂର୍ଣ୍ଣ ଅଗ୍ରାଧିକାର।
ଅଧିକ ବିବରଣୀ ପାଇଁ ସମ୍ପର୍କ କରନ୍ତୁ
31 UA, Bangalow Road, Kamla Nagar, New Delhi
7751976559

FINANCE
P.M.J.S.Y ସମସ୍ତ ଆଧାରକାର୍ଡ ଧାରକମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ ସୁଧରେ ସବୁ ପ୍ରକାର ଋଣ ଯୋଗାଇ ଦେଉଛି। ଋଣ ପଇସା ୪୮ ଘଣ୍ଟା ଭିତରେ ବ୍ୟାଙ୍କ ଆଉଣ୍ଟ ଖାତାରେ ଟ୍ରାନ୍ସଫର ହେବ। 30% ସବସିଡି।
Ameerpt, Hyderabad
Pin- 5000106 (Telengana)
7787922501
7787907927
pmjansamridhi@gmail.com

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ–
7991052261
7991052595

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7750921669
8337956019



ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠହରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ବୈଦିକ ବିଦ୍ୟାରେ ନିପୁଣ
9873361894, 9654673664

SMS JOB
Send SMS, Earn Money
JEEO GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike + 7500/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

ଭାରତର ନଂ.1 କମ୍ପାନୀ
!!ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ!!
ଦେଉଛି ବେରୋଜଗାର ଭାଇମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ
ମାର୍କଶିଟ୍, ଆଧାରକାର୍ଡ ଆଦି ଋଣ ମାତ୍ର 2 ଘଣ୍ଟାରେ ପ୍ରାପ୍ତ କରନ୍ତୁ
ମା ଓ ଭଉଣୀଙ୍କ ପାଇଁ ବିଶେଷ ରିହାତି
1% ସୁଧ, 50% ରିହାତି
6388753739
6399376206
Add : - 41/14, Sec-1 Pushp Vihar, Delhi

BUSINESS
ସରକାରୀ ଯୋଜନାଦ୍ୱାରା ଡିଜିଟାଲ୍ ଯାନ୍ତ୍ରିକ ଉପକରଣ ଗୁଡିକ ନିଜର ପ୍ଲଟ୍, କ୍ଷେତ, ଛାତ ଉପରେ ଶତ ପ୍ରତିଶତ ଗ୍ୟାରେଣ୍ଟେଡ୍ ଶୀଘ୍ର ଲଗାନ୍ତୁ
ଭଡା- ୧୨୦୦୦୦/- + ଆଡଭାନ୍ସ୍- ୧ କୋଟି ୨୦ ଲକ୍ଷ + କୋର୍ଟ ଏଗ୍ରିମେଣ୍ଟ
୨ ଚାକିରୀ + ରହିବା + ବିମା ଫ୍ରି
Office No.413, Commercial Complex, Paschim Vihar, New Delhi-64
08076675193
08700152155

SMS JOB
SEND SMS, EARN MONEY
AITEL - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ!
କମ୍ପାନୀ ଦ୍ୱାରା Mobile + Laptop + Bike SIM + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
07367075431
07367075342

Free GOLD COIN Free
A 2 Z FINANCE Ltd.
ଦିପାବଳୀ ଧମାକା
3 ଲକ୍ଷରୁ 5 କୋଟି
ଆଧାରକାର୍ଡ, ମାର୍କଶିଟ୍ ପ୍ରପର୍ଟି, ସମସ୍ତ ଋଣ ଘରେ ବସି
ସୁଧ 0% ରୁ 6%
9506060250
Add : - 41/14, Sec-1 Pushp Vihar, Delhi

ଡିଜିଟାଲ ଉପକରଣ
ହିନ୍ଦୁସ୍ତାନ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odi577407) ଖାଲି ଜମି ଉପରେ ଡିଜିଟାଲ୍ ଟାୱାର ଲାଗନ୍ତୁ। ଅଗ୍ରିମ ୨୦,୦୦୦,୦୦, ଭଡ଼ା 70,000, 60,000ର ଅନ୍ୟାନ୍ୟ ସୁବିଧା + ଏକ ବାଇକ୍ + 1 ଲାପଟପ୍ ଫ୍ରି। ନୋଟ୍– (ଇଚ୍ଛୁକ ବ୍ୟକ୍ତି ନାମ, document Gmail/ଫୋନ୍ କରନ୍ତୁ।)
7302090964
2/2250, Rambagh Colony, Ramghat Road, Gali No.4 Tehsil- Koil, Dist- Aligarh


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




ଇହ ଜନ୍ମରେ ଯେତେଦୂର ସାଧନ କରାଯାଇଥାଏ, ତାହା ପରଜନ୍ମରେ ସଂସ୍କାର ଭାବରେ ପରିଣତ ହୋଇ ଉନ୍ନତିର ମାର୍ଗ ଉନ୍ମୁକ୍ତ କରିଦିଏ।
- ଗୀତା



# ନେପାଳ ଗସ୍ତରେ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୨୮।୯(ବ୍ୟୁରୋ)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦୁଇଦିନିଆ ନେପାଳ ଗସ୍ତରେ ଯାଇଛନ୍ତି। ଏହି ଅବସରରେ ସେ ଶୁକ୍ରବାର ନେପାଳ ରାଷ୍ଟ୍ରପତି ବିଦ୍ୟାଦେବୀ ଭଣ୍ଡାରୀ, ଉପପ୍ରଧାନମନ୍ତ୍ରୀ ଈଶ୍ୱର ପୋଖରେଲଙ୍କ ସମେତ ଅନ୍ୟ କେତେଜଣ ମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ଧର୍ମେନ୍ଦ୍ର ଏବଂ ପୋଖରେଲଙ୍କ ମଧ୍ୟରେ ପେଟ୍ରୋଲିୟମ ଉତ୍ପାଦନ, ପାଇପ୍‌ଲାଇନ, ନେପାଳରେ କାମ ଚାଲିଥିବା ଅନ୍ୟ ତୈଳ ଓ ଗ୍ୟାସ ପ୍ରକଳ୍ପର ଅଗ୍ରଗତି ନେଇ ଆଲୋଚନା ହୋଇଛି। ନେପାଳ ସ୍ୱରାଷ୍ଟ୍ର ମନ୍ତ୍ରୀ ଓ କାର୍ଯ୍ୟବାହକ ବହିର୍ବ୍ୟାପାର ମନ୍ତ୍ରୀ ରାମ ବାହାଦୁର ଥାପାଙ୍କ ସହ ମଧ୍ୟ ସେ ସାକ୍ଷାତ କରିଛନ୍ତି। ସେ ସେଠାକାର ତୈଳମନ୍ତ୍ରୀ ମାତ୍ରିକା ପ୍ରସାଦ ଯାଦବଙ୍କୁ ଭେଟି ବିହାରର ମୋତିହାରୀଠାରୁ ନେପାଳର ଆମଲେକଗଞ୍ଜ ପର୍ଯ୍ୟନ୍ତ ପେଟ୍ରୋଲ ଡିଜେଲ ଏବଂ ଏଟିଏଫ୍ ପାଇପଲାଇନ୍‌ର କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ଆଲୋଚନା କରିଛନ୍ତି। ଭାରତ ଓ ନେପାଳ ମଧ୍ୟରେ ଏଲ୍‌ପିଜି ପାଇପ୍‌ଲାଇନ୍ ଓ ଫର୍ଟିଲାଇଜର ପ୍ଲାଣ୍ଟ ପାଇଁ ନ୍ୟାଚୁରାଲ ଗ୍ୟାସ ପାଇପ୍‌ଲାଇନ ବିଛାଇବା ଲାଗି କାମ କରିବାକୁ ବୈଠକରେ ସହମତି ପ୍ରକାଶ ପାଇଥିଲା। ଏହି ପ୍ରକଳ୍ପଗୁଡ଼ିକରେ ଆଇଓସି ଓ ନେପାଳ ଅଏଲ କର୍ପୋରେଶନ ମିଶି କାମ କରିବେ। ଏହାସହ ଧର୍ମେନ୍ଦ୍ର ନେପାଳ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଗିରିରାଜ ମଣି ପୋଖରେଲଙ୍କୁ ଭେଟି ଦକ୍ଷତା ବିକାଶ ଓ ଉଦ୍ୟମିତା କ୍ଷେତ୍ରରେ ସହଯୋଗ ଲାଗି ଆଲୋଚନା କରିଛନ୍ତି।


କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ନେପାଳ ଉପପ୍ରଧାନମନ୍ତ୍ରୀ ଈଶ୍ୱର ପୋଖରେଲ।


# OFFICE OF THE NOTIFIED AREA COUNCIL, G.UDAYAGIRI

## TENDER CALL NOTICE

**No. 1897** **Date: 28.09.2018**

Sealed tenders in detailed scheduled of quotations are invited to be eventually drawn up in the P.W.D. prescribed P1 form for execution of the following works from all the Govt. Registered Contractors, Odisha/ N.A.C., G.Udayagiri contractors for the work indicated in the scheduled below.

| Sl. No. | Name of the Projects | Estimated Cost | Class of Contractor eligible in participate | Cost of E.M.D. 1% | Cost of Tender Paper | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01 | Improvement of C.C. Road from PWD Road to Kranjanju, Ward No.-13 | 198500.00 | D & C | 1985.00 | 600.00 | Fifteen Days |
| 02 | Repair of 17 Nos. of Market Compelx at Bhanja Market Complex (Roof Slab) | 186000.00 | D & C | 1860.00 | 600.00 | Fifteen Days |
| 03 | Repair of 32 Nos. of Market Compelx at Neheru Market, Baralini Market & Bandha Chhack (AC Sheet) | 152000.00 | D & C | 1520.00 | 600.00 | Fifteen Days |
| 04 | Repair of 18 Nos. of Market Complex at Bhanja Market Complex & Neheru market Complex (Roof Slab) | 196000.00 | D & C | 1960.00 | 600.00 | Fifteen Days |
| 05 | Repair of 19 Nos. Market Compelx at Srirampada (Roof Slab) | 199500.00 | D & C | 1995.00 | 600.00 | Fifteen Days |
| 06 | Improvement of C.C. Drain with Cover Plate from AWC to Salunki Nala, Ward No.-05 | 196000.00 | D & C | 1960.00 | 600.00 | Fifteen Days |
| 07 | Repair of C.C. Drain from Ganesh Jena House to Lajra House, Ward No.-05 | 196000.00 | D & C | 1960.00 | 600.00 | Fifteen Days |

**Terms & Conditions:**
1. The intending contractor can obtain their tender papers from the Office of the Executive Officer, N.A.C., G.Udayagiri on payment of cost of the tender (Non-refundable) during the office hour on any working day from Dt.29.09.2018 to 09.10.2018 upto 3.00 P.M.
2. Tender documents will be received upto 05.00 P.M. on 09.10.2018 at the Office of the undersigned in seal cover at specifed tender box. The tender paper received beyond the scheduled date and time shall not be entertained. The tender will be opened on 10.10.2018 at 11.00 A.M. in presence of tenderer or their authorized agents.
3. The authority shall not be responsible for any postal delay in receipt of tender documents.
4. Each tender documents shall be accompanied with the attested Xerox copy of GSTN/PAN Card/All Govt. registered contractor for the year 2018-19 and required EMD in shape of Cash/N.S.C./Pass Book drawn in favour of Executive Officer, N.A.C., G.Udayagiri payabale at S.B.I., G.Udayagiri. The tender without accompanied with EMD shall be rejected.
5. EMD of unsuccessful tenderer will be refundable without any interest.
6. If the offer is lowest tender is less than the estimated cost the differential amount between the estimated costs, bid cost shall be deposited by the tenderers in shape of Cash/Cheque in the Office of the N.A.C., G.Udayagiri before issue of work order as performance guarantee failing which will be rejected and next lowest tender shall be considered, the deposit amount shall be refunded after completion of the work.
7. The successful bidder have to deposit 1% ISD (Initial Security Deposit) in shape of DD/NSC/KVP/FD, etc. in favour of Executive Officer, N.A.C., G.Udayagiri, payable at G.Udayagiri before making agreement.
8. The authority reserves the right to cancel any or all the tenders without assigning reason thereof.

**Sd./- Executive Officer, N.A.C., G.Udayagiri**


# ୮୯ରେ ପଦାର୍ପଣ କଲେ ଲତା



**ମୁମ୍ବାଇ:** ବଲିଉଡ୍ ସଂଗୀତ ଜଗତର ବିଶିଷ୍ଟ କୋକିଳକଣ୍ଠୀ ଗାୟିକା ଲତା ମଙ୍ଗେସ୍କର ଶୁକ୍ରବାର ୮୯ ବର୍ଷରେ ପଦାର୍ପଣ କରିଛନ୍ତି। ସଂଗୀତ ଶିଳ୍ପରେ ତାଙ୍କର ମହନୀୟ ଅବଦାନ ଲାଗି ତାଙ୍କୁ 'ମେଲୋଡି କୁଇନ୍' ଏବଂ 'ଭାରତର ବୁଲ୍‌ବୁଲ୍' ଆଖ୍ୟା ଦିଆଯାଏ। ୧୯୪୨ରୁ ୨୦୧୫ ପର୍ଯ୍ୟନ୍ତ ତାଙ୍କ ଗାୟିକା ଜୀବନର ସୁଦୀର୍ଘ ଯାତ୍ରା ତାଙ୍କୁ ଶ୍ରୋତା ମହଲରେ ସୁପରିଚିତ କରାଇପାରିଛି। ସେ ୧୩ବର୍ଷ ବୟସରେ ୧୯୪୨ରୁ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ଏ ପର୍ଯ୍ୟନ୍ତ ସେ ବିଭିନ୍ନ ଭାଷାର ୨୫,୦୦୦ ଗୀତ ଗାଇ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଛନ୍ତି। ତାଙ୍କର 'ବିନ୍ଦିଆ ଚମ୍‌କେଗି', 'ଅଜିବ ଦସ୍ତାନା ହୈ ୟି', 'ତୁନେ ଓ ରଙ୍ଗିଲା କୈସା ଯାଦୁ କିୟା', 'ମେରେ ହାତୋଁ ମେ', 'ଆଜା ଶାମ୍ ହୋନେ ଆୟି', 'ଦିଲ୍ ଦିୱାନା ବିନ୍ ସଜାନା କି' ଭଳି ଅନେକ ଗୀତ ଦର୍ଶକଙ୍କ ହୃଦୟକୁ ଛୁଇଁପାରିଛି। ସେ ଏକମାତ୍ର ଗାୟିକା ଯିଏ ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭାରତରତ୍ନ' ଦ୍ୱାରା ସମ୍ମାନିତ। ସେ ମଧ୍ୟ ଦାଦାସାହେବ ଫାଲ୍‌କେ ପୁରସ୍କାର, ଫ୍ରାନ୍ସର ସର୍ବୋଚ୍ଚ ବେସାମରିକ ପୁରସ୍କାର(ଅଫିସର ଅଫ୍ ଦି ଲିଜିୟନ୍ ଅଫ୍ ଅନର), ୩ଟି ଜାତୀୟ ପୁରସ୍କାର ଏବଂ ଅନେକ ଫିଲ୍ମଫେୟାର ପୁରସ୍କାର ଲାଭ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମେଲୋଡି କୁଇନ୍ ଲତାଙ୍କୁ ତାଙ୍କ ଜନ୍ମଦିନରେ ଶୁଭେଚ୍ଛା ଜଣାଇଛନ୍ତି। ଲତା ଦିଦି ସୁଲଳିତ କଣ୍ଠସ୍ୱର ଦ୍ୱାରା କୋଟି କୋଟି ଦେଶବାସୀଙ୍କର ପ୍ରିୟଭାଜନ ହୋଇପାରିଥିବା କହିବା ସହିତ ତାଙ୍କର ସୁସ୍ଥ ଓ ଦୀର୍ଘଜୀବନ କାମନା କରିଛନ୍ତି।

# ବିଜେଡିର ତୈଳ ଦର ବୃଦ୍ଧି ପ୍ରତିବାଦ ୧ରେ

**ଭୁବନେଶ୍ୱର,୨୮।୯(ବ୍ୟୁରୋ):** ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପ୍ରତିବାଦରେ ବିଜେଡି ପକ୍ଷରୁ ଅକ୍ଟୋବର ପହିଲାରେ ରାଜଭବନ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା କରାଯିବ । ଦଳର ସାଧାରଣ ସମ୍ପାଦକ ସଞ୍ଜୟ ଦାସବର୍ମା ଶୁକ୍ରବାର ଏହି ସୂଚନା ଦେଇଛନ୍ତି। ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଞ୍ଜୟ କହିଛନ୍ତି ଯେ, ବିଗତ ସାଢେ ୪ ବର୍ଷରେ ୧୪ ଥରରୁ ଅଧିକ ତୈଳ ଦର ବୃଦ୍ଧି କରାଯାଇଛି। ଅଶୋଧିତ ତୈଳ ଦର ହ୍ରାସ ପାଇବା ସମୟରେ କେନ୍ଦ୍ର ସରକାର ତୈଳ ଦର ହ୍ରାସ କରି ନ ଥିଲେ। କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ୨୦୧୪ରେ ପେଟ୍ରୋଲ ଲିଟର ପିଛା ୯.୨୦ ଟଙ୍କା ଥିଲା। ବର୍ତ୍ତମାନ ତାହା ୧୯.୪୮ ଟଙ୍କାରେ ପହଞ୍ଚିଛି। ସେହିପରି ଡିଜେଲ ଦର ୨୦୧୪ରେ ଲିଟର ପିଛା ଉତ୍ପାଦ ଶୁଳ୍କ ୩.୪୬ଟଙ୍କା ଥିବା ବେଳେ ବର୍ତ୍ତମାନ ତାହା ୧୫.୩୩ ଟଙ୍କାକୁ ବୃଦ୍ଧି ହୋଇଛି। ପେଟ୍ରୋଲ ଓ ଡିଜେଲରେ ଯଥାକ୍ରମେ ୧୧୧ ପ୍ରତିଶତ ଓ ୩୫୦ ପ୍ରତିଶତ ଉତ୍ପାଦ ଶୁଳ୍କ ବୃଦ୍ଧି କରାଯାଇଛି। ବିଜେଡି ଏବଂ ସାଧାରଣ ଜନତା ତୈଳ ଦର ବୃଦ୍ଧିର ବାରମ୍ବାର ପ୍ରତିବାଦ କରିବା ପରେ ମଧ୍ୟ କେନ୍ଦ୍ର ସରକାର ଦର ହ୍ରାସ ନ କରିବା ଦୁର୍ଭାଗ୍ୟଜନକ ବୋଲି ସଞ୍ଜୟ ସମାଲୋଚନା କରିଛନ୍ତି।

# ଭିଜିଲାନ୍ସ ଜାଲରେ ଚାନ୍ଦିପୁଟ ଆର୍‌ଆଇ

**ମୋହନା,୨୮।୯(ଡି.ଏନ୍.ଏ.)–** ଗଜପତି ଜିଲା ମୋହନା ବ୍ଲକ ଚାନ୍ଦିପୁଟ ରାଜସ୍ୱ ନିରୀକ୍ଷକ ପ୍ରଭାକର ପାଢୀ ଏକ ଜମି ଡିମାର୍କେସନ ପାଇଁ ୪ହଜାର ଟଙ୍କା ଲାଞ୍ଚ ନେବାବେଳେ ଶୁକ୍ରବାର ଭିଜିଲାନ୍ସ ଜାଲରେ ପଡିଛନ୍ତି। ଟୁଟୁଗୁଡା ଗାଁର ଦୁଃଶାସନ ପ୍ରଧାନ ତାଙ୍କର ଜମି ଡିମାର୍କେସନ ପାଇଁ ତହସିଲରେ ଆବେଦନ କରିଥିଲେ। ମାତ୍ର ଏହାର ବିଳମ୍ବ ହେବାରୁ ଦୁଃଶାସନ ରାଜସ୍ୱ ନିରୀକ୍ଷକ ପାଢୀଙ୍କୁ ଯୋଗାଯୋଗ କରିଥିଲେ। ସେ ଏନେଇ ଲାଞ୍ଚ ଟଙ୍କା ନେଉଥିବା ବେଳେ ଧରା ପଡିଥିଲେ।

# ଆଜି ଶିକ୍ଷାବିତ ପ୍ରଫୁଲ୍ଲ ପତି ସ୍ମାରକୀ ବକ୍ତୃତା

**ସମ୍ବଲପୁର,୨୮।୯(ବ୍ୟୁରୋ)–** ପ୍ରଫେସର ପ୍ରଫୁଲ୍ଲ କୁମାର ସ୍ମାରକୀ ବକ୍ତୃତା ଶନିବାର ହୋଟେଲ ନିକିଠାରେ ଅନୁଷ୍ଠିତ ହେବ । ଡ. କୃଷ୍ଣକେଶବ ଷଡଙ୍ଗୀ ଆଲୋଚକ ଭାବେ ଯୋଗଦେଇ 'ଦାରୁବ୍ରହ୍ମ ଜଗନ୍ନାଥ' ଶୀର୍ଷକ ବକ୍ତୃତା ପ୍ରଦାନ କରିବେ।


ଶିକ୍ଷା ଅଧିକାର
ସର୍ବ ଶିକ୍ଷା ଅଭିଯାନ

# DISTRICT PROJECT OFFICE
# R.T.E. SARVA SHIKSHA ABHIYAN

P.O./Dist.- NABARANGPUR

**No.: 4526/Fin./2018** **Dated: 25.09.2018**

## TENDER CALL NOTICE

Sealed tenders are invited from interested reputed Travel Agencies/Tour Operators or Private Individuals for providing 2 (two) nos. of Non AC / AC Diesel driven vehicles of type **Bolero** having sitting capacity not more than ten including driver to be engaged in the District Project Office, RTE-SSA, Nabarangpur on monthly rent basis for a period of one year. The envelope must be superscirbed as "Tender for hiring of Vehicles for District Project Office, RTE-SSA, Nabarangpur".

The detailed information for hiring of vehicle on monthly basis has been given in the tender document which may either be downloaded from the website **www.opepa.in**. district website **www.nabarangpur.nic.in OR** obtained in person from Finance Section, DPO, RTE-SSA, Nabarangpur on any working day during office hour. The last date and time for submission of tender document is **26.10.2018 by 3.00 P.M**. The application may be sent by Speed Post/Registered Post as in the above address. The undersigned reserves the right to cancel any or all the proposals without assigning any reason thereof.

Corrigendum, if required will be uploaded in the above websites.

By Order of Collector-cum-Chairperson
**Sd./- District Project Coordinator**
**RTE-SSA, Nabarangpur**



अखिल भारतीय आयुर्विज्ञान संस्थान (एम्स), भुवनेश्वर

# ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR

(A Statutory Body under aegis of Ministry of Health and Family Welfare, Govt. of India)
Sijua(Patrapada), Bhubaneswar(Odisha)-751019
www.aiimsbhubaneswar.edu.in

File No. :AIIMS/BBSR/CM&FM/TANGI/LEASE RENT/57/5582 Dated : 27th Sep 2018

## NOTICE INVITING TENDER

The All India Institute of Medical Sciences (AIIMS), Bhubaneswar invites bid in sealed envelope in two bid system for **"Providing Lease/Rented Accommodation to AIIMS Bhubaneswar for Doctors Residential Complex at Tangi, Khordha"** *(NIT No. :AIIMS/BBSR/CM&FM/TANGI/LEASE RENT/ 57/5582)*.The detailed Tender Document along with Last Date & Time of Submission of Tender can be viewed & Downloaded from the website **www.aiimsbhubaneswar.edu.in,** Last date of submission of tender document is **26-10-2018 (11:00 AM).**

**Sd/-**
**Assistant Administrative Officer**
**AIIMS, Bhubaneswar**



NATIONAL RURAL HEALTH MISSION

# ZILLA SWASTHYA SAMITI
## KEONJHAR
## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KEONJHAR

(NPCB KEONJHAR)

## TENDER CALL NOTICE

Advt. No. 1750 Date: 27.09.2018

**No. 461-E:-** Sealed tender is invited from the registered supplier / firm for supply of Ophthalmological Drugs (Medicine) & Spectacles which are used in District Blindness Control Society, Keonjhar for the year 2018-19. The interested supplier / firm having valid GST Regd. no. may be applied. The lists of the items are mentioned below in details. The term & condition of the tender may be downloaded from the website www.kendujhar.nic.in. The tender should reach to the office of the undersigned by 25.10.2018 at 5PM through Speed Post / Regd. Post / Courier and which will be opened on the day at 26.10.2018 at 11.00AM DTU Conference Hall, NHM, Keonjhar. This office will not entertain any tender after the due date/time fixed for at any circumstances.

The undersigned reserves the right to reject any or whole tender without assignment any reason thereof.

10033/11/0046/1819

***Sd./- Chief District Medical & Public Health Officer, Keonjhar***



ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.

# ODISHA POWER TRANSMISSION CORPORATION LIMITED

(A Government of Odisha Undertaking)
Regd. Office: Janpath, Bhubaneswar -751 022 (Odisha)
Tel: 0674-2542230 CIN: U40102OR2004SGC007553
OPTCL
Lifeline of Odisha

## NOTICE INVITING TENDER (NIT)
(DOMESTIC COMPETITIVE e-BIDDING)

**e-TENDER NOTICE NO.: CPC-32/2018-19** **Date: 29.09.2018**

ODISHA POWER TRANSMISSION CORPORATION LTD. invites bids (in e-tendering mode only) under single stage two-envelop system from reputed EPC / Turnkey Contractors for **Engineering, Supply, Erection and Commissioning for Diversion of 132KV TTPS. Chainpal DC line from LOC, No. 01 to 04 at TTPS, Chainpal at an Estimated Cost of the Package for Rs.3.55 Crore on "TURNKEY CONTRACT BASIS".** Interested bidders are required to enroll themselves in the tender portal **"www.tenderwizard.com/OPTCL"**. Complete set of bidding documents are available on **"www.tenderwizard.com/OPTCL"** portal from Dt.**(29.09.2018) / (11:00)AM** up to Dt.**(01.11.2018) / (12:45)PM.** Interested bidders may visit OPTCL's official website **"http://www.optcl.co.in"** and Tender Portal **"http://www.tenderwizard.com/ OPTCL"** for further detail.

**Note :** Bidders are requested to regularly visit Official website of OPTCL / Tender Portal only for amendment / errata / corrigendum (if any) and any other information regarding the tender, as the same shall be published only on the OPTCL website / Tender Portal.

Sd/-
**Chief General Manager (CPC)**
**e-Mail: sgm.cpc@optcl.co.in**

**CR Advt. No. 42/2018-19**

Please connect us: optcl.odisha optcl_odisha energyodisha


See Career Appointment on every Wednesday & Saturday


# OFFICE OF THE COLLECTOR & DISTRICT MAGISTRATE, ANGUL

**(ST & SC Development Section, Ph. No.: 06764-231173, e-mail: angdwo@gmail.com)**

**No. 1956** **Dt. 28.09.2018**

In pursuance of Advt. No-978/ Date 03.05.2018 for engagement of Junior Teachers (Sikshya Sahayaks) on contractual basis in different schools managed by ST/ SC Development Department of Angul district and as per decision taken in the District Level Selection Committee Meeting held on 28.09.2018, the list of valid and invalid candidates are hereby published for information of the candidates after finalization of the objections received from the candidates by 10.09.2018. The detail valid and invalid list of candidates are available in the district website http://www.angul.nic.in. The valid/ eligible candidates are advised to attend the certificate verification work on 10.10.2018 at 10 A.M. in Zilla Parishad Conference Hall, DRDA, Angul with all their Original Certificates & Mark sheets in person for verification. The candidates those who remain absent on the date of verification, their candidature will be cancelled/ rejected and no objections shall be entertained in future in this regard.

**Sd./- Addl. District Magistrate, Angul**



अखिल भारतीय आयुर्विज्ञान संस्थान (एम्स), भुवनेश्वर

# ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR

(A Statutory Body under aegis of Ministry of Health and Family Welfare, Govt. of India)
Engineering Branch (Civil), Sijua (Patrapada), Bhubaneswar(Odisha)-751019
www.aiimsbhubaneswar.edu.in

File No. : AIIMS/BBSR/Engg./ 447 /2018-19 Dated : 27th Sep 2018

## NOTICE INVITING E-TENDER

The All India Institute of Medical Sciences (AIIMS), Bhubaneswar invites e-Tender for the Work **"Construction of Retaining Wall, RCC Slab, Drain, Sewerage Line, Rain Water Duct & Other Miscellaneous Civil Works for preventive measures towards ingress of Rain Water in Bunker Area of AIIMS, Bhubaneswar"** *(NIT No. : AIIMS/BBSR/Engg./ 027/2018-19).* The detailed Tender Document along with Last Date & Time of Submission of Tender can be viewed & Downloaded from the website : **www.aiimsbhubaneswar.edu.in, www.tenderwizard.com / AIIMSBBSR & CPP Portal www.eprocure.gov.in.**

**Sd/-**
**Executive Engineer (Civil)**
**AIIMS, Bhubaneswar**



# ODISHA STATE HOUSING BOARD

## SACHIVALAYA MARG, BHUBANESWAR - 751001

Phones EPABX: (0674) 2393524, 2390141, 2391542, FAX: (0674) 2393952
Visit us at: http://www.oshb.org
No. 11636/OSHB dt. 28.09.2018

**Bid Identification No. 08/CE/OSHB 2018-19**

## EXPRESSION OF INTEREST

Odisha State Housing Board intends to engage consultant for facilitating to obtain Environmental clearance as per EIA notification - 2006 of Ministry of Environment and Forest, Govt. of India for its proposed projects as follows. Only EIA consultants having accreditation with Quality Council of India (QCI) / National Accreditation Board of Education and Training (NABET) on Building & Construction sector may apply to the Chief Engineer, OSHB, Bhubaneswar, on their letter pad mentioning their consultancy fees, past experience on obtaining such clearance, QCI/NABET accreditation certificate, PAN, Registration number, GSTN and other details of their firm. The applicant has to deposit Rs. 5000.00 in shape of demand draft drawn in any Nationalised Bank in favour of Orissa Housing Board Works Fund No. XI towards security deposit. The detail information of the project can be obtained from the office of the Project Engineer (PH) during office hours. The last date of receipt of applications is Dt. 11.10.2018 up to 4:00 PM and will be opened on dt.12.10.2018 at 4:00 .PM.

The offers should be submitted in separate applications for separate works.

The authority reserves the right to reject any or all the applications without assigning any reasons thereof.

| Sl. No. | Name of the work | Land area | Security deposit |
|---|---|---|---|
| 1 | Construction of Residential Housing Complex at Patrapada, Bhubaneswar | Ac. 11.500 | Rs. 5000.00 |
| 2 | Construction of Residential Housing Complex at Jagannathprasad, Bhubaneswar | Ac. 9.000 | Rs. 5000.00 |
| 3 | Construction of Residential Housing Complex at Suango, Bhubaneswar | Ac. 11.104 | Rs. 5000.00 |

***Sd./- Chief Engineer***



# OFFICE OF THE EXECUTIVE ENGINEER RWSS DIVISION, BERHAMPUR

**Near JaradaBunglow, Pin – 760004, Ph. 0680-2296344**
**eerwss_bam@nic.in rwssbam@gmail.com**
**Government of Odisha "e" Procurement Notice**

## NATIONAL COMPETITIVE BIDDING

**Bid Identification No. EERWSSBAM- 12 /2018-19**

**No.791-O:-** The Executive Engineer, RWS&S Division, Berhampur, Ganjam on behalf of Governor of Odisha invites bids in Single Cover & Double cover system according to the norm of "e" Procurement system in online mode for Supply, drawing, design, construction, testing and commissioning and maintenance of different PWS Schemes and electrification works in Ganjam District from the eligible contractors as per DTCN.

| | | |
|---|---|---|
| 1 | Name of the work | Execution of different works of different P.W.S. Scheme in Ganjam District. |
| 2 | No of Work (Tender) | 12 Nos. |
| 3 | Estimated cost (Approximate) | Ranging from Rs. 5.78 lakhs to Rs. 73.18 lakhs |
| 4 | Period of completion | Ranging from 90 days to 210 days |
| 5 | Date & Time of availability of bid document in the Portal. | From 01-10-2018 at 11.00 hrs to 15-10-2018 up to 17.00 hrs |
| 6 | Last date & time for seeking clarification | 10-10-2018 up to 17.00 hrs |
| 7 | Dt. of opening of Bid | 20-10-2018 at 11.00 hrs |
| 8 | Late date / Time for receipt of bids in the Portal | 15-10-2018 up to 17.00 hrs |
| 9 | Name & address of the Officer inviting tender. | Executive Engineer, RWSS Division, Near Jarada Bunglow, Berhampur-760004, Dist. Ganjam, Odisha. |

Further details can be seen from the e-procurement portal https://tendersorissa.gov.in.

**Executive Engineer**
**RWS&S Division, Berhampur**

**25035/11/0013/1819**



# OFFICE OF THE JATANI MUNICIPAL COUNCIL

## "e" Procurement Notice

**No. 2055** **Date: 27.09.18**

Bid Documents consisting of Work, Estimated Cost, Cost of Tender Paper, EMD, Time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.

| | | | |
|---|---|---|---|
| 1. | Tender Reference No | : | EO/JMC/038/2018-19 |
| 2. | Tender I.D. No | : | 2018_ORULB_49743_1 to 32 |
| 3. | Name of the Work | : | Civil Construction works as mentioned in website |
| 4. | No. of works | : | 32 Nos. |
| 5. | Estimated Cost | : | Rs. 2,50,00.00 to Rs. 9,50,000.00 |
| 6. | Period of Completion | : | 90 days |
| 7. | Date & Time of Bidding | : | 29.09.2018 to 15.10.2018 upto 5 P.M. |
| 8. | Last date & time for receipt of bids in the portal | : | 15.10.2018 upto 5 P.M. |
| 9. | Submission of Original documents (TP cost, EMD, Affidavit etc as per DTCN) | : | On or efore 26.10.2018 upto 11 A.M. (physically produce to the Executive Officer inviting the Bid or through Registered Post/ Speed Post or Office tender box.) |
| 10. | Bids received online shall be opened on | : | 26.10.2018 at 11.30 A.M. |
| 11. | Name and address of the Officer inviting Bid | : | Executive Officer, Jatni Municipality |

Further details can be seen from the procurement portal i.e. www.tendersorissa.gov.in.

**Sd./- Executive Officer,**
**Jatni Municipality**



ଇନ୍ଦ୍ରିୟ ସ୍ୱଭାବତଃ ଚଞ୍ଚଳ, ତାକୁ ସ୍ଥିର ରଖିବା ହେଉଛି ସାଧକର କର୍ତ୍ତବ୍ୟ। ଇନ୍ଦ୍ରିୟ ବସ୍ତୁ ପଛରେ ଗୋଡ଼ାଇଥାଏ। ଇନ୍ଦ୍ରିୟର ଦାସ ହୋଇ ସାଧକ ତା'ର ବୋଲ ମାନିବା ଉଚିତ ନୁହେଁ।

- ଶିରିଡ଼ି ସାଇବାବା




## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ smbselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।










@ ମୋହନ



@ ନନ୍ଦିଘୋଷ



@ ଦେବଦତ୍ତ



@ ଲାଲମୋହନ



@ ପ୍ରତ୍ୟୁଷ

ସେଲ୍‌ଫି ଉଠାନ୍ତୁ ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

■ ବ୍ରାହ୍ମଣୀରେ ଦ୍ୱିତୀୟ ସେତୁ, ଆଇଜିଏଚ୍‌କୁ ସୁପର ସ୍ପେଶିଆଲିଟି ହସ୍‌ପିଟାଲ ପ୍ରସଙ୍ଗ

# ଗାନ୍ଧୀ ଜୟନ୍ତୀରୁ ଅନଶନରେ ବସିବେ ମୁକ୍ତିକାନ୍ତ

**ରାଉରକେଲା ଅଫିସ,୨୮।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରାଉରକେଲା ଗସ୍ତ ସମୟରେ ଦ୍ୱିତୀୟ ବ୍ରାହ୍ମଣୀ ସେତୁ ନିର୍ମାଣ, ଆଇଜିଏଚ୍‌କୁ ସୁପର ସ୍ପେଶିଆଲିଟି ହସ୍‌ପିଟାଲ ଓ ମେଡିକାଲ କଲେଜ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ତାହା ଆଜି ରାଉରକେଲାବାସୀଙ୍କ ପାଇଁ ପ୍ରତାରଣ ସାଜିଛି। ଏହି ପ୍ରତିଶ୍ରୁତିର ଦୀର୍ଘ ୪ବର୍ଷ ପରେ ବି ଉପରୋକ୍ତ ପ୍ରସଙ୍ଗ ପ୍ରଧାନମନ୍ତ୍ରୀ ମୋଦି ଓ ତାଙ୍କ ଦଳ ପାଇଁ ରୁଚିହୀନ ହୋଇ ପଡିଛି ବୋଲି ସେକ୍ଟର-୪ ଡାକବଙ୍ଗଳାଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସାମାଜିକ କର୍ମୀ ମୁକ୍ତିକାନ୍ତ ବିଶ୍ୱାଳ ଓ ରାଉରକେଲା ଯୁବ ଜାଗୃତି ମଞ୍ଚ ଆବାହକ ଗୋପାଳ ଜେନା କହିଛନ୍ତି। ତେବେ ସହରବାସୀଙ୍କ ଉପରୋକ୍ତ ପ୍ରସଙ୍ଗକୁ କେବେ ଅସ୍ତଗାମୀ ହେବାକୁ ଦିଆଯିବ ନାହିଁ କହି ଉଭୟ ଯୁବନେତା ଆସନ୍ତା ଗାନ୍ଧୀ ଜୟନ୍ତୀରୁ ଅନଶନରେ ବସିବେ ବୋଲି ସ୍ପଷ୍ଟ କରିଛନ୍ତି।



ସାମାଜିକ କର୍ମୀ ମୁକ୍ତିକାନ୍ତ ବିଶ୍ୱାଳ ଓ ରାଉରକେଲା ଯୁବ ଜାଗୃତି ମଞ୍ଚ ଆବାହକ ଗୋପାଳ ଜେନା ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ମୁକ୍ତିକାନ୍ତ ବିଶ୍ୱାଳ ଓ ଗୋପାଳ ଜେନା କହିଛନ୍ତି, ନିର୍ବାଚନ ବୈତରଣୀ ପାରହେବାକୁ ପ୍ରଧାନମନ୍ତ୍ରୀ ଏଭଳି ମିଥ୍ୟା ପ୍ରତିଶ୍ରୁତି ଦେଇଥିଲେ। ବଲାଙ୍ଗୀରର ସୂଚନା କର୍ମୀ ହେମନ୍ତ ପଣ୍ଡା ଏ ନେଇ ସୂଚନା ଅଧିକାର ଆଇନ ବଳରେ ମାଗିଥିବା ତଥ୍ୟରୁ ଏହା ସ୍ପଷ୍ଟ ହୋଇଛି। ରାଉରକେଲାଠାରେ ମେଡିକାଲ କଲେଜ କିମ୍ବା ସୁପରସ୍ପେଶିଆଲିଟି ହସ୍ପିଟାଲ ନେଇ କେବେ ପ୍ରସ୍ତାବ ନ ଥିଲା ବୋଲି ଜଣାପଡିଛି। ଏହା ସତ୍ତ୍ୱେ କେତେବେଳେ ଏନେଇ ଟେଣ୍ଡର ଡକାଯାଇଥିବା କୁହାଯାଉଛି ତ ପୁଣି ଅର୍ଥ ମଞ୍ଜୁର ନେଇ ଡିଣ୍ଡିମ ପିଟା ଯାଉଛି। କଥା ଏତିକିରେ ସୀମିତ ରହିନାହିଁ। ଏନେଇ ଶିଳାନ୍ୟାସ ପ୍ରହସନ ମଧ୍ୟ କରାଯାଉଛି। ଆହୁରି ଆଶ୍ଚର୍ଯ୍ୟ ଏହା ଯେ, ସୁପରସ୍ପେଶିଆଲିଟି ନେଇ ଅନୁଦାନ ରାଶି ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ଅନ୍ତର୍ଭୁକ୍ତ ଥିବାବେଳେ କେନ୍ଦ୍ର ସରକାରଙ୍କ ୬୦-୪୦ ଫର୍ମୁଲା ଉପରେ ଓଡ଼ିଶା ସରକାର ଆଜି ପର୍ଯ୍ୟନ୍ତ ନୀରବ ରହିଛନ୍ତି। ଏପରି ଅବସ୍ଥାରେ ସୁପର ସ୍ପେଶିଆଲିଟି ଆଶା ଏକ ଦିବାସ୍ୱପ୍ନ ବୋଲି କହିଛନ୍ତି ଉଭୟ ଯୁବନେତା। ସମ୍ପ୍ରତି ଆଇଜିଏଚ୍ ଏକ ରେଫେରାଲ ହସ୍ପିଟାଲରେ ପରିଣତ ହୋଇଛି। ଉନ୍ନତ ଚିକିତ୍ସା ସେବା ପାଇବା ଆଶାରେ ସ୍ପେଶିଆଲିଟି ଡାକ୍ତର ଅଭାବରୁ ରୋଗୀ ମୃତ୍ୟୁ ମୁଖରେ ପଡୁଛନ୍ତି। ଡାକ୍ତର ଅଭାବ ପୂରଣ କରାଯାଇ ପାରୁନାହିଁ। ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ଆଇଜିଏଚ୍‌ର ଅବସ୍ଥା ସୁଧୁରୁ ନ ଥିବା ବେଳେ ସୁପର ସ୍ପେଶିଆଲିଟି ହସ୍ପିଟାଲ ନାଁରେ ଲୋକଙ୍କ ଭାବନା ସହ ଖେଳ ଖେଳାଯିବା ଅନୁଚିତ ବୋଲି ମୁକ୍ତିକାନ୍ତ ଓ ଗୋପାଳ କହିଛନ୍ତି। ମେଡିକାଲ କଲେଜ ଓ ସୁପରସ୍ପେଶିଆଲିଟି ସ୍ୱପ୍ନ ଛାଡି ମେଡିକାଲର ପୂର୍ବାବସ୍ଥା ଫେରାଇ ଆଣିବାକୁ ମୁକ୍ତିକାନ୍ତ ଓ ଯୁବ ଜାଗୃତି ମଞ୍ଚ ଆବାହକ ଜେନା ଦାବି କରିଛନ୍ତି। ସହରବାସୀଙ୍କ ସ୍ୱାର୍ଥ ସୁରକ୍ଷା ନେଇ ଆସନ୍ତା ଗାନ୍ଧୀ ଜୟନ୍ତୀରୁ ଜେନା ଓ ବିଶ୍ୱାଳ ଅନଶନ ଆରମ୍ଭ କରିବେ ବୋଲି ସ୍ପଷ୍ଟ କରିଛନ୍ତି।



ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଶ୍ରୀମନ୍ଦିରରେ ଧାଡି ଦର୍ଶନକୁ ବିରୋଧକରି ବିକ୍ଷୋଭ ପ୍ରଦର୍ଶନ।

# ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନକୁ ବିରୋଧ

**ପୁରୀ ଅଫିସ, ୨୮।୯:** ଆସନ୍ତା ଅକ୍ଟୋବର ୧ରୁ ଶ୍ରୀମନ୍ଦିରରେ ଆରମ୍ଭ ହେବାକୁ ଯାଉଛି ଧାଡି ଦର୍ଶନ ବ୍ୟବସ୍ଥା। ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ଏହି ନିଷ୍ପତ୍ତି ନେଇଛି। ଗୁରୁବାର ଅନୁଷ୍ଠିତ ପରିଚାଳନା କମିଟି ନିଷ୍ପତ୍ତି ପ୍ରକାରେ ଅକ୍ଟୋବର ପହିଲାରୁ ଏହା ପରୀକ୍ଷାମୂଳକ ଭାବେ ଆରମ୍ଭ ହେବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ସୂଚନା ଦେଇଛନ୍ତି। ଏହି ଧାଡି ଦର୍ଶନ ବ୍ୟବସ୍ଥାକୁ ବିରୋଧ କରିଛି ଶ୍ରୀଜଗନ୍ନାଥ ସେନା। ଏ ନେଇ ଶୁକ୍ରବାର ସେନା ପକ୍ଷରୁ ସିଂହଦ୍ୱାର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି ଯେ, ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଲାଗୁ କରିବା ଆଳରେ ବିଶୃଙ୍ଖଳାକୁ ଆମନ୍ତ୍ରଣ କରୁଛି ପ୍ରଶାସନ। ବର୍ତ୍ତମାନ ଯେଉଁ ପ୍ରକାର ଦର୍ଶନ ଚାଲିଛି ଏହାଦ୍ୱାରା ଭକ୍ତମାନେ ସ୍ୱାଧୀନ ଭାବେ ମହାପ୍ରଭୁଙ୍କୁ ମନ ପୂରାଇ ଦର୍ଶନ କରିପାରୁଛନ୍ତି। ଧାଡି ବ୍ୟବସ୍ଥାରେ ସ୍ଥାନୀୟ ଲୋକେ ଏବଂ ବୃଦ୍ଧାବୃଦ୍ଧଙ୍କୁ ଅକଥନୀୟ କଷ୍ଟ ଭୋଗିବାକୁ ପଡିବ। ପ୍ରତ୍ୟହ ହଜାର ହଜାର ସଂଖ୍ୟାରେ ଭକ୍ତ ଆସୁଥିବାରୁ ଦର୍ଶନ ପାଇଁ ବହୁତ ସମୟ ଏବଂ ଦିନ ଅପେକ୍ଷା କରିବାକୁ ପଡିବ। ଶ୍ରୀମନ୍ଦିରକୁ ଏକ ମ୍ୟୁଜିୟମ୍‌ରେ ପରିଣତ କରିବାକୁ ପ୍ରଶାସନ ପ୍ରଚେଷ୍ଟା କରୁଛି। ଧାର୍ମିକ ବ୍ୟବସ୍ଥାବଳୀକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେବାକୁ ଷଡ଼ଯନ୍ତ୍ର ହେଉଛି। ଏହାକୁ ଦୃଢ ବିରୋଧ କରାଯିବା ସହ ଆଗାମୀ ଦିନରେ ପୁରୀ ବନ୍ଦ ଓ ଦରକାର ପଡିଲେ ସାରା ଓଡ଼ିଶା ବନ୍ଦ ଡାକରା ଦିଆଯିବ ବୋଲି ଆବାହକ ପଟ୍ଟନାୟକ ଚେତାବନୀ ଦେଇଛନ୍ତି।

# 'କଳାହାଣ୍ଡି ଡାଏଲଗ୍' ଉଦ୍‌ଘାଟିତ

■ ଭିଡିଓ କନ୍‌ଫରେନସିଂ ମାଧ୍ୟମରେ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

**ଭବାନୀପାଟଣା,୨୮।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲାର କଳା, ସଂସ୍କୃତି, ସ୍ୱାସ୍ଥ୍ୟ, କୃଷି, ଗମନାଗମନ, ଅର୍ଥନୈତିକ ଅଭିବୃଦ୍ଧି, ଶିକ୍ଷା ତଥା ଜିଲାର ସର୍ବାଙ୍ଗୀନ ବିକାଶକୁ ନେଇ ଏକ ଆଲୋଚନାଚକ୍ର 'କଳାହାଣ୍ଡି ଡାଏଲଗ' ଶୁକ୍ରବାର ଓୟୁଏଟି ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ସ୍ୱାସ୍ଥ୍ୟଗତ କାରଣରୁ ମୁଖ୍ୟମନ୍ତ୍ରୀ ଏଥିରେ ଯୋଗଦେଇ ପାରି ନ ଥିଲେ। ସେ ଭିଡିଓ କନଫରେନସିଂ ଜରିଆରେ ଏହି ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଦେଶ ବିଦେଶରୁ ବହୁ ପ୍ରତିଭାବାନ ବ୍ୟକ୍ତି ଯୋଗଦେଇଥିବା ବେଳେ କଳାହାଣ୍ଡି ଜିଲାର ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ସାମିଲ କରାଯାଇଛି। ଉଦ୍‌ଘାଟନୀ ଉତ୍ସବ ପରେ ରାଜ୍ୟ ପ୍ଲାନିଂ ବୋର୍ଡର ସ୍ୱତନ୍ତ୍ର ସଚିବ ସୁଜିତ କୁମାର ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଳ ସମ୍ପଦ ଓ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରି, ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା, ଆଦିବାସୀ କଲ୍ୟାଣ ମନ୍ତ୍ରୀ ରମେଶ ମାଝି, ରାଜ୍ୟସଭା ସଦସ୍ୟ ପ୍ରଶାନ୍ତ ନନ୍ଦ, ପଦ୍ମଶ୍ରୀ ତୁଳସୀ ମୁଣ୍ଡା, ଧର୍ମଗଡ ବିଧାୟକ ପୁଷ୍ପେନ୍ଦ୍ର ସିଂଦେଓ, ସଦର ବିଧାୟକ ଅନାମ ନାଏକ, ଜୁନାଗଡ ବିଧାୟକ ଦିବ୍ୟଶଙ୍କର ମିଶ୍ର, ଭାବନୀପାଟଣା ନଗରପାଳ ଆଦିତ୍ୟ ନନ୍ଦ ଏବଂ ମ.ରାମପୁର ଜିଲା ପରିଷଦ ସଦସ୍ୟ ପୁଷ୍ପେନ୍ଦ୍ର ସିଂଦେଓ ପ୍ରମୁଖ ଯୋଗଦେଇଥିଲେ। ଭାବାନୀପାଟଣା କଳାକାର ସଂଘ ଅଧ୍ୟକ୍ଷ ପ୍ରବୋଧ ରଥ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କଳାହାଣ୍ଡି ଡାଇଲଗ୍ର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

## 'କୁଲିସ୍' ନୁହେଁ 'କୁଲି'

**ନୂଆଦିଲ୍ଲୀ,୨୮।୯ (ସ୍ୱ.ପ୍ର.)**

ଓଡ଼ିଶାର 'କୁଲି' ସମ୍ପ୍ରଦାୟକୁ 'କୁଲିସ୍'ରେ ଅନ୍ତର୍ଭୁକ୍ତ କରିବା ପାଇଁ ଗୁରୁବାର ସୁପ୍ରିମକୋର୍ଟ ରାୟ ଦେଇଛନ୍ତି। ରାଜ୍ୟରେ 'କୁଲିସ୍' ବୋଲି କୌଣସି ସମ୍ପ୍ରଦାୟ ନାହାନ୍ତି। ସମ୍ବଲପୁର ଅଞ୍ଚଳରେ ବସବାସ କରୁଥିବା ଅନୁସୂଚିତ ଜନଜାତି (ଏସ୍‌ଟି) କୁ ବହୁବଚନରେ ଉଚ୍ଚାରଣ କରିବାକୁ ଯାଇ ରାଷ୍ଟ୍ରପତିଙ୍କ ଆଦେଶ ଏବଂ ପାର୍ଲାମେଣ୍ଟରେ କୁଲିସ୍ ବୋଲି ଉଲ୍ଲେଖ କରାଯାଇଛି। ଏଣୁ କୁଲିସ୍ ବର୍ଗରେ ହିଁ କୁଲିଙ୍କୁ ସାମିଲ କରିବା ନେଇ ସୁପ୍ରିମକୋର୍ଟ ବିଚାରପତି ମଦନ ବି. ଲୋକୁର୍ ଏବଂ ଜଷ୍ଟିସ ଦୀପକ ଗୁପ୍ତାଙ୍କୁ ନେଇ ଗଠିତ ପୀଠ କହିଛନ୍ତି। ଏସ୍‌ସି/ଏସ୍‌ଟି କମିଶନରଙ୍କ ୨୪ତମ ରିପୋର୍ଟକୁ ଉଲ୍ଲେଖ କରି ପୀଠ କହିଛନ୍ତି, ରାଜ୍ୟରେ କୁଲି ସମ୍ପ୍ରଦାୟକୁ ଏସ୍‌ଟି ବର୍ଗରେ ସାମିଲ କରାଯାଇ ଥିବା ବେଳେ ଅନୁସୂଚିତ ଜାତି ତାଲିକାରୁ ସମ୍ପ୍ରଦାୟକୁ ବାଦ୍ ଦିଆଯାଇ ଥିବା ସ୍ପଷ୍ଟ ଜଣାପଡୁଛି। ଏହାସହ ଓଡ଼ିଶାରେ କୁଲିସ୍ ବୋଲି ଏକ ସମ୍ପ୍ରଦାୟ ଥିବା ନେଇ ରାଜ୍ୟ ସରକାର ମଧ୍ୟ କୌଣସି ପ୍ରମାଣ ଉପସ୍ଥାପନ କରି ପାରିନାହାନ୍ତି। ଏଣୁ ରାଷ୍ଟ୍ରପତିଙ୍କ ଆଦେଶ ଏବଂ ପାର୍ଲାମେଣ୍ଟରେ କୁଲିଙ୍କୁ ଇଂଲିଶ୍‌ରେ ବହୁ ବଚନରେ ଉଲ୍ଲେଖ କରିବାକୁ ଯାଇ କୁଲିସ୍ ଉଚ୍ଚାରଣ କରାଯାଇ ଥିବା ସ୍ପଷ୍ଟ ଜଣାପଡୁଛି ବୋଲି ପୀଠ କହିଛନ୍ତି।


ଧରିତ୍ରୀ DHARITRI CAREER APPOINTMENT every Wednesday & Saturday

Gym Trainer, Aerobic Jumba & modern Dance Teacher, Manager, Receptionist, Farm house care taker, Driver required at Bhubaneswar. Contact: 8249630985

ସୁବର୍ଣ୍ଣ ଅବସର "ଭୁବନେଶ୍ୱର" ବାଇକ ଚାଳକ ପାଇଁ ଚାକିରି (ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ) Rs. 18000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ Call: 01139589422 Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030 (Only for Bhubaneswar)

ଆବଶ୍ୟକ ଭୁବନେଶ୍ୱର ରେ ଏକ ଘରୋଇ ଗାଡି ଚଳାଇବା ପାଇଁ ଡ୍ରାଇଭର ଆବଶ୍ୟକ, ରହିବା ଓ ଖାଇବା ପାଇଁ ସୁବିଧା ଅଛି। ଦରମା - ୮୦୦୦ ରୁ ୯୦୦୦ ଯୋଗାଯୋଗ - 9937281776 Printonix, Room No : 02/58, 1st Floor, P.D Market, CRP Square, Bhubaneswar-12

WALK IN INTERVIEW A reputed jewellery showroom requires experienced/ fresher personnel: Sales Executive (10 no.s): Male House Keeping (2 no.s) : Driver (2 no.s) : Walk in Dt: 29th Sept to 4th Oct.'18 HINDUSTAN JEWELLERS H.O.: 15, Bomikhal, CTC Road, BBSR. Ph.:0674-2573191,7978065794

ଚେନ୍ନାଇରେ ଚାକିରି / ହିନ୍ଦୀ କହିପାରୁଥିବେ / ଫ୍ରେଶର୍ ହୋଇ ନ ଥିବେ/ ହୋମ୍ ଆସିଷ୍ଟାଣ୍ଟ/ ଘର ସଫେଇୱାଲା/ ଗ୍ରାଜୁଏଟ୍ ଇଂଲିଶ୍ କହିପାରୁଥିବା ଅଫିସ୍ ଆସିଷ୍ଟାଣ୍ଟ/ ବ୍ୟକ୍ତିଗତ ସେବକ/ କାର ଡ୍ରାଇଭର/ ପର୍ସନାଲ ଆସିଷ୍ଟାଣ୍ଟ/ ହେଲ୍‌ପର/ ଭଲ ଦରମା। ଯୋଗାଯୋଗ: ଅଗରୱାଲ, ଏଫ୍‌ଏଫ୍‌ଏଫ୍ ଲି., 9884761210

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା CONSULTANT 09319634873

ଫ୍ୟାନ୍ ଓ ମୋଟର ୱାଇଣ୍ଡିଂ କାମ ଜାଣିଥିବା ୱାଇଣ୍ଡର ଆବଶ୍ୟକ। ଭୁବନେଶ୍ୱର। 8328881723

OFFICIALLY JOB ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs. Monthly Salary upto Rs.25000/-. Contact Immediately: Mob: 8763257042

ଆବଶ୍ୟକ ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.25000/-. Contact: 9938676412

ଗ୍ରାମୀଣ ବ୍ଲକରେ ସୁପରଭାଇଜର ପାଇଁ ୪୫୦ ମହିଳା ଓ ୭୫୦ ପୁରୁଷ ଆବଶ୍ୟକ। +୨ ପାସ୍, ଦରମା: ୨୯୭୦୦/-, ମାର୍କଲିଷ୍ଟ, ଆଧାରକାର୍ଡ, ବାୟୋଡାଟା ପଠାନ୍ତୁ। ୦୯୫୯୮୩୦୧୨୭୭

Birla TMT Odisha REQUIRES SENIOR OFFICE ASSISTANT (FEMALE) For Bhubaneswar (Pahala) Office. Qualification: Graduate/MBA/B.Tech, e-mail: easternsteelco.birla@gmail.com WhatsApp: 9090333000

APPOINTMENT VIGEN INDIA Requied Smart Boys and Girls Candidates for Office Job. Age: 18 to 28. Edu: 10th to Graduate.
- For Lewis Road Candidates: 8249082502
- For Sastri Nagar Candidates: 9348916882

Fully Office Job. Fix Salary + Incentives. Contact within 4 days.

URGENT REQUIRED A renowned financial institution required Experience & Fresher Collection Executives in BHUBANESWAR, CUTTACK & PURI. Any interested candidate can call M-8249100064 Or Email-manasnayak06@gmail.com

ବ୍ଲକସ୍ତରୀୟ ନିଯୁକ୍ତି ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ। ଦରମା: 7,000/- to 42,000/-. ଯୋଗାଯୋଗ: 9777639313

EPSON EXCEED YOUR VISION Walk-In-Interview for Field Engineers TECHNICIAN (Fresher) : Qual-ITI (Electrical/Electronics), Salary will be fixed after 3 months training with a stipend of ₹ 3000/-* per month. INDOOR LADIES ENGINEER, Qual-Dip./ITI EXPERIENCED TECHNICIAN : Qual-ITI (Electrical/Electronics), Experience in Ink-Jet & Dot-Matrix Printer, Projector, Scanner. Salary starting from 6,000/-*, CO-ORDINATOR, Qual-Graduation Interview on : 05.10.18 & 06.10.18 (10 AM to 02 PM) MICRONIX SERVICES PVT. LTD. A/8, Saheed Nagar, Bhubaneswar, Ph : 0674-2549941

A diversified group having interest in mining, logistics requires: SENIOR SAFETY OFFICER Location : Kalinga Nagar, Orissa Candidates should have Diploma in Industrial Safety from a recognized institution and at least 8 – 10 years experience in a reputed organization, knowledge of Oriya essential. Apply : hrkol@ircl.in

SMD TECHNOLOGIES (NSDC Partner) invites job application from Graduates for teaching up to Class VIII/X in Kakatpur, Bhubaneswar and Project Coordinator. Send Resume to: hr@smdtech.co.in / Ph: (033) 2590- 7788

Wanted following Staffs for our office around Cuttack.
- ACCOUNTANT
- SUPERVISORS
- CAR DRIVERS

Only Male: CONTACT: 9437496020 7381075901

ସ୍ଥାୟୀ ନିଯୁକ୍ତି ଭାରତ ସରକାରଙ୍କ NSDL ର PAN, TAN, GST, NPS ଓ Micro Credit କାର୍ଯ୍ୟ ନିମନ୍ତେ ନିମ୍ନ ପଦବୀ ପାଇଁ ବ୍ଲକସ୍ତରୀୟ ପ୍ରାର୍ଥୀ/ପ୍ରାର୍ଥିନୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି।

| | Post | Qualification | Salary |
|---|---|---|---|
| (1) | JUNIOR B.C | 10th Pass | 7300/- |
| (2) | INSPECTOR CUM A.O. | +2 or Above | 11000/- |

ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀ ସେମାନଙ୍କର Biodata ସହ ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ

ADDRESS-1 Plot No: 355, Sishupalgarh, BBSR Ph. No: 9776934602

ADDRESS-2 Forest Colony, Gandhinagar, Koraput Ph. No: 9438767252, 8637288711

See CAREER APPOINTMENT on every Wednesday & Saturday

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

Dollar 72.48 (11) | Sensex 36,227.14 (97.03) | Nifty 10,930.45 (47.10) | Gold 31,300.00 (₹250) | Silver 38,000.00 (₹450)



“ଏସିଆ ଓ ୟୁରୋପ ମଧ୍ୟରେ ଏକ ଟ୍ରାନ୍ସପୋର୍ଟ କରିଡର ନିର୍ମାଣ ଲାଗି ଭାରତ କାର୍ଯ୍ୟକରୁଛି। ଏ ଦିଗରେ ଉଜ୍‌ବେକିସ୍ତାନ ଏକ ଟ୍ରାଞ୍ଜିଟ ପଏଣ୍ଟ ଭାବରେ କାର୍ଯ୍ୟ କରିବ।
– ସୁରେଶ ପ୍ରଭୁ, ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରୀ



“ଅନାଦାୟ ଋଣ ପରିମାଣ ବୃଦ୍ଧି ପାଉଥିବାରୁ ଷ୍ଟେଟ ବ୍ୟାଙ୍କ ନିବେଶ କରିବା ପୂର୍ବରୁ ସମ୍ଭାବ୍ୟ କ୍ଷେତ୍ରର ସମୀକ୍ଷା କରିବ। ଏଥିପାଇଁ ଏକ ସ୍ୱତନ୍ତ୍ର ମଧ୍ୟବର୍ତ୍ତୀ ସମୀକ୍ଷା ବ୍ୟବସ୍ଥା ଗଠନ କରାଯାଇଛି।
– ଦିନେଶ ଖାରା, ମ୍ୟାନେଜିଂ ଡାଇରେକ୍ଟର, ଏସ୍‌ବିଆଇ

## ସଂକ୍ଷେପରେ

### ୭୦ ହଜାର କୋଟି କମ୍ ଋଣ ନେବେ ସରକାର

**ନୂଆଦିଲ୍ଲୀ,୨୮-୯:** ଦେଶର ନଗଦ ସଙ୍କଟକୁ ହ୍ରାସ କରିବା ଲାଗି କେନ୍ଦ୍ର ସରକାର ଏବେ ଋଣ ନେବାର ଯୋଜନା ବଦଳାଇ ଦେଇଛନ୍ତି। ଚଳିତ ଆର୍ଥିକ ବର୍ଷରେ ସରକାର ବଜାରରୁ ୭୦ ହଜାର କୋଟି ଟଙ୍କା କମ୍ ଋଣ ନେବେ ବୋଲି ଅର୍ଥନୈତିକ ବ୍ୟାପାର ସଚିବ ସୁଭାଷ ଚନ୍ଦ୍ର ଗର୍ଗ ଶୁକ୍ରବାର ସୂଚନା ଦେଇଛନ୍ତି। ସରକାରଙ୍କ ବିତ୍ତୀୟ ଗଣିତ ଠିକ୍‌ଠାକ ଚାଲିଛି। ଚଳିତ ଆର୍ଥିକ ବର୍ଷରେ ବିତ୍ତୀୟ ନିଅଣ୍ଟକୁ ଜିଡିପିର ୩.୩%ରେ ରଖିବା ସମ୍ଭବ ହେବ ବୋଲି ସରକାରଙ୍କ ଆଶା ରହିଥିବା ସେ କହିଛନ୍ତି। ଋଣ ଉଠାଇବା ବଦଳରେ ସରକାର ସ୍ୱଳ୍ପ ସଞ୍ଚୟ ଯୋଜନାରେ ଜମା ଥିବା ଟଙ୍କାକୁ କାର୍ଯ୍ୟରେ ଲଗାଇବେ ବୋଲି ଗର୍ଗ କହିଛନ୍ତି। ସେ କହିଛନ୍ତି ଯେ, ଆର୍ଥିକ ବର୍ଷର ଦ୍ୱିତୀୟାର୍ଦ୍ଧରେ ପ୍ରଥମଥର ମୁଦ୍ରାସ୍ଫୀତି ସୂଚକାଙ୍କ ବଣ୍ଡ୍ ଜାରି କରାଯିବ। ଟ୍ରେଜେରି ବିଲ୍ ୧୭ହଜାର କୋଟି ଟଙ୍କା ମଧ୍ୟରେ ରଖାଯିବ। ଏଥିରେ କୌଣସି ପରିବର୍ତ୍ତନ କରାଯିବ ନାହିଁ। ନଭେମ୍ବରରୁ ସରକାର ପ୍ରତି ସପ୍ତାହରେ ଗିଲ୍ଟସ ଜରିଆରେ ୧୨ ହଜାର କୋଟି ଟଙ୍କାର ଋଣ ନେବେ ବୋଲି ଗର୍ଗ ସ୍ପଷ୍ଟ କରିଛନ୍ତି।

### ବନ୍ଧନ ବ୍ୟାଙ୍କ ଉପରେ କଟକଣା

#### ସିଇଓଙ୍କ ବେତନ ବନ୍ଦ, ନୂଆ ଶାଖା ଖୋଲିପାରିବେନି

**ନୂଆଦିଲ୍ଲୀ,୨୮-୯:** ୟେସ ବ୍ୟାଙ୍କ ପ୍ରତିଷ୍ଠାତା ତଥା ସିଇଓ ରାଣା କପୁରଙ୍କ କାର୍ଯ୍ୟକାଳ ହ୍ରାସ କରିବା ପରେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଏବେ ବନ୍ଧନ ବ୍ୟାଙ୍କ ଉପରେ କଟକଣା ଜାରି କରିଛନ୍ତି। ବ୍ୟାଙ୍କ ସିଇଓ ଚନ୍ଦ୍ର ଶେଖର ଘୋଷଙ୍କ ବେତନକୁ ରୋକାଯାଇଥିବା ବେଳେ ଉକ୍ତ ବ୍ୟାଙ୍କ ଆଉ କୌଣସି ନୂଆ ଶାଖା ଖୋଲିପାରିବ ନାହିଁ। ଲାଇସେନ୍ସ ସର୍ତ୍ତ ଅନୁଯାୟୀ ବନ୍ଧନ ବ୍ୟାଙ୍କ ଅଣ କାର୍ଯ୍ୟକାରୀ ଆର୍ଥିକ ହୋଲ୍ଡିଂ କମ୍ପାନୀଙ୍କ ଶେୟାରକୁ ୪୦%କୁ ହ୍ରାସ କରିବାରେ ବିଫଳ ହୋଇଛି। ତେବେ ରିଜର୍ଭ ବ୍ୟାଙ୍କର ଅନୁମତି ନେଇ ଏହା ନୂଆ ଶାଖା ଖୋଲିପାରିବ। ଶେୟାରଧାରକ ସର୍ତ୍ତ କିପରି ଲାଗୁ କରାଯାଇପାରିବ ସେନେଇ ବନ୍ଧନ ବ୍ୟାଙ୍କ ଆଗାମୀ ଦିନରେ ଆର୍‌ବିଆଇ ସହ କାର୍ଯ୍ୟ କରିବ।

### ଟେସ୍‌ଲାରୁ ବିଦା ହେବେ ଏଲନ ମସ୍କ

**ନ୍ୟୁୟର୍କ/ସାନଫ୍ରାନ୍ସିସ୍‌କୋ,୨୮-୯:** ବିଶ୍ୱର ଅନ୍ୟତମ ବିଖ୍ୟାତ କମ୍ପାନୀ ଟେସ୍‌ଲାର ମୁଖ୍ୟ କାର୍ଯ୍ୟନିର୍ବାହୀ ଏଲନ ମସ୍କ ମିଛ କହିବା ସହ ଦୁର୍ନୀତି କରିଛନ୍ତି ବୋଲି ଅଭିଯୋଗ କରି ୟୁଏସ ରେଗୁଲେଟରଙ୍କ ପକ୍ଷରୁ ଅଦାଲତରେ ମାମଲା ଦାଏର କରାଯାଇଛି। ତାଙ୍କୁ ଏହି କମ୍ପାନୀରୁ ବିଦା କରାଯିବାକୁ ଆବେଦନରେ ଦର୍ଶାଯାଇଛି। ଗତ ମାସରେ ଟେସ୍‌ଲା କମ୍ପାନୀକୁ ପ୍ରାଇଭେଟ କରିବା ନେଇ ମସ୍କ ଯେଉଁ ଟୁଇଟ୍ କରିଥିଲେ ତାହା ମିଥ୍ୟା ଓ ବିପଥଗାମୀ ବୋଲି ଦର୍ଶାଇ ସରକାରୀ ପ୍ରତିଭୂତି ନିୟାମକ(ଗଭର୍ନମେଣ୍ଟ ସିକ୍ୟୁରିଟି ରେଗୁଲେଟର୍ସ) ତାଙ୍କୁ କମ୍ପାନୀରୁ ହଟାଇ ଦେବାକୁ ସ୍ଥିର କରିଛନ୍ତି। ରେଗୁଲେଟରଙ୍କ ପକ୍ଷରୁ ଅଭିଯୋଗରେ ଦର୍ଶାଯାଇଛି ଯେ, ଟେସ୍‌ଲାକୁ ପ୍ରାଇଭେଟ କରିବା ପାଇଁ ପାଣ୍ଠି ବ୍ୟବସ୍ଥା କରିବା ଲାଗି ଅଗଷ୍ଟ ୭ରେ ମସ୍କ ଟୁଇଟରରେ ମିଛ ବୟାନ ଦେଇଥିଲେ। ଅନ୍ୟପକ୍ଷରେ ସେ କିଛି ଭୁଲ୍ କରିନାହାନ୍ତି ବୋଲି ମସ୍କ କହିଛନ୍ତି।

## ଆଇଏଲ୍‌ଆଣ୍ଡଏଫଏସ୍ ସଙ୍କଟର ପ୍ରଭାବ

# ୧୫୦୦ ଏନ୍‌ବିଏଫ୍‌ସିଙ୍କ ମୁଣ୍ଡରେ ଝୁଲୁଛି ଖଣ୍ଡା

**ନୂଆଦିଲ୍ଲୀ,୨୮-୯**

- ବାତିଲ ହୋଇପାରେ ଲାଇସେନ୍ସ
- ୧୧,୪୦୦ ଏନବିଏଫସିଙ୍କ ଉପରେ ସନ୍ଦେହ
- ବ୍ୟାଙ୍କ ତୁଳନାରେ ସେମାନଙ୍କ ଋଣ ପ୍ରଦାନ ଦୁଇଗୁଣରୁ ଅଧିକ



ଦେଶର ଅର୍ଥନୀତି ଏବେ ଅସ୍ଥିରତା ଦେଇ ଗତି କରୁଥିବାବେଳେ ଇନଫ୍ରାଷ୍ଟ୍ରକ୍ଟର ଫାଇନାନ୍ସିଂ ଆଣ୍ଡ ଲିଜିଂ ସର୍ଭିସେସ ଲିଃ (ଆଇଏଲ୍‌ଆଣ୍ଡଏଫ୍‌ଏସ୍) ମୁଣ୍ଡବ୍ୟଥାର କାରଣ ସାଜିଛି। ଏହି ଆର୍ଥିକ ସଂସ୍ଥା ଏବେ ୯୧ ହଜାର କୋଟି ଟଙ୍କାର ଋଣ ଜାଲରେ ଛନ୍ଦି ହୋଇଯାଇଛି। ଏହି କାରଣରୁ ପର୍ଯ୍ୟାପ୍ତ ପୁଞ୍ଜିର ଅଭାବ ଦର୍ଶାଇ ରିଜର୍ଭ ବ୍ୟାଙ୍କ ଛୋଟ ବଡ଼ ୧୫୦୦ ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା(ଏନ୍‌ବିଏଫ୍‌ସି)ର ଲାଇସେନ୍ସ ବାତିଲ କରିପାରନ୍ତି। ଏହାଛଡା ଆଗାମୀ ଦିନରେ ଏନ୍‌ବିଏଫସି ଖୋଲିବା ମଧ୍ୟ କଷ୍ଟକର ହୋଇଯିବ। କାରଣ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ (ଆର୍‌ବିଆଇ) ଏନ୍‌ବିଏଫସିଙ୍କ ଲାଗି ନିୟମ କଡାକଡି କରିବା ଆରମ୍ଭ କରିଛନ୍ତି।

ଗତ ଶୁକ୍ରବାର ଏକ ବଡ଼ ଫଣ୍ଡ ମ୍ୟାନେଜର ଗୃହ ଋଣ ପ୍ରଦାନକାରୀ କମ୍ପାନୀ ଦିୱାନ ହାଉସିଂ ଫାଇନାନ୍ସର ସ୍ୱଳ୍ପ ମିଆଦୀ ବଣ୍ଡକୁ ବଡ଼ ଡିସକାଉଣ୍ଟରେ ବିକ୍ରି କରିଥିଲା। ଫଳରେ ଦେଶରେ ବଡ଼ ଧରଣର ନଗଦ ସଙ୍କଟ ସୃଷ୍ଟି ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଆର୍‌ବିଆଇର ପୂର୍ବତନ ଡେପୁଟୀ ଗଭର୍ନର ତଥା ବନ୍ଧନ ବ୍ୟାଙ୍କ ଲିଃର ନନ୍ ଏକଜିକ୍ୟୁଟିଭ ଅଧ୍ୟକ୍ଷ ହାରୁନ ରସିଦ ଖାନ କହିଛନ୍ତି ଯେ, ବିଭିନ୍ନ ଘଟଣାରୁ ପର୍ଦ୍ଦା ଉଠୁଥିବାରୁ ଅର୍ଥନୀତି ପାଇଁ ଚିନ୍ତା କରିବାର ବେଳ ଆସିଛି। ଆଗାମୀ ଦିନରେ ଦେଶରେ ନଗଦ ସଙ୍କଟ ଅତି ଉତ୍କଟ ହେବ ବୋଲି ମନେକରାଯାଉଛି। ସେ କହିଛନ୍ତି ଯେ, ଅନେକ ଏନବିଏଫସିର କାର୍ଯ୍ୟକଳାପ ଦୀର୍ଘକାଳୀନ ହୋଇଥିବା ବେଳେ ସେମାନେ ସ୍ୱଳ୍ପମିଆଦୀ ଋଣ ନେଇଛନ୍ତି, ଏଇଟା ହିଁ ଚିନ୍ତାରେ ପକାଇଛି। ଏନବିଏଫସିଙ୍କୁ ଆସେଟ-ଲାଏବିଲିଟି ମିସମ୍ୟାଚ୍ (ପୁଞ୍ଜି ଓ ଋଣରେ ଥିବା ବ୍ୟବଧାନ) ଉପରେ ଧ୍ୟାନ ଦେବାକୁ ହେବ। ଏଭଳି ସ୍ଥିତିରେ ଗ୍ରାମ ଓ ଅର୍ଦ୍ଧସହରାଞ୍ଚଳରେ ଋଣ ଦେଉଥିବା ସମସ୍ତ ଛୋଟ ବଡ଼ ଏନବିଏଫସି ଉପରେ ରିଜର୍ଭ ବ୍ୟାଙ୍କର ନଜର ପଡିଛି। ଏବେ ମୋଟ ୨୨.୧ ଲକ୍ଷ କୋଟି ଟଙ୍କାର ବାଲାନ୍ସଶିଟ୍ ରହିଥିବା ୧୧,୪୦୦ ଏନବିଏଫସିଙ୍କ କାର୍ଯ୍ୟକଳାପ ଉପରେ ସନ୍ଦେହ ସୃଷ୍ଟି ହୋଇଛି। ଏମାନଙ୍କ ଉପରେ ଆଇନଗତ ନିୟନ୍ତ୍ରଣ ନ ଥିବା ଜଣାପଡୁଛି। ବ୍ୟାଙ୍କ ତୁଳନାରେ ସେମାନେ ଦୁଇଗୁଣରୁ ଅଧିକ ଋଣ ପ୍ରଦାନ କରିଛନ୍ତି। ଏହିସବୁ କମ୍ପାନୀରେ ଦୈନିକ ନୂଆ ଡାଇରେକ୍ଟର ନିଯୁକ୍ତ ହେଉଛନ୍ତି। ସେମାନଙ୍କୁ ଆଇଏଲଆଣ୍ଡଏଫଏସ ଭଳି ର୍‍ୟାଙ୍କିଙ୍ଗ ମଧ୍ୟ ମିଳିଯାଉଛି। ଏହାକୁ ନେଇ ଏବେ ସନ୍ଦେହ ସୃଷ୍ଟି ହୋଇଛି।

# ବିଗ୍ ବଜାରର ପବ୍ଲିକ ହଲିଡେ ସେଲ୍ ଆଜିଠାରୁ

**ନୂଆଦିଲ୍ଲୀ,୨୮-୯**




ଫ୍ୟୁଚର ଗ୍ରୁପର ଫ୍ଲାଗ୍‌ଶିପ ରିଟେଲ ଚେନ୍ ବିଗ୍ ବଜାର ପକ୍ଷରୁ ‘ପବ୍ଲିକ ହଲିଡେ ସେଲ୍’ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ୨୯ ସେପ୍ଟେମ୍ବର ଠାରୁ ଅକ୍ଟୋବର ୩ ଯାଏ ଚାଲିବ। ଏହି ପାଞ୍ଚ ଦିନ ମଧ୍ୟରେ ଗ୍ରାହକ ବିଗ୍ ବଜାର ଷ୍ଟୋରଗୁଡିକରୁ କ୍ରୟ ଉପରେ ଫ୍ରିଁଶପିଂର ଲାଭ ଉଠାଇ ପାରିବେ। ପ୍ରଥମଥର ପାଇଁ ଏଭଳି ଆକର୍ଷଣୀୟ ଅଫର କମ୍ପାନୀ ପକ୍ଷରୁ ଗ୍ରାହକଙ୍କୁ ପ୍ରଦାନ କରାଯାଉଥିବା ଏହା ପ୍ରକାଶ କରିଛି। ଅଫର ସମୟ ମଧ୍ୟରେ କ୍ରୟ ଉପରେ ଗ୍ରାହକମାନେ ୪,୦୦୦ ଟଙ୍କାର କ୍ରୟ ଉପରେ ୪୦୦୦ ଟଙ୍କା ଫେରିପାଇବେ। ଏହା କ୍ୟାଶବ୍ୟାକ୍ ଏବଂ ଭାଉଚର ଭାବେ ମିଳିବ। ଏହି ଭାଉଚରଗୁଡିକ ମଧ୍ୟରେ ଫ୍ୟୁଚର ପେୱାଲେଟରେ ୫୦୦ ଟଙ୍କା, ୧୦୦୦ ଟଙ୍କାର ଇଲେକଟ୍ରୋନିକ୍ସ ଭାଉଚର, ୧୦୦୦ ଟଙ୍କାର କିଚେନ୍, ହୋମୱେର ଭାଉଚର, ୫୦୦ ଟଙ୍କାର ହୋମ୍ ଫ୍ୟାଶନ ଭାଉଚର ଏବଂ ୧୦୦୦ ଟଙ୍କାର ଫ୍ୟାଶନ ଭାଉଚର ରହିଛି।

କମ୍ପାନୀର ଏହି ପବ୍ଲିକ ହଲିଡେ ସେଲ୍ ଦେଶର ୧୪୨ ସହରରେ ଥିବା ୩୫୩ ବିଗ୍ ବଜାର, ଫୁଡ ବଜାର, ଏଫ୍‌ବିବି ଏବଂ ହାଇପର ସିଟି ଷ୍ଟୋରରେ ଚାଲିବ। ଗ୍ରାହକମାନେ ଏହି ସମୟରେ ଷ୍ଟୋରଗୁଡିକରୁ ଗ୍ରୋସରି ସାମଗ୍ରୀ, ହୋମ୍ ଫ୍ୟାଶନ, ଆପାରେଲୱେର, ଇଲେକଟ୍ରୋନିକ୍ସ ପ୍ରଡକ୍ଟ ତଥା ଅନ୍ୟାନ୍ୟ ସାମଗ୍ରୀ କ୍ରୟ ଉପରେ ଆକର୍ଷଣୀୟ ଅଫର ଲାଭ କରିପାରିବେ। ସେହିଭଳି କମ୍ପାନୀର ‘ହରଦିନ ଲୋଏଷ୍ଟ ପ୍ରାଇସ’ ପ୍ରମିସ ଦ୍ୱାରା ୧୫୦୦ରୁ ଅଧିକ ପ୍ରଡକ୍ଟ ଉପରେ ରିହାତି ପ୍ରଦାନ କରାଯାଉଛି। ଏଭଳି ବିଭିନ୍ନ ଅଫରକୁ ପ୍ରତି ସିଜିନରେ ଗ୍ରାହକଙ୍କ ଦ୍ୱାରା ଆଦୃତି ମିଳୁଥିବାରୁ ଖୁସି ବୋଲି ବିଗ୍ ବଜାରର ସିଇଓ ସଦାଶିବ ନାୟକ ସୂଚନା ଦେଇଛନ୍ତି। ୩୫୦୦ କିମ୍ବା ଏହାଠାରୁ ଅଧିକ ମୂଲ୍ୟର ଟ୍ରାଞ୍ଜାକଶନ ଉପରେ ଏଚ୍‌ଡିଏଫ୍‌ସି ଡେବିଟ ଏବଂ କ୍ରେଡିଟ୍ କାର୍ଡଧାରୀ ଗ୍ରାହକମାନେ ଅତିରିକ୍ତ ୭% ରିହାତି ଲାଭ କରିପାରିବେ ବୋଲି ବିଗ୍ ବଜାର ପକ୍ଷରୁ ପ୍ରକାଶ।

# ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମହଙ୍ଗା ଭତ୍ତା ୧୩୫.୬%

**ଭୁବନେଶ୍ୱର,୨୮-୯(ବ୍ୟୁରୋ)**




ଦେଶରେ ଶିଳ୍ପ ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ହାରାହାରି ଖାଉଟି ମୂଲ୍ୟସୂଚୀ ଜୁଲାଇରେ ୩୦୧ ପଏଣ୍ଟ ଥିଲା। ଅଗଷ୍ଟରେ ଏହା ଅପରିବର୍ତ୍ତିତ ରହିଛି। ତାଳଚେର ଓ ଅନୁଗୋଳରେ ଏହା ୩୧୫ ପଏଣ୍ଟ ଥିଲା। ଏଥିରେ ୩ ପଏଣ୍ଟ ବୃଦ୍ଧି ପାଇ ୩୧୮ ପଏଣ୍ଟ ହୋଇଛି। ଅନ୍ୟପକ୍ଷରେ ରାଉରକେଲାରେ ଏହା ୩୧୦ପଏଣ୍ଟରେ ଅପରିବର୍ତ୍ତିତ ରହିଛି। ସେହିପରି ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀମାନେ ବର୍ତ୍ତମାନ ୧୨୮% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୭.୬% ବୃଦ୍ଧି ପାଇ ଏହା ୧୩୫.୬% ହୋଇଛି। ଏମାନେ ଏହି ବର୍ଦ୍ଧିତ ଡିଏ ଚଳିତ ବର୍ଷ ଅକ୍ଟୋବର ପହିଲାରୁ ପାଇବେ। ମେ’ ୩୦ ଓ ୩୧ରେ ଦୁଇଦିନ ଧରି ସିଜିଏମ୍‌ଙ୍କ ଠାରୁ ମେସେଞ୍ଜର ପର୍ଯ୍ୟନ୍ତ ଯେଉଁ ୧୦ ଲକ୍ଷ ବ୍ୟାଙ୍କ କର୍ମଚାରୀ ଧର୍ମଘଟ କରିଥିଲେ ସେମାନେ ବର୍ତ୍ତମାନ ୫୪.୧% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ଏଥିରେ ୬.୬% ବୃଦ୍ଧି ପାଇଛି। ଫଳରେ ଏହା ୬୦.୭%ରେ ପହଞ୍ଚିଛି। ଏହି ବର୍ଦ୍ଧିତ ଡିଏ ସେମାନେ ନଭେମ୍ବର ପହିଲାରୁ ପାଇବେ। ଓଡ଼ିଶାର ୩ ଲକ୍ଷ ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ଓ କର୍ମଚାରୀ ୧୯୮୨ରୁ ପେନ୍‌ସନ ସଂଶୋଧନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିବେଦନ କରିଆସୁଛନ୍ତି।

ଆସନ୍ତାକାଲି ବିଭିନ୍ନ ବ୍ୟାଙ୍କ ଅଧିକାରୀ ଓ କର୍ମଚାରୀ ଅବସର ଗ୍ରହଣ କରିବେ। ବୀମା କର୍ମଚାରୀମାନେ ବର୍ତ୍ତମାନ ୪୭.୪% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ମଧ୍ୟ ଡିଏରେ ୬.୬% ବୃଦ୍ଧି ଘଟି ୫୪% ହୋଇଛି। ଏହି ବର୍ଦ୍ଧିତ ଡିଏ ସେମାନେ ନଭେମ୍ବର ପହିଲାରୁ ପାଇବେ। ସରକାରୀ କର୍ମଚାରୀମାନେ ବର୍ତ୍ତମାନ ୯% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୩% ବୃଦ୍ଧି ଘଟି ଏହା ୧୨% ହୋଇଛି। ଫଳରେ ଏମାନେ ୨୦୧୯ ଜାନୁୟାରୀରୁ ଏହି ବର୍ଦ୍ଧିତ ଡିଏ ପାଇବେ। ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ନର, ସମସ୍ତ ଡେପୁଟି ଗଭର୍ନର, ସମସ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ମହୀଶୂର ଓ ଶାଳବଣି ନୋଟ୍ ଛାପାଖାନାର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସମେତ ସମସ୍ତ ବ୍ୟାଙ୍କର ସିଏମ୍‌ଡିମାନେ ମଧ୍ୟ ଏହି ୧୨% ମହଙ୍ଗା ଭତ୍ତା ପାଇବେ। ସେପ୍ଟେମ୍ବର ୪ ଓ ୫ ଦୁଇଦିନ ଧରି ଭାରତୀୟ ରିଜର୍ଭ ବ୍ୟାଙ୍କର ସମସ୍ତ ଅଧିକାରୀ ଓ କର୍ମଚାରୀ ପେନ୍‌ସନ୍ ଓ ପେନ୍‌ସନ୍ ସଂଶୋଧନ ପାଇଁ ଧର୍ମଘଟ ଡାକରା ଦେଇଥିଲେ ତାହା ସ୍ଥଗିତ ରହିଛି।

## ରଣବୀର ସିଂ ସିୟାରାମର ବ୍ରାଣ୍ଡ ଆମ୍ବାସାଡର




**ନୂଆଦିଲ୍ଲୀ,୨୮-୯**

ସିୟାରାମ ସିଲ୍କ ମିଲ୍ସ ଲିମିଟେଡ ସୁପରଷ୍ଟାର ରଣବୀର ସିଂଙ୍କୁ ଏହାର ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ କରିଛି। ଦୀର୍ଘ ୪୦ ବର୍ଷ ଧରି ପୁରୁଷଙ୍କ ଫ୍ୟାଶନୱେର କ୍ଷେତ୍ରରେ କମ୍ପାନୀ ନିଜର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖି ଆସିଛି। ଗ୍ରାହକଙ୍କୁ ଗୁଣବତ୍ତା ବିଶିଷ୍ଟ ଉତ୍ପାଦ, ନିରନ୍ତର ଉଦ୍ଭାବନ, ଅଭିନବ ଡିଜାଇନ ପ୍ରଦାନ ଦିଗରେ ଏହା କାର୍ଯ୍ୟ କରୁଛି। ଏହା ଘରୋଇ ତଥା ଅନ୍ତର୍ଜାତୀୟ ବଜାରରେ ନିଜର ଉତ୍ପାଦ ଦ୍ୱାରା ବେଶ ଆଦୃତି ଲାଭ କରିଥିବା ସୂଚନା ଦେଇଛି। ସିୟାରାମ ଏକ ଆଇକନିକ ବ୍ରାଣ୍ଡ ହୋଇଥିବା ବେଳେ ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ ହୋଇଥିବାରୁ ଏହା ଏକ ଗୌରବର ମୁହୂର୍ତ୍ତ ବୋଲି ରଣବୀର ସିଂ ସୂଚନା ଦେଇଛନ୍ତି। ସିୟାରାମ ପରିବାରରେ ସାମିଲ ହୋଇ ଅତ୍ୟନ୍ତ ଖୁସି ବୋଲି ସେ କହିଛନ୍ତି। ରଣବୀର ଯୁବବର୍ଗଙ୍କ ଷ୍ଟାଇଲ ତଥା ଆଇକନ୍ ହୋଇଥିବାରୁ ଆମେ ତାଙ୍କ ସହ ଯୋଡି ହୋଇ ଆନନ୍ଦିତ ବୋଲି ସିୟାରାମର ସିଏମ୍‌ଡି ରମେଶ ପୋଦ୍ଦାର କହିଛନ୍ତି।

# ବଜାରରେ ଟାଟା ଟିଆଗୋ ଏନ୍‌ଆର୍‌ଜି




**ଭୁବନେଶ୍ୱର,୨୮-୯**

ଟାଟା ମୋଟର୍ସ ଲିମିଟେଡ ପକ୍ଷରୁ ବଜାରକୁ ଆସିଛି ନୂଆ ଟିଆଗୋ ଏନ୍‌ଆର୍‌ଜି। ଗ୍ରାହକଙ୍କ ବର୍ଦ୍ଧିତ ଚାହିଦାକୁ ଧ୍ୟାନରେ ରଖି ପାସେଞ୍ଜର ଭେଇକିଲ୍ ବର୍ଗରେ ଉକ୍ତ ମଡେଲକୁ କମ୍ପାନୀ ବଜାରକୁ ଛାଡ଼ିଛି। କମ୍ପାନୀ ଟିଆଗୋ ବ୍ରାଣ୍ଡକୁ ଅଲ୍ ନ୍ୟୁ ଏସ୍‌ୟୁଭି ଇନସ୍ପାୟାର୍ଡ ଭେଇକିଲ ଭାବେ ପରିବର୍ଦ୍ଧିତ କରିଛି। ଅପରପକ୍ଷରେ ଅର୍ବାନ ଟଫ୍‌ରୋଡର ଭାବେ ନୂଆ ମଡେଲଟିକୁ ସ୍ଥାନିତ କରାଯାଇଛି। ନୂଆ ଷ୍ଟାଇଲ ସେଗମେଣ୍ଟରେ ଏହା ବଜାରକୁ ଆସିଛି। ଉକ୍ତ ମଡେଲରେ ଗ୍ରାହକମାନେ ପ୍ରମୁଖ ଡିଜାଇନ ଏବଂ ଟେକ୍ନୋଲୋଜି ଲାଭ କରିବାକୁ ସକ୍ଷମ ହେବେ ବୋଲି କମ୍ପାନୀ ପ୍ରକାଶ କରିଛି।

ଏହା ୧.୨ ଲିଟରର ରେଭୋଟ୍ରନ ପେଟ୍ରୋଲ ଇଞ୍ଜିନ ଏବଂ ୧.୦୫ ଲିଟରର ରେଭୋଟର୍କ ଡିଜେଲ ଇଞ୍ଜିନ ସହ ଆସୁଛି। ୫ ସ୍ପିଡ୍ ମାନୁଆଲ୍ ଟ୍ରାନ୍ସମିଶନ, ମାଲାବାର ସିଲଭର, କାନ୍ୟନ୍ ଅରେଞ୍ଜ, ଫୁଜି ହ୍ୱାଇଟ ଭଳି ୩ ଆକର୍ଷକ ରଙ୍ଗରେ ଏହା ଉପଲବ୍ଧ ହେଉଛି। ଡୁଆଲ ଟୋନ ଇନଫିନିଟି ବ୍ଲାକ ରୁଫ୍, ରୁଫ ରେଲ୍ ଏଥିରେ ରହିଛି। ଟିଆଗୋ ଏନ୍‌ଆର୍‌ଜି ପେଟ୍ରୋଲ ଭର୍ସନର ଭୁବନେଶ୍ୱର ବଜାର ଦର ୫.୭୨ ଲକ୍ଷ ଟଙ୍କା ଏବଂ ଡିଜେଲ ଭର୍ସନ ୬.୫୬ ଲକ୍ଷ ଟଙ୍କା ରହିଛି। ବ୍ରାଣ୍ଡ ପ୍ରମିସ୍ ‘କନେକ୍ଟିଂ ଆସ୍‌ପିରେସନ୍ସ’ ଆଧାରରେ ବଜାରକୁ ଏଭଳି ମଡେଲ ଆଣିଥିବା ଟାଟା ମୋଟର୍ସ ଏମ୍‌ଡି ତଥା ସିଇଓ ଗ୍ୱେଣ୍ଟର ବୁସେକ୍ ସୂଚନା ଦେଇଛନ୍ତି। ବଜାରରେ ଏସ୍‌ୟୁଭି ମଡେଲଗୁଡିକର ଚାହିଦା ଦିନକୁ ଦିନ ବୃଦ୍ଧି ହେଉଥିବା ବେଳେ ଏହି ମଡେଲ ଗ୍ରାହକଙ୍କ ବହୁବିଧ ଆବଶ୍ୟକତା ପୂରଣ ଦିଗରେ ବିଶେଷ ଭାବେ ସହାୟକ ହେବ ବୋଲି ସେ କହିଛନ୍ତି।

# ବଜାରରେ ଏଣ୍ଡ୍ୟୋରା ମାସ୍‌ର ନୂଆ ଉତ୍ପାଦ

**କଲିକତା,୨୮-୯**




ମେଡିନ ବେଲେ ହର୍ବାଲ କେୟାର ପ୍ରାଇଭେଟ ଲିମିଟେଡର ପ୍ରମୁଖ ବ୍ରାଣ୍ଡ ଏଣ୍ଡ୍ୟୋରା ମାସ୍ ପକ୍ଷରୁ କଲିକତାର ମଦାରମନି ଠାରେ ଏହାର ଡିଲର ତଥା ବିତରକମାନଙ୍କର ଏକ ମିଟ୍ ଅନୁଷ୍ଠିତ ହୋଇଯାଇଛି। ବିହାର, ଝାଡଖଣ୍ଡ, ଓଡିଶା ଏବଂ ପଶ୍ଚିମବଙ୍ଗର ପ୍ରାୟ ୧୫୦ ଡିଲର ଓ ବିତରକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବର୍ତ୍ତମାନର ଉପଲବ୍ଧତା ଏବଂ ଭବିଷ୍ୟତର ଯୋଜନା ଆଧାରରେ ବିଭିନ୍ନ ପଦକ୍ଷେପ ଗ୍ରହଣ ଲାଗି ଏଭଳି ଏକ କାର୍ଯ୍ୟକ୍ରମ କମ୍ପାନୀ ପକ୍ଷରୁ ଆୟୋଜନ କରାଯାଇଛି। ଏହି ଅବସରରେ କମ୍ପାନୀର ନିର୍ଦ୍ଦେଶକ ଡା. କେ.କେ. କୌଶଳ, ଡା. ରାଜୀବ ପରାଶର ପ୍ରେରଣାଦାୟକ ଭାଷଣ ଦେଇଥିଲେ। ଏହି ଅବସରରେ ବଜାରକୁ ଦୁଇ ନୂଆ ଉତ୍ପାଦ ଏଣ୍ଡ୍ୟୋରା ଜୁନିୟର ଏବଂ ଏଣ୍ଡ୍ୟୋରା ପ୍ରୋଟିନ୍ ଆସିଛି। ଏଣ୍ଡ୍ୟୋରା ମାସ୍ ପ୍ରୋଟିନ୍, ଭିଟାମିନ, ଖଣିଜ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପୋଷକତତ୍ତ୍ୱ ସହ ଆସୁଛି। ଏଣ୍ଡ୍ୟୋରା ଜୁନିୟର ୪ରୁ ୧୧ ବର୍ଷ ପିଲା ମାନଙ୍କ ଲାଗି ଉପାଦେୟ ହୋଇଥିବାବେଳେ ଏଣ୍ଡ୍ୟୋରା ପ୍ରୋଟିନ୍ ବୟସ୍କ ଲୋକଙ୍କ ଲାଗି ଏକ ପ୍ରୋଟିନ୍ ପୂରକ ବୋଲି କମ୍ପାନୀ ସୂଚନା ଦେଇଛି।

### କାନାରା ବ୍ୟାଙ୍କ ପକ୍ଷରୁ ହିନ୍ଦୀ ଦିବସ

**ଭୁବନେଶ୍ୱର,୨୮-୯:** କାନାରା ବ୍ୟାଙ୍କ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ସହାୟକ ମହାପ୍ରବନ୍ଧକ ତଥା କ୍ଷେତ୍ରୀୟ କାର୍ଯ୍ୟାଳୟ ମୁଖ୍ୟ ବିଦ୍ୟୁତ କୁମାର ରଥଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଅଞ୍ଚଳ କାର୍ଯ୍ୟାଳୟର ଉପମହାପ୍ରବନ୍ଧକ ଶ୍ରୀକାନ୍ତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଏଥିରେ ଯୋଗ ଦେଇଥିଲେ। ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ଏବଂ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀଙ୍କ ହିନ୍ଦୀ ଦିବସ ବାର୍ତ୍ତାକୁ ବ୍ୟାଙ୍କ ଅଧିକାରୀ ରୀତାଞ୍ଜଳି ସାହୁ ଓ ଯୁଥିକା ସିହ୍ନା ଏହି ଅବସରରେ ଉପସ୍ଥାପନ କରିଥିଲେ। ହିନ୍ଦୀ ଭାଷାକୁ ପ୍ରାଥମିକତା ପ୍ରଦାନ ଉପରେ ରଥ ଗୁରୁତ୍ୱାରୋପ କରିଥିଲେ। ସାମୂହିକ ଯୋଗଦାନରେ ହିନ୍ଦୀ ଭାଷାର ପ୍ରୟୋଗ ଶ୍ରେଷ୍ଠ ହୋଇ ପାରିବ ବୋଲି ମହାପାତ୍ର କହିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ କ୍ଷେତ୍ରୀୟ ଏବଂ ଶାଖା କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ। ମଦନ ମୋହନ ନାୟକ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିବା ବେଳେ ମଣ୍ଡଳ ପ୍ରବନ୍ଧକ ଅରବିନ୍ଦ କୁମାର ପ୍ରମୁଖ ଏଥିରେ ଯୋଗଦେଇଥିଲେ।




### ହ୍ୟୁଣ୍ଡାଇ ମୋଟର ଇଣ୍ଡିଆର ଘର୍ ୱାପ୍‌ସୀ କ୍ୟାମ୍ପ

HYUNDAI

**ନୂଆଦିଲ୍ଲୀ,୨୮-୯:** ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ଘର ୱାପସୀ କ୍ୟାମ୍ପ ଓଡିଶା ଓ ପଶ୍ଚିମବଙ୍ଗରେ ଆୟୋଜନ କରାଯାଉଛି। ଏହା ଚଳିତ ମାସ ୧୪ଠାରୁ ଆରମ୍ଭ ହୋଇଥିବା ବେଳେ ୩୦ ଯାଏ ଚାଲିବ। ଏହି କ୍ୟାମ୍ପ ଦ୍ୱାରା କମ୍ପାନୀ ଏହାର ଭାଲ୍ୟୁଡ୍ କଷ୍ଟମରଙ୍କ ନିକଟରେ ପହଞ୍ଚିବାକୁ ପ୍ରୟାସ କରିଛି। ଯେଉଁ ଗ୍ରାହକମାନେ କମ୍ପାନୀ ନିକଟରେ ପହଞ୍ଚିବାକୁ ସକ୍ଷମ ହେଉ ନାହାନ୍ତି ସେମାନଙ୍କ ନିକଟରେ ଆକର୍ଷଣୀୟ ଅଫର ଦ୍ୱାରା ପହଞ୍ଚିବାକୁ ହ୍ୟୁଣ୍ଡାଇ ଏଭଳି ପଦକ୍ଷେପ ନେଇଛି। ସର୍ଭିସ ପାର୍ଟସ ଏବଂ ଲେବର ଚାର୍ଜ ଉପରେ ଏହି ସମୟରେ ରିହାତି ପ୍ରଦାନ କରାଯାଉଛି। କମ୍ପାନୀର ସର୍ଭିସ ନେଟୱର୍କ ବାଦ୍ ରୁରାଲ ସର୍ଭିସ ଆଉଟଲେଟଗୁଡିକରେ ଏହି ସେବା ଉପଲବ୍ଧ ବୋଲି ଏହା ସୂଚନା ଦେଇଛି।

**ପୂର୍ବ ତଟ ରେଳପଥ**

**ସାଙ୍କେତିକ ନିଯୁକ୍ତି ସୂଚନା**

**ପୂର୍ବ ତଟ ରେଳପଥରେ ବର୍ଷ 2018-19 ନିମନ୍ତେ ସ୍ପୋର୍ଟ୍ସ କୋଟା (ମୁକ୍ତ ବିଜ୍ଞାପନ) ସଂପର୍କରେ ଖେଳାଳିମାନଙ୍କ ନିଯୁକ୍ତି**

ଏମ୍ପ୍ଲୟମେଣ୍ଟ ନୋଟିସ୍ ନଂ.ECoR/Pers/SPQ(OA)/2018-19
ଜାରି ହେବା ତାରିଖ : ତା.29.09.2018ରିଖ, ଅନ୍ତିମ ତାରିଖ : ତା.29.10.2018ରିଖ, ଅନ୍ତିମ ସମୟ : 1800 ଘଣ୍ଟିକାରେ

(1) ପୂର୍ବ ତଟ ରେଳବାଇରେ ବର୍ଷ 2018-19 ନିମନ୍ତେ ଖାଲି ପଡ଼ିଥିବା 21 ଗୋଟି ପଦବୀ ପାଇଁ ସ୍ପୋର୍ଟ୍ସ କୋଟା (ମୁକ୍ତ ବିଜ୍ଞାପନ) ଅନୁଯାୟୀ ନିଯୁକ୍ତି ହେତୁ ଆନ୍ତର୍ଜାତିକ/ରାଷ୍ଟ୍ରୀୟ/ରାଜ୍ୟ/ବିଶ୍ୱବିଦ୍ୟାଳୟ ଚମ୍ପିଆନ୍‌ସିପମାନଙ୍କରେ ଅଂଶ ଗ୍ରହଣ କରିଥିବା ଯୋଗ୍ୟ କ୍ରୀଡ଼ାବିତ୍ ତଥା ଭାରତୀୟ ନାଗରିକମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି।
(2) **କ୍ରୀଡ଼ା ସଫଳତା :** ଆବେଦନକାରୀ ବର୍ତ୍ତମାନ ଜଣେ ସକ୍ରିୟ ଖେଳାଳୀ ହୋଇଥିବା ଆବଶ୍ୟକ ଏବଂ ତା.01.04.2016 ରିଖକୁ କିମ୍ବା ପରବର୍ତ୍ତୀ ସମୟରେ କ୍ରୀଡ଼ା ସଫଳତା ହାସଲ କରିଥିବା ଆବଶ୍ୟକ।
(3) **ଶିକ୍ଷାଗତ ଯୋଗ୍ୟତା :** ପ୍ରାର୍ଥୀ ନିମ୍ନଲିଖିତ ଯୋଗ୍ୟତାର ଅଧିକାରୀ ହୋଇଥିବା ଆବଶ୍ୟକ :-(i) GP ଟ.2800/-(ଲେଭେଲ-5) ଦରମା ହାର ଥିବା ପଦବୀଗୁଡ଼ିକ ପାଇଁ ବିଶ୍ୱବିଦ୍ୟାଳୟ ଡ଼ିଗ୍ରୀ କିମ୍ବା ତତ୍ତୁଲ୍ୟ। (ii) GP ଟ.2400/-(ଲେଭେଲ-4) ଦରମା ହାର ଥିବା ଜୁନିୟର ଷ୍ଟେନୋଗ୍ରାଫର ପଦବୀ ନିମନ୍ତେ 12th (+2 Stage) କିମ୍ବା ତତ୍ତୁଲ୍ୟ ସହିତ 10 ମିନିଟ୍ ଅବଧି ମଧ୍ୟରେ ସର୍ଟହ୍ୟାଣ୍ଡ (ଇଂରାଜୀ/ହିନ୍ଦି)ରେ ମିନିଟ୍ ପିଛା 80 ଗୋଟି ଶବ୍ଦ, ଯାହାକୁ 50 ମିନିଟ୍ ମଧ୍ୟରେ ଇଂରାଜୀ ନକଲ କରାଯାଇ ପାରୁଥିବା ଆବଶ୍ୟକ କିମ୍ବା 65 ମିନିଟ୍ ମଧ୍ୟରେ ହିନ୍ଦି ନକଲ କରାଯାଇ ପାରୁଥିବା ଆବଶ୍ୟକ। (iii)GP ଟ.2000/-/1900/-(ଲେଭେଲ-3/ଲେଭେଲ-2)ଦରମା ହାର ଥିବା ପଦବୀଗୁଡ଼ିକ ନିମନ୍ତେ 12th (+2 Stage) କିମ୍ବା ତତ୍ତୁଲ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ। **(ଅଥବା)** ଏକ ସ୍ୱୀକୃତିପ୍ରାପ୍ତ ବୋର୍ଡରୁ ମାଟ୍ରିକ୍ୟୁଲେସନ କିମ୍ବା ତତ୍ତୁଲ୍ୟପରୀକ୍ଷାରେ ଉତ୍ତୀର୍ଣ୍ଣ ସହିତ ITI ପ୍ରମାଣପତ୍ର ଥିବା ପ୍ରାର୍ଥୀମାନେ GP ଟ.1900/-(ଲେଭେଲ-2) ସହିତ ଟେକ୍‌ନିସିଆନ୍-III ପଦବୀରେ ନିଯୁକ୍ତି ପାଇଁ ମଧ୍ୟ ଆବେଦନ କରିପାରିବେ।
(4) **ବୟସ ସୀମା :** ତା.01.01.2019 ରିଖ ସୁଦ୍ଧା ସର୍ବନିମ୍ନ 18 ବର୍ଷ ଏବଂ ସର୍ବାଧିକ 25 ବର୍ଷ ହୋଇଥିବା ଆବଶ୍ୟକ।
(5) **କ୍ରୀଡ଼ା ଶୃଙ୍ଖଳା :** ଆଥଲେଟିକ୍, ଜଳକ୍ରୀଡ଼ା (Aquatics), ବ୍ୟାଡ଼ମିଣ୍ଟନ୍, ବଲ୍ ବ୍ୟାଡ଼ମିଣ୍ଟନ୍, ବକ୍ସିଙ୍ଗ୍, ଫୁଟବଲ, ଗଲ୍ଫ, ହକି, କବାଡ଼ି, ଟେବୁଲ୍ ଟେନିସ୍, ଭଲିବଲ୍ ଏବଂ ଭାରଉତ୍ତୋଳନ।

ଅନ୍ୟ ସଂପୂର୍ଣ୍ଣ ବିବରଣୀ ଏବଂ ଦରଖାସ୍ତ ଫର୍ମ ନିମନ୍ତେ ଦୟାକରି ତା.29.09.2018ରିଖର ଏମ୍ପ୍ଲୟମେଣ୍ଟ ନ୍ୟୁଜ୍ କିମ୍ବା ପୂର୍ବ ତଟ ରେଳପଥର ୱେବ୍‌ସାଇଟ୍ www.eastcoastrail.indianrailways.gov.in ଅବଲୋକନ କରନ୍ତୁ।

PR-354/J/18-19 | ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀ

BHUBANESWAR-PURI TRANSPORT SERVICES LTD
DTS dreamteam shahara ଆପଣଙ୍କ ସେବାରେ

**EXPRESSION OF INTEREST**

**ବସ୍ ମରାମତି ପ୍ରସ୍ତାବ**
**PROPOSAL FOR REPAIRING OF BUSES**
**No.287/DTS/BBSR/DATE-28.09.2018**

ଓଡ଼ିଶା ସରକାରଙ୍କ ସହଭାଗିତାରେ ଅନ୍ୟୁନ ୧୨୯ ସଂଖ୍ୟକ ସିଟି ବସ୍ ସେବା ବହୁବିଧ ରୁଟ୍‌ରେ ଯଥା ଖୋର୍ଦ୍ଧା, ଜଟଣୀ, ଭୁବନେଶ୍ୱର, କଟକ, ପୁରୀ ଓ କୋଣାର୍କ ଆଦି ସ୍ଥାନକୁ ସଂଯୋଗ କରୁଥିବା ଡ୍ରିମ୍‌ଟିମ୍ ସାହାରା **(DTS)** ଗତ ୨୦୧୦ ମସିହାରୁ ସିଟିବସ୍ ସେବା ଯୋଗାଇ ଦେଉଛି।

ଅଧିକୃତ ମରାମତି କେନ୍ଦ୍ର କିମ୍ବା ପ୍ରଖ୍ୟାତ ସ୍ଥାନୀୟ **Garage**ମାନଙ୍କଠାରୁ ଆମ ଅଧୀନରେ ପୋଖରୀପୁଟରେ ରହିଥିବା ୫୯ଟି ଟାଟା, ୩୦ଟି ଅଶୋକ ଲେଲ୍ୟାଣ୍ଡ, ୨୮ଟି ମାର୍କୋପୋଲୋ ଓ ୧୨ଟି AC ବସ୍‌ର ରଙ୍ଗ ଓ ମରାମତି ପାଇଁ ପ୍ରସ୍ତାବ ଆହ୍ୱାନ କରୁଅଛି।

ଆଗ୍ରହୀ **Garage/Company/Firm** ମାନେ ନିମ୍ନଲିଖିତ ଠିକଣାରେ ୭ ଦିନ ଭିତରେ ଆସି ନିର୍ଦ୍ଧାରିତ **form**ରେ ସମସ୍ତ **Document** ସହିତ ଆବେଦନ କରନ୍ତୁ । ଆବେଦନ କରିବାର ଶେଷ ତାରିଖ ତା.୦୫.୧୦.୨୦୧୮।

**ଯୋଗାଯୋଗ କରିବାର ଠିକଣା**

**Vice-President,** ଡ୍ରିମ୍‌ଟିମ୍ ସାହାରା, ପ୍ଲଟ୍ ନଂ.ଏନ୍-୫/୫୩୮, ଆଇ.ଆର୍.ସି. ଭିଲେଜ୍ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ବିଲ୍ଡିଂ, ୨ୟ ମହଲା, ଭୁବନେଶ୍ୱର-୭୫୧୦୧୫
ଫୋନ୍-(୦୬୭୪) ୭୦୦୮୯୯୮୬୨୯/୨୩୬୦୯୧୬/୭୮୯୪୪୧୬୦୦୩
E-mail : dts.bbsr@gmail.com / response.dts@gmail.com

"ଲିଓନେଲ ମେସିଙ୍କୁ ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟର ସମ୍ପର୍କରେ ନିଷ୍ପତ୍ତି ନେବା ଲାଗି ଯଥେଷ୍ଟ ସମୟ ଦିଆଯିବା ଉଚିତ୍ ।
–ଜାଭିୟର ସାଭିଓଲା, ପୂର୍ବତନ ଆର୍ଜେଣ୍ଟିନା ଫରୱାର୍ଡ



"କୌଣସି ଟୁର୍ନାମେଣ୍ଟ ଲାଗି ଏକ ଦଳ ନିଜକୁ ଭଲରୂପେ ପ୍ରସ୍ତୁତ କରିଛି କି ନା ତାହା ପ୍ରଦର୍ଶନରୁ ଜଣାପଡ଼ିଯାଏ ।
–ଷ୍ଟିଭ୍ କୋପେଲ, ଇଣ୍ଡିଆନ ସୁପର ଲିଗ୍ ଟିମ୍ ଏଟିକେ କୋଚ୍



# ଏସିଆ କପ୍: ଭାରତକୁ ସପ୍ତମ ଟାଇଟଲ

**ଦୁବାଇ, ୨୮।୯ (ପି.ଟି.)**

ରୋହିତ ଶର୍ମାଙ୍କ ନେତୃତ୍ୱାଧିନ ଭାରତ ରେକର୍ଡ ସପ୍ତମଥର ପାଇଁ ଏସିଆ କପ୍ ଟାଇଟଲ ହାସଲ କରିଛି । ସ୍ଥାନୀୟ ଦୁବାଇ ଆନ୍ତର୍ଜାତିକ କ୍ରିକେଟ ଷ୍ଟାଡିୟମରେ ଶୁକ୍ରବାର ଖେଳାଯାଇଥିବା ଟୁର୍ନାମେଣ୍ଟର ଟାଇଟଲ ମୁକାବିଲାରେ ଭାରତ ଶେଷ ବଲରେ ୩ ଉଇକେଟରେ ବିଜୟ ହାସଲ କରିଛି । ଟସ୍ ଜିତି ଭାରତ ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲେ । ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୪୮.୩ ଓଭରରେ ୨୨୨ ରନ କରି ଅଲଆଉଟ ହୋଇଥିଲା । ଜବାବରେ ଭାରତ ୫୦ ଓଭରରେ ୭ ଉଇକେଟ ହରାଇ ୨୨୩ ରନ କରିବା ସହ ବିଜୟ ହାସଲ କରି ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି । ଅନ୍ୟପଟେ ତୃତୀୟଥର ପାଇଁ ଚାମ୍ପିୟନ ହେବାର ବାଂଲଦେଶର ଆଶା ଧୂଳିସାତ୍ ହୋଇଛି । ୨୨୩ରନର ଟାର୍ଗେଟର ପିଛା କରି ଭାରତ ଦେଖିଚାହିଁ ଆରମ୍ଭ କରିଥିଲା । ତେବେ ଇନିଫର୍ମ ଓପନର ଶିଖର ଧାୱନ ୧୫ ରନ କରିଥିବା ବେଳେ ନଜମୁଲ ଇସଲାମଙ୍କ ବଲରେ ବଡ଼ ଶଟ୍ ଖେଳିବାକୁ ଯାଇ ଲଙ୍ଗ୍ ଅନ୍‌ରେ ସୌମ୍ୟ ସରକାର ହାତରେ ଧରା ପଡିଥିଲେ ଓ ଭାରତକୁ ପ୍ରଥମ ଝଟ୍‌କା ଲାଗିଥିଲା । ଅମ୍ବାତି ରାୟୁଡୁ ବ୍ୟାଟିଂ କରିବାକୁ ଆସି ମାତ୍ର ୨ ରନ କରିଥିବା ମଶ୍ରାଫି ମୋର୍ତ୍ତାଜାଙ୍କ ବଲରେ ଉଇକେଟ କିପର ମୁଶଫିକର ରହିମଙ୍କୁ କ୍ୟାଚ୍ ଦେଇଥିଲେ । ଏହାପରେ ୪୮ ରନର କ୍ରିଜ୍‌ରେ ଜମିଆସୁଥିବା ବେଳେ ଅଧିନାୟକ ତଥା ଓପନର ରୋହିତ ଶର୍ମା ମିଡ୍ ଉଇକେଟକୁ ଲମ୍ବା ଶଟ୍ ଖେଳିବାକୁ ଯାଇ ରୁବେଲ ହୋସେନଙ୍କ ବଲରେ ନାଜମୁଲଙ୍କୁ କ୍ୟାଚ୍ ଦେଇଥିଲେ । ଦୀନେଶ କାର୍ତ୍ତିକ ୩୭ ରନର ଗୁରୁତ୍ୱପୂର୍ଣ୍ଣ ପାଳି ଖେଳିଥିଲେ ମଧ ମହମୁଦୁଲ୍ଲାଙ୍କ ଦ୍ୱାରା ଏଲବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ । ଏହା ପରେ ମହେନ୍ଦ୍ର ସିଂ ଧୋନୀ ବ୍ୟାଟିଂ କରିବାକୁ ଆସିଥିଲେ ଓ ଚତୁର୍ଥ ଉଇକେଟ ଯୋଡିରେ କାର୍ତ୍ତିକଙ୍କ ସହ ମିଶି ୫୪ ରନ ସଂଗ୍ରହ କରିଥିଲେ । ଧୋନୀ ୩୬ ରନର କରି ମୁସ୍ତାଫିଜୁର ରହମାନଙ୍କ ବଲରେ ମୁସ୍‌ଫିକରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିବା ପରେ ଭାରତୀୟ ଶିବିରରେ ନିରାଶ ଖେଳିଯାଇଥିଲା । କେଦାର ଯାଦବ ୧୯ ରନ କରି ରିଟାୟାର୍ଡ ହର୍ଟ ହୋଇ ପ୍ୟାଭିଲିୟନ ଫେରିବା ପରେ ଭାରତର ସମସ୍ୟା ଦ୍ୱିଗୁଣିତ ହୋଇଥିଲା । ଏହାପରେ ଭୁବନେଶ୍ୱର କୁମାର ଓ ରବୀନ୍ଦ୍ର ଜାଡେଜା ସପ୍ତମ ଉଇକେଟ ଯୋଡିରେ ୪୫ ରନ କରିଥିଲେ । ତେବେ ଜାଡେଜା ୨୩ ରନ କରି ରୁବେଲଙ୍କ ବଲରେ ମୁଶଫିକରଙ୍କୁ କ୍ୟାଚ୍ ଦେଇ ଆଉଟ ହେବା ପରେ କେଦାର ପୁଣି ଥରେ ବ୍ୟାଟିଂ କରିବାକୁ ଆସିଥିଲେ । ଭୁବନେଶ୍ୱର ୨୧ ରନ କରି ମୁସ୍ତାଫିଜୁରଙ୍କ ବଲରେ ମୁଶଫିକରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ । ଶେଷରେ କେଦାର ୨୩ ଓ କୁଲଦୀପ ୫ ରନ କରି ଅପରାଜିତ ରହିବା ସହ ଭାରତକୁ ଜିତାଇଥିଲେ । ଶେଷ ବଲରେ ହିଁ ଭାରତ ବିଜୟ ହାସଲ କରି ଚାମ୍ପିୟନ ହୋଇଥିଲା । ବୋଲିଂରେ ବାଂଲାଦେଶ ତରଫରୁ ମୁସ୍ତାଫିଜୁର ଓ ରୁବେଲ ଦୁଇଟି ଲେଖାଏ, ନାଜମୁଲ, ମୋର୍ତ୍ତାଜା ଓ ମହମୁଦୁଲ୍ଲା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ । ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ବାଂଲାଦେଶର ଦୁଇ ଓପନର ଲିଟନ ଓ ମିରାଜ ପ୍ରଥମ ଉଇକେଟ ଯୋଡିରେ ପାଖାପାଖି ୬ ରନ ହାରରେ ୧୨୦ ରନର ଶତକୀୟ ଭାଗୀଦାରି ସ୍ଥାପନ କରି ଦଳକୁ ଦମ୍‌ଦାର ଆରମ୍ଭ ପ୍ରଦାନ କରିଥିଲେ । ଅନଅର୍ଥୋଡକ୍ସ ସ୍ପିନର କେଦାର ଯାଦବ ଭାରତକୁ ବ୍ରେକ୍ ଥ୍ରୁ ଦେଇଥିଲେ । ୩୨ ରନ କରିଥିବା ବେଳେ ମିରାଜ କେଦାରଙ୍କ ବଲରେ ଅମ୍ବାତି ରାୟୁଡୁଙ୍କୁ କ୍ୟାଚ୍ ଦେଇ ପ୍ରଥମେ ଆଉଟ ହୋଇଥିଲେ । ଏହା ପରେ ବାଂଲାଦେଶ ଇନିଂସ ତାସ୍‌ଘର ପରି ଭୁଶୁଡି ପଡିଥିଲା । ଲିଟନ ଦଳର ସମୁଦାୟ ସ୍କୋରର ଅଧା ରନ ସଂଗ୍ରହ କରିଥିଲେ । ଏକଦା ବାଂଲାଦେଶ ୩୦୦ ପାଖାପାଖି ରନ କରିବା ଆଶା କରାଯାଉଥିଲେ ମଧ ଶେଷରେ ୨୨୨ ରନରେ ସୀମିତ ରହିଥିଲା । ସୌମ୍ୟ ସରକାର ୩୩ ରନର ପାଳି ଖେଳି ଦଳର ସ୍କୋରକୁ ୨୦୦ ରନ ପାର କରାଇଥିଲେ । ଷଷ୍ଠ ଉଇକେଟ ଯୋଡିରେ ସୌମ୍ୟ ଓ ଲିଟନ ୩୭ ରନ କରି ସ୍ଥିତି ସମ୍ଭାଳିବାକୁ ଚେଷ୍ଟା କରିଥିଲେ । ତେବେ ଲିଟନ ୧୧୭ଟି ବଲର ସମ୍ମୁଖୀନ ହୋଇ ୧୨ ଚୌକା ଓ ୨ ଛକା ସହ ୧୨୧ ରନ କରିବା ସହ ପ୍ରଥମ ଦିନିକିଆ ଶତକ ହାସଲ କରି ଦଳର ସ୍କୋରକୁ ଆଗେଇ ନେଉଥିବା ବେଳେ କୁଲଦୀପଙ୍କ ବଲରେ ମହେନ୍ଦ୍ର ସିଂ ଧୋନୀଙ୍କ ଦ୍ୱାରା ଷ୍ଟମ୍ପ ଆଉଟ ହୋଇଥିଲେ । ଏହାପରେ ବାଂଲାଦେଶ ଇନିଂସ ବେଶି ସମୟ ତିଷ୍ଠିପାରି ନ ଥିଲା । ଦଳର ବାକି ୮ ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁପାରି ନ ଥିଲେ । ଇମରୁଲ କାଏସ୍ ୨, ଇନ୍‌ଫର୍ମ ଉଇକେଟ କିପର ବ୍ୟାଟ୍ସମ୍ୟାନ ମୁଶଫିକର ରହିମ ୫, ମହମ୍ମଦ ମିଥୁନ୍ ୨, ଅଭିଜ୍ଞ ତଥା ସଙ୍କଟମୋଚକ ମହମୁଦୁଲ୍ଲା ୪, ଅଧିନାୟକ ମାଶ୍ରାଫି ମୋର୍ତ୍ତାଜା ୭, ନାଜମୁଲ ଇସଲାମ ୭ ରନ କରି ଆଉଟ ହୋଇଥିବା ବେଳେ ରୁବେଲ ହୋସେନ ଖାତା ଖୋଲିପାରି ନ ଥିଲେ । ମୁସ୍ତାଫିଜୁର ରହମାନ ୨ ରନ କରି ଅପରାଜିତ ରହିଥିଲେ । ତେବେ ୩ଜଣ ବାଂଲାଦେଶ ବ୍ୟାଟ୍ସମ୍ୟାନ ଯଥା ମିଥୁନ, ସୌମ୍ୟ ଓ ନାଜମୁଲ ଇସ୍‌ଲାମ ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ୍ ହୋଇଥିଲେ ଓ ଦଳ ପାଇଁ ଏହା ମହଙ୍ଗା ସାବ୍ୟସ୍ତ ହୋଇଥିଲା । ଦୁଇ ଓପନର ଇମରୁଲ ଓ ସୌମ୍ୟଙ୍କ ବଦଳରେ ମିରାଜଙ୍କୁ ଓପନିଂ କରିବାର ସୁଯୋଗ ଦେଇ ଅଧିନାୟକ ମୋର୍ତ୍ତାଜା ସମସ୍ତଙ୍କୁ ଚକିତ କରିଥିଲେ । ଅବଶ୍ୟ ତାଙ୍କର ଏହି ନିଷ୍ପତ୍ତି ଫଳପ୍ରଦ ହୋଇଥିଲା । ଶେଷ ୧୦୨ ରନରେ ବାଂଲାଦେଶ ୧୦ଟି ଯାକ ଉଇକେଟ ହରାଇଥିଲା । ଦୁଇ ସ୍ପିନର କେଦାର ଓ କୁଲଦୀପ ଚତୁରତାର ସହ ବୋଲିଂ କରି ପ୍ରତିପକ୍ଷ ବ୍ୟାଟ୍ସମ୍ୟାନଙ୍କୁ ଚକ୍‌ମା ଦେଇଥିଲେ । ଚାଇନାମ୍ୟାନ କୁଲଦୀପ ୩ଟି ଓ କେଦାର ଦୁଇଟି ଉଇକେଟ ଅକ୍ତିଆର କରିଥିଲେ । ଅନ୍ୟତମ ରିଷ୍ଟ ସ୍ପିନର ଯୁଜବେନ୍ଦ୍ର ଚହଲ ଗୋଟିଏ ଓ ଦ୍ରୁତ ବୋଲର ଯଶପ୍ରୀତ ବୁମରା ଗୋଟିଏ ଉଇକେଟ ହାସଲ କରିଥିଲେ ।



ଉଇକେଟ ନେଲାପରେ ଖୁସି ମନାଉଛନ୍ତି କେଦାର ଯାଦବ ।

**ସଂକ୍ଷିପ୍ତ ସ୍କୋର :**

**ବାଂଲାଦେଶ ୪୮.୩ ଓଭରରେ ୨୨୨ ଅଲଆଉଟ୍**
(ଲିଟନ- ୧୨୧, ସୌମ୍ୟ-୩୩, ମିରାଜ- ୩୨, କୁଲଦୀପ- ୩/୪୫, କେଦାର- ୨/୪୧, ଚହଲ- ୧/୩୧, ବୁମରା- ୧/୩୯ )।

**ଭାରତ ୫୦ ଓଭରରେ ୨୨୩/୭**
(ରୋହିତ- ୪୮, କାର୍ତ୍ତିକ- ୩୭, ଧୋନୀ- ୩୬, ଜାଡେଜା-୨୩, କେଦାର- ୨୩*, ଭୁବନେଶ୍ୱର- ୨୧, ଧାୱନ- ୧୫, ମୁସ୍ତାଫିଜୁର- ୨/୩୮, ରୁବେଲ- ୨/୨୬)।

# ଓଡ଼ିଶା ପୋଲିସ ବିଜୟୀ

**କଟକ ଅଫିସ,୨୮।୯**

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ରେ ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ପୋଲିସ ୨–୦ ଗୋଲରେ ପୂର୍ବତଟ ରେଲୱେକୁ ହରାଇଛି । ଦଳ ପକ୍ଷରୁ ବିଜୟ ଘାଲାନ ୪୯ତମ ଓ ପ୍ରଶାନ୍ତ କୁମାର ନାୟକ ୭୦ତମ ମିନିଟରେ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ । ଖେଳାଯିବାକୁ ଥିବା ଅନ୍ୟ ଏକ ମ୍ୟାଚ୍‌ରେ ଜୟଦୁର୍ଗା କ୍ଲବ ଅନୁପସ୍ଥିତ ରହିବାରୁ ସ୍ପୋର୍ଟ୍ସ ହଷ୍ଟେଲକୁ ବିଜୟୀ ଘୋଷଣା କରାଯାଇଥିଲା ।

# କୋରିଆ ଓପନ୍ ବ୍ୟାଡମିଣ୍ଟନ୍ : କ୍ୱାର୍ଟରରେ ହାରିଲେ ସାଇନା

**ସିଓଲ,୨୮।୯(ପି.ଟି.)-** ଏଠାରେ ଚାଲିଥିବା କୋରିଆ ଓପନ୍ ବିଶ୍ୱ ଟୁର ସୁପର ୫୦୦ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟରେ ଭାରତୀୟ ମହିଳା ତାରକା ସାଇନା ନେହ୍ୱାଲ କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି । ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ସେ ଶୁକ୍ରବାର ଜାପାନର ନୋଜୋମି ଓକୁହାରାଙ୍କଠାରୁ ପରାସ୍ତ ହୋଇ ଟୁର୍ନାମେଣ୍ଟରୁ ବିଦାୟ ନେଇଛନ୍ତି । ପଞ୍ଚମ ସିଡ ମାନ୍ୟତା ପାଇଥିବା ସାଇନା ତୃତୀୟ ସିଡ ଖେଳାଳି ଓକୁହାରାଙ୍କଠାରୁ ୨୧-୧୫, ୧୫-୨୧, ୨୧-୨୨ରେ ପ୍ରି-କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇଛନ୍ତି । ପାଖାପାଖି ଏକ ଘଣ୍ଟା ମଧରେ ସାଇନା ପରାଜୟ ବରଣ କରିଥିଲେ । ଏଥିସହିତ ସାଇନା ବିଭିନ୍ନ ଟୁର୍ନାମେଣ୍ଟରେ ଓକୁହାରାଙ୍କଠାରୁ କ୍ରମାଗତ ତୃତୀୟ ପରାଜୟ ବରଣ କରିଛନ୍ତି । ବିଜୟୀ ହେବା ପାଇଁ ଓକୁହାରାଙ୍କୁ ବେଶ୍ କଷ୍ଟ କରିବାକୁ ପଡିଥିଲା । ପୂର୍ବରୁ ଗତ ଜାନୁୟାରୀରେ ସାଇନା ଇଣ୍ଡୋନେସିଆ ମାଷ୍ଟର୍ସ ଟୁର୍ନାମେଣ୍ଟ ଫାଇନାଲରେ ପ୍ରବେଶ କରିଥିଲେ । ଚଳିତ ବର୍ଷ ସେ ଏକମାତ୍ର ଟୁର୍ନାମେଣ୍ଟ ହିସାବରେ ଗତ ଏପ୍ରିଲରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଟାଇଟଲ ଜିତିଥିଲେ । ନିଜ ଦେଶର ପି.ଭି. ସିନ୍ଧୁଙ୍କୁ ହରାଇ ସେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲେ । ସେ ଗତ ୧୮ତମ ଏସିଆନ ଗେମ୍ସରେ ମଧ ବ୍ରୋଞ୍ଜ ପଦକ ହାସଲ କରିଥିଲେ ।

## ୧୮ ବର୍ଷରୁ କମ୍ ମହିଳା ସାଫ୍ ଚାମ୍ପିୟନଶିପ୍

# ବୃହତ୍ ବିଜୟରୁ ଭାରତର ଅଭିଯାନ

**ନୂଆଦିଲ୍ଲୀ, ୨୮।୯(ପି.ଟି.)**

ଭୁଟାନ ରାଜଧାନୀ ଥିମ୍ପୁର ଚାଙ୍ଗଲିମିଥାଙ୍ଗ ଷ୍ଟାଡିୟମରେ ଭୁଟାନ ଫୁଟବଲ ଫେଡେରେଶନ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ସାଉଥ୍ ଏସିଆ ଫୁଟବଲ ଫେଡେରେଶନ (ସାଫ) ୧୮ ବର୍ଷରୁ କମ୍ ବାଳିକା ଫୁଟବଲ ଟୁର୍ନାମେଣ୍ଟରେ ଭାରତ ବୃହତ୍ ବିଜୟ ସହ ଅଭିଯାନ ଆରମ୍ଭ କରିଛି । ଶୁକ୍ରବାର ଖେଳାଯାଇଥିବା ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍‌ରେ ଭାରତ ଆୟୋଜକ ଭୁଟାନକୁ ୪–୦ ଗୋଲରେ ପରାସ୍ତ କରିଛି । ଫଳରେ ଗ୍ରୁପ୍ ଏ'ରେ ଭାରତ ଶୀର୍ଷରେ ରହିଛି ।

ଭାରତ ପକ୍ଷରୁ ଦେବନୀତା ରଏ ଦୁଇଟି ଗୋଲ ସ୍କୋର କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି । ପୁଣି ସେ ଅନ୍ୟ ଖେଳାଳିମାନଙ୍କ ପାଇଁ କେତୋଟି ଗୋଲ ସୁଯୋଗ ସୃଷ୍ଟି କରିବାରେ ସକ୍ଷମ ହୋଇଥିଲେ । ନବନିଯୁକ୍ତ ଭାରତୀୟ କୋଚ୍ ଆଲେକ୍ସ ଆମ୍ବ୍ରୋଜ୍‌ଙ୍କ ତତ୍ତ୍ୱାବଧାନରେ ଭାରତ ପ୍ରଥମ ବିଜୟ ହାସଲ କରିଛି । ଫଳରେ ଆମ୍ବ୍ରୋଜଙ୍କ ପାଇଁ ଏହି ବିଜୟ ବେଶ୍ ମହତ୍ତ୍ୱ ରଖୁଛି । ମ୍ୟାଚ ଆରମ୍ଭରୁ ଉଭୟ ଦଳ ବେଶ୍ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲେ । ତେବେ ମୋଟାମୋଟି ଉପରେ ଭାରତ ଆଧିପତ୍ୟ ବିସ୍ତାର କରି ଖେଳିଥିଲା । ଭାରତ ପକ୍ଷରୁ ଦେବନୀତା ରଏ ୩୫ ଓ ୫୦ତମ ମିନିଟ୍‌ରେ ଦୁଇଟି ଗୋଲ ଦେଇଥିଲେ । ଏହା ପରେ ମନୀଷା ୬୪ତମ ମିନିଟ୍‌ରେ ଗୋଲ ଦେଇ ଭାରତକୁ ୩–୦ ଗୋଲରେ ଅଗ୍ରଣୀ କରାଇଥିଲେ । ଶେଷରେ ଅସୀମ ରୋଜା ଦେବୀ ୬୭ତମ ମିନିଟ୍‌ରେ ଦଳ ପାଇଁ ଅନ୍ତିମ ଗୋଲ ସ୍କୋର କରିଥିଲେ । ଭାରତ ଅବଶ୍ୟ ଆଉ କେତୋଟି ଗୋଲ ସୁଯୋଗ ହାସଲ କରିଥିଲା । ଭାରତ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ମାଳଦ୍ୱୀପକୁ ଆସନ୍ତା ୨ ତାରିଖରେ ଭେଟିବ ।

**ଭାରତୀୟ ଏକାଦଶ:** ସୁଆଗୁରୁମାୟୁମ ମୋନିକା ଦେବୀ, କାଞ୍ଚା ଚାନୁ, ମନୀଷା, ପାକପି ଦେବୀ, ଦେବନୀତା ରଏ, ଅସୀମ ରୋଜା ଦେବୀ, ଯବାମଣି ଟୁଡୁ, ସମିକ-ଶା (ଅଧିନାୟକ), ମହାରବାମ ଥାହେନବୀ, ସୌମ୍ୟ ଗୁଗୁଲୋଥ ଓ ବଙ୍ଗିଟଲୁଙ୍ଗ୍ ।

# ମହିଳା ଟି୨୦ ବିଶ୍ୱକପ୍: ଭାରତୀୟ ଦଳ ଘୋଷିତ

**ନୂଆଦିଲ୍ଲୀ,୨୮।୯(ପି.ଟି.)**

ଆସନ୍ତା ନଭେମ୍ବର ୯ରୁ ୨୪ ତାରିଖ ପର୍ଯ୍ୟନ୍ତ ୱେଷ୍ଟଇଣ୍ଡିଜ୍‌ଠାରେ ହେବାକୁ ଯାଉଛି ଆଇସିସି ମହିଳା ଟି୨୦ ବିଶ୍ୱକପ୍‌ର ୬ଷ୍ଠ ସଂସ୍କରଣ । ଏଥିଲାଗି ବିସ୍ଫୋରକ ବ୍ୟାଟ୍ସୱମ୍ୟାନଙ୍କ ନେତୃତ୍ୱରେ ୧୫ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି । ଜାତୀୟ ମହିଳା କ୍ରିକେଟ ଚୟନ କମିଟି ବାମହାତୀ ଓପନର ସ୍ମୃତି ମନ୍ଧାନାଙ୍କୁ ଉପଅଧିନାୟିକା ଦାୟିତ୍ୱ ଦେଇଛି । ଏହି ଦଳରେ ଅଭିଜ୍ଞ ବ୍ୟାଟ୍ସୱମ୍ୟାନ ମିଥାଲି ରାଜ, ବେଦ କ୍ରିଷ୍ଣମୂର୍ତ୍ତି, ଦୀପ୍ତି ଶର୍ମା, ଜେମିମା ରୋଡ୍ରିଗୁଏଜ, ଅନୁଜ ପାଟିଲ, ଏକତା ବିଷ୍ଟ ଓ ପୁନମ ଯାଦବ ସ୍ଥାନ ପାଇଛନ୍ତି । ଭାରତୀୟ ଦଳ ଗ୍ରୁପ୍ ବି'ରେ ସ୍ଥାନ ପାଇଛି । ଏଥିରେ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ପାକିସ୍ତାନ ଓ ଆୟର୍ଲାଣ୍ଡ ଭଳି ଦଳ ରହିଛନ୍ତି । ନଭେମ୍ବର ୯ ତାରିଖରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତୀୟ ଦଳ ତା'ର ଅଭିଯାନ ଆରମ୍ଭ କରିବ । ପରବର୍ତ୍ତୀ ମ୍ୟାଚ୍‌ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ନଭେମ୍ବର ୧୧ ତାରିଖରେ ଭେଟିବ ଭାରତୀୟ ଦଳ । ସେହିଭଳି ଟିମ୍ ଇଣ୍ଡିଆ ତା'ର ଅନ୍ତିମ ଦୁଇଟି ଗ୍ରୁପ ପର୍ଯ୍ୟାୟ ମ୍ୟାଚ୍‌ରେ ଆୟର୍ଲାଣ୍ଡ (ନଭେମ୍ବର ୧୫) ଓ ଅଷ୍ଟ୍ରେଲିଆ (ନଭେମ୍ବର ୧୭)କୁ ଭେଟିବ ।

ଭାରତୀୟ ମହିଳା ଦଳ: ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପଅଧିନାୟିକା), ମିଥାଲି ରାଜ, ଜେମିମା ରୋଡ୍ରିଗୁଏଜ, ବେଦ କ୍ରିଷ୍ଣମୂର୍ତ୍ତି, ଦୀପ୍ତି ଶର୍ମା, ତାନ୍ୟା ଭାଟିଆ (ଉଇକେଟକିପର), ପୁନମ ଯାଦବ, ରାଧା ଯାଦବ, ଅନୁଜ ପାଟିଲ, ଏକତା ବିଷ୍ଟ, ଡି. ହେମଲତା. ମାନ୍‌ସି ଯୋଶୀ, ପୂଜା ଭସ୍ତ୍ରାକାର ଓ ଅରୁନ୍ଧତି ରେଡ୍ଡୀ ।


OFFICE OF THE SR. GENERAL MANAGER (ELECTRICAL)
UPPER INDRAVATI HYDRO ELECTRIC PROJECT, MUKHIGUDA,
DIST: KALAHANDI-766026, Mob. No.7328840483,
E-mail: sgmel_uihep@ohpcltd.com
ODISHA HYDRO POWER CORPORATION LTD.
(A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022, Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963
No. CAD-882

**TENDER CALL NOTICE NO.37/2018-19 DTD.26.09.2018**

The Sr. General Manager (El), UIHEP, Mukhiguda invites sealed tenders in two parts from Manufacturers / Authorized Dealers / reputed suppliers for the following work.

| Name of Work | Estimated Cost in Rs. | EMD in Rs. | Cost of Tender Paper in Rs. |
|---|---|---|---|
| Procurement, Erection, Testing & Commissioning of 400 KV Capacitor Voltage Transformers. | 36,42,660/- | 36,450/- | Rs. 7,080/- inclusive of GST @ 18% |

The sale of tender paper: from 11:00 Hrs. of 01.10.2018 to 13:00 Hrs. of 15.10.2018
The last date & time of receipt of tenders: up to 13:00 Hrs of 15.10.2018
The date & time of opening of Technical bid : 12:30 Hrs of 26.10.2018
For details of tender documents, Terms and Conditions, Eligibility Criteria and downloading please visit our website www.ohpcltd.com

32136/11/0055/1819 **Sd./- Sr. General Manager (El.),UIHEP, Mukhiguda**



**SHORT TENDER CALL NOTICE**
**OFFICE OF THE D.G & I.G. OF POLICE, ODISHA, CUTTACK**
No.233-D

1. Sealed tenders are invited from the Original Equipment Manufacturers(OEMs) or their Authorized Dealer / Agent for Repair & Maintenance of different make / models of Night Vision Devices used by Special Force of Odisha Police under State Budget Grant 2018-19 ( QR with terms & conditions is enclosed in Annexure-B).

| Sl. No. | Name of the equipment / item | Quantity |
|---|---|---|
| 1 | Repair & maintenance of Night Vision Devices | 41 sets |

2. Details of tender information may be seen from the Website of the Govt. of Odisha i.e. www.odisha.gov.in. The quantity may vary during indent of the items depending upon budgetary allocation.
3. Date of issue of tender documents from dtd:28.09.2018 at 10.00 AM to dtd:29.10.2018 upto 5 PM.
4. Last date of receipt of sealed tenders on dtd:30.10.2018 up to 5 PM.
5. Date for opening of sealed tenders / technical bids on dtd:31.10.2018 at 11.30 AM in the Office of Commandant, Special Operations Group (SOG) Hdqrs., At / PO - Chandaka, Bhubaneswar, District - Khurda -754005.
6. For further clarification, if any, intending bidder may contact the office of Commandant, SOG, At/ PO - Chandaka, Bhubaneswar, District- Khurda -754005 in his e-mail: comdtsog.orpol@nic.in(Phone- 0674-2466013, Fax-2466009).

**A.I.G. of Police (Provisioning), Odisha, Cuttack. (Tender Calling Authority)**
12018/11/0034/1819



GOVERNMENT OF ODISHA
OFFICE OF THE EXECUTIVE ENGINEER
BHANJANAGAR (R&B) DIVISION, BHANJANAGAR
(Phone/Fax: (06821) 241133 / E -mail: eernbbnqr@yahoo.in
Ltr.No.7079//Dtd.26.09.2018
No. 653-B
**INVITATIONS FOR BIDS (IFB)**
**E-Procurement**
Bid Identification No.E.E -BNJ-R&B- 22 / 2018-19.

| | | | |
|---|---|---|---|
| 1. | Name of work | : | Building works. |
| 2. | No. of works | : | Two Nos. Building works |
| 3. | No. of Covers | : | Single Cover |
| 4. | Estimated cost | : | Rs.28.148 to 47.70 lakhs |
| 5. | Period of Completion | : | Four to Nine Calendar Months. |
| 6. | Date of time of availability of bid document in the portal | : | From 12.00 Noon of dated 29.09.2018 to 5.00 PM. of dated 09.10.2018. |
| 7. | Last date/time for receipt of bids in the portal | : | Up to 5.00 PM. of dated 09.10.2018 |
| 8. | Date of opening of bid documents | : | At 11.00A.M. of 10.10.2018. |
| 9. | Class of Contractor | : | "A", "B" & "C" Class |
| 10. | Name and address of officer inviting Bid | : | Executive Engineer, Bhanjanagar (R&B) Division, Bhanjanagar |

Further details can be seen from the e-Procurement portal www.tendersodisha.gov.in. The Addendum / Corrigendum if any will be hosted in the website only.

**Sd./- Executive Engineer, Bhanjanagar (R&B) Division**
34015/11/0010/1819



# କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
No.I-59

## ଘୋଷଣା

L.A No. ୦୯/୨୦୧୭–କଟକ–୩୫୨୯/RRCS, Dated ୩୦।୦୮।୨୦୧୮ ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ– ୨୦୧୩ (R.F.C.T.L.A.R & R Act-୨୦୧୩) ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା– କସିକିଆରି, ଥାନା– ବଡମ୍ବା ନଂ.୧୨୧, ତହସିଲ– ବଡମ୍ବା, ଜିଲ୍ଲା– କଟକରେ ନିମ୍ନ ସୂଚୀତ (କ) ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ନରସିଂହପୁର ଶାଖା କେନାଲ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣର ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ– ୨୦୧୩(R.F.C.T.L.A.R & R Act–୨୦୧୩) ର ୧୧(୧) ଧାରା ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୬୭୪ ତା।୨୮।୦୨।୨୦୧୮ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ କସିକିଆରି, ଥାନା– ବଡମ୍ବା ନଂ.–୧୨୧, ତହସିଲ– ବଡମ୍ବା, ଜିଲ୍ଲା– କଟକ ନିମନ୍ତେ ବିସ୍ଥାପିତ ପରିବାର ଥିବାରୁ କମିଶନର – ପୁନର୍ବାସ ଓ ଥଇଥାନ ଦ୍ୱାରା ଧାରା ୧୭(୧) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନାର ସାରମର୍ମ, ଏଥି ସହିତ ସଂଲଗ୍ନ କରାଗଲା ।

କିମ୍ବା

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ କସିକିଆରି ଥାନା– ବଡମ୍ବା, ନଂ.–୧୨୧, ତହସିଲ– ବଡମ୍ବା, ଜିଲ୍ଲା– କଟକରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ ଜିଲ୍ଲା ୱେବସାଇଟରେ ଓ ରାଜ୍ୟ ସରକାରଙ୍କ ୱେବସାଇଟରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ କରାଯାଇଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ମଣ୍ଡଳ ଅଧିକାରୀ ନଂ– IV, ଆଠଗଡ଼, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

**ତଫସିଲ-କ (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା- କଟକ** **ତହସିଲ- ବଡମ୍ବା**

| ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|
| କସିକିଆରି | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ୧୨.୩୪୫ | ଏ. ୭.୯୪୦ | |

**ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ ସଂରକ୍ଷିତ ସରକାରୀ ଜମି ପ୍ରତିବନ୍ଧକ ପାଇଁ ଉଦ୍ଦିଷ୍ଟ ।**

| ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|
| ପ୍ରଯୁଜ୍ୟ ନୁହେଁ | | | | | | |

**ଅଧିସୂଚନାର ବୈଧ ତାରିଖ ୦୬।୦୪।୨୦୧୮**

ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ

**ରେଙ୍ଗାଳି ଦକ୍ଷିଣ ପାର୍ଶ୍ୱ କେନାଲ**

**ମୌଜା- କସିକିଆରି** **ଥାନା- ବଡମ୍ବା ନଂ.-୧୨୧**
**ତହସିଲ- ବଡମ୍ବା ନଂ.-୧୨୧** **ଜିଲ୍ଲା- କଟକ**

**କେନାଲର ନାମ- 1. ନରସିଂହପୁର ଶାଖା କେନାଲ, ଦୂରତା- ୨୮୬୩୫ ମି. ରୁ ୨୯୦୩୪ ମି.**

**ଭୂମି ଅନୁସୂଚୀ**

| କ୍ର. ନଂ. | ଖତିୟାନର କ୍ରମିକ ନମ୍ବର | ପ୍ଲଟ ନମ୍ବର | ପ୍ଲଟର ମୋଟ ରକବା | ଅଧିସୂଚିତ ହେବାକୁ ଥିବା ଜମିର ପରିମାଣ | ରୟତଙ୍କ ନାମ ଏବଂ ପିତା/ସ୍ୱାମୀଙ୍କର ନାମ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧ | ୨ | ୧୨୩୯ | ୦.୧୨୦ | ୦.୦୩୦ | ଅଚ୍ୟୁତା ନନ୍ଦ ପାତ୍ର, ରାମଚନ୍ଦ୍ର ପାତ୍ର, ପି: ଗୋପାଳ ପାତ୍ର |
| ୨ | ୧୭ | ୧୨୬୪ | ୦.୩୯୦ | ୦.୩୯୦ | ଅଭିମନ୍ୟୁ ସାହୁ, ପି: ଲୋକନାଥ ସାହୁ, ଗଣ୍ଡେଇ ସାହୁ, ସ୍ୱା: ଲୋକନାଥ ସାହୁ |
| ୩ | ୫୯ | ୧୩୧୩ | ୦.୧୧୦ | ୦.୦୬୦ | କୈଳାସ ସେଠ, ପି: ରାମ ସେଠ |
| ୪ | ୯୮ | ୧୩୧୨ | ୦.୧୩୦ | ୦.୧୩୦ | ଚୌଧୁରୀ ସେଠ, ପି: ଭଗବାନ ସେଠ |
| ୫ | ୧୨୬ | ୧୩୦୪ | ୦.୦୮୦ | ୦.୦୪୦ | ଦୁର୍ଯ୍ୟୋଧନ ସେଠ, ନରସିଂହ ସେଠ, ପି: କଟକ ସେଠ |
| ୬ | ୧୩୮ | ୧୨୪୭ | ୦.୨୯୦ | ୦.୨୭୦ | ଧର୍ମୁ ସାହୁ, ପି: ଆନନ୍ଦ ଅଚଳସିଂହ |
| ୭ | ୧୪୪ | ୧୩୧୫ | ୦.୧୨୫ | ୦.୦୭୦ | ନଟବର ନନ୍ଦି, ପି: ମସୁ ସାନ୍ତରା |
| ୮ | ୧୯୩ | ୧୨୨୭ | ୦.୪୨୦ | ୦.୪୨୦ | ପ୍ରେମଲତା ନାହା, ସ୍ୱା: ଲୋକନାଥ ନାହା |
| | | ୧୨୩୦ | ୦.୦୮୦ | ୦.୦୮୦ | |
| | | ୧୨୩୧ | ୦.୦୯୦ | ୦.୦୯୦ | |
| | | ୧୨୩୨ | ୦.୧୫୦ | ୦.୧୫୦ | |
| ୯ | ୨୩୬ | ୧୨୪୬ | ୦.୨୯୦ | ୦.୧୯୦ | ବିଚିତ୍ର ସେଠ, ଗନ୍ଧର୍ବ ସେଠ, ସଂସାରୀ ସେଠ, ଝୁଲ ସେଠ, ଯଶୋଦା ସେଠ, ପି: ଖଲି ସେଠ |
| ୧୦ | ୨୪୩ | ୧୨୩୩ | ୦.୧୬୦ | ୦.୧୬୦ | ବିପ୍ର ଚରଣ ପ୍ରଧାନ, ପି: ଲିଙ୍ଗରାଜ ପ୍ରଧାନ |
| ୧୧ | ୨୫୧ | ୧୩୧୪ | ୦.୧୮୦ | ୦.୦୭୦ | ବିଶ୍ୱନ ଦାସ, ପି: ସନେଇ ପାଇକରା |
| ୧୨ | ୨୫୬ | ୧୩୦୩ | ୦.୨୩୦ | ୦.୦୮୦ | ବେଣୁଧର ସେଠ, ପୀରବ ସେଠ, ପି: ଗୋବର୍ଦ୍ଧନ ସେଠ |
| ୧୩ | ୨୬୪ | ୧୩୧୨/୨୦୫୧ | ୦.୧୯୦ | ୦.୧୯୦ | ଭରତ ସେଠ, ପି: କହ୍ନେଇ ସେଠ |
| ୧୪ | ୨୭୨ | ୧୨୪୦ | ୦.୧୭୦ | ୦.୦୯୦ | ଭିକାରି ସାହୁ, ନିହଲି ସାହୁ, ନିମ ସାହୁ, ପି: ଚିନ୍ତା ସାହୁ |
| ୧୫ | ୨୯୪ | ୧୨୬୩ | ୦.୧୨୦ | ୦.୧୨୦ | ରଘୁନାଥ ଉଦୟ ଭାନୁ, ପି: ଧନେଶ୍ୱର ସାମନ୍ତ ସିଂହାର, ଜା: ଓଡ ପାଇକ, ବା: ନିଜଗାଁ |
| | | ୧୨୪୮ | ୦.୭୨୦ | ୦.୨୬୦ | |
| ୧୬ | ୩୩୬ | ୧୨୨୬ | ୦.୨୫୦ | ୦.୨୫୦ | ଲୋକନାଥ ନାହା, ପି: ବାଉରିବନ୍ଧୁ ଅତବୁଦ୍ଧି |
| | | ୧୨୨୯ | ୦.୧୮୦ | ୦.୧୮୦ | |
| | | ୧୨୪୨ | ୦.୧୯୦ | ୦.୧୯୦ | |
| | | ୧୨୪୩ | ୦.୧୮୦ | ୦.୧୬୦ | |
| | | ୧୨୪୪ | ୦.୨୧୦ | ୦.୧୬୦ | |
| ୧୭ | ୩୪୬ | ୧୨୬୦ | ୦.୬୨୦ | ୦.୨୦୦ | ସତ୍ୟାନନ୍ଦ ସାହୁ, ବଙ୍ଗାଳି ସାହୁ, ଚୈତନ୍ୟ ସାହୁ, ପି: ରଘୁନାଥ ଉଦେଭାନୁ |
| ୧୮ | ୩୬୨ | ୧୩୧୦ | ୦.୦୮୦ | ୦.୦୮୦ | ସହଦେବ ଜେନା, ନିରଞ୍ଜନ ଜେନା, ଶତ୍ରୁଘନ ଜେନା, ପି: ମୂଷା ଜେନା |
| ୧୯ | ୩୭୯ | ୧୨୬୯ | ୦.୧୦୦ | ୦.୦୧୦ | ସୀତା ପଧାନ, ପି: ବାସୁ ପଧାନ |
| ୨୦ | ୪୨୨/୩ | ୧୨୩୮ | ୦.୨୯୦ | ୦.୨୬୦ | ପ୍ରତାପ ଚନ୍ଦ୍ର ନାହା, ପ୍ରକାଶ ଚନ୍ଦ୍ର ନାହା, ପି: ଲୋକନାଥ ନାହା, ଜା: ଖଣ୍ଡାୟତ, ବା: ଧନାପଲି |
| | | ୧୨୪୧ | ୦.୨୮୦ | ୦.୨୮୦ | |
| | | ୧୨୪୫ | ୦.୨୬୦ | ୦.୨୬୦ | |
| | | ୧୨୬୬ | ୦.୩୫୦ | ୦.୨୩୦ | |
| | | ୧୨୯୩/୨୧୯୧ | ୦.୨୦୦ | ୦.୧୭୦ | |
| | | ୧୨୯୩/୨୧୯୫ | ୦.୪୮୦ | ୦.୧୪୦ | |
| ୨୧ | ୪୨୨ / ୫୯ | ୧୩୦୭ | ୦.୧୨୦ | ୦.୦୭୦ | ପ୍ରଭାକର ଦାସ, ପି: ମଧୁସୂଦନ ଦାସ, ଜା: ସରାକ, ବା: ମାଣିଆବନ୍ଧ |
| | | ୧୩୦୮ | ୦.୨୬୦ | ୦.୨୬୦ | |
| | | ୧୩୦୯ | ୦.୨୨୦ | ୦.୨୨୦ | |
| ୨୨ | ୪୨୨/୬୬ | ୧୨୨୮ | ୦.୨୦୦ | ୦.୦୯୦ | ଲୋକନାଥ ନାହା, ପି: ବାଉରିବନ୍ଧୁ ଅତବୁଦ୍ଧି, ଜା: ସରାକ, ବା: ଧନାପଲି |
| ୨୩ | ୪୨୨/୭୯ | ୧୨୬୫ | ୦.୨୫୦ | ୦.୨୫୦ | ପ୍ରତାପଚନ୍ଦ୍ର ନାହା, ପ୍ରକାଶଚନ୍ଦ୍ର ନାହା, ପି: ଲୋକନାଥ ନାହା |
| | | ୧୨୨୫ | ୦.୬୧୦ | ୦.୫୩୦ | |
| ୨୪ | ୪୨୨/୧୦୯ | ୧୨୩୫ | ୦.୩୨୦ | ୦.୧୮୦ | ପ୍ରତାପଚନ୍ଦ୍ର ନାହା, ପ୍ରକାଶଚନ୍ଦ୍ର ନାହା, ପି: ଲୋକନାଥ ନାହା |
| ୨୫ | ୪୨୨/୧୪୯ | ୧୨୩୪ | ୦.୩୯୦ | ୦.୦୩୦ | ସନାତନ ମହାପାତ୍ର, ପି: ବୃନ୍ଦାବନ ମହାପାତ୍ର |
| ୨୬ | ୪୨୨/୧୫୪ | ୧୨୬୨ | ୦.୫୨୦ | ୦.୨୦୦ | ସ୍ନେହଲତା ମିଶ୍ର, ସ୍ୱା: ରବିନ୍ଦ୍ର କୁମାର ମିଶ୍ର |
| ୨୭ | ୪୨୨/୧୮୩ | ୧୨୯୩ | ୦.୨୦୦ | ୦.୦୧୦ | କନ୍ଦର୍ପ କୁମାର ସାହୁ, ବିପିନି ବିହାରୀ ସାହୁ, ଜୟାନନ୍ଦ ସାହୁ, ପି: ଭିକାରୀ ସାହୁ |
| ୨୮ | ୪୨୨/୨୦୨ | ୧୨୬୧ | ୦.୧୯୦ | ୦.୧୯୦ | ଅରକ୍ଷିତ ଦାସ, ପି: ଅଲେଖ ଦାସ |
| ୨୯ | ୪୨୨/୨୦୮ | ୧୩୧୨/୨୨୩୯ | ୦.୦୮୦ | ୦.୦୮୦ | ପ୍ରକାଶ ଚନ୍ଦ୍ର ନାହା, ପି: ଲୋକନାଥ ନାହା |
| ୩୦ | ୪୨୨/୨୪୯ | ୧୨୬୦/୨୨୨୧ | ୦.୪୨୦ | ୦.୩୭୦ | ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ପି: ଅନ୍ତର୍ଯ୍ୟାମୀ ପ୍ରଧାନ |
| ୩୧ | ୪୨୨/୨୬୨ | ୧୨୫୯ | ୦.୭୫୦ | ୦.୦୫୦ | ସୂର୍ଯ୍ୟକାନ୍ତ ପ୍ରଧାନ, ପି: ବନମାଳୀ ପ୍ରଧାନ |
| | | ମୋଟ ରକବା | ୧୨.୩୪୫ | ୭.୯୪୦ | |

24178/13/0043/1819

“ହିପ୍ ଇଞ୍ଜୁରିରୁ ସମ୍ପୂର୍ଣ୍ଣ ମୁକ୍ତି ନ ପାଇଲା ପର୍ଯ୍ୟନ୍ତ ଟେନିସ ପ୍ରତିଯୋଗିତାକୁ ପ୍ରତ୍ୟାବର୍ତ୍ତନ ଲାଗି ମୋ ପୁଅ ଆଣ୍ଡି ମୁରେ ବ୍ୟଗ୍ର ନୁହେଁ ।

–ଜୁଡି ମୁରେ, ପୂର୍ବତନ ବ୍ରିଟିଶ ଫେଡ୍‌କପ୍ ଅଧିନାୟିକା



“କେରଳ ବ୍ଲାଷ୍ଟର୍ସରୁ ଅଂଶଧନ ପ୍ରତ୍ୟାହାର କରିନେଇଥିଲେ ମଧ୍ୟ କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକର କ୍ଲବର ଅଂଶବିଶେଷ ହୋଇ ରହିବେ ।

–ଡେଭିଡ୍ କେମ୍ପ, କୋଚ୍



# ଅବିନାଶଙ୍କ ଜାତୀୟ ରେକର୍ଡ, ଜଉନାଙ୍କୁ ରୌପ୍ୟ

**ଜାତୀୟ ଓପନ ଆଥଲେଟିକ୍ସ ଉଦ୍‌ଯାପିତ**

ଭୁବନେଶ୍ୱର, ୨୮।୯(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଉଦ୍‌ଯାପିତ ହୋଇଛି ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ୫୮ତମ ସଂସ୍କରଣ। ଓଏନଜିସି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଆ ଆଥଲେଟ୍ ଜଉନା ମୁର୍ମୁ ଅନ୍ତିମ ଦିବସରେ ଏକ ରୌପ୍ୟ ପଦକ ହାସଲ କରିବାରେ ସକ୍ଷମ ହୋଇଛନ୍ତି। ମହିଳା ୪x୪୦୦ମି. ରିଲେରେ ଓଏନଜିସି ଟିମ୍ ରୌପ୍ୟ ପଦକ ପାଇଛି। ଏହି ଦଳର ଅଂଶବିଶେଷଭାବେ ଜଉନାଙ୍କୁ ରୌପ୍ୟ ମିଳିଛି। ପୁରୁଷ ୩୦୦୦ ମିଟର ଷ୍ଟିପଲ ଚେଜ୍‌ରେ ଜାତୀୟ ରେକର୍ଡ ଭାଙ୍ଗିଛନ୍ତି ସର୍ଭିସେସର ସାବ୍‌ଲି ଅବିନାଶ। ସେହିପରି ପୁରୁଷ ୪୦୦ ମିଟର ହର୍ଡଲ୍ସ ଟାଇଟଲ ଜିତିବା ସହ ମିଟ୍ ରେକର୍ଡର ଅଧିକାରୀ ହୋଇଛନ୍ତି ଓଏନଜିସିର ଧରୁନ ଆୟାସାମି।




ଚାମ୍ପିୟନ ରେଲୱେ ଦଳର ଆଥଲେଟ୍‌ମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱରରେ ପ୍ରତିଯୋଗିତା ହେଉଥିଲେ ହେଁ ଓଡ଼ିଶା ପଦକ ଶୂନ୍ୟ ରହିଛି। ଶେଷ ଆଶା ଅମିୟ ମଲିକ ୨୦୦ ମିଟର ରେସ୍‌ରେ ୪ର୍ଥ ସ୍ଥାନରେ ରହିବାରୁ ଓଡ଼ିଶାର ଆଶା ଧୂଳିସାତ ହୋଇଯାଇଥିଲା। ଅନ୍ୟତମ ଓଡ଼ିଆ ଆଥଲେଟ୍ ପୂର୍ଣ୍ଣିମା ହେମ୍ବ୍ରମ ରେଲୱେ ପକ୍ଷରୁ ପ୍ରତିନିଧିତ୍ୱ କରି ୧୦୦ ମିଟର ହର୍ଡଲ୍ସରେ ବ୍ରୋଞ୍ଜ ପଦକ ପାଇବା ଥିଲା ରାଜ୍ୟ ପାଇଁ ସାନ୍ତ୍ୱନାର ବିଷୟ।

**ଅବିନାଶଙ୍କ ଜାତୀୟ ରେକର୍ଡ**

ସର୍ଭିସେସ୍‌ର ସାବ୍‌ଲି ଅବିନାଶ ପୁରୁଷ ୩୦୦୦ ମିଟର ଷ୍ଟିପଲ ଚେଜ୍‌ରେ ଜାତୀୟ ରେକର୍ଡ ଭାଙ୍ଗିଛନ୍ତି । ସେ ୮:୨୯.୮୦ ସେକେଣ୍ଡ ସମୟ ନେଇ ଉଭୟ ଜାତୀୟ ଓ ମିଟ୍ ରେକର୍ଡର ଅଧିକାରୀ ହୋଇଛନ୍ତି। ପୂର୍ବରୁ ଜାତୀୟ ରେକର୍ଡ ଗୋପାଲ ସଇନିଙ୍କ ନାମରେ ଥିଲା। ସେ ୧୯୮୧ ଜୁନ ୫ରେ ଟୋକିଓରେ ୮:୩୦.୮୮ ସେକେଣ୍ଡ ସମୟ ନେଇ ଏପର୍ଯ୍ୟନ୍ତ ରେକର୍ଡର ଅଧିକାରୀ ଥିଲେ। ସେହିପରି ମିଟ୍ ରେକର୍ଡ ଇଲାମ ସିଂ(୮:୩୯.୧୮ ସେକେଣ୍ଡ, କୋଚି, ୨୦୧୦)ଙ୍କ ନାମରେ ଥିଲା। ଏଠାରେ ସର୍ଭିସେସର ରାକେଶ କୁମାର ସ୍ୱାମୀ ୮:୪୭.୩୧ ସେକେଣ୍ଡ ସହ ରୌପ୍ୟ ଏବଂ ଦୁର୍ଗା ବାହାଦୁର ବୁଢ଼ା ୮:୪୮.୨୯ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ପାଇଛନ୍ତି।

**ମହିଳା ୪୦୦ ମିଟର ହର୍ଡଲ୍ସ**

ରେଲୱେ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଅନୁ ରାଣୀ ମହିଳା ୪୦୦ ମିଟର ଟାଇଟଲ ବିଜୟିନୀ ହୋଇଛନ୍ତି। ସେ ୫୭.୬୩ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ଅନ୍ୟତମ ରେଲୱେ ପ୍ରତିଯୋଗୀ ଅର୍ପିତା ୫୮.୩୪ ସେକେଣ୍ଡ ସହ ରୌପ୍ୟ ଏବଂ ପଞ୍ଜାବର ବୀରପାଲ କୌର ୫୮.୩୬ ସେକେଣ୍ଡ ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

**ଆୟାସାମୀଙ୍କ ମିଟ୍ ରେକର୍ଡ**

ପୁରୁଷ ୪୦୦ ମିଟର ହର୍ଡଲ୍ସ ଟାଇଟଲ ଜିତିବା ସହ ମିଟ୍ ରେକର୍ଡର ଅଧିକାରୀ ହୋଇଛନ୍ତି ଓଏନଜିସିର ଧରୁନ ଆୟାସାମୀ। ସେ ୪୯.୪୭ ସେକେଣ୍ଡ ସମୟ ନେଇ ପୂର୍ବର ମିଟ୍ ରେକର୍ଡ ଭାଙ୍ଗିଛନ୍ତି। ପୂର୍ବରୁ ଟି.ସନ୍ତୋଷ କୁମାରଙ୍କ ନାମରେ ମିଟ୍ ରେକର୍ଡ ଥିଲା। ସେ ୨୦୧୭ରେ ଚେନ୍ନାଇଠାରେ ୫୦.୧୬ ସେକେଣ୍ଡ ସମୟ ନେଇ ଏହି ରେକର୍ଡର ଅଧିକାରୀ ଥିଲେ। ପୁରୁଷ ୪୦୦ ମିଟର ହର୍ଡଲ୍ସର ଜାତୀୟ ରେକର୍ଡ କିନ୍ତୁ ଆୟାସାମୀଙ୍କ ନାମରେ ରହିଛି। ସେ ନିକଟରେ ଜାକର୍ତ୍ତାରେ ଶେଷ ହୋଇଥିବା ଏସିଆନ ଗେମ୍ସରେ ୪୮.୯୬ ସେକେଣ୍ଡ ସମୟ ନେଇ ପୂର୍ବ ରେକର୍ଡକୁ ଭାଙ୍ଗିଥିଲେ। ସର୍ଭିସେସର ଏମ.ପି. ଜୟବୀର ଏଠାରେ ୫୦.୦୨ ସେକେଣ୍ଡ ସହ ରୌପ୍ୟ ଏବଂ ରେଲୱେର ଜଶନଜୋତ ସିଂ ୫୦.୨୫ ସେକେଣ୍ଡ ନେଇ ବ୍ରୋଞ୍ଜ ପଦକ ପାଇଛନ୍ତି।

**ମହିଳା ୨୦୦ ମିଟର**

କର୍ଣ୍ଣାଟକର ରୀନା ଜର୍ଜ ୨୪.୧୦ ସେକେଣ୍ଡ ସମୟ ସହ ମହିଳା ୨୦୦ ମିଟର ଟାଇଟଲ ଜିତିଛନ୍ତି। ରେଲୱେର ଚାଭି ଶରଭାଥ ୨୪.୨୩ ଓ ମହାରାଷ୍ଟ୍ରର ରୋଜାଲିନ ଲୁଇସ ୨୪.୬୮ ସେକେଣ୍ଡ ସମୟ ନେଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି।

**ଅମିୟ ପଦକରୁ ବଞ୍ଚିତ**

ପୁରୁଷ ୧୦୦ ମିଟର ପରି ୨୦୦ ମିଟରରେ ମଧ୍ୟ ଓଡ଼ିଶାକୁ ନିରାଶ କରିଛନ୍ତି ଧାବକ ଅମିୟ କୁମାର ମଲିକ। ସେମିଫାଇନାଲରେ ଭଲ ଟାଇମିଂ ପାଇଥିଲେ ହେଁ ଫାଇନାଲରେ ସେ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ହୋଇ ପଦକ ହାସଲରୁ ବଞ୍ଚିତ ହୋଇଛନ୍ତି। ଅମିୟ ୨୧.୭୯ ସେକେଣ୍ଡ ସମୟ ସହ ରେସ୍ ଫିନିଶ କରିଥିଲେ। ହିଟ୍ସରେ ସେ ୨୧.୭୧ ଓ ସେମିଫାଇନାଲରେ ୨୧.୬୫ ସେକେଣ୍ଡ ସମୟ ନେଇଥିଲେ। ଅମିୟଙ୍କ ନୈରାଶ୍ୟଜନକ ପ୍ରଦର୍ଶନ ସହ ପ୍ରତିଯୋଗିତାରେ ଓଡ଼ିଶାର ପଦକ ସମ୍ଭାବନା ଶେଷ ହୋଇଯାଇଛି। ସର୍ଭିସେସ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଞ୍ଜିତ ୨୧.୩୦ ସେକେଣ୍ଡ ସହ ସ୍ୱର୍ଣ୍ଣ ଏବଂ ପଞ୍ଜାବର ଗୁରଲାଲ ସିଂ ଓ ସର୍ଭିସେସର କେ.ଅଶୋକ ୨୧.୬୬ ସେକେଣ୍ଡ ଲେଖାଏ ସମୟ ନେଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି।

**ମହିଳା ହାମର ଥ୍ରୋ**

ମହିଳା ହାମର ଥ୍ରୋରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ରେଲୱେର ସରିତା ପି. ସିଂ। ସେ ୫୯.୫୪ ମିଟର ଥ୍ରୋ କରି ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ତାଙ୍କ ସାଥୀ ଜ୍ୟୋତି ୫୬.୦୪ ଓ ହରିୟାଣାର ପୁନମ ଦେବୀ ୫୫.୮୧ ସେକେଣ୍ଡ ସହିତ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ଏଥିରେ ଭାଗ ନେଇଥିବା ଦୁଇ ଓଡ଼ିଶା ପ୍ରତିଯୋଗୀ ଦିବ୍ୟା ସାଣ୍ଡିଲ୍ୟ ୪୪.୭୨ ଓ ଉର୍ଜା ଭୂୟାଁ ୩୯.୨୯ ମିଟର ଦୂରକୁ ଥ୍ରୋ କରି ଯଥାକ୍ରମେ ୧୦ମ ଓ ୧୧ତମ ସ୍ଥାନରେ ରହିଛନ୍ତି।

**ମହିଳା ୮୦୦ ମିଟର**

ଓଏନଜିସିର ଟ୍ୱିଙ୍କିଲ୍ ଚୌଧାରୀ ୨:୦୭.୪୩ ସେକେଣ୍ଡ ସମୟ ନେଇ ମହିଳା ୮୦୦ ମିଟରରେ ସ୍ୱର୍ଣ୍ଣ ପଦକ ଅଧିକାର କରିଛନ୍ତି। ମହାରାଷ୍ଟ୍ରର ଅର୍ଚ୍ଚନା ଆଧଭ (୨:୦୭.୪୬) ରୌପ୍ୟ ଓ ତାମିଲନାଡୁର ଏମ.ଗୋମତି (୨:୦୮.୫୯) ବ୍ରୋଞ୍ଜ ପଦକ ପାଇଛନ୍ତି।

**ପୁରୁଷ ୮୦୦ ମିଟର**

ପୁରୁଷ ୮୦୦ ମିଟରରେ ସର୍ଭିସେସର ଏମ.ଡି. ଅଫସାଲ(୧:୫୪.୫୦ ସେକେଣ୍ଡ) ସ୍ୱର୍ଣ୍ଣ, ରେଲୱେର ବିଶ୍ୱମ୍ଭର କୋଲେକାର (୧:୫୫.୦୩) ରୌପ୍ୟ ଓ ବିଅନ୍ତ ସିଂ (୧:୫୫.୩୬) ବ୍ରୋଞ୍ଜ ପଦକ ପାଇଛନ୍ତି।

**ହେପ୍‌ଟାଥଲନ**

୧୦୦ ମିଟର ହର୍ଡଲ୍ସ, ହାଇଜମ୍ପ, ଶଟ୍‌ପୁଟ୍, ୨୦୦ ମିଟର ରେସ୍, ଲଙ୍ଗଜମ୍ପ, ଜାଭେଲିନ୍ ଥ୍ରୋ ଓ ୮୦୦ ମିଟର ଆଦି ୭ଟି ଇଭେଣ୍ଟକୁ ନେଇ ଅନୁଷ୍ଠିତ ମହିଳା ହେପ୍‌ଟାଥଲନରେ ରେଲୱେର ଲିକ୍‌ସି ଜୋସେଫ ୫୨୭୧ ପଏଣ୍ଟ ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। କେରଳର ମାରିନା ଜର୍ଜ ୪୯୬୬ ଏବଂ ରେଲୱେର ସୌମ୍ୟା ୪୮୫୮ ପଏଣ୍ଟ ସହିତ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି।

**ମହିଳା ହାଇଜମ୍ପ**

ରେଲୱେର ଜ୍ୟୋତି ମହିଳା ହାଇଜମ୍ପରେ ୧.୭୬ ମିଟର କ୍ଲିୟର କରି ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଓଏନଜିସିର ଆଞ୍ଜେଲ ଦେବାସିଆ ୧.୭୬ ଓ କେରଳର ଜିନୁ ମାରିଆ ମାନୁଏଲ ୧.୭୩ ମିଟର ଡେଇଁ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି।

**ପୁରୁଷ ଜାଭେଲିନ ଥ୍ରୋ**

ସର୍ଭିସେସ୍‌ର ଅଭିଷେକ ସିଂ (୭୬.୪୨) ପୁରୁଷ ଜାଭେଲିନ୍ ଥ୍ରୋରେ ସ୍ୱର୍ଣ୍ଣ, ଉତ୍ତର ପ୍ରଦେଶର ବିପିନ କସାନା(୭୬.୦୫) ରୌପ୍ୟ ଓ ହରିୟାଣାର ସାହିଲ ସିଲୱାଲ(୭୫.୩୮) ବ୍ରୋଞ୍ଜ ପଦକ ପାଇଛନ୍ତି।

**ପୁରୁଷ ଟ୍ରିପଲ ଜମ୍ପ**

ପୁରୁଷ ଟ୍ରିପଲ ଜମ୍ପ ଟାଇଟଲ ହାସଲ କରିଛନ୍ତି ଓଏନଜିସିର ଅର୍ପିନ୍ଦର ସିଂ(୧୬.୬୨ ମିଟର)। ସର୍ଭିସେସର ଆରିଭୁ ସେଲଭାମ(୧୬.୨୨) ରୌପ୍ୟ ଓ ପଞ୍ଜାବର ନଭଜୋତ ସିଂ(୧୬.୦୬) ବ୍ରୋଞ୍ଜ ପଦକ ପାଇଛନ୍ତି।

**ମହିଳା ୩୦୦୦ ମି. ଷ୍ଟିପଲ ଚେଜ୍**

ରେଲୱେର ଚିନ୍ତା ଯାଦବ(୧୦:୧୦.୧୯ ସେକେଣ୍ଡ) ମହିଳା ୩୦୦୦ ମିଟର ଷ୍ଟିପଲ ଚେଜ୍ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଅଲ୍‌ଇଣ୍ଡିଆ ପୋଲିସର ସୁଗନ୍ଧା ଗୁର୍ଜାର(୧୦:୨୭.୮୦) ରୌପ୍ୟ ଓ ମଣିପୁରର ରିଚା ଭାଦୁରିୟା (୧୦:୨୮.୩୭) ବ୍ରୋଞ୍ଜ ପଦକ ପାଇଛନ୍ତି।

**ପୁରୁଷ ୪X୪୦୦ମି. ରିଲେ**

ପୁରୁଷ ୪x୪୦୦ମି. ରିଲେ ରେସ୍‌ରେ ସର୍ଭିସେସ ଟିମ୍ ୩:୦୯.୮୩ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଛି। ରେଲୱେ(୩:୧୦.୩୯) ରୌପ୍ୟ ଓ ମଣିପୁର (୩:୧୧.୧୧) ବ୍ରୋଞ୍ଜ ପଦକ ହାସଲ କରିଛି।

**ମହିଳା ୪X୪୦୦ମି. ରିଲେ**

ରେଲୱେ ଦଳ ମହିଳା ୪x୪୦୦ମି. ରିଲେରେ ୩:୪୦.୬୧ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଓଏନ୍‌ଜିସି ୩:୪୩.୨୩ ସେକେଣ୍ଡ ସହ ରୌପ୍ୟ ଏବଂ ଦିଲ୍ଲୀ ୩:୪୫.୭୪ ସେକେଣ୍ଡ ନେଇ ବ୍ରୋଞ୍ଜ ପଦକ ଜିତିଛି। ଓଏନଜିସି ଦଳରେ ସୋନିୟା ବୈଶ୍ୟ, ରଜନୀ ନାଗର, ଟ୍ୱିଙ୍କଲ ଚୌଧାରୀ ଓ ଓଡ଼ିଶାର ଜଉନା ମୁର୍ମୁ ସାମିଲ ଥିଲେ। ତେଣୁ ଏଥିରୁ ଜଉନା ରୌପ୍ୟ ପଦକ ହାସଲ କରିଛନ୍ତି।




ଜଉନା ମୁର୍ମୁ

ADMISSION OPEN
GNM
Duration : 3 Years
Eligibility: 2 Arts , Science & Commerce
Age: Both Male & Female 17 to 30 Years
ANM
Duration : 2 Years
Eligibility: +2 in any Stream or its equivalent examination
Age: 17 to 30 year
Clinical Training at : □ District Head Quarter Hospital, SBP □ VIMSAR, Burla
Details Contact
KOSHAL ANM & GNM TRAINING SCHOOL
At/Po:Dhanupali(Naxapali) Sambalpur-768005(Odisha)
Phone: (0663) 2546997: Mobile 9938569414
Permitted by: Health & Family Welfare Deptt. Govt of Odisha, Bhubaneswar
Affiliated By : Indian Nursing Council New Delhi and Odisha Nursing Council, Bhubaneswar

# ଓଡ଼ିଶା ୧ ରନ୍‌ରେ ହାରିଲା

**ବିଜୟ ହଜାରେ ଟ୍ରଫି**

- ଅଭିଷେକଙ୍କ ସଂଘର୍ଷପୂର୍ଣ୍ଣ ଅର୍ଦ୍ଧଶତକ
- ହଜାରେ ରନ୍ କ୍ଲବରେ ଅନୁରାଗ
- ପଦାର୍ପଣ କଲେ କ୍ରିଷ୍ଣା ପଲାଇ



ଅଭିଷେକ ରାଉତ

କଟକ ଅଫିସ,୨୮।୯

ନୂଆଦିଲ୍ଲୀସ୍ଥିତ ଏୟାରଫୋର୍ସ କମ୍ପ୍ଲେକ୍ସ ଗ୍ରାଉଣ୍ଡରେ ଶୁକ୍ରବାର ଖେଳାଯାଇଥିବା ମଧ୍ୟପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ମାତ୍ର ୧ ରନ୍‌ରେ ପରାସ୍ତ ହୋଇଛି। ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ରେ ଅନ୍ତିମ ୨ଟି ବଲରୁ ବିଜୟ ନିମନ୍ତେ ଓଡ଼ିଶା ୯ରନ୍ ଆବଶ୍ୟକ କରୁଥିଲା। ଅଭିଷେକ ରାଉତ ଗୋଟିଏ ବଲରେ ଛକା ମାରିଥିବା ବେଳେ ପରବର୍ତ୍ତୀ ବଲରୁ ମାତ୍ର ୧ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲେ। ମଧ୍ୟପ୍ରଦେଶ ପକ୍ଷରୁ ଧାର୍ଯ୍ୟ ୨୭୮ ରନର ବିଜୟ ଲକ୍ଷ୍ୟର ଜବାବରେ ଓଡ଼ିଶା ୮ ଉଇକେଟ ହରାଇ ୨୭୬ରନ୍ କରିବା ସହ ପ୍ରତିଯୋଗିତାରେ ୩ୟ ପରାଜୟ ବରଣ କରିଛି । ୫ଟି ମ୍ୟାଚ୍‌ରୁ ୬ ପଏଣ୍ଟ ହାସଲ କରି ଓଡ଼ିଶା ପଏଣ୍ଟ ଟେବୁଲର ୭ମ ସ୍ଥାନରେ ରହିଛି । ହାତରେ ଆଉ ୩ଟି ମ୍ୟାଚ୍ ବାକି ଥିବା ବେଳେ ପରବର୍ତ୍ତୀ ମ୍ୟାଚ୍ ଅକ୍ଟୋବର ୨ରେ ଛତିଶଗଡ଼ ବିପକ୍ଷରେ ଖେଳିବ। ଶୁକ୍ରବାର ଓଡ଼ିଶା ସ୍ପିନର କ୍ରୀଷ୍ଣା ପଲାଇ ତାଙ୍କ ପଦାର୍ପଣ ମ୍ୟାଚ ଖେଳିଛନ୍ତି।

ମଧ୍ୟପ୍ରଦେଶ ଅଧିନାୟକ ନମନ ଓଝା ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରାରମ୍ଭରୁ ଆକ୍ରମଣାତ୍ମକ ଶୈଳୀରେ ରନ୍ ସଂଗ୍ରହ କରିଥିବା ମଧ୍ୟପ୍ରଦେଶ ପରେ ୨ରନ୍‌ର ବ୍ୟବଧାନ ମଧ୍ୟରେ ଉଭୟ ଓପନରଙ୍କୁ ହରାଇଥିଲା। ଅଧିନାୟକ ନମନ ୧୨ରନ୍‌ରେ ଦୀପକ ବେହେରାଙ୍କ ଦ୍ୱାରା ଓ ରଜତ ପଟିଦାର ୨୮ରନ୍‌ରେ ପପୁ ରାୟଙ୍କ ବଲରେ ପ୍ୟାଭିଲିୟନ ଫେରିଥିଲେ। ରମିଜ ଖାଁ ମଧ୍ୟ ଅଧିକ ସମୟ କ୍ରିଜରେ ତିଷ୍ଠି ନ ପାରି ୧୯ରନ୍‌ରେ ଗୋବିନ୍ଦ ପୋଦ୍ଦାରଙ୍କ ଶିକାର ହୋଇଥିଲେ। ୮୪ରନ୍‌ରେ ପ୍ରଥମ ୩ଟି ଉଇକେଟ ହରାଇଥିବା ମଧ୍ୟପ୍ରଦେଶ ମଧ୍ୟକ୍ରମର ବ୍ୟାଟ୍ସମ୍ୟାନ ଯଶ ଦୁବେ(୭୫ରନ୍), ଅଂଶୁଲ ତ୍ରିପାଠୀ(୫୨ରନ୍) ଓ ଭେଙ୍କଟେଶ ଆୟାର(୪୬ରନ୍)ଙ୍କ ବଳରେ ୨୫୦ରୁ ଉର୍ଦ୍ଧ୍ୱ ରନ୍ କରିବାକୁ ସକ୍ଷମ ହୋଇଥିଲା। ଅନ୍ତିମ ୪ ଓଭରରେ ଓଡ଼ିଶା ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିବା ସହ ମଧ୍ୟପ୍ରଦେଶ ଦଳକୁ ୪୯.୩ ଓଭରରେ ୨୭୭ ରନ୍‌ରେ ସୀମିତ ରଖିଥିଲା। ଓଡ଼ିଶା ପକ୍ଷରୁ ଦୀପକ ବେହେରା ୩ଟି, ସୂର୍ଯ୍ୟକାନ୍ତ ପ୍ରଧାନ, ଗୋବିନ୍ଦ ପୋଦ୍ଦାର ୨ଟି ଲେଖାଏ ଓ ପପୁ ରାୟ, ବିପ୍ଳବ ସାମନ୍ତରାୟ ଗୋଟିଏ ଲେଖାଏ ଉଇକେଟ ହାସଲ କରିଛନ୍ତି। ଦ୍ୱିତୀୟ ଓଭରରେ ଓଡ଼ିଶା ଓପନର ରାଜେଶ ଧୂପର(୮ରନ୍) ଓ ୬ଷ୍ଠ ଓଭରରେ ଅଧିନାୟକ ଗୋବିନ୍ଦ ପୋଦ୍ଦାର(୧୩ରନ୍)ଙ୍କ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଗୋବିନ୍ଦଙ୍କ ଉଇକେଟ ବେଳକୁ ଓଡ଼ିଶାର ଦଳୀୟ ସ୍କୋର ୩୧ ଥିଲା। ୩ୟ ଉଇକେଟ ଯୋଡ଼ିରେ ଅନ୍ୟତମ ଓପନର ଅନୁରାଗ ଷଡ଼ଙ୍ଗୀ ଓ ପୂର୍ବତନ ଅଧିନାୟକ ବିପ୍ଳବ ସାମନ୍ତରାୟଙ୍କ ମଧ୍ୟରେ ୧୨୬ ରନ୍‌ର ଭାଗୀଦାରି ସୃଷ୍ଟି ହୋଇଥିଲା। ୧୯ତମ ଓଭରରେ ୧୦୦ ଓ ୨୯ତମ ଓଭରରେ ୧୫୦ରନ ପୂରଣ ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ୨ରନ୍ ବ୍ୟବଧାନରେ ଓଡ଼ିଶାର ୩ ଜଣ ବ୍ୟାଟ୍ସମ୍ୟାନ ଆଉଟ ହୋଇଥିଲେ। ୭୮ରନ୍ କରିଥିବା ଅନୁରାଗ, ୫୩ ରନ୍ କରିଥିବା ବିପ୍ଳବଙ୍କୁ ଗୋଟିଏ ଓଭରରେ ରମିଜ ଖାଁ ଆଉଟ କରିଥିଲେ। କ୍ରିଜକୁ ଆସିବା ମାତ୍ରେ ସୁଜିତ ଲେଙ୍କା ୧ରନ୍‌ରେ ପ୍ୟାଭିଲିୟନ ଫେରିଥିଲେ। ଶୁଭ୍ରାଂଶୁ ସେନାପତି ଓ ଅଭିଷେକ ରାଉତ ସତର୍କତାର ସହ ରନ୍ ସଂଗ୍ରହ କରି ଦଳକୁ ବିଜୟ ଅଭିମୁଖେ ଅଗ୍ରସର କରୁଥିବା ବେଳେ ଶୁଭ୍ରାଂଶୁ ବଡ଼ ଶଟ୍ ଖେଳିବାକୁ ଯାଇ ୨୪ ରନରେ ଆଉଟ ହୋଇଥିଲେ। ଅଭିଶେକ ରାଉତ ଅନ୍ତିମ ବଲ ପର୍ଯ୍ୟନ୍ତ ସଂଘର୍ଷ ଜାରି ରଖି ୫୩ ବଲରୁ ଅପରାଜିତ ୫୫ ରନ୍ କରିଛନ୍ତି। ଅନ୍ତିମ ଓଭରରେ ଓଡ଼ିଶାକୁ ବିଜୟ ନିମନ୍ତେ ୧୩ ରନ ଆବଶ୍ୟକ ହେଉଥିବା ବେଳେ ମାତ୍ର ୧୧ରନ୍ ହୋଇଥିଲା ।

**ଅନୁରାଗଙ୍କ ୧ ହଜାର ରନ୍ ପୂରଣ**

ରାଜ୍ୟ ସିନିୟର କ୍ରିକେଟ ଦଳର ଗତ କିଛି ବର୍ଷ ଧରି ଓପନିଂ କରି ଆସୁଥିବା ଅନୁରାଗ ଷଡ଼ଙ୍ଗୀ ଲିଷ୍ଟ-ଏ କ୍ୟାରିୟରର ୧୦୦୦ରନ୍ ପୂରଣ କରିଛନ୍ତି। ମଧ୍ୟପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ସର୍ବାଧିକ ରନ୍ ସଂଗ୍ରହକାରୀ ଭାବେ ୭୮ ରନ୍ ଯୋଡ଼ି ଅନୁରାଗ ଏହି ସଫଳତା ପାଇଛନ୍ତି । ୨୮ଟି ଲିଷ୍ଟ-ଏ ମ୍ୟାଚ୍‌ରୁ ୪୨.୨୫ ଆଭରେଜରେ ଅନୁରାଗ ୧୦୧୪ରନ୍ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ୨ଟି ଶତକ, ୭ଟି ଅର୍ଦ୍ଧଶତକ ରହିଛି। ୧୧୨ରନ୍ ହେଉଛି ଅନୁରାଗଙ୍କ ସର୍ବାଧିକ ସ୍କୋର ।

**ସଂକ୍ଷିପ୍ତ ସ୍କୋର**

**ମଧ୍ୟପ୍ରଦେଶ:** ୨୭୭/୧୦ (ଯଶ ଦୁବେ-୭୫, ଅଂଶୁଲ ତ୍ରିପାଠୀ-୫୨ ; ଦୀପକ ବେହେରା-୩/୩୮, ଗୋବିନ୍ଦ ପୋଦ୍ଦାର-୨/୪୭)।

**ଓଡ଼ିଶା:** ୨୭୬/୮ (ଅନୁରାଗ ଷଡ଼ଙ୍ଗୀ-୭୮, ଅଭିଶେକ ରାଉତ- ୫୫ ;
ରମିଜ ଖାଁ-୪/୪୯, ପୁନିତ ଦତେ-୩/୬୫)।

FEW SEATS LEFT
Hurry-Up !!
B.Ed, B.P.Ed, B.H.Ed.
10th, +2, +3 (UG, PG, All stream)
PGDCA, BCA, MCA, MSW, B.BA,
MBA, BLib,MLib, MEd., MPhil, Ph.D
Regular & Distance at lower rate
Approved by UGC, NCTE & Equivalent to Odisha Board & University
ADHYAN INSTITUTE OF EDUCATION
Jharsuguda, Sundargarh, Sambalpur, Deogarh, Boudh
Mob: 9937693353, 7008624254, 9337325436







# ଉଦ୍‌ଘାଟନୀ ମ୍ୟାଚ୍‌ରେ କିଟ୍, ସମ୍ବଲପୁର ବିଜୟୀ

ଢେଙ୍କାନାଳ ଅଫିସ, ୨୮।୯

ଢେଙ୍କାନାଳ ଷ୍ଟାଡିୟମରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ରାଜ୍ୟସ୍ତରୀୟ ମହିଳା ହକି ପ୍ରତିଯୋଗିତା। ଜିଲା ହକି ସଂଘ ପକ୍ଷରୁ ଆୟୋଜିତ ଉଦ୍‌ଘାଟନୀ ଦିବସରେ ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ ଭୁବନେଶ୍ୱର କିଟ୍ ୮-୦ ଗୋଲ୍‌ରେ କଟକକୁ ପରାସ୍ତ କରିଛି। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ସମ୍ବଲପୁର ୪-୦ ଗୋଲ୍‌ରେ ଢେଙ୍କାନାଳକୁ ହରାଇ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛି।

ଓଡ଼ିଶା ହକି ଆସୋସିଏଶନ ସଭାପତି ତଥା ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତି ଏ.ଏସ୍. ନାଇଡୁ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ହକି ସଂଘ ସମ୍ପାଦକ ପ୍ରକାଶ ଶତପଥୀ, ଅବସରପ୍ରାପ୍ତ କ୍ରୀଡ଼ା ବିଭାଗ ସହନିର୍ଦ୍ଦେଶକ ଗିରିଜାକାନ୍ତ ମହାନ୍ତି, ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ ମହାନ୍ତି, ଜିଲା ସଂଘ ସମ୍ପାଦକ ନଳିନୀକାନ୍ତ ଦାସ, ପ୍ରଣବ ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ରଞ୍ଜନ ଦାସ, ବିଶ୍ୱରଞ୍ଜନ ଷଡ଼ଙ୍ଗୀ, ନିରଞ୍ଜନ ଗୌଡ଼, ପ୍ରଦୀପ ନାୟକ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ସେପ୍ଟେମ୍ବର ୨୯/୨୦୧୮ Sambalpur, Saturday, September 29/ 2018

# କୋଏଲ ନଦୀରେ ଭାସିଗଲେ ୨ ଯୁବକ, ଜଣେ ଉଦ୍ଧାର

**କୁତ୍ରା,୨୮।୯(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ କୋଏଲ ନଦୀର ତେତେରକେଲା ଘାଟରେ ଶୁକ୍ରବାର ଅଭାବନୀୟ ଘଟଣା ଘଟିଛି। ନଦୀରେ ଗାଧୋଇବାକୁ ଯାଇ ଭାସିଯାଉଥିବା ୨ ଯୁବକଙ୍କ ମଧ୍ୟରୁ ଜଣଙ୍କୁ ଉଦ୍ଧାର କରାଯାଇଛି। ସେ ସୁସ୍ଥ ଅଛନ୍ତି। ତେବେ ରାତି ପର୍ଯ୍ୟନ୍ତ ଖୋଜାଖୋଜି ଚାଲିଥିଲେ ମଧ୍ୟ ଅମିତ କୁମାର ପାଲ ନାମକ ଯୁବକଙ୍କ ପତ୍ତା ମିଳିନାହିଁ। ଅମିତଙ୍କ ଘର ରାଉରକେଲା ସହରରେ। ଅମିତଙ୍କ ସହ ୭ଜଣ ଯୁବକ ରାଉରକେଲାରୁ ତେତେରକେଲା ଘାଟ ନିକଟକୁ ପିକନିକ୍ କରିବାକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ ଅମିତ ଓ ଅନ୍ୟ ୨ଜଣ ଗାଧୋଇବା ପାଇଁ କୋଏଲ ନଦୀକୁ ଯାଇଥିଲେ। ହେଲେ ସ୍ରୋତରେ ୨ଜଣ ଭାସିଯାଇଥିଲେ। ଗ୍ରାମବାସୀ ଜଣଙ୍କୁ ଉଦ୍ଧାର କରିଥିବାବେଳେ ଅମିତଙ୍କ ପତ୍ତା ମିଳିନାହିଁ।












Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୯ ସେପ୍ଟେମ୍ବର, ୨୦୧୮



ମୁଁ ବୃଥାରେ ସମୟ ନଷ୍ଟ କରିଦେଇଥିଲି, ଆଜି ସମୟ ମୋତେ ନଷ୍ଟ କରିଦେଇଛି।
- ସେକ୍ସପିୟର



## ସଂକ୍ଷେପରେ

### ମହିଳା ଆତ୍ମସୁରକ୍ଷା ତାଲିମ ଶିବିର

ଅତାବିରା, ୨୮।୯ (ଡି.ଏନ.ଏ): ଅତାବିରା ବ୍ଲକ ଅନ୍ତର୍ଗତ ଲରମ୍ଭା କଲେଜଠାରେ ଯୁକ୍ତ ତିନି ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ତାଲିମ ଶିବିରକୁ କଲେଜ ଅଧ୍ୟକ୍ଷ ପ୍ରଫେସର ଧନେଶ୍ୱର ମେହେର ଶୁକ୍ରବାର ଉଦଘାଟନ କରିଥିଲେ । ଟ୍ରେନର ମୁନେକା ଭେସ୍ରା ଛାତ୍ରୀମାନଙ୍କୁ ତାଲିମ ଦେଇଥିଲେ । ଏଡି ଶିବିରରେ କଲେଜର ୬୦ଜଣ ଛାତ୍ରୀ ତାଲିମ ନେଉଛନ୍ତି । ଓଡିଆ ବିଭାଗ ବରିଷ୍ଠ ଅଧ୍ୟାପକ ଡ. ପୁଷ୍ପ କୁମାର ମେହେର, ହରିଶ ପାତ୍ର ପ୍ରମୁଖ ସହଯୋଗ କରୁଛନ୍ତି । ପ୍ରଥମେ ଯୁକ୍ତ ଦୁଇର ୯୦ଜଣ ଛାତ୍ରୀଙ୍କୁ ଏହି ତାଲିମ ଦିଆଯାଇଥିଲା । ଏହା ୧୨ ଦିନ ପର୍ଯ୍ୟନ୍ତ କଲେଜଠାରେ ଚାଲିବ ବୋଲି କଲେଜ ସୂତ୍ରରୁ ପ୍ରକାଶ ।

### ବାବେବିରାରେ ହିନ୍ଦୀ ଦିବସ

**ସରଣ୍ଡା, ୨୮।୯ (ଡି.ଏନ.ଏ):** ଅତାବିରା ବ୍ଲକ ଅନ୍ତର୍ଗତ ବାବେବିରା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ବ୍ଲକସ୍ତରୀୟ ହିନ୍ଦୀ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଅତାବିରା ଏନଏସି ଉପାଧ୍ୟକ୍ଷ ଜ୍ୟୋତିର୍ମୟୀ ଦାଶ ମୁଖ୍ୟଅତିଥି, ହିନ୍ଦୀ ଶିକ୍ଷକ ସଚ୍ଚିନ୍ଦ୍ର କୁମାର କର୍ଣ୍ଣ ମୁଖ୍ୟବକ୍ତା, ସରପଞ୍ଚ ସବିତା ଦୀପ, ଏବିଇଓ ରାଜକିଶୋର ପୂଝାରୀ, ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ପ୍ରଧାନ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷକ ଗଣପତି ଦାଶ ସଭାପତିତ୍ୱ କରିଥିବାବେଳେ ରାଜେଶ ପଟେଲ ସଭା ପରିଚାଳନା କରିଥିଲେ। ଅମୃତ କୁମାର ବାରିକ ସ୍ୱାଗତ ଭାଷଣ ଓ ପ୍ରସନ୍ନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ସଙ୍ଗୀତ ପ୍ରତିଯୋଗିତାରେ ଦିବ୍ୟା ବାଗ ପ୍ରଥମ, ସୁଶ୍ରିତା ନନ୍ଦ ଦ୍ୱିତୀୟ, କାତ୍ୟାୟନୀ ବାଗ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ତର୍କ ପ୍ରତିଯୋଗିତାରେ ରିଦ୍ଧି ଶର୍ମା, ସ୍ୱପ୍ନାରାଣୀ ଭୋଇ, ଅନିନ୍ଦ୍ୟା ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସଚ୍ଚିଦାନନ୍ଦ ଧରୁଆ, ବାବୁଲାଲ ପ୍ରଧାନ, ପ୍ରୀତିମୟୀ ଦାସ ସହଯୋଗ କରିଥିଲେ ।

### ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

**ପଦ୍ମପୁର, ୨୮।୯ (ଡି.ଏନ.ଏ):** ପଦ୍ମପୁର ବ୍ଲକ ଅନ୍ତର୍ଗତ ଭେଉଁରିଆ ଗ୍ରାମରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟଅତିଥି ବିଡିଓ ଏଲିଜା ମିଶ୍ର, ଗ୍ରାମ୍ୟ ପରିମଳ ବିଭାଗର ଯନ୍ତ୍ରୀ ଆର ମହାପାତ୍ର, ପ୍ରକୃତି ବନ୍ଧୁ ମୀନକେତନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସରପଞ୍ଚ ରଜନୀ ସାହୁ ସଭାପତିତ୍ୱ କରିଥିବା ବେଳେ ୱାଡମେମ୍ବର, ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ ।

### ଉପଜିଲାପାଳଙ୍କୁ ଦାବିପତ୍ର

**ପଦ୍ମପୁର, ୨୮।୯ (ଡି.ଏନ.ଏ):** ପଦ୍ମପୁର ବ୍ଲକ ଅନ୍ତର୍ଗତ କନସିଂହା ଗ୍ରାମ ପଞ୍ଚାୟତର ବଇଦପାଲି ଗ୍ରାମକୁ ଯାଉଥିବା ରାସ୍ତା ମରାମତି ଅଭାବରୁ ମରଣଯନ୍ତା ପାଲଟିଛି । ଏହାର ମଝିରେ ଏକ ପୋଲ ଭାଙ୍ଗିଯାଇଛି । ଏ ସମ୍ପର୍କରେ ଗ୍ରାମବାସୀ ବାରମ୍ବାର ଅଭିଯୋଗ କଲେ ମଧ ପ୍ରଶାସନ ନଜର ଦେଉନାହିଁ । ତେଣୁ ଶୁକ୍ରବାର ଗ୍ରାମର ଶିଶୁପାଲ ବେଟୀ, ସନ୍ତୋଷ ବେଟୀ, କିଶୋର ଧରୁଆ, ପଦ୍ମନ କୁମ୍ଭାର, ସୁଦର୍ଶନ ବେଟୀ, ବିଦ୍ୟାସାଗର ରାଉତ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପଦ୍ମପୁର ଉପଜିଲାପାଳ ଦୌଲତ ଚନ୍ଦ୍ରକାରଙ୍କୁ ଦେଇଛନ୍ତି ।

### ବାଇକ୍ ଦୁର୍ଘଟଣାରେ ୩ ଗୁରୁତର

ପଦ୍ମପୁର, ୨୮।୯ (ଡି.ଏନ.ଏ): ପଦ୍ମପୁର ନିକଟସ୍ଥ କଂସର ଛକ ପାଖରେ ଏକ ବାଇକ ଦୁର୍ଘଟଣାରେ ୩ଜଣ ଗୁରୁତର ଆଘାତ ହୋଇ ପ୍ରଥମେ ପଦ୍ମପୁର ଏବଂ ପରେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଛନ୍ତି । ମେଲଛାମୁଣ୍ଡାର ରମେଶ ବରିହା ଏବଂ ସଫିଆ ଗ୍ରାମର ମଧୁ ବେହେରା, ମିନକେତନ ବରିହା ଗୋଟିଏ ମୋଟର ସାଇକେଲରେ ଗାଇସିଲେଟ ପଟକୁ ଯାଉଥିଲେ । ବାଇକ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଥିବା ଜଣାପଡିଛି ।

## ବ୍ଲକସ୍ତରୀୟ ଏମ୍‌ଜିଏନଆର୍‌ଇଜିଏସ୍ ଜନଶୁଣାଣି ଶିବିର

# ୩୩ ପରିବାରକୁ ଶହେ ଦିନର କାମ

**ବିଜେପୁର, ୨୮।୯ (ଡି.ଏନ.ଏ)**

ବିଜେପୁର ବ୍ଲକ



ଏମ୍‌ଜିଏନଆର୍‌ଇଜିଏସ୍ ଜନଶୁଣାଣି ଶିବିରରେ ମଞ୍ଚାସୀନ ଅତିଥିବୃନ୍ଦ ।

ବରଗଡ ଜିଲା ବିଜେପୁର ବ୍ଲକ ସଭା କକ୍ଷରେ ବ୍ଲକସ୍ତରୀୟ ମନରେଗା ଜନଶୁଣାଣି ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ପଦ୍ମପୁର ଉପଜିଲାପାଳ ଦୌଲତ ଚନ୍ଦ୍ରକାର ଯୋଗଦେଇ ଅଭିଯୋଗ ଗୁଡିକର ଶୁଣାଣି କରିଥିଲେ । ଚାରପାଲି ଓ ଏମ୍. ଶ୍ରୀଗିଡା ପଞ୍ଚାୟତରେ ଗ୍ରାମରୋଜଗାର ସେବକଙ୍କ ମନମୁଖି କାର୍ଯ୍ୟକଳାପରେ ପଞ୍ଚାୟତବାସୀ ଅତିଷ୍ଠ ହୋଇ ପଡିଲେଣି । ସେମାନଙ୍କୁ ଅପସାରଣ କରାଯାଇ ତାଙ୍କ ସ୍ଥାନରେ ନୂତନ ଜିଆରଏସ୍ ତ୍ୱରିତ ନିଯୁକ୍ତି କରିବାକୁ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ ଦାବି କରିଥିଲେ । ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ନିର୍ଦ୍ଧାରିତ ଶ୍ରମିକ ପାରିଶ୍ରମିକ ଖୁବ କମ୍ ମିଳୁଥିବାରୁ ଶ୍ରମିକମାନେ ଏହି ଯୋଜନାରେ କାମ କରିବାକୁ ରାଜି ହେଉନାହାନ୍ତି । ଫଳରେ ଶ୍ରମିକମାନଙ୍କୁ ଆକର୍ଷିତ କରିବାକୁ ସେମାନଙ୍କର ପାରିଶ୍ରମିକ ବୃଦ୍ଧି କରିବା ପାଇଁ ଉପସ୍ଥିତ ସରପଞ୍ଚ ଦାବି କରିଥିଲେ। ବ୍ଲକ କାର୍ଯ୍ୟାଳୟ ସୂଚନା ଅନୁସାରେ, ୨୦୧୭-୧୮ ଆର୍ଥିକ ବର୍ଷରେ ଏହି ଯୋଜନାରେ ୩୩୪୬ଟି ପ୍ରକଳ୍ପ ହାତକୁ ନିଆଯାଇଥିବା ବେଳେ ୧୦୮୯ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ଏଥିପାଇଁ ୨୪୨.୩୮ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଉକ୍ତ ଯୋଜନାରେ ୨୦,୯୩୨ ପରିବାର ପଞ୍ଜୀକୃତ ହୋଇଥିବା ବେଳେ ୨୦୭୮୬ ଜଣ ପରିବାରକୁ ଜବ କାର୍ଡ ପ୍ରଦାନ କରାଯାଇଛି । ଏହି ବ୍ଲକର ୬୪୨୦ଟି ପରିବାର କାମ ପାଇଁ ଆବେଦନ କରିଥିବା ବେଳେ ସମସ୍ତ ପରିବାରକୁ କାର୍ଯ୍ୟ ଯୋଗାଇ ଦିଆଯାଇଛି । ୩୩ ପରିବାର ଶହେ ଦିନର କାମ ସମ୍ପୂର୍ଣ୍ଣ କରିଥିବା ବ୍ଲକ ପକ୍ଷରୁ ସୂଚନା ଦିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବିଡିଓ ପଦ୍ମନାଭ ସାମନ୍ତରାୟ, ବ୍ଲକ ଅଧ୍ୟକ୍ଷା ମାନିନୀ ଭୋଇ, ସହକାରୀ ଯନ୍ତ୍ରୀ ବିନୋଦ ବିହାରୀ ଛୁରିଆ, ଜିଲା ସାମାଜିକ ସମୀକ୍ଷା ଅଧିକାରୀ ଆନନ୍ଦ ପଧାନ ପ୍ରମୁଖ ମଞ୍ଚାସୀନ ଥିଲେ । ବ୍ଲକର ବିଭିନ୍ନ ବିଭାଗ ଅଧିକାରୀ, ଜିଆରଏସ୍, ଜନପ୍ରତିନିଧି ଓ ଶ୍ରମିକ ଉପସ୍ଥିତ ଥିଲେ ।



ଅଭିନେତା ସୁଶୀଲ ମେହେରଙ୍କୁ ରାବଣ ଭୂମିକା ପାଇଁ ବରଣ କରାଯାଉଛି ।

# ରାବଣ ଭୂମିକା ପାଇଁ କଳାକାର ସୁଶୀଲ ମେହେରଙ୍କୁ ବରଣ

**ଭେଡ଼େନ,୨୮।୯(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଅନ୍ତର୍ଗତ ଚିଚିଣ୍ଡା ଗ୍ରାମର ପ୍ରସିଦ୍ଧ ଅଭିନେତା ସୁଶୀଲ କୁମାର ମେହେରଙ୍କୁ ଅତାବିରା ବ୍ଲକ ଲୁରୁପାଲି ଗ୍ରାମରେ ଆସନ୍ତା ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଆର୍ବିଭୂତା ମାଁ ସମଲେଶ୍ୱରୀ ମହୋତ୍ସବ ଯାତ୍ରାରେ ରାବଣ ଭୂମିକା ପାଇଁ ବରଣ କରାଯାଇଛି। ଶୁକ୍ରବାର ଲୁରୁପାଲି ଯାତ୍ରା କମିଟି ସଭାପତି ବିକ୍ରମ ପ୍ରଧାନ, ସମ୍ପାଦକ ସତ୍ୟାନନ୍ଦ ମେହେର, ଉପସଭାପତି ପୂର୍ଣ୍ଣଚନ୍ଦ୍ର ମେହେର, ସାଂସ୍କୃତିକ ସମ୍ପାଦକ ନେତ୍ରାନନ୍ଦ ପ୍ରଧାନ, ସଦସ୍ୟ ଭାରତ ସେଠ, ମାଧ ମହାପାତ୍ର, ରାଧାକୃଷ୍ଣ ଅଗ୍ରୱାଲ, ଆନନ୍ଦ ମେହେର ପ୍ରମୁଖ ଅଭିନେତା ମେହେରଙ୍କ ଚିଚିଣ୍ଡା ସ୍ଥିତ ବାସଭବନକୁ ଯାଇ ପୁଷ୍ପମାଲ୍ୟ, ଉପାୟନ, ନାରିକେଳ ଆଦି ପ୍ରଦାନ କରି ରାବଣ ଭୂମିକା ପାଇଁ ବରଣ କରିଥିଲେ ।





ବରଗଡ଼ ହସ୍‌ପିଟାଲ ରୋଡ୍‌ରେ ବନ୍ଦ ରହିଥିବା ଔଷଧ ଦୋକାନ ।

# ଔଷଧ ଦୋକାନ ବନ୍ଦ, ଲୋକେ ହଟହଟା

**ବରଗଡ଼ ଅଫିସ୍,୨୮।୯**

ଇ-ଫାର୍ମାସୀ ଓ ଅନ୍‌ଲାଇନ ଔଷଧ ବିକ୍ରିକୁ ବିରୋଧ କରି ଅଖିଳ ଭାରତ ଔଷଧ ବ୍ୟବସାୟୀ ମହାସଂଘ ୨୪ଘଣ୍ଟିଆ ବନ୍ଦ ଡାକରା ଦେଇଥିଲା। ଏହି କ୍ରମରେ ବରଗଡ଼ ଜିଲାରେ ମଧ୍ୟ ଔଷଧ ଦୋକାନ ଗୁଡ଼ିକ ବନ୍ଦ ରହିଥିଲା। ଫଳରେ ରୋଗୀଙ୍କ ଚିକିତ୍ସା ପାଇଁ ଆବଶ୍ୟକ ଔଷଧ ସକାଶେ ଲୋକଙ୍କୁ ହଟହଟା ହେବାକୁ ପଡିଥିଲା । କେବଳ ଜିଲା ମୁଖ୍ୟ ଡାକ୍ତରଖାନା ଔଷଧ ଦୋକାନ ଖୋଲା ରହିଥିବାରୁ ସେଠାରେ ଔଷଧ କିଣିବା ପାଇଁ ଲୋକଙ୍କ ଲମ୍ବାଧାଡ଼ି ଲାଗିଥିବା ଦେଖିବାକୁ ମିଳିଥିଲା । ଜରୁରୀକାଳୀନ ଚିକିତ୍ସା ପାଇଁ କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏଶନ ପକ୍ଷରୁ ଆପାତକାଳୀନ କାଉଣ୍ଟର ତଥା ସହାୟତା କେନ୍ଦ୍ର ଜିଲା ମୁଖ୍ୟ ଚିକିତ୍ସାଳୟରେ ଖୋଲା ରହିଥିଲା ।

## ଫୁଟବଲ: ଧୀରପୁର ଓ ବରଡ଼ୋଲ ବିଜୟୀ

**ବରଗଡ଼ ଅଫିସ୍,୨୮।୯**

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ନକ୍ ଆଉଟ୍ ଫୁଟବଲ ପ୍ରତିଯୋଗିତାର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଧିରପୁର ଓ ବରଡ଼ୋଲ ପ୍ରତିପକ୍ଷକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଧିରପୁର ଓ ସିଲାଟ ମଧ୍ୟରେ ପ୍ରଥମ ମ୍ୟାଚ ହୋଇଥିଲା। ମ୍ୟାଚର ନିର୍ଦ୍ଧାରିତ ସମୟ ସୁଦ୍ଧା କୌଣସି ଦଳ ଗୋଲ ସ୍କୋର କରି ପାରି ନ ଥିଲେ । ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା । ଏଥିରେ ଧିରପୁର ପ୍ରତିପକ୍ଷକୁ ୩-୨ ଗୋଲରେ ହରାଇ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲା । ସେହିପରି ବରଡ଼ୋଲ ଓ ଭାଲୁପାଲି ମଧ୍ୟରେ ଦ୍ୱିତୀୟ ମ୍ୟାଚରେ ବରଡ଼ୋଲ ପ୍ରତିପକ୍ଷକୁ ୪-୦ ଗୋଲରେ ହରାଇଥିଲା। ନିରଞ୍ଜନ ମହାକୁଡ଼, ଅନିଲ ବାଗ, ଅଶ୍ୱିନୀ ମେହେର, ଗୋପାଳ ନାୟକ, ପଞ୍ଚାନନ ପାତ୍ର, ଶ୍ରୀନିବାସ ରାଓ, ମନୋଜ ଭୂୟାଁ, ରଞ୍ଜୁ ଛତ୍ରିଆ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ ।

## ସମସିଆ ଘେର୍‌ରେ ଗାନ୍ଧୀ ଏମ.ଇ.ସ୍କୁଲ

# ଛାତ୍ରୀଛାତ୍ରଙ୍କୁଁ ଘାରୁଛେ ସାଁପ୍ କଁଟିଆ ଭଏ

**ଜାମଟିକ୍ରା, ୨୮।୯ (ଡି.ଏନ.ଏ)**



ଗାନ୍ଧୀ ଉଚ୍ଚ ବିଦ୍ୟାଳୟ ଜାମଟିକ୍ରା।

ଅତାବିରା ବ୍ଲକ୍ ବୁଗବୁଗା ପଁନ୍‌ଚେତର ଜାମଟିକ୍ରା ଗାନ୍ଧୀ ଏମ.ଇ. ସ୍କୁଲ ଏହେଦେ ନାନା ପର୍‌କାର ସମସିଆରେ ଛଁଦି ହେଇ ରହିଛେ। ୧୯୭୦ ସାଲେ ଥାପିତ୍ ଇ ସ୍କୁଲରେ ପଢ଼ି ବହୁତ୍‌ଟେ ଛାତ୍ରୀଛାତ୍ର ଭଲ୍ ଭଲ୍ ଚାକ୍‌ରୀ କରୁଛନ୍। ହେଲେ ଇ ସ୍କୁଲ୍‌ଟା ଆଘର ଲେଖେନ୍ ହେଇ ନାଁଇଁନ। ପରିଚାଲନାରେ ଭୁଲ୍‌ଭଟ୍‌କା ଲାଗି ଏହେଦେ ସ୍କୁଲ୍‌ଟା ବିପଦ୍ ଅବସ୍‌ତାରେ ଅଛେ। ଦିନାକେତେ ଆଗ୍‌ରୁ ଇ ସ୍କୁଲ୍‌ରେ ବେଲାରେ ଛାତ୍ରୀଛାତ୍ରକୁ ଖାଏବାରେ ମୁଢ଼ି ମିକ୍‌ଚର ଦିଆଯାଇଥିବାର ବାବ୍‌ଦେ ଧରିତ୍ରୀରେ ଖବର ବହାରିଥିଲା। ଖବର ବାହାରଲା ଉତାରୁ ନୂତନ ଗାଁଧିନ ରଖାଗଲା, ସ୍କୁଲ୍ ପରିସରରେ ଥିବାର କାଠ୍ ବି ଫଟାଗଲା। ହେଲେ ଆଏଜ୍‌ତକ୍ ନୂତନ୍ ପରିଚାଲନା କମିଟି ଗଠନ୍ ନାଇଁ ହେଇପାରି। ସ୍କୁଲ୍ ପରିବେଶରେ କେହେନ୍‌ସି ପର୍‌କାର ସୁଧାର ନାଇଁ ଆଏଲା। ଛାତ୍ରୀଛାତ୍ରଙ୍କୁଁ ସବୁ ବେଲେ ସାଁପ୍ ଭଏ ଘାରୁଛେ। ସ୍କୁଲ୍‌ରେ ଥିବାର ତାର୍‌ବାଡା ଭାଂଗି ଦିଆଯାଇଛେ ଆର୍ ପରିସର ଭିତ୍‌ରେ ଥିବାର ଗଖା ଗଖା ଗଛ୍‌ମାନ୍ କଟା ଯାଇଛେ। ହେଲେ ସ୍କୁଲ୍ କମିଟିର ମେମରମାନେ ମନ୍‌ଇଛା ସେଟା ବିକ୍‌ରି କରିଛନ୍ ବଲି ଗାଁବାସୀ ଅଭିଯୋଗ୍ କରିଛନ୍। ଇ ବାବ୍‌ଦେ ପ୍ରଧାନ ଶିକ୍ଷକ ସନ୍ତୋଷ ଭୁଏଙ୍କୁଁ ପଚ୍‌ରାଲାରୁ ସେ କହେଲେ ଯେ ଗଛ୍ ବାବ୍‌ଦେ ମୁଇଁ କିଛି ନାଇଁ ଜାନି। ଇ ଅଲପ୍ ଦିନ୍ ଭିତ୍‌ରେ ପରିଚାଲନା କମିଟି ଗଂନ୍ କରାଯିବା। ଅତାବିରା ବ୍ଲକ୍ ଶିକ୍ଷାଅଧିକାରୀ ରାଜାରାମ ମେହେରଙ୍କୁଁ ପଚ୍‌ରାଲାରୁ ସବୁ ସମସିଆର ସମାଧାନ ବହୁତ୍ ଜଲ୍‌ଦି କରାଯିବା ବଲି କହିଥିଲେ ।

# ବନ୍ଦକୁ ସ୍ୱତଃସ୍ଫୂର୍ତ୍ତ ସମର୍ଥନ





ବନ୍ଦ ପାଳନର ନେତୃତ୍ୱ ନେଉଥିବା ବରଗଡ଼ ଜିଲା ବ୍ୟବସାୟୀ ସଂଘର କର୍ମକର୍ତ୍ତାମାନେ (ବାମ) । ଭେଡ଼େନ ସିଦ୍ଧେଶ୍ୱର ମହାଦେବ ମନ୍ଦିର ପରିସରରେ ବଣିକ ସଂଘର ବୈଠକ ।

**ବରଗଡ଼ ଅଫିସ୍, ୨୮।୯**

ଭାରତରେ ବିଦେଶୀ କମ୍ପାନୀମାନଙ୍କ ପ୍ରଭାବ ଦିନକୁ ଦିନ ବଢ଼ି ଚାଲିଛି । ଏଥିରେ ଭାରତୀୟ ବିକ୍ରେତା ତଥା ବେପାରୀମାନେ ପ୍ରଭାବିତ ହେବାର ସମ୍ଭାବନା ରହିଛି। ବିଦେଶୀ କମ୍ପାନୀ ୱାଲମାର୍ଟ ଓ ଫ୍ଲିପକାର୍ଟ ମିଳିତ ଭାବେ ଦେଶରେ ବ୍ୟବସାୟ ଆରମ୍ଭ କରିବା ପାଇଁ ମସୁଧା ଚାଲିଛି। ଏଭଳି ବିଦେଶୀ କମ୍ପାନୀମାନେ ଏଠାରେ ବ୍ୟବସାୟ ଆରମ୍ଭ କଲେ ଦେଶର ବହୁ ଲଘୁ ତଥା ଖୁଚୁରା ବ୍ୟବସାୟ ଉପରେ ଏହାର ସିଧାସଳଖ ପ୍ରଭାବ ପଡ଼ିବ। ଏହାର ପ୍ରତିବାଦରେ ଭାରତୀୟ ବ୍ୟବସାୟୀ ସଂଘ ଶୁକ୍ରବାର ୧୨ ଘଣ୍ଟିଆ ବନ୍ଦ ଡାକରା ଦେଇଥିଲା। ବରଗଡ଼ ଜିଲା ବ୍ୟବସାୟୀ ସଂଘ, ଚ୍ୟାମ୍ବର ଅଫ କମର୍ସ ସମେତ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡ଼ିକ ଏହି ବନ୍ଦ ଡାକରାକୁ ସମର୍ଥନ କରିଥିଲେ । ବନ୍ଦ ଡାକରାକୁ ଜିଲାରେ ସ୍ୱତଃସ୍ଫୁର୍ତ୍ତ ସମର୍ଥନ ମିଳିଛି । ବରଗଡ଼ ସହର ସମେତ ଜିଲାର ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା । ଶୁକ୍ରବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡ଼ିକ ବନ୍ଦ ରହିଥିଲା । ଜିଲା ବ୍ୟବସାୟୀ ସଂଘ ସଭାପତି ପ୍ରଦୀପ ଦେବତା, କିଶୋର ଅଗ୍ରୱାଲ, ଦୀପକ ରଥ, ପ୍ରମୋଦ ଅଗ୍ରୱାଲ, ଚ୍ୟାମ୍ବର ଅଫ କମର୍ସର ସଭାପତି ଦିଲୀପ ସାୱାଡ଼ିଆ, ସମ୍ପାଦକ ସୁଶାନ୍ତ ଦାଶ, ନିଲେଶ ମିତ୍ତଲ ପ୍ରମୁଖ ଏଠାରେ ବନ୍ଦ ଡାକରାର ନେତୃତ୍ୱ ନେଇଥିଲେ ।

**ଭେଡ଼େନ,(ଡ଼ି.ଏନ.ଏ):** ଦୋକାନ ବଜାର ବନ୍ଦର ପ୍ରଭାବ ବରଗଡ଼ ଜିଲା ଭେଡ଼େନରେ ଅନୁଭୁତ ହୋଇଛି। ଭେଡ଼େନ ବଣିକ ସଂଘ ତରଫରୁ ଶୁକ୍ରବାର ସକାଳୁ ପିକେଟିଂ କରି ସମସ୍ତ ଦୋକାନ ବଜାର ଓ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକୁ ବନ୍ଦ କରାଯାଇଥିଲା । ଏହି ବନ୍ଦରେ ସମସ୍ତ ଔଷଧ ଦୋକାନ ସାମିଲ ହୋଇଥିଲେ । ତେବେ ବ୍ୟାଙ୍କ, ସ୍କୁଲ, କଲେଜ, ସରକାରୀ ଅଫିସ ଖୋଲାଥିବା ବେଳେ ଗାଡ଼ିମୋଟର ଚଳାଚଳ ସ୍ୱାଭାବିକ ଥିଲା । ଏହି ଅବସରରେ ସ୍ଥାନୀୟ ସିଦ୍ଧେଶ୍ୱର ମହାଦେବ ମନ୍ଦିର ପରିସରରେ ଭେଡ଼େନ ବଣିକ ସଂଘର ସମସ୍ତ ସଦସ୍ୟମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସଂଘକୁ ବିଧିବଦ୍ଧ ଭାବେ ବାବା ସିଦ୍ଧେଶ୍ୱର ବଣିକ ସଂଘ ନାମରେ ନାମିତ କରାଯିବା ସହ ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା।

**ପଦ୍ମପୁର, (ଡି.ଏନ.ଏ):** ୧୨ ଘଣ୍ଟିଆ ବନ୍ଦକୁ ପଦ୍ମପୁର ବଣିକ ସଂଘ ସମର୍ଥନ ଜଣାଇଥିଲା। ସକାଳ ୬ରୁ ଅପରାହ୍ନ ୬ଟା ପର୍ଯ୍ୟନ୍ତ ପଦ୍ମପୁର ସହରରେ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ବଣିକ ସଂଘ ସଭାପତି ପ୍ରତାପ ମିଶ୍ରଙ୍କ ନେତୃତ୍ୱରେ ବ୍ୟବସାୟୀମାନେ ଏକ ବାଇକ୍ ରାଲିରେ ସହର ପରିକ୍ରମା କରିଥିଲେ। ସଂଘର ନନ୍ଦକିଶୋର ଅଗ୍ରୱାଲ, ରବିନାରାୟଣ ଦୋରା, ଅନୀଲ ଅଗ୍ରୱାଲ, ପବନ ଅଗ୍ରୱାଲ, ଶୁଶୀଲ ଅଗ୍ରୱାଲ ସହଯୋଗ କରିଥିଲେ ।

## ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବି

# ଅତାବିରା ଗ୍ରାମ ନ୍ୟାୟାଳୟ ବନ୍ଦ କଲେ ଓକିଲ

**ସରଣ୍ଡା,୨୮।୯(ଡି.ଏନ.ଏ)**

ପଶ୍ଚିମଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବି ନେଇ ଆନ୍ଦୋଳନ ଜୋର୍ ଧରିଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ବରଗଡ଼ ଜିଲା ଅତାବିରା ଓକିଲ ସଂଘ ସ୍ଥାନୀୟ ଗ୍ରାମ୍ୟ ନ୍ୟାୟାଳୟ ସମେତ ସରକାରୀ ଅଫିସ ଗୁଡ଼ିକ ଅଚଳ କରି ଦେଇଛି। ଗ୍ରାମ୍ୟ ନ୍ୟାୟାଳୟ ମୁଖ୍ୟ ଫାଟକରେ ସଂଘର କର୍ମକର୍ତ୍ତା ଓ ସଭ୍ୟମାନେ ହାଇକୋର୍ଟ ବ୍ୟାନର ଟାଣି ଜଗି ରହିଥିବାବେଳେ ବିଚାରପତି ତଥା ଅନ୍ୟ କୌଣସି ବିଚାର ବିଭାଗୀୟ କର୍ମଚାରୀମାନେ ନ୍ୟାୟାଳୟ ଭିତରକୁ ପଶି ନ ପାରି ଫେରି ଯାଇଥିଲେ। ଅନ୍ୟପଟେ ବ୍ୟାଙ୍କ, ସ୍କୁଲ, କଲେଜ ଗୁଡ଼ିକ ଖୋଲା ରହିଛି । ସଂଘ ଉପସଭାପତି ଉନ୍ନି ନାୟାରଙ୍କ ନେତୃତ୍ୱରେ ରବି ପଣ୍ଡା, ବିରେନ୍ଦ୍ର କୁମାର ବାଙ୍କା, ରାକେଶ ପାଢ଼ୀ, ବଲ୍ଲଭ ଭୋଇ, ଜଗନ୍ନାଥ ରାଓ, ରାଜା ପାଣ୍ଡେ, ସମୀର ମହାପାତ୍ର, ବୈକୁଣ୍ଠ ମେହେର, ବିରେନ୍ଦ୍ର ତ୍ରିପାଠୀ ପ୍ରମୁଖ ଏଥିରେ ସାମିଲ ହୋଇଛନ୍ତି ।





ଅତାବିରା ଓକିଲ ସଂଘର କର୍ମକର୍ତ୍ତା ଗ୍ରାମ ନ୍ୟାୟାଳୟ ଫାଟକ ବନ୍ଦ କରି ଛିଡା ହୋଇଛନ୍ତି ।



“ କ୍ଷମତାର ମୁକୁଟ ଭିତରେ କଣ୍ଟା ମଧ ଥାଏ, ଠିକ୍ ଭାବରେ ତାକୁ ପିନ୍ଧି ନ ଜାଣିଲେ ମୁଣ୍ଡ ଖଣ୍ଡିଆ ହୋଇଯାଏ।

- ଜେମ୍ସ କୁକ୍



## ସଂକ୍ଷେପରେ

### ବଣିକ ସଂଘର ବାଇକ୍ ରାଲି, ଦାବିପତ୍ର ପ୍ରଦାନ

**ଡୁଙ୍ଗୁରିପାଲି, ୨୮।୯(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବଣିକ ସଂଘ ଭାରତ ବ୍ୟାପାର ବନ୍ଦକୁ ସମର୍ଥନ କରି ଶୁକ୍ରବାର ସମସ୍ତ ଦୋକାନ ବଜାର ବନ୍ଦ କରିଥିଲା। ପରେ ବିଡିଓଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଡୁଙ୍ଗୁରିପାଲି ବଣିକ ସଂଘ ସଭାପତି ପ୍ରଦୀପ ମିଶ୍ରଙ୍କ ତତ୍ତ୍ୱାବଧାନରେ ସମ୍ପାଦକ ମଣିଲାଲ ଶର୍ମା,ଉପସଭାପତି ଚକା ମେହେର, ଲକ୍ଷ୍ମଣ ମେହେର, ସହସମ୍ପାଦକ ସୁନୀଲ ମେହେର, ଶଙ୍ଖାଳି ସାହୁ, ମୃତ୍ୟୁଞ୍ଜୟ ମିଶ୍ର, ବିଷ୍ଣୁ ଅଗ୍ରୱାଲ ପ୍ରମୁଖ ଶତାଧିକ ବ୍ୟବସାୟୀ ସକାଳ ୬ଟାରୁ ସମସ୍ତ ଦୋକାନ ବଜାର ବନ୍ଦ କରାଇଥିଲେ। ପୂର୍ବାହ୍ନ ୧୦ଟାରେ ୨୬ ନମ୍ବର ଜାତୀୟ ରାଜପଥ କଡରେ ଥିବା ଶିବ ମନ୍ଦିରରୁ ସେମାନେ ବାଇକ ଶୋଭାଯାତ୍ରାରେ ବ୍ଲକ ଅଫିସକୁ ଯାଇଥିଲେ। ସେଠାରେ ବିଡିଓ ସହଦେବ ସମାଧିଆଙ୍କ ଜରିଆରେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

### ତରଭା ସମ୍ପୂର୍ଣ୍ଣ ବାହ୍ୟ ଶୌଚମୁକ୍ତ ସହରାଞ୍ଚଳ ଘୋଷିତ

**ତରଭା, ୨୮।୯(ଡି.ଏନ.ଏ.):** ସ୍ୱଚ୍ଛଭାରତ ମିଶନରେ ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦକୁ ସମ୍ପୂର୍ଣ୍ଣ ବାହ୍ୟ ଶୌଚମୁକ୍ତ ସହରାଞ୍ଚଳ ଭାବେ ଘୋଷଣା କରାଯାଇଛି। ଏହି ଉପଲକ୍ଷେ ଶୁକ୍ରବାର ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ଏକ ସମାରୋହର ଆୟୋଜନ କରାଯାଇଥିଲା । ବ୍ଲକ ସମ୍ମୁଖ କୃଷ୍ଣାର୍ଜୁନ ସାଂସ୍କୃତିକ କଳାମଣ୍ଡପରେ ନଗରପାଳ ମୋନିକାଲାଲ ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲାପାଳ ମଧୁସୂଦନ ମିଶ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପିଡି ଡିଆରଡିଏ ସୂର୍ଯ୍ୟନାରାୟଣ ଦାଶ, ବିଡିଓ ନିହାର ରଞ୍ଜନ କହଁର, ଆଇଆଇସି ସୁରୁବାବୁ ଛତ୍ରିଆ, ବ୍ଲକ ଅଧକ୍ଷା ସସ୍ମିତା ମଲ୍ଲିକ, ସାଧନ କର୍ମୀ ରାଜେନ୍ଦ୍ର ଝାଙ୍କର ଓ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ କନିକା ଚକ୍ରବର୍ତ୍ତି ପ୍ରମୁଖ ମଞ୍ଚାସୀନ ଥିଲେ । ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଗତ ଭାଷଣ ଓ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସେ ତାଙ୍କ ବକ୍ତବ୍ୟରେ ତରଭା ସହରରେ ଘରୋଇ ବ୍ୟକ୍ତିଗତ ଓ ସରକାରଙ୍କ ପ୍ରଦତ୍ତ ପ୍ରୋତ୍ସାହନ ରାଶି ଦ୍ୱାରା ୬୫୩ ଗୋଟି ଶୌଚାଳୟ ରହିଥିବା ବେଳେ ୪୬ଟି ଗୋଷ୍ଠୀ ଶୌଚାଳୟ ଓ ୧୬ଟି ସର୍ବସାଧାରଣ ଶୌଚାଳୟ ଖୋଲାଯାଇଥିବା ପ୍ରକାଶ କରିଥିଲେ । ଅତିଥିମାନେ ତାଙ୍କର ବକ୍ତବ୍ୟରେ ତରଭା ବିଜ୍ଞାପିତ ଅଞ୍ଚଳ ଜିଲାର ସର୍ବପ୍ରଥମ ସମ୍ପୂର୍ଣ୍ଣ ବାହ୍ୟ ଶୌଚମୁକ୍ତ ସହରାଞ୍ଚଳ ଘୋଷଣା କରିଥିବାରୁ ଇତିହାସ ସୃଷ୍ଟି କରିଛି ବୋଲି ପ୍ରକାଶ କରିଥିଲେ। ଏଥିପାଇଁ ଜନସାଧାରଣ ସଚେତନ ହେବା ସହିତ ବାହ୍ୟ ଶୌଚମୁକ୍ତକୁ ସାକାର କରିବା ପାଇଁ ଘରେ ପାଇଖାନା ନିର୍ମାଣ କରି ବ୍ୟବହାର କରିବା ସକାଶେ ଅତିଥିମାନେ ପରାମର୍ଶ ଦେଇଥିଲେ । ଶେଷରେ ଜିଲାପାଳ ମିଶ୍ରଙ୍କ ନିର୍ଦ୍ଦେଶ ମତେ ସାନିଟେସନ ଏକ୍ସପର୍ଟ ହରିହର ଭୋଇ ଉପସ୍ଥିତ ସମସ୍ତ ଜନସାଧାରଣଙ୍କୁ ସ୍ୱଚ୍ଛତାର ଶପଥପାଠ କରାଇଥିଲେ । ଶେଷରେ ମାନଭଞ୍ଜନ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଜାତୀୟ ସ୍ୱାସ୍ଥ୍ୟ ମିଶନରୁ ମିଳିଛି ୧୨.୩୩ କୋଟି

# ନିର୍ମାଣ ହୋଇପାରୁନି ମାତୃ, ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର

**ମୃତ୍ୟୁଞ୍ଜୟ ଶତପଥୀ**
**ସୋନପୁର, ୨୮।୯(ନି.ପ୍ର.)**

ପ୍ରଶାସନିକ ଉଦାସୀନତା ଓ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ସୁବର୍ଣ୍ଣପୁର ଜିଲାର ବିକାଶରେ ବାଧକ ସାଜିଛି। ଠିକ୍ ସମୟରେ ଜମି ଯୋଗାଇ ନଦେବା ଯୋଗୁଁ ଜିଲା ସଦର ମହକୁମାରେ ନିର୍ମାଣ ହେବକୁ ଥିବା ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର(ଏମ୍ସିଏଚ୍)ର ଭବିଷ୍ୟତ ଏବେ ଅନ୍ଧକାର ମଧ୍ୟରେ। ଏମସିଏଚ୍ ନିର୍ମାଣ ପାଇଁ ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନଏଚଏମ) ୨୦୧୭-୧୮ ଆର୍ଥିକ ବର୍ଷରେ ୧୨ କୋଟି ୩୩ଲକ୍ଷ ଟଙ୍କା ମଞ୍ଜୁର କରିଥିଲା। ଦୀର୍ଘ ୧ ବର୍ଷ ଧରି ଟଙ୍କା ପଡି ରହିବା ପରେ ମଧ୍ୟ କାମ ଆରମ୍ଭ ହୋଇପାରୁନି। ରାଜ୍ୟ ସରକାର କେନ୍ଦ୍ରକୁ ବିନିଯୋଗ ପ୍ରମାଣପତ୍ର ଦେଇ ପାରୁ ନାହାନ୍ତି। ଏଥିପାଇଁ ଏନଏଚଏମର ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ କ୍ଷୁବ୍ଧ ହୋଇଛନ୍ତି। ଗତ ବୁଧବାର ଭୁବନେଶ୍ୱରରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ପଣ୍ଡିତ ବିରକ୍ତ ହେବା ସହିତ ଏହି ଟଙ୍କା ପେରସ୍ତ କରିବା ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାକୁ ନେଇ ଜିଲାର ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

୨୦୧୨ମସିହାରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ପ୍ରସ୍ତାବ ଆସିଥିଲା। କିନ୍ତୁ ପ୍ରଶାସନ ଜବରଦଖଲ ଉଚ୍ଛେଦ କରି ଜମି ଯୋଗାଇ ପାରିଲାନି। ବହୁ ବିଳମ୍ବ ହେଲା। ଜମି ସମସ୍ୟା ତୁଟିବା ପରେ ୫୦ଶଯ୍ୟା ବିଶିଷ୍ଟ ଏହି ପ୍ରକଳ୍ପ ସକାଶେ ଏନଏଚଏମ ଟଙ୍କା ମଞ୍ଜୁର କଲା। ପୂର୍ତ୍ତ ବିଭାଗ ପକ୍ଷରୁ ୪ମହଲା କୋଠା ନିର୍ମାଣ ପାଇଁ ୧୨କୋଟି ୨୦ଲକ୍ଷ ଟଙ୍କାର ଏଷ୍ଟିମେଟ ପ୍ରସ୍ତୁତ ହେଲା। ଏଥିପାଇଁ ପଟାଭାଡିଠାରେ ଗତ ନଭେମ୍ବର ମାସରେ ମାଟି ପରୀକ୍ଷା ହୋଇଥିଲା। ଗୃହ ନିର୍ମାଣ ବିଭାଗର ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଟେଣ୍ଡର ଆହ୍ୱାନ ହେଲା। ମାତ୍ର ୮ ମାସ ପରେ ବି ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ସୁବର୍ଣ୍ଣପୁର ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଏ ସମ୍ପର୍କିତ କୌଣସି ସୂଚନା ଆସିଲାନି । ତେବେ ଜମି ସ୍ୱାସ୍ଥ୍ୟକେନ୍ଦ୍ର ନାମରେ ନଥାଇ ଓ ଠିକାଦାରଙ୍କ ସହିତ ପୂର୍ତ୍ତ ବିଭାଗର ଚୁକ୍ତିନାମା ନ ହୋଇ ପ୍ରଶାସନ ଗତ ଜୁଲାଇ ୨୪ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଏହି ପ୍ରକଳ୍ପର ଶିଳାନ୍ୟାସ କରାଇଥିଲେ।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସତ୍ତ୍ୱେ ଜିଲାରେ ମାତୃ ଓ ଶିଶୁ ମୃତ୍ୟୁହାର ଉଦ୍‌ବେଗ ଜନକ ରହିଛି। ମାତୃ ଓ ଶିଶୁ ମୃତ୍ୟୁ ହାର ଅଧିକ ପାଇଁ ସମଗ୍ର ଦେଶରେ ଚିହ୍ନଟ ହୋଇଥିବା ୧୧୨ଟି ଜିଲା ମଧ୍ୟରେ ସୁବର୍ଣ୍ଣପୁର ଅଛି। ଏଥିସକାଶେ ୨୦୧୩-୧୪ ଆର୍ଥିକ ବର୍ଷର ରାଜ୍ୟ ବଜେଟ୍ ମାଷ୍ଟର ପ୍ଲାନରେ ସୁବର୍ଣ୍ଣପୁରରେ ୧୦୦ଶଯ୍ୟା ବିଶିଷ୍ଟ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ପ୍ରସ୍ତାବ ଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ଜିଲା ପ୍ରଶାସନ ପ୍ରଥମେ ନଳିନୀ ଛକଠାରେ ଜମି ଚିହ୍ନଟ କରିଥିଲା। ତେବେ ଜମି ଦେଇ ପାରିଲାନି ପ୍ରଶାସନ। ତତ୍କାଳୀନ ଜିଲାପାଳ ରବିନ୍ଦ୍ର ପ୍ରତାପ ସିଂ ସୋନପୁର ସବ୍‌ଜେଲର ଅବ୍ୟବହୃତ ଜମିରେ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ଅନୁମତି ପ୍ରଦାନ କରିବାକୁ ଜେଲ ବିଭାଗର ଡିଜିଙ୍କୁ ଚିଠି ଲେଖିଲେ। ବହୁ ବିଳମ୍ବରେ ଗୃହ ବିଭାଗ ଜମି ଦେଲା। ପଟାଭାଡିସ୍ଥିତ ଅଢେଇ ଏକର ଜମିରେ ଏମସିଏଚ କୋଠା ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ମାଟି ପରୀକ୍ଷା କରିଥିଲା। ଏହି ଜମିରେ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ନ ହୋଇ ଏକ ଗୋଦାମ ନିର୍ମାଣ ଚାଲିଛି। ୧ କୋଟି ୪୮ ଲକ୍ଷ ଟଙ୍କା ବ୍ୟୟରେ ଇଭିଏମ ଓ ଭିଭିପିଏଟି ରଖିବା ପାଇଁ ଗୋଦାମ ହେଉଛି। ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ଏବେ ସୋନପୁର-ସରଧାପାଲି ରାସ୍ତାର ଡି-କଲୋନି ପଛପଟେ ଜମି ମିଳିଛି। ଗତ ୭ ତାରିଖରେ ସ୍ଥାନୀୟ ମ୍ୟୁନିସିପାଲିଟି ୨.୦୮୨ ଏକର ଜମି ସ୍ୱାସ୍ଥ୍ୟକେନ୍ଦ୍ର ନାମରେ ଲିଜ୍ ଡିଡ୍ କରିଛି। ସେହିପରି ସୋନପୁର ତହସିଲଦାର ୭.୯୬୨ ଏକର ଜମି ଏମସିଏଚ ଓ ଡିଏଚଏଚ ନିର୍ମାଣ ପାଇଁ ଅନୁମତି ପ୍ରଦାନ କରିଛନ୍ତି । ତେବେ ମହାନଦୀ ପାର୍ଶ୍ୱରେ ଖାଲୁଆ ଅଞ୍ଚଳରେ ଜମି ପ୍ରଦାନକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। କାରଣ ବନ୍ୟା ହେଲେ ଏହି ଅଞ୍ଚଳରେ ପାଣି ପଶିଥାଏ। ଏଥିପାଇଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।



ଏମସିଏଚ୍ ନିର୍ମାଣ ପାଇଁ ନୂତନ ଭାବେ ଚିହ୍ନଟ ହୋଇଥିବା ସ୍ଥାନ ।

**ସୁବର୍ଣ୍ଣପୁର ଜିଲା**

- ଟଙ୍କା ଫେରସ୍ତ କର: ଏନ୍ଏଚଏମ ନିର୍ଦ୍ଦେଶିକା
- ଜମି ପ୍ରଦାନରେ ଜିଲା ପ୍ରଶାସନର ବିଳମ୍ବ

**ଏମାନେ ଯାହା କୁହନ୍ତି..**

“ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର ଉନ୍ନତି ପାଇଁ ପଦକ୍ଷେପ ନିଆଯାଉଛି। ବିଳମ୍ବ ହୋଇଥିଲେ ହେଁ ସେଭଳି ସମସ୍ୟା ନାହିଁ। ସୋନପୁର-ସରଧାପାଲି ରାସ୍ତାପାର୍ଶ୍ୱରେ ୧୦ଏକର ଜମି ଦିଆଯାଇଛି। ଏଠାରେ ନୂତନ ଭାବେ ୭ ମହଲା ବିଶିଷ୍ଟ ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ଓ ୪ମହଲା ବିଶିଷ୍ଟ ଏମସିଏଚ ନିର୍ମାଣ ହେବ। ଆବଶ୍ୟକ ପଡିଲେ ଏନ୍ଏଚଏମ ନିର୍ଦ୍ଦେଶିକାଙ୍କ ସହିତ ଏ ନେଇ ଆଲୋଚନା କରାଯିବ। ଖୁବ୍‌ଶୀଘ୍ର ଏମସିଏଚ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ।

**-ମଧୁସୂଦନ ମିଶ୍ର, ଜିଲାପାଳ**

“ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ୨୦୧୩-୧୪ରେ କେବଳ ପ୍ରସ୍ତାବ ଥିଲା। ୨୦୧୭ରେ ଏନଏଚଏମ ଅର୍ଥ ମଞ୍ଜୁର କରିଛି। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଗୋଟିଏ ସ୍ଥାନରେ ନୂତନ ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର(ଡିଏଚଏଚ) ଓ ଏମ୍ସିଏଚ ନିର୍ମାଣ ହେବ। ଜମି ପାଇଁ ସମସ୍ୟା ଥିଲା। ବିଳମ୍ବ ହେଲା। ଏବେ ଆଉ କୌଣସି ଅସୁବିଧା ନାହିଁ।

**-ଡାକ୍ତର ବିଜୟଲକ୍ଷ୍ମୀ ଗୁରୁ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ**

“ ପ୍ରଶାସନ ପାନୀୟ ମଦ ନିଗମର ଗୋଦାମ ପାଇଁ କଳାପଥର ଛକ ରାସ୍ତାପାର୍ଶ୍ୱରେ ୬ ଏକର ଜମି ଦେଇପାରିଲେ। କିନ୍ତୁ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଉପଯୁକ୍ତ ଜମି ମିଳିଲାନି। ଏବେ ବହୁ ବିଳମ୍ବରେ ନଦୀକୂଳରେ ଯେଉଁ ଜମି ଦେଇଛନ୍ତି ତାହା ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ଅନୁପଯୁକ୍ତ । ପ୍ରଶାସନ ବିକାଶମୂଳକ କାର୍ଯ୍ୟ ସମ୍ପାଦିତ କରିବାରେ ପଛୁଆ। ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିବା ପରେ ମଧ୍ୟ ଜମି ନ ମିଳିବା ଓ କାର୍ଯ୍ୟ ଆରମ୍ଭ ହୋଇ ନ ପାରିବା ଦୁର୍ଭାଗ୍ୟଜନକ ବିଷୟ ।

**-ସର୍ବେଶ୍ୱର ପୁରାହିତ, ଜିଲା ଓକିଲ ସଂଘ ସଭାପତି**

## ଦିନ ଦ୍ୱିପ୍ରହରରେ ଝାମ୍ପି ନେଲେ ୧.୫୮ଲକ୍ଷ

**ବୀରମହାରାଜପୁର, ୨୮।୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ରେଢାଖୋଲ-ବୌଦ୍ଧ ରାସ୍ତାର ପିତାମହୁଲ ନିକଟବର୍ତ୍ତୀ ବାଉରୀ ଯୋରଠାରେ ଲକ୍ଷାଧିକ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ସୁବଳୟା ଥାନାରେ ଆଇପିସିର ୩୯୪ ଏବଂ ଅସ୍ତ୍ରଶସ୍ତ୍ର ଆଇନର ଦଫା ୨୫ ଅନୁଯାୟୀ ଏକ ମାମଲା (ନଂ ୫୪/୧୮ )ରୁଜୁ କରି ପୋଲିସ ତଦନ୍ତ ଚଳାଇଛି । ତେବେ ଘଟଣାର ଦିନକ ପରେ ସୁଦ୍ଧା ଅଭିଯୁକ୍ତଙ୍କ କୌଣସି ସୁରାକ ମିଳିପାରି ନଥିବା କୁହାଯାଉଛି ।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ମତେ ହିନ୍ଦୁସ୍ଥାନ ଲିଭର ଲିମିଟେଡ ବୌଦ୍ଧସ୍ଥିତ ଡିପୋର ୨ଜଣ କର୍ମଚାରୀ ବୀରମହାରାଜପୁର ଅଞ୍ଚଳର ବ୍ୟବସାୟୀମାନଙ୍କଠାରୁ ଟଙ୍କା ଅସୁଲି କରି ଗୁରୁବାର ଅପରାହ୍ନରେ ବାଇକ ଯୋଗେ ବୌଦ୍ଧ ଫେରୁଥିଲେ। ଅଭିଯୋଗକାରୀ ଯୋଗୀନ୍ଦ୍ର କୁମାର ବାରିକଙ୍କ ସହ ସାଥୀରେ ଥିଲେ ସହକର୍ମୀ ଶରତ ମେହେର। ସେମାନଙ୍କୁ ଏକ ପଲସର ଗାଡିରେ ପିଛା କରୁଥିବା ୩ ଦୁର୍ବୃତ୍ତ ବାଉରି ଯୋରର ଅସ୍ଥାୟୀ ବୁଲାଣି ରାସ୍ତା ପାଖରେ ବାଟ ଓଗାଳିଥିଲେ। ବନ୍ଧୁକ ଦେଖାଇ ଭୟଭୀତ କରାଇବା ସହ ୧ଲକ୍ଷ ୫୮ହଜାର ଟଙ୍କା ଥିବା ବ୍ୟାଗ ନେଇ ଚମ୍ପଟ ମାରିଥିଲେ। କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ବିଚାର ବିମର୍ଶ ପରେ ଲୁଟ୍‌ର ଶିକାର ହୋଇଥିବା କର୍ମଚାରୀ ସନ୍ଧ୍ୟାବେଳେ ଏତଲା ଦାଏର କରିଥିଲେ। ଲୁଟେରାମାନଙ୍କୁ ଧରିବା ପାଇଁ ପୋଲିସ ତନାଘନା ଜାରି ରଖିଛି ବୋଲ ସୁବଳୟା ଥାନା ଆଇଆଇସି ହେମନ୍ତ କୁମାର ରାଓ ପ୍ରକାଶ କରିଛନ୍ତି।

## କପାଚାଷ ଫସଲ ପରିଚାଳନା ତାଲିମ ଶିବିର

**ବୀରମହାରାଜପୁର, ୨୮।୯ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରେ କପାଚାଷ ଆବୃତ୍ତି ହେଉଥିବାରୁ କପାଚାଷୀଙ୍କ ନିମନ୍ତେ ଫସଲ ପରିଚାଳନା ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ବୀରମହାରାଜପୁରସ୍ଥିତ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ସଭାଗୃହରେ ବୁଧବାର ଓ ଗୁରୁବାର ଦୁଇ ଦିନ ସକାଶେ ଏହାର ଆୟୋଜନ କରାଯାଇଥିଲା। କପା ବିଶେଷଜ୍ଞ ତଥା କଟକର ପୂର୍ବତନ କୃଷି ଉପନିର୍ଦ୍ଦେଶକ ବୈକୁଣ୍ଠନାଥ ବେହେରାଙ୍କ ଦ୍ୱାରା ପ୍ରଶିକ୍ଷଣ ଶିବିରର ଶୁଭାରମ୍ଭ କରାଯାଇଥିଲା। ଏଥିସହ ସେ ସମନ୍ୱିତ ରୋଗପୋକ, ପରିଚାଳନା, ସୁଷମ ଖାଦ୍ୟସାର ପରିଚାଳନା ଏବଂ ମୃତ୍ତିକା, ଜଳ ଓ ବିହନ ପରିଚାଳନା ଉପରେ ତାଲିମ ପ୍ରଦାନ କରିଥିଲେ। ସେହିପରି ବିଶେଷଜ୍ଞ (କପା) ସୋମନାଥ ମହାପାତ୍ର କପାର ଅମଳ ବୃଦ୍ଧିପାଇଁ ବିଭିନ୍ନ ପଦକ୍ଷେପ ତଥା କପା ଅମଳ ଓ ବିକ୍ରିବଟା ସମ୍ପର୍କରେ ଆଲୋଚନା କରିଥିଲେ। ସ୍ଥାନୀୟ ସହକାରୀ କୃଷି ଅଧିକାରୀ କାଳିନ୍ଦୀ ପରିଡା ଓ ତୁଷାରକାନ୍ତ ସାହୁ କପାଚାଷର ଉନ୍ନତି ପ୍ରଣାଳୀ, କୃଷି ଓଭରସିୟର ସୁଜାତା ପାତ୍ର ଏହାର ସଂରକ୍ଷଣ ସମ୍ପର୍କରେ ଆଲୋକପାତ କରିଥିଲେ। ସହକାରୀ ବୈଷୟିକ ସହାୟକ ମୀନକେତନ ମହାକୁର ଶିବିର ପରିଚାଳନା କରିଥିଲେ।



କପାଚାଷ ଫସଲ ତାଲିମ ପରିଚାଳନା ଶିବିରରେ ମଞ୍ଚାସୀନ ଅତିଥି।

# ବଣିକ ସଂଘ, ଔଷଧ ବ୍ୟବସାୟୀ ସଂଘର ଆନ୍ଦୋଳନ

**ସୁବର୍ଣ୍ଣପୁରରେ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ**

**ସୋନପୁର,୨୮।୯(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ବଣିକ ସଂଘ ଓ ଔଷଧ ବ୍ୟବସାୟୀ ସଂଘ ପକ୍ଷରୁ ୨୪ ଘଣ୍ଟିଆ ଭାରତ ଟ୍ରେଡ ବନ୍ଦ ପାଳନ କରାଯାଇଛି। ଏହାର ବ୍ୟାପକ ପ୍ରଭାବ ତମାମ ଜିଲାରେ ଅନୁଭୂତ ହୋଇଛି। ଜିଲା ସଦର ମହକୁମା ସହିତ ଡୁଙ୍ଗୁରିପାଲି, ବିନିକା, ତରଭା, ବୀରମହାରାଜପୁର ଓ ଉଲୁଣ୍ଡାରେ ଶୁକ୍ରବାର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା। ଏପରିକି ପେଟ୍ରୋଲ ପମ୍ପ ଓ ଗ୍ୟାସ ଏଜେନ୍ସିଗୁଡିକ ଖୋଲି ନ ଥିଲା। ଭାରତରେ ବହୁଦେଶୀୟ କମ୍ପାନୀ ମାନଙ୍କର ଖୁଚୁରା ବ୍ୟବସାୟରେ ପ୍ରବେଶ ଓ ବିଦେଶୀ ପୁଞ୍ଜି ନିବେଶକୁ ବିରୋଧ କରି ସୁବର୍ଣ୍ଣପୁର ଜିଲା ବ୍ୟବସାୟୀ ସଂଘ ପକ୍ଷରୁ ଏହି ବନ୍ଦ ପାଳନ କରାଯାଇଥିଲା। ଖୁଚୁରା ବ୍ୟବସାୟରେ ଏଫଡିଆଇର ପ୍ରବେଶ ଯୋଗୁଁ କ୍ଷୁଦ୍ର ବ୍ୟବସାୟୀ ପ୍ରଭାବିତ ହେବେ ବୋଲି ସଂଘ ଅଭିଯୋଗ କରିଛି। ଜିଲା ସଭାପତି ଧିରେନ କୁମାର ପଟ୍ଟନାୟକ, ସାଧାରଣ ସମ୍ପାଦକ ଗୁଣନିଧି ମେହେର, ଅଶ୍ୱିନୀ କୁମାର ତ୍ରିପାଠୀ, ଭି ସତ୍ୟନାରାୟଣ ରାଓ, ସଞ୍ଜୟ କୁମାର ନାୟକ, ଆନନ୍ଦ ଭୁତ ଓ ଗଣେଷ ମହାଲିକ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ସେହିପରି ସମାଜ ପାଇଁ କ୍ଷତିକାରକ ଅନଲାଇନ ଔଷଧ ବ୍ୟବସାୟକୁ ବିରୋଧ, ରୋଗୀଙ୍କୁ ଆବଶ୍ୟକୀୟ ଜରୁରୀ ଚିକିତ୍ସା ଓ ଔଷଧ ଯୋଗାଣର ସୁବିଧା, ଔଷଧର ସୁଷମ ବଣ୍ଟନ ଓ ଅଭାବକୁ ନିୟନ୍ତ୍ରଣ କରାଯିବା, ଔଷଧ ବିକ୍ରୟ ଉପରେ ଅଯୌକ୍ତିକ ପ୍ରତିଯୋଗିତା, ଖୁଚୁରା ଔଷଧ ବ୍ୟବସାୟୀଙ୍କ ଜୀବନ ଜୀବିକାର ସୁରକ୍ଷା, ଡାକ୍ତର ଫାର୍ମାଶିଷ୍ଟ ଓ ରୋଗୀଙ୍କ ମଧ୍ୟରେ ପରାମର୍ଶ ବ୍ୟବସ୍ଥା କାଏମ ରଖିବା ଏବ ଯୁବ ସମାଜକୁ ନିଶା ଔଷଧ କବଳରୁ ବଞ୍ଚାଇ ରଖିବା ଭଳି ୭ ଦଫା ଦାବି ନେଇ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନ ପକ୍ଷରୁ ମଧ୍ୟ ବନ୍ଦ ପାଳନ କରାଯାଇଥିଲା। ସଂଘର ଜିଲା ସଭାପତି ଆର୍ଯ୍ୟ ପ୍ରକାଶ ମାଝି, ସାଧାରଣ ସମ୍ପାଦକ ସତ୍ୟନାରାୟଣ ଦରୱାନ, କୋଷାଧକ୍ଷ ସୁବାଷ ଚନ୍ଦ୍ର ପଣ୍ଡା, ବିବେକାନନ୍ଦ ମହାରଣା, ଉମେଶ ଚନ୍ଦ୍ର ସାହୁ, ସଞ୍ଜିବ କୁମାର ପାଣିଗ୍ରାହୀ, ଶାନ୍ତନୁ କୁମାର ମହାପାତ୍ର, ନରେଶ କୁମାର ଅଗ୍ରୱାଲା, ପ୍ରଭାତ ଶତପଥୀ, ଜୟନାରାୟଣ ମେହେର, ପ୍ରେମାନନ୍ଦ ବିଶ୍ୱାଳ ପ୍ରମୁଖ ଜିଲାର ସମସ୍ତ ଔଷଧ ବ୍ୟବସାୟୀ ଆନ୍ଦୋଳନରେ ସାମିଲ ହୋଇଥିଲେ। ଏହି ଅବସରରେ ଔଷଧ ବ୍ୟବସାୟୀମାନେ ଏକ ବାଇକ ରାଲିରେ ସହର ପରିକ୍ରମା କରିଥିଲେ। ଏ ସମ୍ପର୍କିତ ଏକ ସ୍ମାରକପତ୍ର ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡାଙ୍କୁ ପ୍ରଦାନ କରାଯାଇଥିଲା।




ଔଷଧ ବ୍ୟବସାୟୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

# ଘରଯୁଗିଙ୍କୁ ମିଳିଲା ବାର୍ଦ୍ଧକ୍ୟ ଭତ୍ତା

**ବୀରମହାରାଜପୁର, ୨୮।୯(ଡି.ଏନ.ଏ.)**

ସମାଜରେ ତିଷ୍ଠି ରହିବା ପାଇଁ ଜୀବନ ସହିତ ଲଢ଼େଇ ଜାରି ରଖିଥିବା ଅସହାୟ ବିଧବା ମହିଳା ଘରଯୁଗୀ ଧଳଙ୍କୁ ଶେଷରେ ନ୍ୟାୟ ମିଳିଛି। ପ୍ରଶାସନ ପକ୍ଷରୁ ତାଙ୍କୁ ଠାବ କରାଯିବା ସହ ମଧୁବାବୁ ପେନସନ ଯୋଜନାରେ ସାମିଲ କରି ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଛି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତ ଅନ୍ତର୍ଗତ ବରଘାଟ ଗ୍ରାମର ଘରଯୁଗୀ ସ୍ୱାମୀ କାଳିଆ ଧଳଙ୍କ ମୃତ୍ୟୁପରେ ପରିବାର ପାଇଁ ଆଲୋଡା ହୋଇ ଯାଇଥିଲେ। ପୁଅ ବୋହୂ ଥାଇ ମଧ ପ୍ରାୟ ୪ବର୍ଷ ହେଲା ଏଣେତେଣେ ବୁଲି ପରଆଶ୍ରିତା। ଦରଦୀ ମଣିଷଙ୍କ ଦୟାରେ ଜୀବନ ବିତାଇ ରଖିଥିବା ବେଳେ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟରେ ରାତ୍ରିଯାପନ କରୁଥିବା ଦେଖିବାକୁ ମିଳୁଛି। ଦିନବେଳା ବାହାରୁ ବୁଲାବୁଲି କରି ଆସିଲେ ଡାକ୍ତରଖାନା ପାଖ ଗଛମୂଳରେ ସମୟ ଅତିବାହିତ କରନ୍ତି। ତାଙ୍କର ଅଭିଯୋଗ ଅନୁଯାୟୀ, ବାରମ୍ବାର ବିଧବା ଭତ୍ତା ଓ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଆବେଦନ କରି ସୁଦ୍ଧା ପାଇ ପାରି ନ ଥିଲେ। ଯାହା ତାଙ୍କ ପାଇଁ ଦୁର୍ବିସହ ହୋଇ ପଡିଥିଲା । ନୂଆଁଖାଇର ଉସନାଖି ଭିତରେ ତାଙ୍କୁ ଭେଟିଥିବା ବେଳେ ସେ ନିଜର କରୁଣ କାହାଣୀ ବଖାଣି ଥିଲେ। ଏନେଇ ସେପ୍ଟେମ୍ବର୧୬ ତାରିଖ ଧରିତ୍ରୀରେ ଚଲାପଥର ଚରିତ୍ର ଶୀର୍ଷକରେ ସ୍ଥାନିତ ହୋଇଥିଲା। ପରବର୍ତ୍ତୀ ଘଟଣାକ୍ରମ ଯାହାହେଉନା କାହିଁକି ବୀରମହାରାଜପୁର ଉପଜିଲାପାଳଙ୍କ ମଞ୍ଜୁରୀ ପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସାମାଜିକ ସୁରକ୍ଷା ଅଧିକାରୀ କ୍ଷୀରୋଦ ଭୂଷଣ ରାଏ ଶୁକ୍ରବାର ମଧ୍ୟାହ୍ନରେ ବୀରମହାରାଜପୁର ଉପଖଣ୍ଡ ଡାକ୍ତରଖାନା ପରିସରରେ ପହଞ୍ଚିଥିଲେ। ଗଛମୂଳରେ ଆଶ୍ରିତା ଘରଯୁଗୀଙ୍କୁ ଏକକାଳୀନ ୩ମାସର ଭତ୍ତା ବାବଦକୁ ୯୦୦ ଟଙ୍କା ସହିତ ଭତ୍ତା ବହି ପ୍ରଦାନ କରିଥିଲେ।



ସାମାଜିକ ସୁରକ୍ଷା ଅଧିକାରୀ କ୍ଷୀରୋଦ ଭୂଷଣ ରାଏ ବୀରମହାରାଜପୁର ଉପଖଣ୍ଡ ଡାକ୍ତରଖାନା ପରିସରସ୍ଥ ଗଛମୂଳରେ ଆଶ୍ରିତା ଘରଯୁଗୀଙ୍କୁ ୩ମାସର ଭତ୍ତା ଟଙ୍କା ଦେଉଛନ୍ତି।

**ଧରିତ୍ରୀ ପ୍ରଭାବ**

# କିଡନୀ ରୋଗ୍ ନେଲା ଯୁବଚାଷୀଙ୍କର ଜୀବନ୍

**ଅମରପାଲି, ୨୮।୯(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ୍ ବହଲପଦର ଗାଁର ଝନେ ଆଦିବାସୀ ଯୁବଚାଷୀ ଟଁକା ପଏସା ଅଭାବୁ ଚିକିତ୍ସା ନାଇଁ ହେଇପାରି କରି ଗଲା ଗୁରୁବାର ମୁରତ୍ତୁବରନ୍ କରିଛନ୍। ଇ ଚାଷୀ ଝନ୍କ ହେଉଛନ୍ ସୁଦାମ ନାଏକ(୩୫)। ସେ ପାଖାପାଖି ବଛରେ ହେଲା କିଡନୀ ରୋଗ୍‌ରେ ପିଡିତ୍ ଥିଲେ। ପହେଲା ଦିହିପା ଖରାପ ହେଲାରୁ ସୁବର୍ଣ୍ଣପୁର ମୁଖିଆ ଡାକ୍ତରଖାନାରୁ ଉଷୋକସା ଆନି ଖାଇଥିଲେ। ହେଲେ ଦିହି ଭଲ୍ ନାଇଁ ହେଲାରୁ ପଛେ ସମ୍ବଲପୁର ଆର୍ ବୁର୍ଲା ଡାକ୍ତରଖାନାକେ ଯାଇ ପରୀକ୍ଷା କରେଇଥିଲେ। ବୁର୍ଲାରେ ଡାକ୍ତର ତାହାକୁ କିଡନୀ କରାପ ହେଇଥିବାର କହିଥିଲେ। ସେଠାନୁ ସେ ଉଷୋକସା ଆନି ଖାଏଲେ ହେଲେ ରୋଗ୍ ନାଇଁ କମ୍‌ଲା। ସେଥିର୍‌ଲାଗି ସେ ଧାରଉଧାର କରି କଟକ ଆର୍ ଭୁବନେଶ୍ୱର ଯାଇ ଚିକିତ୍ସା କରେଇଥିଲେ। ହେଲେ ସେ ଝନେ ନାମମାତ୍ର ଚାଷୀ ଆର୍ ଅଭାବ ଅନାଟନ ଲାଗି ଠିକ୍ ସମିଆରେ ଉଷୋକସା ଘିନି ନାଇଁ ପାରୁଥାଇ। ଏନ୍ତା କି ଡାକ୍ତର ତାହାକୁ ଡାଇଲେସିସ କର୍‌ବାର ସଂଗେ କିଡନୀ ବଦ୍‌ଲାବାକେ ଉପ୍‌ଦେଶ ଦେଇଥିଲେ। ହେଲେ ସେ ସମିଆରେ ଅସାହା ସନ୍ତୋଷର ଟଁକାଟେ ବି ଠୁଲାବାର ଶକ୍ତି ନାଇଁଥାଇ। ସେଥିର୍‌ଲାଗି ନିଜର ଭାଏଗ୍‌କେ ଆଦ୍‌ରି ଘରେ ରୋଗ୍‌ଥି ସଢ଼ବାର ସଂଗେ ଛଟ୍‌ପଟ୍ ହେଉଥିଲେ। ଶେଷେ ଚିକିତ୍ସା ଅଭାବେ ଘରେ ପଡି ପଡି ମରିଗଲେ। ସେ ଝନେ ନାମମାତ୍ର ଚାଷୀ ଥିଲେ। ଜମି କହେଲେ ଏକ୍‌ରେରୁ ବି କମ୍। ତାକର ପରିବାର କହେଲେ ମାଏଝି ସଞ୍ଜୁଲତା ଆର୍ ଦୁଇ ଝିଁପୁଓ। ପୁଓ ଉମାକାନ୍ତ ଗାଁ ସ୍କୁଲ୍‌ରେ ୪ ଶ୍ରେଣୀରେ ପଢୁଥିଲା ବେଳେ ଝି ଅଙ୍କିତା(୩) ମା'ର ପନତ୍ କାନି ନୁହେ ଛାଡନ୍। ସନ୍ତୋଷ ନିଜର ଦୁଇ ଟୁକ୍‌ରିକ ଚାଷ୍‌ବାସ କର୍‌ବାର ସଂଗେ କୁଲି ମଜୁରି କରି ପରିବାର ଚଲଉଥିଲେ। ହେଲେ ଦିହି ନସ୍‌ଲା ଉତାରୁ ସେ ଜମି ଖଁଡ୍‌କ ବି ବଁଧା ପକେଇ ଦେଇଛନ୍। ଉଭଏ କେନ୍ଦ୍ର ଆର୍ ରାଏଜ୍ ସରକାର ଆୟୁଷ୍ମାନ ଯୋଜ୍‌ନା ଆର୍ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜ୍‌ନାରେ ଗରିବ ଲୁକ୍‌କୁ ମାହାଲିଆ ଚିକିତ୍ସା ସୁବିଧା ଯୁଗେଇ ଦେଉଥିବାର ଡିଁଗ୍‌ରା ପିଟୁଛନ୍। ହେଲେ ଏନ୍ତା ଅସାହା, ନିହାତି ଗରିବ୍ ଲୁକ୍‌କର ପାସେ ଇ ଯୋଜ୍‌ନାମାନ୍ ପୁହୁଁଚି ନାଇଁ ପାରୁଥିବାର ଘଟ୍‌ନାରୁ ଫଟିକ୍ ଜନାପଡୁଛେ। ମୁରତକ୍ ସନ୍ତୋଷଙ୍କର ପାସେ ସ୍ୱାସ୍ଥ୍ୟ କାର୍ଡ ଥିଲା। ଜୀବନ ଗଲା ହେଲେ ସରକାରୀ ଯୋଜ୍‌ନାରେ ମିଲିଥିବାର ସ୍ୱାସ୍ଥ୍ୟ କାର୍ଡ କେହେନ୍‌ସି କାମେ ନାଇଁ ଲାଗ୍‌ଲା। ଏନ୍ତା କି ମୁରତକ୍ ଝନ୍କ ବିପିଏଲ ଶ୍ରେଣୀର ହେଇଥିଲା ବେଲେ ଆଏଜ୍‌ତକ୍ ତାକର ପରିବାରକେ କେହେନ୍‌ସି ସରକାରୀ ଯୋଜ୍‌ନାରେ ପକ୍କା ଘର୍‌ଖଁଡେ ନାଇଁ ମିଲିପାରି। ଏହେଦେ ସନ୍ତୋଷର ମୁରତୁ ଉତାରୁ ପରିବାର୍‌ର ସବୁ ବୋଝ୍ ତାକର ମାଏକିନା ସଞ୍ଜୁଲତା ଉପ୍‌ରେ ପଡିଛେ। ସେ ଝନେ କେଁଦୁପତର ତୁଲାଲି ଆଏ। କେଁଦୁପତର ବିଭାଗ୍ ପତର ତୁଲାଲିକର ବୀମା କରାସି, ହେଲେ ବିଭାଗ୍ ତର୍‌ଫୁ ସଞ୍ଜୁଲତାକେ ସାହାଯ୍ ମିଲ୍‌ବା କି ନାଇଁ ସେଟା ବି ଜନା ନାଇଁପଡ଼ବାର। ଛୋଟ୍ ଛୋଟ୍ ଛୁଆ ଦୁଇଟାକୁ ନେଇ କେନ୍‌ଥେଇ ପରିବାର ଚଲାବେ ସଞ୍ଜୁଲତା ସେ ଚିନ୍ତାରେ ହରମେଶା ଘାରି ହେଉଛନ୍। ଧାର ଉଧାର ହେଇଥିବାର ଲକ୍ଷାଧିକ୍ ଟଁକା କେନ୍‌ଥେଇ ସୁଝ୍‌ବେ ସେ ଚିନ୍ତାରେ ସେ ଭାଙ୍ଗି ପଡୁଛନ୍। ପର୍‌ଶାସନ୍ ଇ ଘଟ୍‌ନାକେ ଗୁରୁତ୍ ଦେଇ ଯେତେ ଜଲ୍‌ଦି ହେବା ପରିବାରକେ ଆରଥିକ ସାହାଯ୍ ସଂଗେ ପକ୍କାଘର ଖଁଡେ ଯୁଗେଇ ଦେବାକେ ଦାବି ହେଉଛେ।



ସନ୍ତୋଷ (ଫାଇଲ ଫଟୋ )।

**ବୀରମହାରାଜପୁର ବ୍ଲକ**

- ନାମମାତ୍ର ଚାଷୀ ଥିଲେ ସନ୍ତୋଷ
- ଚିକିତ୍ସା ଲାଗି ନାଇଁ ମିଲ୍‌ଲା ସରକାରୀ ସାହାଯ୍
- ସ୍ୱାସ୍ଥ୍ୟ ବୀମା କାର୍ଡ କାମେ ନାଇଁ ଲାଗ୍‌ଲା

ଧରିତ୍ରୀ DHARITRI
ସମ୍ବଲପୁର, ଶନିବାର, ୨୯ ସେପ୍ଟେମ୍ବର, ୨୦୧୮



ନିର୍ବୋଧମାନଙ୍କ ଅଭିଧାନରେ ହିଁ ଅସମ୍ଭବ ଶବ୍ଦର ସ୍ଥାନ ପାଇଥାଏ।
- ନେପୋଲିୟନ ବୋନାପାର୍ଟ



## ସଂକ୍ଷେପରେ

### ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ

ବୌଦ୍ଧ,୨୮।୯(ସ୍ୱ.ପ୍ର): ଭାରତୀୟ ଖୁଚୁରା ବଜାରରେ ବିଦେଶୀ ପୁଞ୍ଜି ନିବେଶକୁ ବିରୋଧ କରି ଭାରତୀୟ ବ୍ୟବସାୟୀ ସଂଘ ପକ୍ଷରୁ ଦିଆଯାଇଥିବା ବନ୍ଦ ଡାକରାରେ ବୌଦ୍ଧ ଜିଲାର ବିଭିନ୍ନ ବ୍ୟବସାୟୀ ସଂଘ ସାମିଲ ହୋଇଥିଲେ । ଏହି କ୍ରମରେ ଶୁକ୍ରବାର ବୌଦ୍ଧ ସହର ସମେତ କଣ୍ଟାମାଳ, ମନମୁଣ୍ଡା, ବାଉଁଶୁଣୀ, ପୁରୁଣାକଟକ, ଚାରିଛକ ଏବଂ ହରଭଙ୍ଗା ଆଦି ଅଞ୍ଚଳରେ ବ୍ୟବସାୟିକ ପ୍ରତିଷ୍ଠାନ ସବୁ ବନ୍ଦ ରହିଥିଲା । ସରକାର ତାଙ୍କ ଦାବି ସବୁ ନ ମାନିଲେ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ବୌଦ୍ଧ ବ୍ୟବସାୟୀ ସଂଘ ସଭାପତି ସୁବାଶ ଚନ୍ଦ୍ର ସାହୁ କହିଥିଲେ ।

### ଜିଲାସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବ

ବୌଦ୍ଧ,୨୮।୯(ସ୍ୱ.ପ୍ର): ବୌଦ୍ଧ ପଞ୍ଚାୟତ ଭବନଠାରେ ଜିଲାସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ବାଚସ୍ପତି ପ୍ରଦୀପ କୁମାର ଅମାତ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲାପାଳ ସୀତାଂଶୁ କୁମାର ରାଉତ, ଜିଲା ପରିଷଦ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ଭୋଇ ଓ ଉପାଧ୍ୟକ୍ଷ ଅକ୍ରୁର ସେଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଉତ୍ସବରେ ଡିଆର୍‌ଡିଏ ପ୍ରୋଗାମ ଅଫିସର ନିରଜ କୁମାର ମିଶ୍ର, ଅଶୋକ କୁମାର ସାହୁ, ପ୍ରଦୀପ କୁମାର ଦାଶ, ଜିଆରଏସ ବାବୁଲା ମହାକୁଡ, ରବିନ୍ଦ୍ର ଭୋକ୍ତା, ନରେନ୍ଦ୍ର କୁମାର ଭୋଇ, ଦୀନେଶ କୁମାର ପରିଡା ଓ ଅବିନାଶ ମୁଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଦରମା ସହ ପେନସନ ଦାବି

# ଗର୍ଜିଲେ ୱାର୍ଡ ସଭ୍ୟାସଭ୍ୟ

ତଳଗାଁ,୨୮।୯(ଡି.ଏନ.ଏ.)

ସାରା ରାଜ୍ୟରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ କର୍ମଚାରୀ ସଙ୍ଗଠନ ଗୁଡିକ ଦରମା ବୃଦ୍ଧି ଓ ଅନ୍ୟାନ୍ୟ ଅନୁସଙ୍ଗିକ ସୁବିଧା ଦାବି କରି ଆନ୍ଦୋଳନ କରି ଆସୁଥିବା ବେଳେ ଶୁକ୍ରବାର ବୌଦ୍ଧ ଜିଲା ହରଭଙ୍ଗା ବ୍ଲକରେ ୱାର୍ଡ ସଭ୍ୟାସଭ୍ୟମାନେ ଗର୍ଜନ ସମାବେଶ କରିଛନ୍ତି । ବ୍ଲକର ୨୨ଟି ପଞ୍ଚାୟତର ନିର୍ବାଚିତ ୱାର୍ଡସଭ୍ୟାସଭ୍ୟ ମାନେ ମାସିକ ଦରମା ସାଙ୍ଗକୁ କାର୍ଯ୍ୟକାଳ ସରିବା ପରେ ନିୟମିତ ଅବସରକାଳୀନ ପେନସନ ଯୋଗାଇ ଦେବା ଦାବି କରିଥିଲେ । ପ୍ରାୟ ୩ ଶହରୁ ଊର୍ଦ୍ଧ୍ୱ ନିର୍ବାଚିତ ୱାର୍ଡ ସଭ୍ୟାସଭ୍ୟମାନେ ଶୁକ୍ରବାର ଚାରିଛକ ସ୍ଥିତ ଫରେଷ୍ଟ କର୍ପୋରେଶନ ଅଫିସ୍ ନିକଟରେ ଏକ ବୈଠକ କରିଥିଲେ । ରାଜ୍ୟ ସରକାର ବିଧାୟକ ପାଣ୍ଠି ସାଙ୍ଗକୁ ସେମାନଙ୍କ ଦରମା ଓ ଭତ୍ତା ବୃଦ୍ଧି କରୁଛନ୍ତି । ତେବେ ପଞ୍ଚାୟତରାଜ ବିଧି ବ୍ୟବସ୍ଥା ଅନୁଯାୟୀ ନିର୍ବାଚିତ ହେଉଥିବା ୱାର୍ଡ ସଭ୍ୟାସଭ୍ୟମାନେ ଗ୍ରାମାଞ୍ଚଳ ଲୋକଙ୍କ ପାଇଁ ତୃଣମୂଳ ସ୍ତରରେ କାର୍ଯ୍ୟ କରିଆସୁଥିଲେ ମଧ୍ୟ ସେମାନଙ୍କ ପ୍ରତି ସରକାର ବୈମାତୃକ ମନୋଭାବ ପୋଷଣ କରାଯାଉଛି । ତେଣୁ ରାଜ୍ୟ ସରକାର ତୁରନ୍ତ ନିର୍ବାଚିତ ସଭ୍ୟାସଭ୍ୟମାନଙ୍କୁ ମାସିକ ୮ ହଜାର ଟଙ୍କା ବେତନ ସହିତ କାର୍ଯ୍ୟକାଳ ସରିବା ପରେ ସେମାନଙ୍କୁ ୪ ହଜାର ଟଙ୍କା ପେନସନ ଦେବାକୁ ଦାବି କରିଥିଲେ। ସେମାନଙ୍କ କାର୍ଯ୍ୟକାଳ ମଧ୍ୟରେ ରହିବା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୋଟିଏ ଗୃହ ଯୋଗାଇ ଦେବାକୁ ଦାବି କରାଯାଇଥିଲା। ସଂଘ ସଦସ୍ୟମାନେ ତହସିଲ କାର୍ଯ୍ୟାଳୟ ସମ୍ମୁଖରୁ ଏକ ବିଶାଳ ସଭାଯାତ୍ରାରେ ଚାରିଛକ ବଜାର ପରିକ୍ରମା କରି ହରଭଙ୍ଗା ବ୍ଲକ କାର୍ଯ୍ୟାଳୟକୁ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଯଦି ସରକାର ଏ ଦିଗରେ ବିହିତ ପଦକ୍ଷେପ ନ ନିଅନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ବ୍ଲକ ସଂଘ ସଭାପତି ନିର୍ଗୁଣ ମହାକୁଡ, ସମ୍ପାଦକ ଅଶୋକ କୁମାର ଦେହୁରି, ଲଭାଗିନୀ ପ୍ରଧାନ, ସଞ୍ଜୟ ଦେହୁରୀ ପ୍ରମୁଖ ଚେତାବନୀ ଦେଇଛନ୍ତି ।



ସମାବେଶରେ ଯୋଗଦେଇଥିବା ୱାର୍ଡ ସଭ୍ୟାସଭ୍ୟମାନେ ।

## ଓଡ଼ିଆରେ ନାମ୍‌ଫଲକ ନାଇଁ ଲେଖିଲେ ଜରିମାନା

ବିଜେପୁର, ୨୮।୯ (ଡି.ଏନ.ଏ)

ବିଜେପୁର ଏନଏସି ସଦର ମହକୁମାରେ ଥିବାର କଲ୍ୟାଣ ମଡପ୍ ପରିସରରେ ନାମ୍‌ଫଲକ ଆର୍ ପ୍ଲାଷ୍ଟିକ୍ ବର୍‌ଜନ ଉପ୍‌ରେ ଗୁଟେ ବଇଠକ୍ ଅନୁଷ୍ଠିତ୍ ହେଇଯାଇଛେ। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିଷ୍ଣୁପ୍ରିୟା ମିଶ୍ରଙ୍କର ଅଧ୍ୟକ୍ଷତାନେ ବେପାରୀ ସଂଘର ସଭାପତି ଅରୁଣ ମହାଣା, ସମ୍ପାଦକ ସୂର୍ଯ୍ୟ କୁମାର ମାହାଣା ମଁଚାସୀନ୍ ଥିଲେ। ରାଏଜ୍ ସରକାରଙ୍କର ନିର୍ଦ୍ଦେଶ ହିସାବେ ଆଏବାର ଅକ୍ଟୋବର ପହେଲାରୁ ବେଉସାୟୀ ପର୍‌ତିଷ୍ଠାନର ନାମ୍‌ଫଲକ୍ ଓଡ଼ିଆରେ ଲେଖିବାର ସଂଗେ ପଲିଥିନ୍ ବେଭାର ନାଇଁ କର୍‌ବାକେ ଆଲୋଚନା ହେଇଥିଲା। ଓଡ଼ିଆରେ ନାମ୍‌ଫଲକ ନାଇଁ ଲେଖିଲେ ଜରିମାନା ଦେବାକେ ପଡ଼ବା ବଲି ଏନଏସି ତର୍‌ଫୁ ସୂଚ୍‌ନା ଦିଆଯାଇଥିଲା। ସେନ୍‌ତା ପ୍ଲାଷ୍ଟିକ ବେଭାର କର୍‌କନାର ଖିଲାପ କଲେ ନିୟମ ଅନ୍‌ସାରେ ପଦକ୍ଷେପ ନିଆଯିବା। ଏନଏସି ଆର୍ ବେପାରୀ ସଂଘର ମିଲିତ୍ ଉଦିଅମ୍‌ରେ ଓଡ଼ିଆରେ ନାମ୍‌ଫଲକ ଲେଖିବାର ଆର୍ ପ୍ଲାଷ୍ଟିକ୍ ବର୍‌ଜନ ବାବ୍‌ଦେ ଗୁଟେ ସଚେତନତା ଶୋଭାଯାତ୍ରା ଶନିବାର ବିଜେପୁର ସହର ବୁଲ୍‌ବାର କାୟ୍‌କରମ୍ ଥିବାର ଏନଏସି ତର୍‌ଫୁ ସୂଚ୍‌ନା ଦିଆଯାଇଛେ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜାତକ ଦେଖ ହେ ନାହାକ**
**ବୋହୂ ଭାତ ଖାଉନାହିଁ ପାଆକ;**
**କି ଜାତକ ଦେଖିବି ମାଉସୀ**
**ବୋହୂ ଭିତରେ ଭିତରେ ଖାଉଛି ।**

କିଛି ବ୍ୟକ୍ତି ଲୁଚେଇ ଚୋରେଇ ଖାଦ୍ୟ ଖାଉଥିଲେ ମଧ ଉପରକୁ କିଛି ଖାଇ ନ ଥିବାର ମିଛ ଅଭିନୟ କରିଥାନ୍ତି। ଅନ୍ୟମାନେ ଏହାର ଟେର୍ ପାଇବା ସମ୍ଭବପର ହେଉ ନ ଥିବା ସ୍ଥଳେ ସତ କ'ଣ ଜାଣି ନ ପାରି ଖାଲି ଦୁଛାଟାରେ ବ୍ୟତିବ୍ୟସ୍ତ ହୋଇପଡ଼ିଥାନ୍ତି। ଲୁଚେଇ ଛପେଇ ଖାଦ୍ୟଖାଇ ନୀରବତା ଅବଲମ୍ବନ କରୁଥିବା ଚତୁରୀ ନାରୀଟି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଜହ୍ନି ମଞ୍ଜି କିଲୋ ଜହ୍ନି ମଞ୍ଜି**
**ଡାକେ ନାହିଁ କି ହାକେ ନାହିଁ**
**ବଳେ ପଶୁଥାଏ ପେଲି ଗୁଞ୍ଜି ।**

ଜହ୍ନି ମଞ୍ଜି ଦେଖିବାକୁ କଳା। ସାଧାରଣତଃ ବର୍ଣ୍ଣ କଳା ବା ଶ୍ୟାମଳ ହୋଇଥିବା ବ୍ୟକ୍ତିଙ୍କୁ ଅନେକେ ପସନ୍ଦ କରି ନ ଥାନ୍ତି। ତାଙ୍କ ସହ ସମ୍ପର୍କ ରଖିବା ତ ଦୂରର କଥା ଭଲରେ କଥା ପଦିଏ ହେବାକୁ କେହି ଇଚ୍ଛା କରି ନ ଥାନ୍ତି। ଏପରି ସ୍ଥଳେ ଉପରେ ପଡ଼ି ମିଶୁଥିବା ଶ୍ୟାମଳବର୍ଣ୍ଣା ଯୁବତୀ ପ୍ରତି ତାଚ୍ଛଲ୍ୟଭାବ ପ୍ରକାଶ ପାଇବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଜାତିଭାଇ ଆସିଲେନି, ସାମାଜିକ କର୍ମୀ କଲେ ଶବଦାହ

ବୌଦ୍ଧ,୨୮।୯(ସ୍ୱ.ପ୍ର)

ବୌଦ୍ଧ ଏନଏସି ଅନ୍ତର୍ଗତ ବୁଟୁପାଲି ଠାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଯିବା ପରେ ତାଙ୍କର ଶେଷକୃତ୍ୟ ପାଇଁ ଜାତିଭାଇ ଆସିଲେନି । ଫଳରେ ସ୍ଥାନୀୟ କେତେକ ସାମାଜିକ କର୍ମୀ ତାଙ୍କ ଶବକୁ ନେଇ ଗାଁ ଶ୍ମଶାନରେ ଦାହ ସଂସ୍କାର କରିଛନ୍ତି ।

ରାଧେଶ୍ୟାମ ଗିରି ନାମକ ଜଣେ ବ୍ୟକ୍ତି ଦୀର୍ଘବର୍ଷ ହେଲା ତାଙ୍କର ବନ୍ଧୁବାନ୍ଧବଙ୍କ ନିକଟରୁ ଅଲଗା ହୋଇ ବୁଟୁପାଲିର ଏକ ଭଡା ଘରେ ରହୁଥିଲେ । ଦୁଇପୁଅ, ଜଣେ ଝିଅ ଓ ସ୍ତ୍ରୀକୁ ନେଇ ତାଙ୍କର ପରିବାର । ବଡପୁଅ ବାହାରେ ସପରିବାର ରହୁଥିବାବେଳେ ସାନପୁଅ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଛନ୍ତି । ଗୁରୁବାର ୫୫ବର୍ଷ ବୟସରେ ରାଧେଶ୍ୟାମଙ୍କ ମୃତ୍ୟୁ ହୋଇଥିଲା । ଫଳରେ ସାନୁପଅ ତାଙ୍କ ବାପାଙ୍କ ମୃତ୍ୟୁ ଖବର ପାଇ ମଧ ଆସି ପାରି ନ ଥିଲେ । ଝିଅ ବିବାହ କରିଥିବାରୁ ଖବର ପାଇ ଜ୍ୱାଇଁ ଓ ରାଧେଶ୍ୟାମଙ୍କ ବଡପୁଅ ଗାଁରେ ଆସି ପହଞ୍ଚିଥିଲେ । ତେବେ ଶବ କାନ୍ଧ ଦେବାକୁ ଜାତିଭାଇ କେହି ନ ଆସିବାରୁ ବଡପୁଅ ଓ ଜ୍ୱାଇଁ ନିରାଶ ହୋଇ ବସିଥିଲେ । ଏହି ସମୟରେ ବୁଟୁପାଲି ଗ୍ରାମର ଗଙ୍ଗାଧର ସ୍ୱେଚ୍ଛାସେବୀ ସମିତିର ଇନ୍ଦ୍ରମଣି ମେହେରଙ୍କ ସମେତ ସଭାପତି ବିଦ୍ୟାଧର ମେହେର, ସୁମନ୍ତ ମେହେର, ରାମଚନ୍ଦ୍ର ମେହେର, ଧରଣୀଧର ମେହେର ଓ ସନ୍ତୋଷ ମେହେର କାନ୍ଧ ଦେଇ ଶବକୁ ଗାଁ ମଶାଣୀ ପର୍ଯ୍ୟନ୍ତ ନେଇଥିଲେ । ସେଠାରେ ଶବ ଦାହ ସଂସ୍କାରରେ ସହଯୋଗ ମଧ କରିଥିଲେ ।



ସାମାଜିକ କର୍ମୀମାନେ ରାଧେଶ୍ୟାମଙ୍କ ଶବ ଦାହ ସଂସ୍କାର କରୁଛନ୍ତି ।

# ମହିଳାଙ୍କୁ କୁଟିଆ ମଦ ବେପାରୀଙ୍କ ମାଡ, ୨ ଗିରଫ

ତଳଗାଁ,୨୮।୯(ଡି.ଏନ.ଏ.)

ବୌଦ୍ଧ ଜିଲା ହରଭଙ୍ଗା ଥାନା ଅନ୍ତର୍ଗତ ସୁରୁଣ୍ଡି ଗ୍ରାମର ବନ୍ଧିଲିସାହିରେ ବେଆଇନ ଭାବେ ଚୋରାମଦ ବିକ୍ରିକୁ ବିରୋଧ କରିବାକୁ ଯାଇ କୁଟିଆ ବେପାରିଙ୍କ ମାଡରେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଆହତ ମହିଳାଙ୍କ ସମେତ ଗ୍ରାମର ୩ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ସଦସ୍ୟା ହରଭଙ୍ଗା ଥାନାରେ ଅଭିଯୁକ୍ତଙ୍କ ନାଁରେ ଏତଲା ଦେଇଛନ୍ତି। ଉକ୍ତ ଏତଲାକୁ ଭିତ୍ତି କରି ପୋଲିସ ବେପାରୀ ବେହେରା(୪୩) ଓ ସୁଶାନ୍ତ ବେହେରା(୨୯) ନାମକ ଦୁଇଜଣ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି । ସୂଚନା ଅନୁସାରେ, ବନ୍ଧିଲିସାହିରେ ଗୁରୁବାର ରାତି ପ୍ରାୟ ୮ ଟା ସମୟରେ ବେପାରୀ ବେହେରା ଓ ସୁଶାନ୍ତ ବେହେରା ମଦ ବିକ୍ରି କରୁଥିଲେ। ଏହି ସମୟରେ ସାହିର କିଛି ମହିଳା ସେଠାକୁ ଯାଇ ୨ ପେଟି ପାଉଚ ମଦ ଜବତ କରିଥିଲେ । ଏଥିରେ ଉତ୍‌କ୍ଷିପ୍ତ ହୋଇ ବେପାରୀ ଓ ସୁଶାନ୍ତ ମହିଳାମାନଙ୍କୁ ଗାଳିଗୁଲଜ କରିବା ସହ ମାଡପିଟ୍ କରିଥିବା ଅଭିଯୋଗ ହୋଇଛି । ଏ ନେଇ ହରଭଙ୍ଗା ଥାନାରେ ଏକ ମାମଲା ( ନଂ. ୭୦/୧୮) ରୁଜୁ ହୋଇଛି ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT
7749095348, 8249919890

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527
+91 8126673652
ଠକମାନଙ୍କ ପ୍ରତି ସାବଧାନ

BARSHA FINANCE
ସବୁ ଜିଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ । (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

!! ବିନା ଗ୍ୟାରେଣ୍ଟର!!
ମହାବୀର ଫାଇନାନ୍ସ
ସ୍ୱରୋଜଗାର ପାଇଁ ଅଷ୍ଟମ/ଦଶମ ପାସ୍ ମହିଳା / ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନୀ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ, 25% ରିହାତି
20 ବର୍ଷରେ ଫେରସ୍ତ
7292015349
8447083534
41/14, SECTOR-1, PUSHP VIHAR, DELHI-110017

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ। ପ୍ରଥମେ କାମ ପରେ ଦାମ୍, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଭେହିକିଲ୍, ବ୍ୟବସାୟ, ସମସ୍ତ ଋଣ 2% ସୁଧ, 40% ରିହାତି ଘରେ ବସି ଉପଲବ୍ଧ।
DHANLAXMI FINANCE
Ram Nagar, Narnel, Haryana
7310612716
7310613702

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସଂପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠ୍‌କରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

Urbasi Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ ।
Stockist-Odisha Drug Distributor
Cell: 7873239883

ASHOKA FINANCE
ଫାଇନାନ୍ସ
ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୧୩୮୦ରେ (୧-୯୦ ଲକ୍ଷ) ପର୍ଯ୍ୟନ୍ତ ୦% ସୁଧ, ୬୦% ରିହାତି। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ରାଶନକାର୍ଡ, ଆଧାର କାର୍ଡ ସମସ୍ତ ଋଣ ୪୮ ଘଣ୍ଟାରେ।
H-33, Aroda, G. Noida, Delhi
8743042068
7900883466

FINANCE
ଭାରତ ସରକାର ରେଜିଷ୍ଟ୍ରଡ କମ୍ପାନି 1980 ରୁ ଆପଣଙ୍କ ସେବାରେ
Regd. No : OD14813486
କରୁଛି କେବଳ ଆଧାରକାର୍ଡ, ପ୍ରପୋର୍ଟି, ମାର୍କସିଟ୍, ପର୍ସନାଲ୍, ହୋମ, ଜମି, ଏଜୁକେସନ୍, ବିଜ୍‌ନେସ୍, ଲଘୁ ଉଦ୍ୟୋଗ ପାଇଁ ସମସ୍ତ ଋଣ ଘରେ ବସି ମାତ୍ର ୨୪ଘଣ୍ଟାରେ 1% ସୁଧ 40% ରିହାତି ବିଦ୍ୟାର୍ଥି ମାନଙ୍କୁ ସମ୍ପୂର୍ଣ୍ଣ ଅଗ୍ରାଧିକାର ।
ଅଧିକ ବିବରଣୀ ପାଇଁ ସମ୍ପର୍କ କରନ୍ତୁ
31 UA, Bangalow Road, Kamla Nagar, New Delhi
7751976559

FINANCE
P.M.J.S.Y ସମସ୍ତ ଆଧାରକାର୍ଡ ଧାରକମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ ସୁଧରେ ସବୁ ପ୍ରକାର ଋଣ ଯୋଗାଇ ଦେଉଛି । ଋଣ ପଇସା ୪୮ ଘଣ୍ଟା ଭିତରେ ବ୍ୟାଙ୍କ ଆଉଣ୍ଟ ଖାତାରେ ଟ୍ରାନ୍ସଫର ହେବ । 30% ସବସିଡି ।
Ameerpt, Hyderabad
Pin- 5000106 (Telengana)
7787922501
7787907927
pmjansamridhi@gmail.com

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି ।
B-19, Tower No-9, New Moti Bagh, New Delhi-110021
8658167603
7064382081

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ୍, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7750921669
8337956019

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠହରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ବୈଦିକ ବିଦ୍ୟାରେ ନିପୁଣ
9873361894, 9654673664

SMS JOB
Send SMS. Earn Money
JEEO GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike + 7500/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

ଭାରତର ନଂ.1 କମ୍ପାନୀ
!!ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ!!
ଦେଉଛି ବେରୋଜଗାର ଭାଇମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ
ମାର୍କଶିଟ୍, ଆଧାରକାର୍ଡ ଆଦି ଋଣ ମାତ୍ର 2 ଘଣ୍ଟାରେ ପ୍ରାପ୍ତ କରନ୍ତୁ
ମା ଓ ଭଉଣୀଙ୍କ ପାଇଁ ବିଶେଷ ରିହାତି
1% ସୁଧ, 50% ରିହାତି
6388753739
6399376206
Add : - 41/14, Sec-1 Pushp Vihar, Delhi

BUSINESS
ସରକାରୀ ଯୋଜନାଦ୍ୱାରା ଡିଜିଟାଲ୍ ଯାନ୍ତ୍ରିକ ଉପକରଣ ଗୁଡିକ ନିଜର ପ୍ଲଟ୍, କ୍ଷେତ, ଛାତ ଉପରେ ଶତ ପ୍ରତିଶତ ଗ୍ୟାରେଣ୍ଟେଡ୍ ଶୀଘ୍ର ଲଗାନ୍ତୁ
ଭଡା- ୧୨୦୦୦୦/- + ଆଡଭାନ୍ସ- ୧ କୋଟି ୨୦ ଲକ୍ଷ + କୋର୍ଟ ଏଗ୍ରିମେଣ୍ଟ
୨ ଚାକିରୀ + ରହିବା + ବିମା ଫ୍ରି
Office No.413, Commercial Complex, Paschim Vihar, New Delhi-64
08076675193
08700152155

SMS JOB
SEND SMS, EARN MONEY
AITEL - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ !
କମ୍ପାନୀ ଦ୍ୱାରା Mobile + Laptop + Bike SIM + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
07367075431
07367075342

Free GOLD COIN Free
A 2 Z FINANCE Ltd.
ଦିପାବଳୀ ଧମାକା
3 ଲକ୍ଷରୁ 5 କୋଟି
ଆଧାରକାର୍ଡ, ମାର୍କଶିଟ୍ ପ୍ରପର୍ଟି, ସମସ୍ତ ଋଣ ଘରେ ବସି
ସୁଧ ୦% ରୁ 6%
9506060250
Add : - 41/14, Sec-1 Pushp Vihar, Delhi

ଡିଜିଟାଲ ଉପକରଣ
ହିନ୍ଦୁସ୍ତାନ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odi577407) ଖାଲି ଜମି ଉପରେ ଡିଜିଟାଲ୍ ଟାୱାର ଲାଗନ୍ତୁ। ଅଗ୍ରିମ ୨୦,୦୦୦,୦୦, ଭଡ଼ା 70,000, 60,000ର ଅନ୍ୟାନ୍ୟ ସୁବିଧା + ଏକ ବାଇକ୍ + 1 ଲାପଟପ୍ ଫ୍ରି। ନୋଟ୍- (ଇଚ୍ଛୁକ ବ୍ୟକ୍ତି ନାମ, document Gmail/ଫୋନ୍ କରନ୍ତୁ।)
7302090964
2/2250, Rambagh Colony, Ramghat Road, Gali No.4 Tehsil- Koil, Dist- Aligarh

**ପାଠକଙ୍କ ପାଇଁ ସୂଚନା** — ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଅନ୍ୟମାନଙ୍କର ମତକୁ ସମ୍ମାନ ଦେଇ ଶିଖିଲେ, ତୁମେ ଯେକୌଣସି ସମାଜରେ ଚଳି ପାରିବ।

- ଚାର୍ଲସ ଫ୍ରହମ୍ୟାନ୍



## ସଂକ୍ଷେପରେ

### ପାଟଣା ହାଇକୋର୍ଟର ପ୍ରତିଷ୍ଠା ଦିବସ ପାଳିତ

**ବଲାଙ୍ଗୀର ଅଫିସ,୨୮।୯:** ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ର ପାଠାଗାରର ସମ୍ମିଳନୀ କକ୍ଷରେ ଅଭିଭାବକ ମଞ୍ଚ ତରଫରୁ ପାଟଣା ହାଇକୋର୍ଟ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ସାଇଟ୍ ପ୍ରତିଷ୍ଠାତା ଡ. ଶ୍ରୀକର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଜିଲା ଓକିଲ ସଂଘ ସଭାପତି ଅଶୋକ କୁମାର ମହାନ୍ତି ମୁଖ୍ୟଅତିଥି, ସମ୍ପାଦକ ଅମନ ନାଗ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ସତ୍ୟସୁନ୍ଦର ଭଞ୍ଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମଞ୍ଚ ସଭାପତି ଧର୍ମବ୍ରତ ରଥ ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚାସୀନ ଅତିଥିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଉପସଭାପତି ପ୍ରସନ୍ନ ମିଶ୍ର ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅକ୍ଟୋବର ୨ରୁ ଓଡିଶା, ଛତିଶଗଡ ଗଡଜାତ ରାଜ୍ୟ କମନ ହାଇକୋର୍ଟ ପ୍ରତିଷ୍ଠା ଦିବସ ଆସନ୍ତା ଜାନୁୟାରୀ ୧୫ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବାକୁ ମଞ୍ଚ ତରଫରୁ ସୂଚନା ଦିଆଯାଇଥିଲା। ପାଟଣା ହାଇକୋର୍ଟ ବେଞ୍ଚ ପୁନଃ ପ୍ରତିଷ୍ଠା ଆନ୍ଦୋଳନକୁ ଏକ ଜନଆନ୍ଦୋଳନରେ ପରିଣତ କରିଥିବା ସଂଗଠନମାନଙ୍କ କାର୍ଯ୍ୟକର୍ତ୍ତାଙ୍କୁ ମଞ୍ଚ ତରଫରୁ ସମ୍ମାନିତ କରାଯାଇଥିଲା। ବଲାଙ୍ଗୀର ଆକ୍ସନ କମିଟି ଆବାହକ ଗୋପାଳଜୀ ପାଣିଗ୍ରାହୀ, ନାଗରିକ କମିଟି ସଭାପତି ଭବାନୀ ଶଙ୍କର ଶତପଥୀ, ସମ୍ପାଦକ ବିଷ୍ଣୁ ପ୍ରସାଦ କେଡିଆ, ରେଳ ଉପଭୋକ୍ତା ସଂଘ ସଭାପତି ବିକ୍ରମାନନ୍ଦ ବହିଦାର, ସିଭିଲ ସୋସାଇଟି ସଭାପତି ନୀଳମଣି ମିଶ୍ର, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସଭାପତି ସତ୍ୟବ୍ରତ ବେଦବାକ, ନାରୀନେତ୍ରୀ ପଙ୍କଜିନୀ ପଣ୍ଡା, ବରିଷ୍ଠ ଅଧିବକ୍ତା ଜଗନ୍ନାଥ ଆଚାର୍ଯ୍ୟ, ଜୟରାମ ମିଶ୍ରଙ୍କୁ ମଞ୍ଚ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଡଭୋକେଟ୍ ଶୁଭ୍ରାଂଶୁ ଶେଖର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ବ୍ରହ୍ମ ବିଭ୍ରାଟ ରିପୋର୍ଟ ସାର୍ବଜନୀନ କରା ନ ଯିବା ପ୍ରସଙ୍ଗ

**ଭୁବନେଶ୍ୱର, ୨୮।୯(ବ୍ୟୁରୋ):** ବ୍ରହ୍ମ ବିଭ୍ରାଟ ରିପୋର୍ଟରେ ମହାପ୍ରଭୁଙ୍କ ଗୁପ୍ତ ରଣନୀତି ରହିଛି। ଏହା ଏକ ସମ୍ବେଦନଶୀଳ ବିଷୟ ହୋଇଥିବାରୁ ଉକ୍ତ ରିପୋର୍ଟକୁ ସାର୍ବଜନୀନ କରାଯିବ ନାହିଁ। ଏପରି କି ସୂଚନା ଅଧିକାର ବଳରେ ମଧ ଉକ୍ତ ରିପୋର୍ଟ ଦିଆଯିବ ନାହିଁ। ଗୁରୁବାର ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏଭଳି ନିଷ୍ପତ୍ତି ନିଆଯିବା ପରେ ବିରୋଧୀ ଭାଜପା ଓ କଂଗ୍ରେସ ଏହାକୁ ସମାଲୋଚନା କରିଛନ୍ତି। ଅପରପକ୍ଷରେ ଏହାର ଜବାବ ରଖିଛି ବିଜେଡି।

ଭାଜପା କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି ଯେ, ମନ୍ଦିର ପରିଚାଳନା କମିଟି ବ୍ରହ୍ମ ବିଭ୍ରାଟ ରିପୋର୍ଟକୁ ସର୍ବସାଧାରଣରେ ପ୍ରକାଶ ନ କରିବା ଏବଂ ଆର୍‌ଟିଆଇ ତଥ୍ୟ ମାଗିଲେ ନ ଦେବା ପାଇଁ ନେଇଥିବା ନିଷ୍ପତ୍ତିକୁ ଭାଜପା ନିନ୍ଦା କରୁଛି। ରାଜ୍ୟ ସରକାରଙ୍କ ପ୍ରଶାସନିକ ଅଧିକାରୀମାନେ ଜଗନ୍ନାଥ ସଂସ୍କୃତି ବିରୋଧରେ ଏକ ବିରାଟ ଷଡ଼ଯନ୍ତ୍ର କରୁଛନ୍ତି। ଜୁନ୍ ୨୦୧୫ ନବକଳେବର ସମୟରେ ଘଟିଥିବା ବ୍ରହ୍ମ ବିଭ୍ରାଟ ସମଗ୍ର ଓଡିଆ ଜାତି, ଜଗନ୍ନାଥ ସଂସ୍କୃତିପ୍ରେମୀ ଏବଂ ହିନ୍ଦୁ ସମାଜକୁ ଗଭୀର ଭାବେ ଆନ୍ଦୋଳିତ କରିଥିଲା। ଏହି ପ୍ରସଙ୍ଗକୁ ସାଢେ ୩ବର୍ଷ ବିତିଥିଲେ ମଧ ରାଜ୍ୟ ସରକାର ଏ ବାବଦରେ କୌଣସି ଅନୁସନ୍ଧାନ କଲେ ନାହିଁ। ଏଥିରେ ସମ୍ପୃକ୍ତ ବିଶୃଙ୍ଖଳିତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏନେଇ ମୁହଁ ନ ଖୋଲିବା ଦୁର୍ଭାଗ୍ୟଜନକ। ବ୍ରହ୍ମ ବିଭ୍ରାଟ ରିପୋର୍ଟ ସାର୍ବଜନୀନ ହେଲେ ରାଜ୍ୟ ସରକାରଙ୍କର ଅସଲ ଚେହେରା ପଦାରେ ପଡିଯିବ। ଏହା ବିରୋଧରେ ଭାଜପା କୋର୍ଟର ଆଶ୍ରୟ ନେବ ବୋଲି ଆଚାର୍ଯ୍ୟ କହିଛନ୍ତି। ବିରୋଧୀ ଦଳ ନେତା ନରସିଂହ ମିଶ୍ର କହିଛନ୍ତି ଯେ, ଯଦି ମନ୍ଦିର ପ୍ରଶାସନ ସେଭଳି ନିଷ୍ପତ୍ତି ନେଇଥାଆନ୍ତି ତେବେ ତାହା ଦୁର୍ଭାଗ୍ୟଜନକ। ମନ୍ଦିର ପ୍ରଶାସନର ଏହା ହେଉଛି ଭୁଲ୍ ନିଷ୍ପତ୍ତି। ଆର୍‌ଟିଆଇ ତଥ୍ୟରେ କ'ଣ ମିଳିପାରିବ ନା ନାହିଁ ତାହା ସୂଚନା ଅଧିକାର ଆଇନ ଉପରେ ନିର୍ଭର କରେ। ଏକଥା ପରିଚାଳନା କମିଟି ନିଷ୍ପତ୍ତି ଉପରେ ନିର୍ଭର କରୁନି। ଆଇନକୁ ତର୍ଜମା କରି ଯଦି ଜଣେ କହିପାରିବ ଏହା ଗୁପ୍ତ ସୂଚନା, ତେବେ ଏହା ସାର୍ବଜନୀନ କରାଯିବ ନାହିଁ। ନଚେତ୍ କମିଟି ଏଥିପାଇଁ ଯାହା ନିଷ୍ପତ୍ତି ନେଉ ନା କାହିଁକି ସେମାନେ ତଥ୍ୟ ଦେବାକୁ ବାଧ ବୋଲି ସେ କହିଛନ୍ତି। ବିଜେଡି ମୁଖପାତ୍ର ଅରୁଣ ସାହୁ କହିଛନ୍ତି ଯେ, ମନ୍ଦିର ପରିଚାଳନା କମିଟି ଯେଉଁ ନିଷ୍ପତ୍ତି କରିଛନ୍ତି ତାହା ସେମାନେ କାର୍ଯ୍ୟକାରୀ କରିବେ। ସେହି ନିଷ୍ପତ୍ତି ପରିଚାଳନା କମିଟିର ପରିସରଭୁକ୍ତ। ତେଣୁ ସେମାନେ ଯାହା ଘୋଷଣା କରିଛନ୍ତି ତାହା କାର୍ଯ୍ୟକାରୀ କରିବେ। ଭାଜପା ନେତାମାନେ ଯାହା ପାଆନ୍ତି କହିଚାଲନ୍ତି। ମନ୍ଦିର ପରିଚାଳନା କମିଟିରେ ଗଜପତି ମହାରାଜା ହେଉଛନ୍ତି ଚେୟାରମ୍ୟାନ ଏବଂ ସେଥିରେ ଅନ୍ୟମାନେ ସଦସ୍ୟ ଅଛନ୍ତି। ତେଣୁ କମିଟି ଯାହା ନିଷ୍ପତ୍ତି ନେଇଛି ତାହା ଚୂଡାନ୍ତ ନିଷ୍ପତ୍ତି।

### ହାଇକୋର୍ଟର ସ୍ଥାୟୀ ବେଞ୍ଚ ପୁନଃସ୍ଥାପନ ଦାବି

# ମିଳିତ କ୍ରିୟାନୁଷ୍ଠାନ କମିଟିର ଧାରଣା

**ବଲାଙ୍ଗୀର ଅଫିସ,୨୮।୯**

ବଲାଙ୍ଗୀରରେ ହାଇକୋର୍ଟର ସ୍ଥାୟୀବେଞ୍ଚ ପୁନଃସ୍ଥାପନ ଦାବିରେ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଶୁକ୍ରବାର ଜିଲାପାଳ କାର୍ଯ୍ୟାଳୟ ଓ ସିଭିଲ କୋର୍ଟ ବନ୍ଦ କରାଯାଇ ଧାରଣା ଦିଆଯାଇଥିଲା। ଏଥିରେ ଜିଲା ଓକିଲ ସଂଘ ସମେତ ଶତାଧିକ ସାମାଜିକ, ସାଂସ୍କୃତିକ ଏବଂ ସାମାଜିକ ସଂଗଠନ ସାମିଲ ହୋଇଥିଲେ। ପୂର୍ବତନ ପାଟଣା ଷ୍ଟେଟ୍‌ରେ ପୂର୍ବରୁ ଏକ ହାଇକୋର୍ଟ କାର୍ଯ୍ୟ କରୁଥିଲା। ଗଡଜାତ ମିଶ୍ରଣ ପରେ ଏହି ହାଇକୋର୍ଟ ଓଡିଶା ହାଇକୋର୍ଟରେ ବିଲୀନ ହୋଇଥିଲା। ସେହିଦିନଠାରୁ ବଲାଙ୍ଗୀରରେ ଓଡିଶା ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ସ୍ଥାପନ କରିବାକୁ ଦାବି ହୋଇଆସୁଛି। ସମଗ୍ର ଓଡିଶାରେ ବଲାଙ୍ଗୀରରେ ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବି ସବୁଠୁ ପୁରୁଣା ଓ ସରକାର ତୁରନ୍ତ ଏହାର ସୁବିଚାର କରି ହାଇକୋର୍ଟ ବେଞ୍ଚ ସ୍ଥାପନ କରିବା ଘୋଷଣା କରନ୍ତୁ ବୋଲି ସଭାରେ ଦାବି କରାଯାଇଥିଲା। ଯଶବନ୍ତ ସିଂ କମିଶନ ଓ ପାଲ କମିଶନ ଦ୍ୱାରା ପ୍ରଦତ୍ତ ମାପଦଣ୍ଡ ଅନୁସାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପାଇଁ ବଲାଙ୍ଗୀର ହିଁ ପ୍ରକୃଷ୍ଟ ସ୍ଥାନ। ବର୍ତ୍ତମାନ ମଧ ବଲାଙ୍ଗୀର ଜିଲାଜଜ୍ ଓଡିଶା ହାଇକୋର୍ଟର




ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଧାରଣା ଦିଆଯାଇଛି।

ଏକ୍ସ-ଅଫିସିଓ ରେଜିଷ୍ଟ୍ରାର ଭାବେ କାର୍ଯ୍ୟ କରୁଛନ୍ତି। ବଲାଙ୍ଗୀର ସପକ୍ଷରେ ବଳିଷ୍ଠ ଯୁକ୍ତି ଥାଇ ମଧ ବଲାଙ୍ଗୀରବାସୀଙ୍କ ନ୍ୟାର୍ଯ୍ୟ ଦାବିପୂରଣ ନହେବା ଦୁର୍ଭାଗ୍ୟଜନକ ବୋଲି ସଭାରେ ବକ୍ତାମାନେ କହିଥିଲେ। ଜିଲା ଓକିଲ ସଂଘ ସଭାପତି ଅଶୋକ ମହାନ୍ତି ଓ ସମ୍ପାଦକ ଅମନ ନାଗଙ୍କ ଆବାହକତ୍ୱ ତଥା ମିଳିତ କ୍ରିୟାନୁଷ୍ଠାନ କମିଟି ସଂଯୋଜକ ଲଳିତ କୁମାର ନାୟକଙ୍କ ପରିଚାଳନାକ୍ରମେ ଆୟୋଜିତ ଧାରଣା ସଭାରେ ଓକିଲ ସଂଘର ଶତାଧିକ ସଭ୍ୟ, ବିଭିନ୍ନ ସାମାଜିକ ଓ ରାଜନୈତିକ ଅନୁଷ୍ଠାନର କର୍ମକର୍ତ୍ତା ଓ କଲେଜ ଛାତ୍ରୀଛାତ୍ର ସାମିଲ ହୋଇ ସରକାରୀ ବିରୋଧୀ ସ୍ଲୋଗାନ ଦେଇଥିଲେ। ପ୍ରାରମ୍ଭରେ ସ୍ୱେଚ୍ଛାସେବୀ ସଂଗଠନ ପିକେ ଆସୋସିଏଟସ୍‌ର ସଭ୍ୟମାନେ ସିଭିଲ କୋର୍ଟରୁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଏକ ରାଲିରେ ଆସି ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିକୁ ସମର୍ଥନ ଜଣାଇଥିଲେ। ଓକିଲମାନଙ୍କ ଆନ୍ଦୋଳନ ଯୋଗୁଁ ସିଭିଲ କୋର୍ଟ ଜଜ୍‌ମାନେ କୋର୍ଟ ଭିତରକୁ ପ୍ରବେଶ କରିପାରି ନ ଥିଲେ। ଧାରଣାସ୍ଥଳରେ ମିଳିତ କ୍ରିୟାନୁଷ୍ଠାନ କମିଟି ସଭ୍ୟ ତଥା ବଲାଙ୍ଗୀର ନାଗରିକ କମିଟି ସଭାପତି ଭବାନୀଶଙ୍କର ଶତପଥୀ, ସମ୍ପାଦକ ବିଷ୍ଣୁପ୍ରସାଦ କେଡିଆ, ସିଭିଲ ସୋସାଇଟି ସଭାପତି ନୀଳମଣି ମିଶ୍ର, ଧର୍ମବ୍ରତ ରଥ, ଟଙ୍ଗିଆ ଜାମ୍ କମିଟି ସଭାପତି ଗୋପାଳ ହୋତା, ଆକ୍ସନ କମିଟିର ଗିରିଶ ସିଂଦେଓ, ବରିଷ୍ଠ ଆଇନଜୀବୀ ଲିଙ୍ଗରାଜ ପାଢ଼ୀ, ଜଗନ୍ନାଥ ଆଚାର୍ଯ୍ୟ, ଜୟରାମ ମିଶ୍ର, ସରୋଜ ପାଣିଗ୍ରାହୀ, ବିଜୟ ମିଶ୍ର, ରବି ବହିଦାର, ନିତ୍ୟାନନ୍ଦ ବରେଇ, ରତନ ମହାରଣା, ସତ୍ୟନାରାୟଣ ନାୟକ, ପ୍ରିୟରଞ୍ଜନ ବହିଦାର, ଅସିତ ଷଡଙ୍ଗୀ, ସଞ୍ଜୀବ ନାଥ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ ଥନାପତି, ଶେଷଦେବ ପାଣିଗ୍ରାହୀ, ବାଲାଜୀ ପଣ୍ଡା, ଶୁଭ୍ରାଂଶୁ ଶେଖର ପଣ୍ଡା, ନିଳାଦ୍ରୀ ବିହାରୀ ସିଂ, ଓକିଲ ସଂଘ ପୂର୍ବତନ ସମ୍ପାଦକ ସରୋଜ ଗୁପ୍ତା, ଆଶିଷ ଦର୍ଜି, ସଂଘର ଯୁଗ୍ମ ସମ୍ପାଦକ ଜଗଦୀଶ ପ୍ରଧାନ, ଅଡିଟର ନରେନ୍ଦ୍ର ତ୍ରିପାଠୀ, କୋଷାଧକ୍ଷ ମାନଭଞ୍ଜନ ବେରିହା, ଆଇନଜୀବୀ ବାସୁଦେବ ରଥ, ସୁରେନ୍ଦ୍ର ମିଶ୍ର, ସମୀର ମିଶ୍ର, ସଞ୍ଜୀବ ହୋତା, ଆନନ୍ଦ ମିଶ୍ର ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରସଙ୍ଗରେ ସରକାରଙ୍କ ଟାଳଟୁଳ ନୀତିର ଦୃଢ଼ ନିନ୍ଦା କରି ବଲାଙ୍ଗୀରରେ ଶୀଘ୍ର ହାଇକୋର୍ଟ ବେଞ୍ଚ ପୁନଃ ପ୍ରତିଷ୍ଠା କରିବାକୁ ସେମାନେ ଦାବି କରିଥିଲେ। ଓକିଲ ସଂଘ ସମ୍ପାଦକ ନାଗ ସମସ୍ତଙ୍କୁ ଫଳ ବଣ୍ଟନ କରିଥିଲେ। ମିଳିତ କ୍ରିୟାନୁଷ୍ଠାନ କମିଟିର ଏହି ଆନ୍ଦୋଳନ ଯୋଗୁଁ ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ, ଟୁଷୁରା, ଲୋଇସିଂହା, ସଇଁତଳା, ପାଟଣାଗଡ, କଣ୍ଟାବାଞ୍ଜିରେ କୋର୍ଟ କଚେରୀ କାର୍ଯ୍ୟ ବନ୍ଦ ରହିଥିଲା।

**ଜିଲାପାଳଙ୍କ କାର୍ଯ୍ୟାଳୟ, ସିଭିଲ କୋର୍ଟ ବନ୍ଦ**

- ସିଭିଲ କୋର୍ଟ ଜଜ୍ କୋର୍ଟକୁ ପ୍ରବେଶ କରିପାରିଲେନି
- ସରକାରଙ୍କ ଟାଳଟୁଳ ନୀତିର ଦୃଢ଼ ନିନ୍ଦା

## ତରଭା ସମ୍ପୂର୍ଣ୍ଣ ବାହ୍ୟ ଶୌଚମୁକ୍ତ ସହରାଞ୍ଚଳ ଘୋଷିତ

**ତରଭା, ୨୮।୯(ଡି.ଏନ.ଏ.)**

ସ୍ୱଚ୍ଛଭାରତ ମିଶନରେ ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦକୁ ସମ୍ପୂର୍ଣ୍ଣ ବାହ୍ୟ ଶୌଚମୁକ୍ତ ସହରାଞ୍ଚଳ ଭାବେ ଘୋଷଣା କରାଯାଇଛି। ଏହି ଉପଲକ୍ଷେ ଶୁକ୍ରବାର ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ଏକ ସମାରୋହର ଆୟୋଜନ କରାଯାଇଥିଲା। ବ୍ଲକ ସମ୍ମୁଖ କୃଷ୍ଣାର୍ଜୁନ ସାଂସ୍କୃତିକ କଳାମଣ୍ଡପରେ ନଗରପାଳ ମୋନିକାଲାଲ ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲାପାଳ ମଧୁସୂଦନ ମିଶ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପିଡି ଡିଆରଡିଏ ସୂର୍ଯ୍ୟନାରାୟଣ ଦାଶ, ବିଡିଓ ନିହାର ରଞ୍ଜନ କହଁର, ଆଇଆଇସି ଗୁରୁବାବୁ ଛତ୍ରିଆ, ବ୍ଲକ ଅଧକ୍ଷା ସସ୍ମିତା ମଲ୍ଲିକ, ସାଧନ କର୍ମୀ ରାଜେନ୍ଦ୍ର ଖାଙ୍କର ଓ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ କନିକା ଚକ୍ରବର୍ତ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଗତ ଭାଷଣ ଓ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ତରଭା ସହରରେ ଘରୋଇ ବ୍ୟକ୍ତିଗତ ଓ ସରକାରଙ୍କ ପ୍ରଦତ୍ତ ପ୍ରୋତ୍ସାହନ ରାଶି ଦ୍ୱାରା ୬୫୩ ଗୋଟି ଶୌଚାଳୟ ରହିଥିବା ବେଳେ ୪୬ଟି ଗୋଷ୍ଠୀ ଶୌଚାଳୟ ଓ ୧୬ଟି ସର୍ବସାଧାରଣ ଶୌଚାଳୟ ଖୋଲାଯାଇଥିବା ପ୍ରକାଶ କରିଥିଲେ।

### ଗାନ୍ଧୀନଗରପଡାରେ ଜଣ୍ଡିସ ଭୟ

## ପାଣି ନମୁନା ସଂଗ୍ରହ କଲା ସ୍ୱାସ୍ଥ୍ୟ ବିଭାଗ

**ବଲାଙ୍ଗୀର ଅଫିସ, ୨୮।୯**

ବଲାଙ୍ଗୀର ସହରରେ ଜଣ୍ଡିସ୍ ପୁଣି ଥରେ ମୁଣ୍ଡ ଟେକିଛି। କଦମପଡାରେ ଜଣ୍ଡିସ ଆକ୍ରାନ୍ତ ଚିହ୍ନଟ ହେବାର କିଛିଦିନ ପରେ ଗାନ୍ଧୀନଗରପଡା ବରଫ ମିଲ ପଛପଟ ପଡାରେ ଜଣେ ମହିଳା ଏଥିରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ମହିଳା ଜଣକ ଘର ଗୁରୁ (୫୬)। ଜଣ୍ଡିସ ଚିହ୍ନଟ ହେବା ପରେ ସେ ସନ୍ଥଭୀମଭୋଇ ମେଡିକାଲ କଲେଜ ହସପିଟାଲରେ ଚିକିତ୍ସା ହୋଇ ଘରକୁ ଫେରିଛନ୍ତି। ଗାନ୍ଧୀନଗରପଡାରେ ଜଣ୍ଡିସ୍ ରୋଗୀ ଚିହ୍ନଟ ହେବା ପରେ ବଲାଙ୍ଗୀର ସ୍ୱାସ୍ଥ୍ୟ ବିଭାଗ ଓ ମ୍ୟୁନିସିପାଲିଟି ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ଘରକୁ ଘର ଯାଇ ସର୍ଭେ କରାଯିବା ସହ ସ୍ୱାସ୍ଥ୍ୟ ସଚେତନତା ଓ ପରିମଳ ବ୍ୟବସ୍ଥା ଉପରେ ଲୋକଙ୍କୁ ବୁଝାଯାଉଛି। ଏହି ପଡାରୁ ନଳକୂଅ ଓ ପିଏଚ୍‌ଡି ପାଣି ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ସାନିଟାରୀ ଇନ୍ସପେକ୍ଟର ଦେବେଶ ରାଉତ୍, ସ୍ୱାସ୍ଥ୍ୟକର୍ମୀ ଦେବାଂଶୁ ରଞ୍ଜନ ମିଶ୍ର, ସନ୍ତୋଷ ମହାଣା, ସତ୍ୟନାରାୟଣ ଦାଶ ଓ ଆଶାକର୍ମୀ ଏହି ଅଞ୍ଚଳ ବୁଲି ସର୍ଭେ କରିବା ସହ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଡ୍ରେନ୍‌ରେ ବ୍ଲିଚିଂ ପାଉଡର ପକାଯିବା ସହ ନଳକୂପ ଓ ପିଏଚ୍‌ଡି ପାଣି ସଂଗ୍ରହ କରାଯାଇଥିଲା।



ଗାନ୍ଧୀନଗରପଡାରେ ସାନିଟାରୀ ଟିମ୍ ଘରକୁ ଘର ଯାଇ ସର୍ଭେ କରୁଛନ୍ତି।

## କପାଚାଷ ଫସଲ ପରିଚାଳନା ତାଲିମ ଶିବିର

**ବୀରମହାରାଜପୁର, ୨୮।୯ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରେ କପାଚାଷ ଆବୃତି ହେଉଥିବାରୁ କପାଚାଷୀଙ୍କ ନିମନ୍ତେ ଫସଲ ପରିଚାଳନା ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁରସ୍ଥିତ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ସଭାଗୃହରେ ବୁଧବାର ଓ ଗୁରୁବାର ଦୁଇ ଦିନ ସକାଶେ ଏହାର ଆୟୋଜନ କରାଯାଇଥିଲା। କପା ବିଶେଷଜ୍ଞ ତଥା କଟକର ପୂର୍ବତନ କୃଷି ଉପନିର୍ଦ୍ଦେଶକ ବୈକୁଣ୍ଠନାଥ ବେହେରାଙ୍କ ଦ୍ୱାରା ପ୍ରଶିକ୍ଷଣ ଶିବିରର ଶୁଭାରମ୍ଭ କରାଯାଇଥିଲା। ଏଥିସହ ସେ ସମନ୍ୱିତ ରୋଗପୋକ, ପରିଚାଳନା, ସୁଷମ ଖାଦ୍ୟସାର ପରିଚାଳନା ଏବଂ ମୃତ୍ତିକା, ଜଳ ଓ ବିହନ ପରିଚାଳନା ଉପରେ ତାଲିମ ପ୍ରଦାନ କରିଥିଲେ। ସେହିପରି ବିଶେଷଜ୍ଞ (କପା) ସୋମନାଥ ମହାପାତ୍ର କପାର ଅମଳ ବୃଦ୍ଧିପାଇଁ ବିଭିନ୍ନ ପଦକ୍ଷେପ ତଥା କପା ଅମଳ ଓ ବିକ୍ରିବଟା ସମ୍ପର୍କରେ ଆଲୋଚନା କରିଥିଲେ। ସ୍ଥାନୀୟ ସହକାରୀ କୃଷି ଅଧିକାରୀ କାଳିନ୍ଦୀ ପରିଡା ଓ ତୁଷାରକାନ୍ତ ସାହୁ କପାଚାଷର ଉନ୍ନତି ପ୍ରଣାଳୀ, କୃଷି ଓଭରସିୟର ସୁଜାତା ପାତ୍ର ଏହାର ସଂରକ୍ଷଣ ସମ୍ପର୍କରେ ଆଲୋକପାତ କରିଥିଲେ। ସହକାରୀ ବୈଷୟିକ ସହାୟକ ମୀନକେତନ ମହାକୁର ଶିବିର ପରିଚାଳନା କରିଥିଲେ।

### ଅନ୍‌ଲାଇନ୍ ଔଷଧ କ୍ରୟ, ଏଫ୍‌ଡିଆଇକୁ ବିରୋଧ

## ବଲାଙ୍ଗୀରରେ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ




ବନ୍ଦ ପାଳନ ଯୋଗୁ ବଲାଙ୍ଗୀରରେ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକ ଶୁକ୍ରବାର ବନ୍ଦ ରହିଛି।

**ବଲାଙ୍ଗୀର ଅଫିସ, ୨୮।୯**

ଅନ୍‌ଲାଇନ୍‌ରେ ଔଷଧକ୍ରୟ ଏବଂ ଖୁଚୁରା ବ୍ୟବସାୟରେ ଏଫ୍‌ଡିଆଇକୁ ବିରୋଧ କରି ଅଖିଳ ଭାରତ ଔଷଧ ବ୍ୟବସାୟୀ ସଂଘ ଏବଂ ବଣିକ ସଂଘ ପକ୍ଷରୁ ଦିଆଯାଇଥିବା ବନ୍ଦ ଡାକରା ଯୋଗୁଁ ଶୁକ୍ରବାର ବଲାଙ୍ଗୀର ସହରରେ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା। ଅନ୍‌ଲାଇନ୍ ଔଷଧ କ୍ରୟକୁ ବିରୋଧ କରାଯିବାରୁ ଔଷଧ ଦୋକାନ ଗୁଡିକ ବନ୍ଦ ରହିବାରୁ ସାଧାରଣ ରୋଗୀ ଓ ଲୋକ ଘୋର ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବଲାଙ୍ଗୀର ଜିଲା ବଣିକ ସଂଘ ପକ୍ଷରୁ ଏହି ବନ୍ଦ ଡକରାକୁ ସମର୍ଥନ କରାଯାଇଥିଲା। ଫଳରେ ସକାଳ ପ୍ରାୟ ୬ଟାରୁ ସମସ୍ତ ଛୋଟବଡ ଦୋକାନ, ଔଷଧ ଦୋକାନ ବନ୍ଦ ରହିଥିବା ଦେଖାଯାଇଥିଲା। ଏଭଳିକି ଡେଲିମାର୍କେଟରେ ମଧ ଶୁକ୍ରବାର ଅନେକ ଦୋକାନବଜାର ବନ୍ଦ ଥିବା ଦେଖାଯାଇଥିଲା। ବନ୍ଦ ପାଳନକୁ ଆଖି ଆଗରେ ରଖି ପୋଲିସ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ କରାଯାଇଥିଲା। ତେବେ ଶୁକ୍ରବାର ବନ୍ଦପାଳନ ଶାନ୍ତିପୂର୍ଣ୍ଣ ଭାବେ ସଫଳ ହୋଇଛି। ଓଡିଶା ସେଲସ୍ ରିପ୍ରେଜେଣ୍ଟେଟିଭ ୟୁନିୟନ ପକ୍ଷରୁ ଏହି ବନ୍ଦ ପାଳନକୁ ସମର୍ଥନ କରାଯାଇଥିଲା।

## ରାଜ୍ୟସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ରରେ ଅଭିଳାଷ ପ୍ରଥମ

**ବଲାଙ୍ଗୀର ଅଫିସ, ୨୮।୯**

ଭୁବନେଶ୍ୱରସ୍ଥିତ ରିଜିଓନାଲ ସାଇନ୍ସ ସେଣ୍ଟରଠାରେ ରାଜ୍ୟସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ରାଜ୍ୟର ୩୦ଟି ଜିଲାରୁ ୩୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଚଳିତବର୍ଷର ମୁଖ୍ୟ ବିଷୟ ଔଦ୍ୟୋଗିକ କ୍ରାନ୍ତି (୪.୦): ଆମେ ପ୍ରସ୍ତୁତ କି? ବିଷୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଅଂଶଗ୍ରହଣ କରି ବଲାଙ୍ଗୀର ଜିଲା ଭଇଁଷାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ଛାତ୍ର ଅଭିଳାଷ ପଣ୍ଡା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି ଅବସରରେ କୃତୀ ଛାତ୍ର ପଣ୍ଡାଙ୍କୁ ଜିଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଜିଲା ଶିକ୍ଷା ଅଧିକାରୀ ସୁବୋଧ ଦାଶ, ଜିଲା ବିଜ୍ଞାନ ତତ୍ତ୍ୱାବଧାରକ ନୀଳମଣି ପଟେଲ ତଥା ବିଜ୍ଞାନ ସୋସାଇଟିର ସମସ୍ତ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି।




କୃତୀ ଛାତ୍ର ଅଭିଳାଷ ପଣ୍ଡାଙ୍କୁ ପୁରସ୍କୃତ କରାଯାଉଛି।

### ଫାଏଦା ଉଠଉଛନ୍ ବେପାରୀ

## ବାଟବନା ଯୋଜନା, ବୁନାକାର ଅବହେଳିତ

**ଲୋଇସିଂହା,୨୮।୯(ଡି.ଏନ.ଏ)**

ବୁଣାକାରମାନଙ୍କର ବିକାଶ ଲାଗି ରାଏଜ୍ ସରକାର ଭିନେ ଭିନେ ଯୋଜ୍‌ନାରେ କୋଟି କୋଟି ଟଁକା ଖରଚ୍ କରୁଥିବାର କୁହାଯାଉଛେ। ହେଲେ ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ୍‌ର ବହୁତ୍‌ଟେ ବୁଣାକାର ପରିବାର ଲାଗି ସରକାରୀ ଯୋଜ୍‌ନା ପର୍‌ହସନ ପାଲ୍‌ଟିଛେ। ଯେନ୍‌ଥିରଲାଗି ଇ ଅଂଚଲର ବୁନାକାରମାନ୍‌କୁ ବେପାରୀମାନେ ମାହାଲିଆ ସୂତା ଯୁଗେଇ ଦେଇ ଦୁଇଗୁନା ଫାଏଦାରେ ରହୁଛନ୍। ବୁନାକାରମାନେ ବେପାରୀକର ପାସେ ଗୁଟେ ପର୍‌କାର ବେଠି ଖଟୁଥିବାର ଅଭିଯୋଗ୍ କରିଛନ୍। ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ୍‌ର ଆଗଲପୁର, ନଅଗାଁ(ଖ), ଇଂସା, ବୁଦଲା ଲେଖେଁ ବଡ଼ଭାଗି ଗାଁରେ ବୁନାକାର ପରିବାର ରହୁଛନ୍। ବୁନାକାର ପରିବାର ନିଜର ପରିବାର୍‌ର ଫିଦିନିଆଁ ଖର୍‌ଚା ଉଠାବାର ଲାଗି ମଂଗାଶାଲକେ ଆଶ୍‌ରେ କରିଛନ୍। ଇ ଅଂଚଲ୍‌ରେ ବୁନାକାର ସଂଘ ନାଇଁ ଥିଲାବେଳେ ଇମାନେ ସରକାରକଁର ତର୍‌ଫୁ ବି କେହେନ୍‌ସି ପର୍‌କାର ପୋର୍‌ଛାହନ୍ ନାଇଁ ପାଏବାର। ଯେନ୍‌ଥିରଲାଗି ବୁନାକାର ଭାଇମାନେ ଥାନୀୟ ବରପାଲି ଅଂଚଲର ବେପାରୀକରନୁ ସୂତା ଆନି ଶାଢ଼ି, ବ୍ଲାଉଜ କପଡା ଆର୍ ଉଢ଼ନି ବୁନାବୁନି କରୁଛନ୍। ୧୨୦ ନଂ. ସୂତାରେ ୪୦ ଖଁଡ଼ ଶାଢ଼ି ଆର୍ ୮୦ ନଂ ସୂତାରେ ୮୦ ଖଁଡ଼ ଶାଢ଼ି ଉତ୍‌ରଉଛନ୍। ୧୪ ହାତି ଗୁଟେ ଶାଢ଼ି ବୁନ୍‌ବାକେ ବୁନାକାରମାନ୍‌କୁ ପାଖାପାଖି ୩ ଦିନ୍ ସମିଆ ଲାଗ୍‌ସି। କାମ୍‌ବାବ୍‌ଦେ ବେପାରୀ ଶାଢ଼ି ଖଁଡ଼୍‌କ ୧୨ରୁ ୧୩ଶହ ଟଁକା ବୁନାକାରମାନ୍‌କୁ ଦେସନ୍। ଯେନ୍ ଶାଢ଼ି ବଜାରରେ ବିକ୍‌ଲେ ୨୭ ଶହରୁ ୨୮ ଶହ ଟଁକାରେ ବିକ୍‌ରି ହେସି ବଲି ଆଗଲପୁର୍‌ର ବୁନାକାରମାନେ କହିଛନ୍। ପରିଶ୍‌ରମ ହିସାବେ ମଜୁରୀ ନାଇଁ ମିଳୁଥିବାର ବୁନାକାର ଭାଇମାନେ କହିଛନ୍। ଆଗଲପୁରର ଯୁବ ବୁନାକାର ସତ୍ୟବାନ ମେହେର ଗଲା ୧୫ ବଛର ହେଲା ବୁନାବୁନି କାମ୍ କରୁଛନ୍। ଇଥିରେ ସେ ତାକର ୬ ପରାନୀ କୁଟୁମ୍ ଚଲ୍‌ବାରେ ଭିଡ୍ ହେଉଛେ ବଲି କହିଛନ୍। ଅଂଚଲରେ ବୁନାକାରମାନ୍‌କର ସମସିଆର ସମାଧାନ ଲାଗି ଗୁଟେ ସଂଘ ଗଢ଼ବାର ଲାଗି ଚେଷ୍ଟା କରାଯାଇଥିଲା। ହେଲେ ଗୁଟେ ବଇଠକ୍‌ରେ ସଂଘ ରହିଯାଇଛେ। ଯେନ୍‌ଥିରଲାଗି ଦିନୁ ଦିନ୍‌କେ ବୁନାକାର ପରିବାର୍‌ର ସମସିଆ ଆର୍ ଦୁର୍‌ଦଶା ବଢ଼ି ବଢ଼ି ଚାଲିଛେ। ଆରଗୁଟେ ଆଡେ ପ୍ରାଥମିକ କୃଷି ସମବାୟ ସମିତି ଆର୍ ବ୍ୟାଙ୍କ ଜରିଆରେ ବୁନାକାରକୁଁ ପୋର୍‌ଛାହିତ କର୍‌ବାର ଲାଗି ରୁଣ ବେବସ୍‌ତା ବି ଅଛେ। ହେଲେ ଇ ରୁଣ ପାଏବାର ଲାଗି ହେଲେ ତାର ଆଗ୍‌ରୁ ନିଜ୍‌କୁ କିଛି ଦେବାକେ ପଡୁଛେ ବଲି ଅଭିଯୋଗ୍ ହେଉଛେ। ବୁନାକାରମାନେ ଅବହେଲିତ ହେଇ ରହିଯାଉଥିବାର ଅଭିଯୋଗ୍ କରିଛନ୍। ଆରଗୁଟେ ଆଡେ ରାଏଜ୍ ସରକାର ବୁନାକାରମାନ୍‌କୁ ଠିକ୍ ହିସାବେ ଧିଆନ୍ ନାଇଁ ଦେବାର, ଯେନ୍‌ଥିରଲାଗି ବୁନାକାରମାନେ ବେପାରୀମାନକରନେ ବେଠି ଖଟୁଛନ୍ ବଲି ଅଭିଯୋଗ୍ କରିଛନ୍। ଇଥିର୍ ଉପ୍‌ରେ ଜିଲା ପର୍‌ଶାସନ ଆର୍ ବିଡିସିସି ବ୍ୟାଙ୍କ ସଭାପତି ଦୃଷ୍ଟି ଦେଇ ବୁନାକାରକୁଁ ରୁଣ ଯୁଗେଇ ଦେବାକେ ସାଧାରନରେ ଦାବି ହେଉଛେ।



ଯୁବ ବୁଣାକାର ସତ୍ୟବାନ ମେହେର।



ରୋଗ, ଶତ୍ରୁ ଓ ଋଣ, ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବା।
ପାପ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବା।
- ଶ୍ରୀଚୈତନ୍ୟ



## ସଂକ୍ଷେପରେ

### ଲୋଇସିଂହା, ବାଦିମୁଣ୍ଡାରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

**ଲୋଇସିଂହା,୨୮।୯(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ଭାଜପା ପକ୍ଷରୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ବାଦିମୁଣ୍ଡା ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଯୁବମୋର୍ଚ୍ଚା ପକ୍ଷରୁ ଉତ୍ତମ କବାଟ, ସୁଦୀପ ସାଙ୍କ ନେତୃତ୍ୱରେ ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏଥିରେ ଡାକ୍ତରଖାନାର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ସନ୍ତୋଷ ସେଠୀ ସାମିଲ ହୋଇଥିଲେ । ସେହିପରି କୁଶମେଲ ମଣ୍ଡଳ ପକ୍ଷରୁ ବ୍ଲକ ସଂଯୋଜକ ଭୂତନାଥ ନାଏକଙ୍କ ନେତୃତ୍ୱରେ ଏସି ସେଲ ଅଧ୍ୟକ୍ଷ ଆନନ୍ଦ ନାଏକ, ମଣ୍ଡଳ ସଭାପତି ଜ୍ୟୋତିର୍ମୟ ରାଉତ,ସରୋଜ ସାହୁ, ବାହାଦୁର ନନ୍ଦ, ବାଲରାମ ସା, ଟଙ୍କଧର ପଧାନଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ ।

### ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ପରିଷଦ ବୈଠକ

**ବଲାଙ୍ଗୀର ଅଫିସ, ୨୮।୯:** ବଲାଙ୍ଗୀର ଜିଲା ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ପରିଷଦ ବୈଠକ ସ୍ଥାନୀୟ ଜେସ୍ଏମ୍ କମର୍ସ କଲେଜ ପରିସରରେ ସଭାପତି ନାରାୟଣ ପାମୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି । ମଞ୍ଚ ସାଧାରଣ ସମ୍ପାଦକ ପ୍ରଭାକର ମିଶ୍ର ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ । କୋଷାଧକ୍ଷ ବିରଞ୍ଚି ହୋତା ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ । ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଆନ୍ଦୋଳନକୁ ମଞ୍ଚ ପକ୍ଷରୁ ସମର୍ଥନ କରାଯାଇ ଜିଲା ଓକିଲ ସଂଘ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏନେଇ ସ୍ମାରକପତ୍ର ଦେଇଥିବାରୁ ଏହାକୁ ମଞ୍ଚ ସ୍ୱାଗତ କରିଥିଲା । ହାଇକୋର୍ଟ ଆନ୍ଦୋଳନକୁ ମଞ୍ଚ ପକ୍ଷରୁ ଆଗାମୀ ଦିନରେ ଜୋରଦାର ସମର୍ଥନ କରାଯାଇ ଆନ୍ଦୋଳନକୁ ଆହୁରି ତୀବ୍ରତର କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା । ଜିଲା ଓକିଲ ସଂଘ ଓ ମିଳିତ କ୍ରିୟାନୁଷ୍ଠାନ କମିଟିକୁ ମଧ ଏନେଇ ସହଯୋଗ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା । ମଞ୍ଚର ବିଭିନ୍ନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଏକ ଉପକମିଟିମାନ ଗଠନ କରାଯାଇଥିଲା । ସ୍ୱାସ୍ଥ୍ୟ ଉପକମିଟିରେ ଅଶୋକ କୁମାର ମିଶ୍ର, ପୁରୀ ଜଗନ୍ନାଥ ଦର୍ଶନରେ କପିଳ ଖମାରୀ, କୋରାପୁଟ ସାବର ଶ୍ରୀକ୍ଷେତ୍ର ଦର୍ଶନରେ ବିରଞ୍ଚି ହୋତା, ପୋଲିସ ପ୍ରଶାସନ କମିଟିରେ ଚିତ୍ତରଞ୍ଜନ ପଟେଲ, ରାଜସ୍ୱ ବିଭାଗ କମିଟିରେ ବିନୋଦ ବିହାରୀ ସିଂ, ରେଲୱେ କମିଟିରେ ବିଶ୍ୱନାଥ ମିଶ୍ର, ବରିଷ୍ଠ ନାଗରିକ ପରିଚୟପତ୍ର ଓ ମେଗାଜିନ କମିଟିରେ ବାସୁଦେବ ମେହେର, ବଣଭୋଜିରେ ମାଲିଆ ଗଡୁଆ, ଅନ୍ୟାନ୍ୟ କମିଟିରେ ଧନଞ୍ଜୟ ମିଶ୍ର, ଶୁଭେନ୍ଦୁ ନାୟକ, ସୁବାସ ମହାନ୍ତି, ଦୁର୍ଗାପ୍ରସାଦ ଜେନା, ଅନ୍ତର୍ଯାମୀ ପୁରୋହିତ, ରାହାସ ବିହାରୀ ମାଝିଙ୍କୁ ଚୟନ କରାଯାଇଥିଲା । ମଞ୍ଚର ସଦସ୍ୟ ସଂଖ୍ୟା ବୃଦ୍ଧି ପାଇଁ ପଦକ୍ଷେପ ଏବଂ ୯ ଜଣ ସଦସ୍ୟଙ୍କୁ ନେଇ ମଞ୍ଚ କାର୍ଯ୍ୟକଳାପ ସମ୍ପର୍କରେ ଅବଗତ କରାଯିବା ବ୍ୟବସ୍ଥା କରାଯାଇଥିଲା । ଏହି ବୈଠକରେ ମଞ୍ଚର ବିଭିନ୍ନ କାର୍ଯ୍ୟକଳାପ, ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋଚନା ହୋଇଥିଲା । ଶେଷରେ ଅତିରିକ୍ତ ସାଧାରଣ ସମ୍ପାଦକ ମନୋରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ ।

# ଚାଷୀଙ୍କୁ ଘାରିଛି ଚକଡ଼ା ଚିନ୍ତା

**ଦେଓଗାଁ,୨୮।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର କେତେକ ଅଞ୍ଚଳରେ ଏବେ ଧାନଚାଷରେ ଚକଡାପୋକର ପ୍ରାଦୁର୍ଭାବ ଦେଖାଦେଇଛି। ଠିକ୍‌ଭାବରେ ଏହାର ପ୍ରତିକାର ହୋଇପାରୁ ନ ଥିବାରୁ ଚାଷୀଙ୍କ ମଧରେ ଭାଲେଣି ସୃଷ୍ଟି ହୋଇଛି। ଧାନଗଛ ହଳଦିଆ ଦେଖାଦେବା ସହ ଗଛମୂଳରୁ ସଢ଼ିଯାଉଥିବାରୁ ଚାଷୀ ଏବେ ଚିନ୍ତାରେ ରହିଥିବା ଅଭିଯୋଗ ହେଉଛି। ସମସ୍ୟାକୁ ନେଇ ଜିଲା ପରିଷଦ ବୈଠକରେ ଆଲୋଚନା ହେବା ପରେ ବ୍ଲକସ୍ତରରେ ଏହି ରୋଗର ମୁକାବିଲା କରିବା ପାଇଁ ବ୍ଲକ କୃଷି ଅଧିକାରୀ ପ୍ରଦୀପ କୁମାର ନାଏକଙ୍କ ତତ୍ତ୍ୱାବଧାନରେ ବୈଠକ କରାଯିବା ସହ କେତେକ ଚକଡା ଆକ୍ରାନ୍ତ ଜମିକୁ ଯାଇ ପ୍ରାଥମିକ ଉପଚାର ପାଇଁ ପଦକ୍ଷେପ ନେଇଥିବା କୃଷି ଅଧିକାରୀଙ୍କଠାରୁ ଜଣାପଡିଛି । ବିଭାଗୀୟ ଆକଳନ ହିସାବରେ ଅଦ୍ୟାବଧି ଦେଓଗାଁ ବ୍ଲକର ବଡବନ୍ଧ, ସିକୁଆଁ, ଗାଇବାହାଲ, ଗୌରଗୋଠ ଓ ଉପରଝର ପଞ୍ଚାୟତର ହାରାହାରି ୨୩ହେକ୍ଟର ଚାଷ ଜମିରେ ଚକଡା ରୋଗ ଆକ୍ରାନ୍ତ ହୋଇଛି । ପ୍ରାୟ ଜମିରେ ଏବେ ଏହି ରୋଗର ପ୍ରାଥମିକସ୍ତର ରହିଛି। ଏଣୁ ତୁରନ୍ତ ଠିକ୍ ସମୟ ଓ ଠିକ୍ ପରିମାଣରେ ପରାମର୍ଶ କରାଯାଉଥିବା ଔଷଧକୁ ସିଞ୍ଚନ କଲେ ରୋଗବ୍ୟାପି ପାରିବ ନାହିଁ ବୋଲି କୃଷି ଅଧିକାରୀ ନାଏକ ସୂଚନା ଦେଇଥିଲେ। ଏଥିପାଇଁ ସମ୍ପୃକ୍ତ ଗାଁମାନଙ୍କରେ ଚାଷୀମାନଙ୍କୁ ସଚେତନ କରିବାପାଇଁ ବୈଠକମାନ କରାଯାଉଛି ବୋଲି କହିଛନ୍ତି । ରାଜ୍ୟ ସରକାର ସୁରଭି ଯୋଜନାରେ ସବ୍‌ସିଡିରେ କୀଟନାଶକ ଔଷଧ ଯୋଗାଇ ଦେଉଥିଲେ ହେଁ ଦେଓଗାଁ ବ୍ଲକର ଚାଷୀ ତାହାର ଲାଭ ପାଇପାରୁ ନାହାନ୍ତି । କାରଣ ଏହି ବ୍ଲକର ସୁରଭି କେନ୍ଦ୍ର କେଉଁଠି ରହିଛି ତାହା କାହାରିକୁ ଜଣାନାହିଁ । ବିଭାଗୀୟ ଅଧିକାରୀ ମଧ ସୁରଭି କେନ୍ଦ୍ର ବିଷୟରେ କୌଣସି ମତାମତ ଦେଉନାହାନ୍ତି । ଫଳରେ ଏହି ଯୋଜନା କେବଳ କାଗଜପତ୍ରରେ ଚାଲିଛି ବୋଲି ଚାଷୀ ମହଲରେ ଅଭିଯୋଗ ହେଉଛି । ଏହି କେନ୍ଦ୍ର ବ୍ଲକରେ ନ ଥିବାରୁ ଚାଷୀ ଉଚିତ ସରକାରୀ ସୁବିଧାରୁ ବଞ୍ଚିତ ରହୁଛନ୍ତି । ଏଣୁ ଏହାର ବିଭାଗୀୟ ତଦନ୍ତ କରିବାପାଇଁ ଦାବି ହେଉଛି ।



ବଡବନ୍ଧ ଅଞ୍ଚଳରେ ଜନୈକ ଚାଷୀଙ୍କ ଧାନ ଫସଲରେ ଚକଡା ରୋଗ ଲାଗିଛି ।

**ଦେଓଗାଁ ବ୍ଲକ**
- ୨୩ ହେକ୍ଟର ଚାଷ ଜମି ଚକଡା ରୋଗ ପ୍ରଭାବିତ
- ଧାନଗଛ ହଳଦିଆ ପଡି ମୂଳ ଶଢ଼ିଯାଉଛି
- ଚାଷୀଙ୍କୁ ସଚେତନ କରିବା ପାଇଁ ବୈଠକ କରାଯାଉଛି

# ନାବାଳିକାଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

**ବଲାଙ୍ଗୀର ଅଫିସ/ବଙ୍ଗୋମୁଣ୍ଡା, ୨୮।୯ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଚାରିଛକସ୍ଥିତ ଏକ ନାଳା ପାଖ ବୁଦାରୁ ଶୁକ୍ରବାର ଜଣେ ନାବାଳିକାଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଉଦ୍ଧାର କରିଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାପଡିଛି। ବଙ୍ଗୋମୁଣ୍ଡା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୪/୧୮) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ବଙ୍ଗୋମୁଣ୍ଡା ଦ୍ୱାରସେନୀପଡାର ରୂପେଶ ଦରୁଆନଙ୍କ ଯୁକ୍ତଦୁଇ ଶ୍ରେଣୀରେ ପଢୁଥିବା ନାବାଳିକା ଝିଅ ଦିବ୍ୟା ଦରୁଆନ(୧୬)ଙ୍କ ମୃତଦେହ ନାଳାପାଖ ବୁଦାମୂଳ ଏକ ବହଳ ଗଛରେ ଝୁଲିବା ଅବସ୍ଥାରେ ରହିଥିବା ଶୁକ୍ରବାର ସକାଳେ ଜଣାପଡିଥିଲା । ତାଙ୍କ ବେକରେ ଓଢ଼ଣୀ ଫାଶ ଲାଗିଥିବାବେଳେ ମୃତଦେହଟି ମାଟିରେ ଘୋଷାରି ହୋଇ ରହିଥିଲା । ମୃତାଙ୍କ ପରିବାରବର୍ଗଙ୍କ ସୂଚନା ମୁତାବକ ଗୁରୁବାର ରାତିରେ ନାବାଳିକା ଘରକୁ ଫେରି ନ ଥିଲେ । ଶୁକ୍ରବାର ସକାଳେ ତାଙ୍କ ମୃତଦେହ ମିଳିଥିଲା । ନାବାଳିକାଙ୍କୁ ହତ୍ୟା କରିସାରିବା ପରେ ଆତ୍ମହତ୍ୟାର ରୂପ ଦେବାକୁ ଯାଇ ତାଙ୍କ ବେକରେ ଫାଶ ଲଗାଇ ଗଛରେ ଝୁଲାଇବାକୁ ଚେଷ୍ଟା କରାଯାଇଥିବା ପରିବାର ଲୋକେ ଗଣମାଧମ ସମ୍ମୁଖରେ ସୂଚନା ଦେଇଛନ୍ତି । ଅନ୍ୟପକ୍ଷେ ନାବାଳିକାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା ପଛରେ ପ୍ରେମ ବ୍ୟାପାର ରହିଥିବା ଚର୍ଚ୍ଚାର ବିଷୟ ହୋଇଛି । ଏଭଳିକି ମୃତାଙ୍କ ପିତା ମଧ ପ୍ରେମଜନିତ ହତ୍ୟାକାଣ୍ଡ ସନ୍ଦେହ କରିଛନ୍ତି। ଏଦିଗରେ ଅଧିକ ତଦନ୍ତ ହେଲେ ଘଟଣାର ସତ୍ୟାସତ୍ୟ ଉନ୍ମୋଚନ ହେବ । ବଙ୍ଗୋମୁଣ୍ଡା ଥାନାର ତଦନ୍ତକାରୀ ଏଏସ୍ଆଇ ସୁନ୍ଦର ବେହେରାଙ୍କୁ ପଚରାଯିବାରୁ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ କୁହାଯାଇ ପାରିବ ବୋଲି କହିଛନ୍ତି। ତେବେ ମୃତାଙ୍କ ପରିବାର ସଦସ୍ୟଙ୍କ ସୂଚନା ଏବଂ ଜନସାଧାରଣରେ ହେଉଥିବା ଚର୍ଚ୍ଚା ଦିଗକୁ ମଧ ତଦନ୍ତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

**ଟିକ୍ରାପଡା,୨୮।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡା ପଞ୍ଚାୟତ ଅଧିନ କୁଡାସିଂହାସ୍ଥିତ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରାଣବନ୍ଧୁ ଦେଓ ଏଥିରେ ଅଧ୍ୟକ୍ଷତା କରିଥିଲେ । ସିଆରସିସି ଶୋଭାକର ପାଢୀ ମୁଖ୍ୟଅତିଥି ରହିଥିଲେ। କିଶୋର ବୁଡେକ, ବେଦସର୍ବା ଦେଓ, ଅନିରୁଦ୍ଧ ବିଶ୍ୱାଳ ଅତିଥିଭାବେ ଯୋଗ ଦେଇଥିଲେ । ମନଧର ଦୀପ ସଭା ସଂଯୋଜନା କରିଥିଲେ । ଏହି ଅବସରରେ ନାଚ, ଗୀତ, ବକ୍ତୃତା, ଚିତ୍ରାଙ୍କନ ପ୍ରଭୃତି ପ୍ରତିଯୋଗୀତା ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଧନେଶ୍ୱର ମାଝୀ, ଚୁଡାମଣୀ ଦେଓ, ଜଗଦୀଶ ବଡେଇ, ତପ ଜାଲ, ବାସନ୍ତି ଦେଇ, ଅଜିତ ମେହେର, ଜେମାବତୀ ଦଣ୍ଡସେନା, ଶୁଭଦର୍ଶିନୀ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଟିକେମନ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।



କୁଡାସିଂହାଠାରେ ଅନୁଷ୍ଠିତ ଶିଶୁ ମହୋତ୍ସବ ସୁରଭିରେ ମଞ୍ଚାସୀନ ଅତିଥି।

## ଦିନ ଦ୍ୱିପ୍ରହରରେ ଝାମ୍ପି ନେଲେ ୧.୫୮ଲକ୍ଷ

**ବୀରମହାରାଜପୁର, ୨୮।୯(ଡି.ଏନ.ଏ.)**

ରେଢାଖୋଲ-ବୌଦ୍ଧ ରାସ୍ତାର ପିତାମହୁଲ ନିକଟବର୍ତ୍ତୀ ବାଉରୀ ଯୋରଠାରେ ଲକ୍ଷାଧିକ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ସୁବଲୟା ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି । ହିନ୍ଦୁସ୍ଥାନ ଲିଭର ଲିମିଟେଡ ବୌଦ୍ଧସ୍ଥିତ ଡିପୋର ୨ କର୍ମଚାରୀ ବୀରମହାରାଜପୁର ଅଞ୍ଚଳର ବ୍ୟବସାୟୀଙ୍କଠାରୁ ଟଙ୍କା ଅସୁଲି କରି ଗୁରୁବାର ବାଇକ ଯୋଗେ ବୌଦ୍ଧ ଫେରୁଥିଲେ। ଏକ ପଲସରରେ ପିଛା କରୁଥିବା ୩ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ୧ଲକ୍ଷ ୫୮ହଜାର ଟଙ୍କା ଥିବା ବ୍ୟାଗ ନେଇ ଚମ୍ପଟ ମାରିଥିଲେ।

କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

# ଲୁକ୍କାୟିତ ପ୍ରତିଭାଙ୍କ ବିକାଶ ଉପରେ ଗୁରୁତ୍ୱ

**ଦେଓଗାଁ,୨୮।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ୧୪ଟି କ୍ଲଷ୍ଟରରେ ଶୁକ୍ରବାର କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ରାହ୍ମଣୀଯୋର ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ଛତ୍ରୀୟାଙ୍କ ସଭାପତିତ୍ୱ ତଥା ବୀରେନ୍ଦ୍ର ସୁନାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସ୍କୁଲ ପରିଚାଳନା କମିଟି ସଭାପତି ରୁକ୍ମିଣୀ ଘିଭେଲା ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ସିଆରସିସି ସଂକୀର୍ତ୍ତନ ମହାଲିଙ୍ଗ, ଫପସି ପ୍ରଧାନଶିକ୍ଷକ ହରେକୃଷ୍ଣ ମାଝି, ବାଗପାଲି ପ୍ରଧାନଶିକ୍ଷକ ରାଜୁ ପୁଟେଲ, ଅନ୍ତର୍ଲା ପ୍ରଧାନଶିକ୍ଷୟିତ୍ରୀ ସ୍ମିତାରାଣୀ ହନୁମାନ ଓ ଛତାପିପଲ ପ୍ରଧାନଶିକ୍ଷକ କପୁର୍ରଚନ ଭୋଇ ପ୍ରମୁଖ ଯୋଗଦେଇଥିଲେ । ଛାତ୍ରୀଛାତ୍ରଙ୍କ ମଧ୍ୟରେ ରହିଥିବା ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ ହେଲେ ଦେଶର ବିକାଶ ନିଶ୍ଚିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ତର୍କ, ପ୍ରବନ୍ଧ ଲିଖନ, ସାଧାରଣଜ୍ଞାନ, ଚିତ୍ରାଙ୍କନ, ସୃଜନଶୀଳ ଲିଖନ, ବକ୍ତୃତା, ଓଡିଆ ହସ୍ତାକ୍ଷର ଓ ଶ୍ରୁତ ଲିଖନ, ସଙ୍ଗୀତ ତଥା ଦଳଗତ ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ଗାୟତ୍ରୀ ପୁଟେଲ, ଲୀନା ସାହୁ, ପୁଷ୍ପାଞ୍ଜଳି ସାହୁ, ଦୀପାଞ୍ଜଳି ସେଠୀ, ଦେବଦତ୍ତ ଦ୍ୱିବେଦୀ ଓ ସଦାନନ୍ଦ ନାଏକ ପ୍ରମୁଖ ସହଯୋଗ କରିଥିଲେ । ସେହିପରି ଦେଓଗାଁ କ୍ଲଷ୍ଟରର କଛାରପାଲି ସରକାରୀ ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ସ୍ଥାନୀୟ ପଞ୍ଚାୟତ ସମିତି ହାଇସ୍କୁଲର ହିନ୍ଦୀ ଶିକ୍ଷକ ବଳଦେବ ମାଝୀଙ୍କ ସଭାପତିତ୍ୱ ତଥା ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ମୋହନ ଦଲାଇଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡା. ଶିଶୀଭୂଷଣ ସାହୁ, ସମ୍ମାନୀତ ଅତିଥିଭାବେ ଏବିଇଓ ଅଭିନ୍ନ ଚନ୍ଦ୍ର ନାଏକ, ଦେଓଗାଁ ସରପଞ୍ଚ ନୀନା ଛତ୍ରୀୟା, ପରିଚାଳନା ସଭାପତି ସନ୍ତୋଷିନୀ ରଣା, ଉପସଭାପତି ଭାରତୀ ରଣା, ସଭ୍ୟ ସୁବାଷ ରଣା, ଜୟନ୍ତ ରଣା ପ୍ରମୁଖ ଯୋଗଦେଇଥିଲେ । କ୍ଲଷ୍ଟରସ୍ତରୀୟ କାର୍ଯ୍ୟକ୍ରମରେ କୃତି ପ୍ରତିଯୋଗୀମାନେ ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ସୂଚନା ଦିଆଯାଇଥିଲା । ଶେଷରେ ସିଆରସିସି ମାର୍କଣ୍ଡ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।



କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ।

# ଭେଟଘାଟରେ ସମ୍ବଲପୁରୀ ନୃତ୍ୟ ପ୍ରତିଯୋଗିତା

**ବେଲପଡା,୨୮।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଟିକ୍ରାପଡା ଗ୍ରାମ ଗଣେଶ ପୂଜା କମିଟି ଆନୁକୂଲ୍ୟରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ କଳାକାରମାନଙ୍କୁ ନେଇ ସମ୍ବଲପୁରୀ ନୃତ୍ୟଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସୁଶାନ୍ତ କୁମାର ଭୁୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ତଥା ବିଚାରକ ଭାବେ ଆକାଶବାଣୀ ଦୂରଦର୍ଶନର କଳାକାର ହରିଶ୍ଚନ୍ଦ୍ର ବାରିକ ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ ତୁରେକେଲା ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ଅମୀର ପୁଟେଲ ଓ କଳାକାର ଲିଙ୍ଗରାଜ ପୁଟେଲ ଯୋଗ ଦେଇଥିଲେ । ଅନୁଷ୍ଠିତ ସଭାରେ ନୂଆଁଖାଇ ଜୁହାର ଭେଟ୍‌ଘାଟ ହୋଇ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ପରମ୍ପରା ଓ ଭେଟଘାଟର ଉଦ୍ଦେଶ୍ୟ ଉପରେ ଆଲୋଚନା ହୋଇଥିଲା । ଅଞ୍ଚଳର ଲୋକକଳା ବିଲୁପ୍ତ ହେଉଥିବାବେଳେ ଏହାର ପୁନରୁଦ୍ଧାର ସହ ପ୍ରଚାର ପ୍ରସାର ଦିଗରେ ସ୍ଥାନୀୟ କଳାକାରମାନେ ଆଗେଇ ଆସିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ପରେ ଅଞ୍ଚଳର ସମସ୍ତ କଳାକାର ପ୍ରତିଯୋଗିତାରେ ଅଂଶଗ୍ରହଣ କରି କଳାପ୍ରତିଭା ପ୍ରଦର୍ଶନ କରିଥିଲେ । ସହଯୋଗ କମିଟି ସଭାପତି ବ୍ରଜକିଶୋର ପୁଟେଲ, ସମ୍ପାଦକ ଦିଲ୍ଲୀପ କୁମାର ପୁଟେଲ ଓ ଗଣେଷ ପୂଜା କମିଟି ସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରଶାସନ, ପଞ୍ଚାୟତ ପ୍ରତିନିଧି ସଂଗଠିତ ହୋଇ କାମ କଲେ ଯୋଜନାର ସୁଫଳ ମିଳିବ

**ଖପ୍ରାଖୋଲ, ୨୮।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମହୁରୁଣ୍ଡି ଅପର ସୁକତେଲ ଡ୍ୟାମ ଆମ୍ବ ବଗିଚାଠାରେ ବ୍ଲକସ୍ତରୀୟ ସରପଞ୍ଚ ସଂଘର ନୂଆଁଖାଇ ଭେଟ୍‌ଘାଟ ସଂଘ ସଭାପତି ଉପେନ୍ଦ୍ର ଭୋଇଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ବିଡିଓ ତରଣି ସୁନା ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣମାସୀ ବରିହା, ଏବିଡିଓ ପଞ୍ଚାନନ ଖମାରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୌମ୍ୟକିଶୋର ଜୟପୁରିୟା, ଜିପିଇଓ ସୁଶାନ୍ତ କୁମାର ପାଣି, ଆଦିବାସୀ ନେତା ରଘୁନାଥ ସିଂ ବରିହା, ଇଓ ସଂଘ ସଭାପତି ପ୍ରଦୀପ ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ଗରୀବ ଜନସାଧାରଣଙ୍କ ଉନ୍ନତି ପାଇଁ ପ୍ରୟାସ ସହ ସରକାରଙ୍କ ଲୋକାଭିମୁଖୀ ଯୋଜନାର ସଫଳତା ପାଇଁ ପ୍ରଶାସନ ଓ ପଞ୍ଚାୟତ ପ୍ରତିନିଧି ସଂଗଠିତ ହୋଇ କାମ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍ତର କୁମାର ଭୋଇ, ଅଶୋକ ପାଣିଗ୍ରାହୀ, କପିଳ ବୁଡେକ, ଶ୍ରୀୟାବଲ୍ଲଭ ପାଣିଗ୍ରାହୀ, ମୋହନ ବେହେରା, ତ୍ରିନାଥ ବାରିକ, ସବିତା ମେହେର, ଖଗେଶ୍ୱର ପଧାନ, ନରସିଂହ ସାହୁ, ଖିରୋଦ୍ର ବରିହାଙ୍କ ସମେତ ବହୁ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ବ୍ଲକର ବିଭିନ୍ନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅଭୟ ତ୍ରିପାଠୀ ପରିଚାଳନା କରିଥିବା ବେଳେ ଲାଠୋର ସରପଞ୍ଚ ପ୍ରବୀଣ କୁମାର ଅଗ୍ରୱାଲ, ଧନ୍ୟବାଦ ଅର୍ପଣ କରିଥିଲେ।



ବ୍ଲକସ୍ତରୀୟ ସରପଞ୍ଚ ସଂଘର ନୂଆଁଖାଇ ଭେଟଘାଟରେ ମଞ୍ଚାସୀନ ଅତିଥି।

# ସମ୍ପ୍ରୀତିର ବାର୍ତ୍ତା ବାଣ୍ଟେ ନୂଆଁଖାଇ

## ଭୁଲିଆ ସମାଜର ନୂଆଁଖାଇ ଭେଟ





ଭୁଲିଆ ସମାଜର ନୂଆଁଖାଇ ଭେଟଘାଟରେ ମଞ୍ଚାସୀନ ଅତିଥି।

**ବେଲପଡା,୨୮।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡା ଶ୍ରୀରାମ ନଗରସ୍ଥିତ କୃଷ୍ଣ ମେହେରଙ୍କ ଆମ୍ବ ବଗିଚାଠାରେ ଆଞ୍ଚଳିକ ବୋର୍ଡ ୧୦୦ଘର ଭୁଲିଆ ସମାଜର ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ନିଖିଳ ଓଡିଶା ମେହେର ସମାଜର ବୈଶମ୍ପାୟନ ମେହେର ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ସୁରେନ୍ଦ୍ର ମୋହନ ମେହେର, ବିଜେଡି ନେତା ସରୋଜ ମେହେର, ରାଜ୍ୟ କମିଟି ଭୁଲିଆ ସମାଜ ସଭାପତି ଗୋପବନ୍ଧୁ ମେହେର, ଡାଲିମ୍ବ ମେହେର ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୂଆଁଖାଇ ଭେଟଗାଟ ଉତ୍ସବ ବେଲପଡା ଆଞ୍ଚଳିକ ବୋର୍ଡର ସଭାପତି କୃପାସିନ୍ଧୁ ମେହେର, ସମ୍ପାଦକ ରୁଦ୍ରମଣି ମେହେର, ଉପସଭାପତି ଇନ୍ଦ୍ରମଣି ମେହେର, କେନ୍ଦ୍ର ବୋର୍ଡ ସମ୍ପାଦକ ଲକ୍ଷ୍ମଣ ମେହେର ଉପସ୍ଥିତ ଥଲେ। ଅଧ୍ୟାପକ ସୁରେଶ ମେହେର ମଞ୍ଚ ପରିଚାଳନା କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଲକ୍ଷ୍ମଣ ମେହେର ।

## ବ୍ଲକସ୍ତରୀୟ ନୂଆଁଖାଇ ଭେଟଘାଟ

**ଗୁଡଭେଲା,୨୮।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅନ୍ତର୍ଗତ ତରଙ୍ଗମୁଣ୍ଡା ଗ୍ରାମରେ ଶୁକ୍ରବାର ବ୍ଲକସ୍ତରୀୟ ନୂଆଁଖାଇ ଭେଟଘାଟ ଉତ୍ସବ ପାଳିତ ହୋଇଯାଇଛି । ଭାଜପା ସମ୍ପାଦକ ଦୀନବନ୍ଧୁ ବେହେରାଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ତଥା ଗୁଡ଼ଭେଲା ବ୍ଲକ ଅଧକ୍ଷ ଅଶୋକ ଚନ୍ଦ୍ର ଦୋରା, ଜିଲା ଭାଜପା ଅଧକ୍ଷ ଭକ୍ତବନ୍ଧୁ ନାୟକ, ଜିଲା ପରିଷଦ ଉପାଧକ୍ଷ ପାଣ୍ଡବ ସାହୁ, ଜିଲା ସାଧାରଣ ସମ୍ପାଦକ ମୁକେଶ ଜୈନ, ଜିଲା ପରିଷଦ ସଭ୍ୟ ମିନାରାଣୀ ପ୍ରଧାନ, ଆଇନଜୀବୀ ଗୋବିନ୍ଦ ବିଶି, ଗୌନ୍ତିଆ ଘନଶ୍ୟାମ ପ୍ରଧାନୀ ପ୍ରମୁଖ ଯୋଗଦେଇ ନୂଆଁଖାଇର ମହତ୍ତ୍ୱ ଉପରେ ମତ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମରା ସରପଞ୍ଚ ରବିନ୍ଦ୍ର ପ୍ରଧାନ, ସମିତି ସଭ୍ୟ ଟୁକୁ ପାଣିଗ୍ରହୀ, ଶିଶୁ କୁମାର ପ୍ରଧାନ, ଚିତ୍ରସେନ ଭୋଇ, ତୁଷୁରା ଏନଏସି କାଉନସିଲର ପ୍ରଦୀପ ସହୁ, ସୁରେନ୍ଦ୍ର ରଣା, ଅମରେଶ କେଡିଆ ପ୍ରମୁଖ ଉପସ୍ଥିତ ଥିଲେ। ଗୁଡଭେଲା ମଣ୍ଡଳ ସଭାପତି ଖଗେଶ୍ୱର ରଣା ଧନ୍ୟବାଦ ଅର୍ପଣ କରିଥିଲେ ।



ନୂଆଁଖାଇ ଭୋଟ୍‌ଘାଟରେ ଉପସ୍ଥିତ ଅତିଥିମାନେ।



ଜଣେ ବଦନାମ୍ ହୋଇଗଲା ପରେ ଚାରି ଚାରି ମିଶିଲେ ଆଠ ହୁଏ ବୋଲି ସେ କହିଲେ ମଧ ଲୋକେ ସହଜରେ ବିଶ୍ୱାସ କରନ୍ତି ନାହିଁ।
-ଜନ୍ ଟିଲୋଟ୍‌ସନ

# ସୁବିଧା ନ ଥାଇ ଚାଲିଛି ସଚେତନତା

**ନୂଆଗାଁ, ୨୮।୯ (ଡି.ଏନ.ଏ)**

**ନୂଆଗାଁ ବ୍ଲକ**
- ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା
- ଚାଲିଛି ଚିକିତ୍ସା ନାଁ ରେ ବେପାର
- ପ୍ରଶାସନ ନୀରବ

ଦିନକୁ ଦିନ ଭୁଶୁଡି ପଡୁଛି ସ୍ୱାସ୍ଥ୍ୟସେବା। ବିଶେଷକରି ଗ୍ରାମାଞ୍ଚଳରେ ଏଭଳି ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ଦିନକୁ ଦିନ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗ୍ରାମାଞ୍ଚଳ ତଥା ସହର ବସ୍ତି ଅଞ୍ଚଳରେ ବସବାସ କରୁଥିବା ଖଟିଖିଆ ମଜୁରିଆଙ୍କ କ୍ଷେତ୍ରରେ ସ୍ୱାସ୍ଥ୍ୟସେବାକୁ ନେଇ ବଢ଼ିଚାଲିଛି ଦୁର୍ଦ୍ଦଶା। ଗୋଟିଏ ପଟେ ଗାଁ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ଡାକ୍ତର ଅଭାବ ପ୍ରମୁଖ ସମସ୍ୟା ହୋଇଥିବାବେଳେ ଯେଉଁ ସ୍ୱାସ୍ଥ୍ୟକର୍ମୀ ଗାଁ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ନିଯୁକ୍ତ, ସେମାନେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ନ ଦେବାରୁ ଗାଁ ଲୋକେ କ୍ୱାକ୍‌ମାନଙ୍କ ପାଖରେ ଚିକିତ୍ସିତ ହୋଇ ସର୍ବସ୍ୱାନ୍ତ ହେଉଛନ୍ତି। ସହରର ବସ୍ତି ଅଞ୍ଚଳରେ ବସବାସ କରୁଥିବା ଖଟିଖିଆ ଗରିବ ଲୋକେ ମଧ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ଆବଶ୍ୟକ ଚିକିତ୍ସା ନ ପାଇ ବିଭିନ୍ନ ବେସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ଚିକିତ୍ସିତ ହୋଇ ଲୁଟି ହେଉଛନ୍ତି। ସରକାର ସ୍ୱାସ୍ଥ୍ୟସେବା ନାଁରେ କୋଟିକୋଟି ଟଙ୍କା ଯୋଗାଇ ଦେଉଛନ୍ତି । ଶିଶୁ, ଗର୍ଭବତୀ ମହିଳାଙ୍କଠାରୁ ଆରମ୍ଭ କରି ବିଭିନ୍ନ ରୋଗ ପାଇଁ ମାଗଣା ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହୁଛନ୍ତି। ଏଥିପାଇଁ ଲୋକମାନଙ୍କୁ ସଚେତନ ମଧ କରାଯାଉଛି। ହେଲେ ଲୋକଙ୍କୁ ମିଳୁନି ଉପଯୁକ୍ତ ସେବା। ପାରିପାର୍ଶିକ ସୁବିଧା ତଥା ଭିତିଭୂମି ନ ଥାଇ କେବଳ ଯୋଜନା ପରେ ଯୋଜନା ଘୋଷଣା କରିଦେଲେ ଲୋକେ ଆବଶ୍ୟକ ଚିକିତ୍ସା ଯେ ପାଇପାରିବେ ଏକଥା ସମ୍ପୂର୍ଣ୍ଣ ଭୁଲ । ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନାହାଁ। ଆବଶ୍ୟକୀୟ ଔଷଧ ନାହିଁ। ରୋଗୀଙ୍କ ରକ୍ତ ପରୀକ୍ଷା ପାଇଁ ସୁବିଧା ନାହିଁ। ଏପରି ସ୍ଥଳେ ସରକାରଙ୍କ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ କେତେଦୂର ସଫଳ ତାହା ସହଜ ଅନୁମେୟ।

ନିକଟରେ ସରକାର ଆରମ୍ଭ କରିଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ନିଶ୍ଚିତ ରୂପେ ସରକାରଙ୍କ ସ୍ୱାଗତ ଯୋଗ୍ୟ ପଦକ୍ଷେପ। ଏହି ଯୋଜନାରେ ସରକାରୀ ଘୋଷଣା ମୁତାବକ ରାଜ୍ୟରେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଥିବା ଓଡିଶାର ୭୦ ଲକ୍ଷ ପରିବାରକୁ ଜଣପିଛା ୫ଲକ୍ଷ ଓ ମହିଳାଙ୍କ କ୍ଷେତ୍ରରେ ୭ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ପ୍ରଦାନ କରାଯିବ ବୋଲି କୁହାଯାଇଛି। ଏହି ଯୋଜନାରେ ବିଜୁ କୃଷକ କଲ୍ୟାଣ ଯୋଜନା, ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା, ଓଡିଶା ରାଜ୍ୟ ଚିକିତ୍ସା ବୀମ ଯୋଜନା ପାଇଁ ଯୋଗ୍ୟ ବିବେଚିତ ସମସ୍ତ ପରିବାର ଉକ୍ତ ଯୋଜନାରେ ସାମିଲ ହୋଇଥିବା କୁହାଯାଇଛି। ବର୍ତ୍ତମାନ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଏହି ଯୋଜନାକୁ ଆହୁରି ଲୋକାଭିମୁଖୀ କରାଯିବାକୁ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଏହା ମଧ ସ୍ୱାଗତ ଯୋଗ୍ୟ ପଦକ୍ଷେପ ହେଲେ ସମ୍ପୃକ୍ତ ଯୋଜନା ମାଧ୍ୟମରେ ଲୋକଙ୍କୁ କେଉଁଠାରେ ଚିକିତ୍ସା ମିଳିବ। ଲୋକେ କିଭଳି ଭାବରେ ଏହି ସୁବିଧା ପାଇପାରିବେ ତାହାକୁ ନେଇ ଆରମ୍ଭ ହୋଇଛି ଚର୍ଚ୍ଚା। କାରଣ ନୂଆଗାଁ ବ୍ଲକ ଭଳି ଆଦିବାସୀ ବହୁଳ ବ୍ଲକରେ ଏବେବି ସରକାରୀ ଯୋଜନାକୁ ଆଖିଠାର। ନୂଆଗାଁ ବ୍ଲକର ହାତୀବାରିଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ସରକାର ୨୦୧୧ ମସିହାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ଦେଇଥିଲେ ହେଁ ଏବେ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଜଣେ ମାତ୍ର ଏମବିବିଏସ ଡାକ୍ତର ସାଙ୍ଗକୁ ଜଣେ ଦୁଇଜଣ ଆୟୁଷ ଡାକ୍ତରଙ୍କୁ ନେଇ ଚାଲିଛି ଏହି ସ୍ୱାସ୍ଥ୍ୟକେନ୍ଦ୍ର। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାବରେ ଘୋଷଣାର ୭ବର୍ଷ ପରେ ବି କୌଣସି ପ୍ରମୁଖ ବିଭାଗ ଏଠାରେ ନାହିଁ କିମ୍ବା କୌଣସି ବିଶେଷଜ୍ଞ ଡାକ୍ତର ନାହାନ୍ତି। ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଆସୁଥିବା ଏହି ହାତୀବାରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ସାଧାରଣ ଲୋକେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ସୁଧୁରୁ ନାହିଁ ସ୍ୱାସ୍ଥ୍ୟସେବା। ସବୁଠାରୁ ଦୁର୍ଭାଗ୍ୟର ବିଷୟ ହେଲା ଆଜକୁ ୩ମାସ ହେବ ଏଠାକାର ରକ୍ତ ପରୀକ୍ଷା ଓ ଯକ୍ଷ୍ମା ବିଭାଗରେ ତାହା ଝୁଲୁଛି। ପ୍ରତିଦିନ ଶହଶହ ରୋଗୀ ଏଠାକୁ ଆସି ଫେରି ଯାଉଛନ୍ତି। ସନ୍ଧ୍ୟା ହେଲେ ଭୂତକୋଠି ପାଲଟୁଛି ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। ସେହିଭଳି ନୂଆଗାଁ, ସୋରଡା ସ୍ୱାସ୍ଥ୍ୟକେନ୍ଦ୍ର କଥା ନ କହିବା ଭଲ। ଡାକ୍ତର ଥାଇ ବି ନ ଥିଲା ଭଳି। ମାସରେ ୮ରୁ ୧୦ ଦିନ କାମ କରି ମାସରେ ଦରମା ଉଠାଉଛନ୍ତି ଡାକ୍ତର। ଗୋଟିଏ ପଟେ ଦେଖିବାକୁ ଗଲେ ନୂଆଗାଁ ବ୍ଲକରେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ଭୁଶୁଡି ପଡିଛି। ଏଭଳି ପରିସ୍ଥିତିରେ ସରକାରଙ୍କ ଏହି ଯୋଜନା ଲୋକମାନଙ୍କ ମଧ୍ୟରେ କେତେ ଖୁସି ଆଣୁଛି ତାହା ସମୟ ହିଁ କହିବ।



ଭୋଟର ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଭୋଟର ସଚେତନତା କାର୍ଯ୍ୟକ୍ରମ

**ସୁନ୍ଦରଗଡ଼, ୨୮।୯ (ଡି.ଏନ୍.ଏ.)**

ଜିଲା ପ୍ରଶାସନ ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ଏକ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଦର ଉପଜିଲାପାଳ ବୀରସେନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଭୋଟର ସଚେତନତା କାର୍ଯ୍ୟକ୍ରମ ସମ୍ପର୍କରେ ବୁଝାଇଥିଲେ। ଚଳିତବର୍ଷ ପ୍ରଥମ ଥର ପାଇଁ ଯେଉଁମାନେ ଭୋଟ ଦେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି, ଅର୍ଥାତ୍ ଯେଉଁମାନେ ୧୮ବର୍ଷ ବୟସରେ ଉପନୀତ ହେଲେ ସେମାନେ ମତଦାନ ମାଧ୍ୟମରେ ଉପଯୁକ୍ତ ଯୋଗ୍ୟ ଲୋକପ୍ରତିନିଧି ବାଛି ପାରିବେ। ଯୁବପିଢି ସଚେତନ ହେଲେ ଓ ନିର୍ବାଚନରେ ବହୁଳ ସଂଖ୍ୟାରେ ଯୋଗଦେଇ ନିର୍ଭିକ, ନିରପେକ୍ଷ ଓ ସଚେତନ ଭାବରେ ମତଦାନ କଲେ ଏକ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସଶକ୍ତ ଗଣତନ୍ତ୍ର ପ୍ରତିଷ୍ଠିତ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏଣୁ ମତଦାନ ହାର ଅଧିକ ହେବା ଗଣତନ୍ତ୍ର ପାଇଁ ଅପରିହାର୍ଯ୍ୟ ବୋଲି ସେ କହିଥିଲେ। ତେଣୁ ଯେଉଁମାନଙ୍କ ଭୋଟର କାର୍ଡ ନାହିଁ ସେମାନେ ଭୋଟର କାର୍ଡ ତିଆରି କରିନେବା ସହ ନିର୍ଭୁଲ ଭୋଟକାର୍ଡ ପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ସୁଷମା ହାଁସଦା ସ୍ୱାଗତ ଅଭିଭାଷଣ ଦେଇ ନାଗରିକଙ୍କ ରକ୍ତଦାନ ଅଧିକାରର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପିକା ପଲ୍ଲିଶ୍ରୀ ପାତ୍ର, ମୁନୁବାଳା ବେହେରା, ଚୈତାଳି ଦତ୍ତ ଓ ଜିଲାପ୍ରଶାସନ ତରଫରୁ ସନାତନ କର, ବିଶ୍ୱରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ସଂକ୍ଷେପରେ**

### ଶିକ୍ଷକ ମଦ ପିଇ ବିଦ୍ୟାଳୟକୁ ଆସୁଥିବା ଅଭିଯୋଗ

**ଲେଫ୍ରିପଡା, ୨୮।୯ (ଡି.ଏନ.ଏ)**- ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ କୁଲାବିରା କିଷାନପଡା ଅଞ୍ଚଳର ଏକ ବିଦ୍ୟାଳୟରେ ଜନୈକ ଶିକ୍ଷକ ବିଦ୍ୟାଳୟରେ ମଦ ପିଇ ଛାତ୍ରୀଛାତ୍ରଙ୍କୁ ଏବଂ ଶିକ୍ଷୟିତ୍ରୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରୁଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟର ଏସ୍‌ଏମ୍ କମିଟି ସଭାପତି ଲେଫ୍ରିପଡା ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ୨୪ ତାରିଖରେ ଏନେଇ ଲିଖିତ ଅଭିଯୋଗ କରିଛନ୍ତି। ଏହା ବ୍ୟତୀତ ଏହି ବିଦ୍ୟାଳୟରୁ ସମ୍ପୃକ୍ତ ଶିକ୍ଷକଙ୍କୁ ବଦଳ କରାଯାଇ ଅନ୍ୟ ଶିକ୍ଷକ ଦେବା ପାଇଁ ଦର୍ଶାଯାଇଛି। ଅଭିଯୋଗ ଦୀର୍ଘଦିନ ବିତି ଯାଇଥିଲେ ମଧ୍ୟ ବ୍ଲକ୍ ଶିକ୍ଷାବିଭାଗ ପକ୍ଷରୁ ଏହାର କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ବୃଦ୍ଧି ପାଉଛି। ଏ ଦିଗରେ ସ୍ଥାନୀୟ ବ୍ଲକ୍ ଶିକ୍ଷାଅଧିକାରୀ ହରେକୃଷ୍ଣ ପୁରୋହିତଙ୍କୁ ପଚାରିବାରୁ ତଦନ୍ତ ଜାରି ରହିଛି ବୋଲି କହିଛନ୍ତି।

### ବାଙ୍କୀବାହାଲ-ସୁନ୍ଦରଗଡ଼ ଭାରିଯାନ ଯାତାୟାତ କଟକଣା ସମୟ ବୃଦ୍ଧି

**ସୁନ୍ଦରଗଡ଼, ୨୮।୯ (ଡି.ଏନ୍.ଏ)**- ବାଙ୍କୀବାହାଲଠାରୁ ସୁନ୍ଦରଗଡ଼ ପର୍ଯ୍ୟନ୍ତ ଭାରିଯାନ ଯାତାୟତ କଟକଣା ପୁନର୍ବାର ୨୮ରୁ ଆସନ୍ତା ଅକ୍ଟୋବର ୨୬ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଜିଲାପାଳ ତଥା ଆଞ୍ଚଳିକ ପରିବହନ ପ୍ରାଧିକରଣ ଅଧ୍ୟକ୍ଷ ସୁନ୍ଦରଗଡଙ୍କ ନିର୍ଦ୍ଦେଶକ୍ରମେ ଏହି କଟକଣା ସକାଳ ୯ଟାଠାରୁ ଦିବା ୧୦ଟା ୩୦ ମିନିଟ ଓ ଅପରାହ୍ଣ ୩ଟା ୩୦ ମିନିଟରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ବଳବତ୍ତର ରହିବ। ଉକ୍ତ କଟକଣା କେବଳ ଭାରିଯାନ ଯଥା ମଲ୍ଟି ଏକ୍ସେଲ ଯାନପାଇଁ ପ୍ରଯୁଜ୍ୟ। ଏହି କଟକଣା ପୁନଃ ଆଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି କୁହାଯାଇଛି।

### ଖାଉଟି ସୁରକ୍ଷା ଦୁର୍ନୀତି ବିରୋଧୀ ମଞ୍ଚର ଧାରଣା

**ସୁନ୍ଦରଗଡ଼, ୨୮।୯ (ଡି.ଏନ୍.ଏ)**- ଖାଉଟୀ ସାମଗ୍ରୀ ବିକ୍ରୟ କେନ୍ଦ୍ର ମୈତ୍ରୀ କେନ୍ଦ୍ରର ବନ୍ଦ ନିଷ୍ପତ୍ତି ପ୍ରତିବାଦରେ ସ୍ଥାନୀୟ ଖାଉଟି ସୁରକ୍ଷା ଓ ଦୁର୍ନୀତି ବିରୋଧୀ ମଞ୍ଚ ତରଫରୁ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଧାରଣା ଶୁକ୍ରବାର ଦ୍ୱିତୀୟ ଦିବସରେ ପହଞ୍ଚିଛି । ମଞ୍ଚର ସଭାପତି ବରିଷ୍ଠ ଆଇନଜୀବୀ ଶ୍ୟାମସୁନ୍ଦର ମିଶ୍ର ଓ ସମ୍ପାଦକ ବୈରାଗୀ ସାହୁଙ୍କ ନେତୃତ୍ୱରେ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଖାଉଟୀ ଏହି ଧାରଣାରେ ସାମିଲ ହୋଇ ମୈତ୍ରୀର ପୁନଃପ୍ରଚଳନ କରିବା ପାଇଁ ବିଭିନ୍ନ ସ୍ଲୋଗାନ୍ ଦେଇଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି।



ନୂଆଗାଁ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ କୃତୀ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

## ବ୍ଲକସ୍ତରୀୟ କ୍ରୀଡ଼ା ଉଦ୍‌ଯାପିତ: ୨୪୮ ଖେଳାଳି ପୁରସ୍କୃତ

**ନୂଆଗାଁ, ୨୮।୯ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ପୁରୁଣାପାଣି ହାଇସ୍କୁଲ ପଡିଆରେ ଚାଲିଥିବା ଦୁଇ ଦିନିଆ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଶୁକ୍ରବାର ଉଦଯାପିତ ହୋଇଛି। କ୍ରୀଡା ପ୍ରତିଯୋଗିତାରେ ପ୍ରାଥମିକ ପର୍ଯ୍ୟାୟରେ ୧୬ ହାଇସ୍କୁଲ ଓ ୨୫ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ର ଖେଳରେ ଭାଗନେଇଥିବାବେଳେ ଉଦଯାପନୀ ଦିବସରେ ଆଉ ୯ଟି ହାଇସ୍କୁଲ ଓ ୧୧ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗନେଇଥିଲେ। ମୋଟ ୫୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଭିନ୍ନ ଖେଳରେ ଅଂଶଗ୍ରହଣ କରିଥିଲେ। ଖେଳର ପ୍ରଥମ ଦିନ ଦୌଡ ପ୍ରତିଯୋଗିତା ସାଙ୍ଗକୁ ଲମ୍ଫଡିଆଁ, ଉଚ୍ଚଡିଆଁ ଆଦି ଖେଳଗୁଡିକ ଅନୁଷ୍ଠିତ ହୋଇଥିବାବେଳେ ଦ୍ୱିତୀୟ ଦିବସରେ ସଟପୁଟ, ଜାଭଲିନ, ୪ଶହ, ୫ଶହ ମିଟର ଦୌଡ ସାଙ୍ଗକୁ ହକି, ଫୁଟବଲ ଓ ଭଲିବଲ ଖେଳ ଆଦି ହୋଇଥିଲା। ୧୭ ବର୍ଷରୁ କମ୍ ଓ ୧୪ ବର୍ଷରୁ କମ ଖେଳାଳିମାନେ ପୃଥକ ପୃଥକ ଭାବରେ ବିଭିନ୍ନ ଖେଳରେ ଅଂଶଗ୍ରହଣ କରିଥିଲେ। ମୋଟ ୨୪୮ ଜଣ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା।

ଏମାନଙ୍କ ମଧ୍ୟରୁ ପ୍ରତ୍ୟେକ ଖେଳରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଖେଳାଳିମାନଙ୍କୁ ଜିଲାସ୍ତରୀୟ ଖେଳରେ ଭାଗ ନେବାକୁ ମନୋନୀତ କରାଯାଇଥିବା ଜଣାପଡିଛି। ନୂଆଗାଁ ବ୍ଲକ ଶିକ୍ଷା ଅଧିକାରୀ ସସ୍ମିତା ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କ୍ରୀଡା ପ୍ରତିଯୋଗିତାରେ ଉଦଯାପନୀ ଉତ୍ସବରେ ନୂଆଗାଁ ବ୍ଲକର ପୂର୍ବତନ ସ୍କୁଲ ଅନୁନିରୀକ୍ଷକ ଗୋଲାପ ଚନ୍ଦ୍ର ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡାର ମହାନୀୟତା ଓ ଆବଶ୍ୟକତା ଉପରେ ଖେଳାଳିଙ୍କୁ କହିଥିଲେ। ସମ୍ମାନିତ ଅତିଥି ଭାବେ ପୁରୁଣାପାଣି ସରପଞ୍ଚ କମଲ ମାଝୀ, ଉର୍ମେଲ ସରପଞ୍ଚ ଏଲିଜା ବେଥ ଲୁଗୁନ, ସୋରଡା ସରପଞ୍ଚ ପରବିନ ଏକ୍କା, ଉର୍ମେଲ ସମିତି ସଭ୍ୟ କୁଯ ଓରାମ, ପୁରୁଣାପାଣି ସମିତି ସଭ୍ୟ ହେଲେନ ଲୁଗୁନ, ନୂଆଗାଁ ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ଅଲେଖ ଚନ୍ଦ୍ର ସାହୁ, ସିଆରସିସି ମଙ୍ଗଳ କେର୍କେଟା, ରଞ୍ଜିତ ଏକ୍କା, କାଶିନାଥ ନନ୍ଦି, ସାମାଜସେବୀ ବିଦ୍ୟାଧର ଦେବ ପ୍ରମୁଖ ଉପସ୍ଥିତ ରହି ଖେଳରେ ଭାଗନେଇଥିବା ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ନୂଆଗାଁ ବିଇଓ ସସ୍ମିତା ବେହେରା ସମସ୍ତ ଶିକ୍ଷକ ସିଆରସିସି ତଥା ସ୍ଥାନୀୟ ବୁଦ୍ଧିଜୀବୀଙ୍କୁ ସହଯୋଗ ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ।

## ଆଦର୍ଶ ରୋଷେଇ ଗୃହ ନିର୍ମାଣ ନିମ୍ନମାନର

**ବଡଗାଁ, ୨୮।୯ (ଡି.ଏନ.ଏ)**

- ନିମ୍ନମାନର କାର୍ଯ୍ୟ
- ୫ମାସରେ ଧସି ପଡିଲା

ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କୁ ଲଗାମ ଲଗାଇବାରେ ସରକାର ବିଫଳ ହୋଇଛନ୍ତି। କାର୍ଯ୍ୟାନୁଷ୍ଠାନ ତ ଦୂରର କଥା ଅଭିଯୋଗ କଲେ ମଧ ଶୁଣିବାକୁ କେହି ନାହିଁ। ଏହି କାରଣରୁ ଆଦର୍ଶ ନାଁ କୁ ଚୁଲିରେ ପକାଇ ନିକୃଷ୍ଟମାନର କାର୍ଯ୍ୟ କରି ଛାତ୍ରୀଛାତ୍ରଙ୍କ ଜୀବନକୁ ବିପଦ ମୁହଁରେ ଠେଲି ଦେବାକୁ ପଛାଉ ନାହାନ୍ତି ସରକାରୀ କର୍ମଚାରୀ। ଏଭଳି କଡା ଟିପଣୀ ଦେଉଛନ୍ତି ସୁନ୍ଦରଗଡ ଜିଲା ବଡଗାଁ ବ୍ଲକର ଦାଣ୍ଡଜମରା ଗ୍ରାମବାସୀ। ଜିଲା ପ୍ରକଳ୍ପ ସଂଯୋଜକ ଡିପିସିଙ୍କ ମାଧ୍ୟମରେ ଜେଇଙ୍କ ଦ୍ୱାରା ବ୍ଲକ ଅଞ୍ଚଳର ବିଭିନ୍ନ ସ୍କୁଲରେ ୬ମାସ ପୂର୍ବେ ଏକ ଲକ୍ଷ ୨୦ ହଜାର ଟଙ୍କା ବ୍ୟୟରେ ଆଦର୍ଶ ରୋଷେଇ ଗୃହ ନିର୍ମାଣ ହୋଇଥିଲା। ନିର୍ମାଣ ଶେଷ ହେବାର ୫ମାସ ପରେ ଛାତରୁ ପାଣି ଗଳିବା ସହ କାନ୍ଥ ଫାଟିଯିବା ଓ ଝରକା ଉପରେ ଛାଜା ଭାଙ୍ଗି ଗଳି ପଡିଛି। ଏହି ନିମ୍ନମାନର କାର୍ଯ୍ୟକୁ ନେଇ ବ୍ଲକ ଅଧ୍ୟକ୍ଷାଙ୍କ ସମେତ ଜନପ୍ରତିନିଧିମାନେ ମୁହଁ ବନ୍ଦ କରିଥିଲେ ମଧ ଅଭିଭାବକ, ଗ୍ରାମବାସୀ ଓ ଶିକ୍ଷକମାନେ ଅସନ୍ତୋଷ ପ୍ରକଟ କରୁଛନ୍ତି । ଦାଣ୍ଡଜମରା ପ୍ରାଥମିକ ସ୍କୁଲ ପରିସରରେ ୬ମାସ ପୂର୍ବେ ଆଦର୍ଶ ରୋଷେଇ ଗୃହ ନିର୍ମାଣ ହୋଇଥିଲା । ମାତ୍ର ୫ମାସ ପରେ ଛାତରୁ ପାଣି ଗଳିବା ସହ ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଛି।

ଛାଜା ଗୁଡିକ ଭାଙ୍ଗି ତଳକୁ ହୋଇଯିବାରୁ ଝରକା ଖୋଲି ହେଉନାହିଁ। ଏଭଳି ସ୍ଥିତିରେ ଥିବା ବିପସ ସଂକୁଳ ଗୃହରେ ରୋଷେୟା ଖାଦ୍ୟ ପ୍ରସ୍ତୁତ କରୁଥିବା ଦେଖାଯାଇଛି । ସୂଚନାକ୍ରମେ ସ୍କୁଲକୁ ଯାଇଥିଲା ବେଳେ ପ୍ରଧାନଶିକ୍ଷକ ଲବ ମହାନନ୍ଦିଆ ନିର୍ମାଣର ୪ ରୁ ୫ ମାଧରେ ଛାଜା ଖସିପଡିଥିଲା । କେତେକ ସ୍ଥାନରେ ଫାଟ ହୋଇଛି ଓ ବର୍ଷା ହେଲେ ଛାତରୁ ପାଣି ଗଳୁଛି । ସେତେବେଳର ବିଇଓ ପୁରୋହିତ ସାରଙ୍କୁ ଜଣାଇଥିଲି। ସାର ଫଟୋ ଉଠାଇ ନେଇଥିଲେ । କିନ୍ତୁ କେହି କିଛି ଶୁଣିଲେ ନାହିଁ ।

ସ୍କୁଲ ପରିସରରେ ଏଭଳି ବିପଦ ସଂକୁଳ ଗୃହ ରହିବା ଠିକ୍ ନୁହେଁ କହିଥିଲା ବେଳେ ସ୍କୁଲ କମିଟି ସଭାପତି କୌଶିକ ବେହେରା, ଉପସଭାପତି ସୁଶିଲ ବେହେରା, ଗ୍ରାମର ମୂରଲୀ ବେହେରା, ଯଶୋଦା ବେହେର, ଗୁଣନିଧି ବେହେରା, ମୂରଲୀ ବେହେରା, ଯୋଗିନ୍ଦ୍ର ସାହୁଙ୍କ ସହିତ ଅନେକ ଗ୍ରାମବାସୀ ସ୍କୁଲରେ ନିକୃଷ୍ଟମାନର କାମ, ତାହା ପୁଣି ଜେଇଙ୍କ ଦ୍ୱାରା ହେବା ଦୁର୍ଭାଗ୍ୟ ଜନକ କହିଥିଲେ। ରେଷେୟା ଓ ଛାତ୍ରୀଛାତ୍ରଙ୍କ ଜୀବନକୁ ବିପଦରେ ପକାଇଥିବା ଜେଇଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ବୋଲି କହିବା ସହ ଏସବୁ ଦେଖି ଯେଉଁ ଅଧିକାରୀମାନେ ଆଖି ବନ୍ଦ କରିଛନ୍ତି ସେମାନେ ମଧ ଏଥିପାଇଁ ଦାୟୀ କହିଛନ୍ତି। ଆଦର୍ଶ ନାମକରଣ କରି ନିକୃଷ୍ଟ କାମ କରିଥିବା କର୍ମଚାରୀଙ୍କ ବିରୁଦ୍ଧରେ ଜିଲାପାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ରୋଷେୟା ହାରାବତୀ ଧରେଇ ଓ ସାବିତ୍ରୀ ସାହୁ କହନ୍ତି, ଛାଜା ଧସି ପଡିଥିବାରୁ ଝରକା ଖୋଲୁ ନାହିଁ । ଫଳରେ ଧୂଆଁ ଭିତରେ ରହି ଅଣନିଶ୍ୱାସୀ ହୋଇ କାମ କରିବାକୁ ପଡୁଛି । ଏ ସମ୍ପର୍କରେ ଆଦର୍ଶ ରୋଷେଇ ଗୃହ, ନିର୍ମାଣ କରିଥିବା ଜେଇ ଶ୍ରୀମା ପଟେଲଙ୍କୁ ପଚାରିବାରେ ବିଲ୍ ହୋଇନାହିଁ କହିଛନ୍ତି ।

## ଚୋରି, ଡକାୟତି, ରାହାଜାନି ବଢୁଛି

**ବାଲିଶଙ୍କରା, ୨୮।୯ (ଡି.ଏନ.ଏ)**

ସୁନ୍ଦରଗଡ ଜିଲାର ସୀମାନ୍ତବର୍ତ୍ତି ବାଲିଶଙ୍କରା ବ୍ଲକର ବିଭିନ୍ନ ଅଞ୍ଚଳରେ ପୋଲିସର ନିଷ୍କ୍ରିୟତା ଯୋଗୁ ଦିନକୁ ଦିନ ଚୋରି, ଡକାୟତି, ରାହାଜାନି, ଲୁଟପାଟ ଭଳି ଅପରାଧ ବଢ଼ିବାରେ ଲାଗିଛି । ଅଞ୍ଚଳରେ ମାସେ ଦୁଇ ମାସରେ ଦିନ ସକାଳ ଓ ବିଳମ୍ବିତ ରାତ୍ରିରେ ଖୁଲମଖୁଲା ଯାନବାହାନକୁ ଅଟକାଇ ଦାଦାବଟି ଆଦାୟ କରୁଥିବା, ବାଇକରେ ବୁଲୁଥିବା ଯୁବ ଗୋଷ୍ଠୀ ବିଭିନ୍ନ ଅପରାଧ ଘଟାଇ ଫେରାର ହୋଇଯାଉଥିବା, ମହିଳା ପୁରୁଷ ସକାଳୁ ମର୍ଣ୍ଣିଂୱାକ କରୁଥିଲେ ଛିନତାଇ ମାରପିଟ କରି ସୁନାଗହଣା, ମୋବାଇଲ ଛଡ଼ାଇ ନେବା ଭଳି ଘଟଣା ଘଟୁଛି। ବିଶେଷକରି ବାଇକ ଚୋରି ବଢିଛି। ଉପାନ୍ତ ଅଞ୍ଚଳ ଶାଗବାହାଲ, ବନଡେଗା, ଲୁଲକିଡିହିକୁ ଯିବା ପାଇଁ ଅଞ୍ଚଳର ଜନସାଧାରଣ ଭୟରେ ଯିବା ଆସିବା ମଣୁ ନ ଥିବାବେଳେ ବିଭିନ୍ନ ଅପରାଧ ଖୁଲମଖୁଲା ଘଟୁଥିଲେ ମଧ ପୋଲିସ ପଦକ୍ଷେପ ନେଉନାହିଁ। ଅତି ପରିତାପର ବିଷୟ କି ବାଲିଶଙ୍କରା, ବୁଢ଼ାବାହାଲ, କରୁଆବାହାଏ ବନ୍ଧବାହାଲ, ତିଲଡେଗା, ଗାଇଡେଗା, କିଞ୍ଜିରକେଲା, ରଷ୍ଟି ଶାଗବାହାଲ ଅଞ୍ଚଳରେ ଦେଶୀ ବିଦେଶୀ ମଦ ଖୁଲମଖୁଲା ବିକ୍ରି ହେଉଛି। ବାରମ୍ବାର ବନ୍ଦ କରିବା ପାଇଁ ପୋଲିସ ଓ ଅବକାରୀ ବିଭାଗକୁ ଜଣାଇଲେ ମଧ କୌଣସି ପଦକ୍ଷେପ ନେଉନଥିବାରୁ ବୁଦ୍ଧିଜୀବି ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । ପାଟ୍ରୋଲିଂ ବ୍ୟବସ୍ଥା ପୁରାପୁରି ହେଉନାହିଁ । ପ୍ରତିଦିନ ପାଟ୍ରୋଲିଂ ବ୍ୟବସ୍ଥା ହେବା ସହିତ ମଦମୁକ୍ତ ଅଞ୍ଚଳ ଗଠନ କରିବା ପାଇଁ ଜିଲା ଆରକ୍ଷୀ ଅଧକ୍ଷ ଏଥିପ୍ରତି ଗୁରୁତ୍ୱ ଦେବା ପାଇଁ ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

### ଦେଓଭବନପୁର ଗ୍ରାମାଞ୍ଚଳ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

## ପ୍ରଥମ ମ୍ୟାଚ୍‌ରେ ବିଷ୍ଣୁପୁର ଓ ସୁନାଜୋରୀ ମୁକାବିଲା

**ସୁନ୍ଦରଗଡ଼, ୨୮।୯ (ଡି.ଏନ୍.ଏ )**

ଦେଓଭବନପୁର ଠାରେ ଶୁକ୍ରବାର ଗ୍ରାମାଞ୍ଚଳ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହା ୩ଦିନ ଧରି ଚାଲିବ। ଜିଲା ବିଜେଡି ଯୁବନେତା ସୁଦାମ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ୍ ବିଷ୍ଣୁପୁର ଓ ସୁନାଜୋରୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚକୁ ଅନୀଲ ଖାଲକୋ ଓ ମୋତିଲାଲ ଓରାମ ପରିଚାଳନା କରିଥିଲେ। ଉଦଘାଟନୀ ସମାରୋହରେ ସ୍ଥାନୀୟ ସରପଞ୍ଚ ପାର୍ବତୀ ବାର୍ଲା, ସମିତି ସଭ୍ୟା ହେମଲତା କରସେଲ, ଆୟୋଜକ ସମଲେଶ୍ୱରୀ କ୍ଲବର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଭାଗନେଇଛନ୍ତି।



ଦେଓଭବନପୁରଠାରେ ଗ୍ରାମାଞ୍ଚଳ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ମୁହୂର୍ତ୍ତ।

## ଲେଫ୍ରିପଡ଼ା ବ୍ଲକ୍ ବିଜେଡି ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

**ଲେଫ୍ରିପଡା, ୨୮।୯ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ୍ ବିଜେଡି ପକ୍ଷରୁ ନୂଆଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲା ସ୍ୱତନ୍ତ୍ର ବିକାଶ ପରିଷଦର ସଭାପତି ସନ୍ତୋଷ ଅମାତ୍ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପଶ୍ଚିମ ଓଡିଶା ବିକାଶ ପରିଷଦର ସକ୍ରିୟ ସଦସ୍ୟ ବିନୟକୁମାର ଟପୋ, ବ୍ଲକ୍ ପର୍ଯ୍ୟବେକ୍ଷକ ଗୋପାଳ ପ୍ରଧାନ, ପୂର୍ବତନ ତଲସରା ବିଧାୟକ ରଣଜିତ୍ ଭିତ୍ରିଆ, ସୁନ୍ଦରଗଡ ସ୍ୱତନ୍ତ୍ର ବିକାଶ ପରିଷଦ ଉପାଧ୍ୟକ୍ଷା କୁସୁମ ଟେଟେ, ବିଜେଡି ରାଜ୍ୟ ସଂଖ୍ୟା ଲଘୁ ସମ୍ପ୍ରଦାୟର ସମ୍ପାଦକ ଷ୍ଟିଫେନ ସୋରେଙ୍ଗ, ଟିଡିସିସି ରାଜ୍ୟ ନିର୍ଦ୍ଦେଶକ ବିମଳ ପଟେଲ ପ୍ରମୁଖ ଯୋଗଦାନ କରିଥିଲେ। ନୂଆଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଲେଫ୍ରିପଡା ବ୍ଲକ୍ ଅଞ୍ଚଳରୁ ସଂକୀର୍ତ୍ତନ୍ୟ ମଣ୍ଡଳୀ, ମାଦଳ ନୃତ୍ୟ, କୃଷ୍ଣଗୁରୁ ଭଜନ ଇତ୍ୟାଦି ମୋଟ୍ ୨୬ଟି ସାଂସ୍କୃତିକ ଦଳ ଯୋଗଦାନ କରି ନିଜ କଳା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ଲେଫ୍ରିପଡା ବ୍ଲକ୍ ବିଜେଡି ପକ୍ଷରୁ ଟଙ୍କଧର ବେହେରା, ଭବାନୀ ବିରଗଣ୍ଡିଆ ଆୟୋଜନ କରିଥିଲେ। ଏଥିରେ ବ୍ଲକ୍ ବିଜେଡି ସଭାପତି ବ୍ରଜରାମ ଡନ୍‌ସନା, ରବିନାରାୟଣ ପଟେଲ, ପ୍ରଶାନ୍ତ ପୃଷେଠ୍, ଯୋଗେନ୍ଦ୍ର ଗୁର୍ଲିହା, ମୁକୁନ୍ଦ ପ୍ରଧାନ, ସୁମନ୍ତ ପୂଜାରୀ ପ୍ରମୁଖ ବିଜେଡି କର୍ମୀଗଣ ସକ୍ରିୟ ସହଯୋଗ କରିଥିଲେ। ଅଞ୍ଚଳର ଜନସାଧାରଣ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦାନ କରିଥିଲେ।



ଲେଫ୍ରିପଡା ବ୍ଲକ୍ ବିଜେଡି ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଦଳୀୟ କର୍ମକର୍ତ୍ତା ଓ ସାଂସ୍କୃତିକ ଦଳ।



କୋମଳ ଉତ୍ତର କ୍ରୋଧକୁ ଦମନ କରେ,
ମାତ୍ର କଟୁବାକ୍ୟ କୋପ ଜନ୍ମାଏ।
- ଯୀଶୁଖ୍ରୀଷ୍ଟ

**ସଂକ୍ଷେପରେ**

## ଅକ୍ଟୋବର ୧୧ରେ ଝାରସୁଗୁଡ଼ା ଆସିବେ ରାଜ୍ୟପାଳ

ଝାରସୁଗୁଡ଼ା ଅଫିସ,୨୮।୯: ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ ଅକ୍ଟୋବର ୧୧ତାରିଖରେ ଝାରସୁଗୁଡ଼ା ଆସିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ପୂର୍ବରୁ ଜୁଲାଇ ୭ତାରିଖରେ ରାଜ୍ୟପାଳ ପ୍ରଫେସର ଲାଲ ଝାରସୁଗୁଡା ଗସ୍ତରେ ଆସିବା ନେଇ ସ୍ଥିର ହୋଇଥିବା ବେଳେ ପରବର୍ତ୍ତୀ ମୁହୂର୍ତ୍ତରେ ତାହା ବାତିଲ ହୋଇଥିଲା। ବର୍ତ୍ତମାନ ଅକ୍ଟୋବର ୧୧ ତାରିଖରେ ଆସିବା ପାଇଁ ନିଶ୍ଚିତ ହୋଇଛି। ରାଜ୍ୟପାଳ ପ୍ରଫେସର ଲାଲ ୩ ଦିନିଆ ଗସ୍ତରେ ଆସୁଛନ୍ତି। ୯ ଏବଂ ୧୦ ତାରିଖ ଦୁଇଦିନ ରାଉରକେଲାରେ ବିବିଧ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ୧୧ ତାରିଖରେର ଝାରସୁଗୁଡାରେ ପହଞ୍ଚିବେ। ପରେ ଲଖନପୁର ବ୍ଲକର ଦୁମେରଢ଼ିପା ଗାଁ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି।

## ପୋଲିସର ଚଢାଉ, ୪ ଜୁଆଡି ଗିରଫ

ଲଖନପୁର,୨୮।୯(ଡି.ଏନ୍.ଏ.): ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା ଅଧୀନ ୪୯ନଂ ଜାତୀୟ ରାଜପଥ ମାହାସିଂହ ଛକରେ ଚାଲିଥିବା ଏକ ଜୁଆଆଡ୍ଡା ଉପରେ ଶୁକ୍ରବାର ରାତି ପ୍ରାୟ ୮ଟାରେ ସ୍ଥାନୀୟ ପୋଲିସ ଚଢାଉ କରି ୪ଜଣ ଜୁଆଡିଙ୍କୁ ଗିରଫ କରିଛି। ସେମାନେ ହେଲେ ବିଜାପାଲି ଗ୍ରାମର ବିଷ୍ଣୁ ବାରିକ(୩୫), ପଂଚଗାଁ ଗ୍ରାମର ପ୍ରସନ୍ନ ପ୍ରଧାନ(୫୦), ଡୁଡୁଗା ଗ୍ରାମର ଧନଞ୍ଜୟ ବାରିକ(୪୨) ଓ ମାହାସିଂହ ଗ୍ରାମର ବେଣୁଧର ସାହୁ(୬୧)। ପୋଲିସ ତାଙ୍କଠାରୁ ଏକ ତାସ୍ ପତା, ୩୩ଶହ ଟଙ୍କା ଏବଂ ୪ଟି ମୋବାଇଲ୍ ଫୋନ ଜବତ କରିଛି। ଏନେଇ ରେଙ୍ଗାଲି ଥାନା ପୋଲିସ ଏକ ମାମଲା(ନଂ.୧୨୮/୧୮) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଶନିବାର ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲଣ କରାଯିବ ବୋଲି ଥାନା ଆଇଆଇସି ପ୍ରତାପ ରଣା କହିଛନ୍ତି।

# ଭିନ୍ନ ଭିନ୍ନ ଆନ୍ଦୋଳନରେ ଝାରସୁଗୁଡ଼ା ବନ୍ଦ

ଝାରସୁଗୁଡ଼ା ଅଫିସ,୨୮।୯

ଝାରସୁଗୁଡ଼ାରେ ଶୁକ୍ରବାର ସବୁ କିଛି ବନ୍ଦ ରହିଥିଲା। ସମାନ୍ତରାଳ ଭାବେ ଏକାଧିକ ଆନ୍ଦୋଳନ ଚାଲିଥିବାରୁ ଏକ ପ୍ରକାର ଅଘୋଷିତ ଛୁଟି ଜଣାପଡିଥିଲା। ଭିନ୍ନ ଭିନ୍ନ ଦାବି ନେଇ ବିଭିନ୍ନ ସଙ୍ଗଠନର ଆନ୍ଦୋଳନ ଯୋଗୁ ଝାରସୁଗୁଡ଼ା ଲୋକଙ୍କ ଉପରେ ଏହାର ସିଧାସଳଖ ପ୍ରଭାବ ପଡିଛି। ଗାଡିମଟର ଚାଲିଥିଲେ ମଧ ଅନ୍ୟ ସବୁ ବନ୍ଦ ରହିଥିଲା। ଗୋଟିଏ ପଟେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ପାଇଁ ଓକିଲ ସଂଘ ଆନ୍ଦୋଳନରତ ରହିଛି। ଏହାର ପ୍ରଭାବରେ ନ୍ୟାୟିକ ଓ ରାଜସ୍ୱ ଅଦାଲତ ସମେତ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟ ସେପ୍ଟେମ୍ବର ୨୪ତାରିଖରୁ ବନ୍ଦ ରହିଛି। ଅନ୍ୟପକ୍ଷରେ ଖୁଚୁରା ବ୍ୟବସାୟ କ୍ଷେତ୍ରରେ ବିଦେଶୀ ପୁଞ୍ଜିନିବେଶ ଏବଂ ଦ୍ରବ୍ୟ ଓ ସେବା କର(ଜିଏସ୍‌ଟି) ଖୁଚୁରା ବ୍ୟବସାୟୀଙ୍କ ଉପରେ ନକରାତ୍ମକ ପ୍ରଭାବ ଭଳି କେତେକ ଦାବି ନେଇ କନ୍‌ଫେଡେରେଶନ ଅଫ ଅଲ୍‌ଇଣ୍ଡିଆ ଟ୍ରେଡର୍ସ(ସିଏଆଇଟି) ଡାକରାରେ ଶୁକ୍ରବାର ସହରର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ସେହିପରି ଇ-ଫାର୍ମାସୀକୁ ବିରୋଧ କରି ସର୍ବଭାରତୀୟ ଔଷଧ ବ୍ୟବସାୟୀ ସଙ୍ଗଠନର ଡାକରାରେ ଝାରସୁଗୁଡ଼ାର ସମସ୍ତ ଔଷଧ ଦୋକାନ ବନ୍ଦ ରହିଥିଲା। ଖୁଚୁରା ବ୍ୟବସାୟ କ୍ଷେତ୍ରରେ ବିଦେଶୀ ପୁଞ୍ଜିନିବେଶ ଏବଂ ଫ୍ଲିପ୍‌କାର୍ଟ ଭଳି ଖୁଚୁରା ବ୍ୟବସାୟିକ ସଂସ୍ଥାକୁ ୱାଲମାର୍ଟର ଅଧିଗ୍ରହଣକୁ ବିରୋଧ କରି ସିଏଆଇଟି ସର୍ବଭାରତୀୟ ବନ୍ଦ ଡାକରା ଦେଇଥିଲା। ଏହାକୁ ସମର୍ଥନ କରି ଝାରସୁଗୁଡ଼ା ଚାମ୍ବର ଅଫ କମର୍ସ ଏବଂ ବ୍ୟବସାୟୀ ସଂଘ ଶୁକ୍ରବାର ଦୋକାନ ବଜାର ବନ୍ଦ ରଖିବାକୁ ସମହତି ପ୍ରକାଶ କରିଥିଲେ। ଫଳରେ ଝାରସୁଗୁଡା ସହରର ଦୋକାନ ବଜାର ବନ୍ଦ କରାଯାଇଥିଲା। ବ୍ୟବସାୟୀ ସଂଘର ହୀରାଲାଲ ଲୋକଚନ୍ଦାନୀ, ରମେଶ ଗାନ୍ଧୀ, ଯୁଗଳ କିଶୋର ସୁଲତାନିଆ, ଶୈଳେଶ ଗିଦୱାନୀ, ପୱନ ସୁଲତାନିଆଁ ଏବଂ ଅନ୍ୟମାନଙ୍କ ଉଦ୍ୟମରେ ବନ୍ଦ କରାଯାଇଥିଲା। ସେହିପରି ଇ-ଫାର୍ମାସୀକୁ ପ୍ରୋତ୍ସାହନ ଦେବାକୁ ସରକାର ଯୋଜନା କରୁଛନ୍ତି। ଏହାଦ୍ୱାରା ଦେଶର ୮.୫୦ ହଜାର ଔଷଧ ବ୍ୟବସାୟୀ ପ୍ରଭାବିତ ହେବ ସହ ଲୋକେ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। ସରକାରଙ୍କ ଏହି ପ୍ରସ୍ତାବକୁ ବିରୋଧ କରି ସର୍ବଭାରତୀୟ ଔଷଧ ବ୍ୟବସାୟୀ ସଙ୍ଗଠନର ଆହ୍ୱାନକ୍ରମେ ଝାରସୁଗଡ଼ାର ଔଷଧ ବ୍ୟବସାୟୀ ସଂଘ ଦୋକାନ ବଜାର ବନ୍ଦ ରଖିଥିଲେ। ମନୋଜ ବଂଶଲ, ମନ ମହାପାତ୍ର, ତରୁଣ ଶର୍ମା, ଅମିତ ସରାୱଗି ସମେତ ଅନ୍ୟ କର୍ମକର୍ତ୍ତାଙ୍କ ଉଦ୍ୟମରେ ଔଷଧ ଦୋକାନ ବନ୍ଦ କରାଯାଇଥିଲା।

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀବେଞ୍ଚ ସ୍ଥାପନ ଦାବିରେ ୨୪ ତାରିଖରୁ ଝାରସୁଗୁଡା ବାର ଆସୋସିଏଶନ୍ ପକ୍ଷରୁ ନ୍ୟାୟିକ, ରାଜସ୍ୱ ଅଦାଲତ ସହ ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ଆନ୍ଦୋଳନ ସ୍ଥଗିତ ରହିଥିବା ବେଳେ ୨୪ ତାରିଖରୁ ଏହାକୁ ଜୋରଦାର କରାଯାଇଥିଲା। ପଶ୍ଚିମ ଓଡ଼ିଶା ବାର ସମୂହକୁ ନେଇ ଗଠିତ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କୋର କମିଟି ବୈଠକର ନିଷ୍ପତ୍ତି କ୍ରମେ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ସବୁ ବନ୍ଦ ରହିବ। ବନ୍ଦ ପ୍ରଭାବରେ ସରକାରୀ କାର୍ଯ୍ୟାଳୟ, ଅଦାଲତ, ଦୋକାନ ବଜାର, ବ୍ୟବସାୟିକ ପ୍ରତିଷ୍ଠାନ, ଔଷଧ ଦୋକାନ, ଖୁଚୁରା କାରବାର ବନ୍ଦ କରାଯାଇ ଆର୍ଥିକ ଅବରୋଧ କରାଯାଇଛି।



ଝାରସୁଗୁଡ଼ାଦୋକାନ ବଜାର ବନ୍ଦ।

# ପୋଲିସ ଜୁଡୋ ଚାମ୍ପିୟନଶିପ୍‌ରେ ଝାରସୁଗୁଡ଼ା ରେଫରି

ଝାରସୁଗୁଡ଼ା ଅଫିସ,୨୮।୯


ନବୀନ ସିଂ(ଫାଇଲ ଫଟୋ)।

ତୃତୀୟ ସର୍ବଭାରତୀୟ ପୋଲିସ ଜୁଡୋ କ୍ଲଷ୍ଟର-୨୦୧୮ କଟକଠାରେ ଅନୁଷ୍ଠିତ ହେବ। ଏହା ନଭେମ୍ବର ୧୫ତାରିଖରୁ ଆରମ୍ଭ ହୋଇ ୧୯ରେ ଶେଷ ହେବ। ଏହି ପ୍ରତିଯୋଗିତା ପାଇଁ ୧୭ ଜଣ ରେଫରି ମନୋନୀତ ହୋଇଥିବା ସେଥିରେ ଝାରସୁଗୁଡାର ନବୀନ ସିଂ ରେଫରି ଭାବେ ମନୋନୀତ ହୋଇଛନ୍ତି। ଭାରତୀୟ ଉଷୁ ଆସୋସିଏଶନ ନିକଟରେ ରାଜ୍ୟ ପୋଲିସ ନିର୍ଦ୍ଦେଶାଳୟ ପକ୍ଷରୁ ଜୁଡୋ କ୍ଲଷ୍ଟର ପରିଚାଳନା ପାଇଁ ଟେକନିକାଲ ଷ୍ଟାଫ୍ ପଠାଇବାକୁ ନିବେଦନ କରିଥିଲେ। ଭାରତୀୟ ଉଷୁ ଆସୋସିଏଶନ୍ ୧୭ଜଣ ରେଫରି ତାଲିକା ପଠାଇଥିବା ବେଳେ ସେଥିରେ ନବୀନଙ୍କୁ ମଧ ଚୟନ କରିଛନ୍ତି।

# ଯୋଗିଆଡ଼ିହିରେ ସ୍ୱଚ୍ଛତା ଅଭିଯାନ

କୋଲାବିରା,୨୮।୯(ଡି.ଏନ୍.ଏ.)

କୋଲାବିରା ବ୍ଲକ ପୋଖରାସାହ୍ଲେ ପଞ୍ଚାୟତ ଯୋଗିଆଡିହା ଗ୍ରାମରେ ଓମ ଜୟ ବଜରଙ୍ଗବଲି ଏସ୍‌ଏଚ୍‌ଜି ଗ୍ରୁପର ଆହ୍ୱାନ କ୍ରମେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦଳର ସଭାପତି ଅରୁଣ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୋଲାବିରା ବିଡିଓ ବିଜୟ କୁମାର ସୋଏ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସହକାରୀ ଯନ୍ତ୍ରୀ ଧୁର୍ଯ୍ୟୋଧନ ସାହୁ, ସ୍ଥାନୀୟ ସରପଞ୍ଚ କୁନ୍ତଳା ନାଏକ, ସମିତି ସଭ୍ୟା, ଜିଲା ପରିଷଦ ସଭ୍ୟା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିବା ସହିତ ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ମା' ତାରିଣୀ, ମା' ଭବାନୀ, ମା' ମମତା, ମା' ସିଂହବାହୀନି, ବୀଣାପାଣି, ଶିବାନୀ, ଲକ୍ଷ୍ମୀ, ମା' କଲ୍ୟାଣି ଏସ୍‌ଏଚ୍‌ଜି ଗ୍ରୁପର ସଦସ୍ୟାସଦସ୍ୟଙ୍କ ସହ ବଜରଙ୍ଗବଲି ଏସ୍‌ଏଚ୍‌ଜି ଗ୍ରୁପର ସମ୍ପାଦକ ନିରଞ୍ଜନ ପିଙ୍ଗ, କୋଷାଧକ୍ଷ ନରେଶ ପଟେଲ, ସଭ୍ୟ ନିରଞ୍ଜନ ଭଇଁସା, ଅତୁଲ୍ୟ ପଟେଲ, ମାଧବ ରଣା, କୁନୁ ମିଶ୍ର, ପରକ୍ଷୀତ ଭଇଁସା, କିଶୋର ପିଙ୍ଗ, ଟେକଚାନ୍ଦ ଦାସ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ଉପଦେଷ୍ଟା ବୈଷ୍ଣବ ପଟେଲ, ନରେନ୍ଦ୍ର ଭୋଇ, ଭୋଜରାଜ ପଟେଲ ପ୍ରମୁଖଙ୍କ ସମେତ ଗ୍ରାମର ପ୍ରାୟ ୩ଶହରୁ ଅଧିକ ଜନସାଧାରଣ ଯୋଗଦେଇ ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଥିଲେ।

# ୨୨ ଆଇଏଏସ୍ ଅଫିସରଙ୍କ କାର୍ଯ୍ୟର ସମୀକ୍ଷା

ଭୁବନେଶ୍ୱର୨୮।୯(ବ୍ୟୁରୋ) - ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧକ୍ଷତାରେ ଓଡ଼ିଶା କ୍ୟାଡରର ୨୨ ଜଣ ଆଇଏଏସ୍ ଅଧିକାରୀଙ୍କ ପୂରା କାର୍ଯ୍ୟଧାରାକୁ ସମୀକ୍ଷା କରାଯାଇଛି। ସର୍ବଭାରତୀୟ ସେବା ଆଇନ୍-୧୯୫୮ର ଧାରା ୧୬(୩) ଅନୁଯାୟୀ ଏହି ସମୀକ୍ଷା ଚଳିତ ସପ୍ତାହରେ ଅନୁଷ୍ଠିତ ହୋଇଯାଇଛି। ମିଳିଥିବା ସୂଚନାନୁଯାୟୀ ୨୦୧୭ ବର୍ଷ ଶେଷସୁଦ୍ଧା ଯେଉଁ ଅଧିକାରୀମାନଙ୍କ ଚାକିରି ୧୫ ବର୍ଷ ବା ୨୫ ବର୍ଷ ଅଥବା ଯାହାର ବୟସ ୫୦ ବର୍ଷ ହୋଇଛି, ସେମାନଙ୍କର ସମୀକ୍ଷା କରାଯାଇଛି। ଏହି ସମୀକ୍ଷା ରିପୋର୍ଟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ ପରେ ଭାରତ ସରକାରଙ୍କୁ ଏ ସମ୍ପର୍କରେ ଅବଗତ କରାଯିବ। ସମୀକ୍ଷା ହୋଇଥିବା ଅଫିସରମାନଙ୍କ ମଧରେ ଅନୁ ଗର୍ଗ, ଅଶୋକ ମୀନା ଏବଂ ବିଷ୍ଣୁପଦ ସେଠୀ ପ୍ରମୁଖ ଅଛନ୍ତି। ସେହିପରି ଅଫିସରମାନଙ୍କ ସମୀକ୍ଷା ବେଳେ ଯଦି କୌଣସି ପ୍ରତିକୂଳ ତଥ୍ୟ ମିଳେ, ତେବେ ସଂପୃକ୍ତ ଅଧିକାରୀଙ୍କ ନାମ ଚାକିରିରୁ ବାଧ୍ୟତାମୂଳକ ଅବସର ପାଇଁ ସୁପାରିସ କରାଯାଇଥାଏ। ଅପରପକ୍ଷରେ ୨୦୦୯ ବ୍ୟାଚ୍‌ର ଆଇଏଏସ୍ ଅଫିସର ଡି.ପ୍ରଶାନ୍ତ କୁମାର ରେଡ୍ଡୀ କେନ୍ଦ୍ରକୁ ଯିବେ ବୋଲି ସୂଚନା ମିଳିଛି।



ମଞ୍ଚାସୀନ ଜନପ୍ରତିନିଧି ଓ ବିଭାଗୀୟ ଅଧିକାରୀ।

# ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟି ଗଠିତ

ଲଖନପୁର,୨୮।୯ (ଡି.ଏନ୍.ଏ)

୨୦୧୫ରେ ସରକାର ଶିଶୁ ସୁରକ୍ଷା ଆଇନକୁ ପଞ୍ଚାୟତସ୍ତରରେ ସଚେତନତା ସୃଷ୍ଟି କରି କାର୍ଯ୍ୟକାରୀ କରିବା ପାଇଁ ଉଦ୍ୟମ କରାଯାଇଥିଲା। ଦୀର୍ଘ ୩ ବର୍ଷ ଧରି ଏହି କାର୍ଯ୍ୟ କ୍ରିୟାଶୀଳ ନ ହୋଇ ଶୀତଳ ଭଣ୍ଡାରରେ ପଡି ରହିଥିଲା। ଏବେ ଏହାକୁ କ୍ରିୟାଶୀଳ କରିବା ପାଇଁ ସରକାର ଶିଶୁ ସୁରକ୍ଷା ବିଭାଗ ମାଧ୍ୟମରେ ପଞ୍ଚାୟତସ୍ତରରେ ନୂତନ କମିଟି ଗଠନ କରାଯାଉଛି। ଏହି କମିଟିର ନିୟମ କ'ଣ କିଭଳି କାର୍ଯ୍ୟ କରିବ ଏନେଇ ପ୍ରତି ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ଏହି ଅବସରରରେ ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଲଖନପୁର ବ୍ଲକ ତେଲେନପାଲି ପଞ୍ଚାୟତ କାର୍ଯ୍ୟାଳୟରେ ଶୁକ୍ରବାର ପଞ୍ଚାୟତସ୍ତରୀୟ ଏକ ଶିଶୁ ସୁରକ୍ଷା କମିଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତେଲେନପାଲି, କୁଣ୍ଡାଲୋଇ ଓ ବନ୍ଧବାହାଲ ପଞ୍ଚାୟତ ସାମିଲ ହୋଇଥିଲା। ଏଥିମଧରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଚୂଡ଼ାମଣି ପଣ୍ଡା, ବନ୍ଧବାହାଲ ସରପଞ୍ଚ ରାଜେନ୍ଦ୍ର ନାୟକ, ତେଲେନପାଲି ସରପଞ୍ଚ ବିଶାଖା ମାଝି, କୁଣ୍ଡାଲୋଇ ସରପଞ୍ଚ ରୂପଶୀ ସେଠ୍, ସମିତିସଭ୍ୟା ଆରତୀ ଛଞ୍ଚାଣ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଯୋଗେଶ୍ୱର ବିଶ୍ୱାଳ, ଦେଶରାଜ ଭୋଇ, ଅଙ୍ଗନୱାଡି କର୍ମୀ ପ୍ରଭାସିନୀ ନାୟକ ପ୍ରମୁଖ ଉପସ୍ଥିତିଥିଲେ। ବିଭାଗୀୟ ଅଧିକାରୀ ମହାରଣା ଶିଶୁ ସୁରକ୍ଷା ଆଇନ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏଥିରେ ବନ୍ଧବାହାଲ, ବନହରପାଲି, ଅଡାପଡ଼ା ଆଦି ହାଇସ୍କୁଲ୍ ଓ ପ୍ରାଥମିକ ସ୍କୁଲ୍ ଶିକ୍ଷକ, ଛାତ୍ରୀଛାତ୍ର, ଏଏନ୍‌ଏମ୍, ଅଙ୍ଗନୱାଡି କର୍ମୀ ଆଦି ଯୋଗ ଦେଇଥିଲେ। ଏମାନଙ୍କୁ ନେଇ ପ୍ରତିପଞ୍ଚାୟରେ ଏକ ୧୧ଜଣିଆ ଶିଶୁ ସୁରକ୍ଷା କମିଟି ଗଠନ କରାଯାଇଛି। ଏଥିରେ ସରପଞ୍ଚ କମିଟି ଅଧକ୍ଷ ରହିବେ। ପ୍ରତି ୩ ମାସରେ ଥରେ ପଞ୍ଚାୟତରେ ବୈଠକ କରାଯିବା ବୋଲି ପ୍ରସ୍ତାବ ଗୃହୀତ ହୋଇଛି।

# ଲାମ୍ପସ୍ ପରିଚାଳନା ନିର୍ଦ୍ଦେଶକ ଗିରଫ

**ଠୁଳ କରିଥିଲେ ଆୟ ବହିର୍ଭୂତ ସମ୍ପତ୍ତି**

କଟକ ଅଫିସ, ୨୮।୯: ନବରଙ୍ଗପୁର ଜିଲାର ଝରିଗାଁ ଲାମ୍ପସ(ଲାର୍ଜ ଏରିଆ ମଲ୍‌ଟି ପର୍ପୋଜ କୋଅପରେଟିଭ ସୋସାଇଟି)ର ପରିଚାଳନା ନିର୍ଦ୍ଦେଶକ ମନସାଇ ପନ୍‌କାଙ୍କୁ ଭିଜିଲାନ୍ସ ଶୁକ୍ରବାର ଗିରଫ କରିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ଗତ ଗୁରୁବାର ପନ୍‌କାଙ୍କ ଘର, ଅଫିସ ସମେତ ମୋଟ ୪ଟି ସ୍ଥାନରେ ଏକକାଳୀନ ଯାଞ୍ଚ କରାଯାଇଥିଲା। ଯାଞ୍ଚରୁ ମୋଟ ୧ କୋଟି ୪୫ ଲକ୍ଷ ୩୩ହଜାର ୪୪୫ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଭିଜିଲାନ୍ସ ଠାବ କରିଥିଲା। ପ୍ରାଥମିକ ତଦନ୍ତ ପରେ ୧ କୋଟି ୪୩ ଲକ୍ଷ ୧୩ହଜାର ୩୭୪ ଟଙ୍କା ଆୟ ବହିର୍ଭୂତ ଥିବା ଭିଜିଲାନ୍ସ ଜାଣିବାକୁ ପାଇଥିଲା। କାରଣ ଏହି ସମ୍ପତ୍ତିର କୌଣସି ସନ୍ତୋଷଜନକ ହିସାବ ପନ୍‌କା ଦେଇପାରି ନ ଥିଲେ। ଏ ସମ୍ପର୍କରେ ୨୨/୨୦୧୮ରେ ଏକ ମାମଲା ରୁଜୁ କରାଯାଇ ପନ୍‌କାଙ୍କୁ ଗିରଫ କରାଯାଇଛି।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }


କୋଲାବିରା ବ୍ଲକ ପୋଖରାସାହ୍ଲେ ପଞ୍ଚାୟତ ଯୋଗିଆଡିହା ଗ୍ରାମରେ ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଥିବା ମହିଳାମାନେ।

# ଓଡ଼ିଶାରେ ଜିଏସ୍‌ଟି ଯୋଗୁ ରାଜସ୍ୱ କମିଛି: ଶଶିଭୂଷଣ

**ଜିଏସ୍‌ଟି କାଉନ୍‌ସିଲ ବୈଠକ ଶେଷ**

ଭୁବନେଶ୍ୱର, ୨୮।୯(ବ୍ୟୁରୋ)

ଭିଡିଓ କନ୍‌ଫରେନ୍ସି ଜରିଆରେ ୩୦ତମ ଜିଏସ୍‌ଟି କାଉନ୍‌ସିଲ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକ ଦ୍ରବ୍ୟ ଓ ସେବାକରରେ ରାଜସ୍ୱ ଆଦାୟ ସମ୍ପର୍କରେ ଆଲୋଚନା କରାଯାଇଛି। ଗତ ଜୁଲାଇ ୨୦୧୮ରେ ସର୍ବଭାରତୀୟ ସ୍ତରରେ ଜିଏସ୍‌ଟିରେ ୯୬ହଜାର ୪୮୩କୋଟି ଟଙ୍କା ଆଦାୟ ହୋଇଥିଲା। ମାତ୍ର ୨୦୧୮ ଅଗଷ୍ଟରେ ୯୩ହଜାର ୯୬୦କୋଟି ଟଙ୍କା ଆଦାୟ ହୋଇଛି। ଏହି ଅବସରରେ ରାଜ୍ୟ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଓଡିଶାରେ ଜିଏସ୍‌ଟି ଆଦାୟରେ ଉନ୍ନତି ଘଟିଛି ବୋଲି କହିଛନ୍ତି। ରାଜ୍ୟରେ ରାଜସ୍ୱ ସଂଗ୍ରହ ବ୍ୟବଧାନ ୨୦୧୭ ଅଗଷ୍ଟରୁ ୨୦୧୮ ମାର୍ଚ୍ଚ ମଧ୍ୟରେ ୩୧ ପ୍ରତିଶତ ଥିଲା। ୨୦୧୮ ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ଏହା ୨୪ ପ୍ରତିଶତକୁ ହ୍ରାସ ପାଇଥିବା ବୈଠକରେ କୁହାଯାଇଛି। ରିଟର୍ନ ଦାଖଲ କ୍ଷେତ୍ରରେ ଓଡିଶାର ଉନ୍ନତି ଘଟିଛି। ୨୦୧୭ରେ ଧାର୍ଯ୍ୟ ଦେୟ ସମୟ ଅକ୍ଟୋବର ସୁଦ୍ଧା ୪୫.୦୬ ପ୍ରତିଶତ ରିଟର୍ନ ଫାଇଲିଂ ଦାଖଲ ହୋଇଥିବାବେଳେ ଜୁଲାଇ ୨୦୧୮ରେ ତାହା ୬୫.୫୧ ପ୍ରତିଶତକୁ ବୃଦ୍ଧି ପାଇଛି। ଜିଏସ୍‌ଟି ପ୍ରଚଳନ ଫଳରେ ଓଡିଶାରେ ରାଜସ୍ୱ ହ୍ରାସ ପାଇଥିବା ବେହେରା ସୂଚନା ଦେଇଥିଲେ। ଜିଏସ୍‌ଟି ପ୍ରଚଳନ ହେବା ପୂର୍ବରୁ ରାଜ୍ୟରେ ଧାନ, ଚାଉଳ, ଅଟା, ମଇଦା, ସୁଜି, ଗହମ, ଗୁଡ ଇତ୍ୟାଦିରେ ୫ପ୍ରତିଶତ କର ଆଦାୟ ହେଉଥିଲା। ମାତ୍ର ଜିଏସ୍‌ଟି ଲାଗୁ ହେବାପରେ ଏସବୁ ଦ୍ରବ୍ୟକୁ କରମୁକ୍ତ କରାଯାଇଛି। ରାଜ୍ୟର ପ୍ରମୁଖ କର ଆଦାୟ ସ୍ରୋତ ଖଣିଜ ପଦାର୍ଥ ଓ ଏଥିରୁ ପ୍ରସ୍ତୁତ ଦ୍ରବ୍ୟରୁ ଆସିଥାଏ। ଜିଏସ୍‌ଟି ପ୍ରଥା ଅନୁଯାୟୀ ଯେଉଁ ରାଜ୍ୟରେ ଏହି ଦ୍ରବ୍ୟ ବ୍ୟବହାର କରାଯିବ ସେହି ରାଜ୍ୟରେ ଜିଏସ୍‌ଟି ଆଦାୟ କାରଣରୁ ଓଡିଶା ଟିକସ ହରାଉଛି। ଏହାସହ ଓଡିଶାରେ ପୂର୍ବ ପ୍ରଚଳିତ ଭାଟ୍‌ରେ ଅଧିକାଂଶ ଦ୍ରବ୍ୟରେ ୧୪.୫ପ୍ରତିଶତ କର ଆଦାୟ କରୁଥିଲା। ଏବେ ସେହିସବୁ ଦ୍ରବ୍ୟରେ ୯ପ୍ରତିଶତ ଆଦାୟ ହେଉଥିବାରୁ ଓଡିଶାରୁ ଟିକସ ଆଦାୟ ପରିମାଣ ହ୍ରାସ ପାଇଥିବା ଶଶିଭୂଷଣ ବୈଠକରେ ସୂଚନା ଦେଇଛନ୍ତି।

# ଜିଲା ଫୁଟବଲ ସୁପରଲିଗ୍ ପର୍ଯ୍ୟାୟ ଶେଷ: ଅକ୍ଟୋବର ୨ରେ ଫାଇନାଲ

ଝାରସୁଗୁଡ଼ା ଅଫିସ,୨୮।୯

ଝାରସୁଗୁଡ଼ା ଜିଲା ଫୁଟବଲ ସୁପରଲିଗ୍‌ର ଅନ୍ତିମ ଦିବସ ଶୁକ୍ରବାର ଦୁଇଟି ମ୍ୟାଚ ହେବାର ଥିଲା। ଶୃଙ୍ଖଳାଗତ କାରଣରୁ ତାଲମାଲ ଦଳ ବାଦ ପଡିଥିବା ବେଳେ ବାଇଜାପାଲିକୁ ବିଜେତା ଘୋଷଣା କରାଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ଚିତୁଆପଡ଼ା ଏବଂ ଜାହାଜପଡ଼ା ମଧ୍ୟରେ ଖେଳାଯାଇଥିଲା। ଜାହାଜପଡା ୧-୦ଗୋଲରେ ବିଜୟୀ ହୋଇଥିଲା। ସୁପରଲିଗ୍ ପର୍ଯ୍ୟାୟରୁ ଉନ୍ନୀତ ଦଳ ସାରସମାଲ, ବାଇଜାପାଲି, ସରବାହାଲ ଓ ବଢେଇମୁଣ୍ଡା ଦଳ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଛନ୍ତି। ପ୍ରଥମ ସେମିଫାଇନାଲ ୨୯ତାରିଖ ଏବଂ ଦ୍ୱିତୀୟ ୩୦ରେ ଅନୁଷ୍ଠିତ ହେବ। ସେହିପରି ତୃତୀୟ ସ୍ଥାନପାଇଁ ୧ ତାରିଖରେ ପ୍ରତିଯୋଗିତା ହେବ। ଗାନ୍ଧୀ ଜୟନ୍ତୀରେ ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି ଜିଲା କ୍ରୀଡ଼ାସଂଘ ସୂଚନା ଦେଇଛି। ମ୍ୟାଚ ଅବସରରେ ପ୍ରଜ୍ୱଳ ପଟେଲ, ଶଙ୍କର ପଟେଲ, ସୁଶାନ୍ତ ମହାନ୍ତି, ଗଣେଶ ନାୟକ, ମନୋଜ ଦାସ, ସଞ୍ଜୟ ରାୟ ପ୍ରମୁଖ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ସଞ୍ଜୟ ଦାଶ, ଶିତଳ ଗୁରୁଙ୍ଗ, ମାନସ ଆଚାର୍ଯ୍ୟ, ଅମିରା ପ୍ରଧାନ, ଗୋର୍ଡେନ୍ ଡୋସେନ୍ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ।


ଫୁଟବଲ ସୁପରଲିଗ ଅବସରରେ ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

■ ୧୦% ପ୍ରାକୃତିକ ବିପର୍ଯ୍ୟୟ ସେସ୍

# ୭ ଜଣିଆ ମନ୍ତ୍ରିଗୋଷ୍ଠୀ ଗଠନ କଲେ ଜିଏସ୍‌ଟି କାଉନ୍‌ସିଲ

ନୂଆଦିଲ୍ଲୀ,୨୮।୯

ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା କେରଳ ପାଇଁ ଆଇଜିଏସ୍‌ଟି ସହିତ ୧୦% ସେସ୍ ଆଦାୟ କରାଯାଇପାରିବ କି ନା ସେ ସମ୍ପର୍କରେ ସୁପାରିସ କରିବା ଲାଗି ଜିଏସ୍‌ଟି କାଉନସିଲ ଶୁକ୍ରବାର ଏକ ୭ ଜଣିଆ ମନ୍ତ୍ରିଗୋଷ୍ଠୀ(ଗମ୍) ଗଠନ କରିଛନ୍ତି। ଏହି ମନ୍ତ୍ରିଗୋଷ୍ଠୀ ଏ ସଂପର୍କରେ ବିଚାରବିମର୍ଷ ପରେ କାଉନସିଲ୍‌କୁ ସୁପାରିସ କରିବେ। ଜିଏସ୍‌ଟି କାଉନସିଲ୍‌ର ୩୦ତମ ବୈଠକ ଶେଷରେ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଏଠାରେ ଖବରଦାତାଙ୍କୁ ସୂଚନା ଦେଇ କହିଛନ୍ତି,ବନ୍ୟା ଯୋଗୁ କ୍ଷତିଗ୍ରସ୍ତ ରାଜ୍ୟର ପୁନଃନିର୍ମାଣ ଲାଗି ଆଇସିଜିଏସ୍‌ଟିରେ ୧୦% ସେସ୍ ଲାଗୁ କରିବା ପାଇଁ କେରଳ ସରକାର ଦାବି କରିଥିଲେ। ଏହି ସେସ୍ ଲାଗୁ ହେଲେ କେରଳକୁ ଅତିରିକ୍ତ ୭୦ କୋଟି ଟଙ୍କାର ସହାୟତା ମିଳିବ। ଏହାକୁ କେରଳରେ ସୀମିତ ରଖାଯିବ ନା ସାରା ଦେଶରେ ଲାଗୁ କରାଯିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ଯଦି ଲାଗୁ କରାଯାଏ ତେବେ କେବଳ ବିଳାସ ସାମଗ୍ରୀରୁ ଏହା ଆଦାୟ କରାଯିବ କି ନା,କେଉଁ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଏଭଳି ସେସ୍ ଲାଗୁ କରାଯିବ ଏବଂ ଏହାର ପ୍ରଣାଳୀ କ'ଣ ହେବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। କେନ୍ଦ୍ର ଅର୍ଥମନ୍ତ୍ରୀ କହିଛନ୍ତି ଯେ, ରାଜସ୍ୱ ଆଦାୟର ଧାରା ଏବଂ ରାଜ୍ୟମାନଙ୍କ କ୍ଷତିପୂରଣ ନିଅଣ୍ଟ ପରିମାଣ ନେଇ ମଧ ରାଜ୍ୟଗୁଡିକ ଆଲୋଚନା କରିଥିଲେ। ଏବେ ରାଜ୍ୟଗୁଡିକର ନିଅଣ୍ଟ ପରିମାଣ ୧୩%କୁ ହ୍ରାସ ପାଇଛି ବୋଲି ସେ ସୂଚନା ଦେଇଛନ୍ତି। ଉତ୍ତର-ପୂର୍ବ ଭାରତରେ ଜିଏସ୍‌ଟି ଆଦାୟ ଆଶାଠାରୁ ଅଧିକ ହୋଇଛି ବୋଲି ଜେଟ୍‌ଲୀ କହିଛନ୍ତି।



ଜନସାଧାରଣଙ୍କର ନେତୃତ୍ୱ ଓ ଦାୟିତ୍ୱ ନେଉଥିବା ଲୋକ ସଦାଚାରୀ ଓ ସଚ୍ଚୋଟ ହେବା ଉଚିତ୍।
- ଚରଣ ସିଂ



**ସଂକ୍ଷେପରେ**

## ଟାଇମ୍ସ ହାୟର ୟୁନିଭର୍ସିଟି ତାଲିକାରେ ଏନ୍ଆଇଟି

ରାଉରକେଲା ଅଫିସ,୨୮। ୯- ଟାଇମ୍ସ ହାୟର ୟୁନିଭର୍ସିଟି ତାଲିକାରେ ସ୍ଥାନ ପାଇଛି ଜାତୀୟ ପ୍ରଯୁକ୍ତି ବୈଷୟିକ ଅନୁଷ୍ଠାନ ଏନ୍ଆଇଟି ରାଉରକେଲା। ବିଶ୍ୱବିଦ୍ୟାଳୟଗୁଡିକୁ ନେଇ ଗଠିତ ପ୍ରଦର୍ଶନ ତାଲିକା ସାରଣୀ ଯଥା ଅନୁସନ୍ଧାନ, ଜ୍ଞାନ, ହସ୍ତାନ୍ତର, ଅନ୍ତର୍ଜାତୀୟ ଦୃଷ୍ଟିକୋଣ ଆଦିକୁ ନେଇ ବିଚାର କରାଯାଇଥାଏ। ସେଥିରେ ଏନ୍ଆଇଟି ଅନ୍ୟତମ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛି। ଏନେଇ ଷ୍ଟିଲ ସିଟିରେ ଆନନ୍ଦର ଲହରି ଖେଳିଯାଇଛି। ବିଶ୍ୱର ବଛାବଛା ୧ହଜାର ୨୫ବିଶ୍ୱବିଦ୍ୟାଳୟ ମଧ୍ୟରୁ ଏନ୍ଆଇଟି ରାଉରକେଲା ଉପରୋକ୍ତ ଶ୍ରେୟର ଅଧିକାରୀ ହୋଇପାରିଛି। ଏନ୍ଆଇଟି ରାଉରକେଲା ଭାରତର ମୁଖ୍ୟ ପ୍ରଯୁକ୍ତି ବିଦ୍ୟା ଅନୁଷ୍ଠାନ ମଧ୍ୟରେ ସ୍ଥାନ ପାଇଥିବାରୁ ସବୁ ମହଲରେ ଆନନ୍ଦ ପ୍ରକାଶ ପାଇଛି। ଏନ୍ଆଇଟି ରାଉରକେଲାରେ ବିଭିନ୍ନ ଅନୁସନ୍ଧାନ ମୂଳକ ପ୍ରକ୍ରିୟାକୁ ସର୍ବଦା ମହତ୍ତ୍ୱ ପ୍ରଦାନ କରାଯାଇ ଥାଏ। ପ୍ରତ୍ୟେକ ବର୍ଷ ଏହି ସଂସ୍ଥାର ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ନେଇ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଏ। ଫଳରେ ଏନ୍ଆଇଟି ରାଉରକେଲା ସର୍ବଦା ଆକର୍ଷଣର କେନ୍ଦ୍ର ବିନ୍ଦୁ ହୋଇରହିଛି। ଏଥି ପୂର୍ବରୁ ମଧ ଏନ୍ଆଇଟି ବହୁ ଶ୍ରେଷ୍ଠତ୍ୱର ଅଧିକାରୀ ଭାବେ ସୁନାମ ଅର୍ଜନ କରିଛି। ଏବେକାର ର୍ୟାଙ୍କ ନେଇ ଏନ୍ଆଇଟି ପ୍ରଶିକ୍ଷକ ଓ ପ୍ରଶିକ୍ଷାର୍ଥୀଙ୍କ ସମେତ କର୍ମଚାରୀ ମହଲରେ ଆନନ୍ଦ ପ୍ରକାଶ ପାଇଛି।

### ରାଉରକେଲା-କୋରାପୁଟ ଏକ୍ସପ୍ରେସ ଟ୍ରେନରୁ ଲାପ୍‌ଟପ୍ ଚୋରି ଘଟଣା

# ୧୮ ଚୋରି ଲାପ୍‌ଟପ୍ ଜବତ, ଜଣେ ଗିରଫ

ରାଉରକେଲା ଅଫିସ,୨୮।୯

ଟ୍ରେନ ଯାତ୍ରୀଙ୍କଠାରୁ ଲାପଟପ୍ ଚୋରି ଘଟଣା ରେଳବାଇ ପୋଲିସକୁ ଚିନ୍ତାରେ ପକାଇଥିଲା। ହେଲେ ଶୁକ୍ରବାର ରେଳବାଇ ପୋଲିସକୁ ଏକ ସଫଳତା ମିଳିଛି। ରାଉରକେଲା-କୋରାପୁଟ ଏକ୍ସପ୍ରେସ ଟ୍ରେନରୁ ଚୋରି ହୋଇଥିବା ୧୮ଟି ଲାପ୍‌ଟପ୍ ଜିଆର୍‌ପି ପୋଲିସ ଉଦ୍ଧାର କରିଛି। ଘଟଣାରେ ସମ୍ପୃକ୍ତ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ କୋରାପଟ ଜିଲା ଦଶମନ୍ତପୁର ଥାନା ଅଧୀନ ଦେଓଖଡ଼ର ବିଶ୍ୱଜିତ ଖୋସଲା(୨୧)। ଏନେଇ ରେଳବାଇ

**ସିସି ଟିଭିରୁ ମିଳିଲା ସୁରାକ**

ପୋଲିସ ପକ୍ଷରୁ ୨ଟି ମାମଲା (ନଂ. ୯୫/୨୦୧୮ ଏବଂ ୧୦୦/୨୦୧୮) ରୁଜୁ କରାଯାଇଛି। ରାଉରକେଲା ରେଳବାଇ ପୋଲିସ ହେଡକ୍ୱାର୍ଟରଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବିଭାଗୀୟ ଅଧିକାରୀ ଅଜୟ ପ୍ରତାପ ସ୍ୱାଇଁ, କେ.କେ ପାଣିଗ୍ରାହୀ ଓ ଜେସସ ସାମଦ ପ୍ରମୁଖ ଏହି ସୂଚନା ଦେଇଛନ୍ତି।

ଖବରଦାତା ସମ୍ମିଳନୀରେ ମିଳିଥିବା ସୂଚନା ମୁତାବକ, ରାଉରକେଲା-କୋରାପୁଟ ଏକ୍ସପ୍ରେସରୁ ନିୟମିତ ଲାପ୍‌ଟପ୍ ଚୋରି ହେଉଥିବା ନେଇ ଜିଆର୍‌ପି ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ଜିଆର୍‌ପି ପୋଲିସ ପକ୍ଷରୁ ଅଭିଯୁକ୍ତଙ୍କୁ ଧରିବା ନେଇ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏନେଇ ପୋଲିସ ପକ୍ଷରୁ କିଛି ଦିନ ଧରି ନିୟମିତ ସିସି ଟିଭି ଯାଞ୍ଚ କରାଯାଇଥିଲା। ସିସିଟିଭି ଯାଞ୍ଚ ବେଳେ ଜଣେ ଯୁବକ ନିୟମିତ ଏହି ଟ୍ରେନର ଏସି କୋଚରେ ଯାତାୟାତ କରୁଥିବା ପୋଲିସ ଜାଣିବାକୁ ପାଇଥିଲା। ଏପରି କି ଯୁବକ ଜଣକ ଟିକେଟ ବୁକିଂ କାଉଣ୍ଟରରେ ଭିନ୍ନ ଭିନ୍ନ ଲୋକଙ୍କ ନାମରେ ଟିକେଟ କାଟି ଯିବାଆସିବା କରୁଥିବାରୁ ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିଲା। ଏନେଇ ପୋଲିସର ଏକ ଟିମ୍ ଯୁବକଙ୍କୁ ଧରିବା ନେଇ ପ୍ରସ୍ତୁତି ଆରମ୍ଭ କରିଥିଲା। ଯୋଜନା ମୁତାବକ, ଗତ ୨୧ ତାରିଖରେ ରାଉରକେଲା ରେଳ ଷ୍ଟେଶନରୁ ରେଳବାଇ ପୋଲିସ ଯୁବକଙ୍କୁ ଧରିବାରେ ସଫଳ ହୋଇଥିଲା। ପୋଲିସ ଯୁବକଙ୍କୁ ପଚରାଉଚୁରା ବେଳେ ଯୁବକଙ୍କ ନାମ ବିଶ୍ୱଜିତ ଏବଂ ତାଙ୍କ ଘର କୋରାପଟ ଜିଲା ଦଶମନ୍ତପୁର ଥାନା ଅଧୀନ ଦେଓଖଡ଼ ଗ୍ରାମ ବୋଲି ଜାଣିବାକୁ ପାଇଥିଲା। ପୋଲିସ ତଦନ୍ତ ବେଳେ ବିଶ୍ୱଜିତ ଜଣେ ଟିପ୍ପର ଡ୍ରାଇଭର ବୋଲି ଜଣାପଡିଥିଲା। ସେ ଜଣେ ବାଳିକାଙ୍କୁ ପ୍ରେମ ବିବାହ କରିଥିବା ବେଳେ ପରିବାର ସହ ଅଲଗା ରହୁଥିଲେ। ଏପର କି ବିଶ୍ୱଜିତଙ୍କ ଏକ ମୋବାଇଲ ଭାଉଚର ଦୋକାନ ଥିବା ଜଣାପଡିଥିଲା। ବର୍ତ୍ତମାନ ବିଶ୍ୱଜିତ ସମ୍ବଲପୁର ଜିଲା ଜମନକିରା ଅଞ୍ଚଳକୁ ଆସି ରହୁଥିଲେ। ସେତିକିବେଳେ ତାଙ୍କର ଜଣେ ବଙ୍ଗୀୟ ବ୍ୟକ୍ତିଙ୍କ ସହ ସମ୍ପର୍କ ହୋଇଥିଲା। ବଙ୍ଗୀୟ ବ୍ୟକ୍ତି ଜଣକ ତାଙ୍କୁ ଟ୍ରେନରୁ ଲାପ୍‌ଟପ୍ ଚୋରି କରିବାକୁ ପ୍ରବର୍ତ୍ତାଇବା ସହ ଚୋରି ଲାପ୍‌ଟପ୍‌କୁ ଅତି ସହଜରେ ସେ କଲିକତାରେ ବିକ୍ରି କରି ଦେବାକୁ କହିଥିଲେ। ଅଧିକ ଅର୍ଥ ରୋଜଗାର ଆଶାରେ ବିଶ୍ୱଜିତ ପରବର୍ତ୍ତୀ ସମୟରେ ଟ୍ରେନରୁ ଲାପ୍‌ଟପ୍ ଚୋରି କରିବା ଆରମ୍ଭ କରିଥିଲେ। ବର୍ତ୍ତମାନ ପୋଲିସ ବଙ୍ଗୀୟ ବ୍ୟକ୍ତିଙ୍କୁ ଧରିବା ନେଇ ତନାଘନା ଚଳାଇଛି। ଖୁବ ଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି ରେଳବାଇ ପୋଲିସ ପକ୍ଷରୁ କୁହାଯାଇଛି।



ପୋଲିସ ଅଧିକାରୀଙ୍କ ସହ ଗିରଫ ଅଭିଯୁକ୍ତ ଏବଂ ଜବତ ଲାପ୍‌ଟପ୍।

# ଆର୍‌ଏମସି କର୍ତ୍ତୃପକ୍ଷଙ୍କ ସହ ବିଧାୟକଙ୍କ ଆଲୋଚନା

ରାଉରକେଲା ଅଫିସ,୨୮। ୯

ମହାନଗର ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ରାଉରକେଲା ବିଧାୟକ ଦିଲୀପ ରାୟ ଶୁକ୍ରବାର ଆର୍‌ଏମ୍‌ସି କମିଶନର ରଶ୍ମିତା ପଣ୍ଡାଙ୍କୁ ଭେଟି ଆଲୋଚନା କରିଛନ୍ତି। ଆଗକୁ ଦୁର୍ଗାପୂଜା ଆସୁଥିବାରୁ ସମସ୍ତ ମୁଖ୍ୟ ରାସ୍ତାର ମରାମତି, ଗଳି ରାସ୍ତା ଓ ଡ୍ରେନ ମରାମତି ଆଦି କାମ ଯୁଦ୍ଧକାଳୀନ ଭିତ୍ତିରେ ଆରମ୍ଭ କରିବାକୁ ସେ ଦାବି କରିଥିଲେ। ଅନେକ ସ୍ଥାନରେ ଷ୍ଟ୍ରିଟ ଲାଇଟ ଜଳୁ ନ ଥିବାରୁ ସମସ୍ୟା ଲାଗି ରହିଛି। ଏସବୁ ସ୍ଥାନରେ ଏଲ୍‌ଇଡି ବଲ୍‌ବ ଲଗାଇବାକୁ ବିଧାୟକ ରାୟ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଗତ ବର୍ଷାରେ ଅନେକ ରାସ୍ତା ନଷ୍ଟ ହୋଇଥିବା ବେଳେ ଆବର୍ଜନା ଓ ଅନାବନା ଗଛ ରାସ୍ତା ଉପରେ ମାଡି ବସିଛି। ତୁରନ୍ତ ଏହା ହଟାଇବାକୁ ସେ କହିଥିଲେ। ବର୍ତ୍ତମାନ ପାର୍ବଣ ଋତୁ ଆସୁଥିବାରୁ ସହରର ପରିମଳ ବ୍ୟବସ୍ଥା ପ୍ରତି ଦୃଷ୍ଟି ଦେବାକୁ ରାୟ ପ୍ରସ୍ତାବ ଦେଇଥିଲେ। ବିର୍ସା ଛକରୁ ବନ୍ଧମୁଣ୍ଡାକୁ ସଂଲଗ୍ନ କରୁଥିବା ରାସ୍ତା, ଡିଜେଲ କଲୋନୀ ପର୍ଯ୍ୟନ୍ତ ଷ୍ଟ୍ରିଟ ଲାଇଟର ପୁନରୁଦ୍ଧର ପାଇଁ ବିଧାୟକ ରାୟ ଦାବି କରିଥିଲେ। ମଧୁସୂଦନପାଲ୍ଲୀଠାରେ ଗତ ୧୭ରେ ଘଟିଥିବା ବିସ୍ଫୋରଣରେ ନଷ୍ଟ ହୋଇଯାଇଥିବା ପାଣି ଟାଙ୍କିର ପ୍ରଥମ ତାଲା ଭାଙ୍ଗି ପୁନଃ ନିର୍ମାଣ କରିବାକୁ ପସ୍ତାବ ଦେଇଥିଲେ। ସମ୍ପୃକ୍ତ ଅଞ୍ଚଳର ଏଭଳି ଆଉ କେତେକ ସମସ୍ୟା ନେଇ ସେ କମିଶନର ପଣ୍ଡାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିରେ ହରିହର ରାଉତରାୟ, ରମେଶ ବଳ, ରଞ୍ଜିତ ନାୟକ, ମନୋଜ ପ୍ରଧାନ, ବାବୁ ମହାନ୍ତି, ବରୁଣ ମାଝି ଓ ଅକ୍ଷୟ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ଚାଷ ଜମିରେ ପାଣି ଅଭାବ

କୁତ୍ରା, ୨୮।୯ (ଡି.ଏନ.ଏ)

ସୁନ୍ଦରଗଡ ଜିଲାର କୁତ୍ରା ବ୍ଲକର ବିରିଙ୍ଗାଟୋଲି ଗ୍ରାମ ପଞ୍ଚାୟତ ସମେତ ବ୍ଲକର ବିଭିନ୍ନ ପଞ୍ଚାୟତ ଅଞ୍ଚଳରେ ଧାନ ଜମିରେ ପାଣି ଅଭାବ ଦେଖାଦେଇଛି। ଫଳରେ ଧାନ ଗଛରେ ଧାନଫୁଲ ଫୁଟି ପାରୁ ନ ଥିବା ଅଭିଯୋଗ କରିଛନ୍ତି। ମରୁଡି ହେବା ସମ୍ଭାବନା ଥିବାରୁ ଚାଷୀ ଚିନ୍ତିତ ରହୁଥିବା ଜଣାପଡିଛି। କୁତ୍ରା ବ୍ଲକରେ ଭଲ ବର୍ଷା ହୋଇଥିବାରୁ ଚାଷ କାମ ଠିକ୍ ସମୟରେ ଆରମ୍ଭ ହୋଇଯାଇଥିଲା। କିଛି ଦିନ ବ୍ୟବଧାନରେ ବର୍ଷା ଲାଗି ରହିଥିବାରୁ ଚାଷୀ ଖୁସିରେ ଚାଷ କାର୍ଯ୍ୟରେ ଲାଗି ପଡିଥିଲେ। ହେଲେ କିଛି ଦିନ ହେବ ବର୍ଷା ହୋଇ ନ ଥିବାରୁ ବହୁ ସ୍ଥାନରେ ଚାଷ ଜମି ଫାଟିବାରେ ଲାଗିଛି। କ୍ଷେତରେ ଥିବା ଧାନଗଛଗୁଡିକରେ ଫଳ ଧରିଥିବା ବେଳେ ପାଣି ଅଭାବରୁ ଧାନ ଫୁଟି ପାରୁ ନ ଥିବା ବିରିଙ୍ଗାଟୋଲି ଗ୍ରାମର ଚାଷୀ କିଶୋର ଦାନୀ, ନିମେଇ ଦାନୀ, ଭଜ ଦାନୀ, ପ୍ରମୋଦ କୁମାର ସୁନାନୀ, ମଙ୍ଗଲୁ ନାଏକ, ମୋହନ ନାଏକ, ହର ସୁନାନୀ ପ୍ରମୁଖ ପ୍ରକାଶ କରିଛନ୍ତି ।

# ଭାରତ ବ୍ୟାପାର ବନ୍ଦ ସଫଳ

ରାଉରକେଲା ଅଫିସ,୨୮। ୯

ଦେଶରେ ବହୁ ବିଦେଶୀ ସଂସ୍ଥାକୁ ବ୍ୟବସାୟ ସୁଯୋଗ ଦେଇ କେନ୍ଦ୍ର ସରକାର ଦେଶୀୟ ବ୍ୟବସାୟକୁ ସଙ୍କୁଚିତ କରିବାକୁ ବସିଥିବା ବେଳେ ଏନେଇ ଶୁକ୍ରବାର ଭାରତ ବ୍ୟାପାର ବନ୍ଦ ପାଳନ କରାଯାଇଥିଲା। ଏନେଇ ରାଉରକେଲାର ବ୍ୟବସାୟୀ ସଙ୍ଗଠନ ପକ୍ଷରୁ ବିର୍ସା ଛକରେ ବିଭିନ୍ନ ପ୍ଲା କାର୍ଡ ପ୍ରଦର୍ଶନ କରି ସରକାରଙ୍କ ସ୍ୱେଚ୍ଛାଚାରିତାକୁ ସମାଲୋଚନା କରିଥିଲେ। ଏହି ଅବସରରେ ସଂଗଠନର କର୍ମକର୍ତ୍ତା ଅଭିଯୋଗ କରିଥିଲେ, କେନ୍ଦ୍ର ସରକାର ୱାର୍ଲ୍ଡମାର୍ଟ ଓ ଫ୍ଲିପ୍‌କାର୍ଡ ପରି କମ୍ପାନୀକୁ ଖୁଚୁରା ବ୍ୟବସାୟ କ୍ଷେତ୍ରରେ ଅନୁମତି ପ୍ରଦାନ କରିବା ଅତ୍ୟନ୍ତ ପରିତାପର ବିଷୟ। ଏପରି ଅନେକ ବିଦେଶୀ କମ୍ପାନୀ ଦେଶରେ ଏବେ କାୟା ବିସ୍ତାର କରିବାକୁ ଯାଉଥିବା ବେଳେ ଦେଶର ସଂଖ୍ୟା ବହୁଳ କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟୀ କ୍ଷତିଗ୍ରସ୍ତ ହେଉଛନ୍ତି।

ଆଗାମୀ ଦିନରେ ଏହି ସମସ୍ୟା ବଡ ଜଟିଳ ପରିସ୍ଥିତି ସୃଷ୍ଟି କରିବାକୁ ଯାଉଛି। ସରକାର ଦେଶୀୟ ବ୍ୟବସାୟୀଙ୍କ ସ୍ୱାର୍ଥ ଭୂଲୁଣ୍ଠିତ କରି କ'ଣ ପ୍ରମାଣିତ କରିବାକୁ ଚାହୁଁଛନ୍ତି ତାହା ସାଧାରଣରେ ପ୍ରକାଶ କରିବା ଆବଶ୍ୟକ। ପ୍ରୋତ୍ସାହନ ଅଭାବରୁ ଦେଶର ୭ କୋଟି ବ୍ୟବସାୟୀ ବିଭିନ୍ନ ସମସ୍ୟାରେ ଛନ୍ଦି ହୋଇ ବହୁ କଷ୍ଟରେ ବ୍ୟବସାୟ ବଞ୍ଚାଇ ରଖିଛନ୍ତି। ଏପରି ଅବସ୍ଥାରେ ସରକାର ନିଦା ବିଷ୍ଣୁ ସାଜିବା ଠିକ ହେଉ ନାହିଁ ବୋଲି ସଂଘ କର୍ମକର୍ତ୍ତା କ୍ଷୋଭ ପ୍ରକାଶ କରିଥିଲେ। ସହରରେ ପ୍ରାୟ ସମସ୍ତ ଦୋକାନ ବଜାର ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ଏନେଇ ସଂଗଠନ ପକ୍ଷରୁ ରାଉରକେଲା ଅତିରିକ୍ତ ଜିଲାପାଳଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି।




ସଙ୍ଗଠନର କର୍ମକର୍ତ୍ତାମାନେ ବିଭିନ୍ନ ପ୍ଲା କାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।




ଧାରଣାରେ ବସିଥିବା ଠିକା କର୍ମଚାରୀ ସଂଘର କର୍ମକର୍ତ୍ତା।

# ବିଏସ୍‌ଏନ୍‌ଏଲ୍ ଠିକା ଶ୍ରମିକଙ୍କ ଅନଶନ

ରାଉରକେଲା ଅଫିସ,୨୮। ୯

୮ ଦଫା ଦାବି ନେଇ ଶୁକ୍ରବାର ଭାରତ ସଞ୍ଚାର ନିଗମ ଲିଃ ରାଉରକେଲା ଠିକା କର୍ମଚାରୀ ସଂଘ ପକ୍ଷରୁ ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏଥିରେ ବିଏସ୍‌ଏନ୍‌ଏଲ୍ କର୍ମଚାରୀ ସଂଘ ପକ୍ଷରୁ ସଞ୍ଜୀବ ମହାନ୍ତି, ସମ୍ପାଦକ ବସନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିବା ବେଳେ କାଜୁଆଲ କର୍ମଚାରୀ ସଂଘ ନେତା ହାଇଦର ଅଲୀ, ମାଇକେଲ୍ ତିର୍କୀ, ପ୍ରଦୀପ ମଲ୍ଲିକ, କାଳନ୍ଦି ଜେନା ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ। ସଂଘ ପକ୍ଷରୁ ସମାନ କାମକୁ ସମାନ ଦରମା ସହ ନିୟମିତ ପ୍ରଦାନ, କର୍ମଚାରୀଙ୍କୁ ଜାତୀୟ ଛୁଟି ସହ ଅନ୍ୟାନ୍ୟ ଛୁଟି ପ୍ରଦାନ, ଛଟେଇ ବନ୍ଦ, କର୍ମଚାରୀଙ୍କ ସୁରକ୍ଷା ଓ ଚିକିତ୍ସା ବୀମା ପ୍ରଦାନ, ଭବିଷ୍ୟନିଧି ପାଣ୍ଠି ଆଦି ଦାବି କରାଯାଇଥିଲା। ଏପରି କି କର୍ମଚାରୀମାନଙ୍କୁ କରାଯାଉଥିବା ମନଇଚ୍ଛା ବଦଳି ବନ୍ଦ କରିବା ସହ କର୍ମଚାରୀ ମାରଣ ନୀତି ପରିହାର କରିବାକୁ ସଂଗଠନ ନେତୃମଣ୍ଡଳୀ କହିଥିଲେ।

# ରାଉରକେଲା ମଜଦୁର ସଭାର ବିକ୍ଷୋଭ

ରାଉରକେଲା ଅଫିସ,୨୮। ୯

ପୂଜା ପୂର୍ବରୁ ବୋନସ ପ୍ରଦାନ, କର୍ମଚାରୀମାନଙ୍କ ପେନସନ ଏବଂ ନୂତନ ମଜୁରି ଚୁକ୍ତିନାମା ଦାବି ନେଇ ଶୁକ୍ରବାର ରାଉରକେଲା ମଜଦୁର ସଭା ପକ୍ଷରୁ ବିଶ୍ରା ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ବିକ୍ଷୋଭ ସମାବେଶ ସକାଳ ୭ରୁ ୯ଟା ପର୍ଯ୍ୟନ୍ତ ହୋଇଥିଲା। ତୁରନ୍ତ ଏନ୍‌ଜେସିଏସ ବୈଠକ ଡାକି କର୍ମଚାରୀଙ୍କ ଦାବି ସମୂହର ଫଇସଲା କରିବାକୁ ଉପସ୍ଥିତ ୟୁନିୟନ କର୍ମକର୍ତ୍ତା ଦାବି କରିଥିଲେ। ଏହି ଅବସରରେ ଅନେକ ପୁରୁଣା ଦାବିଗୁଡିକ ଉପସ୍ଥାପନ କରାଯାଇଥିଲା। ବାରମ୍ବାର ଦାବି ସତ୍ତ୍ୱେ ସେଲ୍ କର୍ତ୍ତୃପକ୍ଷ ଦାବି ପୂରଣ କରିବା ପରିବର୍ତ୍ତେ ସମୟ ଗଡାଇ ଚାଲିଥିବା ଅଭିଯୋଗ କରାଯାଇଥିଲା। ୟୁନିୟନ କାର୍ଯ୍ୟକାରୀ ସଭାପତି ଆନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବିକ୍ଷୋଭ ସମାବେଶରେ ସହସାଧାରଣ ସମ୍ପାଦକ ପ୍ରମୋଦ ଦାସ, ସମ୍ପାଦକ ଯୁଧିଷ୍ଠିର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ୟୁନିୟନ ସାଧାରଣ ସମ୍ପାଦକ ଶଶଧର ନାୟକ ବକ୍ତବ୍ୟ ପ୍ରଦାନ କରି ବୋନସ, ଏକ୍ସଗ୍ରାସିଆ, ମଜୁରି ଚୁକ୍ତି ଓ ପେନସନ ଆଦି ସମସ୍ୟାର ସମାଧନ ଦାବି କରିଥିଲେ। ସେହିପରି କାରଖାନାରେ ଠିକା ଶ୍ରମିକଙ୍କୁ ସ୍ଥାୟୀ କାମରେ ନିୟୋଜିତ କରି କର୍ତ୍ତୃପକ୍ଷ ନିଜ ଲକ୍ଷ୍ୟ ହାସଲ କରୁଥିବା ବେଳେ ଏମାନଙ୍କ ପ୍ରତି ଅନ୍ୟାୟ କରାଯାଉଥିବା ମଜଦୁର ସଭା ପକ୍ଷରୁ ଅଭିଯୋଗ କରାଯାଇଥିଲା। ଶ୍ରମିକ ସଭା ସାଧାରଣ ସମ୍ପାଦକ ଆଦିକନ୍ଦ ଭୋଳ, ଶ୍ରମିକ ନେତା ଦିଗମ୍ବର ମହାନ୍ତି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି କର୍ତ୍ତୃକ୍ଷଙ୍କ ଶ୍ରମିକ ମାରଣ ନୀତିର ସମାଲୋଚନା କରିଥିଲେ। ଏଥିରେ ଡିଏନ୍ ଆଚାର୍ଯ୍ୟ, ଆଲୋକ ବୋଷ, କଳାକାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ନବମ ଓଡ଼ିଶା ବାଟାଲିୟନ ପକ୍ଷରୁ ସର୍ଜିକାଲ ଷ୍ଟ୍ରାଇକ ଦିବସ

ରାଉରକେଲା ଅଫିସ,୨୮। ୯

ନବମ ଓଡ଼ିଶା ବାଟାଲିୟନ ରାଉରକେଲା ପକ୍ଷରୁ ଶୁକ୍ରବାର ସର୍ଜିକାଲ ଷ୍ଟ୍ରାଇକର ୨ୟ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଏହା ବାଟାଲିୟନ ପରିସରରୁ ବାହାରି ଆମ୍ବଗାନ ଛକ ଦେଇ ପୁଣି ବାଟାଲିୟନ ନିକଟରେ ସମାପ୍ତ ହୋଇଥିଲା। ଶୋଭାଯାତ୍ରାରେ ମ୍ୟୁନିସିପାଲ କଲେଜ ଏନ୍‌ସିସି ଅଫିସର କ୍ୟାପଟେନ ସତ୍ୟନାରାୟଣ ରାଉତଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା। ଏଥିରେ ମ୍ୟୁନିସିପାଲ କଲେଜର ୨୫ ଜଣ, ଗାନ୍ଧୀ ମହାବିଦ୍ୟାଳୟର ୨୫ ଜଣ ଏବଂ ଇସ୍ପାତ କଲେଜର ୫୦ରୁ ଊର୍ଦ୍ଧ୍ୱ ଶିକ୍ଷାର୍ଥୀ ଭାଗ ନେଇଥିଲେ। ବାଟାଲିୟନ ସୁବେଦାର ମେଜର ଅମିତ ଚୌଧୁରୀ, ସୁବେଦାର ବଜରଙ୍ଗ ସିଂ, ଅଶୋକ କୁମାର, ମନୋଜ ସିଂ, ନରେନ୍ଦ୍ର ମୁଣ୍ଡା ଓ ଗୁରୁବିନ୍ଦର ସିଂ ପ୍ରମୁଖ ଉପସ୍ଥିତ ଥିଲେ।




ସର୍ଜିକାଲ ଷ୍ଟ୍ରାଇକ ଦିବସ ପାଳନ ଅବସରରେ ବାହାରିଥିବା ଶୋଭାଯାତ୍ରା।

# ଯୁବଛାତ୍ର ସଂଘର ରାସ୍ତାରୋକୋ, ଯାତାୟାତ ଠପ୍

ରାଉରକେଲା ଅଫିସ,୨୮। ୯

ବାମପନ୍ଥୀ ଯୁବ ଛାତ୍ର ସଂଘ ପକ୍ଷରୁ ଶୁକ୍ରବାର ବିଭିନ୍ନ ଦାବି ନେଇ ପାନପୋଷ ଗାନ୍ଧୀ ଛକରେ ରାସ୍ତାରୋକୋ କରାଯାଇଥିଲା। ଫଳରେ ବହୁ ସଂଖ୍ୟାରେ ଭାରିଯାନ ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହି ଯାତାୟାତ ଠପ ହୋଇଯାଇଥିଲା। ସଂଘର ଅଭିଯୋଗ ମୁତାବକ, ୧୪୩ ନମ୍ବର ଜାତୀୟ ରାଜପଥ ବିପର୍ଯ୍ୟସ୍ତ ହୋଇ ପଡିଥିବାବେଳେ ଲୋକେ ଯାତାୟତ ସମୟରେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରି କି ରାସ୍ତାରେ ଧୂଳି ଉଡି ପରିବେଶ ପ୍ରଦୂଷଣ ହେଉଛି। ଏନେଇ ତୁରନ୍ତ ଜାତୀୟ ରାଜପଥର ମରାମତି ସହ ପାନପୋଷଠାରେ ଦ୍ୱିତୀୟ ବ୍ରାହ୍ମଣୀ ସେତୁ ନିର୍ମାଣ କରିବାକୁ ଦାବି କରାଯାଇଥିଲା। ଏପରି କି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଛାତ୍ର ବିରୋଧି ମନୋଭାବକୁ ସଂଘ ପକ୍ଷରୁ ସମାଲୋଚନା କରାଯାଇଥିଲା। ଅନ୍ୟପକ୍ଷେ ରାଉରକେଲା ସରକାରୀ ହସ୍ପିଟାଲରେ ଡାକ୍ତର, ନର୍ସ, ଷ୍ଟାଫ ନିଯୁକ୍ତି ସହ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ପ୍ରଦାନ, ଜିଲାରେ ବନ୍ଦ ପଡିଥିବା କଳ କାରଖାନାର ପୁନରୁଦ୍ଧାର, ସରକାରୀ ଓ ବେସରକାରୀସ୍ତରରେ ଖାଲି ପଡିଥିବା ପଦବୀ ପୂରଣ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଥିଲା। ଯୁବ ସଂଘର ରାଜ୍ୟ ସଭାପତି ସଦାନନ୍ଦ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ରାସ୍ତାରୋକୋ କାର୍ଯ୍ୟକ୍ରମରେ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ। ଏଥିରେ ଯୁବ ନେତା ଅରୁଣ ଭୋଇ, କାର୍ତ୍ତିକ ନାୟକ, ପଞ୍ଚାନନ ସୁନା, ଭାଗ୍ୟଧର ରାଉତ, ବୁଟୁଲ ବେହେରା, ଛାୟାକାନ୍ତ ସେନାପତି, ଛାତ୍ର ନେତା ମହେଶ୍ୱର ଦୀପ, ଅପର୍ଣ୍ଣା ରାଉତରାୟ, ମଧୁସ୍ମିତା ବାଗ, ଅରୁଣ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଆନ୍ଦୋଳନକୁ ସମର୍ଥନ ଜଣାଇ ଶ୍ରମିକ ନେତା ପ୍ରଭାତ ମିଶ୍ର, ବ୍ୟାଙ୍କ କର୍ମଚାରୀ ନେତା ସନ୍ତୋଷ ଦାସ, ଅରୁଣ ଦାସ, ଡ. କିଶୋରୀ ଦାସ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।




ବାମପନ୍ଥୀ ଯୁବ ଛାତ୍ର ସଂଘ ପକ୍ଷରୁ ପାନପୋଷ ଗାନ୍ଧୀ ଛକଠାରେ ରାସ୍ତାରୋକୋ କରାଯାଇଛି।



ଲେଖନୀ ଓ ତରବାରୀ ଉଭୟ ଶକ୍ତିଶାଳୀ, କିନ୍ତୁ ଲେଖନୀର ହିଁ ଜୟ ହୁଏ।

- ନେପୋଲିୟନ୍

## ସଂକ୍ଷେପରେ

### ବାର୍‌ହା ଆକ୍ରମଣରେ ମହିଳା ଗୁରୁତର

**ଲହୁଣୀପଡା, ୨୮।୯ (ଡି.ଏନ.ଏ)-** ସୁନ୍ଦରଗଡ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ରକ୍ସି ଗ୍ରାମର ଜଣେ ମହିଳାଙ୍କୁ ଶୁକ୍ରବାର ମଧ୍ୟାହ୍ନ ୧୨ଟା ବେଳେ ଜଙ୍ଗଲି ବାରହା ଆକ୍ରମଣ କରିଛି। ଫଳରେ ସେ ଗୁରୁତର ଆହତ ହୋଇ ଲହୁଣୀପଡା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଶୁକ୍ରବାର ସକାଳୁ ହାଉରୀ ତିର୍କି (୬୦) ନିଜ ଛେଳି ଚରାଇବା ପାଇଁ ନିକଟସ୍ଥ ଜଙ୍ଗଲ ଯାଇଥିଲେ। ପ୍ରାୟ ୧୨ଟା ବେଳେ ଏକ ବାରହା ହାଉରୀଙ୍କୁ ଅତର୍କିତ ଆକ୍ରମଣ କରିଥିଲା । ଫଳରେ ହାଉରୀ ତଳେ ପଡି ଯିବାରୁ ବାରହା ଜଙ୍ଗଲ ଭିତରକୁ ଚାଲିଯାଇଥିଲା । କୌଣସି ମତେ ହାଉରୀ ସେହିବାଟ ଦେଇ ଯାଇଥିବା ଜଣେ ଲୋକଙ୍କୁ ଘଟଣା ସମ୍ପର୍କରେ କହିବାରୁ ଲୋକ ଜଣକ ତାଙ୍କ ଘରେ ଖବର ଦେଇଥିଲେ। ପରିବାର ଲୋକେ ସେଠାରେ ପହଞ୍ଚି ରକ୍ତାକ୍ତ ହାଉରୀଙ୍କୁ ଲହୁଣୀପଡା ଡାକ୍ତରଖାନାରେ ଭର୍ତ୍ତିକରି ଚିକିତ୍ସା କରୁଥିବା ଜଣାଯାଇଛି।



ବାର୍‌ହା ଆକ୍ରମଣରେ ଆହତ ମହିଳା।




ସୁନ୍ଦରଗଡ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ବାର୍ଷିକ ସାଧାରଣ ସଭାରେ ଉପସ୍ଥିତ ଅଧିକାରୀ।

### ସୁନ୍ଦରଗଡ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ବାର୍ଷିକ ସାଧାରଣ ସଭା

# ୧୦ ପ୍ରତିଶତ ଲାଭାଂଶ ପ୍ରଦାନ ନିଷ୍ପତ୍ତି

**ସୁନ୍ଦରଗଡ଼, ୨୮।୯ (ଡି.ଏନ୍.ଏ)**

ସ୍ଥାନୀୟ ବିକାଶ ଭବନଠାରେ ସୁନ୍ଦରଗଡ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ୬୨ତମ ବାର୍ଷିକ ସାଧାରଣ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ସଭାପତି ଭବାନୀପ୍ରସାଦ ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ବ୍ୟାଙ୍କ ପରିଚାଳନା ପରିଷଦର ସମସ୍ତ ସଭ୍ୟା ସଭ୍ୟଙ୍କ ସମେତ ଲ୍ୟାମ୍ପସ୍ ଏବଂ ଇସିଏସ୍ ତଥା ବିଭିନ୍ନ ସମବାୟ ସମିତିର ସଭାପତିମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସଭାପତିଙ୍କ ଦ୍ୱାରା ସ୍ୱାଗତ ଅଭିଭାଷଣ ପ୍ରଦାନ ପରେ ବ୍ୟାଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟଧାରାର ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ମହାନ୍ତି ୨୦୧୮ -୧୯ର ବାର୍ଷିକ ବିବରଣୀ ପାଠ କରିଥିଲେ। ୨୦୧୭ -୧୮ ବର୍ଷ ପାଇଁ ବ୍ୟାଙ୍କର ଅଂଶୀଦାର ମାନଙ୍କୁ ୧୦-ପ୍ରତିଶତ ଲାଭାଂଶ ପ୍ରଦାନ ପାଇଁ ସଭାରେ ନିଷ୍ପତ୍ତି ଗ୍ରହଣ କରାଯାଇ ଗୃହୀତ ହୋଇଥିଲା। ଲ୍ୟାମ୍ପସ୍‌ଗୁଡିକର ଭିତ୍ତିଭୂମି ବିକାଶ ପାଇଁ ୧୦ଗୋଟି ଲ୍ୟାମ୍ପସ୍‌କୁ ୨ଲକ୍ଷ ଟଙ୍କା ଲେଖାଏଁର ଅନୁଦାନ ପ୍ରଦାନ କରାଯିବାକୁ ଥିବା ବେଳେ ଚଳିତ ଆର୍ଥିକ ବର୍ଷରେ ୧୦ ଗୋଟି ଏବଂ ଆଗାମୀ ଆର୍ଥିକ ବର୍ଷରେ ୧୯ଟି ଲ୍ୟାମ୍ପସ୍‌କୁ ଏହି ଅନୁଦାନ ଦେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏତଦ୍ ବ୍ୟତୀତ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ବୈଷୟିକ କମିଟି ହେବା ପୂର୍ବରୁ ଡିଆରସିଏସ୍ ସମସ୍ତ ଏଆରସିଏସ, ଡିଡିଏ ତଥା ଲାଇନ୍ ଡିପାର୍ଟମେଣ୍ଟ ଅଫିସର ଏବଂ ଅଗ୍ରଣୀ ଚାଷୀଙ୍କୁ ନେଇ ବ୍ୟାଙ୍କ ସ୍ତରରେ ଏକ ସ୍ୱତନ୍ତ୍ର ପ୍ରସ୍ତୁତି ବୈଠକ ଆୟୋଜନ ନିମନ୍ତେ ନିଷ୍ପତ୍ତି ହୋଇଛି। ସହକାରୀ ନିବନ୍ଧକ ପାନପୋଷଙ୍କ ମଧ୍ୟସ୍ଥତାରେ ରାଉରକେଲା ଷ୍ଟିଲପ୍ଲାଣ୍ଟ କର୍ମଚାରୀ ଋଣ ସମବାୟ ସମିତିମାନଙ୍କର ଏକ ସମନ୍ୱୟ ବୈଠକ ଅକ୍ଟୋବର ମାସ ପ୍ରଥମ ସପ୍ତାହରେ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ସଭାପତିଙ୍କ ଦ୍ୱାରା କୃଷି ଓ ଅଣକୃଷି ଋଣ ଲଗାଣ ବିଷୟରେ ଲ୍ୟାମ୍ପସ୍‌ମାନଙ୍କର ଚାଷୀମାନଙ୍କୁ ବିଷଦ ଭାବରେ ଅବଗତ କରିବା ପାଇଁ ମତାମତ ଦେଇଥିଲେ। କୃଷି ତଥା ଉଦ୍ୟାନ କୃଷି ଋଣର ବିକାଶ ପାଇଁ ଡିଡିଏଚ୍, ଡିଡିଏମ୍, ନାବାର୍ଡ ମଧ୍ୟମ ଓ ଦୀର୍ଘକାଳୀନ କୃଷିଋଣ ଲଗାଣ କରାଯିବା ପାଇଁ ବିଭିନ୍ନ ସରକାରୀ ସବସିଡି ସ୍କିମମାନଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ ବ୍ୟାଙ୍କ କର୍ମଚାରୀ , ବ୍ୟାଙ୍କ ସଭାପତି, ପରିଚାଳନା ପରିଷଦର ସଭ୍ୟା, ସଭ୍ୟ ଓ ଲ୍ୟାମ୍ପ୍ ସଭାପତିଙ୍କର ପାଇଁ ପ୍ରଶିକ୍ଷଣ କର୍ଯ୍ୟକ୍ରମ ସକାଶେ ସ୍ୱତନ୍ତ୍ର ପାଣ୍ଠି ବ୍ୟବସ୍ଥା କରିବା ପାଇଁ ସଭାରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ସଭାରେ ସମବାୟ ସମିତି ସମୂହର ଉପନିବନ୍ଧକ ଜେରାମ କେରକେଟା, ସହକାରୀ ଉପନିବନ୍ଧକ ଯୁଗଳ କିଶୋର ଦାସ, ସୁନ୍ଦରଗଡ ଉପନିବନ୍ଧକ ସାନନ୍ଦ କୁମାର ସାହୁ, ନାବାର୍ଡର ଜିଲା ବିକାଶ ପ୍ରବନ୍ଧକ ଶକ୍ତି ପ୍ରସନ୍ନ ମହାପାତ୍ର, ବ୍ୟାଙ୍କ ଉପସଭାପତି ସୁସ୍ମିତା ଯୋଶୀ ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ୟାଙ୍କ ପରିଚାଳନା ପରିଷଦ ତରଫରୁ ପ୍ରଦୀପ ସିଂ, ପଞ୍ଚା ବାର୍ଲା, ବ୍ୟାଙ୍କ କର୍ମଚାରୀ ହୃଷିକେଶ ସାହୁ, ଅକ୍ଷୟ ପଣ୍ଡା, ଅଶୋକ ରାଉତ, ଅଶୋକ ପଶାୟତ, ପ୍ରଦ୍ୟୁମ୍ନ ନନ୍ଦ, ବିଜୟ ପଣ୍ଡା , ଅଜୟ ପଣ୍ଡିତ, ଅମିତ ଓତା, ବିମଳ ବୋଷ, ସନ୍ତୋଷ ମହାପାତ୍ର, ଗୋଲକ ବିହାରୀ ଦେବତା ଓ ଝରଣା ତାଜନ ପ୍ରମୁଖ ସଭା ପରିଚାଳନାରେ ସହ ଯୋଗ କରିଥିଲେ।

# ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ଯୁବକଙ୍କ ପରିଚୟ ମିଳିଲା

**ଲହୁଣୀପଡା, ୨୮।୯ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ୨୧୫ ନମ୍ବର ଜାତୀୟ ରାଜପଥ ଗୋପନା ଗ୍ରାମ ନିକଟରେ ଗୁରୁବାର ରାତିରେ ଅଜଣା ଗାଡି ଧକ୍କାରେ ପ୍ରାଣ ହରାଇଥିବା ଯୁବକଙ୍କ ପରିଚୟ ମିଳିଛି । ଗୁରୁଣ୍ଡିଆ ବ୍ଲକ ଦହିଚୋର ଗ୍ରାମର ମିଖାଲେ ସରେଙ୍ଗର ପୁଅ ବିଜୟ ସରେଙ୍ଗ (୩୫) (ଓଆର୍ ୦୯ ପି- ୩୧୫୧) ନମ୍ବର ବାଇକ ଯୋଗେ କେ.ବଲାଙ୍ଗ ଥାନା ଅନ୍ତର୍ଗତ ବିମଳାଗଡ ସାପ୍ତାହିକ ହାଟକୁ ପରିବା ବିକ୍ରି କରିବା ପାଇଁ ଯାଇଥିଲେ। ସେ ବିମଳାଗଡ ହାଟରୁ ନିଜ ବାଇକ ଯୋଗେ ଫେରୁଥିବା ବେଳେ ଗୋପନା ନିକଟରେ ଦୁର୍ଘଟଣା ଘଟିଥିଲା । ଆହତ ଅବସ୍ଥାରେ ତାଙ୍କୁ ଲହୁଣୀପଡା ଡାକ୍ତରଖାନାକୁ ଆଣିଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ । କେଉଁ ଅଜଣା ଗାଡି ଧକ୍କା ଦେଲା କିମ୍ବା ଅଜଣା ଗାଡ଼ିର ପଛପଟୁ ପିଟି ହୋଇଥିବା ଅନୁମାନ କରାଯାଉଥିବା ମଧ ସ୍ପଷ୍ଟ ଜଣାପଡୁନାହିଁ । କେ.ବଲାଙ୍ଗ ପୋଲିସ ଶୁକ୍ରବାର ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଏକ ମାମଲା ରୁଜୁ କରିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜାତକ ଦେଖ ହେ ନାହାକ**
**ବୋହୂ ଭାତ ଖାଉନାହିଁ ପାଆକ;**
**କି ଜାତକ ଦେଖିବି ମାଉସୀ**
**ବୋହୂ ଭିତରେ ଭିତରେ ଖାଉଛି ।**

କିଛି ବ୍ୟକ୍ତି ଲୁଚେଇ ଚୋରେଇ ଖାଦ୍ୟ ଖାଉଥିଲେ ମଧ ଉପରକୁ କିଛି ଖାଇ ନ ଥିବାର ମିଛ ଅଭିନୟ କରିଥାନ୍ତି। ଅନ୍ୟମାନେ ଏହାର ଟେର୍ ପାଇବା ସମ୍ଭବପର ହେଉ ନ ଥିବା ସ୍ଥଳେ ସତ କ'ଣ ଜାଣି ନ ପାରି ଖାଲି ତୁଛାଟାରେ ବ୍ୟତିବ୍ୟସ୍ତ ହୋଇପଡ଼ିଥାନ୍ତି। ଲୁଚେଇ ଛପେଇ ଖାଦ୍ୟଖାଇ ନୀରବତା ଅବଲମ୍ବନ କରୁଥିବା ଚତୁରୀ ନାରୀଟି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଜହ୍ନି ମଞ୍ଜି କିଲୋ ଜହ୍ନି ମଞ୍ଜି**
**ଡାକେ ନାହିଁ କି ହାକେ ନାହିଁ**
**ବଳେ ପଶୁଥାଏ ପେଲି ଗୁଞ୍ଜି ।**

ଜହ୍ନି ମଞ୍ଜି ଦେଖିବାକୁ କଳା। ସାଧାରଣତଃ ବର୍ଣ୍ଣ କଳା ବା ଶ୍ୟାମଳ ହୋଇଥିବା ବ୍ୟକ୍ତିଙ୍କୁ ଅନେକେ ପସନ୍ଦ କରି ନ ଥାନ୍ତି। ତାଙ୍କ ସହ ସମ୍ପର୍କ ରଖିବା ତ ଦୂରର କଥା ଭଲରେ କଥା ପଦିଏ ହେବାକୁ କେହି ଇଚ୍ଛା କରି ନ ଥାନ୍ତି। ଏପରି ସ୍ଥଳେ ଉପରେ ପଡ଼ି ମିଶୁଥିବା ଶ୍ୟାମଳବର୍ଣ୍ଣା ଯୁବତୀ ପ୍ରତି ତାଚ୍ଛଲ୍ୟଭାବ ପ୍ରକାଶ ପାଇବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ



ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ କୋଏଲ ନଦୀର ତେତେରକେଲା ଘାଟରେ ଶୁକ୍ରବାର ମଧ୍ୟାହ୍ନରେ ଗାଧୋଇବାକୁ ଯାଇ ଭାସିଯାଉଥିବା ଯୁବକଙ୍କ ମଧ୍ୟରୁ ଜଣଙ୍କୁ ଉଦ୍ଧାର କରାଯିବା ପରେ ନିଖୋଜ ଥିବା ଅମିତ କୁମାର ପାଲଙ୍କୁ ଖୋଜାଚାଲିଛି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT
7749095348, 8249919890

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527 +91 8126673652
ଠକମାନଙ୍କ ପ୍ରତି ସାବଧାନ

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ । (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

!! ବିନା ଗ୍ୟାରେଣ୍ଟର!!
ମହାବୀର ଫାଇନାନ୍ସ
ସ୍ୱରୋଜଗାର ପାଇଁ ଅଷ୍ଟମ/ଦଶମ ପାସ୍ ମହିଳା / ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ, 25% ରିହାତି
20 ବର୍ଷରେ ଫେରସ୍ତ
7292015349
8447083534
41/14, SECTOR-1, PUSHP VIHAR, DELHI-110017

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ। ପ୍ରଥମେ କାମ ପରେ ଦାମ୍, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଭେହିକିଲ୍, ବ୍ୟବସାୟ, ସମସ୍ତ ଋଣ 2% ସୁଧ, 40% ରିହାତି ଘରେ ବସି ଉପଲବ୍ଧ।
DHANLAXMI FINANCE
Ram Nagar, Narnel, Haryana
7310612716
7310613702

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠ୍‌କରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

Urbasi Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ ।
Stockist-Odisha Drug Distributor
Cell: 7873239883

ASHOKA FINANCE
ଫାଇନାନ୍ସ
ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୧୩୮୦ରେ (୧-୯୦ ଲକ୍ଷ) ପର୍ଯ୍ୟନ୍ତ 0% ସୁଧ, ୬୦% ରିହାତି। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ରାଶନକାର୍ଡ, ଆଧାର କାର୍ଡ ସମସ୍ତ ଋଣ ୪୮ ଘଣ୍ଟାରେ।
H-33, Aroda, G. Noida, Delhi
8743042068
7900883466

FINANCE
ଭାରତ ସରକାର ରେଜିଷ୍ଟ୍ରଡ କମ୍ପାନି 1980 ରୁ ଆପଣଙ୍କ ସେବାରେ
Regd. No : OD14813486
କରୁଛି କେବଳ ଆଧାରକାର୍ଡ, ପ୍ରପୋର୍ଟି, ମାର୍କସିଟ୍, ପର୍ସନାଲ୍, ହୋମ, ଜମି, ଏଜୁକେସନ୍, ବିଜ୍‌ନେସ୍, ଲଘୁ ଉଦ୍ୟୋଗ ପାଇଁ ସମସ୍ତ ଋଣ ଘରେ ବସି ମାତ୍ର ୨୪ଘଣ୍ଟାରେ 1% ସୁଧ 40% ରିହାତି ବିଦ୍ୟାର୍ଥୀ ମାନଙ୍କୁ ସମ୍ପୂର୍ଣ୍ଣ ଅଗ୍ରାଧିକାର ।
ଅଧିକ ବିବରଣୀ ପାଇଁ ସମ୍ପର୍କ କରନ୍ତୁ
31 UA, Bangalow Road, Kamla Nagar, New Delhi
7751976559

FINANCE
P.M.J.S.Y ସମସ୍ତ ଆଧାରକାର୍ଡ ଧାରକମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ ସୁଧରେ ସବୁ ପ୍ରକାର ଋଣ ଯୋଗାଇ ଦେଉଛି । ଋଣ ପଇସା ୪୮ ଘଣ୍ଟା ଭିତରେ ବ୍ୟାଙ୍କ ଆଉଣ୍ଟ ଖାତାରେ ଟ୍ରାନ୍ସଫର ହେବ । 30% ସବସିଡି ।
Ameerpt, Hyderabad
Pin- 5000106 (Telengana)
7787922501
7787907927
pmjansamridhi@gmail.com

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି ।
B-19, Tower No-9, New Moti Bagh, New Delhi-110021
8658167603
7064382081

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ୍, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7750921669
8337956019

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଜ୍ଞାନ ସେଠି ହେବ
A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠହରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ବୈଦିକ ବିଦ୍ୟାରେ ନିପୁଣ
9873361894, 9654673664

SMS JOB
Send SMS, Earn Money
JEEO GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike + 7500/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

ଭାରତର ନଂ.1 କମ୍ପାନୀ
!!ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ!!
ଦେଉଛି ବେରୋଜଗାର ଭାଇମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ
ମାର୍କଶିଟ୍, ଆଧାରକାର୍ଡ ଆଦି ଋଣ ମାତ୍ର 2 ଘଣ୍ଟାରେ ପ୍ରାପ୍ତ କରନ୍ତୁ
ମା ଓ ଭଉଣୀଙ୍କ ପାଇଁ ବିଶେଷ ରିହାତି
1% ସୁଧ, 50% ରିହାତି
6388753739
6399376206
Add : - 41/14, Sec-1 Pushp Vihar, Delhi

BUSINESS
ସରକାରୀ ଯୋଜନାଦ୍ୱାରା ଡିଜିଟାଲ୍ ଯାନ୍ତ୍ରିକ ଉପକରଣ ଗୁଡିକ ନିଜର ପ୍ଲଟ୍, କ୍ଷେତ, ଛାତ ଉପରେ ଶତ ପ୍ରତିଶତ ଗ୍ୟାରେଣ୍ଟେଡ୍ ଶୀଘ୍ର ଲଗାନ୍ତୁ
ଭଡା- ୧୨୦୦୦୦/- + ଆଡଭାନ୍ସ- ୧ କୋଟି ୨୦ ଲକ୍ଷ + କୋର୍ଟ ଏଗ୍ରିମେଣ୍ଟ
୨ ଚାକିରୀ + ରହିବା + ବିମା ଫ୍ରି
Office No.413, Commercial Complex, Paschim Vihar, New Delhi-64
08076675193
08700152155

SMS JOB
SEND SMS, EARN MONEY
AITEL - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ !
କମ୍ପାନୀ ଦ୍ୱାରା Mobile + Laptop + Bike SIM + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
07367075431
07367075342

Free GOLD COIN Free
A 2 Z FINANCE Ltd.
ଦିପାବଳୀ ଧମାକା
3 ଲକ୍ଷରୁ 5 କୋଟି
ଆଧାରକାର୍ଡ, ମାର୍କଶିଟ୍ ପ୍ରପର୍ଟି, ସମସ୍ତ ଋଣ ଘରେ ବସି
ସୁଧ 0% ରୁ 6%
9506060250
Add : - 41/14, Sec-1 Pushp Vihar, Delhi

ଡିଜିଟାଲ ଉପକରଣ
ହିନ୍ଦୁସ୍ତାନ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odi577407) ଖାଲି ଜମି ଉପରେ ଡିଜିଟାଲ୍ ଟାୱାର ଲାଗନ୍ତୁ। ଅଗ୍ରିମ ୨୦,୦୦୦,୦୦, ଭଡ଼ା 70,000, 60,000ର ଅନ୍ୟାନ୍ୟ ସୁବିଧା + ଏକ ବାଇକ୍ + 1 ଲାପ୍‌ଟପ୍ ଫ୍ରି। ନୋଟ୍- (ଇଚ୍ଛୁକ ବ୍ୟକ୍ତି ନାମ, document Gmail/ଫୋନ୍ କରନ୍ତୁ।)
7302090964
2/2250, Rambagh Colony, Ramghat Road, Gali No.4 Tehsil- Koil, Dist- Aligarh

**ପାଠକଙ୍କ ପାଇଁ ସୂଚନା** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ସର୍ପାଘାତରେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ

ନୂଆପଡା ଅଫିସ/ କୋମନା,୨୮।୯(ଡି.ଏନ.ଏ.)

ନୂଆପଡା ଜିଲା କୋମନା ଥାନା ଅନ୍ତର୍ଗତ ଜେଠୁପାଲି ଗାଁର ଟେକଚନ୍ଦ ଆଡବଙ୍ଗ (୧୩) ନାମକ ଜନୈକ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ବିଷଧର ସର୍ପ ଦଂଶନରେ ମୃତ୍ୟୁ ଘଟିଛି । ଏହାକୁ ନେଇ କୋମନା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ପ୍ରକାଶ ଯେ ଟେକଚନ୍ଦ ଶୁକ୍ରବାର କୌଣସି କାରଣରୁ ସ୍କୁଲକୁ ଯାଇ ନ ଥିଲେ । ମଧ୍ୟାହ୍ନରେ ଘରେ ଖାଇ ଶୋଇଥିବା ସମୟରେ ହଠାତ ଏକ ସାପ କାମୁଡି ଦେଇଥିଲା । ଏହାଜାଣି ପାରି ତାଙ୍କୁ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ ।

### ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜା

ସମ୍ବଲପୁର,୨୮।୯(ବ୍ୟୁରୋ)

ସମ୍ବଲପୁର ଜିଲା ଜୁଜୁମୁରା ବ୍ଲକ ମେଘପାଳ ପଞ୍ଚାୟତ ଘୋଷରାମାଳ ଗ୍ରାମରେ ଶୁକ୍ରବାର ଏକ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜା କରାଯାଇଛି । ଡ. ଲଲାଟେନ୍ଦୁ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ପରେ ମିର୍ଦ୍ଧାପଡାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଆଖପାଖ ୧୦ଟି ଗ୍ରାମର ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

ମାନବାଧିକାର କର୍ମୀଙ୍କ ଦୁଇଦିନିଆ ନୂଆପଡା ଜିଲା ଗସ୍ତ

# ମାତୃ ମୃତ୍ୟୁ ଘଟଣାର ବିଶେଷ ରିପୋର୍ଟ ନେଲେ

ନୂଆପଡା ଅଫିସ,୨୮।୯

ନୂଆପଡା ରାଜ୍ୟର ଉପନ୍ତ ଅଞ୍ଚଳରେ ରହିଥିବାବେଳେ ସମସ୍ତ ସରକାରୀ ଯୋଜନା ଲୋକଙ୍କୁ ଅପହଞ୍ଚ ହେଉଛି। ଜଙ୍ଗଲ ଇଲାକାରେ ରହୁଥିବା ଗରିବ ଅବହେଳିତ ଲୋକେ ଶିକ୍ଷା ସ୍ୱାସ୍ଥ୍ୟ ଭଳି ମୌଳିକ ସେବା ପାଇବାରୁ ବଞ୍ଚିତ ରହୁଛନ୍ତି । ବିଶେଷ କରି ଏଠାରେ ଡାକ୍ତର ଏବଂ ସ୍ୱାସ୍ଥ୍ୟ ବିଭାଗର ଅବହେଳା ଯୋଗୁ ମାତୃମୃତ୍ୟୁହାର ବଢିବାରେ ଲାଗିଛି ବୋଲି ମାନବାଧିକାର କର୍ମୀମାନେ ଅନୁଭବ କରିଛନ୍ତି । ଦୁଇଦିନିଆ ନୂଆପଡା ଜିଲା ଗସ୍ତ କରି ମାନବାଧିକାର କର୍ମୀମାନେ ବିଭିନ୍ନ ଅଞ୍ଚଳର ସମସ୍ୟାଗୁଡିକ ଉପରେ ତଥ୍ୟ ସଂଗ୍ରହ କରିବା ଅବସରରେ ଏହା କହିଛନ୍ତି । ଏହିକ୍ରମରେ ଜିଲାର ଦୁର୍ଗମ ସୁନାବେଡା ଅଭୟାରଣ୍ୟ ସମେତ ୫ଟି ଗାଁର ମାତୃମୃତ୍ୟୁ ଘଟଣା ସମ୍ପର୍କରେ ରିପୋର୍ଟ ସଂଗ୍ରହ କରି ଫେରିଯାଇଛନ୍ତି । ଏହା ଉପରେ ହାଇକୋର୍ଟରେ ମାମଲା ଦାଏର କରାଯିବ ବୋଲି କହିଛନ୍ତି ।

ମାନବାଧିକାର କର୍ମୀ ସୁଜାତା ରାଣୀ ଦାସଙ୍କ ନେତୃତ୍ୱରେ କଟକରୁ ଏକ ୩ଜଣିଆ ଟିମ ନୂଆପଡାରେ ଆସି ପହଞ୍ଚିଥିଲେ । ପ୍ରଥମ ଦିନରେ ଦୁର୍ଗମ ସୁନାବେଡା ଅଭୟାରଣ୍ୟ ଅଞ୍ଚଳ ଗସ୍ତ କରିଥିଲେ । ସକାଳୁ ସନ୍ଧ୍ୟା ଯାଏଁ ସୁନବେଡାର ଗଡଗଡା, ସୁନାବେଡା, ସନବାହାଲି, ସାଲେଭଟା,




ମାନବାଧିକାର କର୍ମୀମାନେ ସୁନାବେଡା ଅଭୟାରଣ୍ୟରେ ପିଲାଙ୍କ ଶିକ୍ଷାବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝୁଛନ୍ତି (ବାମ) । ଦୁର୍ଗମ ସୁନାବେଡାରେ ଆଦିବାସୀଙ୍କ ଜୀବନଜିବିକା ସମ୍ପର୍କରେ ପଚାରି ବୁଝୁଛନ୍ତି ।

ଚେରେଚୁଆଁ ଗାଁ ଆଦି ପରିଭ୍ରମଣ କରିଥିଲେ । ଏହିକ୍ରମରେ ଆଦିବାସୀ ବନବାସୀ ମହିଳାଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ପ୍ରଥମ ଗଡଗଡା ଗାଁରେ ଗର୍ଭବତୀ ମା'ମାନଙ୍କ ସହ ବାର୍ତ୍ତାଳାପ ବେଳେ ଠିକ ସମୟରେ ଟୀକାକରଣ ଏବଂ ପୁଷ୍ଟିକର ଖାଦ୍ୟପେୟର ବ୍ୟବସ୍ଥା ହେଉ ନ ଥିବା ଜାଣିବାକୁ ପାଇଥିଲେ । ଏହିଭଳି ଏଠାରେ ଶିଶୁ ସ୍ୱାସ୍ଥ୍ୟ, ଖାଦ୍ୟ, ଶିକ୍ଷା ବିପର୍ଯ୍ୟସ୍ତ ହୋଇପଡିଥିବା ଦେଖାଯାଇଥିଲା । ଏହା ପରେ ବାକି ୪ଟି ଗାଁରେ ମଧ୍ୟ

- ସୁନାବେଡା ସମେତ ୫ଟି ଜାଗା ବୁଲିଲେ ମାନବାଧିକାର କର୍ମୀ
- ଆଦିବାସୀଙ୍କ ଜୀବନଜିବିକା ମର୍ମାହତ କଲା

ଏତାଦୃଶ ସମସ୍ୟା ଦେଖିଥିଲେ । ପରେ ଦ୍ୱିତୀୟ ଦିନରେ ଖଡିଆଳ ବ୍ଲକ ବଡ ମହେଶ୍ୱର, ବୋଡେନ ବ୍ଲକ ସାଲେକେଲା, ସିନାପାଲିର ଜରେଲପଦର ଏବଂ କୋମନା ବ୍ଲକ ମୁଣ୍ଡାପଲାର ମାତୃମୃତ୍ୟୁ ମାମଲା ଉପରେ ସବିଶେଷ ରିପୋର୍ଟ କରିଥିଲେ । ଏସମସ୍ତ ଜାଗାରେ ଗର୍ଭବତୀ ମହିଳାମାନଙ୍କୁ ଠିକ ଭାବରେ ଠିକ ସମୟରେ ହସ୍ପିଟାଲ ସେବା ଦିଆଯାଇ ନ ଥିବାରୁ ମୃତ୍ୟୁର ଶୀକାର ହୋଇଥିବା ଜଣା ପଡିଥିଲା। ସରକାର ସବୁ ବ୍ୟବସ୍ଥା କରୁଥିବା କୁହୁଥିବାବେଳେ ସେସବୁ ନୂଆପଡା ଜିଲାରେ କାର୍ଯ୍ୟକାରୀ ହେବାରେ ବିଫଳ ହେଉଥିବା ମାନବାଧିକାର କର୍ମୀମାନେ ଅନୁଭବ କରିଥିଲେ । ଏହା ଉପରେ ଶେଷରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ପ୍ରଭାସିନି ବ୍ରହ୍ମାଙ୍କୁ ଭେଟି ଜଣାଇଥିଲେ । ସମସ୍ୟାଗୁଡିକ ସମ୍ପର୍କରେ ସେ ସବିଶେଷ ତଥ୍ୟ ନେଇ କାର୍ଯ୍ୟାନୁଷ୍ଠାନ କରିବେ ବୋଲି କହିଥିଲେ । ଏହିଟିମରେ ଅନ୍ୟମାନଙ୍କ ମଧ୍ୟରେ ସବିତା ସୋରେନ, ଦିଲ୍ଲୀରୁ ଗବେଷକ ସଙ୍ଗୀତା ବାନାର୍ଜୀ, ନୂଆପଡାରୁ ଯାଜ୍ଞସେନୀ ମହାପାତ୍ର ଏବଂ ପ୍ରତିଭା ହୋତା ପ୍ରମୁଖ ସାମିଲ ଥିଲେ । ଏହା ଉପରେ ସବିଶେଷ ତର୍ଜମା ପରେ ହାଇକୋର୍ଟରେ ମାନବାଧିକାର କମିଶନ ତରଫରୁ ମାମଲା ରୁଜୁ କରାଯିବ ବୋଲି କର୍ମୀମାନଙ୍କ ସୂତ୍ରରୁ ପ୍ରକାଶ ।

## ଜିଲା ପ୍ରାଣୀ ଚିକିତ୍ସାଳୟଠାରେ ବିଶ୍ୱ ଜଳାତଙ୍କ ଦିବସ ପାଳିତ

ଭବାନୀପାଟଣା,୨୮।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଭବାନୀପାଟଣା ଜିଲା ପ୍ରାଣୀ ଚିକିତ୍ସାଳୟ ପରିସରରେ ବିଶ୍ୱ ଜଳାତଙ୍କ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି । ଜିଲା ପ୍ରାଣୀ ଚିକିତ୍ସାଳୟ ଉପନିର୍ଦ୍ଦେଶକ ଡା. ନିମାଇ ଚରଣ ପଟ୍ଟନାୟକଙ୍କ ଆବାହକତ୍ୱରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଚୈତନ୍ୟ ଚରଣ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନାଗରିକ ମଞ୍ଚ ସମ୍ପାଦକ ଏମ. ଜଗଦିଶ ପ୍ରସାଦ. ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ପ୍ରତାପ କୁମାର ଦାସ, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ବିଭୁ ରଞ୍ଜନ ଦାସ ଓ ଡା. ପ୍ରଶାନ୍ତ କୁମାର ମିଶ୍ର, ଆଞ୍ଚଳିକ ପ୍ରାଣୀ ରୋଗ ନିଦାନ ଅଧିକାରୀ ଡା. ନୀରଦ ଚନ୍ଦ୍ର କର୍ହର ପ୍ରମୁଖ ମଞ୍ଚାସୀନଥିଲେ। ଡା. ବିଭୁ ରଞ୍ଜନ ଦାସ ବିଭିନ୍ନ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରାଣୀଧନ ନିରୀକ୍ଷକ ଜ୍ୟୋତିଶଙ୍କର ସାମନ୍ତରାୟ, ସନ୍ତୋଷ କୁମାର ଶତପଥୀ, କାହ୍ନୁ ଚରଣ ମହାରଣା, ସ୍ୱାଧୀନ କୁମାର ପ୍ରଧାନ, ମୋହିତ କୁମାର ପଟ୍ଟନାୟକ ଓ କ୍ଷିପ୍ର ଲେଖକ ରବୀନ୍ଦ୍ର କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ। ବାସ୍ତୁରୀଟି ପୋଷା କୁକୁରଙ୍କୁ ମାଗଣାରେ ଜଳାତଙ୍କଟିକ ପ୍ରଧାନ କରାଯାଇଥିଲା। ଡା. ନିମାଇଁ ଚରଣ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



କେସିଙ୍ଗା ପଞ୍ଚାୟତ ସମିତି ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଜଣେ ଭିନ୍ନକ୍ଷମଙ୍କୁ ଟ୍ରାଇସାଇକେଲ୍ ପ୍ରଦାନ କରାଯାଉଛି।

## ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଉଦ୍‌ଯାପିତ

କେସିଙ୍ଗା,୨୮।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ପଞ୍ଚାୟତ ସମିତି ପରିସରରେ ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ୨୦୧୮ ଉଦ୍‌ଯାପିତ ହୋଇଯାଇଛି। କେସିଙ୍ଗା ବିଡିଓ ଭୀମସେନ ଶବରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ବ୍ଲକର ବିଭିନ୍ନ ଗ୍ରାମରୁ ୧୨୮ ହିତାଧିକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି ।

ଭିନ୍ନକ୍ଷମମାନଙ୍କ ମଧ୍ୟରୁ ୨୫ ଜଣଙ୍କୁ ବସ ଓ ଟ୍ରେନ ପାସ୍ ପ୍ରଦାନ କରାଯାଇଥିବା ବେଳେ ମୁକ ଓ ବଧିର ୧୦ଜଣ, ଶାରିରୀକ ଭିନ୍ନକ୍ଷମ ୩୩ଜଣ, ଭିନ୍ନକ୍ଷମ ପ୍ରମାଣ ପତ୍ର ୨୬ଜଣ, ମାନଶିକ ବିକୃତି ୪ଜଣ, ଦୃଷ୍ଟିଶକ୍ତି ବାଧିତ ୧୦ଜଣ, ଭଡା ଓ ସାଇକେଲ, ଆଶାବାଡି, ୨୦ଜଣ ଏହିପରି ୧୨୮ ଜଣଙ୍କୁ ବିଡିଓ ପ୍ରଦାନ କରିଥିଲେ । ଶିବିରକୁ କେସିଙ୍ଗା ବ୍ଲକ ଅଧକ୍ଷା ସୁକାନ୍ତି ବେହେରା, ଉପାଧକ୍ଷା ରଜନୀକାନ୍ତ ପୋଢ଼, ବିଡିଓ ଭୀମସେନ ଶବର ପ୍ରଦୀପ ଉଦଘାଟନ କରିଥିଲେ । ଏହି ଶିବିରରେ ମୁକବଧିର ବାଦଲ କୁମାର ପଟ୍ଟନାୟକ, ସିବାଶିଷ ମହାନ୍ତି (ଚଳନ ପ୍ରଶିକ୍ଷକ), ମିନତୀ ଦାସ (ମାନସିକ), ନିବେଦିତା ସାହୁ (ଟେଲି ଓ ମେଡିସିନ୍) ରମେଶ ଜେନା (ପୁନଃର୍ବାସ ସହାୟକ) ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଏହି ଶିବିରକୁ ସହସ୍ରାଂଶୁ ମିଶ୍ର (ପିଇଓ), ବିଭୁଦତ୍ତ ମିଶ୍ର ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଶିବିର ପରିଚାଳନା କରିଥିଲେ ।

## କନ୍ୟାଶ୍ରମରେ ଶିକ୍ଷକ, ଅଭିଭାବକ ସମ୍ମିଳନୀ

ଜୁନାଗଡ,୨୮।୯(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ଼ ଆବାସିକ ବାଳିକା ସରକାରୀ ଉଚ୍ଚ ବିଧ୍ୟାଳୟଠାରେ ୨୦୧୮-୧୯ ଶିକ୍ଷା ବର୍ଷର ଦ୍ୱିତୀୟ ଅଭିଭାବକ, ଶିକ୍ଷକ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୀତାରମା ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ବାରେ ଅଭିଭାବକ, ଶିକ୍ଷକ କମିଟି ସଭାପତି ନେପାଳ ଶବର, ସମ୍ମାନିତ ଅତିଥି ଭାବେ ପୂର୍ବତନ ଶିକ୍ଷକ ଅଭିଭାବକ କମିଟି ସଭାପତି ବେଣୁଧର ନାଏକ, ସ୍କୁଲ କମିଟି ସଦସ୍ୟ ସଞ୍ଜୀବ କୁମାର ଦାଶ, ଶିକ୍ଷୟିତ୍ରୀ ବିଣାପାଣୀ ସାମନ୍ତ, ସ୍ୱର୍ଣ୍ଣପ୍ରଭା ସାହୁ, ସୁପ୍ରଭା ଦୋରା ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ଛାତ୍ରୀମାନଙ୍କ ଦ୍ୱାରା ହେଉଥିବା ଅସୁବିଧା ସମ୍ପର୍କରେ ମାଟ୍ରନ ଯୋଶାମଣୀ ମହାନନ୍ଦ, ଏଏନଏମ ହରପ୍ରିୟା ଭୋଇ ନିଜ ଅନୁଭୁତି କହିଥିଲେ। ବିଶେଷ କରି ଛାତ୍ରୀମାନେ ଛୁଟି ଆସିବା ପରେ ବହୁ ଅସୁବିଧାର ସମ୍ମୁଖିନ ହେଉଥିବା କହିଥିଲେ। ସହକାରୀ ଶିକ୍ଷକ ସଚ୍ଚିଦାନନ୍ଦ ମିଶ୍ର ପୂର୍ବ ସମ୍ମିଳନୀର ଆଲୋଚନା ଏବଂ ବିଗତ ଦିନରେ ଆଲୋଚନା ପରେ ହୋଇଥିବା ସମାଧାନ ଉପରେ ବକବ୍ୟ ରଖିଥିବା ବେଳେ ଖେଳ ଶିକ୍ଷକ ସୀତାକାନ୍ତ ପ୍ରଧାନ ଛାତ୍ରୀ ଅଭିଭାବକ ମଧରେ ସମନ୍ୱୟ ରକ୍ଷା କରିବା ପାଇଁ ପରାମର୍ଶ ଦେଇଥିଲେ। ଛାତ୍ରୀମାନେ ପ୍ରଥମେ ସ୍ୱାଗତ ସଙ୍ଗୀତ ଗାନ କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ଅନେକ ଅଭିଭାବିକ ନିଜ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।



ଅଭିଭାବକ ସମ୍ମିଳନୀରେ ମଞ୍ଚାସୀନ ଅତିଥି ।

## ବେଲଖଣ୍ଡି ଗ୍ରାମରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ

ତୁଣ୍ଡଲା,୨୮।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ବେଲଖଣ୍ଡି ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ତରଫରୁ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ୟାଙ୍କ ଶାଖା ପରିଚାଳକ ରାଧାମୋହନ ବାଣୁଆଙ୍କ ନେତୃତ୍ୱରେ ଗ୍ରାମର ଅଙ୍ଗନୱାଡି କେନ୍ଦ୍ର, ପଶୁ ସହାୟକ କେନ୍ଦ୍ର, ବ୍ୟାଙ୍କ ପରିସରଠାରୁ ଆରମ୍ଭ କରି ଗାଧୁଆତୁଠ ପର୍ଯ୍ୟନ୍ତ ସଫେଇ କରାଯାଇଛି । ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ବେଲଖଣ୍ଡି ଶାଖା ତରଫରୁ କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନରେ ଗ୍ରାମରେ ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସମସ୍ତ ସଦସ୍ୟା, ବ୍ୟାଙ୍କ କ୍ୟାସିୟର ଅଶୋକ କୁମାର ରଣା, ଫକିର ମୋହନ ଚନ୍ଦନ, ଅଙ୍ଗନୱାଡି କର୍ମୀ ପଦ୍ମାଳୟା ରେଡି ଓ ନିଲୋତ୍ପଳା ପଧାନ ଏବଂ ୱାର୍ଡମେମ୍ବର ଶଶ୍ମିତା ବାରିକ ଓ ଈଶ୍ୱର ସାହୁଙ୍କ ସମେତ ଗ୍ରାମର ସମସ୍ତ ବ୍ୟକ୍ତିମାନଙ୍କୁ ନେଇ ସଫେଇ କାର୍ଯ୍ୟକ୍ରମ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମର ୧୦ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ସାମିଲ ଥିଲେ ।



ବେଲଖଣ୍ଡି ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ତରଫରୁ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମରେ ସଫେଇ କରାଯାଉଛି।

## ବିଏସ୍‌ଏନ୍‌ଏଲ୍ ଠିକା ଶ୍ରମିକଙ୍କ ଅନଶନ

ରାଉରକେଲା ଅଫିସ,୨୮। ୯

୮ ଦଫା ଦାବି ନେଇ ଶୁକ୍ରବାର ଭାରତ ସଞ୍ଚାର ନିଗମ ଲିଃ ରାଉରକେଲା ଠିକା କର୍ମଚାରୀ ସଂଘ ପକ୍ଷରୁ ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏଥିରେ ବିଏସ୍‌ଏନ୍‌ଏଲ୍ କର୍ମଚାରୀ ସଂଘ ପକ୍ଷରୁ ସଞ୍ଜୀବ ମହାନ୍ତି, ସମ୍ପାଦକ ବସନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିବା ବେଳେ କାଜୁଆଲ କର୍ମଚାରୀ ସଂଘ ନେତା ହାଇଦର ଅଲୀ, ମାଇକେଲ୍ ତିର୍କୀ, ପ୍ରଦୀପ ମଲ୍ଲିକ, କାଳନ୍ଦି ଜେନା ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ। ସଂଘ ପକ୍ଷରୁ ସମାନ କାମକୁ ସମାନ ଦରମା ସହ ନିୟମିତ ପ୍ରଦାନ, କର୍ମଚାରୀଙ୍କୁ ଜାତୀୟ ଛୁଟି ସହ ଅନ୍ୟାନ୍ୟ ଛୁଟି ପ୍ରଦାନ, ଛଟେଇ ବନ୍ଦ, କର୍ମଚାରୀଙ୍କ ସୁରକ୍ଷା ଓ ଚିକତ୍ସା ବୀମା ପ୍ରଦାନ, ଭବିଷ୍ୟନିଧି ପାଣ୍ଠି ଆଦି ଦାବି କରାଯାଇଥିଲା। ଏପରି କି କର୍ମଚାରୀମାନଙ୍କୁ କରାଯାଉଥିବା ମନଇଚ୍ଛା ବଦଳି ବନ୍ଦ କରିବା ସହ କର୍ମଚାରୀ ମାରଣ ନୀତି ପରିହାର କରିବାକୁ ସଂଗଠନ ନେତୃମଣ୍ଡଳୀ କହିଥିଲେ। ଏଭଳି ବେନିୟମ କାମରୁ ନିଯୁକ୍ତିଦାତା ନିବୃତ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ଫଟୋରେ ଖବର



ଆଗକୁ ସୁନାବେଡାର ଅଧିଷ୍ଠାତ୍ରୀ ଦେବୀ ମା' ସୁନାଦେଈଙ୍କ ପୂଜା ଉତ୍ସବ ବୋଲି ମହିଳାମାନେ ବିଭିନ୍ନ ସୌଖୀନ ସାମଗ୍ରୀ ପ୍ରସ୍ତୁତିରେ ମାତିଗଲେଣି । ସୁନାବେଡା ଅଭୟାରଣ୍ୟର ଗଡଗଡା ଗାଁର ଦୃଶ୍ୟ ।




**ଧରିତ୍ରୀର ପ୍ରଭାବ:** ନୂଆପଡା-ଖଡିଆଳ ୩୫୩ ଜାତୀୟ ରାଜପଥରେ କୁରୁମପୁରୀ ଗାଁ ନିକଟରେ ଅବସ୍ଥାପିତ ବୋର୍ଡରେ ଭୁଲ ବନାନ ଶୁଭମୟ ହେଉ ପରିବର୍ତ୍ତେ ଶୁଭମୟ ଲେଖା ରହିଥିଲା । ଫଟୋ ସହ ଖବର ପ୍ରସାରଣ ପରେ ଏଥିରେ ସୁଧାର ହୋଇଛି ।



ନୂଆପଡ଼ା ଜିଲା ଖଡିଆଳରୁ କଣ୍ଟାବାଞ୍ଜି ଅଭିମୁଖେ ଯାଉଥିବା ଯାତ୍ରୀବାହୀ ବସରେ ଓଭରଲୋଡିଂରେ ଯାତ୍ରୀମାନଙ୍କୁ ନିଆଯାଉଛି ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

ଲାଞ୍ଜିଗଡ଼,୨୮।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ କାନକୁଟୁ ପଞ୍ଚାୟତ କନ୍ଧବୋରି ଗାଁର କେଶବ ମାଝିଙ୍କ ସ୍ତ୍ରୀ ଦୟା (୪୫) କାନକୁଟୁ ପଞ୍ଚାୟତ ପାଇକବୋରୀ ଗ୍ରାମରେ ଥିବା ପୋଖରୀରେ ପଡି ମୃତ୍ୟୁ ଘଟିଥିବା ଜଣାପଡିଛି । ସ୍ୱାମୀ କେଶବ କହିବା ଅନୁସାରେ ସ୍ୱାମୀ ଓ ସ୍ତ୍ରୀ ପାଇକବୋରୀ ଗ୍ରାମର କିଛି ଲୋକଙ୍କ ସହ ମିଶି ଗାଈ ଚରାଇବାକୁ ଜଙ୍ଗଲ ଯାଇଥିଲେ। ୧୨ଟାରେ ଗାଈ ଚରାଉ ଥିବା ସ୍ଥାନରୁ ପାଇକବୋରୀ ଗ୍ରାମକୁ ଖାଇବା ଅଣିବା ପାଇଁ ଆସିଥିଲା । କିନ୍ତୁ ଦୀର୍ଘ ସମୟ ଧରି ସ୍ତ୍ରୀ ନ ଆସିବାରୁ ସନ୍ଧ୍ୟା ୫ଟାରେ କେଶବ ଗାଈଗୋରୁ ଧରି ପାଇକବୋରି ଗ୍ରାମକୁ ଫେରିଥିଲେ। ପରେ ନିଜ ଗାଁ କନ୍ଧବୋରି ଯାଇ ଝିଅଙ୍କୁ ପଚାରିବାରୁ ମା' ଆସିନି କୁଆଡେ ଗଲେ ବୋଲି କହିଥିଲେ । ଗାଁ ଲୋକଙ୍କ ସହାୟତାରେ କେଶବ ସ୍ତ୍ରୀଙ୍କୁ ଖୋଜାଖୋଜି ଥିଲେ ହେଲେ କୋଉଠି ବି ପାଇ ନ ଥିଲେ । କେଶବଙ୍କ ପୁଅ ବୁଡୁ ଶୁକ୍ରବାର ସକାଳେ ବିଶ୍ୱନାଥପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ବିଶ୍ୱନାଥପୁର ଥାନାଧିକାରୀ କାହ୍ନୁଚରଣ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ଯାଇ ଗାଁ ଲୋକଙ୍କ ସହାୟତାରେ ପୋଖରୀରେ ଖୋଜାଖୋଜି କରିଥିଲେ । ସେଠାରୁ ଦୟାଙ୍କ ଶବ ଉଦ୍ଧାର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ଲାଞ୍ଜିଗଡ ପଠାଇଥିଲେ। ଶବ ବ୍ୟବଚ୍ଛେଦ ପରେ ପୋଲିସ ପରବାରବର୍ଗଙ୍କୁ ହସ୍ତାନ୍ତର କରିଥିଲା ।

### କେସିଙ୍ଗା ରେଳ ଷ୍ଟେଶନରୁ କେନ୍ଦୁପତ୍ର ଜବତ

କେସିଙ୍ଗା,୨୮।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ରେଳ ଷ୍ଟେଶନ ଟିକେଟ କାଉଣ୍ଟର ନିକଟରୁ ଚୋରା ଚାଲାଣ ହେଉଥିବା କେନ୍ଦୁପତ୍ର କେସିଙ୍ଗା ବନ ବିଭାଗ ପକ୍ଷରୁ ଶୁକ୍ରବାର ଜବତ କରାଯାଇଛି । ଜବତ କେନ୍ଦୁପତ୍ର ୩ କୁଇଣ୍ଟାଲ ୩୦ କେଜି ବୋଲି କେସିଙ୍ଗା ବନ ବିଭାଗ କର୍ମଚାରୀମାନେ କହିଛନ୍ତି। କେସିଙ୍ଗା ରେଳ ଷ୍ଟେଶନ ଟିକଟ କାଉଣ୍ଟର ନିକଟରେ ୬ ପ୍ୟାକେଟ କେନ୍ଦୁପତ୍ର ଦୀର୍ଘ ସମୟ ଧରି ପଡ଼ି ରହିଥିଲା । ଷ୍ଟେଶନରେ କାର୍ଯ୍ୟରତ ଆରପିଏଫ କେସିଙ୍ଗା ବନ ବିଭାଗର ରେଞ୍ଜରଙ୍କୁ ଜଣାଇଥିଲେ। ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ୬ ବସ୍ତା କେନ୍ଦୁପତ୍ର ଜବତ କରିଥିଲେ । କିନ୍ତୁ ଚାଲାଣ କରୁଥିବା ବ୍ୟକ୍ତିଙ୍କ ଦେଖା ନ ମିଳିବାରୁ ଜବତ କେନ୍ଦୁପତ୍ରକୁ ବନ ବିଭାଗ କାର୍ଯ୍ୟାଳୟରେ ରଖାଯାଇଛି । ଏହି ୬ ପ୍ୟାକେଟ କେନ୍ଦୁପତ୍ରରେ କୌଣସି ଲେବୁଲ ୟୁନିଟ ନମ୍ବର କିମ୍ବା ଫଡି ନମ୍ବର ନ ଥିବାରୁ ଅଭିଯୁକ୍ତଙ୍କୁ ଧରିବା କଷ୍ଟ ବୋଲି ଜଣାପଡିଛି। ଏହି ଚଢ଼ାଉରେ କେସିଙ୍ଗା ବନ ବିଭାଗର ରେଞ୍ଜର ଦୀନବନ୍ଧୁ ମେହେର, ଫରେଷ୍ଟର ପଦ୍ମନାଭ କୁମ୍ଭାର, ଦେବବ୍ରତ ମିଶ୍ର, ଯୁଧିଷ୍ଠିର ଜାଲ ଓ ଫରେଷ୍ଟ ଗାର୍ଡ ପ୍ରିୟରଞ୍ଜନ ଷଡଙ୍ଗୀ ପ୍ରମୁଖ ସାମିଲ ଥିଲେ । ଏ ନେଇ କସିଙ୍ଗା ବନ ବିଭାଗ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ।

# ଦୁର୍ଦ୍ଦିନରେ ମକା ଚାଷୀ

ସେରଗଡ଼,୨୮।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ତୁଲାପଡ଼ା ପଞ୍ଚାୟତ ଅନ୍ତର୍ଗତ ଯାମପଦର ଗାଁରେ ଦିନକୁ ଦିନ ମକା ଚାଷୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଗାଁର ପ୍ରାୟ ୫୦ ଭାଗ ଚାଷୀ ଦୀର୍ଘବର୍ଷ ହେବ ମକା ଚାଷ କରି ଆସୁଛନ୍ତି। କମ୍ ଦିନରେ ଉତ୍ପାଦନ ହେଉଥିବାରୁ ମକା ଚାଷକୁ ଗୁରୁତ୍ୱ ଦେଇ ପ୍ରତ୍ୟେକ ବର୍ଷ ୫୦ ଏକରରୁ ଊର୍ଦ୍ଧ୍ୱ ଭଟା ଜମିରେ ମକା ଚାଷ କରିଆସୁଛନ୍ତି । ଏକର ପ୍ରତି ୪ ରୁ ୫ ହଜାର ଟଙ୍କାର ବିହନ, ସାର ଓ ଶ୍ରମିକ ବାବଦରେ ଖର୍ଚ୍ଚ ହେଉଥିବା ଚାଷୀମାନେ କହିଛନ୍ତି। ଯାମପଦର ମକାଚାଷୀମାନେ ନିଜ ଉଦ୍ୟମରେ ୫ ବର୍ଷ ତଳେ କମ୍ ଜାଗାରେ ମକା ଚାଷ ଆରମ୍ଭ କରିଥିଲେ। ପରେ ବିଭିନ୍ନ କିଶମର ହାଇବ୍ରିଡ଼ ମଞ୍ଜି ବିଭିନ୍ନ କମ୍ପାନୀ ଯଥା ପାନିଅର, ଡ଼କ୍‌ବେଲ, ଟାଟା, ପିଏସ୍‌ସି ଆଦି ହାଇବ୍ରିଡ଼ ମଞ୍ଜି ଦୋକାନରୁ କିଣି ଆଣି ଚାଷ କରିଥାନ୍ତି। କିନ୍ତୁ ସରକାରୀସ୍ତରରେ ମକା ମଞ୍ଜି ବିକ୍ରି କରିବା ବ୍ୟବସ୍ଥା ନ ଥିବାରୁ ଅନେକ ଚାଷୀ କ୍ଷତିଗ୍ରସ୍ତ ହୁଅନ୍ତି। ଅନ୍ୟପକ୍ଷରେ ମକାଚାଷୀ ନିକଟସ୍ଥ ସାପ୍ତାହିକ ହାଟ ଏବଂ ବେପାରୀଙ୍କୁ କମ୍ ମୂଲ୍ୟରେ ବସ୍ତା ବସ୍ତା ମକା ବିକ୍ରି କରି ଶୋଷଣର ଶିକାର ହୋଇଥାନ୍ତି। ଏହା ସହିତ ସକାଳୁ ସଞ୍ଜ ପର୍ଯ୍ୟନ୍ତ ମ.ରାମପୁର-ଭବାନୀପାଟଣା ରାସ୍ତା ଦୁଇ ପାର୍ଶ୍ୱରେ ମକା ବିକ୍ରି କରିଥାନ୍ତି। ମକା ଖାଇବା ପାଇଁ ଲୋକମାନଙ୍କ ଚାହିଦା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। କିନ୍ତୁ ନର୍ଲା କୃଷି ବିଭାଗ ତରଫରୁ ଉକ୍ତ ମକା ଚାଷୀଙ୍କୁ କୌଣସି ସାହାଯ୍ୟ ସହଯୋଗ ଦିଆଯାଉ ନାହିଁ । ସରକାର ଚାଷୀଙ୍କୁ ମଞ୍ଜି ମାଗଣାରେ ଯୋଗାଇ ଦେବା ବ୍ୟବସ୍ଥା ଥିଲେ ସୁଦ୍ଧା ପ୍ରକୃତ ଚାଷୀଙ୍କୁ ଯୋଗାଇ ନ ଦେଇ କୃଷି କର୍ମଚାରୀମାନେ ବାଟମାରଣା କରୁଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। କୃଷି ବିଭାଗ ପକ୍ଷରୁ ମକା ଚାଷୀମାନଙ୍କୁ ମକାଚାଷ ସମ୍ପର୍କିତ ପରାମର୍ଶ ଓ ସହଯୋଗ କଲେ ଅଧିକ ମକା ଚାଷ କରନ୍ତୁ ବୋଲି ଚାଷୀମାନେ କହିଛନ୍ତି । ସରକାର ଚାଷୀମାନଙ୍କୁ ବିଭିନ୍ନ ଯୋଜନାରେ ସାହାଯ୍ୟ ସହଯୋଗ ତଥା ଉନ୍ନତି ପାଇଁ କହି ଅସୁଥିବା ବେଳେ ପ୍ରକୃତରେ ଚାଷୀ ତାହାର ସୁଫଳ ପାଉନାହାନ୍ତି । ଫଳରେ ଚାଷୀ ସବୁ କ୍ଷେତ୍ରରେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ଯାମପଦର ମକାଚାଷୀ ବହୁବାର କୃଷି ବିଭାଗରେ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏ ସମ୍ପର୍କରେ ତୁଲାପଡ଼ା, ଏଲ୍‌ଭିଏଡବ୍ଲ୍ୟୁ ସବିତା ସେନାପତିଙ୍କୁ ଫୋନ ଯୋଗେ ପଚାରିବାରୁ ସେ ଏ ବର୍ଷ ସରକାର ଡେମୋଷ୍ଟ୍ରେସନ୍ ବନ୍ଦ କରିଛନ୍ତି। କେବଳ ରୁପ୍ରା, ସରିଆଁରେ ମକା ମଞ୍ଜି ବଣ୍ଟନ କରାଯାଇଛି ବୋଲି ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ସରକାରଙ୍କ ପକ୍ଷରୁ ମକା ମଞ୍ଜି କିଣାଯିବା ବ୍ୟବସ୍ଥା କରାଯିବା ପାଇଁ ଯାମପଦର ଗାଁର ମହେଶ୍ୱର ରଣା, କୃଷ୍ଣଚନ୍ଦ୍ର ରଣା, ଅରୁଣ ରଣା, ଶଙ୍କର ରଣା, ହମିର ରଣା, ସୁଦନ ରଣା, ବୈଷ୍ଣବ ରଣା, ନରେନ୍ଦ୍ର ରଣା, ଡିଙ୍ଗର ରଣାଙ୍କ ସମେତ ଅଞ୍ଚଳର ବହୁ ମକା ଚାଷୀ ଦାବି କରିଛନ୍ତି ।


ଜଣେ ଲୋକ ରାସ୍ତାକଡ଼ରେ ମକା ବିକ୍ରି କରୁଛନ୍ତି।

**ଯାମପଦର ଗାଁ**
- କୃଷି ବିଭାଗ ଅଣଦେଖା
- ୫୦ ଏକରରୁ ଊର୍ଦ୍ଧ୍ୱ ଜମିରେ ମକା ଚାଷ
- ସରକାରୀସ୍ତରରେ ବିକ୍ରୟ ସୁବିଧା ନାହିଁ


"ମକା ଗୋଟିଏ ଲାଭଜନକ ଫସଲ। କିନ୍ତୁ ସରକାରୀସ୍ତରରେ ବିକ୍ରୟ ପାଇଁ ସୁବିଧା ନ ଥିବାରୁ ଆମେ ବାଧ୍ୟ ହୋଇ ଗ୍ରାହକମାନଙ୍କୁ ରାସ୍ତା କଡ଼ରେ ବିକ୍ରି କରୁଛୁ ଏବଂ ଯାହା ବଳକା କ୍ଷତି ଘଟୁଛି।"
- ତୁଲମଣୀ ରଣା

**ମକା ଚାଷୀ ଯାହା କୁହନ୍ତି ...**


"ଧାନ ଚାଷ ହେବା ପୂର୍ବରୁ କମ୍ ବର୍ଷାରେ ମକା ଚାଷ ହୋଇଥାଏ। ଚାଷ କରୁଛୁ ହେଲେ ଯେତେ ଲାଭ ପାଇବା କଥା ସେତେଟା ଲାଭ ପାଇପାରୁ ନାହୁଁ ।"
- ବୈଲୁଚନ ରଣା


"ଆମକୁ କୃଷି ବିଭାଗ ତରଫରୁ କୌଣସି ପରାମର୍ଶ କିମ୍ବା ମକା ମଞ୍ଜି ପ୍ରଦାନ କରାଯାଉ ନାହିଁ। ନ ହେଲେ ଆମେ ଆଉ ଅଧିକ ଯାଗାରେ ଚାଷ କରିବା ପାଇଁ ପ୍ରୟାସ କରନ୍ତୁ।"
- ଡିଙ୍ଗର ରଣା


"ସରକାର ମଣ୍ଡି ମାଧ୍ୟମରେ ମକା ମଞ୍ଜି କିଣିଲେ ବହୁ ମକା ଚାଷୀ ଲାଭବାନ ହୋଇପାରନ୍ତେ ।"
- ବିଷ୍ଣୁ ରଣା

ପୂର୍ବ ଗଣ୍ଡଗୋଳକୁ କେନ୍ଦ୍ରକରି ମହିଳାଙ୍କୁ ଟାଙ୍ଗିଆରେ ଆକ୍ରମଣ

# ଗୁରୁତର ଅବସ୍ଥାରେ ପୁଣି ଡାକ୍ତରଖାନାରେ ଭର୍ତ୍ତି

ଜୁନାଗଡ,୨୮।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ଥାନା ଅନ୍ତର୍ଗତ ଦାସିଗାଁ ଉପରପଡାରେ ପୂର୍ବ ଗଣ୍ଡଗୋଳକୁ କେନ୍ଦ୍ର କରି ଗତ ୧୫ ତାରିଖ ରାତିରେ ଆକ୍ରମଣର ଶିକାର ହୋଇଥିବା ସରୋଜିନୀ ଠାକୁର (୫୦)ଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ପୁଣି ଥରେ ଶୁକ୍ରବାର ପରିବାରବର୍ଗ ତାଙ୍କୁ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ବର୍ତ୍ତମାନ ସେଠାରେ ତାଙ୍କ ଚିକିତ୍ସା ଚାଲିଛି। ଦାସିଗାଁ ଉପରପଡାରେ ପୂର୍ବ ଗଣ୍ଡଗୋଳକୁ କେନ୍ଦ୍ର କରି ଗତ ୧୫ ତାରିଖ ରାତିରେ ସରୋଜିନୀ ଠାକୁରଙ୍କୁ ସେହି ଗ୍ରାମର ଲଳିତ ବାଗ (୪୫) ନାମକ ଜଣେ ବ୍ୟକ୍ତି ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଏହାକୁ ନେଇ ଗତ ୧୬ ତାରିଖରେ ସରୋଜିନୀଙ୍କ ବଡ ପୁଅ ବେଣୁଧର ଜୁନାଗଡ ଥାନାରେ ଦେଇଥିବା ଲିଖିତ ଅଭିଯୋଗରୁ ଜଣାପଡ଼ିଛି। ସରୋଜିନୀଙ୍କ ମୁଣ୍ଡକୁ ଟାଙ୍ଗିଆରେ ଆକ୍ରମଣ ହେବା ଯୋଗୁ ରକ୍ତାକ୍ତ ଅବସ୍ଥାରେ ଘଟଣା ସ୍ଥଳରେ ସେ ଟଳିପଡିଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ପ୍ରଥମେ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ୧୦ ଦିନ ଚିକିତ୍ସା ପରେ ସରୋଜିନୀଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ହେବା ପରେ ସୋମବାର ଘରକୁ ଫେରି ଆସିଥିଲେ। ତେବେ ମୁଣ୍ଡରେ ଆଘାତ ଯୋଗୁ ପୁଣିଥରେ ସରୋଜିନୀ ଗୁରୁତର ହୋଇଛନ୍ତି । ଅନ୍ୟପକ୍ଷରେ ଆକ୍ରମଣକାରୀଙ୍କ ନାମରେ ବେଣୁଧର ଜୁନାଗଡ ଥାନାରେ ଲିଖିତ ଅଭିଯୋଗ ଦେଇ ଇତିମଧ୍ୟରେ ୧୩ ଦିନ ବିତିଯାଇଥିଲେ ମଧ ଏ ଯାଏ ଜୁନାଗଡ ପୋଲିସ କୌଣସି ପଦକ୍ଷେପ ନେଇ ନ ଥିବାରୁ ତାଙ୍କ ପରିବାରବର୍ଗଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଜୁନାଗଡ ଆଇଆଇସି ରାଜେନ୍ଦ୍ର ଦେହୁରୀଙ୍କୁ ପଚାରିବାରୁ ତଦନ୍ତ ଚାଲିଛି ବୋଲି କହିଥିଲେ।


ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମହିଳା ଚିକିତ୍ସିତ ହେଉଛନ୍ତି।


ଧର୍ମଗଡ ମହିଳା କଲେଜରେ ଶୁକ୍ରବାର ଅନୁଷ୍ଠିତ ଆଇନ ସଚେତନତା ଶିବିରରେ ମଞ୍ଚାସୀନ ଅତିଥି ବୃନ୍ଦ ।

# ତାଲୁକସ୍ତରୀୟ ଆଇନ ସଚେତନତା ଶିବର

ଧର୍ମଗଡ,୨୮।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ମହିଳା କଲେଜରେ ଶୁକ୍ରବାର ତାଲୁକ ଆଇନ ସେବା ସମିତି ତରଫରୁ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷା ପ୍ରିୟମ୍ବଦା ଚାନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତାଲୁକ ଆଇନ ସେବା ସମିତି ଧର୍ମଗଡ ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ୍ ରାମକୃଷ୍ଣ ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏସିଡ ଆକ୍ରମଣ ଶିକାର ପୀଡିତାଙ୍କ ପାଇଁ ଆଧାରିତ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ଧର୍ମଗଡ ବରିଷ୍ଠ ସିଭିଲ ଜଜ୍ ଅରବିନ୍ଦ ରଥ ସମ୍ପ୍ରତି ସମାଜରେ ଏସିଡ ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତିଙ୍କ ପାଇଁ ସରକାରଙ୍କ ତରଫରୁ କ'ଣ ସାହାଯ୍ୟ ଓ ସୁବିଧା ରହିଛି ସେନେଇ ସବିଶେଷ ଆଲୋକପାତ କରିଥିଲେ। ଶିବିରରେ କଲମପୁର ବ୍ଲକସ୍ଥିତ ଖଣ୍ଡି ଡଙ୍ଗରିଗୁଡା ଗ୍ରାମର ଏସିଡ ପୀଡିତା କୁମାରୀ ଦମୟନ୍ତି ବିହାରୀ ଯୋଗଦେଇ ତାଙ୍କର ଅଭିଜ୍ଞତା ବର୍ଣ୍ଣନା କରିଥିଲେ । ଆଇନ ସେବା ପ୍ରାଧିକରଣଠାରୁ ଯେଉଁ ଲିଗାଲ ସେବା ପାଇଛନ୍ତି ତଥା ଏଭଳି ସ୍ଥିତିରେ କିଭଳି ଭାବରେ ନିଜକୁ ସୁଦୃଢ କରିପାରିବେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ । ସମ୍ମାନିତ ଅତିଥି ଭାବେ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସା ଅଧିକାରୀ ଆର.କେ. ଗନ୍ତାୟତ ଏସିଡ ପଡିଲେ ତତ୍କାଳିନ ଚିକିତ୍ସା ପ୍ରଣାଳୀ ବିଷୟରେ ବୁଝାଇଥିଲେ । ଶିବିରରେ ଏସ.ଡି.ଜେ. ଏମ. ଚରଣଜିତ ଓରାମ, ବରିଷ୍ଠ ଆଇନଜୀବୀ ସମ୍ପୁକ୍ତା ପଣ୍ଡା ଏବଂ ଯୁକ୍ତ ୩ କଲେଜ ଅଧ୍ୟକ୍ଷା ପ୍ରମୁଖ ଯୋଗଦାନ କରି ନିଜସ୍ୱ ମତ ପ୍ରକାଶ କରିଥିଲେ। ଏହି ସଚେତନତା ଶିବିରରେ ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

କର୍ଲାପାଟ ଅଭୟାରଣ୍ୟ

# ବେଧଡକ ଚାଲିଛେ ରତ୍ନପଥର ଲୁଟ୍

ଭବାନୀପାଟଣା,୨୮।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାପାଟ ଅଭୟାରଣ୍ୟ ଅଂଚଲରେ ଥିବାର ରତ୍ନପଥର ଖଣିରେ ବେଆଇନ୍ କାମ୍ କରାଯାଉଥିବାର ଗାଁବାସୀ ଅଭିଯୋଗ କରିଛନ୍। ଇଠାନେ ବିପଦ ଭରା କାମ୍‌ରେ ନାବାଳିକାମାନ୍‌କୁ ଲଗାଯାଉଛେ। ବେଆଇନ୍ ହିସାବେ ଡିନାମାଇଟ ଫୁଟା ଯାଉଥିବାର ଲାଗି ଜଂଗ୍‌ଲି ଜୀବ୍‌ଜଁତୁ ଭଏଭିତ୍ ହେଉଛନ୍। ହେଲେ ବିଭାଗ୍ ତର୍‌ଫୁ ଦରକାର ହିସାବେ ପଦକ୍ଷେପ ନାଇଁ ନିଆଯିବାର। ଯେନ୍‌ଥିରଲାଗି ଇ ବେଆଇନ୍ କାମ୍ ବଂଦ୍ ନାଇଁ ହେଇପାରବାର। ଅଭିଯୋଗ୍ ଅନ୍‌ସାରେ, ପୂର୍ବଘାଟ ପର୍‌ବତମାଲାର ଅଂଶ କର୍ଲାପାଟ ଅଭୟାରଣ୍ୟ ଜୁନାଗଡ଼ ଆର୍ ଭବାନୀପାଟଣା ରେଂଜ ଅଧିନ୍‌ରେ ଅଛେ। ଇ ଅଂଚଲ୍‌ରେ କାକାନିଲି, ମାଣିକ୍ୟ ଲେଖେଁ ଦାମି ରତ୍ନପଥର ଖଣିରୁ ବାହାର କରି ମାଫିଆମାନେ ସୁରତ, ରାଜସ୍ଥାନକେ ଚୁରାରେ ଚାଲାନ କରୁଛନ୍। ଇଥିରେ ମାଫିଆ ଆର୍ ସୁରତ, ରାଜସ୍ଥାନ ଅଂଚଲର ବେଉସାୟୀମାନେ କୋଟି କୋଟି ଟଁକା ଲାଭ୍ ପାଉଥିଲା ବେଲେ ଖଣି ଅଂଚଲ୍‌ର ବିକାଶ ତ ଦୂରର୍ କଥା ସେଠାନେ ବସବାସ କରୁଥିବାର ଲୋକ୍‌ମାନେ କାଣିକଉଡି ଟାକର ଲାଭ୍ ନାଇଁପାଏବାର। ଜୁନାଗଡ଼ ବ୍ଲକ୍‌ର ଜିଲିଙ୍ଗପଦର, ରାବଣ ଡଙ୍ଗର, ଲାଇନ ଡଙ୍ଗର, କେନ୍ଦୁକୁପଲି, ଭବାନୀପାଟଣା ବ୍ଲକ୍‌ର କାଶୀପଦର, ଓଲବାହାଲି, ବାନ୍ଧନ ଡଙ୍ଗର, କୁନକୁତା, ଭାଲୁଟୁଆଁ ଆର୍ ରାମପୁର ବ୍ଲକର କେତେ ଅଂଚଲରେ କେଟ୍‌ସଆଇଜ୍, ନିଲମ, ମାଣିକ୍ୟ, ମୁନଷ୍ଟୋନ ଲେଖେଁ ଦାମ୍‌କିଆ ରତ୍ନପଥର ବେଧଡକ କୁଡାଚାଲିଛେ। ସଂରକ୍ଷିତ ଜଂଗଲ, ପରସ୍ତାବିତ ସଂରକ୍ଷିତ ଜଂଗଲ୍, ଗାଁ ଜଂଗଲ ଅଂଚଲରେ ଖଣି ଖାଦାନ କୁଡାଯାଉଥିଲେ ବି ବନବିଭାଗ୍ ତର୍‌ଫୁ କେହେନ୍‌ସି ପର୍‌କାର ଆଏଁଖ୍ ଦୁରୁଷ୍‌ଟିଆ ପଦକ୍ଷେପ ନାଇଁ ନିଆଯିବାର। ଜୁନାଗଡ ରେଞ୍ଜ, ଭବାନୀପାଟଣା ରେଞ୍ଜ ଆର୍ କର୍ଲାପାଟ ଅଭୟାରଣ୍ୟ ରେଞ୍ଜ ଅଂଚଲରେ ଡିନାମାଇଟ ଫୁଟେଇ ଖଣି ଖୁଲା ଚାଲିଛେ। ବ୍ଲାଷ୍ଟିଂ ଲାଗି ଜଂଗ୍‌ଲି ଜୀବ୍‌ଜଁତୁ ଭଏଭିତ୍ ଅବସ୍‌ତାରେ ରହୁଛନ୍। ଆଗ୍‌ରୁ ଇ ଅଂଚଲ୍‌ରେ ହାତୀ, ବାଘ୍, ଭାଲୁ, ସମ୍ବର, ଠେକୁଆ, କୁଲିହା, କୁଟ୍‌ରା ଲେଖେଁ ଜୀବ୍‌ଜଁତୁ ଯାହାକୁ ଯେତେ ଦେଖିବାକେ ମିଲୁଥିଲେ। ହେଲେ ଜଂଗ୍‌ଲ ଭିତ୍‌ରେ ଏନ୍‌ତା ବେଆଇନ୍ କାମ୍‌କାଯ୍ ଲାଗି ଏଭେ ଜୀବ୍‌ଜଁତୁ ଦେଖିବାକେ ନାଇଁ ମିଲ୍‌ବାର। ଏନ୍‌ତା କି ସଂରକ୍ଷିତ ଜଂଗଲରେ ଖଣି ଜିଲ୍ ନେଇଥିବାର ଜମିଠାନୁ ଅଧିକା ଏରିଆରେ ଖଣି ଖୁଲାଯାଉଛେ। ବିପଦ୍ ଅବସ୍‌ତାରେ ଶ୍ରମିକ୍‌ମାନକୁ ଲଗାଯାଉଛେ, ଯେନ୍‌ଥିରଲାଗି ଭିନେ ଭିନେ ସମିଆରେ ଖଣି ଭିତ୍‌ରେ ଶ୍ରମିକ୍‌ମାନେ ତୁପି ହେଇ ମର୍‌ବାର ନଜିର ଅଛେ। ଓଲବାହାଲି ଖଣିରେ ନାବାଳିକା ଶ୍ରମିକ୍‌ମାନକୁ ଲାଗାଯାଇ ଖଣି ଖୁଲା ଯାଉଥିବାର ଦେଖିବାକେ ମିଲିଛେ। ଇ ଅତଡିଆ ଅଂଚଲର ଲୋକ୍ ମନରେଗା ଯୋଜନା କାଣା ନାଇଁ ଜାନି। କିଛି କାମ୍‌ଧଁଦା ନାଇଁଥିବାର ଲାଗି ଅଂଚଲର ଯୁବକ ଯୁବତୀ, ମହିଲା ସମେତ ବୁଢ଼ାବୁଢ଼ୀମାନେ ସକାଳୁ ବେଲବୁଡା ତକ୍ ଯୁଗିଥାଉଛନ୍, ଖଣି ଖୁଲା ହେଲା ଉତାରୁ ଯେନ୍ ଅଦରକାରୀ ପଥର ଫିଂକି ଦିଆଯାଉଛେ ସେଥିରୁ କେତେ ରତ୍ନପଥର ଟୁକ୍‌ଡା ଠୁଲେଇ ସେଟାକେ ବିକାଭଂଗା କରି ପରିବାର ଚଲଉଛନ୍। ଇଠାନେ ମିଲୁଥିବାର ରତ୍ନପଥରକେ ଠିକ୍ ହିସାବେ ବାହାର କରାଗଲେ ଅଂଚଲ୍‌ର ଲୋକ୍ କାମ୍‌ଧଁଦା ପଏବାର ସଂଗେ ଅଂଚଲର ବିକାଶ ବି ହେତା ବଲି ମତ୍ ପର୍‌କାଶ ପାଉଛେ। ଇ ବାବ୍‌ଦେ ଦକ୍ଷିଣ ବନଖଣ୍ଡ ଡିଏଫ୍‌ଓ ଟି.ଅଶୋକ କୁମାରଙ୍କୁ ପଚ୍‌ରାବାରେ ଆମର ବନବିଭାଗର ଗୁଟେ ସ୍କ୍ୱାର୍ଡ ଗଠନ କରାଯାଇଛେ। ଯଦି ବେଆଇନ ହିସାବେ କର୍ଲାପାଟ ଅଭୟାରଣ୍ୟ ଅଂଚଲରେ ବ୍ଲାଷ୍ଟିଂ ଆର୍ ଖଣି ଖୁଲା ଯାଉଛେ ତ ନିହାତି ବରକସିଆ ପଦକ୍ଷେପ ନିଆଯିବା ବଲି କହିଥିଲେ।

# ବାରଣ୍ଡାରେ ଚାଲିଛି ପିଲାଙ୍କ ପାଠପଢ଼ା

କର୍ଲାମୁଣ୍ଡା,୨୮।୯(ଡି.ଏନ.ଏ.)

ସରକାର ଶିକ୍ଷା ଅଧିକାର ଆଇନ କାର୍ଯ୍ୟକାରୀ କରିବାର ଦୀର୍ଘବର୍ଷ ବିତିଥିଲେ ହେଁ ଆବଶ୍ୟକ ଭିତ୍ତିଭୂମୀ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫଳରେ ଅନେକ ବିଦ୍ୟାଳୟ ଅବ୍ୟବସ୍ଥାରେ ଗତି କରୁଛି । କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବୋରପଦର ପଞ୍ଚାୟତର ସଦରଠାରେଏଭଳି ଏକ ବିଦ୍ୟାଳୟ ରହିଛି। ସରକାରୀ ପ୍ରକଳ୍ପ ଉପ୍ରା ବିଦ୍ୟାଳୟ ୨୧।୦୯।୧୯୨୨ରେ ସ୍ଥାପିତ ହୋଇଥିଲା। ୨୦୧୩ରେ ଏହି ବିଦ୍ୟାଳୟରେ ୬ଷ୍ଠ ଓ ୭ ସପ୍ତମ, ୨୦୧୪ରୁ ଅଷ୍ଟମ ଶ୍ରେଣୀ ଖୋଲାଯାଇଛି। ତେବେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀର ପାଠପଢୁ ଥିବା ୭୧ ଜଣ ଛାତ୍ରୀଛାତ୍ରଙ୍କ ପାଇଁ ରହିଛି ମାତ୍ର ଦୁଇଟି ଶ୍ରେଣୀ କୋଠରୀ। ଫଳରେ ବାରଣ୍ଡାରେ ବସି ଛାତ୍ରୀଛାତ୍ରମାନେ ପାଠ ପଢୁଛନ୍ତି । ଏହା ବ୍ୟତିତ ଆଠଟି ଶ୍ରେଣୀକୁ ପାଠ ପଢାଇବା ପାଇଁ ରହିଛନ୍ତି ମାତ୍ର ୩ ଜଣ ଶିକ୍ଷକ। ଚନ୍ଦ୍ରଶେଖର ସାହୁ ପ୍ରଧାନ ଶିକ୍ଷକ ରହିଥିବା ବେଳେ ଅନ୍ୟ ଦୁଇ ଶିକ୍ଷକ ଡମ୍ବରୁ ମାଝି ଓ ବୁଦ୍ଧେଶ୍ୱର ନାଗ ଡେପୁଟେସନରେ ଆସି ଶିକ୍ଷାଦାନ କରୁଛନ୍ତି। ଅନ୍ୟପଟେ ରୋଷେଇ ଗୃହ ନ ଥିବାରୁ ଅନ୍ୟ ଏକ ବିପଦ ସଙ୍କୁଳ ଗୃହର ବାରଣ୍ଡାରେ ପାଚିକାମାନେ ମଧ୍ୟାହ୍ନ ଭୋଜନ ରୋଷେଇ କରିଥାନ୍ତି। ଏ ନେଇ ଜିଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀମାନଙ୍କୁ ବାରମ୍ବାର ଜଣେଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନେଉ ନ ଥିବା ପରିଚାଳନା କମିଟି ସଭାପତି ଲୋକନାଥ ସାହୁ, ସଭ୍ୟ ଉପାସୁ ସୁନା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ତତ୍କାଳୀନ ରାଜ୍ୟ ସଭା ସଦସ୍ୟ ଭୂପିନ୍ଦ୍ର ସିଂ ଏହି ପଞ୍ଚାୟତକୁ ଆଦର୍ଶ ଗ୍ରାମ ଭାବେ ଗ୍ରହଣ କରିଥିଲେ ହେଁ ଶିକ୍ଷା, ସ୍ୱାସ୍ଥ୍ୟ ଗମନା ଗମନ ଭଳି ଅନେକ ସମ୍ୟାର ସମ୍ମୁଖୀନ ହେଉଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ୍‌ଙ୍କୁ ପଚାରିବାରୁ କର୍ଲାମୁଣ୍ଡା ବିଡିଓଙ୍କ ସହ ଏହି ବିଷୟରେ ଆଲୋଚନା କରି ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି । ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି।


ଆବଶ୍ୟକ ଶ୍ରେଣୀଗୃହ ନ ଥିବାରୁ ବାରଣ୍ଡାରେ ପାଠପଢା ଚାଲିଛି।


ରୋଷେଇ ଗୃହ ନ ଥିବାରୁ ବାରଣ୍ଡାରେ ରୋଷେଇ ଚାଲିଛି।

**କର୍ଲାମୁଣ୍ଡା ବ୍ଲକ**
- ୮ ଶ୍ରେଣୀକୁ ୨ କୋଠରି
- ପାଠ ପଢାଇବା ପାଇଁ ରହିଛନ୍ତି ୩ ଶିକ୍ଷକ
- ବିପଦସଙ୍କୁଳ ବାରଣ୍ଡାରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତ

ଧରିତ୍ରୀ DHARITRI
ସମ୍ବଲପୁର, ଶନିବାର, ୨୯ ସେପ୍ଟେମ୍ବର, ୨୦୧୮



**୧୨ଟି ପ୍ରକଳ୍ପର ଭୂମିପୂଜା, ୯ଟି ପ୍ରକଳ୍ପ ଉଦ୍‌ଘାଟନ**
ଶୁକ୍ରବାର ଭିଡିଓ କନଫରେନ୍ସିଂ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଳାହାଣ୍ଡି ଜିଲାର ୧୨ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ୯ଟି ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି।

## ସଂକ୍ଷେପରେ

### ବାର୍‌ହା ଆକ୍ରମଣରେ ମହିଳା ଗୁରୁତର

ଲହୁଣୀପଡା, ୨୮।୯ (ଡି.ଏନ.ଏ)- ସୁନ୍ଦରଗଡ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ରକ୍ସି ଗ୍ରାମର ଜଣେ ମହିଳାଙ୍କୁ ଶୁକ୍ରବାର ମଧ୍ୟାହ୍ନ ୧୨ଟା ବେଳେ ଜଙ୍ଗଲି ବାରହା ଆକ୍ରମଣ କରିଛି। ଫଳରେ ସେ ଗୁରୁତର ଆହତ ହୋଇ ଲହୁଣୀପଡା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଶୁକ୍ରବାର ସକାଳୁ ହାଉରୀ ତିର୍କୀ (୬୦) ନିଜ ଛେଳି ଚରାଇବା ପାଇଁ ନିକଟସ୍ଥ ଜଙ୍ଗଲ ଯାଇଥିଲେ। ପ୍ରାୟ ୧୨ଟା ବେଳେ ଏକ ବାରହା ହାଉରୀଙ୍କୁ ଅତର୍କିତ ଆକ୍ରମଣ କରିଥିଲା । ଫଳରେ ହାଉରୀ ତଳେ ପଡି ଯିବାରୁ ବାରହା ଜଙ୍ଗଲ ଭିତରକୁ ଚାଲିଯାଇଥିଲା । କୌଣସି ମତେ ହାଉରୀ ସେହିବାଟ ଦେଇ ଯାଇଥିବା ଜଣେ ଲୋକଙ୍କୁ ଘଟଣା ସମ୍ପର୍କରେ କହିବାରୁ ଲୋକ ଜଣକ ତାଙ୍କ ଘରେ ଖବର ଦେଇଥିଲେ। ପରିବାର ଲୋକେ ସେଠାରେ ପହଞ୍ଚି ରକ୍ତାକ୍ତ ହାଉରୀଙ୍କୁ ଲହୁଣୀପଡା ଡାକ୍ତରଖାନାରେ ଭର୍ତ୍ତିକରି ଚିକିତ୍ସା କରୁଥିବା ଜଣାଯାଇଛି।

### ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ଯୁବକଙ୍କ ପରିଚୟ ମିଳିଲା

ଲହୁଣୀପଡା, ୨୮।୯ (ଡି.ଏନ.ଏ) ସୁନ୍ଦରଗଡ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ୨୧୫ ନମ୍ବର ଜାତୀୟ ରାଜପଥ ଗୋପନା ଗ୍ରାମ ନିକଟରେ ଗୁରୁବାର ରାତିରେ ଅଜଣା ଗାଡି ଧକ୍କାରେ ପ୍ରାଣ ହରାଇଥିବା ଯୁବକଙ୍କ ପରିଚୟ ମିଳିଛି । ଗୁରୁଣ୍ଡିଆ ବ୍ଲକ ଦହିଚୋର ଗ୍ରାମର ମିଖାଲେ ସରେଙ୍ଗର ପୁଅ ବିଜୟ ସରେଙ୍ଗ (୩୫) (ଓଆର୍ ୦୯ ପି- ୩୧୫୧) ନମ୍ବର ବାଇକ ଯୋଗେ କେ.ବଲାଙ୍ଗ ଥାନା ଅନ୍ତର୍ଗତ ବିମଳାଗଡ ସାପ୍ତାହିକ ହାଟକୁ ପରିବା ବିକ୍ରି କରିବା ପାଇଁ ଯାଇଥିଲେ। ସେ ବିମଳାଗଡ ହାଟରୁ ବାଇକ ଯୋଗେ ଫେରୁଥିବା ବେଳେ ଗୋପନା ନିକଟରେ ଦୁର୍ଘଟଣା ଘଟିଥିଲା । ଆହତ ଅବସ୍ଥାରେ ତାକୁ ଲହୁଣୀପଡା ଡାକ୍ତରଖାନାକୁ ଆଣିଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ । କେଉଁ ଅଜଣା ଗାଡି ଧକ୍କା ଦେଲା କିମ୍ବା ଅଜଣା ଗାଡ଼ିର ପଛପଟୁ ପିଟି ଥିବା ସ୍ପଷ୍ଟ ଜଣାପଡୁନାହିଁ ।

# ଜିଲାର ଔଷଧ ଦୋକାନ ସହ ସବୁ ବନ୍ଦ






ଜୁନାଗଡ ସହରର ଏକ ଔଷଧ ଦୋକାନ ବନ୍ଦ ରହିଛି (ବାମ) । ଭବାନୀପାଟଣାଠାରେ ଦୋକାନଗୁଡ଼ିକ ବନ୍ଦ ରହିଛି।

ଭବାନୀପାଟଣା/ଜୁନାଗଡ, ୨୮।୯(ଡି.ଏନ.ଏ.)

**ଅନ୍‌ଲାଇନ ଔଷଧ ବିକ୍ରିକୁ ବିରୋଧ**

ଇ-ଫାର୍ମାସୀ ଓ ଅନ୍‌ଲାଇନ ଔଷଧ ବିକ୍ରିକୁ ବିରୋଧ କରି ଶୁକ୍ରବାର ଅଖିଳ ଭାରତ ଔଷଧ ବ୍ୟବସାୟୀ ମହା ସଂଘ ପକ୍ଷରୁ ଶୁକ୍ରବାର ୨୪ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ଏହାର ପ୍ରଭାବ କଳାହାଣ୍ଡି ଜିଲାରେ ମଧ ଦେଖିବାକୁ ମିଳିଛି । ସେହିପରି ଖୁଚୁରା ବ୍ୟବସାୟରେ ବିଦେଶୀ ପୁଞ୍ଜି ନିବେଶକୁ ବିରୋଧ କରି ସମଗ୍ର ଦେଶର ବ୍ୟବସାୟୀ ସଂଘମାନେ ବନ୍ଦକୁ ସମର୍ଥନ କରି ଶୁକ୍ରବାର କଳାହାଣ୍ଡି ଜିଲାର ସମସ୍ତ ଦୋକାନ ବଜାର ଓ ବ୍ୟବସାୟୀକ ପ୍ରତିଷ୍ଠାନ ବନ୍ଦ ରଖିଥିଲେ। ଫଳରେ ଜିଲାରେ ଜନସାଧାରଣ ଔଷଧ ଓ ଘର ସଉଦା ନ ପାଇଁ ହନ୍ତସନ୍ତ ହୋଇଥିଲେ। କଳାହାଣ୍ଡି କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ୍‌ର ହୃଷିକେଶ ମିଶ୍ର ପ୍ରକାଶ କରିଥିଲେ ଯେ, ଔଷଧକୁ ଅନଲାଇନ୍ ବିକ୍ରି ନିଷ୍ପତ୍ତି ଦ୍ୱାରା ରୋଗୀ ଓ ଜନସାଧାରଣ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବେ । ଏପରି କି କେଉଁ ସମୟରେ କିପରି ଔଷଧ ସେବନ କରିବେ ତାହା ଜନସାଧାରଣ ଜାଣି ପାରିବେ ନାହିଁ । ତେଣୁ ଅଖିଳ ଭାରତୀୟ ଔଷଧ ବ୍ୟବସାୟ ସଂଘ ଆହ୍ୱାନକୁ ସମର୍ଥକ ଜଣାଇ କଳାହାଣ୍ଡି କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନ୍ ଶୁକ୍ରବାର ଜିଲାର ସମସ୍ତ ଔଷଧ ଦୋକାନ ବନ୍ଦ ରଖିଛନ୍ତି। ଜୁନାଗଡ ସହର ସକାଳୁ ସମସ୍ତ ଔଷଧ ଦୋକାନଗୁଡିକ ବନ୍ଦ ରହିଥିଲା। ତେବେ ଜରୁରୀ କାଳୀନ ଚିକିତ୍ସା ପାଇଁ କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏଶନ ଆପାତକାଳୀନ କାଉଣ୍ଟର ତଥା ସହାୟତା କେନ୍ଦ୍ର ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କ୍ୟାମ୍ପସ ଭିତରେ ଖୋଲା ରହିଥିଲା। ଜୁନାଗଡ ସହରର ଔଷଧ ଦୋକାନ ବନ୍ଦ କରିବାରେ ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ମୁକେଶ ଅଗ୍ରୱାଲ, ଜିଲା କାର୍ଯ୍ୟକାରୀ ସଦସ୍ୟ ମାନସ ସାହୁ, ବିନୋଦ ଅଗ୍ରୱାଲ, ନିତେଶ ଅଗ୍ରୱାଲ, ମହେଶ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଖୁଚୁରା ବ୍ୟବସାୟରେ ବିଦେଶି ପୁଞ୍ଜି ଲଗାଣକୁ ବିରୋଧ କରି ଶୁକ୍ରବାର କଳାହାଣ୍ଡି ବଣିକ ସଂଘ ଆହ୍ୱାନକ୍ରମେ ଜିଲାର ସମସ୍ତ ଦୋକାନ ଓ ବ୍ୟବସାୟୀକ ପ୍ରତିଷ୍ଠାନ ବନ୍ଦ ରହିଥିଲା । କଳାହାଣ୍ଡି ବଣିକ ସଂଘ ସଭାପତି ବିଜୟ ସାହୁ ଖୁଚୁରା ବ୍ୟବସାୟରେ ବିଦେଶି ପୁଞ୍ଜି ନିବେଶକୁ ଅନୁମତି ଦିଆଗଲେ ଦେଶର ଲକ୍ଷ ଲକ୍ଷ ବ୍ୟବସାୟୀ ସେମାନଙ୍କ ଜୀବିକା ହରାଇବା ଆଶଙ୍କା ରହିଛି । ଏହି ନିଷ୍ପତ୍ତି ପ୍ରତିବାଦରେ ସର୍ବ ଭାରତୀୟ ବ୍ୟବସାୟୀ ସଂଘ ଆହ୍ୱାନକୁ ସମର୍ଥନ ଜଣାଇ କଳାହାଣ୍ଡି ବଣିକ ସଂଘ ଜିଲାର ସମସ୍ତ ଦୋକାନ ଓ ବ୍ୟବସାୟୀକ ପ୍ରତିଷ୍ଠାନ ବନ୍ଦ ରଖିଛି । ଶୁକ୍ରବାର କଳାହାଣ୍ଡି ଜିଲାରେ ଔଷଧ ଦୋକାନ ସମେତ ସମସ୍ତ ଦୋକାନ ବଜାର ବନ୍ଦ ରହିବା ଯୋଗୁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ।

## ଭିଡିଓ କନଫରେନ୍ସିଂ ମାଧ୍ୟମରେ ୧୨ ପ୍ରକଳ୍ପର ଭୂମିପୂଜା, ୯ ପ୍ରକଳ୍ପ ଉଦ୍‌ଘାଟନ

ଭବାନୀପାଟଣା,୨୮।୯(ଡି.ଏନ.ଏ.)

ଶୁକ୍ରବାର ଭିଡିଓ କନଫରେନ୍ସିଂ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଳାହାଣ୍ଡି ଜିଲାର ୧୨ଟି ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ ଏବଂ ୯ଟି ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଜଳ ସମ୍ପଦ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ନୀରଞ୍ଜନ ପୂଝାରୀ, ସ୍ୱାସ୍ଥ୍ୟ ଓ ଆଇନ ମନ୍ତ୍ରୀ ପ୍ରତାପ ଜେନା, ଆଦିବାସୀ ହରିଜନ କଲ୍ୟାଣ ମନ୍ତ୍ରୀ ରମେଶ ମାଝି ଯୋଗଦେଇଥିବା ବେଳେ ଧର୍ମଗଡ ବିଧାୟକ ପୁଷ୍ପେନ୍ଦ୍ର ସିଂ ଦେଓ, ଲାଞ୍ଜିଗଡ ବିଧାୟକ ବଳଭଦ୍ର ମାଝି, ସଦର ବିଧାୟକ ଅନାମ ନାଏକ, ଜୁନାଗଡ ବିଧାୟକ ଦିବ୍ୟଶଙ୍କର ମିଶ୍ର, କଳାହାଣ୍ଡି ଲୋକ ସଭା ସଦସ୍ୟ ଅର୍କକେଶରୀ ଦେଓ ଯୋଗଦେଇ ଉପସ୍ଥିତ ଜନତାଙ୍କୁ ସରକାରଙ୍କ ଲୋକାଭୀମୁଖୀ କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ। ସଭା କାର୍ଯ୍ୟ ପରେ ଭିଡିଓ କନଫରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ପ୍ରପକ୍ଳଗୁଡିକକର ଭୂମିପୂଜା ସହ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲାପାଳ ଗାଭାଲି ପରାଗ ହର୍ଷଦ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରସନ୍ନ ଷଡଙ୍ଗୀ ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜାତକ ଦେଖ ହେ ନାହାକ**
**ବୋହୂ ଭାତ ଖାଉନାହିଁ ପାଆକ;**
**କି ଜାତକ ଦେଖିବି ମାଉସୀ**
**ବୋହୂ ଭିତରେ ଭିତରେ ଖାଉଛି ।**

କିଛି ବ୍ୟକ୍ତି ଲୁଚେଇ ଚୋରେଇ ଖାଦ୍ୟ ଖାଉଥିଲେ ମଧ ଉପରକୁ କିଛି ଖାଇ ନ ଥିବାର ମିଛ ଅଭିନୟ କରିଥାନ୍ତି। ଅନ୍ୟମାନେ ଏହାର ଟେର୍ ପାଇବା ସମ୍ଭବପର ହେଉ ନ ଥିବା ସ୍ଥଳେ ସତ କ'ଣ ଜାଣି ନ ପାରି ଖାଲି ତୁଚ୍ଛାଟାରେ ବ୍ୟତିବ୍ୟସ୍ତ ହୋଇପଡ଼ିଥାନ୍ତି। ଲୁଚେଇ ଛପେଇ ଖାଦ୍ୟଖାଇ ନୀରବତା ଅବଲମ୍ବନ କରୁଥିବା ଚତୁରୀ ନାରୀଟି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଜହ୍ନି ମଞ୍ଜି କିଲୋ ଜହ୍ନି ମଞ୍ଜି**
**ଡାକେ ନାହିଁ କି ହାକେ ନାହିଁ**
**ବଳେ ପଶୁଥାଏ ପେଲି ଗୁଞ୍ଜି ।**

ଜହ୍ନି ମଞ୍ଜି ଦେଖିବାକୁ କଳା। ସାଧାରଣତଃ ବର୍ଣ୍ଣ କଳା ବା ଶ୍ୟାମଳ ହୋଇଥିବା ବ୍ୟକ୍ତିଙ୍କୁ ଅନେକେ ପସନ୍ଦ କରି ନ ଥାନ୍ତି। ତାଙ୍କ ସହ ସମ୍ପର୍କ ରଖିବା ତ ଦୂରର କଥା ଭଲରେ କଥା ପଦିଏ ହେବାକୁ କେହି ଇଚ୍ଛା କରି ନ ଥାନ୍ତି। ଏପରି ସ୍ଥଳେ ଉପରେ ପଡ଼ି ମିଶୁଥିବା ଶ୍ୟାମଳବର୍ଣ୍ଣା ଯୁବତୀ ପ୍ରତି ତାଚ୍ଛଲ୍ୟଭାବ ପ୍ରକାଶ ପାଇବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ବାଲିଶଙ୍କରା ବ୍ଲକର ବିଭିନ୍ନ ଅଞ୍ଚଳରେ ଚୋରି, ଡକାୟତି ବଢୁଛି

ବାଲିଶଙ୍କରା, ୨୮।୯ (ଡି.ଏନ.ଏ)

ସୁନ୍ଦରଗଡ ଜିଲାର ସୀମାନ୍ତବର୍ତ୍ତୀ ବାଲିଶଙ୍କରା ବ୍ଲକର ବିଭିନ୍ନ ଅଞ୍ଚଳରେ ପୋଲିସର ନିଷ୍କ୍ରିୟତା ଯୋଗୁ ଦିନକୁ ଦିନ ଚୋରି, ଡକାୟତି, ରାହାଜାନି, ଲୁଟପାଟ ଭଳି ଅପରାଧ ବଢ଼ିବାରେ ଲାଗିଛି । ଅଞ୍ଚଳରେ ମାସେ ଦୁଇ ମାସରେ ଦିନ ସକାଳ ଓ ବିଳମ୍ବିତ ରାତ୍ରିରେ ଖୁଲମଖୁଲା ଯାନବାହାନକୁ ଅଟକାଇ ଦାଦାବଟି ଆଦାୟ କରୁଥିବା, ବାଇକରେ ବୁଲୁଥିବା ଯୁବ ଗୋଷ୍ଠୀ ବିଭିନ୍ନ ଅପରାଧ ଘଟାଇ ଫେରାର ହୋଇଯାଉଥିବା, ମହିଳା ପୁରୁଷ ସକାଳୁ ମର୍ଣ୍ଣିଂୱାକ କରୁଥିଲେ ଛିନତାଇ ମାରପିଟ କରି ସୁନାଗହଣା, ମୋବାଇଲ ଛଡ଼ାଇ ନେବା ଭଳି ଘଟଣା ଘଟୁଛି। ବିଶେଷକରି ବାଇକ ଚୋରି ବଢ଼ିଛି। ଉପାନ୍ତ ଅଞ୍ଚଳ ଶାଗବାହାଲ, ବନଡେଗା, ଲୁଲକିଡିହିକୁ ଯିବା ପାଇଁ ଅଞ୍ଚଳର ଜନସାଧାରଣ ଭୟରେ ଯିବା ଆସିବା ମଣୁ ନ ଥିବାବେଳେ ବିଭିନ୍ନ ଅପରାଧ ଖୁଲମଖୁଲା ଘଟୁଥିଲେ ମଧ ପୋଲିସ ପଦକ୍ଷେପ ନେଉନାହିଁ। ଅତି ପରିତାପର ବିଷୟ କି ବାଲିଶଙ୍କରା, ବୁଢ଼ାବାହାଲ, କରୁଆବାହାଏ ବନ୍ଧବାହାଲ, ତିଲଡେଗା, ଗାଇଡେଗା, କିଞ୍ଜିରକେଲା, ରଷ୍ଟି ଶାଗବାହାଲ ଅଞ୍ଚଳରେ ଦେଶୀ ବିଦେଶୀ ମଦ ଖୁଲମଖୁଲା ବିକ୍ରି ହେଉଛି। ବାରମ୍ବାର ବନ୍ଦ କରିବା ପାଇଁ ପୋଲିସ ଓ ଅବକାରୀ ବିଭାଗକୁ ଜଣାଇଲେ ମଧ କୌଣସି ପଦକ୍ଷେପ ନେଉନଥିବାରୁ ବୁଦ୍ଧିଜୀବି ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । ପାଟ୍ରୋଲିଂ ବ୍ୟବସ୍ଥା ପୁରାପୁରି ହେଉନାହିଁ । ପ୍ରତିଦିନ ପାଟ୍ରୋଲିଂ ବ୍ୟବସ୍ଥା ହେବା ସହିତ ମଦମୁକ୍ତ ଅଞ୍ଚଳ ଗଠନ କରିବା ପାଇଁ ଜିଲା ଆରକ୍ଷୀ ଅଧକ୍ଷ ଏଥିପ୍ରତି ଗୁରୁତ୍ୱ ଦେବା ପାଇଁ ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT
7749095348, 8249919890

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527
+91 8126673652
ଠକମାନଙ୍କ ପ୍ରତି ସାବଧାନ

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ । (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

!! ବିନା ଗ୍ୟାରେଣ୍ଟର !!
ମହାବୀର ଫାଇନାନ୍ସ
ସ୍ୱରୋଜଗାର ପାଇଁ ଅଷ୍ଟମ/ଦଶମ ପାସ୍ ମହିଳା / ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନୀ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ, 25% ରିହାତି
20 ବର୍ଷରେ ଫେରସ୍ତ
7292015349
8447083534
41/14, SECTOR-1, PUSHP VIHAR, DELHI-110017

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ। ପ୍ରଥମେ କାମ ପରେ ଦାମ୍, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଭେହିକିଲ୍, ବ୍ୟବସାୟ, ସମସ୍ତ ଋଣ 2% ସୁଧ, 40% ରିହାତି ଘରେ ବସି ଉପଲବ୍ଧ।
DHANLAXMI FINANCE
Ram Nagar, Narnel, Haryana
7310612716
7310613702

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠ୍‌କରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

Urbasi Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ ।
Stockist-Odisha Drug Distributor
Cell: 7873239883

ASHOKA FINANCE
ଫାଇନାନ୍ସ
ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୧୩୮୦ରେ (୧-୯୦ ଲକ୍ଷ) ପର୍ଯ୍ୟନ୍ତ ୦% ସୁଧ, ୬୦% ରିହାତି। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ରାଶନକାର୍ଡ, ଆଧାର କାର୍ଡ ସମସ୍ତ ଋଣ ୪୮ ଘଣ୍ଟାରେ।
H-33, Aroda, G. Noida, Delhi
8743042068
7900883466

FINANCE
ଭାରତ ସରକାର ରେଜିଷ୍ଟର୍ଡ କମ୍ପାନି 1980 ରୁ ଆପଣଙ୍କ ସେବାରେ
Regd. No : OD14813486
କରୁଛି କେବଳ ଆଧାରକାର୍ଡ, ପ୍ରପୋର୍ଟି, ମାର୍କସିଟ୍, ପର୍ସନାଲ୍, ହୋମ, ଜମି, ଏଜୁକେସନ୍, ବିଜ୍‌ନେସ୍, ଲଘୁ ଉଦ୍ୟୋଗ ପାଇଁ ସମସ୍ତ ଋଣ ଘରେ ବସି ମାତ୍ର ୨୪ଘଣ୍ଟାରେ 1% ସୁଧ 40% ରିହାତି ବିଦ୍ୟାର୍ଥି ମାନଙ୍କୁ ସମ୍ପୂର୍ଣ୍ଣ ଅଗ୍ରାଧିକାର ।
ଅଧିକ ବିବରଣୀ ପାଇଁ ସମ୍ପର୍କ କରନ୍ତୁ
31 UA, Bangalow Road, Kamla Nagar, New Delhi
7751976559

FINANCE
P.M.J.S.Y ସମସ୍ତ ଆଧାରକାର୍ଡ ଧାରକମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ ସୁଧରେ ସବୁ ପ୍ରକାର ଋଣ ଯୋଗାଇ ଦେଉଛି । ଋଣ ପଇସା ୪୮ ଘଣ୍ଟା ଭିତରେ ବ୍ୟାଙ୍କ ଆଉଣ୍ଟ ଖାତାରେ ଟ୍ରାନ୍ସଫର ହେବ । 30% ସବସିଡି ।
Ameerpt, Hyderabad
Pin- 5000106 (Telengana)
7787922501
7787907927
pmjansamridhi@gmail.com

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ୍, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7750921669
8337956019

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠହରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ଦୈବିକ ବିଦ୍ୟାରେ ନିପୁଣ
9873361894, 9654673664

SMS JOB
Send SMS, Earn Money
JEEO GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike + 7500/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

ଭାରତର ନଂ.1 କମ୍ପାନୀ
!!ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ!!
ଦେଉଛି ବେରୋଜଗାର ଭାଇମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ
ମାର୍କଶିଟ୍, ଆଧାରକାର୍ଡ ଆଦି ଋଣ ମାତ୍ର 2 ଘଣ୍ଟାରେ ପ୍ରାପ୍ତ କରନ୍ତୁ
ମା ଓ ଭଉଣୀଙ୍କ ପାଇଁ ବିଶେଷ ରିହାତି
1% ସୁଧ, 50% ରିହାତି
6388753739
6399376206
Add : - 41/14, Sec-1 Pushp Vihar, Delhi

BUSINESS
ସରକାରୀ ଯୋଜନାଦ୍ୱାରା ଡିଜିଟାଲ୍ ଯାନ୍ତ୍ରିକ ଉପକରଣ ଗୁଡିକ ନିଜର ପ୍ଲଟ୍, କ୍ଷେତ, ଛାତ ଉପରେ ଶତ ପ୍ରତିଶତ ଗ୍ୟାରେଣ୍ଟେଡ୍ ଶୀଘ୍ର ଲଗାନ୍ତୁ
ଭଡା- ୧୨୦୦୦୦/- + ଆଡଭାନ୍ସ୍- ୧ କୋଟି ୨୦ ଲକ୍ଷ + କୋର୍ଟ ଏଗ୍ରିମେଣ୍ଟ
୨ ଚାକିରୀ + ରହିବା + ବିମା ଫ୍ରି
Office No.413, Commercial Complex, Paschim Vihar, New Delhi-64
08076675193
08700152155

SMS JOB
SEND SMS, EARN MONEY
AITEL - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ !
କମ୍ପାନୀ ଦ୍ୱାରା Mobile + Laptop + Bike SIM + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
07367075431
07367075342

Free GOLD COIN Free
A 2 Z FINANCE Ltd.
ଦିପାବଳୀ ଧମାକା
3 ଲକ୍ଷରୁ 5 କୋଟି
ଆଧାରକାର୍ଡ, ମାର୍କଶିଟ ପ୍ରପର୍ଟି, ସମସ୍ତ ଋଣ ଘରେ ବସି
ସୁଧ 0% ରୁ 6%
9506060250
Add : - 41/14, Sec-1 Pushp Vihar, Delhi

ଡିଜିଟାଲ ଉପକରଣ
ହିନ୍ଦୁସ୍ତାନ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odi577407) ଖାଲି ଜମି ଉପରେ ଡିଜିଟାଲ୍ ଟାୱାର ଲାଗନ୍ତୁ। ଅଗ୍ରିମ ୨୦,୦୦୦,୦୦, ଭଡ଼ା 70,000, 60,000ର ଅନ୍ୟାନ୍ୟ ସୁବିଧା + ଏକ ବାଇକ୍ + 1 ଲାପଟପ୍ ଫ୍ରି। ନୋଟ୍- (ଇଚ୍ଛୁକ ବ୍ୟକ୍ତି ନାମ, document Gmail/ଫୋନ୍ କରନ୍ତୁ।)
7302090964
2/2250, Rambagh Colony, Ramghat Road, Gali No.4 Tehsil- Koil, Dist- Aligarh


**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।